# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ଡିସେମ୍ବର ୨୫/୨୦୧୯ (୨୦ପୃଷ୍ଠା+ ସାହିତ୍ୟାୟନ) Sambalpur, Wednesday, December 25 / 2019 ★★

୧୬ଶ ଭାଗ ୧୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**ପ୍ରଶଂସା ସାଉଁଟୁଛି କଙ୍ଗନାଙ୍କ 'ପଙ୍ଗା'**

ବଲିଉଡ୍ ଫିଲ୍ମ 'ପଙ୍ଗା' ରିଲିଜ୍ ହେବାର କିଛିକ୍ଷଣ ମଧ୍ୟରେ ହ୍ୟାଶ୍‌ଟାଗ୍ ସହ ଟ୍ୱିଟରରେ 'କଙ୍ଗନା ରାଣାଓ୍ୱତ୍' ଏବଂ 'ପଙ୍ଗା ଟ୍ରେଲର୍' ଟପ୍ ଟ୍ରେଣ୍ଡ୍ ଲିଷ୍ଟରେ ଦେଖିବାକୁ ମିଳିଛି। ୧୧

୧୯ **ଫେଡ୍ କପ୍ ଦଳରେ ସାନିଆ**

ଡବଲ୍ସ ଟେନିସ ଷ୍ଟାର ସାନିଆ ମିର୍ଜା ୪ବର୍ଷ ବ୍ୟବଧାନରେ ଭାରତୀୟ ଫେଡ୍ କପ୍ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି।



## ସୂର୍ଯ୍ୟୋପରାଗ ପାଇଁ ସରକାରୀ ଛୁଟି

■ **୨୬ରେ ସ୍କୁଲ, କଲେଜ, ଅଫିସ୍ ବନ୍ଦ ରହିବ**

ଭୁବନେଶ୍ୱର, ୨୪।୧୨(ବ୍ୟୁରୋ)

ଆସନ୍ତା ୨୬ ତାରିଖରେ ସୂର୍ଯ୍ୟୋପରାଗ ହେବ। ଏଥିପାଇଁ ରାଜ୍ୟ ସରକାର ସରକାରୀ ଛୁଟି ଘୋଷଣା କରିଛନ୍ତି। ସମସ୍ତ ସରକାରୀ କାର୍ଯ୍ୟାଳୟ, କୋର୍ଟ କଚେରୀ ବନ୍ଦ ରହିବ। ଏ ନେଇ ରାଜସ୍ୱ ବିଭାଗ ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ସେହିପରି ରାଜ୍ୟର ସମସ୍ତ ସ୍କୁଲ ଓ କଲେଜକୁ ବନ୍ଦ ରଖିବାକୁ ଘୋଷଣା କରାଯାଇଥିବା ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଆସନ୍ତା ୨୬ ତାରିଖ ସକାଳେ ଏକ ବିରଳ ସୂର୍ଯ୍ୟୋପରାଗ ସଂଘଟିତ ହେବ। ଏହି ମହାଜାଗତିକ ଘଟଣାଟି ଦକ୍ଷିଣ ଭାରତର କେତେକ ଅଞ୍ଚଳରେ ପୂର୍ଣ୍ଣ ଭାବେ ଦେଖାଯିବ। ତେବେ ସମଗ୍ର ଓଡ଼ିଶାରେ ଏହା ଆଂଶିକ ଭାବେ ଦୃଶ୍ୟମାନ ହେବ। ଓଡ଼ିଶାରେ ସକାଳ ୮ଟା ୨୦ମିନିଟ୍‌ରୁ ଆରମ୍ଭ ହୋଇ ପୂର୍ବାହ୍ନ ୧୧ଟା ୨୮ମିନିଟ୍‌ରେ ଶେଷ ହେବାକୁ ଥିବାବେଳେ ସକାଳ ୯ଟା ୪୬ ମିନିଟ୍‌ରେ ସର୍ବାଧିକ ପରାଗ ଦେଖାଯିବ। ସେହି ସମୟରେ ଚନ୍ଦ୍ର ସୂର୍ଯ୍ୟଙ୍କୁ ପ୍ରାୟ ୫୫-୬୫% ଘୋଡ଼ାଇଦେବ ଏବଂ ସୂର୍ଯ୍ୟର ଆଲୋକ ମଳିନ ପଡ଼ିବା ସହିତ ଏହା ଅଧା ଖଣ୍ଡିଆ ଦେଖାଯିବ।

**ଆଜିର ସମ୍ପାଦକୀୟ**

**ପଦୋନ୍ନତି**

**ଆଜିର ମନ୍ତବ୍ୟ**

" ବିକାଶଶୀଳ ବିଶ୍ୱର ବିଶ୍ୱସ୍ତ ସହଯୋଗୀ ଭାରତ ଏବଂ ଓମାନ ପ୍ରତିରକ୍ଷା ସମ୍ପର୍କକୁ ଦୃଢ଼ କରିବା ପାଇଁ ପ୍ରୟାସରତ।

**-ଏସ୍. ଜୟଶଙ୍କର, ବହିର୍ବ୍ୟାପାର ମନ୍ତ୍ରୀ**

**କିଛି ତଥ୍ୟ**

ଚଳିତ ବର୍ଷ ଅକ୍ଟୋବରରେ ୧.୨୪ ନିୟୁତ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଏହା ସେପ୍ଟେମ୍ବରରେ ୧.୨୩ ନିୟୁତ ଥିଲା। - **ଇଏସ୍ଆଇସି**


Taste the difference! Vencobb FRESH CHICKEN

24.12.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 86 | 140 | 150 |
| CTC | 84 | 137 | 147 |
| DKL | 86 | 140 | 150 |
| BDK | 81 | 133 | 143 |
| BLS | 80 | 132 | 142 |
| ANG | 89 | 144 | 154 |
| BHM | 89 | 144 | 154 |

*Conditions Apply

Issued in the Interest of Consumers


**ପୁରୀ ବେଳାଭୂମିରେ ବୃହତ୍ ଥ୍ରୀଡି ବାଲୁକା ସାଣ୍ଟାକ୍ଲଜ୍**




ପବିତ୍ର ବଡ଼ଦିନ ଅବ୍ୟବହିତ ପୂର୍ବରୁ ମଙ୍ଗଳବାର ସୁଦର୍ଶନ ପଟ୍ଟନାୟକ ପ୍ରସ୍ତୁତ କରିଥିବା ବାଲୁକା କଳା। (ରିପୋର୍ଟ: ପୃଷ୍ଠା-୭)

# ଫେବୃୟାରୀ ୧୯ରୁ ମାଟ୍ରିକ ପରୀକ୍ଷା

■ **ଓଏମ୍ଆର ସିଟ୍ ଉଚ୍ଛେଦ**

■ **ପ୍ରତି ପ୍ରଶ୍ନପତ୍ରରେ ରହିବ ସିକ୍ୟୁରିଟି କୋଡ୍**

କଟକ ଅଫିସ,୨୪।୧୨

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଆସନ୍ତା ଫେବୃୟାରୀ ୧୯ରୁ ଆରମ୍ଭ ହେବ। ମାଟ୍ରିକ ପରୀକ୍ଷା ସହ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଓ ମଧ୍ୟମା ପରୀକ୍ଷା ମଧ୍ୟ ଗୋଟିଏ ଦିନରେ ଆରମ୍ଭ ହେବ। ମାଟ୍ରିକ ପରୀକ୍ଷା ମାର୍ଚ୍ଚ ୨ ପର୍ଯ୍ୟନ୍ତ ଚାଲିବ। ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଫେବୃୟାରୀ ୨୯ରେ ଓ ମଧ୍ୟମା ପରୀକ୍ଷା ଫେବୃୟାରୀ ୨୮ରେ ଶେଷ ହେବ। ଦୁଇଟି ସିଟିଂରେ ପରୀକ୍ଷାଗୁଡ଼ିକ କରାଯିବ ବୋଲି କଟକସ୍ଥିତ ବୋର୍ଡ କାର୍ଯ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବୋର୍ଡ ସଭାପତି ରାମାଶିଷ ହାଜରା କହିଛନ୍ତି। ତେବେ ଏଥର ମାଟ୍ରିକ ପରୀକ୍ଷାରେ ଓଏମ୍ଆର ସିଟ୍ ଉଚ୍ଛେଦ କରାଯିବ। ତା' ବଦଳରେ ୫୦ମାର୍କ ଅବଜେକଟିଭ୍ ପ୍ରଶ୍ନର ଉତ୍ତର ପରୀକ୍ଷାର୍ଥୀ ଲିଖିତ ଭାବେ ଦେବେ।

ମାଟ୍ରିକ ପରୀକ୍ଷା( ଉଭୟ ରେଗୁଲାର ଓ ଏକ୍ସରେଗୁଲାର) ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨.୩୦ ପର୍ଯ୍ୟନ୍ତ ହେବ। କେବଳ ଗଣିତ ପରୀକ୍ଷାରେ ପରୀକ୍ଷାର୍ଥୀଙ୍କୁ ଅଧିକ ୧୫ ମିନିଟ୍ ଦିଆଯିବ। ଉଭୟ ରେଗୁଲାର ଓ ଏକ୍ସରେଗୁଲାର ପରୀକ୍ଷାର୍ଥୀ ସମାନ ପ୍ରଶ୍ନପତ୍ରରେ ପରୀକ୍ଷା ଦେବେ। ୧୯ ତାରିଖରେ ପ୍ରଥମ ଭାଷା (ଓଡ଼ିଆ, ବଙ୍ଗଳା, ହିନ୍ଦୀ, ଉର୍ଦ୍ଦୁ, ତେଲୁଗୁ, ଅଲଟରନେଟିଭ ଇଂଲିଶ) ପରୀକ୍ଷା ହେବ। ସେହିପରି ୨୨ ତାରିଖରେ ଦ୍ୱିତୀୟ ଭାଷା ଇଂଲିଶ, ହିନ୍ଦୀ, ପରିବେଶ ଓ ଜନସଂଖ୍ୟା ଶିକ୍ଷା(କେବଳ ମୂକ, ବଧିର ପରୀକ୍ଷାର୍ଥୀଙ୍କ ପାଇଁ) ପରୀକ୍ଷା କରାଯିବ। ୨୪ ତାରିଖରେ ୩ୟ ଭାଷା ପରୀକ୍ଷା ହେବ। ଏଥିରେ ହିନ୍ଦୀ, ସଂସ୍କୃତ, ଓଡ଼ିଆ, ପାର୍ସି ବିଷୟବସ୍ତୁର ପରୀକ୍ଷା କରାଯିବ। ଏହି ଦିନ ପୂର୍ବାହ୍ନ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ କେବଳ ମୂକ, ବଧିର ପରୀକ୍ଷାର୍ଥୀଙ୍କ ପାଇଁ ଟିଏଲଭି(ଥିଓରି) ପରୀକ୍ଷା ମଧ୍ୟ କରାଯିବ। ସେହିପରି ୨୬ରେ ଗଣିତ, ୨୮ରେ ସାଧାରଣ ବିଜ୍ଞାନ, ☞ପୃଷ୍ଠା-୪

### ପ୍ରଶ୍ନପତ୍ର ହେବ ଡିଜିଟାଲ ଲକ୍

ପ୍ରଶ୍ନପତ୍ର ଭାଇରାଲକୁ ରୋକିବା ପାଇଁ ବୋର୍ଡ ପକ୍ଷରୁ ଡିଜିଟାଲ ଲକ୍ ବ୍ୟବସ୍ଥା କରାଯିବ ବୋଲି ସଭାପତି ହାଜରା କହିଛନ୍ତି। ପ୍ରଶ୍ନପତ୍ର ରହିଥିବା ବାକ୍ସକୁ ଖୋଲିବାକୁ ହେଲେ ଡିଜିଟାଲ କୋଡ୍‌ର ବ୍ୟବହାର କରାଯିବ। ଏହାଛଡ଼ା ପ୍ରତ୍ୟେକ ପ୍ରଶ୍ନପତ୍ରରେ ଏକ ସିକ୍ୟୁରିଟି କୋଡ୍ ଦିଆଯିବ। କୋଡ୍‌ଟି ଖାଲି ଆଖିରେ ଦେଖାଯିବ ନାହିଁ। ହେଲେ ଏହାର ଫଟୋ ଉଠାଇଲେ କୋଡ୍‌ଟି ସ୍ପଷ୍ଟ ଭାବେ ଜଣାପଡିବ। ଏହି ଆଧାରରରେ ଏହା କେଉଁ କେନ୍ଦ୍ରର ପ୍ରଶ୍ନପତ୍ର ତାହା ବୋର୍ଡ କର୍ତ୍ତୃପକ୍ଷ ସହଜରେ ଜାଣିପାରିବେ।

# ଗମ୍ଭୀର ସ୍ଥିତିରେ ଅର୍ଥ ବ୍ୟବସ୍ଥା

## ତ୍ୱରିତ ପଦକ୍ଷେପ ନେବାକୁ ଆଇଏମ୍ଏଫ୍‌ର ପରାମର୍ଶ

■ ଆର୍ଥିକ କ୍ଷେତ୍ରର ସ୍ୱାସ୍ଥ୍ୟ ସୁଧାର ଲୋଡ଼ା

■ ଭାରତର ରେଟିଂ ପୁଣି କମ୍ ହେବ

■ ବିକାଶ ହାର ୬ ବର୍ଷର ସର୍ବନିମ୍ନ ସ୍ତରରେ ରହିଛି

■ ଚାହିଦା ଓ ମାନୁଫାକଚରିଂ କାର୍ଯ୍ୟକଳାପ ପ୍ରଭାବିତ

ଓ୍ୱାଶିଂଟନ,୨୪।୧୨

ଭାରତୀୟ ଅର୍ଥ ବ୍ୟବସ୍ଥା ଏବେ ଗମ୍ଭୀର ସ୍ଥିତିରେ ରହିଛି। ଏହି ସମୟରେ ସରକାର ନୀତିଗତ ଭାବେ ତ୍ୱରିତ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଭାରତ ବିଶ୍ୱ ଅଭିବୃଦ୍ଧିର ପ୍ରମୁଖ ଇଞ୍ଜିନ ହୋଇଥିବାରୁ ସରକାର ଏହାକୁ ଧ୍ୟାନରେ ରଖି ପଦକ୍ଷେପ ନେବାକୁ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି(ଆଇଏମ୍ଏଫ୍) ମଙ୍ଗଳବାର ପରାମର୍ଶ ଦେଇଛି। ନିବେଶ ଏବଂ ଚାହିଦା କମିବା, ରାଜସ୍ୱ ହ୍ରାସ ଭଳି ଅନ୍ୟ ପ୍ରମୁଖ କାରଣ ଯୋଗୁ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଭାରତୀୟ ଅର୍ଥ ବ୍ୟବସ୍ଥାରେ ଗତି ମନ୍ଥର ହୋଇଥିବା ଆଇଏମ୍ଏଫ୍ ଏହାର ବାର୍ଷିକ ସମୀକ୍ଷାରେ ପ୍ରକାଶ କରିଛି।

ନିୟୁତାଧିକ ଲୋକଙ୍କୁ ଦାରିଦ୍ର୍ୟରୁ ବାହାରକୁ ଆଣିବା ପରେ ଭାରତ ଏବେ ମାନ୍ଦାବସ୍ଥା ଦେଇ ଗତି କରୁଥିବା ଆଇଏମ୍ଏଫ୍‌ର ଏସିଆ ପାସିଫିକ ବିଭାଗ ରନିଲ ସାଲଗାଡୋ କହିଛନ୍ତି। ଭାରତ ଦ୍ରୁତ ଅଭିବୃଦ୍ଧି ପଥକୁ ଫେରିବାକୁ ହେଲେ ଜରୁରୀ ଭିତ୍ତିରେ ନୀତିଗତ ପଦକ୍ଷେପ ନେବାକୁ ହେବ। ଏଭଳି ସ୍ଥିତିରେ ଉଚ୍ଚ ହାରର ଋଣ ଏବଂ ଋଣ ଉପରେ ସୁଧ ପ୍ରଦାନ ଯୋଗୁ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ଲାଗି ସରକାରଙ୍କ ପାଖରେ ବହୁତ କମ୍ ସୁଯୋଗ ରହିଥିବା ସେ ମତ ରଖିଛନ୍ତି। ଆସନ୍ତା ମାସରେ ଆଇଏମ୍ଏଫ୍ ଏହାର ଓ୍ୱାର୍ଲଡ ଇକୋନୋମିକ ଆଉଟଲୁକ ପ୍ରକାଶ କରିବ। ଏହା ଭାରତର ବିକାଶ ହାରକୁ କମ୍ କରିବା ନେଇ ପୂର୍ବରୁ ଆଇଏମ୍ଏଫ୍ ମୁଖ୍ୟ ଅର୍ଥନୀତିଜ୍ଞ ଗୀତା ଗୋପୀନାଥ ନିକଟରେ ଆଭାସ ଦେଇଥିଲେ। ଭାରତର ବିକାଶ ହାର ଲଗାତର ଭାବେ ଖସୁଥିବାରୁ ରେଟିଂ କମିବା ନେଇ ଆଇଏମ୍ଏଫ୍ ପକ୍ଷରୁ କୁହାଯାଇଛି।

ଚଳିତ ବର୍ଷ ଅକ୍ଟୋବରରେ ଭାରତର ବିକାଶ ହାରକୁ ଆଇଏମ୍ଏଫ୍ ୬.୧%କୁ କମାଇଛି। ସେହିଭଳି ୨୦୨୦ରେ ଭାରତର ଅଭିବୃଦ୍ଧି ହାର ୭% ରହିବା ନେଇ ଏହା ପୂର୍ବାନୁମାନ କରିଛି। ଯଦି ମାନ୍ଦାବସ୍ଥା ଲାଗି ରହେ ତେବେ ଭାରତର କେନ୍ଦ୍ରୀୟ ବ୍ୟାଙ୍କ ପୁଣି ଥରେ ଏହାର ରେପୋ ହାରକୁ କମାଇପାରେ ବୋଲି ସାଲଗାଡୋ ମତ ରଖିଛନ୍ତି। ଚଳିତ ବର୍ଷ ରିଜର୍ଭ ବ୍ୟାଙ୍କ ଲଗାତର ଭାବେ ୫ମ ଥର ଲାଗି ରେପୋ ହ୍ରାସ କରିଥିଲା। ହେଲେ ଦରଦାମ ବଢ଼ିବା ଯୋଗୁ ଏହା ରେପୋ ହ୍ରାସ ଧାରାରେ ବିରତି ଦେଇଛି। ଚାହିଦା ଏବଂ ମାନୁଫାକଚରିଂ କାର୍ଯ୍ୟକଳାପ କମିବା ଯୋଗୁ ଦେଶର ବିକାଶ ହାର ପୂର୍ବାନୁମାନକୁ ରିଜର୍ଭ ବ୍ୟାଙ୍କ ୬.୧%ରୁ ୫%କୁ କମାଇ ଦେଇଛି। ଚଳିତ ବର୍ଷ ଜୁଲାଇ-ସେପ୍ଟେମ୍ବର ତ୍ରୈମାସରେ ଦେଶର ଅଭିବୃଦ୍ଧି ହାର ୬ ବର୍ଷର ସର୍ବନିମ୍ନ ସ୍ତର ୪.୫%କୁ ଖସିଛି। ଏହା ଗୋଟିଏ ବର୍ଷ ତଳେ ୭% ରହିଥିବା ସରକାରୀ ତଥ୍ୟରୁ ଜଣାପଡିଛି। ସାଲ୍‌ଗାଡୋ କହିଛନ୍ତି, ଭାରତ ସରକାର ସଂସ୍କାର ଧାରା ତ୍ୱରାନ୍ୱିତ କରିବା ଆବଶ୍ୟକ। ଅର୍ଥ ବ୍ୟବସ୍ଥାକୁ ଋଣ ଯୋଗାଣ ଲାଗି ଦେଶର ଆର୍ଥିକ କ୍ଷେତ୍ର ସ୍ୱାସ୍ଥ୍ୟକୁ ଉନ୍ନତ କରିବା ଦିଗରେ କାର୍ଯ୍ୟ କରିବାକୁ ସେ ସରକାରଙ୍କୁ ପରାମର୍ଶ ଦେଇଛନ୍ତି।

# ଏନ୍‌ପିଆର୍‌କୁ କ୍ୟାବିନେଟ ମଞ୍ଜୁରୀ

**ପରିଚୟ ପ୍ରମାଣ ଲାଗି କୌଣସି ଦସ୍ତାବିଜ ଆବଶ୍ୟକ ନାହିଁ: ଜାଭଡେକର**

ନୂଆଦିଲ୍ଲୀ,୨୪।୧୨(ପି.ଟି./ଆଇଏଏନ୍ଏସ୍)

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ନେଇ ଦେଶରେ ବିକ୍ଷୋଭ ଜାରି ରହିଥିବାବେଳେ ଜାତୀୟ ଜନସଂଖ୍ୟା ପଞ୍ଜିକା (ଏନ୍‌ପିଆର୍)କୁ ଅପ୍‌ଡେଟ କରିବା ପାଇଁ ଏକ ପ୍ରସ୍ତାବକୁ ମଙ୍ଗଳବାର କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଛି। ଏଥିପାଇଁ ୩,୯୪୨.୩୫ କୋଟି ଟଙ୍କାର ପାଣ୍ଠି ମଞ୍ଜୁର କରାଯାଇଛି। ସେହିପରି ୨୦୨୧ ଜନଗଣନା ପାଇଁ ୮,୭୫୪.୨୩ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଆସନ୍ତାବର୍ଷ ଏପ୍ରିଲରେ ଏନ୍‌ପିଆର୍ ପ୍ରକ୍ରିୟା ଆରମ୍ଭ ହେବ। ଏଥିରେ ଦେଶର ସାଧାରଣ ବାସିନ୍ଦାମାନଙ୍କ ତାଲିକା ରହିବ। ନିଜ ପରିଚୟର ପ୍ରମାଣ ଦେବା ପାଇଁ କାହାକୁ କୌଣସି ଦସ୍ତାବିଜ ଆବଶ୍ୟକ ହେବ ନାହିଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଅନ୍ୟପକ୍ଷରେ ଦେଶବ୍ୟାପୀ ଜାତୀୟ ନାଗରିକ ପଞ୍ଜିକା (ଏନ୍ଆର୍‌ସି) ଲାଗୁ କରିବା ପାଇଁ ଏହାକୁ ମୋଦି ସରକାରଙ୍କ ପ୍ରଥମ ପଦକ୍ଷେପ ବୋଲି ☞ପୃଷ୍ଠା-୪

■ **୨୦୨୧ ଜନଗଣନା ଲାଗି ୮,୭୫୪.୨୩ କୋଟିର ବଜେଟ**

■ **ଏନ୍‌ପିଆର୍ ଅପ୍‌ଡେଟ୍ ପାଇଁ ୩,୯୪୧.୩୫ କୋଟି**

## ସୃଷ୍ଟି ହେଲା ସିଡିଏସ୍

ନୂଆଦିଲ୍ଲୀ, ୨୪।୧୨

ଭାରତ ଖୁବ୍‌ଶୀଘ୍ର ପାଇବାକୁ ଯାଉଛି ଏହାର ପ୍ରଥମ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍)। ଏହି ପଦବୀକୁ କେନ୍ଦ୍ର କ୍ୟାବିନେଟ୍ ମଙ୍ଗଳବାର ମଞ୍ଜୁରୀ ଦେଇଛି। ଏହି ପଦବୀରେ ଅବସ୍ଥାପିତ ହେବେ ଜଣେ ୪ ଷ୍ଟାର ଜେନେରାଲ ର୍ୟାଙ୍କର ଅଧିକାରୀ। ସେ ଜଳ, ସ୍ଥଳ ଓ ଆକାଶ ବାହିନୀର ମୁଖ୍ୟ ଭାବେ କାର୍ଯ୍ୟକରିବେ। ତିନିବାହିନୀର ମୁଖ୍ୟଙ୍କ ସହ ସମନ୍ୱୟ ରକ୍ଷା କରି ପ୍ରତିରକ୍ଷା କ୍ଷେତ୍ରକୁ କିଭଳି ବଳିଷ୍ଠ କରାଯିବ ସେନେଇ ସିଡିଏସ୍ ମୁଖ୍ୟ ଭୂମିକା ତୁଲାଇବେ। ଏହାସହିତ ସରକାରଙ୍କ ପ୍ରତିରକ୍ଷା ଉପଦେଷ୍ଟା ଭାବେ ସେ କାର୍ଯ୍ୟନିର୍ବାହ କରିବେ। ମଙ୍ଗଳବାର ଏନେଇ କେନ୍ଦ୍ର କ୍ୟାବିନେଟର ବୈଠକ ବସି ସିଡିଏସ୍‌ଙ୍କ ଭୂମିକା ଓ କାର୍ଯ୍ୟକ୍ଷେତ୍ର ଆଦି ସମ୍ପର୍କରେ ସ୍ପଷ୍ଟ କରାଯାଇଛି। ତିନିବାହିନୀ ଛଡ଼ା ମହାକାଶ, ସାଇବର ସ୍ପେସ୍ କ୍ଷେତ୍ରରେ ମଧ୍ୟ ସିଡିଏସ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରହିବ। ସିଡିଏସ୍ ପଦ ଲାଗି କାହା ନାମ ଘୋଷଣା କରାଯାଇ ନ ଥିବାବେଳେ ଡିସେମ୍ବର ୩୧ରେ ସ୍ଥଳ ସେନାଧ୍ୟକ୍ଷ ଭାବେ ଅବସର ଗ୍ରହଣ କରୁଥିବା ଜେନେରାଲ ବିପିନ୍ ରାଓ୍ୱତ ଏହି ପଦରେ ଅବସ୍ଥାପିତ ହୋଇପାରନ୍ତି ବୋଲି କୁହାଯାଉଛି। ଲାଲ୍‌କିଲ୍ଲାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ☞ପୃଷ୍ଠା-୪

**ଜେନେରାଲ ବିପିନ୍ ରାଓ୍ୱତଙ୍କୁ ମିଳିପାରେ ଗୁରୁଦାୟିତ୍ୱ**











15001/13/0104/1920 DADLS-71



"ଶେଷ ରକ୍ତବିନ୍ଦୁ ଥିବା ପର୍ଯ୍ୟନ୍ତ ମୁଁ ପଶ୍ଚିମବଙ୍ଗ ଓ ଭାରତକୁ ଭାଗ ଭାଗ ହେବାକୁ ଦେବିନାହିଁ।

-ମମତା ବାନାର୍ଜୀ,
ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ



# ଏନ୍‌ପିଆର୍, ଏନ୍‌ଆର୍‌ସି ଦ୍ୱନ୍ଦ୍ୱ

ନୂଆଦିଲ୍ଲୀ,୨୪ା୧୨
(ପି.ଟି./ଆଇଏଏନ୍ଏସ୍)

କେନ୍ଦ୍ର କ୍ୟାବିନେଟ ମଙ୍ଗଳବାର ଜାତୀୟ ଜନସଂଖ୍ୟା ପଞ୍ଜିକା (ଏନ୍‌ପିଆର୍)କୁ ମଞ୍ଜୁରୀ ଦେଇଛି। ଏହାସହ ଆରମ୍ଭ ହୋଇଛି ଏନ୍‌ପିଆର୍ ଏବଂ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ଦ୍ୱନ୍ଦ୍ୱ। ଏହି ଦୁଇ ପ୍ରସଙ୍ଗକୁ ଅନେକେ ବୁଝିପାରି ନ ଥିବାବେଳେ କେତେକ ରାଜନୈତିକ ଦଳ ଏନ୍‌ପିଆରକୁ ଏନ୍‌ଆର୍‌ସି ପାଇଁ କେନ୍ଦ୍ରର ପ୍ରଥମ ପଦକ୍ଷେପ ବୋଲି କହୁଛନ୍ତି। ଏହି ପରିପ୍ରେକ୍ଷୀରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏହାକୁ ଖଣ୍ଡନ କରିଛି। ଏନ୍‌ପିଆର୍‌ରେ ସଂଗୃହୀତ ତଥ୍ୟକୁ ନେଇ ଏନ୍‌ଆର୍‌ସି ପ୍ରସ୍ତୁତ କରାଯିବ ନାହିଁ। ଏନ୍‌ପିଆର୍ ପ୍ରସ୍ତୁତି ବେଳେ ଏନ୍‌ଆର୍‌ସିକୁ ଦେଶବ୍ୟାପୀ ଲାଗୁ କରିବା ପାଇଁ ସରକାରଙ୍କ କୌଣସି ଯୋଜନା ନାହିଁ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ନବପ୍ରଣୀତ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ନେଇ ସାରା ଦେଶରେ ବିକ୍ଷୋଭ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଉଭୟ ସିଏଏ ଏବଂ ଏନ୍‌ଆର୍‌ସି ବିରୋଧରେ ନାନା

Press Information Bureau
Government of India
Ministry of Home Affairs

26-November-2014 17:09 IST

**Identifying Citizens While Preparing NPR**

The National Population Register (NPR) is a register of all the usual residents which include citizens and non-citizens as well. The NPR is the first step towards creation of National Register of Indian Citizens (NRIC) by verifying the citizenship status of every usual residents.

There is no proposal to merge the existing Aadhar database to the NPR under consideration of the Government.

The biometrics enrolment in the 12 NPR States/UTs, namely; J&K, Nagaland, Manipur, Mizoram, Meghalaya, Assam, West Bengal, Orissa, Arunachal Pradesh, Lakshadweep, Tamil Nadu and Dadra &Nagar Haveli will be completed by June, 2015.

This was stated by Minister of State for Home Affairs Shri Kiren Rijiju in a written reply to Dr. T.N.Seema in the Rajya Sabha today.

୨୦୧୪ ନଭେମ୍ବର ୨୪ରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ କିରେନ୍ ରିଜିଜୁ ରାଜ୍ୟ ସଭାରେ ଦେଇଥିବା ଏନ୍‌ପିଆର ସମ୍ପର୍କିତ ତଥ୍ୟ। ସାରା ଭାରତରେ ଏନ୍‌ଆର୍‌ସି ପ୍ରସ୍ତୁତି ପାଇଁ ଏନ୍‌ପିଆର୍ ପ୍ରଥମ ପଦକ୍ଷେପ ହେବ ବୋଲି ଏଥିରେ ଉଲ୍ଲେଖ କରାଯାଇଛି। ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି।

ମତମନ୍ତବ୍ୟ ଆସିବାରେ ଲାଗିଛି। ତେଣୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର କହିଥିଲେ, ଏନ୍‌ଆର୍‌ସିକୁ ନେଇ ସରକାର କିଛି ଚିନ୍ତା କରିନାହାନ୍ତି। ଆମ ସରକାର ୨୦୧୪ରେ କ୍ଷମତାକୁ ଆସିଥିଲା। ମୁଁ ୧୩୦ କୋଟି ଭାରତୀୟଙ୍କୁ କହିବାକୁ ଚାହେଁ ଯେ, ଏନ୍‌ଆର୍‌ସିକୁ ନେଇ ଆମେ କିଛି ଆଲୋଚନା କରିନାହୁଁ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ କେବଳ ଆସାମରେ ଏନ୍‌ଆର୍‌ସି ଲାଗୁ କରାଯାଇଛି। ମଙ୍ଗଳବାର କ୍ୟାବିନେଟ ବୈଠକ ପରେ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି, ଏନ୍‌ପିଆର୍ ଅପ୍‌ଡେଟ୍ ପାଇଁ ୩,୯୪୧.୩୫ କୋଟି ଏବଂ ଭାରତରେ ଜନଗଣନା ୨୦୨୧ ଲାଗି ୮,୭୫୪.୨୩ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏନ୍‌ପିଆର୍‌କୁ ପ୍ରତି ୧୦ ବର୍ଷରେ ଥରେ ଅପ୍‌ଡେଟ୍ କରାଯିବ। ଏଥିରେ ଲକ୍ଷ ଲକ୍ଷ ଗଣନାକାରୀ ନିୟୋଜିତ ହେବେ। ସେମାନେ ଘର ଘର ଯାଇ ସର୍ଭେ କରିବେ। ଏହି ପ୍ରକ୍ରିୟା ପାଇଁ ଏକ ଆପ୍ ମଧ୍ୟ ଅଣାଯିବ। ମିଳିଥିବା ସୂଚନାନୁସାରେ ପ୍ରାୟ ୪୮,୦୦୦ ଲୋକ ଏନ୍‌ପିଆର୍‌ରେ ନିୟୋଜିତ ହେବେ। ସେମାନେ ୨,୯୦୦ ଦିନ ଧରି ସ୍ଥାନୀୟ ସ୍ତରରେ କାର୍ଯ୍ୟ କରିବେ। ଅନ୍ୟ ଭାଷାରେ ୨.୪ କୋଟି ଶ୍ରମ ଦିବସ ଏଥିରୁ ସୃଷ୍ଟି ହେବ। ଭାରତରେ ୧୮୭୨ରୁ ଲଗାତର ଜନଗଣନା ହୋଇଆସୁଛି। ୨୦୨୧ ଜନଗଣନା ଦେଶର ୧୬ତମ ଓ ସ୍ୱାଧୀନତା ପରେ ଅଷ୍ଟମ ଜନଗଣନା ହେବ। ଜନଗଣନା ଆଇନ, ୧୯୪୮ ଏବଂ ଜନଗଣନା ନିୟମ ୧୯୯୦ରେ ଜନଗଣନା ପ୍ରକ୍ରିୟାର ସମସ୍ତ ବିଧି ଉଲ୍ଲେଖ କରାଯାଇଛି।

> ଏନ୍‌ପିଆର୍ ହେଉଛି ଦେଶବ୍ୟାପୀ ନାଗରିକମାନଙ୍କ ଜାତୀୟ ପଞ୍ଜିକା, ଯାହାକି ଦେଶରେ ଏନ୍‌ଆର୍‌ସି ଲାଗୁ କରିବାର ଅନ୍ୟ ନାମ। ଏନ୍‌ପିଆର୍ ଏବଂ ଏନ୍‌ଆର୍‌ସି ମଧ୍ୟରେ ଥିବା ସମ୍ପର୍କକୁ ବୁଝିବାକୁ ପଡ଼ିବ। ଏନ୍‌ପିଆର୍ ଦେଶରେ ରହୁଥିବା ସମସ୍ତ ସାଧାରଣ ବାସିନ୍ଦାଙ୍କର ସଂଗୃହୀତ ତଥ୍ୟ। ୨୦୦୩ର ନାଗରିକତ୍ୱ ନିୟମ ଅନୁସାରେ ନାଗରିକମାନଙ୍କୁ ଅଣନାଗରିକଙ୍କଠାରୁ ଅଲଗା କରିବା ପରେ ଏନ୍‌ଆର୍‌ସି କରାଯିବ।
>
> -ଅସାଦୁଦ୍ଦିନ୍ ଓୱାଇସି,
> ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ




**ରାଞ୍ଚିରେ ମହାମେଣ୍ଟ ବୈଠକ:** ଆର୍‌ଜେଡି ନେତା ତେଜସ୍ୱୀ ଯାଦବ, ଜେଏମ୍ଏମ୍ ମୁଖ୍ୟ ଶିବୁ ସୋରେନ,ଝାଡ଼ଖଣ୍ଡର ଭାବୀ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଓ କଂଗ୍ରେସର ରାଜ୍ୟ ପ୍ରଭାରୀ ଆର୍‌ପିଏନ୍ ସିଂ। ହେମନ୍ତ ଆସନ୍ତା ୨୯ରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ।

## ଅଜିତ ହେବେ ଉପମୁଖ୍ୟମନ୍ତ୍ରୀ

ମୁମ୍ବାଇ, ୨୪ା୧୨



ଏନ୍‌ସିପି ନେତା ଅଜିତ୍ ପାୱାର ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ଏନ୍‌ସିପି ମୁଖ୍ୟ ଶରଦ ପାୱାରଙ୍କ ପୁତୁରା ଅଜିତ୍ ଆଗାମୀ ୩୦ରେ ଶପଥଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ସମସ୍ତଙ୍କୁ ଚମକାଇ ଦେବେନ୍ଦ୍ର ଫଡ଼ନବିସ୍ ସରକାରରେ ଉପମୁଖ୍ୟମନ୍ତ୍ରୀ ଭାବେ ସେ ଶପଥ ନେଇଥିଲେ। ମାତ୍ର ୮୦ ଘଣ୍ଟା ପରେ ସେ ଭାଜପା ନେତୃତ୍ୱାଧୀନ ସରକାରରୁ ଫେରିଆସି ଶିବସେନା-କଂଗ୍ରେସ-ଏନ୍‌ସିପି ମେଣ୍ଟରେ ଯୋଗ ଦେଇଥିଲେ। ଶିବସେନା ନେତା ଉଦ୍ଧବ ଠାକ୍‌ରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବାର ପ୍ରାୟ ମାସକ ପରେ ଅଜିତ୍‌ଙ୍କୁ ଉପମୁଖ୍ୟମନ୍ତ୍ରୀ ପଦ ମିଳିବାକୁ ଯାଉଛି। ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଓ ଏନ୍‌ସିପି ମୁଖ୍ୟ ଶରଦ ପାୱାରଙ୍କ ମଧ୍ୟରେ ଏନେଇ ଆଲୋଚନା କରାଯିବା ପରେ ଏଭଳି ନିଷ୍ପତ୍ତି ନିଆଯାଇଥିବା ପ୍ରକାଶ। ପ୍ରକାଶଥାଉ କି, ୨୦୧୪ ପୂର୍ବରୁ କଂଗ୍ରେସ-ଏନ୍‌ସିପି ମେଣ୍ଟ ସରକାରରେ ମଧ୍ୟ ଅଜିତ୍ ପାୱାର ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ।

### ସିପିଆଇଏମ୍‌ର ଆହ୍ୱାନ

## ଏନ୍‌ଆର୍‌ସିକୁ ବିରୋଧ କରିଥିବା ମୁଖ୍ୟମନ୍ତ୍ରୀମାନେ ଏନ୍‌ପିଆର୍ ବନ୍ଦ କରନ୍ତୁ

ନୂଆଦିଲ୍ଲୀ,୨୪ା୧୨
(ପି.ଟି./ଆଇଏଏନ୍ଏସ୍)

ଏନ୍‌ପିଆର୍ ଅପ୍‌ଡେଟ୍ ପାଇଁ କେନ୍ଦ୍ର କ୍ୟାବିନେଟ ୩,୯୪୧.୩୫ କୋଟି ଟଙ୍କା ମଞ୍ଜୁର କରିବା ପରେ ସିପିଆଇଏମ୍ ଏହାକୁ ବିରୋଧ କରିଛି। ନିଜ ରାଜ୍ୟରେ



ସୀତାରାମ ୟେଚୁରୀ

ଏନ୍‌ଆର୍‌ସିକୁ ବିରୋଧ କରିଥିବା ମୁଖ୍ୟମନ୍ତ୍ରୀମାନେ ଏନ୍‌ପିଆର୍ ପ୍ରକ୍ରିୟାକୁ ବନ୍ଦ କରନ୍ତୁ ବୋଲି ଏହି ବାମପନ୍ଥୀ ଦଳ କହିଛି।

ସିପିଆଇଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ କହିଛନ୍ତି, ଏନ୍‌ପିଆର ଏବଂ ଏନ୍‌ଆର୍‌ସି ସମାନ କଥା। ମୋଦି ସରକାର ଦେଶବାସୀଙ୍କୁ ଆଉ କେତେ ବିଭ୍ରାନ୍ତ କରିବେ? ଏନ୍‌ଆର୍‌ସି ଆରମ୍ଭ କରିବା ପାଇଁ ଏନ୍‌ପିଆର୍ ଏହାର ମୂଳ ଦସ୍ତାବିଜ ହେବ ବୋଲି ରାଜ୍ୟ ସଭାକୁ ସରକାର ସ୍ପଷ୍ଟ ଭାବେ ଅବଗତ କରାଇଥିଲେ। ତେଣୁ ଏନ୍‌ଆର୍‌ସିକୁ ବିରୋଧ କରିଥିବା ମୁଖ୍ୟମନ୍ତ୍ରୀମାନେ ଏନ୍‌ପିଆର୍‌କୁ ମଧ୍ୟ ବିରୋଧ କରନ୍ତୁ ବୋଲି ସେ ଆହ୍ୱାନ ଦେଇଛନ୍ତି।

## ଏନ୍‌ପିଆର୍-ଏନ୍‌ଆର୍‌ସି ସମ୍ପର୍କ ନାହିଁ

ନୂଆଦିଲ୍ଲୀ,୨୪ା୧୨
(ପି.ଟି./ଆଇଏଏନ୍ଏସ୍)



**ଜନସଂଖ୍ୟା ରେଜିଷ୍ଟରକୁ ନେଇ ରାଜନୀତି କରନ୍ତୁନି ରାଜ୍ୟ**

**ଓଡ଼ିଶା ଉଦାହରଣ ଦେଲେ ଶାହା**

ଜାତୀୟ ଜନସଂଖ୍ୟା ପଞ୍ଜିକା (ଏନ୍‌ପିଆର୍) ଏବଂ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ମଧ୍ୟରେ କିଛି ସମ୍ପର୍କ ନାହିଁ। ତେଣୁ ଏନପିଆର୍‌କୁ ନେଇ ରାଜ୍ୟ ସରକାରଗୁଡ଼ିକ ରାଜନୀତି କରନ୍ତୁ ନାହିଁ ବୋଲି ମଙ୍ଗଳବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା କହିଛନ୍ତି। ଏହି ପରିପ୍ରେକ୍ଷୀରେ ସେ ଓଡ଼ିଶା ଉଦାହରଣ ମଧ୍ୟ ଦେଇଛନ୍ତି।

ଏକ ଜାତୀୟ ନ୍ୟୁଜ୍ ଏଜେନ୍ସିକୁ ସାକ୍ଷାତ୍କାର ଦେଇ ଶାହା କହିଛନ୍ତି, ଏନ୍‌ପିଆର୍ ଜରିଆରେ ସଂଗୃହୀତ ତଥ୍ୟକୁ ଏନ୍‌ଆର୍‌ସିରେ ବ୍ୟବହାର କରାଯାଇ ପାରିବ ନାହିଁ। କେନ୍ଦ୍ର କ୍ୟାବିନେଟ ଏନ୍‌ଆର୍‌ସି ସମ୍ପର୍କରେ ଆଲୋଚନା କରିନାହିଁ। କେନ୍ଦ୍ର କ୍ୟାବିନେଟ ୨୦୨୧ ଜନଗଣନା ଏବଂ ଏନ୍‌ପିଆର୍ ଅପ୍‌ଡେଟ ପ୍ରସ୍ତାବକୁ ଅନୁମୋଦନ କରିଥିବାବେଳେ ଶାହାଙ୍କ ଏହି ମନ୍ତବ୍ୟ ଆସିଛି। ସ୍ୱରାଷ୍ଟ୍ରମନ୍ତ୍ରୀ ଆହୁରି କହିଛନ୍ତି, ଜନଗଣନା ପ୍ରତି ୧୦ ବର୍ଷରେ କରାଯାଉଥିବାବେଳେ ଏନ୍‌ପିଆର୍ ଉପା ସରକାର ଅମଳରେ ଆରମ୍ଭ ହୋଇଥିଲା। ଏହାକୁ ବର୍ତ୍ତମାନର ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଆଗକୁ ନେଉଛନ୍ତି। ଏନ୍‌ପିଆର୍ ଜନସଂଖ୍ୟା ରେଜିଷ୍ଟର ହୋଇଥିବାବେଳେ ଏନ୍‌ଆର୍‌ସି ହେଉଛି ନାଗରିକଙ୍କ ରେଜିଷ୍ଟର। ଏହି ଦୁଇ ପଞ୍ଜିକା ଭିନ୍ନ ଭିନ୍ନ ପ୍ରକ୍ରିୟାରେ ପ୍ରସ୍ତୁତ କରାଯିବ। ଦୁଇ ରେଜିଷ୍ଟର ମଧ୍ୟରେ କିଛି ସମ୍ପର୍କ ନାହିଁ। ଭାରତରେ ରହୁଥିବା ଲୋକଙ୍କ ନାମ ଏନ୍‌ପିଆର୍‌ରେ ରହିବ। ଏଥିପାଇଁ ବିଭିନ୍ନ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ପଶ୍ଚିମବଙ୍ଗ ଓ କେରଳ ଏନ୍‌ପିଆର୍ ପ୍ରକ୍ରିୟା ବନ୍ଦ କରିବା ନେଇ ଶାହା କହିଛନ୍ତି, ନାଗରିକମାନଙ୍କ ସୁବିଧା ଏବଂ ଜନମଙ୍ଗଳକାରୀ ଯୋଜନା ଓ ସ୍କିମ୍‌ଗୁଡ଼ିକୁ ଉନ୍ନତ କରିବା ପାଇଁ ଏହା ହାତକୁ ନିଆଯାଇଛି। ଏହାକୁ ନେଇ ରାଜନୀତି କରା ନ ଯାଉ। ବିଭିନ୍ନ ରାଜ୍ୟରେ ଅନ୍ୟ ରାଜ୍ୟଗୁଡ଼ିକର ଲୋକ ବସବାସ କରୁଛନ୍ତି। ଗୁଜରାଟରେ କେତେ ଓଡ଼ିଆ ରହୁଛନ୍ତି ସେମାନଙ୍କ ବିଷୟରେ ଜାଣିଲେ ସିନା କିଛି କରିହେବ ବୋଲି ଶାହା କହିଛନ୍ତି।

## ନଦୀକୁ ଖସିଲା ବସ୍: ୨୭ ମୃତ

ପାଲେମ୍ବାଙ୍ଗ, ୨୪ା୧୨

ଇଣ୍ଡୋନେସିଆର ଦକ୍ଷିଣ ସୁମାତ୍ରା ପ୍ରଦେଶ ଅନ୍ତର୍ଗତ ଉପାନ୍ତ ପଗାର ଆଲମ୍ ଅଞ୍ଚଳରେ ଏକ ବସ୍ ୫୦୦ ଫୁଟ ତଳ ନଦୀ ଭିତରକୁ ଖସିବାରୁ ଏଥିରେ ଥିବା ଯାତ୍ରୀଙ୍କ ମଧ୍ୟରୁ ୨୭ ଜଣଙ୍କ ପ୍ରାଣହାନି ଘଟିଛି। ସୋମବାର ମଧ୍ୟରାତ୍ରରେ ଏଭଳି ଅଘଟଣ ଘଟିଥିବାବେଳେ ବ୍ୟାପକ ଉଦ୍ଧାର ଓ ତଲାସି କରାଯାଇଥିଲା। ଅନେକ ଯାତ୍ରୀ ଆହତ ହୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ସ୍ଥାନୀୟ ପୋଲିସ ମୁଖ୍ୟ ଡୋଲି ଗୁମରାଙ୍କ କହିବାନୁଯାୟୀ ଦୁର୍ଘଟଣାରେ ଅନ୍ୟ କୌଣସି ଗାଡ଼ିର ଭୂମିକା ନ ଥିଲା। ଦୁର୍ଘଟଣାଗ୍ରସ୍ତ ବସ୍‌ରେ ଅପେକ୍ଷାକୃତ ଅଧିକ ଯାତ୍ରୀ ଯାଉଥିଲେ। ଅନେକ ପାଣିରେ ଏବେ ବି ନିଖୋଜ ଥିବାବେଳେ ତଲାସି କାର୍ଯ୍ୟ ଜାରି ରହିଥିବା ସେ କହିଛନ୍ତି।



ଦୁର୍ଘଟଣାସ୍ଥଳରେ ଉଦ୍ଧାରକାରୀ ଦଳ।

## ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ରିପୋର୍ଟକୁ ନେଇ ଘେରିଲା କଂଗ୍ରେସ

ନୂଆଦିଲ୍ଲୀ,୨୪ା୧୨
(ପି.ଟି./ଆଇଏଏନ୍ଏସ୍)

ଏନ୍‌ଆର୍‌ସି ପ୍ରସ୍ତୁତି ପାଇଁ ଏନ୍‌ପିଆର୍ ପ୍ରଥମ ପଦକ୍ଷେପ ହେବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ବାର୍ଷିକ ରିପୋର୍ଟରେ ପ୍ରକାଶ ପାଇଥିଲା। ଏହାକୁ ନେଇ କେନ୍ଦ୍ର ସରକାରଙ୍କୁ କଂଗ୍ରେସ ଘେରିଛି। କଂଗ୍ରେସ ପକ୍ଷରୁ ଟୁଇଟ୍ କରାଯାଇଛି ଯେ, ଏନ୍‌ପିଆର୍‌କୁ ନେଇ ଏନ୍‌ଆର୍‌ସି ପ୍ରସ୍ତୁତ କରାଯିବ। ଏହି ବିଷୟ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ୨୦୧୮-୧୯ ବାର୍ଷିକ ରିପୋର୍ଟରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି। ସେହିପରି ୨୦୧୪ରେ ତତ୍କାଳୀନ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ କିରେନ୍ ରିଜିଜୁ ମଧ୍ୟ ରାଜ୍ୟ ସଭାରେ ଏକ ପ୍ରଶ୍ନର ଉତ୍ତରରେ ସମାନ କଥା କହିଥିଲେ। ଏବେ କିଏ ମିଛ କହୁଛି? ଭାଜପା ସରକାର ନିଜ ଜାଲରେ ଛନ୍ଦି ହୋଇଯାଇଛି ବୋଲି କଂଗ୍ରେସ ଟୁଇଟ୍ କରିଛି।

## ଉଗାଣ୍ଡା ମହିଳାଙ୍କୁ ଗଣବଳାତ୍କାର

ପୁଣେ, ୨୪ା୧୨: ମହାରାଷ୍ଟ୍ରର ପୁଣେରେ ଜଣେ ଉଗାଣ୍ଡା ମହିଳାଙ୍କୁ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। କୋରେଗାଓଁ ପାର୍କ ନିକଟରେ ଲିଫ୍ଟ ଦେବା ବାହାନାରେ ଦୁଇ ଯୁବକ ତାଙ୍କୁ ଏକ ନିଛାଟିଆ ଜାଗାକୁ ନେଇ ବଳାତ୍କାର କରିଥିବା ମହିଳା ଜଣକ ବିମାନନଗର ଥାନାରେ ଅଭିଯୋଗ କରିଛନ୍ତି। ବଳାତ୍କାର ପରେ ରାସ୍ତାରେ ପିଙ୍ଗିଦେଇ ଦୁହେଁ ଫେରାର୍ ହୋଇଯାଇଥିଲେ। ପୋଲିସ ଅଭିଯୋଗ ପାଇବା ପରେ ସିସିଟିଭି ଫୁଟେଜ୍ ଯାଞ୍ଚକରି ତନାଘନା ଚଳାଇଥିବା ଜଣାପଡ଼ିଛି।

[ଇତିହାସର ଆଇନାରେ]

**ଡିସେମ୍ବର ୨୫ର ପ୍ରମୁଖ ଘଟଣା**

୧୯୯୧ ଡିସେମ୍ବର ୨୫ରେ ରୁଷିଆର ରାଷ୍ଟ୍ରପତି ମିଖାଇଲ୍ ଗୋର୍ବାଚେଭ୍ ନିଜ ପଦରୁ ଇସ୍ତଫା ଦେଇଥିଲେ। ୧୯୮୫ରୁ ୧୯୯୧ ପର୍ଯ୍ୟନ୍ତ ସେ ସୋଭିଏତ୍ ୟୁନିୟନର କମ୍ୟୁନିଷ୍ଟ ପାର୍ଟି ମହାସଚିବ ଦାୟିତ୍ୱ ତୁଲାଇଥିଲେ।

୨୦୧୨ ଡିସେମ୍ବର ୨୫ରେ ରୁଷିଆର ଏକ ସାମରିକ ପରିବହନ ବିମାନ ସିମ୍‌କେଣ୍ଟ ନିକଟରେ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଏଥିରେ ଥିବା ୨୭ ଯାତ୍ରୀଙ୍କ ପ୍ରାଣହାନି ଘଟିଥିଲା।

## ରାହୁଲ, ପ୍ରିୟଙ୍କାଙ୍କୁ ଅଟକାଇଲା ପୋଲିସ



ମିରଟ୍, ୨୪ା୧୨

ସିଏଏକୁ ନେଇ ବିକ୍ଷୋଭ କଲାବେଳେ ପ୍ରାଣ ହରାଇଥିବା ୨ ବ୍ୟକ୍ତିଙ୍କ ପରିବାରବର୍ଗଙ୍କୁ ଭେଟିବା ଲାଗି ଯାଉଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀଙ୍କୁ ମଙ୍ଗଳବାର ପୋଲିସ ଅଧବାଟରେ ଅଟକାଇଛି। ପୋଲିସକୁ ଯେତେ ଅନୁରୋଧ କରିଥିଲେ ବି ସେମାନଙ୍କୁ ମୀରଟ୍ ଯିବାକୁ ଦିଆଯାଇ ନାହିଁ। ପାର୍ଟିପୁର ପୋଲିସଙ୍କୁ ଅର୍ଡର ଦେଖାଇବା ଲାଗି କହିଥିଲେ ହେଁ ତାହା ପୋଲିସ ଦେଖାଇ ନ ଥିବା ରାହୁଲ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି। ଏହାକୁ ନେଇ କଂଗ୍ରେସ ପକ୍ଷରୁ ଅସନ୍ତୋଷ ପ୍ରକାଶ କରାଯାଇଥିବାବେଳେ ପୋଲିସ ସଫେଇ ଦେଇ କହିଛି, ଏନେଇ ନୋଟିସ ପଠାଯାଇଥିଲା। ମୀରଟ୍‌ରେ ୧୪୪ ଧାରା ଜାରି ରହିଥିବାବେଳେ ପରିସ୍ଥିତି ସେଠାରେ ସମ୍ବେଦନଶୀଳ ରହିଛି। କୌଣସି ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିଲେ କିମ୍ବା କିଛି ଅଘଟଣ ଘଟିଲେ ପୋଲିସ ସେଥିଲାଗି ଦାୟୀ ରହିବ । ସେଥିଲାଗି ଦୁଇ ବରିଷ୍ଠ କଂଗ୍ରେସ ନେତାଙ୍କୁ ମୀରଟ୍ ଯିବା ବାଟରେ ଅଟକ ରଖାଯାଇଥିବା ପୋଲିସ କହିଛି। ମୀରଟ୍‌ରେ ସିଏଏ ବିରୋଧୀ ବିକ୍ଷୋଭ ବେଳେ ୫ ଜଣ ପ୍ରାଣ ହରାଇଥିଲେ।

### ଆଫଗାନ୍ ସେନାର କଡ଼ା କାର୍ଯ୍ୟାନୁଷ୍ଠାନ

## ୨୪ ଘଣ୍ଟାରେ ଶତାଧିକ ଆତଙ୍କବାଦୀ ନିହତ

କାବୁଲ, ୨୪ା୧୨



ଭାରତର ବନ୍ଧୁରାଷ୍ଟ୍ର ଆଫଗାନିସ୍ତାନ ପକ୍ଷରୁ ଆତଙ୍କବାଦୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଆଫଗାନ୍ ସେନାର ଜୋର୍‌ଦାର ଅପରେଶନ ଫଳରେ ଶତାଧିକ ଆତଙ୍କବାଦୀ ନିହତ ହୋଇଛନ୍ତି। ୪୫ ଆତଙ୍କବାଦୀ ଆହତ ହୋଇଥିବାବେଳେ କେତେକ ଗିରଫ ହୋଇଥିବା ସୂଚନା ମିଳିଛି। ଆଫଗାନ୍ ସେନା ପକ୍ଷରୁ ୧୫ଟି ଭିନ୍ନ ଭିନ୍ନ ସ୍ଥାନରେ ୧୮ଟି ଅପରେଶନ କରାଯାଇଥିଲା। ଆଫଗାନିସ୍ତାନର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଟୁଇଟ୍ କରି ଏସମ୍ପର୍କରେ ମତ ସ୍ପଷ୍ଟ କରାଯାଇଛି। ୧୫ ପ୍ରଦେଶରେ ୧୮ ଅପରେଶନ କରାଯାଇ ମୋଟ ୧୦୯ ଆତଙ୍କବାଦୀଙ୍କୁ ନିପାତ କରାଯାଇଥିବା ଦର୍ଶାଯାଇଛି। ତେବେ ନିହତ ଆତଙ୍କବାଦୀ ଗୋଟିଏ ଗୋଷ୍ଠୀର ନା ଭିନ୍ନ ଭିନ୍ନ ଗୋଷ୍ଠୀର ସେ ସମ୍ପର୍କରେ ମନ୍ତ୍ରଣାଳୟ ପକ୍ଷରୁ କିଛି ସ୍ପଷ୍ଟ କରାଯାଇ ନାହିଁ। ପ୍ରକାଶଥାଉ କି, ଗତ ୭ ତାରିଖରେ ଆଫଗାନ୍ ସୁରକ୍ଷାକର୍ମୀଙ୍କ ପକ୍ଷରୁ ଏଭଳି ଅପରେଶନ ଆରମ୍ଭ କରାଯାଇଥିବାବେଳେ ୧୫ ତାଲିବାନ ଆତଙ୍କବାଦୀ ନିହତ ହୋଇଥିଲେ ଓ ୨ ଜଣଙ୍କୁ ଗିରଫ କରାଯାଇଥିଲା। ତେବେ ତାଲିବାନ ପକ୍ଷରୁ ଏନେଇ କୌଣସି ବିବୃତି ଦିଆଯାଇ ନ ଥିଲା। ଏବେ ଶତାଧିକ ଆତଙ୍କବାଦୀ ନିହତ ହୋଇଥିବାବେଳେ ଆଫଗାନ ସେନାର କାର୍ଯ୍ୟାନୁଷ୍ଠାନକୁ ଭାରତ ପକ୍ଷରୁ ସ୍ୱାଗତ କରାଯାଇଛି।




## ୪ବର୍ଷର ଶିଶୁ କନ୍ୟାକୁ ବଳାତ୍କାର

ରିଆମାଳ, ୨୪।୧୨ (ଡି.ଏନ.ଏ.)

ଦେବଗଡ଼ ଜିଲା ରିଆମାଳ ଥାନା ଅଞ୍ଚଳରେ ମଙ୍ଗଳବାର ଜଣେ ୪ବର୍ଷର ଶିଶୁକନ୍ୟାକୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା ରୁଜୁ କରି ୨ଜଣ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଚରା କରୁଛି। ସୂଚନା ଅନୁସାରେ, ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଗାଁ ଦାଣ୍ଡରେ ଉକ୍ତ ଶିଶୁ କନ୍ୟା ଜଣକ ଖେଳୁଥିଲେ। ଏହି ସମୟରେ ଦୁଇଜଣ ଯୁବକ ତାଙ୍କୁ ଟେକି ନେଇ ବଳାତ୍କାର କରି ଛାଡି ଦେଇଥିଲେ। ଶିଶୁକନ୍ୟା ଜଣକ ଘରକୁ ଫେରି ଘଟଣା ସଂକ୍ରାନ୍ତରେ ତାଙ୍କ ମା'ଙ୍କୁ ଜଣାଇଥିଲେ। ତାଙ୍କ ମା' ରିଆମାଳ ଥାନାରେ ଏ ନେଇ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାର ଅଧିକ ତଦନ୍ତ ଚଳାଇଛି।



ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ 'ବିଲୁଆ ବିଚାର'
ଦେଖନ୍ତୁ ଭିଡିଓ
YouTube /dharitrilive

### ୨୬ରେ ଖଣ୍ଡଗ୍ରାସ କେତୁଗ୍ରସ୍ତ ସୂର୍ଯ୍ୟୋପରାଗ

# ଆଜି ରାତି ୮ଟା ୨୦ରୁ ପାକତ୍ୟାଗ

ପୁରୀ ଅଫିସ, ୨୪।୧୨

ଆସନ୍ତା ୨୬ ତାରିଖ ପୌଷ ଅମାବାସ୍ୟାରେ ହେବ ଖଣ୍ଡଗ୍ରାସ କେତୁଗ୍ରସ୍ତ ସୂର୍ଯ୍ୟୋପରାଗ। ଗୁରୁବାର ସକାଳ ୮ଘଣ୍ଟା ୨୦ ମିନିଟ୍ ୮ ସେକେଣ୍ଡରେ ପରାଗ ସ୍ପର୍ଶ ହୋଇ ୩ ଘଣ୍ଟା ୯ ମିନିଟ୍ ପର୍ଯ୍ୟନ୍ତ ରହିବ। ସକାଳ ୯ଟା ୪୬ ମିନିଟ ୭ ସେକେଣ୍ଡରେ ମୋକ୍ଷ ଆରମ୍ଭ ହୋଇ ପୂର୍ବାହ୍ନ ୧୧ଟା ୨୯ ମିନିଟ୍ ୧୦ ସେକେଣ୍ଡରେ ସର୍ବମୋକ୍ଷ ହେବ। ତେବେ ପରାଗ ସ୍ପର୍ଶର ୧୨ ଘଣ୍ଟା ପୂର୍ବରୁ ଅର୍ଥାତ୍ ବୁଧବାର ରାତି ୮ଟା ୨୦ ମିନିଟ୍‌ରୁ ଅନ୍ନଭୋଜନ, ପାକତ୍ୟାଗ ଓ ଦେବନୀତି ନିଷେଧ। ଶିଶୁ, ବୃଦ୍ଧ, ରୋଗୀମାନଙ୍କ

#### ବୁଧବାର ରାତିତମାମ ଉଜାଗର ରହିବେ ମହାପ୍ରଭୁ

ପକ୍ଷେ ଏହି ନିୟମ ଲଂଘନୀୟ। ସର୍ବମୋକ୍ଷ ପରେ ଦେବନୀତି, ପାକ ଓ ଅନ୍ନଭୋଜନ କରାଯାଇପାରିବ। ଏହି ପରାଗ ଦର୍ଶନ ମେଷ, ବୃଷ, ମିଥୁନ, ଧନୁ, ମକର, ମୀନ ଏହି ୬ ରାଶିର ବ୍ୟକ୍ତିମାନଙ୍କ ପାଇଁ ଅଶୁଭ। ସେହିପରି କର୍କଟ, ସିଂହ, କନ୍ୟା, ତୁଳା, ବିଛା ଓ କୁମ୍ଭ ରାଶିର ବ୍ୟକ୍ତିମାନଙ୍କ ନିମନ୍ତେ ପରାଗ ଦର୍ଶନ ଶୁଭ ବୋଲି କହିଛନ୍ତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ।

ଅନ୍ୟପକ୍ଷରେ ସୂର୍ଯ୍ୟୋପରାଗ ନୀତି ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତିନିର୍ଘଣ୍ଟ କରାଯାଇଛି। ଚନ୍ଦ୍ରଗ୍ରହଣ ହେଉ ଅବା ସୂର୍ଯ୍ୟୋପରାଗ ସ୍ପର୍ଶ ସମୟରେ କୌଣସି ଦେବଦେବୀ ମନ୍ଦିରରେ ଦେବନୀତି କରାଯାଏ ନାହିଁ। ଶ୍ରୀମନ୍ଦିରରେ କିନ୍ତୁ ଏହାର ବ୍ୟତିକ୍ରମ ଦେଖିବାକୁ ମିଳେ। ଯେହେତୁ ଶ୍ରୀଜଗନ୍ନାଥ ମହାପ୍ରଭୁ ହେଉଛନ୍ତି ଗ୍ରହରୂପୀ ଜନାର୍ଦ୍ଦନ, ତେଣୁ ତାଙ୍କର ଗ୍ରହଣ କିମ୍ବା ପରାଗ ସ୍ପର୍ଶ ପରେ ଦେବନୀତି ଆରମ୍ଭ ହୋଇଥାଏ। ଏହିଦିନ ମହାସ୍ନାନ ଓ ଖଇକୋରା ଭୋଗ ସହ ବିଶେଷ ନୀତି ଅନୁଷ୍ଠିତ ହୋଇଥାଏ। ତେବେ ସୂର୍ଯ୍ୟୋପରାଗ ପରିପ୍ରେକ୍ଷୀରେ ବୁଧବାର ରାତିରେ ଶ୍ରୀମନ୍ଦିରରେ ପହୁଡ଼ ହେବ ନାହିଁ। ଅର୍ଥାତ୍ ରାତିତମାମ ଉଜାଗର ରହିବେ ମହାପ୍ରଭୁ। ଶ୍ରଦ୍ଧାଳୁମାନେ ବି ଦାରୁବିଗ୍ରହଙ୍କୁ ଦର୍ଶନ କରିପାରିବେ। ୨୬ ତାରିଖ ସକାଳେ ପରାଗ ସ୍ପର୍ଶ ପରେ ମହାପ୍ରଭୁଙ୍କର ପରାଗ ମହାସ୍ନାନ, ତଡ଼ପ ମଇଲମ ବେଶ, ମଙ୍ଗଳ ଆଳତି, ଅବକାଶ, ରୋଷହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ପରାଗ ସାଦା ବେଶ ପରେ ପରାଗ ଭୋଗ, ମଇଲମ ବେଶ, ଗୋପାଳବଲ୍ଲଭ, ପହିଲି ଭୋଗ ଓ ସକାଳ ଧୂପ ନୀତି ହେବ। ଏହାପରେ ବୁଧବାର ମାଜଣା ଓ ଏକାନ୍ତ ଆଦି ଅନ୍ୟାନ୍ୟ ନୀତି କରାଯିବା ଲାଗି ନିର୍ଘଣ୍ଟ ହୋଇଛି।

## 'ପିନାକା'ର ୩ଥର ବ୍ୟବହାରିକ ପରୀକ୍ଷଣ

ବାଲେଶ୍ୱର ଅଫିସ,୨୪।୧୨

ବାଲେଶ୍ୱର ଜିଲା ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ କେନ୍ଦ୍ର(ଆଇଟିଆର୍) ୩ ନମ୍ବର ଲଞ୍ଚପ୍ୟାଡ୍‌ରୁ ମଙ୍ଗଳବାର ବହୁମୁଖୀ ରକେଟ ଲଞ୍ଚର 'ପିନାକା'ର ୩ଥର ପରୀକ୍ଷଣ କରାଯାଇଛି। ଏସବୁ ପରୀକ୍ଷଣ ସଫଳ ହୋଇଥିବା ଆଇଟିଆର ପକ୍ଷରୁ ସୂଚନା ଦିଆଯାଇଛି। ଭାରତୀୟ ବାୟୁସେନାରେ 'ପିନାକା' ରକେଟ ସାମିଲ ହେବା ପରେ କାର୍ଗିଲ ଯୁଦ୍ଧ ସମୟରେ ପ୍ରଥମେ ଏହାର ବ୍ୟବହାର କରାଯାଇଥିଲା। ଭାରତୀୟ ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଂସ୍ଥା (ଡିଆରଡିଓ) ପକ୍ଷରୁ ପରେ ଏହାକୁ ବିକଶିତ କରାଯାଇ ବହୁମୁଖୀ



ବହୁମୁଖୀ ରକେଟ୍ ଲଞ୍ଚର 'ପିନାକା'ର ପରୀକ୍ଷଣ।

ରକେଟ୍ ଲଞ୍ଚର ରୂପ ଦିଆଯାଇଛି।

ଡିଆର୍‌ଡିଓର ପ୍ରୁଫ୍ ଆଣ୍ଡ ଏକ୍ସପେରିମେଣ୍ଟାଲ ଏଷ୍ଟାବ୍ଲିଶମେଣ୍ଟ (ପିଏକ୍ସଇ) ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନରେ ଏକ ଟ୍ରକ୍ ଯୋଗେ 'ପିନାକା'ର ଏହି ବ୍ୟବହାରିକ ପରୀକ୍ଷଣ କରାଯାଇଥିଲା। ଡିଆର୍‌ଡିଓ ବୈଜ୍ଞାନିକ ଓ ଏହି ପ୍ରକଳ୍ପ ସହ ସମ୍ପୃକ୍ତ ବିଶେଷଜ୍ଞ ଉପସ୍ଥିତ ଥିଲେ। ପୂର୍ବାହ୍ନ ୧୦ଟା ୫୪ରେ ପ୍ରଥମ, ୧୧ଟା ୨୮ରେ ଦ୍ୱିତୀୟ ଓ ୧୨ଟା ୩ ମିନିଟ୍ ସମୟରେ ତୃତୀୟ ଥର ଲାଗି ଏହାକୁ ଉତ୍କ୍ଷେପଣ କରାଯାଇଥିଲା। ପିନାକା ୪୦ କି.ମି. ଦୂରତା ଯାଏ ଲକ୍ଷ୍ୟଭେଦ କରିପାରିବାର କ୍ଷମତା ରଖିଛି। ଏହା ୧ କିଲୋ ୨୫୦ ଗ୍ରାମ୍ ଓଜନର ବିସ୍ଫୋରକ ବହନ କରିପାରିବ। ପୂର୍ବରୁ 'ପିନାକା' ଏକାଧିକ ବାର ସଫଳ ପରୀକ୍ଷଣ ହୋଇଥିବା ଡିଆର୍‌ଡିଓ ପକ୍ଷରୁ କୁହାଯାଇଛି।



For Sales Inquiry: Madhusudan - 9040068400/ Preetiranjan - 9439264188/ Satya - 9337447044 Asus Exclusive Stores & ROG store: Bhubaneswar: Subham Infotech - 9776214096

Asus Authorised Dealers: Bhubaneswar : The computer house - 7205000252, The Gadget zone - 8908183283, Tanisha-e-world - 7978305858, SA IT Gateway - 9337086618, Nigama Comptech & Services - 9937017235, Gupta distributors - 8144920830, Prilin e world - 9338104040 • Cuttack : Compuserve - 9437220022 / 9337222206, TANISHA E WORLD - 9937058555, Surana - 9337566455, Datasoft - 9337766224, Gupta Distributors - 7008989304 • Rourkela : Pc Island - 9437096534, Micro Computers - 9439308647 • Berhmapur : Rajib computer - 9776938444, Ibc systems - 9338704698, bikash computer - 8249445232, Global computer - 9438323432, Supreme world - 9437068088 • Sambalpur : Nexgen - 9437068063, mahamaya - 9437093877 • Bhadrak : jagannath computer - 7978281344, ACT - 7008239561, computer junxon - 9556677299, computer galaxy - 7540844065 • Balasore : Raj computer - 9040009887, jeeban computer - 8847861578, Digitech solution - 9338444100, Mama Computer - 9439901047, Infotech - 9338210886 • Baripada : Maa ambika - 9338811175, lokanath - 9937382712, Shivam - 9437084798, Samay computer - 9861038440, cyber planet -9937277707

Also available at Reliance digital, amazon, paytm, HDB, vijay sales

*When compared to sequential reading speed of HDD. # Processing fee & Downpayment needs to be paid as per the financing scheme. • **According to the latest IDC report, 1st Half, 2019, Asia Pacific excluding China • ASUS reserves the right to alter product offerings & specifications at any time without notice. Models product pictures are for illustration purpose only. Information as advertised has no contractual effect. ##82.5% is the screen-to-body ratio of X509

Windows 10
Windows Hello. Password goodbye.



ଯିଏ ଯାହା ମନରେ ଅଛି, ସେ ତା ଠାରୁ ଦୂରରେ ରହି ମଧ୍ୟ ଦୂରରେ ନ ଥାଏ କିନ୍ତୁ ଯିଏ ଯାହା ମନରେ ନାହିଁ, ସେ ତା ପାଖରେ ଥାଇ ମଧ୍ୟ ଦୂରରେ ଥାଏ।

- ଚାଣକ୍ୟ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................


ମେରୀ
ପରିବାରବର୍ଗ


ଲିପ୍‌ସା ପି. ସାହୁ
ପରିବାରବର୍ଗ


ମଣ୍ଟୁ
ପରିବାରବର୍ଗ


କ୍ରିସ୍
ପରିବାରବର୍ଗ


ରୀତା
ପରିବାରବର୍ଗ


ସୂରଜ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

### ବିଧାୟକ ପ୍ରାର୍ଥୀ ମନୋଜ ଜେନା ହତ୍ୟା ଘଟଣା

## ମୁଖ୍ୟ ଅଭିଯୁକ୍ତଙ୍କ ଜାମିନ ହାଇକୋର୍ଟରେ ଖାରଜ

କଟକ ଅଫିସ,୨୪।୧୨- ଗତ ସାଧାରଣ ନିର୍ବାଚନରେ ଆସ୍କା ବିଧାନସଭା ଆସନର କଂଗ୍ରେସ ପ୍ରାର୍ଥୀ ମନୋଜ ଜେନା ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ଭଗବାନ ସାହୁଙ୍କ ଜାମିନ ଆବେଦନ ହାଇକୋର୍ଟରେ ଖାରଜ ହୋଇଛି। ହତ୍ୟାକାଣ୍ଡ ସମ୍ପର୍କିତ ପ୍ରାଥମିକ ପ୍ରମାଣ ଅଭିଯୁକ୍ତଙ୍କ ବିରୋଧରେ ରହିଛି। ତେଣୁ ଅଭିଯୁକ୍ତଙ୍କୁ ଜାମିନ ଦିଆଯାଇପାରିବ ନାହିଁ ବୋଲି ବିଚାରପତି ଦେବବ୍ରତ ଦାସ କହିଛନ୍ତି। ସୂଚନାଥାଉ କି, ମନୋଜ ଜେନା କଂଗ୍ରେସରୁ ବିଧାୟକ ପ୍ରାର୍ଥୀ ହୋଇ ନିର୍ବାଚନ ଲଢ଼ିଥିଲେ। ଭୋଟ ଗଣତିର ପୂର୍ବଦିନ ଅର୍ଥାତ ମେ' ୨୨ ତାରିଖରେ ତାଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୋଲିସ ଭଗବାନଙ୍କ ସମେତ ସୁନିଲ ନାୟକ, ବୁଲୁ ନାୟକ, କାର୍ତ୍ତିକ ନାହାକ, ଆନନ୍ଦ ସ୍ୱାଇଁ, ଶିବରାମ ବେହେରା, ହୃଷିକେଶ ପାତ୍ର ଏବଂ ଶଙ୍କର ରାଉତଙ୍କୁ ଗିରଫ କରିଥିଲା। ତଳ କୋର୍ଟରେ ଜାମିନ ଖାରଜ ହେବା ପରେ ଭଗବାନ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ପ୍ରଥମ ପୃଷ୍ଠାରୁ...

### ଏନ୍‌ପିଆର୍‌କୁ କ୍ୟାବିନେଟ ...

ଅନେକେ ବିବେଚନା କରୁଛନ୍ତି। କ୍ୟାବିନେଟ ବୈଠକ ପରେ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର ଗଣମାଧ୍ୟମକୁ କହିଛନ୍ତି, ୨୦୨୦ ଏପ୍ରିଲରେ ଏନ୍‌ପିଆର୍ ପ୍ରକ୍ରିୟା ଆରମ୍ଭ ହେବ। ଏଥିରେ ସାମିଲ ହେବା ପାଇଁ କାହାକୁ ସେମାନଙ୍କ ପ୍ରମାଣପତ୍ର ମଗାଯିବ ନାହିଁ। କୌଣସି ଦସ୍ତାବିଜ ବା ବାୟୋମେଟ୍ରିକ୍ ମଧ୍ୟ ଆବଶ୍ୟକ ହେବ ନାହିଁ। କିନ୍ତୁ ଲୋକେ ନିଜ ସମ୍ପର୍କରେ ନିର୍ଭୁଲ ତଥ୍ୟ ଦେବା ଉଚିତ। ଏହାକୁ ସବୁ ରାଜ୍ୟ ଗ୍ରହଣ କରିବା ସହ ଏନେଇ ବିଜ୍ଞପ୍ତି ଜାରି କରିଛନ୍ତି। ରାଜ୍ୟଗୁଡ଼ିକ ସେମାନଙ୍କ ଅଭିଯାନ ଆରମ୍ଭ କରିଛନ୍ତି। ଏନ୍‌ପିଆର୍ ଆତ୍ମଘୋଷଣା ଭିତ୍ତିରେ କରାଯିବ। ଏଥିଲାଗି କେବଳ ମୁଣ୍ଡଗଣତି କରାଯିବ ବୋଲି ଜାଭଡେକର ସ୍ପଷ୍ଟ କରିଛନ୍ତି। ଏନ୍‌ପିଆର୍ ଅପ୍‌ଡେଟ୍ ପାଇଁ ୩,୯୪୧.୩୫ କୋଟି ଏବଂ ୨୦୨୧ ଜନଗଣନା ଲାଗି ୮,୭୫୪.୨୩ କୋଟି ଟଙ୍କା ମଞ୍ଜୁର କରାଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନ ଅଫିସ୍ ଅଫ୍ ରେଜିଷ୍ଟ୍ରାର୍ ଜେନେରାଲ୍ ଅଫ୍ ଇଣ୍ଡିଆ (ଆର୍‌ଜିଆଇ)ଙ୍କ ଦ୍ୱାରା ୨୦୨୧ ପୂର୍ବରୁ ଏନ୍‌ପିଆର୍ ପ୍ରକ୍ରିୟା ଆରମ୍ଭ କରାଯିବ। ପ୍ରସ୍ତାବ ଅନୁସାରେ ୨୦୨୦ ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏନ୍‌ପିଆର୍ ଅପ୍‌ଡେଟ କାର୍ଯ୍ୟକ୍ରମ କରାଯିବ। ଜନଗଣନା ଆୟୋଗଙ୍କ ଅନୁସାରେ ଏନ୍‌ପିଆର୍‌ର ଉଦ୍ଦେଶ୍ୟ ହେଉଛି ଦେଶର ପ୍ରତ୍ୟେକ ସାଧାରଣ ବାସିନ୍ଦାଙ୍କୁ ନେଇ ଏକ ବିସ୍ତୃତ ପରିଚୟ ଡାଟାବେସ୍ ପ୍ରସ୍ତୁତ କରିବା। କୌଣସି ବ୍ୟକ୍ତି ଯିଏ ୬ ମାସ ବା ତଦୂର୍ଦ୍ଧ୍ୱ ସମୟ ଧରି କୌଣସି ଅଞ୍ଚଳରେ ରହୁଥିଲେ, ତାଙ୍କୁ ଏନ୍‌ପିଆର୍‌ରେ ନିଜ ନାମ ପଞ୍ଜୀକରଣ କରିବାକୁ ପଡ଼ିବ। ତେବେ ପାର୍ଲାମେଣ୍ଟରେ ନାଗରିକତ୍ୱ ସଂଶୋଧନ ଆଇନ ଗୃହୀତ ହେବାର ସପ୍ତାହେ ପରେ ପଶ୍ଚିମବଙ୍ଗ ଓ କେରଳ ସରକାର ନିଜ ନିଜ ରାଜ୍ୟରେ ଏନ୍‌ପିଆର୍ ପ୍ରକ୍ରିୟାକୁ ବନ୍ଦ କରିଦେଇଛନ୍ତି। ୨୦୧୦ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ନେତୃତ୍ୱାଧୀନ ଉପା ସରକାର ଅମଳରେ ଏନ୍‌ପିଆର୍ ଆରମ୍ଭ ହୋଇଥିଲା। ୨୦୧୧ ଜନଗଣନା ପୂର୍ବରୁ ଆରମ୍ଭ ହୋଇଥିବା ଏନ୍‌ପିଆର୍ ହେଉଛି ଦେଶରେ ବସବାସ କରୁଥିବା ଲୋକଙ୍କୁ ନେଇ ଏକ ପଞ୍ଜିକା। ନାଗରିକତ୍ୱ ଆଇନ, ୧୯୫୫ ଏବଂ ନାଗରିକତ୍ୱ (ନାଗରିକଙ୍କ ପଞ୍ଜୀକରଣ ଓ ଜାତୀୟ ପରିଚୟପତ୍ର) ନିୟମ, ୨୦୦୩ ଅନୁସାରେ ଏହାକୁ ସ୍ଥାନୀୟ (ଗ୍ରାମ/ଉପ-ସହର), ସବ୍‌ଡିଭିଜନ, ଜିଲା, ରାଜ୍ୟ ଓ ଜାତୀୟ ସ୍ତରରେ ପ୍ରସ୍ତୁତ କରାଯାଉଛି। ୨୦୧୫ରେ ଘର ଘର ବୁଲି ସର୍ବେକ୍ଷଣ ବେଳେ ସଂଗୃହୀତ ତଥ୍ୟକୁ ଅପ୍‌ଡେଟ କରାଯାଇଥିଲା। ଏହାର ଡିଜିଟାଇଜେଶନ ଶେଷ ହୋଇଛି। ୨୦୨୦ ଏପ୍ରିଲରୁ ୨୦୨୧ ସେପ୍ଟେମ୍ବର ମଧ୍ୟରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନେଇ ଜନଗଣନାର ଗୃହ-ତାଲିକା ପର୍ଯ୍ୟାୟକୁ ଅପ୍‌ଡେଟ କରିବା ଲାଗି ଏବେ ନିଷ୍ପତ୍ତି ନିଆଯାଇଛି। ତେବେ ଆସାମରେ ଏନ୍‌ଆର୍‌ସି ଲାଗୁ ହୋଇଥିବାରୁ ଏହି ଉତ୍ତର-ପୂର୍ବ ରାଜ୍ୟ ଏନ୍‌ପିଆର୍‌ରେ ସାମିଲ ହେବ ନାହିଁ। ଗତ ଅଗଷ୍ଟରେ ଏ ସଂକ୍ରାନ୍ତରେ ଏକ ଗେଜେଟ ବିଜ୍ଞପ୍ତି ପ୍ରକାଶ ପାଇଥିଲା।

### ଫେବୃୟାରୀ ୧୯ରୁ ...

ମାର୍ଚ୍ଚ ୧ରେ ଭିଜୁଆଲ ଆର୍ଟ ଓ ଟିଏଲଭି(ପ୍ରାକ୍ଟିକାଲ) ପରୀକ୍ଷା, ମାର୍ଚ୍ଚ ୨ରେ ସାମାଜିକ ବିଜ୍ଞାନ ପରୀକ୍ଷା ହେବ। ସକାଳ ୯.୪୫ ମିନିଟ୍‌ରେ ଉଭୟ ସବ୍‌ଜେକଟିଭ ଓ ଅବ୍‌ଜେକଟିଭ ପ୍ରଶ୍ନପତ୍ର ଦିଆଯିବ। ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଦ୍ୱିତୀୟ ସିଟିଂ (ଅପରାହ୍ନ ୧.୩୦ରୁ ୪ଟା) ପର୍ଯ୍ୟନ୍ତ କରାଯିବ। ୧୯ ତାରିଖରେ ଇଂଲିଶ ପରୀକ୍ଷା କରାଯିବ। ୨୦ ତାରିଖରେ ପେଣ୍ଟିଂ(ଥିଓରି), ୨୨ରେ ଓଡ଼ିଆ, ତେଲୁଗୁ, ଉର୍ଦ୍ଦୁ, ହିନ୍ଦୀ, ସଂସ୍କୃତ, ୨୩ରେ ପେଣ୍ଟିଂ(ପ୍ରାକ୍ଟିକାଲ), ୨୪ରେ ଗଣିତ, ୨୫ରେ ଗୃହ ବିଜ୍ଞାନ, ୨୬ରେ ସାଧାରଣ ବିଜ୍ଞାନ, ୨୭ରେ ଭାରତୀୟ ସଂସ୍କୃତି ଓ ଐତିହ୍ୟ, ୨୮ରେ ସାମାଜିକ ବିଜ୍ଞାନ, ୨୯ରେ ଗୃହ ବିଜ୍ଞାନ(ପ୍ରାକ୍ଟିକାଲ) ପରୀକ୍ଷା ହେବ। ପେଣ୍ଟିଂ ଥିଓରି ପରୀକ୍ଷା ଦିନ ୧.୩୦ରୁ ୩ଟା ପର୍ଯ୍ୟନ୍ତ, ପେଣ୍ଟିଂ ପ୍ରାକ୍ଟିକାଲ ପରୀକ୍ଷା ସକାଳ ୧୦ଟାରୁ ଦିନ ୧ଟା ପର୍ଯ୍ୟନ୍ତ ଓ ଗୃହ ବିଜ୍ଞାନ(ପ୍ରାକ୍ଟିକାଲ) ପରୀକ୍ଷା ସକାଳ ୧୦ଟାରୁ ୧୧.୩୦ ପର୍ଯ୍ୟନ୍ତ ହେବ। ଅନ୍ୟ ପରୀକ୍ଷାଗୁଡ଼ିକ ପୂର୍ବ ନିର୍ଦ୍ଧାରିତ ସମୟରେ କରାଯିବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ମଧ୍ୟମା ପରୀକ୍ଷା ମଧ୍ୟ ଦ୍ୱିତୀୟ ସିଟିଂରେ କରାଯିବ। ୧୯ ତାରିଖରେ ସଂସ୍କୃତ ଓ ବ୍ୟାକରଣ ଦର୍ଶନ, ୨୦ରେ ସଂସ୍କୃତ ସାହିତ୍ୟମ, ୨୨ରେ ପ୍ରୟୋଗାତ୍ମକ ସଂସ୍କୃତ, ୨୪ରେ ମାତୃଭାଷା(ଓଡ଼ିଆ, ହିନ୍ଦୀ), ୨୫ରେ ଗଣିତ, ୨୬ରେ ସାଧାରଣ ବିଜ୍ଞାନ, ୨୭ରେ ସାମାଜିକ ବିଜ୍ଞାନ, ୨୮ ତାରିଖରେ ଇଂଲିଶ ପରୀକ୍ଷା ହେବ। ଏହି ଖବରଦାତା ସମ୍ମିଳନୀରେ ପରୀକ୍ଷା ନିୟନ୍ତ୍ରକ ଡ. ନିହାର ରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ।

### ସୃଷ୍ଟି ହେଲା ...

ଗତ ଅଗଷ୍ଟ ୧୫ ଅଭିଭାଷଣରେ ଦେଶ ଖୁବ୍‌ଶୀଘ୍ର ସିଡିଏସ୍ ପାଇବ ବୋଲି ଘୋଷଣା କରିଥିଲେ। ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ୍‌ଙ୍କ ନେତୃତ୍ୱରେ ଏକ କମିଟି ଗଠନ କରାଯାଇ ସିଡିଏସ୍‌ଙ୍କ ଦାୟିତ୍ୱ, କାର୍ଯ୍ୟପ୍ରଣାଳୀ ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଗିଲ ରିଭ୍ୟୁ କମିଟି, ନରେଶ୍ ଚନ୍ଦ୍ର ଟାସ୍କଫୋର୍ସ ଓ ମନ୍ତ୍ରୀଗୋଷ୍ଠୀ ବୈଠକର ସୁପାରିସ କ୍ରମେ ସିଡିଏସ୍ ପଦବୀ ଉପରେ ଗୁରୁତ୍ୱ ଦିଆଯାଇଥିବା ଜଣାପଡ଼ିଛି।

## ୨୭ରେ ହେବ ଯୁକ୍ତ୨ ପରୀକ୍ଷା ତାରିଖ ଘୋଷଣା

ଭୁବନେଶ୍ୱର, ୨୪।୧୨(ବ୍ୟୁରୋ): ଆସନ୍ତା ୨୭ ତାରିଖରେ ଯୁକ୍ତ୨ ପରୀକ୍ଷା ପାଇଁ ତାରିଖ ଘୋଷଣା କରାଯିବ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ମଙ୍ଗଳବାର ଲୋକସେବା ଭବନଠାରେ ବିଭାଗ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ମଧ୍ୟରେ ପରୀକ୍ଷା ପରିଚାଳନାକୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ପରୀକ୍ଷାକୁ କପିମୁକ୍ତ ଓ ସୁବ୍ୟବସ୍ଥିତ କରାଯିବା ଦିଗରେ ଆଲୋଚନା ହୋଇଥିଲା। ଏଥିପାଇଁ ସବୁ ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲଗାଯିବ। ଯେଉଁଠି ସିସିଟିଭି ନ ଥିବ, ତାହାକୁ ପରୀକ୍ଷାକେନ୍ଦ୍ର କରାଯିବ ନାହିଁ। ଗତବର୍ଷ ଯେଉଁଠାରେ ମାଲ୍‌ପ୍ରାକ୍ଟିସ୍ ହୋଇଥିଲା, ସେଠାରେ ଚଳିତ ଥର ପରୀକ୍ଷା ହେବନାହିଁ। ତେବେ ମୋଟ ୧ହଜାର ସେଣ୍ଟରରେ ସିସିଟିଭି ଲାଗିବ। ଏହାସହ ପରୀକ୍ଷାକୁ ସୁବ୍ୟବସ୍ଥିତ କରିବା ଲାଗି ୩୦ ଜିଲାରେ ୩୦ ନୋଡାଲ ଅଫିସର ରହିବେ ବୋଲି ବୈଠକରୁ ଜଣାପଡ଼ିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**



ରାଶ୍ୟାଧିପ ସହ କର୍ମାଧିପ ତୃତୀୟ ଏକାଦଶସ୍ଥ ଯୋଗୁ ଆଶା କରିଥିବା କାର୍ଯ୍ୟରେ ସଫଳତା ପାଇବା ସକାଶେ ବହୁତ ଶ୍ରମ ସ୍ୱୀକାର କରିବାକୁ ପଡ଼ିପାରେ। ପାରିବାରିକ ସମସ୍ୟା ବିଶେଷ ଭାବେ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହେବାର ସୂଚନା ରହିଛି। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ।

**ବୃଷ**



ଦୁଃସ୍ଥାନଗତ ଶନି ହେତୁ ପ୍ରତ୍ୟେକ ସମୟରେ ବିଭିନ୍ନ ପ୍ରକାର ଝମେଲା ଭିତର ଦେଇ ଯିବାକୁ ପଡ଼ିବ। ଏଣେ ବାକି ପଡ଼ିଥିବା କାମକୁ ଶେଷ କରିବେ କିମ୍ବା ହାତକୁ ନେଇଥିବା କାମଟିକୁ ଆରମ୍ଭ କରିବେ। ଏହା ଭିତରେ ମଧ୍ୟ ଅର୍ଥ ଓ ସମ୍ମାନ ପାଇବାରେ କିଛି ଅସୁବିଧା ରହିବ ନାହିଁ। କିନ୍ତୁ ସ୍ୱାସ୍ଥ୍ୟ ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିବ।

**ମିଥୁନ**



ରାହୁ ଜନିତ ମାନସିକ ଅସ୍ଥିରତା କାରଣରୁ କୌଣସି କାମରେ ମନ ଲାଗିବ ନାହିଁ। ଏଣେ ସଦାବେଳେ ଝଗଡା କରିବାକୁ ଚାହିଁବସିଥିବା ଲୋକଟିର ସାମ୍ନା କରିବା ପାଇଁ ଚିନ୍ତା ଲାଗି ରହିବ। ପରିବାରରେ ସ୍ତ୍ରୀ କିମ୍ବା ସ୍ୱାମୀଙ୍କ ସହମତିରେ କାମ କଲେ ଉପକୃତ ହେବେ। ପ୍ରତ୍ୟେକ କ୍ଷେତ୍ରରେ ନିଜର ସୁଖ ସୁବିଧାକୁ ପ୍ରାଧାନ୍ୟ ଦେଇ ସମାଲୋଚିତ ହୋଇପାରନ୍ତି।

**କର୍କଟ**



କର୍ମକ୍ଷେତ୍ରରେ ସାମୟିକ ବ୍ୟତିକ୍ରମ ଲାଗିରହିଲେ ମଧ୍ୟ ଯେଉଁ କାମଟି ହାତକୁ ନେଇଛନ୍ତି, ତାହା ତ ଅବଶ୍ୟ ହୋଇଯିବ। ଗୁପ୍ତ ଶତ୍ରୁତା ଓ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ସରକାରୀ ସ୍ତରରୁ ଋଣ ସୂତ୍ରରେ ଅର୍ଥପ୍ରାପ୍ତିର ସମ୍ଭାବନା ରହିଛି। ସାହିତ୍ୟ,କଳା, କ୍ରୀଡ଼ା ଓ ଚଳଚ୍ଚିତ୍ର ତଥା ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ସିଂହ**



ବହୁତ ଦିନରୁ ରହିଆସିଥିବା ସମସ୍ୟା ଆଜି ଆକସ୍ମିକ ଭାବରେ ସମାଧାନ ହୋଇଯିବ। ଆଲୋଚନା କାଳରେ ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ବୁଝିବେ। ଆପଣଙ୍କ ସେବା ଓ ସାହାଯ୍ୟ ଲାଭ କରି ରୋଗୀ, ପଡ଼ୋଶୀ,ବନ୍ଧୁମାନେ ଆଜି ବହୁତ ଖୁସି ହୋଇଯିବେ। ପାରିବାରିକ ସମସ୍ୟା କେତେକାଂଶରେ ପ୍ରଗତିର ପଥରୋଧ କରିପାରେ।

**କନ୍ୟା**



କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା ଯୋଗୁ ବିଚଳିତବୋଧ କରିବେ। ବନ୍ଧୁମିଳନ କାର୍ଯ୍ୟକ୍ରମରେ ନିଜର ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ଅତିଥି ଠିକ୍ ସମୟରେ ଆସିପାରନ୍ତି। ଆର୍ଥିକ ଦିଗଟି ପୂର୍ବପରି ରହିବାର ବିଶେଷ ଆନନ୍ଦ ଅନୁଭବ କରିବେ। ନିଜକୁ ପରିସ୍ଥିତି ଓ ପରିବେଶ ସହ ଖାପ ଖୁଆଇ ନ ଚଳିପାରିଲେ ହଇରାଣ ହେବେ।

**ତୁଳା**



ଆଜି ଦିନରେ ଆପଣଙ୍କ କୌଣସି ଅଭାବ ରହିବ ନାହିଁ କିମ୍ବା କୌଣସି କାମ ମଧ୍ୟ ଅଟକିବାର ପ୍ରଶ୍ନ ଉଠୁନି। ଅପରାହ୍ନରେ ବନ୍ଧୁଙ୍କ ନିକଟରୁ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବେ। ସ୍ୱାତୀ ନକ୍ଷତ୍ର ମନର ଦୁଃଖକୁ ମନ ଭିତରେ ରଖି ଯନ୍ତ୍ରବତ୍ କାମ କରିବାକୁ ବାଧହେବେ।

**ବିଛା**



ଆକସ୍ମିକ ଭାବରେ କୌଣସି ମହିଳାଙ୍କ ସାହାଯ୍ୟ ଓ ସହଯୋଗରୁ ମାନସିକ ଅସ୍ଥିରତା ଦୂରେଇଯିବ। ପରିସ୍ଥିତି ଓ ପରିବେଶକୁ ଲକ୍ଷ୍ୟରଖି କାମ କରନ୍ତୁ, ନଚେତ୍ କିଛିଟା ଅସୁବିଧାର ସମ୍ଭାବନା ରହିଛି। ଶିଳ୍ପ, ବାଣିଜ୍ୟ,ବ୍ୟବସାୟ, ପରିବହନ, ନିର୍ମାଣ, ଯୋଗାଯୋଗ, ଅଫିସରଙ୍କ ସହ ସାକ୍ଷାତ ତଥା ରାଜନୀତି ଓ ପ୍ରଶାସନ ପାଇଁ ଦିନଟି ଭଲ।

**ଧନୁ**



କର୍ମକ୍ଷେତ୍ରରେ ନୀଚ ମନୋଭାବର ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ଆକସ୍ମିକ ସମସ୍ୟା ହେତୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ। ଆତ୍ମୀୟ ସ୍ୱଜନଙ୍କ ସହାନୁଭୂତିରୁ କେତେକ ସମସ୍ୟା ଲାଘବ ହୋଇପାରେ।

**ମକର**



ପାରିବାରିକ କ୍ଷେତ୍ରରେ ବିବାଦ ବୃଦ୍ଧି ପାଇବା କାରଣରୁ କୌଣସି ଠିକ୍ ନିଷ୍ପତ୍ତି ନେଇପାରିବେ ନାହିଁ। ଆର୍ଥିକ ସ୍ଥିତି ମନ୍ଦ ହେବନି କିନ୍ତୁ ଆଜିର କାମଗୁଡିକ ବହୁତ ଡେରିରେ ସମ୍ପନ୍ନ ହେବ। ଆଇନ ଅଦାଲତରେ ସୁଫଳ ପାଇବେ ଓ ନିର୍ମାଣାଧୀନ କାମ ଦ୍ରୁତଗତିରେ ଅଗ୍ରଗାମୀ ହେବ। ପ୍ରତ୍ୟେକ ପରିସ୍ଥିତିରେ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାରେ ସମର୍ଥ ହେବେ।

**କୁମ୍ଭ**



ପରିସ୍ଥିତିକୁ ଲାଘବ କରିବା ଉଦ୍ଦେଶ୍ୟରେ ଅନ୍ୟମାନଙ୍କ ସକାଶେ ଅଯଥା କଷ୍ଟ ଅନୁଭବ କରିପାରନ୍ତି। ପାରିବାରିକ କ୍ଷେତ୍ରରେ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇପାରେ। ବ୍ୟବସାୟରେ ସଫଳତା ହାସଲ କରିବେ, ନୂତନ କର୍ମାରମ୍ଭ, ଯାନବାହନ, ଲୋକସମ୍ପର୍କ ,ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତାକରିବେ।

**ମୀନ**



ଆଜିର କର୍ମକ୍ଷେତ୍ରରେ ବନ୍ଧୁମାନେ ନିଜର ଫାଇଦା ହାସଲ ପାଇଁ ବିଭିନ୍ନ ପ୍ରକାର ଫନ୍ଦିଫିକର କରିବା ଲାଗି ମନ ବଳାଇବେ। ହାତକୁ ନେଇଥିବା କାମଟିକୁ ଶେଷ କରିବା ସକାଶେ ବହୁତ ପ୍ରତିରୋଧର ସାମ୍ନା କରିବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ସଂଯମତା ଅବଲମ୍ବନ କଲେ ବଡ଼ ବଡ଼ ସମସ୍ୟାରୁ ମୁକ୍ତ ହୋଇପାରିବେ।

ଆଜି ପୌଷ କୃଷ୍ଣ ଚତୁର୍ଦ୍ଦଶୀଯୁକ୍ତ ଅମାବାସ୍ୟା, ବୁଧବାର, ଡିସେମ୍ବର ୨୫ ତାରିଖ, ଖ୍ରୀଷ୍ଟମାସ ଓ ବଡଦିନ ପର୍ବ, ମହାପୁରୁଷ ଯିଶୁଖ୍ରୀଷ୍ଟଙ୍କ ଜୟନ୍ତୀ, ପଣ୍ଡିତ ମଦନମୋହନ ମାଲବ୍ୟଙ୍କ ଜୟନ୍ତୀ, ରାଶି ନକ୍ଷତ୍ର-ଜ୍ୟେଷ୍ଠା/ବିଛା, କର୍କଟ ରାଶିର ଘାତବାର, ଅମାବାସ୍ୟାର ଶ୍ରାଦ୍ଧ, ଦିବା ଘ୭।୪୯ମି. ଗତେ ଘ୮।୩୧ମି. ମଧ୍ୟେ ଅମୃତବେଳା। ଦିବା ଘ୧୦।୨୫ମି. ଗତେ ଘ୧୧।୪୬ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୧୧।୪୬ମି. ଗତେ ଘ୧।୦୭ମି. ମଧ୍ୟେ ରାହୁ କାଳ।


# classifieds Everyday 0674-2580101, 2549302




**BRIDE WANTED**

Karan boy 38 Judicial officer, only son settle BBSR. 9090703282. D-15844

Son age 28 B.Tech, M.Tech, IIT Kharagpur working Data Scientist at Bangalore salary 30 lakhs 8144589551. D-15888

Son age 30 B.Tech CET MBA XIMB working with GAIL India at Delhi cast Brahmin 7008986003. D-15889

**GROOM WANTED**

Beautiful CHAMAR bride, 26yrs, 5'4", Sagittarius 19/9, B.Sc/ BEd, working Govt. sector. Searching for a suitable match. Contact- 9337759465, 8144217780. D-15845

Beautiful Khandayat girl 1993/ 5'3", sound health, Rasi- 5/3, Diploma ETC, Father Businessman. Contact- 9861078320. D-67520

Widow bride JE-36, Clerk 40, Teacher 43 (caste-no-bar)- 7873374269. D-68635

Age 35 Govt. Teacher ବିଧବା ନିଃସନ୍ତାନ ଖଣ୍ଡାୟତ ଝିଅଙ୍କ ପାଇଁ any caste ପୁଅ ଦରକାର। 7381366103. D-67922

Girl age 27 B.Tech, M.Tech, NIT Rourkela working in MNC Company at Pune salary 18 lakhs 7008986005. D-15887

Now Matrimonial ads. only on Wednesday & Sunday Book 1 Get 1 FREE




**SALE**

**New Duplex, 3BHK sale at Gudia Pokhari, Bhubaneswar with all amenities plan approved bank finance available 7077598070.** D-68919

Gharabari plots Tankapaniroad Sai Temple east facing plots sqft. 1600/-, Simplex B.J.E.M-(2), 15,80,000/-. 7735738102. D-15881

ଭୁବନେଶ୍ୱର ଫୁଲନଖରା ତ୍ରିନାଥବଜାର ନିକଟରେ ଘରବାରି, **Road, Electricity** ସୁବିଧାଥାଇ ସଙ୍ଗେସଙ୍ଗେ ଘରକଲା ଭଳି **developed** ପ୍ଲଟ୍ କିଣନ୍ତୁ। **(Limited plots).** ଯୋଗାଯୋଗ- **7381029351, 9937111658.** D-68455

ହାଇଟେକ୍ ଛକର ୨କି.ମି ଦୂରରେ ୧୨୦୦ ବର୍ଗଫୁଟକୁ 7,90,000/-, ରେ ମିଳୁଅଛି। 9337381796. D-56662

Bhubaneswar ଏୟାରପୋର୍ଟରୁ 7k.m ଦୂରରେ 1500ବର୍ଗଫୁଟ ପ୍ଲଟ୍ 13,50,000/- କିଣି ଘରକରନ୍ତୁ। 9853150290 D-68529

**Bhubaneswar Infocity-2 ଆଗରେ sqft.560/- immediate possession then registration. 9658383304, 9348232008.** D-68456

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1000sqft. 5,50,000. Contact: 8908492594. D-15790

ଭୁବନେଶ୍ୱର **Sum Hospital, IIIT, NALCO** ଗୋଠପାଟଣା ନିକଟସ୍ଥ କାଟେଣୀ **Zeeschool** ରେ ଘରବାରି, **Boundary Patta plot-550/-, 9777553622.** D-68461

ଭୁବନେଶ୍ୱର ପାହାଳ, ନଖରାରେ ଘରକଲା ଭଳି plot 30' ରାସ୍ତାଥାଇ ମିଳୁଅଛି। **8249728525.** D-68458

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରିମ boundarywall, 30'ft. road ଏବଂ ବାସୋପଯୋଗୀ plot ଦିଆଯାଉଛି sqft. 650/-। 7008045582, 9692003948. D-15873

**Installment available developed gharabari boundary housing plot Ranga Bazar- 650/-, 9348012510.** D-68460

**Appartment and Duplex for sale in Patia, Kalarahanga, Bhubaneswar. Contact: 7735412646** D-68638

5400sqft. ଚାଷଜମି ପିପିଲି ବ୍ଲକ୍ ଅନ୍ତର୍ଗତ କାଇରୀ ମୌଜା (ଉତ୍ତରା ଠାରୁ ୪କିମି ଦୂରରେ) 14,00,000 ଟଙ୍କାରେ ବିକ୍ରି ହେବ। ଯୋଗାଯୋଗ- 7008242270. D-15885

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**PURCHASE**

**Immediate purchase of Duplex building of 2500sqft. for Office & Clinic within Khurda district jurisdiction including rural areas interested owners, contact: 06742436427, 9439976785.** D-67270




Construct your building as per your terms and condition. Contact: 9937064680. D-27284




330sqft. 1st floor for Office/ Shop at Sarala Nagar, near Bhagawan Tower, Cuttackroad, Bhubaneswar-751006. Contact: 9437385951. D-15880

Single room with attached bath and kitchen suitable for single working girl near DAV, Pokhariput, Bhubaneswar, 9437100491. D-15877

2BHK Drawing, Dining, Kitchen, 2Toilets, 2Balcony phase-4 Dumduma. 9337627101. D-67739

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




India's No.1 Packers, Leo Packers & Movers Car, Household & Office movement countrywide, 9438133699. D-15784




Rejuvenate and ayurvedic full body massage by smart therapist. 9114402304. D-68904

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68730

Take full body therapy. Just call 7852986810. D-68528

Ayurvedic full body massage ladies & gents smart therapist, 9668814589. D-68733

Refresh your mind and soul with best therapy at Orchid Salon/Spa. 9937287222. D-68729

Ayurvedic full body massage ladies and gents. Contact: 9861064981. D-68732

Sai herbal spa refresh your body with smart, expert therapist. 7608062524. D-68937

Full body herbal massage with refreshment expert therapist. 7381239385, 06742540855. D-68938

Experience full body massage with us (expert). Call: 7377048581, 06742597822. D-68939

Herbal full body massage by smart / expert therapist. Contact: 8338067247. D-68940

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68941

**AFFIDAVIT**

By affidavit sworn before the Notary, Bhubaneswar, I Jayadev Ramakanta Mohapatra, S/o- Sri Ramakanta Mohapatra of flat No.A-602, Srusti Mansion, Panchagaon, Bhubaneswar-752050 declare that, Jayadev Mohapatra, Jayadev R Mohapatra & Jayadev Ramakanta Mohapatra is the same person. It is further stated that hence I shall be known, called, identified & recognised as Jayadev Ramakanta Mohapatra for all purposes. D-15884

By virtue of an affidavit before the Executive Magistrate, Bhubaneswar, I solemnly affirm that, I am Kailas Chandra Behera S/o Puna Behera a resident of Turuntira, Balipatna but my name and my father's name has been wrongly recorded as Braja Behera S/o Punananda Behera in our property paper Khata No. 741/ 203. So I declare that I Kailas Chandra Behera S/o- Puna Behera and Braja Behera S/o- Punananda Behera both father and son are one and the same for all future purposes. D-68736

# ୱାନ ନେଶନ, ୱାନ ରାଶନ | ବଦଳିବ ରାଶନ କାର୍ଡ

**ଭୁବନେଶ୍ୱର,୨୪।୧୨(ବ୍ୟୁରୋ)**

- ସମଗ୍ର ଦେଶରେ ହେବ ଏକକ କାର୍ଡ ପ୍ରଚଳନ
- କେନ୍ଦ୍ର ନିକଟରେ ରହିବ ହିତାଧିକାରୀଙ୍କ ତାଲିକା
- ବିଏମ୍‌ସି ପରେ ଫେବୃୟାରୀରୁ ୪୮ ମ୍ୟୁନିସିପାଲିଟି, ୫ ମହାନଗର ନିଗମରେ ହେବ କାର୍ଯ୍ୟକାରୀ

କେବଳ ରାଜ୍ୟ ନୁହେଁ, ଦେଶର ଯେ କୌଣସି ସ୍ଥାନରୁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ(ଏନ୍‌ଏଫ୍‌ଏସ୍‌ଏ)ରେ ସାମିଲ ହୋଇଥିବା ହିତାଧିକାରୀମାନେ ସେମାନଙ୍କର ରାଶନ ନେଇପାରିବେ। ସମଗ୍ର ଦେଶ ପାଇଁ ଗୋଟିଏ ପ୍ରକାର ରାଶନକାର୍ଡ ପ୍ରଚଳନ ହେବ। ସେଥିରେ ରାଜ୍ୟ ସରକାରଙ୍କର କୌଣସି ନିୟନ୍ତ୍ରଣ ରହିବ ନାହିଁ। କେନ୍ଦ୍ର ସରକାର ସିଧାସଳଖ ଏହାକୁ ନିଜ ଡାଟାବେସ୍‌ରେ ରଖିବେ। କେଉଁ ରାଜ୍ୟରେ କେତେ ହିତାଧିକାରୀ ଅଛନ୍ତି ସେମାନଙ୍କୁ କେତେ ଟଙ୍କାର ରିହାତି ଦିଆଯାଉଛି ସେ ସବୁର ଚିଙ୍ଗିଖି ତଥ୍ୟ କେନ୍ଦ୍ର ସରକାରଙ୍କ ନିକଟରେ ରହିବ। ରାଜ୍ୟ ସରକାରଙ୍କ ପକ୍ଷରୁ ହିତାଧିକାରୀମାନଙ୍କୁ ଦିଆଯାଇଥିବା ରାଶନ କାର୍ଡର ସ୍ୱରୂପ ବଦଳିଯିବ। ଏହି ରାଶନ କାର୍ଡକୁ ଏଟିଏମ୍ କାର୍ଡରେ ପରିଣତ କରାଯିବ। କାର୍ଡରେ ୨୧ଟି ନମ୍ବର ରହିବ। ଗ୍ରାମକୁ ଏକ କୋଡ୍ ଭାବେ ଗ୍ରହଣ କରାଯିବ। ସେହି କୋଡ୍ ଅନୁଯାୟୀ ନୂତନ ରାଶନ କାର୍ଡ ପ୍ରସ୍ତୁତ ହେବ। ଏବେ ରାଶନ କାର୍ଡରେ ୧୧ଟି ନମ୍ବର ରହିଛି। ଜିଲା, ବ୍ଲକ ଓ ପଞ୍ଚାୟତ କୋଡ୍ ସହିତ ଆବେଦନକାରୀଙ୍କ ଫର୍ମ ନମ୍ବରକୁ ମିଶାଇ ୧୧ ଟିକିଆ ନମ୍ବର କରାଯାଇଛି। ତେବେ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କ ଏହି ନମ୍ବରକୁ ଗ୍ରହଣ କରିବାକୁ ରାଜି ନୁହନ୍ତି। ପଞ୍ଚାୟତ ନୁହେଁ, ଗ୍ରାମ ସ୍ତରରୁ କୋଡ୍ ପ୍ରସ୍ତୁତ କରିବାକୁ କେନ୍ଦ୍ର ସରକାର ପରାମର୍ଶ ଦେଇଛନ୍ତି। କେନ୍ଦ୍ର ସରକାର ଦୁଇଟି ଲେଖାଏ ରାଜ୍ୟକୁ ଯୋଡିବା ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଗୁଜରାଟକୁ ମହାରାଷ୍ଟ୍ର ସହିତ ସଂଯୋଗ କରିଥିବା ବେଳେ ଆନ୍ଧ୍ର ପ୍ରଦେଶକୁ ତେଲେଙ୍ଗାନା ରାଜ୍ୟ ସହ ଯୋଡିବା ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଓଡ଼ିଶାକୁ ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗ, ଝାଡଖଣ୍ଡ, ଛତିଶଗଡ ସହ ଯୋଡିବାକୁ ଯୋଜନା କରିଛନ୍ତି। ତେବେ ଇଣ୍ଟରନେଟ୍ ନ ଥିବା ଅଞ୍ଚଳ ପାଇଁ ଏହି ବ୍ୟବସ୍ଥା ସମସ୍ୟା ସୃଷ୍ଟି କରିବ। ଏଥିପାଇଁ ଆଧାରକାର୍ଡ ବାଧ୍ୟତାମୂଳକ କରାଯାଇଛି। ତେବେ ଆଙ୍ଗୁଠି ଛାପ ସମସ୍ୟା ସୃଷ୍ଟି କରୁଥିବାରୁ ପ୍ରତ୍ୟେକ ଡିଲରଙ୍କୁ ଆଇଆରଆଇଏସ୍ ମେଶିନ ଦିଆଯିବ। ହିତାଧିକାରୀଙ୍କ ଆଖିକୁ ନେଇ ଖାଦ୍ୟ ସାମଗ୍ରୀ ଯୋଗାଇ ଦିଆଯିବ। ତେବେ ଇଣ୍ଟରନେଟ ନ ଥିବା ସ୍ଥାନରୁ ଡାଟାକୁ ଜିଲା କିମ୍ବା ବ୍ଲକ ମୁଖ୍ୟାଳୟରେ ଅପ୍‌ଲୋଡ କରାଯିବ। ନିୟମିତ କେନ୍ଦ୍ର ନିକଟକୁ ଏନ୍‌ଏଫ୍‌ଏସଏ ହିତାଧିକାରୀଙ୍କ ଡାଟା ନ ଦେଲେ ରାଜ୍ୟକୁ ମିଳୁଥିବା ରିହାତି ମଧ୍ୟ ଦିଆଯିବ ନାହିଁ। କେନ୍ଦ୍ର ସରକାର ରାଜ୍ୟକୁ ଏଭଳି ପରୋକ୍ଷ ଚେତାବନୀ ଦେଇଛନ୍ତି। ୱାନ୍ ନେଶନ, ୱାନ୍ ରାଶନ ହେବା ଦ୍ୱାରା ସାଧାରଣ ବଣ୍ଟନ ବ୍ୟବସ୍ଥା(ପିଡିଏସ)ରେ ହେଉଥିବା ବାଟମାରଣାକୁ ରୋକାଯିବାରେ ଏହା ସମ୍ପୂର୍ଣ୍ଣ ସମର୍ଥ ହେବ ବୋଲି କୁହାଯାଉଛି।

ରାଜ୍ୟରେ ୨୦୧୯ ସେପ୍ଟେମ୍ବର ପହିଲାଠାରୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ୱାନ୍ ନେଶନ, ୱାନ୍ ରାଶନ ବ୍ୟବସ୍ଥା ଆରମ୍ଭ କରାଯାଇଛି। ବିଏମ୍‌ସି ଅଞ୍ଚଳର ୧୧୭ଟି ସରକାରୀ ପାଇକାରି ଦୋକାନରେ ଏହି ବ୍ୟବସ୍ଥା ଲାଗୁ କରାଯାଇଛି। ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ରହୁଥିବା ୨ ଲକ୍ଷ ହିତାଧିକାରୀ ସହରର ଯେକୌଣସି ସାଧାରଣ ଖାଉଟି ବଣ୍ଟନ ଡିଲରଙ୍କ ପାଖରୁ ରାଶନ ନେଉଛନ୍ତି। ଅନ୍‌ଲାଇନ ଜରିଆରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଏହାକୁ ନିୟମିତ ମନିଟରିଂ କରାଯାଉଛି। ପାଇଲଟ୍ ପ୍ରକଳ୍ପ ଭାବେ ଏଠାରୁ ଆରମ୍ଭ କରାଯାଇଛି। ଅଙ୍ଗୁଳି ଛାପ କିମ୍ବା ଆଖି ସଙ୍କେତ ମାଧ୍ୟମରେ ହିତାଧିକାରୀଙ୍କୁ ଏହି ରାଶନ ଦିଆଯାଉଛି। ପ୍ରତ୍ୟେକ ଡିଲରଙ୍କୁ ଆଖି ଚିହ୍ନ ନେବାକୁ ଆଇଆରଆଇଏସ୍ ମେଶିନ ଯୋଗାଇ ଦିଆଯାଇଛି। ତେବେ ଯେଉଁମାନଙ୍କର ଆଙ୍ଗୁଠି ଚିହ୍ନ ନେଉ ନ ଥିବ କିମ୍ବା ହିତାଧିକାରୀ ବୟସ୍କ, ଦୁରାରୋଗ୍ୟରେ ପୀଡ଼ିତ, କୁଷ୍ଠରୋଗୀମାନଙ୍କୁ ବିନା ଆଧାରକାର୍ଡରେ ରାଶନ ଯୋଗାଇ ଦିଆଯାଉଛି। ବିଏମ୍‌ସି ଅଞ୍ଚଳରେ ଏହା ଶତ ପ୍ରତିଶତ ସଫଳ ହୋଇଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଜଣେ ଅଧିକାରୀ କହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୪୮ଟି ମ୍ୟୁନିସିପାଲିଟି ଏବଂ ୫ଟି ମହାନଗର ନିଗମ ଅଞ୍ଚଳରେ ୱାନ୍ ନେଶନ, ୱାନ୍ ରାଶନ ବ୍ୟବସ୍ଥା ଲାଗୁ କରାଯିବ। ସହରାଞ୍ଚଳଗୁଡିକର ଗତ ୬ ମାସର ଇଣ୍ଟରନେଟ ବ୍ୟବସ୍ଥାକୁ ଅନୁଧ୍ୟାନ କରାଯାଉଛି। ଆସନ୍ତା ଫେବୃୟାରୀ ମାସରୁ ସେହି ସହରାଞ୍ଚଳରେ ଏହାକୁ ଲାଗୁ କରାଯିବ ବୋଲି ସେ କହିଛନ୍ତି। ଯେଉଁଠି ଇଣ୍ଟରନେଟ୍ ସୁବିଧା ନାହିଁ ସେଠାରେ ପୂର୍ବ ଭଳି କାର୍ଡ ଦେଖାଇ ରାଶନ ନେଇପାରିବେ। ରାଜ୍ୟରେ ଶତ ପ୍ରତିଶତ ହିତାଧିକାରୀଙ୍କର ଆଧାର ସଂଯୋଗ କରାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି।

ଏଠାରେ ସୂଚନାଯୋଗ୍ୟ ଯେ କେନ୍ଦ୍ର ସରକାର ମାସକୁ ୨୪ ହଜାର ଟନ ଗହମ ଓ ୧ ଲକ୍ଷ ୬୦ ହଜାର ଟନ ଚାଉଳ ଯୋଗାଇ ଦେଉଛନ୍ତି। ଏଥିପାଇଁ କେନ୍ଦ୍ର ସରକାର ଚାଉଳ କେଜି ପିଛା ୨୯ ଟଙ୍କା ଦେଉଥିବା ବେଳେ ରାଜ୍ୟ ସରକାର ୨ ଟଙ୍କା ଓ ହିତାଧିକାରୀ ୧ ଟଙ୍କା ଦେଉଛନ୍ତି। ସେହିପରି କେନ୍ଦ୍ର ସରକାର ଗହମ ୨ ଟଙ୍କାରେ ଯୋଗାଇ ଦେଉଛନ୍ତି। ରାଜ୍ୟ ସରକାର ଗହମ ପାଇଁ ୧ ଟଙ୍କା ଦେଉଥିବା ବେଳେ ହିତାଧିକାରୀ ୧ ଟଙ୍କା ଦେଉଛନ୍ତି।

## ଆଜି ବଡ଼ଦିନ, ସବୁଠି କଡ଼ା ସୁରକ୍ଷା ବ୍ୟବସ୍ଥା



ଦାରିଙ୍ଗବାଡ଼ିରେ ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଉଛି।

**ଫୁଲବାଣୀ ଅଫିସ, ୨୪।୧୨**

କନ୍ଧମାଳ ଜିଲାରେ ବୁଧବାର ବଡ଼ଦିନ ପାଳନ ବେଳେ ଯେପରି କିଛି ଅପ୍ରୀତିକର ପରିସ୍ଥିତି ନ ଉପୁଜିବ, ସେନେଇ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସବୁଠି କଡ଼ା ନଜର ରଖାଯାଇଥିବା ଏସ୍‌ପି ପ୍ରତୀକ ଗୀତା ସିଂ ମଙ୍ଗଳବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଜିଲାରେ ଥିବା ଫୋର୍ସକୁ ମିଶାଇ ବାହାରୁ ଅଧିକା ୨୧ ପ୍ଲାଟୁନ ଫୋର୍ସ ମଗାଯାଇଛି। ସେମାନଙ୍କୁ ବିଭିନ୍ନ ଥାନା ଅଞ୍ଚଳରେ ନିୟୋଜିତ କରାଯାଇଛି। ଜିଲାର ସମସ୍ତ ପୋଲିସ ଅଧିକାରୀଙ୍କ ସମେତ ବାହାରୁ ୨୫ ଅଧିକାରୀ ମଧ୍ୟ ଆସିଛନ୍ତି। ଯାନବାହାନ ଯାଞ୍ଚକୁ କଡାକଡି କରାଯାଇଛି। ୨୪ ଘଣ୍ଟିଆ ପାଟ୍ରୋଲିଂ ଚାଲିଥିବା ଏସ୍‌ପି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଶାନ୍ତିଶୃଙ୍ଖଳାରେ ବଡ଼ଦିନ ପାଳନ କରିବାକୁ ସବୁ ବର୍ଗର ଲୋକେ ସହଯୋଗ କରୁଛନ୍ତି ବୋଲି ସେ କହିଛନ୍ତି।









# #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ଶ୍ୱେତିକା ସିମ୍ରନ୍ ସାହୁ



ଅନ୍ତର୍ଯ୍ୟାମୀ ସାହୁ



ସୁବାସ ଚନ୍ଦ୍ର ପଣ୍ଡା



ଝୁନୁ ପଣ୍ଡା

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

## ଆଜି କ'ଣ କେଉଁଠି

**ଦେବଗଡ଼**
- ସର୍ବଭାରତୀୟ ବାମଣ୍ଡା କ୍ରିକେଟ କପ, ଇନ୍ଦିରାଗାନ୍ଧୀ ଷ୍ଟାଡ଼ିୟମ, ପୂର୍ବାହ୍ନ ୧୦ଟା।

**ସମ୍ବଲପୁର**
- ଆଧ୍ୟାତ୍ମିକ ପ୍ରବଚନ କାର୍ଯ୍ୟକ୍ରମ, ଓଡିଶା ସାଂସ୍କୃତିକ ସମାଜ ଭବନ, ପୂର୍ବାହ୍ନ ସାଢ଼େ ୯ଟା ।
- ହୀରାପ୍ରସ୍ଥ ପକ୍ଷରୁ ସଙ୍ଗୀତ କାର୍ଯ୍ୟକ୍ରମ, ତପସ୍ୱିନୀ ପ୍ରେକ୍ଷାଳୟ, ପୂର୍ବାହ୍ନ ସାଢ଼େ ୧୦ଟା ।
- ଅଟଳ ବିହାରୀ ବାଜପେୟୀଙ୍କ ୯୫ତମ ଜନ୍ମ ଦିବସ, ଓଡିଶା ସାଂସ୍କୃତିକ ସମାଜ ଭବନ, ସନ୍ଧ୍ୟା ୫ଟା ।
- ସମ୍ବଲପୁରୀ ନାଟକ ପ୍ରତିଯୋଗିତା, ଝାଡୁଆପଡା ଆରଣ୍ୟକ ମଞ୍ଚ, ସନ୍ଧ୍ୟା ୬ଟା।

**ବିଜେପୁର**
- ଜୟଗୁରୁ ସତ୍‌ସଙ୍ଗ ମଣ୍ଡଳୀର ବାର୍ଷିକ ଉତ୍ସବ, ବ୍ଲକ ଅଫିସ ନିକଟ ପଡିଆ, ପୂର୍ବାହ୍ନ ୧୧ଟା।

**ବୌଦ୍ଧ**
- ରାଜ୍ୟସ୍ତରୀୟ ତିଳେଶ୍ୱର କପ୍ ଫୁଟବଲର ଦ୍ୱିତୀୟ ଦିବସ, ତିଳେଶ୍ୱର ଉଚ୍ଚ ବିଦ୍ୟାଳୟ ପଡିଆ, ଅପରାହ୍ନ ୩ଟା।

## ନିଖୋଜ ଯୁବତୀଙ୍କ ମୃତଦେହ ଉଦ୍ଧାର,ବଳାତ୍କାର ପରେ ହତ୍ୟା ସନ୍ଦେହ

**ପାଇକମାଳ,୨୪।୧୨(ଡି.ଏନ.ଏ.)**

ବରଗଡ ଜିଲା ପାଇକମାଳ ଥାନା ଅଧୀନ ଝାରବନ୍ଧ ପଞ୍ଚାୟତ ଟେମିରିମାଲ ଅଞ୍ଚଳରୁ ନିଖୋଜ ଜଣେ ଯୁବତୀଙ୍କ ମୃତଦେହକୁ ପୋଲିସ ମଙ୍ଗଳବାର ଉଦ୍ଧାର କରିଛି। ତାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ପୋଲିସ ସନ୍ଦେହ କରୁଛି । ଏହି ଘଟଣାରେ ପାଇକମାଳ ପୋଲିସ ଦଫା ୩୦୨ରେ ଏକ ମାମଲା (ନଂ.୨୩୫/୧୯) ରୁଜୁ କରି ୩ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି । ସୂଚନା ଅନୁସାରେ, ଶନିବାର ସନ୍ଧ୍ୟାରେ ଉକ୍ତ ଯୁବତୀ ଜଣକ ଶୌଚ ପାଇଁ ବାହାକୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରି ତାଙ୍କ ପତ୍ତା ନ ପାଇବାରୁ ଶେଷରେ ଗତ ସୋମବାର ପାଇକମାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅନ୍ୟପକ୍ଷେ ମଙ୍ଗଳବାର ସକାଳେ ଗାଁ ନିକଟ ଜଙ୍ଗଲରେ ଯୁବତୀଙ୍କ ମୃତଦେହ ଠାବ କରାଯାଇଥିଲା। ଖବର ପାଇ ବରଗଡ ଏସ୍‌ପି ପଦ୍ମିନୀ ସାହୁ, ଏସ୍‌ଡିପିଓ ପ୍ରଦୀପ ସାହୁ, ପାଇକମାଳ ଥାନା ଆଇଆଇସି ବିଶ୍ୱଜିତ ମନବୋଧ ପ୍ରମୁଖ ସାଇଣ୍ଟିଫିକ୍ ଟିମ୍ ଓ ଅନୁସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ଛାନଭିନ କରିଥିଲେ। ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଦ୍ମପୁର ପଠାଇଥିଲା।

## ବସ୍‌ରୁ ହେଲପରଙ୍କ ମୃତଦେହ ଉଦ୍ଧାର

**କୁଚିଣ୍ଡା, ୨୪।୧୨ (ଡି.ଏନ.ଏ)**

ବଡବାହାଲରୁ ଭାୟା କୁଚିଣ୍ଡା ଭୋଜପୁର, ଜମନକିରା ଦେଇ ସମ୍ବଲପୁରକୁ ଯାତାୟାତ କରୁଥିବା ଯାତ୍ରୀବାହୀ ବାବାମଣି ବସ୍‌ରୁ ମଙ୍ଗଳବାର ସକାଳେ ହେଲପର ଗୁରୁଚରଣ ଦେହୁରୀ (୨୫)ଙ୍କ ମୃତଦେହ ଉଦ୍ଧାର କରାଯାଇଛି। କୁଚିଣ୍ଡା ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୪୮/୧୯) ରୁଜୁ କରିବା ସହିତ ତଦନ୍ତ ଚଳାଇଛି । ସୂଚନା ଅନୁସାରେ, ଗୁରୁଚରଣଙ୍କ ଘର ଦେବଗଡ ଜିଲା ପାଲେନପଡା କଂସର ନିକଟସ୍ଥ ଲଏଣ୍ଡା ଗ୍ରାମରେ। ସେ ବାବାମଣି ବସ୍‌ରେ ହେଲପର ଭାବେ କାମ କରୁଥିଲେ। ଉକ୍ତ ବସ୍ ସୋମବାର ରାତିରେ ସମ୍ବଲପୁରରୁ ଯାଇ ବଡବାହାଲରେ ରହିଥିଲା। ସେଠାରେ ହେଲପର ଗୁରୁଚରଣ ଖାଇ ସାରିବା ପରେ ବସ୍‌ରେ ଶୋଇଥିଲେ। ମଙ୍ଗଳବାର ସକାଳେ ଡ୍ରାଇଭର ଓ କଣ୍ଡକ୍ଟର ବସ୍‌କୁ ଆସି ଗୁରୁଚରଣଙ୍କ ମୃତଦେହ ପଡିଥିବା ଦେଖିଥିଲେ ଏବଂ ସେମାନେ ତାଙ୍କୁ କୁଚିଣ୍ଡା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ଗୁରୁଚରଣଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ କୁଚିଣ୍ଡା ପୋଲିସ ସେଠାକୁ ପହଞ୍ଚି ମୃତଦେହ ଜବତ କରିଥିଲା।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }


airtel

## ନିରପେକ୍ଷ ବିଜ୍ଞପ୍ତି

ଭାରତୀ ଏୟାରଟେଲ ଲିମିଟେଡ

ଏତଦ୍ଦ୍ୱାରା ଓଡ଼ିଶା ଟେଲିକମ୍ ସର୍କଲରେ ଏୟାରଟେଲ ସର୍ଭିସ୍ କ୍ଷେତ୍ରରେ ସଂପୃକ୍ତ ସମସ୍ତଙ୍କୁ ଏବଂ ପୃଷ୍ଠପୋଷକମାନଙ୍କୁ ଅବଗତ କରାଯାଉଛି ଯେ 30 ଜୁନ୍, 2018 ପୂର୍ବରୁ ଜାରି କରାଯାଇଥିବା ନିମ୍ନଲିଖିତ କ୍ରମିକ ସଂଖ୍ୟା ବିଶିଷ୍ଟ ସମସ୍ତ ରିଚାର୍ଜ କୁପନର ବୈଧତା 25 ଡିସେମ୍ବର, 2019 ତାରିଖ ପରେ ଶେଷ ହୋଇଯିବ।

ତେଣୁ, କୌଣସି ପ୍ରକାର ଅସୁବିଧା ଏଡ଼େଇବା ପାଇଁ 25 ଡିସେମ୍ବର, 2019 ସୁଦ୍ଧା ନିମ୍ନଲିଖିତ କୁପନଗୁଡ଼ିକୁ ବ୍ୟବହାର କରିନେବା ନିମନ୍ତେ ସଂପୃକ୍ତ ସମସ୍ତଙ୍କୁ ପରାମର୍ଶ ଦିଆଯାଉଛି। 25 ଡିସେମ୍ବର, 2019 ପରେ ଭାରତୀ ଏୟାରଟେଲ ଲିମିଟେଡ ଏହି ଭଳି ରିଚାର୍ଜ କୁପନଗୁଡ଼ିକର ବିନିମୟ ଏବଂ/ବା ଏହି ସବୁ କୁପନ କ୍ଷେତ୍ରରେ କୌଣସି ଟ୍ରାଞ୍ଜାକ୍‌ସନ କରିବା ପାଇଁ କୌଣସି ଅନୁରୋଧ ଗ୍ରହଣ କରି ପାରିବ ନାହିଁ। ଅଧିକନ୍ତୁ, 25 ଡିସେମ୍ବର, 2019 ପରେ ନିମ୍ନଲିଖିତ ତାଲିକାଭୁକ୍ତ ରିଚାର୍ଜ କୁପନଗୁଡ଼ିକ କ୍ଷେତ୍ରରେ କୌଣସି ରିଚାର୍ଜ/ ଟ୍ରାଞ୍ଜାକ୍‌ସନ ସମ୍ବନ୍ଧୀୟ କୌଣସି ପ୍ରକାରର ବାଧ୍ୟବାଧକତା, ଦାବୀ, କ୍ଷୟକ୍ଷତି, ପ୍ରଭୃତି ଉପୁଜିଲେ,ସେଥିପାଇଁ ଭାରତୀ ଏୟାରଟେଲ ଲିମିଟେଡ ଦାୟବଦ୍ଧ ରହିବ ନାହିଁ।

ଓଡ଼ିଶା ଟେଲିକମ ସର୍କଲର ତାଲିକାଭୁକ୍ତ ରିଚାର୍ଜ କୁପନଗୁଡ଼ିକର କ୍ରମିକ ସଂଖ୍ୟାର ରେଞ୍ଜ୍ 1341805002000169 ରୁ 1341806002999920 ।

ଭାରତୀ ଏୟାରଟେଲ ଲିମିଟେଡ ପକ୍ଷରୁ ପ୍ରକାଶିତ
ରେଜିଷ୍ଟର୍ଡ ଅଫିସ୍ : ଭାରତୀ କ୍ରିସେଣ୍ଟ, 1, ନେଲ୍‌ସନ ମଣ୍ଡେଲା ରୋଡ, ବସନ୍ତକୁଞ୍ଜ, ଫେଜ୍ II, ନୂଆ ଦିଲ୍ଲୀ – 110 070
ସର୍କଲ ଅଫିସ : ଭାରତୀ ହାଉସ, E-13/1, ଇନ୍‌ଫୋସିଟି, ଚନ୍ଦକା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ଚନ୍ଦ୍ରଶେଖରପୁର, ପଟିଆ, ଭୁବନେଶ୍ୱର–751 024


## ଜିଲା ଚିଠି
### କନ୍ଧମାଳ



## ଭରସା ତୁଟୁଛି

ଲୋକଙ୍କୁ ସୁରକ୍ଷା ଯୋଗାଇ ଦେବା ପୋଲିସର ପ୍ରାଥମିକତା। ଅପରାଧ ନିୟନ୍ତ୍ରଣ ହେଉଛି ପ୍ରମୁଖ କର୍ତ୍ତବ୍ୟ। କୌଣସି ସ୍ଥାନରେ କିଛି ଅପରାଧ ଘଟିଲେ ଅପରାଧୀ ଶୀଘ୍ର ଧରାପଡ଼ନ୍ତୁ ବୋଲି ସମସ୍ତେ ଚାହିଁ ବସନ୍ତି। ହେଲେ ଏସବୁ କ୍ଷେତ୍ରରେ ଏବେ କନ୍ଧମାଳ ଜିଲାର ଫୁଲବାଣୀ ଏବଂ ବାଲିଗୁଡା ପୋଲିସ ପଛରେ ପଡିଛି। ଫୁଲବାଣୀ ଟାଉନ ଥାନା ପୋଲିସକୁ ଅପରାଧୀମାନେ ବାରମ୍ବାର ଚାଲେଞ୍ଜ ଦେଇ ଚାଲିଛନ୍ତି। କୌଣସି ଗୋଟିଏ ବି କ୍ଷେତ୍ରରେ ସେମାନଙ୍କୁ ଧରିବାରେ ପୋଲିସ ସକ୍ଷମ ହୋଇପାରୁନାହିଁ। ପୋଲିସର ତଦନ୍ତ ନେଇ ସବୁ ମହଲରେ ଏବେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ପ୍ରକୃତରେ ଥାନା ପୋଲିସ ପାଖରେ କୌଣସି ଖବରର ଉତ୍ସ ନ ଥିବା ଜଳ ଜଳ ହୋଇ ଦିଶୁଛି। ଗତ ସେପ୍ଟେମ୍ବରରୁ ଏ ପର୍ଯ୍ୟନ୍ତ କେବଳ ଫୁଲବାଣୀ ସହରରେ ଘଟିଥିବା କେତେକ ଚୋରି ଘଟଣାକୁ ବିଚାରକୁ ନେଲେ ପୋଲିସ କାର୍ଯ୍ୟଦକ୍ଷତା ବାରି ହୋଇପଡିବ। ସେପ୍ଟେମ୍ବର ୨୧ ତାରିଖରେ କୋର୍ଟ ଛକ ପାଖରେ ଜଣେ ରୁପା ବ୍ୟବସାୟୀଙ୍କଠାରୁ ଦିନ ଦ୍ୱିପ୍ରହରରେ ୨ ଯୁବକ ଏକ ବାଇକ୍‌ରେ ଆସି ପ୍ରାୟ ୫୦ ହଜାର ଟଙ୍କା ଏବଂ ୫ ଲକ୍ଷ ଟଙ୍କାର ରୁପା ଗହଣା ଲୁଟି ନେଲେ। ଏହି ଘଟଣାର ଠିକ୍ ଦିନକ ପୂର୍ବରୁ ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କ ପାଖରୁ ଫରେଷ୍ଟ କଲୋନୀ ରାସ୍ତାରେ ଦୁର୍ବୃତ୍ତମାନେ ୯୦ ହଜାର ଟଙ୍କା ଛଡାଇ ନେଲେ। ଗତ ୧୪ ତାରିଖ ରାତିରେ ହାଟପଦା ନିକଟରେ ରହୁଥିବା ଜଣେ ଶିକ୍ଷୟିତ୍ରୀ ଏବଂ ତାଙ୍କ ଭଉଣୀଙ୍କ ଘରୁ ଏକ ବାଇକ୍ ସହ ପ୍ରାୟ ୬ ଲକ୍ଷ ଟଙ୍କାର ସୁନା ଗହଣା ଚୋରି କରିନେଲେ। ଏହାର ଠିକ୍ ୩ ଦିନ ପରେ ୧୭ ତାରିଖରେ ଥାନା ପାଖରୁ ମାତ୍ର ୧୦୦ ମିଟର ଦୂର ଜେଲ ରୋଡ ପାଖରେ ଜଣେ ବ୍ୟକ୍ତି ତାଙ୍କ ଘର କାମ ପାଇଁ ୨ ଲକ୍ଷ ଟଙ୍କା ବ୍ୟାଙ୍କରୁ ଉଠାଇ ନେଉଥିବା ବେଳେ ପଛରୁ ୨ ଜଣ ଆସି ତାକୁ ଲୁଟି ନେଲେ। ଏ ପର୍ଯ୍ୟନ୍ତ ଗୋଟିଏ ବି ଘଟଣାରେ ପୋଲିସ କାହାରିକୁ ଗିରଫ କରିପାରିନାହିଁ। ସେହିପରି ବାଲିଗୁଡା ଥାନା ଅଞ୍ଚଳରେ ଗତ ୧୦ ତାରିଖରେ ଦୁର୍ବୃତ୍ତଙ୍କ ଗୁଳିରେ ସୂଚନା ଅଧିକାର କର୍ମୀ ଅଭିମନ୍ୟୁ ପଣ୍ଡାଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ଏ ପର୍ଯ୍ୟନ୍ତ ହତ୍ୟାକାରୀଙ୍କ କୌଣସି ସୁରାକ ପାଇପାରୁନି। ଖାଲି ଅନ୍ଧାରରେ ବାଡ଼ି ବୁଲାଇ ଚାଲିଛି। ଚୋରି ଏବଂ ହତ୍ୟାକାଣ୍ଡର ଅଭିଯୁକ୍ତ ଯେଭଳି ତୁରନ୍ତ ଧରାପଡ଼ନ୍ତୁ ତାହାକୁ ସମସ୍ତେ ଚାହିଁ ବସିଥାନ୍ତି। ପୋଲିସ ଏହି ଅଭିଯୁକ୍ତମାନଙ୍କୁ ଧରିବାରେ ସକ୍ଷମ ହେଉ ନ ଥିବାରୁ ଭରସା ତୁଟିବା ସ୍ୱାଭାବିକ, ସେଥିରେ ସନ୍ଦେହ ନାହିଁ।

**– ରାକେଶ କୁମାର ରାଉତ**

# ବଦଳିବ ଝାରସୁଗୁଡ଼ାର ରୂପ

**ଭୁବନେଶ୍ୱର, ୨୪।୧୨(ବ୍ୟୁରୋ)**

- ନୂତନ ଟାଉନ୍‌ଶିପ୍ ପାଇଁ ଜାଗା ଚିହ୍ନଟ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ଝାରସୁଗୁଡ଼ା ସହରକୁ ଏକ ନୂତନ ଆଧୁନିକ ସହର ରୂପେ ବିକଶିତ କରିବା ପାଇଁ ସରକାରୀ ସ୍ତରରେ ପ୍ରଚେଷ୍ଟା ଆରମ୍ଭ ହୋଇଛି। ଏଥିପାଇଁ ମଙ୍ଗଳବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ସହର ଓ ଗୃହ ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଜି. ମାଥିଭାଥାନନ୍ ଓ ଜିଲାପାଳ ସରୋଜ କୁମାର ସାମଲଙ୍କ ସମେତ ଜିଲା ଓ ରାଜ୍ୟସ୍ତରୀୟ ଅଧିକାରୀମାନେ ଯୋଗଦେଇ ନୂତନ ଝାରସୁଗୁଡ଼ା ନିର୍ମାଣର ସମ୍ଭାବ୍ୟ ଯୋଜନାଗୁଡ଼ିକ ଉପରେ ଆଲୋଚନା କରିଥିଲେ। ଆଗାମୀ ୪୦ରୁ ୫୦ ବର୍ଷକୁ ଦୃଷ୍ଟିରେ ରଖି ସହର ସୀମା ସଲଗ୍ନ ଅଞ୍ଚଳରେ ନୂତନ ଟାଉନ୍‌ଶିପ୍ ନିର୍ମାଣ କରିବା, ବର୍ତ୍ତମାନ ଥିବା ସହର ମଧ୍ୟରେ ଆବାସିକ ତଥା ଅନ୍ୟାନ୍ୟ ସୁବିଧା ସୁଯୋଗ ସୃଷ୍ଟି କରିବା ଏବଂ ଝାରସୁଗୁଡ଼ାକୁ ଏକ ଆଧୁନିକ ସହରାଞ୍ଚଳ ଓ ଇଣ୍ଡଷ୍ଟ୍ରିଆଲ୍ ହବ୍ ଭାବରେ ବିକଶିତ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ନୂତନ ଟାଉନ୍‌ଶିପ୍ ନିର୍ମାଣ ପାଇଁ ଜାଗା ଚିହ୍ନଟ କରିବାକୁ ମୁଖ୍ୟ ଶାସନ ସଚିବ ଜିଲା ପ୍ରଶାସନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ବର୍ତ୍ତମାନ ଝାରସୁଗୁଡ଼ାରେ କ୍ୟାନସର୍ ଓ ହାର୍ଟ ହସ୍ପିଟାଲ୍, ଡାଇଗ୍ନୋଷ୍ଟିକ୍ ସେଣ୍ଟର ଓ ଷ୍ଟାଡିୟମ୍ ପ୍ରତିଷ୍ଠା ହେବାକୁ ଯାଉଛି। ଏହାସହ ଏଠାରେ ବିମାନବନ୍ଦର କାର୍ଯ୍ୟକ୍ଷମ ହୋଇଛି। ଫଳରେ ଝାରସୁଗୁଡ଼ା ଏକ କ୍ରମବର୍ଦ୍ଧିଷ୍ଣୁ ସହରରେ ପରିଣତ ହେଉଛି। ଏବେ ବେଲପାହାଡ଼, ବ୍ରଜରାଜନଗର ସହ ସୁନ୍ଦରଗଡ଼ ମଧ୍ୟରେ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ସହର ମଧ୍ୟରେ ଥିବା ସରକାରୀ ଜମି ଚିହ୍ନଟ କରି ତା'ର ଉନ୍ନତି କରିବା ସହ ସହର ବାହାରେ ନୂଆ ଟାଉନ୍‌ଶିପ୍ ପ୍ରତିଷ୍ଠା କରିବା ବିଷୟ ଆଲୋଚନାରେ ସ୍ଥାନ ପାଇଥିଲା। ସେହିପରି ଲହଣ୍ଡାବୁଡ୍, ଏଚ୍ କଟାପାଲି ଓ ବେହେରାପାଟ ମଧ୍ୟରେ ପ୍ରାୟ ୧୫୦୦ ଏକର ସରକାରୀ ଜାଗା ଥିବାବେଳେ ଏହି ସ୍ଥାନରେ ଭବିଷ୍ୟତରେ ସହରାଞ୍ଚଳ ପରିସୀମା ବୃଦ୍ଧି ପାଇବାର ସମ୍ଭାବନା ରହିଛି। ବୈଠକରେ ଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା, ଟାଉନ୍ ପ୍ଲାନିଂ ନିର୍ଦ୍ଦେଶକ ଶୁଭେନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।


ବଡ଼ଦିନ ଓ ନୂତନ ବର୍ଷର ଶୁଭେଚ୍ଛା



ପବିତ୍ର ବଡ଼ଦିନ ଓ ନୂତନ ବର୍ଷରେ ଓଡ଼ିଶାର ସମସ୍ତ ଭାଇ ଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା। ଆଗାମୀ ନୂତନ ବର୍ଷ ଓ ବଡ଼ଦିନ ଆପଣ ସମସ୍ତଙ୍କ ପାଇଁ ପ୍ରେମ, ଶାନ୍ତି ଓ ଆଶିର୍ବାଦର ବର୍ଷ ହେଉ ବୋଲି ପ୍ରଭୁ ଯିଶୁଖ୍ରୀଷ୍ଟଙ୍କଠାରେ ଆମ୍ଭର ପ୍ରାର୍ଥନା।

॥ ଇତି ॥

ଶ୍ରୀମତୀ କୁମୁଦିନୀ ବାଗ | ଶ୍ରୀ ଚନ୍ଦ୍ରଶେଖର ବାଗ
ସମ୍ପାଦକ
C.N.I, ଚର୍ଚ୍ଚ, ଗାନ୍ଧୀନଗର
ବରଗଡ଼

ଭଗବାନ ସର୍ବଦା ଆମର ପ୍ରାର୍ଥନା ଶୁଣନ୍ତି ଏବଂ ସର୍ବଦା ସବୁ ପ୍ରାର୍ଥନାର ଉତ୍ତର ଦିଅନ୍ତି। କିନ୍ତୁ ତାଙ୍କର ଉତ୍ତର ଶୁଣିବା ପାଇଁ ଓ ବୁଝିବା ପାଇଁ ତୁମ ପକ୍ଷରେ କେତେକ ସର୍ତ୍ତ ପୂରଣ କରିବା ଉଚିତ। —ଶ୍ରୀମା

# ପଦୋନ୍ନତି

ଚାକିରି ପାଇଥିବା ବ୍ୟକ୍ତିଙ୍କ ପରବର୍ତ୍ତୀ ଲକ୍ଷ୍ୟ ଥାଏ ପଦୋନ୍ନତି। ବିଶେଷକରି ସରକାରୀ ସଂସ୍ଥାରେ ଏଥିପାଇଁ ଆଗ୍ରହର ସହ ସମସ୍ତେ ଅପେକ୍ଷା କରିଥାଆନ୍ତି। ଯୋଗ୍ୟ ବ୍ୟକ୍ତିଙ୍କୁ ଠିକ୍ ସମୟରେ ପଦୋନ୍ନତି ମିଳିପାରିଲେ ତାଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଥାଏ ଓ ସେ ବ୍ୟବସ୍ଥା ଉପରେ ଆସ୍ଥା ପ୍ରକଟ କରନ୍ତି। ହେଲେ ଓଡ଼ିଶାରେ ମଧ୍ୟମ ଓ ତଳ ସ୍ତରରେ ଥିବା ସବୁ କର୍ମଚାରୀଙ୍କ ପାଇଁ ସେଭଳି ସୁଯୋଗ ଆସି ନ ଥାଏ। ବର୍ଷବର୍ଷ ଗଡ଼ିଯାଉଥିଲେ ମଧ୍ୟ ବିଭାଗୀୟ ପଦୋନ୍ନତି କମିଟି (ଡିପିସି) ମଧ୍ୟ ବସିପାରି ନ ଥାଏ। ଏ ବିଷୟରେ ସରକାରଙ୍କ ସବୁ ବିଭାଗରେ ଥିବା କର୍ମଚାରୀ ସର୍ବଦା ଅଭିଯୋଗ କରିଆସିଥାଆନ୍ତି। ଅନ୍ୟପକ୍ଷରେ ଉଚ୍ଚ ପାହ୍ୟାରେ ଥିବା ଅମଲାତନ୍ତ୍ରୀ ଯଥା ଆଇଏଏସ୍ ଅଫିସର, ଆଇପିଏସ୍ ଅଫିସରଙ୍କ ଭଳି ସର୍ବଭାରତୀୟ ସେବାର ଅଧିକାରୀ ଉପଯୁକ୍ତ ସମୟରେ ପଦୋନ୍ନତି ପାଇ ସବୁ ପ୍ରକାର ସୁବିଧା ଓ ସୁଯୋଗ ଉପଭୋଗ କରିଥାଆନ୍ତି। ଯେହେତୁ ସେମାନେ ପ୍ରତ୍ୟେକ ବିଭାଗ, ଶାଖା କିମ୍ବା ଜିଲାର ମୁଖ୍ୟ ଭାବେ ରହିଥାଆନ୍ତି, ସେମାନଙ୍କ ପଦୋନ୍ନତି ଲାଗି ବିରାଦରି ହେଉଥିବା ଏକ ଜଣାଶୁଣା କଥା। ଉଚ୍ଚ ପଦବୀରେ ଥିବା ବ୍ୟକ୍ତିଙ୍କୁ ଡର ଥିବାରୁ ଅଧସ୍ତନମାନେ ସେମାନଙ୍କ ବିରୋଧରେ ସ୍ୱର ଉଠାଇବାକୁ ଚାହାନ୍ତି ନାହିଁ। ଫଳରେ ମଝି ଓ ତଳ ସ୍ତରରେ କାର୍ଯ୍ୟ କରୁଥିବା କର୍ମଚାରୀ ସେମାନଙ୍କ ହାତଟେକାକୁ ଅନେଇ ବସିଥାଆନ୍ତି। ଡେରିରେ ହେଲେ ମଧ୍ୟ ଏବେ ରାଜ୍ୟ ଶାସନର ମୁଖ୍ୟ ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟମ ଓ ତଳିଆ କର୍ମଚାରୀଙ୍କ ଦୁଃଖ ବୁଝି ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ୨୩ ଡିସେମ୍ବରରେ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଜିଲାଠାରୁ ରାଜ୍ୟସ୍ତରୀୟ ସରକାରୀ କାର୍ଯ୍ୟାଳୟ ଯାଏ ବହୁ କର୍ମଚାରୀ ପଦୋନ୍ନତି ଅପେକ୍ଷାରେ ଥିବାରୁ ତୁରନ୍ତ ଏହି ପ୍ରକ୍ରିୟା ଶେଷ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ସେ ବିଭାଗୀୟ ମୁଖ୍ୟ ଓ ପ୍ରତ୍ୟେକ ଜିଲାପାଳଙ୍କୁ ଆଦେଶ ଦେଇଛନ୍ତି ଯେ, ଏ ସଂକ୍ରାନ୍ତରେ ପ୍ରସ୍ତୁତ ରିପୋର୍ଟ ମୁଖ୍ୟ ଶାସନ ସଚିବଙ୍କ ନିକଟରେ ୩୧ ଡିସେମ୍ବର ସନ୍ଧ୍ୟା ସୁଦ୍ଧା ପହଞ୍ଚିବା ବାଞ୍ଛନୀୟ। ପ୍ରତ୍ୟେକ ବର୍ଷ ଜାନୁୟାରୀ ୧ ତାରିଖରେ ଯୋଗ୍ୟ ବ୍ୟକ୍ତି ଯେଭଳି ପଦୋନ୍ନତି ପାଇବେ, ତାହା ସୁନିଶ୍ଚିତ କରାଯିବା ଦରକାର। ଯଦି କୌଣସି ଯୋଗ୍ୟ ବ୍ୟକ୍ତିଙ୍କ ପଦୋନ୍ନତି ନେଇ ବିଳମ୍ବ ଘଟେ, ତାହା ହେଲେ ସେଥିଲାଗି ଦାୟିତ୍ୱରେ ଥିବା ମୁଖ୍ୟମାନେ ଦାୟୀ ରହିବେ। ସ୍ୱଚ୍ଛ ପ୍ରଶାସନ ସକାଶେ ମୁଖ୍ୟମନ୍ତ୍ରୀଙ୍କ ଏଭଳି ନିର୍ଦ୍ଦେଶ ନିଶ୍ଚିତ ଭାବେ ପଦୋନ୍ନତି ଅପେକ୍ଷାରେ ଥିବା ଅଧିକାରୀ ଓ କର୍ମଚାରୀଙ୍କୁ ଉତ୍ସାହିତ କରିବ।

ପ୍ରତ୍ୟେକ କ୍ୟାଲେଣ୍ଡର ବର୍ଷରେ ଚାକିରିରେ ପଦୋନ୍ନତି ମାନଦଣ୍ଡ, ଶୂନ୍ୟ ପଡ଼ିଥିବା ପଦବୀ ଆଦି ତାଲିକା ବିଷୟରେ ସବୁକିଛି ସରକାରୀ ନିୟମରେ ଉଲ୍ଲେଖ କରାଯାଇଥାଏ। ଜାନୁୟାରୀରେ ଡିପିସି ବସି ଯୋଗ୍ୟ ଅଧିକାରୀ ବା କର୍ମଚାରୀଙ୍କୁ ପଦୋନ୍ନତି ଦିଆଯିବାର ବ୍ୟବସ୍ଥା ରହିଛି। ଏ ସଂକ୍ରାନ୍ତରେ ସରକାରୀ ଭାବେ ସବୁ ବିଭାଗକୁ ସ୍ପଷ୍ଟ ନିର୍ଦ୍ଦେଶ ଥିଲେ ମଧ୍ୟ ତାହା ଠିକ୍ ଭାବେ ଅନୁପାଳନ କରାଯାଉ ନ ଥିଲା। ଅଧିକାଂଶ ସମୟରେ ଅଭିଯୋଗ ହୋଇଥାଏ ଯେ ବରିଷ୍ଠତା ଅନୁଯାୟୀ ପ୍ରସ୍ତୁତ କ୍ରମିକ ତାଲିକା ବା ଗ୍ରେଡେଶନ ଲିଷ୍ଟ କିମ୍ବା ଖାଲି ପଡ଼ିଥିବା ପଦବୀ ସଂଖ୍ୟା ଉପଲବ୍ଧ ହେଉ ନ ଥିବାରୁ ଡିପିସି ବସିବାରେ ବିଳମ୍ବ ଘଟିଥାଏ। ଏହା ମଧ୍ୟ ଦେଖାଯାଏ ଯେ, କେତେକ କର୍ମଚାରୀ ଆଇନର ଆଶ୍ରୟ ନେଉଥିବାରୁ ଏହି ପ୍ରକ୍ରିୟା ବିଳମ୍ବିତ ହୋଇଥାଏ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ଘରୋଇ ଓ କର୍ପୋରେଟ ସଂସ୍ଥାରେ କର୍ମଚାରୀଙ୍କ ଦକ୍ଷତାକୁ ଗୁରୁତ୍ୱ ଦିଆଯାଇ ଯେଭଳି ପଦୋନ୍ନତି ଓ ସ୍ୱତନ୍ତ୍ର ସୁବିଧା ଦିଆଯାଇଥାଏ, ତାହା ସରକାରୀ କାର୍ଯ୍ୟାଳୟରେ ଲାଗୁ କରାଗଲେ କେବଳ ବରିଷ୍ଠତା ନୁହେଁ, କାର୍ଯ୍ୟଦକ୍ଷତା ଆଧାରରେ ପ୍ରାର୍ଥୀଙ୍କୁ ବଛାଯାଇପାରନ୍ତା।

ଦେଖିବାକୁ ଗଲେ ସରକାରଙ୍କ ଯୋଜନା ଓ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବାରେ ସର୍ବଭାରତୀୟ ଅଧିକାରୀଙ୍କଠାରୁ ମଧ୍ୟମ ଓ ତଳ ସ୍ତରରେ ଥିବା କର୍ମଚାରୀ ଅଧିକ ଦାୟିତ୍ୱ ନେଇଥାଆନ୍ତି। ସେମାନଙ୍କ ଦ୍ୱାରା ଫାଇଲ ଚାଷ ପରେ ବଡ଼ବଡ଼ିଆଙ୍କ ପାଖକୁ ଦସ୍ତଖତ ହେବା ପାଇଁ ପହଞ୍ଚିଥାଏ। କିନ୍ତୁ ସରକାରୀ ସୁବିଧାକୁ ଆଇଏଏସ୍ ଓ ଆଇପିଏସ୍ ଅଧିକାରୀମାନେ ପ୍ରଥମେ ହାତେଇ ନେଇଥାଆନ୍ତି। ଏହି ଅଧିକାରୀମାନଙ୍କ ପଦୋନ୍ନତି ନେଇ ସାଧାରଣତଃ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇ ନ ଥାଏ। କେବଳ ପ୍ରଶାସନର ସର୍ବୋଚ୍ଚ ପଦବୀରେ କିଏ ଅବସ୍ଥାପିତ ହେବେ ତାହା ଉପରେ ଲକ୍ଷ୍ୟ ରହିଥାଏ। ଅନ୍ୟପକ୍ଷରେ ଜିଲାଠାରୁ ସଚିବାଳୟ ପର୍ଯ୍ୟନ୍ତ କିଛି ନିଷ୍ଠାବାନ୍ କର୍ମଚାରୀ ସରକାରୀ ଆଦବକାଇଦା ଜାଣି ନ ପାରି ଅବସରଯାଏ ନିଯୁକ୍ତି ପାଇଥିବା ପଦବୀରେ ରହିଯାଇଥାଆନ୍ତି। ଏଭଳି କର୍ମଚାରୀଙ୍କ ଉପରେ କେତେବେଳେ ଯଦି କେଉଁ ବଡ଼ବଡ଼ିଆଙ୍କ ଶୁଭଦୃଷ୍ଟି ଟିକେ ପଡ଼େ ଚାକିରିର ଶେଷ ଆଡ଼କୁ ପଦୋନ୍ନତି ମିଳେ, ଯାହା ଅବସର ପରେ କେବଳ ପେନ୍‌ସନ ପରିମାଣ ବୃଦ୍ଧିରେ ସହାୟକ ହୋଇଥାଏ। ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ନିୟମ ସମସ୍ତଙ୍କ ପାଇଁ ସମାନ ହେବା ଦରକାର। ତେବେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କିଭଳି କାର୍ଯ୍ୟକାରୀ ହେଉଛି ଓ କେଉଁମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ, ତାହା ଆଗାମୀ ଦିନରେ ଜଣାପଡ଼ିପାରେ।

## ୨୫ ବର୍ଷ ତଳର ଧରିତ୍ରୀ

୨୫ ଡିସେମ୍ବର ୧୯୯୪

- ୪ ଜଣ ବିମାନ ଦସ୍ୟୁ ବିମାନବନ୍ଦର କର୍ମଚାରୀଙ୍କ ଛଦ୍ମବେଶରେ ଯାଇ ୨୮୭ ଜଣ ଯାତ୍ରୀଙ୍କୁ ନେଇ ଆଲଜିଅର୍ସରୁ ପ୍ୟାରିସ ଅଭିମୁଖେ ଯାଉଥିବା ଏକ ବିମାନକୁ ଅପହରଣ କରି ନେଇଛନ୍ତି।
- କେନ୍ଦ୍ର ମାନବସମ୍ବଳ ମନ୍ତ୍ରୀ ଅର୍ଜ୍ଜୁନ ସିଂ ଆଜି ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | C | 2 | | B | 0 | | | 4 | | 3 | | | | |
| | 0 | | C | 3 | 4 | B | | | 5 | A | | | | |
| | D | | | | | | | 2 | | B | | | A | 7 |
| | | 8 | | | 6 | | | | 4 | | | | C | |
| | | B | 1 | | | 8 | E | | | | 9 | 0 | | |
| 0 | | C | 9 | | B | | | D | | 4 | | | | A |
| 8 | | | | | 3 | | | | | | 7 | | 1 | |
| | E | | 0 | | | | 1 | 6 | | | | | 5 | 3 |
| | | 9 | | 7 | | | | | | | E | | | 8 |
| | | 6 | | 1 | | A | 3 | 9 | | C | | B | E | |
| | | | D | | 7 | | A | E | 6 | | | | 3 | |
| 3 | | | 4 | | | | | | | 2 | | | | 1 |
| | 2 | | | | | | 7 | | | 5 | C | | | |
| D | 6 | | | 5 | | | | | | | | | | 9 |
| | 1 | 7 | | | | C | | 5 | 3 | | D | | 0 | E |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | 5 | B | 4 | 6 | 1 | C | 3 | E | 8 | 0 | 7 | 2 | D | A |
| D | A | 0 | 9 | 2 | E | 8 | 6 | 7 | 3 | 1 | 5 | 4 | B | C |
| 8 | 7 | 1 | 3 | A | B | 0 | 2 | 4 | D | 6 | C | 9 | 5 | E |
| 2 | 3 | C | 5 | 7 | D | 9 | B | 1 | 4 | E | A | 6 | 0 | 8 |
| 6 | 4 | E | C | 0 | 8 | 5 | D | A | B | 2 | 9 | 1 | 7 | 3 |
| A | 2 | 6 | 0 | B | 9 | 4 | 5 | 8 | E | D | 3 | C | 1 | 7 |
| 0 | 9 | D | A | 4 | 3 | 6 | 1 | C | 7 | 5 | 2 | 8 | E | B |
| C | B | 7 | D | 8 | 6 | E | 0 | 3 | 9 | A | 1 | 5 | 2 | 4 |
| 4 | 1 | 5 | 2 | E | 7 | B | A | 9 | C | 8 | 6 | D | 3 | 0 |
| 3 | E | 8 | 1 | C | 5 | 2 | 7 | D | 0 | B | 4 | A | 6 | 9 |
| E | 8 | 2 | 6 | 5 | 4 | D | 9 | B | A | 7 | 0 | 3 | C | 1 |
| 7 | 6 | 3 | B | 1 | 0 | A | C | 5 | 2 | 9 | 8 | E | 4 | D |
| B | D | 4 | 7 | 9 | C | 1 | 8 | 2 | 6 | 3 | E | 0 | A | 5 |
| 1 | C | A | 8 | 3 | 2 | 7 | E | 0 | 5 | 4 | D | B | 9 | 6 |
| 5 | 0 | 9 | E | D | A | 3 | 4 | 6 | 1 | C | B | 7 | 8 | 2 |

ଗତକାଲିର ଉତ୍ତର



ଭାଲଚନ୍ଦ୍ର ଷଡ଼ଙ୍ଗୀ

# ନାଗରିକତ୍ୱ ଆଇନର ବିପଦ

ନାଗରିକତ୍ୱ ଆଇନରେ ସଂଶୋଧନକୁ ନେଇ ଅଭୂତପୂର୍ବ ପ୍ରତିକ୍ରିୟା ଦେଖାଯାଇଛି। ଦେଶର ବିଭିନ୍ନ ରାଜ୍ୟରେ ହୋଇଥିବା ପ୍ରତିବାଦରେ ଏଯାଏ ୨୫ ଜଣ ପୋଲିସ ଗୁଳିରେ ପ୍ରାଣ ହରାଇଥିବା ବେଳେ ଅନେକ ସ୍ଥାନରେ କର୍ଫ୍ୟୁ ଜାରି ହେବା ସହ ସେନା ବି ମୁତୟନ କରିବାକୁ, ଏପରି କି ମୋବାଇଲ ଓ ଇଣ୍ଟରନେଟ୍ ସେବା ବନ୍ଦ କରିବାକୁ ପଡ଼ିଛି। ବିରୋଧୀ ଦଳଠାରୁ ଆରମ୍ଭ କରି ଦେଶର ସଂଖ୍ୟାଲଘୁ ସମ୍ପ୍ରଦାୟ ତଥା ସମଗ୍ର ଉତ୍ତରପୂର୍ବର ସାଧାରଣ ଜନତା ଏହା ବିରୋଧରେ ରାସ୍ତାକୁ ଓହ୍ଲାଇଛନ୍ତି। ୧୯୭୪ ପରେ ପ୍ରଥମ ଥର ପାଇଁ ଦେଶର ପ୍ରାୟ ଅନେକ ବିଶ୍ୱବିଦ୍ୟାଳୟ, ଆଇଆଇଟି ଓ ଅନ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ଛାତ୍ରୀଛାତ୍ର, ଏପରି କି ଅନେକ ବୈଜ୍ଞାନିକ, ଶିକ୍ଷାବିତ୍ ଓ ସାହିତ୍ୟିକ ଖୋଲାଖୋଲି ଭାବେ ପ୍ରତିବାଦ କରିବା ଦେଖାଯାଇଛି।

ନାଗରିକତା ଆଇନରେ ପଡ଼ୋଶୀ ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନରେ ଧାର୍ମିକ ପ୍ରତାଡ଼ନାର ଶିକାର ହେଉଥିବା ସଂଖ୍ୟାଲଘୁ ହିନ୍ଦୁ, ଶିଖ୍, ପାର୍ସୀ, ବୌଦ୍ଧ, ଜୈନ ଓ ଖ୍ରୀଷ୍ଟିଆନ୍ ଧର୍ମର ଲୋକମାନଙ୍କୁ ଭାରତର ନାଗରିକତା ଦେବା କଥା କୁହାଯାଇଛି। କିନ୍ତୁ ଏଥିରେ ମୁସଲମାନ ସମ୍ପ୍ରଦାୟ ଏବଂ ଶ୍ରୀଲଙ୍କା, ମ୍ୟାନମାର୍, ଭୁଟାନ୍ କିମ୍ବା ଚାଇନା ପରି ଅନ୍ୟ ପଡ଼ୋଶୀ ଦେଶକୁ ଜାଣିଶୁଣି ଛାଡ଼ି ଦିଆଯାଇଛି। ତେବେ ଆମ ଦେଶରେ ସଂଖ୍ୟାଲଘୁଙ୍କ ଉପରେ ଗୋସୁରକ୍ଷା, ଲଭ୍‌ଜିହାଦ୍ ଆଦି ନାଁରେ କ୍ରମାଗତ ଆକ୍ରମଣ ଏବଂ ଭିଡ଼ହିଂସାକୁ ପ୍ରୋତ୍ସାହିତ କରୁଥିବା ଲୋକେ ବିଦେଶର ସଂଖ୍ୟାଲଘୁଙ୍କ ପାଇଁ ଚିନ୍ତା କରିବା ନିଶ୍ଚିତ ଭାବେ ଖୁସିର କଥା।

ନାଗରିକତ୍ୱ ଆଇନରେ ସଂଶୋଧନଟି କୌଣସି ଐତିହାସିକ ଭିତ୍ତି କିମ୍ବା ସେସବୁ ଦେଶରେ ଧାର୍ମିକ ପ୍ରତାଡ଼ନାର ସାମ୍ପ୍ରତିକ ସ୍ଥିତି ଉପରେ ଆଦୌ ଆଧାରିତ ନୁହେଁ। ଭାଜପା ସରକାର ନିଜର ସାମ୍ପ୍ରଦାୟିକ ବିଚାର ଅନୁରୂପ ଅନ୍ୟ ପଡ଼ୋଶୀ ଦେଶ ବଦଳରେ କେବଳ ତିନୋଟି ମୁସଲମାନ ବହୁଳ ଦେଶକୁ ବାଛିବା ପଛରେ ମୁସଲମାନମାନେ କେବେ ପ୍ରତାଡ଼ନାର ଶିକାର ହୁଅନ୍ତି ନାହିଁ ବରଂ ସେମାନେ ହିଁ ପ୍ରତାଡ଼କ ଏଭଳି ଏକ ଧାରଣା ସୃଷ୍ଟି କରିବା ପାଇଁ ଚାହିଁଛନ୍ତି। ଅନ୍ୟପଟେ ସଂଖ୍ୟାଲଘୁଙ୍କ ଉପରେ ସଂଖ୍ୟାଗରିଷ୍ଠ ଧର୍ମର ମୌଳବାଦୀ ଶକ୍ତିଙ୍କ ଦ୍ୱାରା ପ୍ରତାଡ଼ନା କୌଣସି ନିର୍ଦ୍ଦିଷ୍ଟ ଧର୍ମ ବା ଦେଶରେ ସୀମିତ ନୁହେଁ। ପାକିସ୍ତାନରେ ବି କେବଳ ହିନ୍ଦୁ ବା ଶିଖ୍ ନୁହନ୍ତି, ଖୋଦ ଇସଲାମ ଧର୍ମାବଲମ୍ବୀ କୁହାଯାଉଥିବା ସିଆ, ଅହମଦିଆ ପରି ସଂଖ୍ୟାଲଘୁମାନେ ମଧ୍ୟ ପ୍ରତାଡ଼ନାର ଶିକାର ହେଉଛନ୍ତି। ଶ୍ରୀଲଙ୍କାରେ ଧାର୍ମିକ ପ୍ରତାଡ଼ନାର ଶିକାର ହୋଇ ଲକ୍ଷାଧିକ ତାମିଲ ହିନ୍ଦୁ ଶରଣାର୍ଥୀ ଭାବେ ଦଶନ୍ଧି ଦଶନ୍ଧି ଧରି ଭାରତରେ ରହିଥିବା ବେଳେ ମ୍ୟାନମାର୍‌ରେ ସଂଖ୍ୟାଲଘୁ ରୋହିଙ୍ଗ୍ୟା ମୁସଲମାନ ଅଭୂତପୂର୍ବ ଧାର୍ମିକ ପ୍ରତାଡ଼ନା ଓ ହିଂସାର ଶିକାର ହୋଇଛନ୍ତି। କିନ୍ତୁ ଆଶ୍ଚର୍ଯ୍ୟର କଥା, ମୋଦି ସରକାରଙ୍କୁ ଉପରୋକ୍ତ ସଂଖ୍ୟାଲଘୁମାନଙ୍କ ଦୁର୍ଦ୍ଦଶା ତିଳେମାତ୍ର ବିଚଳିତ କରୁନାହିଁ।

ସଂଶୋଧିତ ନାଗରିକତ୍ୱ ଆଇନକୁ ଜାତିଧର୍ମ ନିର୍ବିଶେଷରେ ସମଗ୍ର ଉତ୍ତରପୂର୍ବର ଜନତା ଜୋରଦାର ବିରୋଧ କରିଛନ୍ତି। ଏହା ଜରିଆରେ ଭାଜପା ସରକାର ସେସବୁ ରାଜ୍ୟରେ ଥିବା ହିନ୍ଦୁ ଅନୁପ୍ରବେଶକାରୀଙ୍କୁ ନାଗରିକତା ଦେଇ ସେଠାକାର ସ୍ଥାୟୀ ବାସିନ୍ଦା କରିବାକୁ ଷଡ଼ଯନ୍ତ୍ର କରୁଛି ବୋଲି ସେମାନେ ଭାବୁଛନ୍ତି। ସେମାନଙ୍କ ଧାରଣାଟି ଏକଦମ୍ ସ୍ୱାଭାବିକ ମନେହୁଏ। କାରଣ ଅତୀତରେ ବାଂଲାଦେଶରୁ ଉତ୍ତରପୂର୍ବକୁ ଲକ୍ଷ ଲକ୍ଷ ସଂଖ୍ୟାରେ ଉଭୟ ହିନ୍ଦୁ ଓ ମୁସଲମାନ ଅନୁପ୍ରବେଶକାରୀ ଆସି ସେଠାକାର ଜନସଂଖ୍ୟାର ସନ୍ତୁଳନକୁ ଏକଦମ୍ ବିଗାଡ଼ି ଦେବା ଫଳରେ ସ୍ଥାନୀୟ ମୂଳ ବାସିନ୍ଦା ଏବେ ସଂଖ୍ୟାଲଘୁରେ ପରିଣତ ହୋଇଛନ୍ତି। ଏହି କାରଣରୁ ହିଁ ଧର୍ମ ନିର୍ବିଶେଷରେ ସବୁ ଅନୁପ୍ରବେଶକାରୀଙ୍କୁ ହଟାଇବା ଦାବିରେ ଅତୀତରେ ସେଠାରେ ଅନେକ ଆନ୍ଦୋଳନ ହୋଇଛି। ଐତିହାସିକ ଆସାମ ଚୁକ୍ତି ଅନୁଯାୟୀ ସରକାର ଆସାମରେ ଜାତୀୟ ନାଗରିକ ପଞ୍ଜିକା ବା ଏନ୍‌ଆର୍‌ସି ଲାଗୁ କରିବାକୁ ବାଧ୍ୟ ହୋଇଛନ୍ତି। କିନ୍ତୁ ନିଜ ଭୋଟବ୍ୟାଙ୍କର ସ୍ୱାର୍ଥରେ ଭାଜପା ସରକାର ଏନ୍‌ଆର୍‌ସିରୁ ବାଦ ପଡ଼ି ଯାଇଥିବା ୧୯.୬ ଲକ୍ଷ ଲୋକଙ୍କ ମଧ୍ୟରୁ କେବଳ ମୁସଲମାନଙ୍କୁ ଛାଡ଼ି ବଳକା ୧୪ ଲକ୍ଷ ହିନ୍ଦୁ ଅନୁପ୍ରବେଶକାରୀଙ୍କୁ ନାଗରିକତା ଦେଇ ସେଠାକାର ସ୍ଥାୟୀ ବାସିନ୍ଦା କରିବାକୁ ନାଗରିକତ୍ୱ ଆଇନରେ ସଂଶୋଧନ ଆଣିଛନ୍ତି।

ସରକାର ଉତ୍ତରପୂର୍ବର ଲୋକଙ୍କୁ ସନ୍ତୁଷ୍ଟ କରିବାକୁ ସେଠାକାର କିଛି ଅଞ୍ଚଳରେ ନାଗରିକତ୍ୱ ଆଇନ ଲାଗୁ ନ କରିବାକୁ ଘୋଷଣା କରିଛନ୍ତି। ଯେହେତୁ ଆଇନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମୁସଲିମ୍ ଲୋକଙ୍କୁ ନାଗରିକତାରୁ ବଞ୍ଚିତ କରିବା ଏବଂ ଦେଶର ମୁଖ୍ୟ ଭୂଖଣ୍ଡରେ ହିନ୍ଦୁ-ମୁସଲମାନ ଧ୍ରୁବୀକରଣ ସୃଷ୍ଟି କରିବା, ତେଣୁ ସରକାର ତାତ୍କାଳିକ ଭାବେ ସେଠାକାର ଲୋକଙ୍କ ଅସନ୍ତୋଷକୁ ପ୍ରଶମିତ କରିବା ଲକ୍ଷ୍ୟରେ ଏହାର କାର୍ଯ୍ୟ ପରିସୀମାରୁ ଉତ୍ତରପୂର୍ବର କିଛି ଅଞ୍ଚଳକୁ ଏକ କୌଶଳ ଭାବେ ବାଦ୍ ଦେଇଛନ୍ତି। ସମ୍ବିଧାନର ଧାରା ୩୭୧ ଏବଂ ଷଷ୍ଠ ଅନୁଚ୍ଛେଦ ଅଧୀନରେ ଆସୁଥିବା କିଛି ଅଞ୍ଚଳ ଏବଂ ଇନର ଲାଇନ୍ ପରମିଟ୍‌ର ଅଧିକାର ପାଇଥିବା କିଛି ଅଞ୍ଚଳରେ ଏହି ସଂଶୋଧିତ ଆଇନ ଲାଗୁ ହେବନାହିଁ। ଅତୀତରେ 'ଗୋଟିଏ ଦେଶ, ଗୋଟିଏ ଆଇନ'ର ସ୍ଲୋଗାନ ଦେଇ ଧାରା ୩୭୦ରେ କଶ୍ମୀରକୁ ଦିଆଯାଉଥିବା ସ୍ୱତନ୍ତ୍ର ସୁରକ୍ଷାକୁ ଉଚ୍ଛେଦ କରିଥିବା କେନ୍ଦ୍ର ସରକାର ଏବେ ଉତ୍ତରପୂର୍ବର କିଛି ଅଞ୍ଚଳରେ ଏହି ଆଇନ ଲାଗୁ ନ କରିବାକୁ ଘୋଷଣା କରି ନିଜର ଛଳନାତ୍ମକ ରାଜନୀତିକୁ ହିଁ ପ୍ରଦର୍ଶିତ କରିଛନ୍ତି।

ଅତୀତରେ ନାଗରିକତ୍ୱ ଆଇନରେ ଅନେକ ଥର ସଂଶୋଧନ କରାଯାଇଥିଲେ ମଧ୍ୟ ଧର୍ମ ଆଧାରରେ ନାଗରିକତା ପ୍ରଦାନ କରିବାକୁ ପ୍ରଥମ ଥର ପାଇଁ ଉଦ୍ୟମ କରାଯାଇଛି। 'ସବ୍‌କା ସାଥ୍, ସବ୍‌କା ବିକାଶ ଓ ସବ୍‌କା ବିଶ୍ୱାସ'ର କଥା କହି କ୍ଷମତାକୁ ଆସିଥିବା ମୋଦିଙ୍କ ନୂଆ ଭାରତରେ ଧର୍ମ ଆଧାରରେ କୌଣସି ବ୍ୟକ୍ତିକୁ ନାଗରିକତା ଦେବା ନିଶ୍ଚିତ ରୂପେ ଏକ ଭୟଙ୍କର ବିପଦର ସୂଚନା ଦେଉଛି। ଏହା କେବଳ ଦେଶର ଧର୍ମନିରପେକ୍ଷ ମୂଲ୍ୟବୋଧ କିମ୍ବା ମାନବିକତାର ପରିପନ୍ଥୀ ନୁହେଁ ବରଂ ସମ୍ବିଧାନର ମୁଖବନ୍ଧ ଏବଂ ଧାରା ୧୪, ଯାହାକି ଜାତି, ଧର୍ମ ଓ ଲିଙ୍ଗ ଆଧାରରେ ସମାନ ଆଇନ ପ୍ରଣୟନର କଥା କହୁଛି, ତା'ର ଖୋଲାଖୋଲି ଉଲ୍ଲଂଘନ। ଆଜି ଇସ୍ରାଏଲକୁ ଛାଡ଼ିଦେଲେ ଅନ୍ୟ କୌଣସି ଦେଶ ଧର୍ମ ଆଧାରରେ ନାଗରିକତା ଦେବା କଥା କହୁନାହାନ୍ତି। ଏପରି କି ଆମେରିକା, ଇଂଲଣ୍ଡ, କାନାଡ଼ା କିମ୍ବା ୟୁଏଇ ବା କୁଏତ୍ ପରି ବିଶ୍ୱର ଅନେକ ଖ୍ରୀଷ୍ଟିଆନ ଓ ମୁସଲମାନ ବହୁଳ ଦେଶରେ ବି ଲକ୍ଷ ଲକ୍ଷ ସଂଖ୍ୟାରେ ଭାରତୀୟ ହିନ୍ଦୁ, ଶିଖ୍ ନାଗରିକତା ହାସଲ କରି ଶାନ୍ତିରେ ବସବାସ କରୁଛନ୍ତି। କିନ୍ତୁ ପରିତାପର ବିଷୟ ହେଲା ଆମ ସରକାର ଗାନ୍ଧୀ, ସୁଭାଷ ବୋଷ ଏବଂ ଭଗତ୍ ସିଂଙ୍କ ବିବିଧତା ମଧ୍ୟରେ ଏକତାର ଧର୍ମନିରପେକ୍ଷ ଭାରତୀୟ ଧାରଣାକୁ ଛାଡ଼ି ଜିନ୍ନା ଏବଂ ସଭରକରଙ୍କ 'ଗୋଟିଏ ରାଷ୍ଟ୍ର, ଗୋଟିଏ ଧର୍ମ'ର ପଦାଙ୍କ ଅନୁସରଣ କରିବାକୁ ଯାଉଛନ୍ତି।

ମୋ-୯୪୩୭୧୬୬୩୯୧

# ବିରଳ ବଳୟ ସୂର୍ଯ୍ୟୋପରାଗ

ଡ. ଶୁଭେନ୍ଦୁ ପଟ୍ଟନାୟକ

ଡିସେମ୍ବର ୨୬ ତାରିଖ ପୂର୍ବାହ୍ଣରେ ସଂଘଟିତ ହେବ ଏକ ବଳୟ ସୂର୍ଯ୍ୟୋପରାଗ। ଏହି ମହାଜାଗତିକ ଘଟଣା ଦକ୍ଷିଣ ଭାରତର ଅଳ୍ପ କେତେକ ଅଞ୍ଚଳରେ ପୂର୍ଣ୍ଣ ଭାବରେ ଦେଖାଯିବ। ସମଗ୍ର ଓଡିଶାରେ ସେହି ସମୟରେ ଆଂଶିକ ସୂର୍ଯ୍ୟୋପରାଗ ଦେଖାଯିବ। ସୂର୍ଯ୍ୟୋପରାଗ ଓ ଚନ୍ଦ୍ରଗ୍ରହଣ ଗୋଟିଏ ଗୋଟିଏ ବିରଳ ମହାଜାଗତିକ ଘଟଣା। ଆମ ସମାଜରେ ଆବହମାନ କାଳରୁ ଗ୍ରହଣ ଓ ଉପରାଗକୁ ନେଇ ଅନେକ ବିଶ୍ୱାସ ଓ ଅନ୍ଧବିଶ୍ୱାସ ରହିଛି। ଚନ୍ଦ୍ରଗ୍ରହଣ ସମୟରେ ଚନ୍ଦ୍ରକୁ ରାହୁ ବା କେତୁ ନାମକ ରାକ୍ଷସ ଗିଳି ଦେଉଥିବା ପରି ଅନେକ ଲୋକକଥା ପ୍ରଚଳିତ ଅଛି। ଗ୍ରହଣ ସମୟରେ ଦେବନୀତିରେ ପରିବର୍ତ୍ତନ, ପାକ ନିଷେଧ, ଗର୍ଭବତୀ ମହିଳାଙ୍କ ଉପରେ କଟକଣା ଆଦି। ଏବେ କିନ୍ତୁ ଆମେ ଉପରାଗ କାହିଁକି ଏବଂ କିପରି ଘଟେ ତାହା ଜାଣିସାରିଲେଣି। ଗ୍ରହଣ ଓ ଉପରାଗ ଏକ ଛାଇଆଲୁଅର ଖେଳ ଯାହା, ସୂର୍ଯ୍ୟ, ଚନ୍ଦ୍ର ଓ ପୃଥିବୀର ଏକ ବିଶେଷ ଅବସ୍ଥିତିରେ ଘଟିଥାଏ। ଏବେ ସେଗୁଡିକୁ ସମ୍ପୂର୍ଣ୍ଣ ଠିକ୍ ଭାବରେ ପୂର୍ବାନୁମାନ ମଧ୍ୟ କରାଗଲାଣି ଯାହା ପୂର୍ବକାଳରେ ସମ୍ଭବ ନ ଥିଲା। ଏବେ ଆମେ ଜାଣିଛୁ ଯେ ସୂର୍ଯ୍ୟ ଚାରିପଟେ ପୃଥିବୀ ଓ ପୃଥିବୀ ଚାରିପଟେ ଚନ୍ଦ୍ର ଏକ ନିର୍ଦ୍ଦିଷ୍ଟ କକ୍ଷ ପଥରେ ଘୁରି ବୁଲୁଛନ୍ତି। ମହାକାଶରେ ବୁଲୁଥିବା ଏହି ପିଣ୍ଡ ଦୁଇଟି ବେଳେବେଳେ ସୂର୍ଯ୍ୟ ସହ ଏକ ସରଳରେଖାରେ ରହିଥାନ୍ତି ଓ ସେ ସମୟରେ ସୂର୍ଯ୍ୟୋପରାଗ ଓ ଚନ୍ଦ୍ରଗ୍ରହଣ ଘଟିଥାଏ। ସୂର୍ଯ୍ୟୋପରାଗ ସମୟରେ 'ପୃଥିବୀ ଓ ସୂର୍ଯ୍ୟ' ମଝିରେ ଚନ୍ଦ୍ର ଏକ ସରଳରେଖାରେ ରହିଥାଏ ଓ ଚନ୍ଦ୍ରର ଛାଇ ପୃଥିବୀ ଉପରେ ପଡିଥାଏ ଏବଂ ସେହି ଅଞ୍ଚଳର ଲୋକମାନେ କିଛି ସମୟ ପାଇଁ ଦିନବେଳେ ସୂର୍ଯ୍ୟକୁ ଦେଖିପାରନ୍ତି ନାହିଁ। ସୂର୍ଯ୍ୟୋପରାଗ କେବଳ ଅମାବାସ୍ୟା ଦିନ ହିଁ ଘଟିବା ସମ୍ଭବ।

ଏଠି ସୂଚାଇ ଦିଆଯାଇପାରେ ଯେ ଚନ୍ଦ୍ରର କକ୍ଷପଥ ଓ ପୃଥିବୀର କକ୍ଷ ଗୋଟିଏ ସମତଳରେ ନ ରହି ୫ ଡିଗ୍ରୀ ଢଳି ରହିଛି। ଯଦି କକ୍ଷପଥ ଦୁଇଟି ଗୋଟିଏ ସମତଳରେ ଥାଆନ୍ତା ତା'ହେଲେ ପ୍ରତି ଅମାବାସ୍ୟାରେ ସୂର୍ଯ୍ୟୋପରାଗ ଓ ସବୁ ପୂର୍ଣ୍ଣିମାରେ ଚନ୍ଦ୍ରଗ୍ରହଣ ହେଉଥାଆନ୍ତା, କିନ୍ତୁ କକ୍ଷପଥ ଦୁଇଟି ସାମାନ୍ୟ ଢଳି ରହିଥିବାରୁ ଏପରି ଘଟୁ ନାହିଁ। ଗ୍ରହଣ ଓ ଉପରାଗ ମିଶି ବର୍ଷକୁ ଅତି ବେଶିରେ ୭ଟି ଓ ଅତି କମ୍‌ରେ ୨ଟି ଘଟିଥାଏ।

ଡିସେମ୍ବର୨୬ ତାରିଖ ପୂର୍ବାହ୍ଣରେ ସଂଘଟିତ ହେବ ଏକ ବଳୟ ସୂର୍ଯ୍ୟୋପରାଗ। ଏହି ବିରଳ ମହାଜାଗତିକ ଘଟଣାଟି ସମଗ୍ର ଓଡିଶାକୁ ଆଂଶିକ ସୂର୍ଯ୍ୟୋପରାଗ ଭାବରେ ଦେଖାଯିବ। ଏହା ଭାରତର ଦକ୍ଷିଣରେ ଥିବା କେତେକ ରାଜ୍ୟକୁ ସଂପୂର୍ଣ୍ଣ ଦେଖାଯିବ। ଏହି ଉପରାଗ ଓଡିଶାବାସୀଙ୍କ ପାଇଁ ସକାଳ ୮ଟା ୨୦ ମିନିଟ୍‌ରେ ଆରମ୍ଭ ହୋଇ ଦିନ ୧୧ଟା ୨୮ ମିନିଟ୍‌ରେ ଶେଷ ହେବ। ଓଡିଶାରେ ସର୍ବାଧିକ ଉପରାଗ ଦେଖାଯିବ ସକାଳ ୯ଟା ୪୬ ମିନିଟ ସମୟରେ। ସେତେବେଳେ ଚନ୍ଦ୍ର ସୂର୍ଯ୍ୟକୁ ପ୍ରାୟ ୫୫ରୁ ୬୫% ଘୋଡାଇଦେବ ଓ ସୂର୍ଯ୍ୟର ଆଲୋକ ମଳିନ ପଡିବା ସହ ଏହା ଅଧାଖଣ୍ଡିଆ ଦେଖାଯିବ। ଏହା ଏକ ବିରଳ ଦୃଶ୍ୟ।

ସୂର୍ଯ୍ୟକୁ ବା ସୂର୍ଯ୍ୟୋପରାଗକୁ ଖାଲିଆଖିରେ କେବେ ବି ଦେଖନ୍ତୁ ନାହିଁ। ଏହାକୁ ଦେଖିବା ପାଇଁ ଅନେକ ନିରାପଦ ଉପାୟ ରହିଛି। ସେଗୁଡିକ ବ୍ୟବହାର କରି ନିରାପଦ ଭାବରେ ସୂର୍ଯ୍ୟୋପରାଗ ଦେଖି ହେବ। ନିରାପଦ ଓ ସହଜ ଉପାୟଗୁଡିକ ମଧ୍ୟରେ ରହିଛି ସୌର ଚଷମା, ୧୪ ନମ୍ବର ୱେଲ୍ଡିଂ କାଚ, ପିନ୍‌ହୋଲ ପ୍ରକ୍ଷେପଣ ଓ ଦର୍ପଣ ମାଧ୍ୟମରେ ପ୍ରତିଫଳନ କରି। ଏହି ଉପାୟଗୁଡିକ ବିଷୟରେ ସବିଶେଷ ତଥ୍ୟ ଇଣ୍ଟର୍‌ନେଟକୁ ତଥା ପଠାଣି ସାମନ୍ତ ପ୍ଲାନେଟାରିୟମ୍‌ରୁ ମିଳିପାରିବ। ଓଡିଶାର ସବୁ ଅଞ୍ଚଳରୁ ଏହା ଦେଖି ହେବ। ପଠାଣି ସାମନ୍ତ ପ୍ଲାନେଟାରିୟମ୍, ତଥା ଅନେକ ଅନୁଷ୍ଠାନ ତରଫରୁ ଲୋକମାନଙ୍କୁ ସଚେତନ କରାଇବା ସହ ଏହି ଦୃଶ୍ୟକୁ ନିରାପଦରେ ଦେଖିବା ପାଇଁ ସୁବ୍ୟବସ୍ଥା କରାଯାଉଛି। ତେଣୁ ଏହି ସୁଯୋଗକୁ ହାତଛଡା ନ କରିବା ପାଇଁ ଅନୁରୋଧ କରାଯାଉଛି। ଆସନ୍ତୁ ସମସ୍ତେ ଏହି ବିରଳ ଦୃଶ୍ୟକୁ ଉପଭୋଗ କରିବା, ଏହା ପଛରେ ଥିବା ବୈଜ୍ଞାନିକ କାରଣଗୁଡିକ ଜାଣିବା ଏବଂ ସମାଜରେ ଭରି ରହିଥିବା ଅନ୍ଧବିଶ୍ୱାସଗୁଡିକୁ ଦୂରକରିବାରେ ସହାୟକ ହେବା।

ପଠାଣି ସାମନ୍ତ ପ୍ଲାନେଟାରିୟମ୍, ଭୁବନେଶ୍ୱର, ମୋ- ୯୪୩୭୦୦୩୨୮୧

## ଏଇ ଭାରତରେ

ଯେକୌଣସି ବୃତ୍ତିରୁ ଜଣେ କର୍ମଚାରୀ ଅବସର ନେଲେ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହେବା ପରମ୍ପରା ରହିଛି। ଏହା ଲାଗି କେତେ କ'ଣ ଆୟୋଜନ ହେଉଛି। ଉପହାରଠାରୁ ଆରମ୍ଭ କରି ଭୋଜିର ଆସର ଜମୁଛି। ହେଲେ ଶୁଣିଛନ୍ତି କି କୃଷକଙ୍କ ଅବସର କଥା ? ଏମିତି ଏକ ଘଟଣା ସାମ୍ନାକୁ ଆସିଛି ମହାରାଷ୍ଟ୍ରରେ। ମହାରାଷ୍ଟ୍ରର ଭଣ୍ଡରା ଜିଲା ମୋହଗାଁଓର ଜଣେ କୃଷକ ଅବସର ଘୋଷଣା କରିଛନ୍ତି। ତାଙ୍କ ଲାଗି ପାଳିତ ହୋଇଛି ସ୍ୱତନ୍ତ୍ର ଉତ୍ସବ। ମୋହଗାଁଓର କାଲେ ପରିବାରରେ ୬୦ ବର୍ଷ ଧରି ଚାଷ କରୁଥିବା ପରିବାରର ମୁଖିଆ ଗଜାନନ କାଲେ କୃଷିରୁ ତାଙ୍କ ଅବସର ଘୋଷଣା କରିଛନ୍ତି। ତାଙ୍କୁ ଏବେ ୮୦ ବର୍ଷ। ଅବସର ନେବା ପରେ ସେ ଆଉ ଚାଷ କରିବେ ନାହିଁ। ପରିବାର ପକ୍ଷରୁ ତାଙ୍କ ଲାଗି ବିଦାୟ ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ୧୦ ଜଣ କୃଷକଙ୍କୁ ବି ସମ୍ମାନିତ କରାଯାଇଛି। ପରେ ଏହି ଉତ୍ସବରେ ବଳଦଗାଡିରେ ଗଜାନନ ଓ ସମ୍ମାନିତ କୃଷକମାନେ ବସି ଏକ ଶୋଭାଯାତ୍ରାରେ ବାହାରିଥିଲେ। ଗଜାନନଙ୍କ ପରିବାରରେ ଛୋଟବଡ଼ ୧୯ ଜଣ ସଦସ୍ୟ ରହିଛନ୍ତି। ତାଙ୍କର ୨୫ ଏକର ଜମି ରହିଛି। ବୟସ ଅଧିକ ହେବାରୁ ଗଜାନନଙ୍କୁ ଚାଷକାମରୁ ମୁକ୍ତ କରାଯାଇଛି ବୋଲି କହିଛନ୍ତି ତାଙ୍କ ସାନଭାଇ ଯଶବନ୍ତ।

## ଚିରନ୍ତନୀ

ତୁମକୁ ଭୁଲେ ଯେବେ ଜୀବନ ସାଧନାରେ
ପରାଣ ଜଳଇ ଯେ ବିଷମ ବେଦନାରେ,
ସକଳ ହତଶିରୀ ମରମ ପୋଡେ ଚିରି
ଜୀବନ ସାଧନାରେ
ବିଷମ ବେଦନାରେ। (ଆଶ୍ୱାସନା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ମନୁଷ୍ୟ ଜାତି ପାଇଁ ଯିଶୁଙ୍କ ଜନ୍ମ

ହରିଶ୍ଚନ୍ଦ୍ର ଅରିଶଲ୍ୟ

ପ୍ରଭୁ ଯିଶୁ ଡିସେମ୍ବର ୨୫ରେ ଜନ୍ମଗ୍ରହଣ କରିଥିବା ପ୍ରମାଣ ବାଇବେଲରେ ନାହିଁ। ବାଇବେଲରେ ଉଲ୍ଲେଖ ଅଛି, ''ଆଦ୍ୟରେ ବାକ୍ୟ ଥିଲେ, ବାକ୍ୟ ଈଶ୍ୱରଙ୍କ ସହ ଥିଲେ ଏବଂ ସେହି ବାକ୍ୟ ଈଶ୍ୱର ଥିଲେ।'' ଯୋହନ:୧:୧। ବାଇବେଲ କୁହେ, ''ଈଶ୍ୱର ଜଗତକୁ ଏପରି ପ୍ରେମ କଲେ ଯେ, ସେ ତାହାଙ୍କ ଅଦ୍ୱିତୀୟ ପୁତ୍ରଙ୍କୁ ଦାନ କଲେ, ଯେ କେହି ତାଙ୍କଠାରେ ବିଶ୍ୱାସ କରିବ ସେ ବିନଷ୍ଟ ନ ହୋଇ ଅନନ୍ତ ଜୀବନ ପ୍ରାପ୍ତ ହେବ। ଯୋହନ ୩:୧୬। ପ୍ରଭୁ ଯିଶୁ ଈଶ୍ୱରଙ୍କ ଅନ୍ୟତମ ମନୁଷ୍ୟ ଅବତାର ଅଟନ୍ତି। ଯିଶୁଙ୍କ ଏହି ଅବତାର ଗ୍ରହଣ ଘଟଣାକୁ ମେରୀ କ୍ରିସ୍‌ମାସ ବା ବଡ଼ଦିନ ରୂପେ ବିଶ୍ୱବ୍ୟାପୀ ପାଳନ କରାଯାଏ।

କ୍ରିସ୍‌ମାସ ଉତ୍ସବ ପାଳନ ଅବସରରେ ପ୍ରଭୁ ଯିଶୁଙ୍କ ସମ୍ପର୍କିତ ଦୁଇଟି ଘଟଣା ଉଲ୍ଲେଖନୀୟ। ଯିଶୁ କୁଷ୍ଠରୋଗୀମାନଙ୍କୁ ସ୍ପର୍ଶ କରି ସମ୍ପୂର୍ଣ୍ଣ ସୁସ୍ଥ କରିଥିଲେ। ସାଧାରଣତଃ କୁଷ୍ଠରୋଗୀମାନଙ୍କୁ ସମାଜରେ ଘୃଣା କରାଯାଏ। କିନ୍ତୁ ପ୍ରଭୁ ଯିଶୁ ସେମାନଙ୍କୁ ଆପଣାର କରିଥିଲେ। ଅର୍ଥାତ୍ ସେ ସମଗ୍ର ମାନବ ଜାତି ନିମନ୍ତେ ଅବତାର ନେଇଥିଲେ। ଦ୍ୱିତୀୟ ଘଟଣା- କେତେକ ଆତ୍ମଗର୍ବୀ ଧାର୍ମିକ ଲୋକ ଜଣେ ମହିଳାଙ୍କୁ ଦେହ ବ୍ୟବସାୟରେ ଲିପ୍ତ ଥିବା ଦେଖି ତାଙ୍କୁ ଘେରି ଦଣ୍ଡ ଦେବା ପାଇଁ ଉଦ୍ୟମ କରୁଥିଲେ। ଏହି ସମୟରେ ପ୍ରଭୁ ଯିଶୁ ସେଠାରେ ପହଞ୍ଚିଲେ। ମହିଳା ଜଣକ ଯିଶୁଙ୍କ ପାଦତଳେ ପଡ଼ି ତାଙ୍କୁ ରକ୍ଷା କରିବା ପାଇଁ ନିବେଦନ କରିଥିଲେ। ପ୍ରଭୁ ଉତ୍ତ୍ୟକ୍ତ ଲୋକମାନଙ୍କୁ ପଚାରିଲେ- ଏପରି ପାପିନୀକୁ କିପରି ଦଣ୍ଡ ଦେବା ପାଇଁ ତୁମ ଧର୍ମଶାସ୍ତ୍ରରେ ଲେଖା ଅଛି? ସେମାନେ କହିଲେ- ଏପରି ପାପିନୀକୁ ପଥର ଫୋପାଡି ମୃତ୍ୟୁଦଣ୍ଡ ଦେବା ପାଇଁ ମୋସା କହିଛନ୍ତି। ଯିଶୁ କହିଲେ, ତା'ହେଲେ ଠିକ୍ ଅଛି- ତୁମମାନଙ୍କ ମଧ୍ୟରୁ ଯିଏ କେବେ ବି ଜୀବନରେ ପାପ କରିନାହିଁ, ସେ ପ୍ରଥମେ ପଥର ମାରୁ। ଏହା ଶୁଣିଲା ପରେ ସମସ୍ତେ ଜଣ ଜଣ କରି ତଳେ ପଥର ପକାଇ ସେହି ସ୍ଥାନ ଛାଡି ଚାଲିଗଲେ। କାରଣ କେହି ହେଲେ ସମ୍ପୂର୍ଣ୍ଣ ନିଷ୍ପାପ ନ ଥିଲେ। ତା'ପରେ ଯିଶୁ ସେହି ମହିଳାଙ୍କୁ କହିଲେ, ''ଯାଅ, ଆଜିଠାରୁ ପାପ କର ନାହିଁ।'' ସେହି ମହିଳା ଜଣକ ହେଉଛନ୍ତି ମେରୀ ମ୍ୟାଗ୍‌ଡାଲିନ, ଯେ କି ପରେ ପ୍ରଭୁ ଯିଶୁଙ୍କ ପରମ ଭକ୍ତ ପାଲଟିଯାଇଥିଲେ।

ଯିଶୁଙ୍କ ଜନ୍ମର ଏକମାତ୍ର ଲକ୍ଷ୍ୟ ଥିଲା, ପାପୀ ମଣିଷକୁ ଉଦ୍ଧାର କରିବା। ବାଇବେଲ କୁହେ, ''ମନୁଷ୍ୟପୁତ୍ର ପରିତ୍ରାଣ ଦାନ କରିବାକୁ ଏବଂ ସେବା କରିବାକୁ ଆସିଥିଲେ।'' ଯିଶୁ ହେଉଛନ୍ତି ଜୀବର ତ୍ରାଣକର୍ତ୍ତା। ଉଲ୍ଲେଖନୀୟ ଯେ, ପ୍ରଭୁ ଯିଶୁଙ୍କ ଜନ୍ମ କୌଣସି ଏକ ନିର୍ଦ୍ଦିଷ୍ଟ ଧର୍ମ, ସମାଜ, ଗୋଷ୍ଠୀ ପାଇଁ ହୋଇ ନ ଥିଲା, ସେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସଭିଙ୍କ ପାଇଁ ଜନ୍ମିଥିଲେ। ବାଇବେଲ କହେ, ''ଜଗତର ବିଚାର କରିବା ନିମନ୍ତେ ଈଶ୍ୱର ଆପଣା ପୁତ୍ରକୁ ପ୍ରେରଣ କରି ନ ଥିଲେ, ବରଂ ଜଗତ ଯେପରି ତାହାଙ୍କ ଦ୍ୱାରା ପରିତ୍ରାଣପ୍ରାପ୍ତ ହୁଏ, ଏଥିପାଇଁ ତାହାଙ୍କୁ ପ୍ରେରଣ କରିଥିଲେ। ଏହି ମେରୀ କ୍ରିସ୍‌ମାସରେ ପ୍ରଭୁ ସମସ୍ତଙ୍କୁ ଆଶୀର୍ବାଦ କରି ନୂତନବର୍ଷ ୨୦୨୦ରେ ଶାନ୍ତିମୟ ଜୀବନ ପ୍ରଦାନ କରନ୍ତୁ, ଏତିକି ପ୍ରାର୍ଥନା।

ଗୁଡ୍ ଶେଫାର୍ଡ ଚର୍ଚ୍ଚ ଅଫ୍ ଇଣ୍ଡିଆ,ସିକନ୍ଦରାବାଦ, ମୋ-୯୪୯୪୭୮୨୭୭୭

## ପାଠକ ଶ୍ରେଷ୍ଠ ବିଚାରକ

### ଶୈଶବର ଶିକ୍ଷା

ମହାଶୟ,

ଶିଶୁମାନେ ଜନ୍ମ ହେଲାବେଳେ ଦିବ୍ୟ ଶିଶୁ ଭାବେ ଜନ୍ମ ହୋଇଥାନ୍ତି। ୧ରୁ ୧୦ ବର୍ଷ ପର୍ଯ୍ୟନ୍ତ ସେମାନଙ୍କ ଦିବ୍ୟଗୁଣ ବିକଶିତ କରିବାର ପ୍ରକୃଷ୍ଟ ସମୟ। ଏହି ସମୟରେ ସେମାନଙ୍କ ମସ୍ତିଷ୍କର ଶକ୍ତି ପ୍ରଖର ଥାଏ। ଏହି ସମୟରେ ସେମାନଙ୍କୁ ଶୃଙ୍ଖଳା, ସଂଯମ, ସଂସ୍କାର ସମ୍ପର୍କରେ ଶିକ୍ଷା ଦେବା ଆବଶ୍ୟକ। ଭଲ କାମ କଲେ ପ୍ରଶଂସା କରିବା ସହିତ ଭୁଲ୍ କଲେ ଦଣ୍ଡିତ କରିବା ଆବଶ୍ୟକ। ଏହାଫଳରେ ସେମାନେ ଅବାଟରେ ନ ଯାଇ ଠିକ୍ ବାଟରେ ଯାଇପାରିବେ। ଶିଶୁମାନେ ଖୁବ୍ ଅନୁକରଣପ୍ରିୟ। ପିତା, ମାତା, ଗୁରୁଜନ ଓ ଆଚାର୍ଯ୍ୟମାନେ ଯାହା କରନ୍ତି, ଶିଶୁମାନେ ତାହା ହିଁ ଶିଖନ୍ତି। ଏଣୁ ପିତା, ମାତା, ଓ ଗୁରୁଜୀମାନେ ନିଜ ନିଜ ଉଚ୍ଚାରଣ ଓ ଆଚରଣରେ ରୋଲ ମଡେଲ ହେବା ଦରକାର। ତା'ହେଲେ ସେମାନେ ଭବିଷ୍ୟତରେ ମହାତ୍ମା ଗାନ୍ଧୀ, ସ୍ୱାମୀ ବିବେକାନନ୍ଦ, ନେତାଜୀ ସୁଭାଷ ବୋଷ ଓ ଗୋପବନ୍ଧୁଙ୍କ ପରି ମହାମାନବ ହୋଇପାରିବେ ଏବଂ ଆଜିକାଲି ଘଟୁଥିବା କୁକର୍ମର ଘଟଣା ଗଣମାଧ୍ୟମରେ ପ୍ରତିଦିନ ପ୍ରକାଶ ପାଇବ ନାହିଁ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

### ସବୁ ବଳାତ୍କାରୀଙ୍କୁ ଫାଶୀ ମିଳୁ

ସବୁ ବଳାତ୍କାରୀଙ୍କୁ ଫାଶୀ ଦିଆଯାଉ। ଅପରାଧୀମାନେ ମହିଳାଙ୍କୁ ଏକୁଟିଆ ଦେଖି ପାଶବିକ ନିର୍ଯାତନା ପରେ ହତ୍ୟା କରୁଛନ୍ତି। ଏମାନଙ୍କର ବିଚାର କରି ତତ୍କାଳ ଦଣ୍ଡ ଘୋଷଣା କରାଯାଉ। ବିଳମ୍ବ ନ୍ୟାୟ ନ୍ୟାୟ ନୁହେଁ।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ପୃଥିବୀର ଭିନ୍ନ ଭିନ୍ନ ସ୍ଥାନରେ ଲୋକେ ଈଶ୍ୱରଙ୍କୁ କେହି କୃଷ୍ଣ, କେହି ଖ୍ରୀଷ୍ଟ, କେହି ଆଲ୍ଲା ପ୍ରଭୃତି ନାମରେ ଡାକିଥାଆନ୍ତି କିନ୍ତୁ ଈଶ୍ୱର ଏକ।
- ରାମକୃଷ୍ଣ ପରମହଂସ

## ଗୋପାଳପୁର ବେଳାଭୂମି ମହୋତ୍ସବ ଉଦ୍‌ଘାଟିତ

# ଗଞ୍ଜାମ ଲୋକକଳା ଓ ସଂସ୍କୃତିର ଭୂମି: ମୁଖ୍ୟମନ୍ତ୍ରୀ

**ବ୍ରହ୍ମପୁର ଅଫିସ, ୨୪।୧୨**

ଗଞ୍ଜାମ ଜିଲା ଗୋପାଳପୁର ବେଳାଭୂମିରେ ଆୟୋଜିତ ଗୋପାଳପୁର ବେଳାଭୂମି ମହୋତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ୫ ଦିନଧରି ଚାଲିବାକୁ ଥିବା ଏହି ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ସେ କହିଥିଲେ, ଗଞ୍ଜାମ ଲୋକକଳା ଓ ସଂସ୍କୃତିର ଭୂମି। ଗୋପାଳପୁର ବେଳାଭୂମି ମହୋତ୍ସବ ଓଡ଼ିଶାର ସଂସ୍କୃତିକୁ ବିଶ୍ୱସ୍ତରରେ ସମୃଦ୍ଧି କରିଛି। ଗୋପାଳପୁର ଓଡ଼ିଶାର ଗର୍ବ ଗୌରବ ବୋଲି ମୁଖ୍ୟମନ୍ତ୍ରୀ ସମ୍ବୋଧିତ କରିଥିଲେ। ଗୋପାଳପୁର ସମେତ ଗଞ୍ଜାମ ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକର ବିକାଶ ଓ ଏଠାରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଦିଗରେ ଯଥୋଚିତ ପଦକ୍ଷେପ ନିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହିଅବସରରେ ଜାଗା ମିଶନରେ ଭୂମିହୀନଙ୍କୁ ଘର ଯୋଗାଇବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ପାଇଲଟ ବେସିସ୍‌ରେ ଗୋପାଳପୁରର ସତ୍ୟସାଇ ସାହିରେ ଚିହ୍ନଟ ହୋଇଥିବା ୪୬୯ ହିତାଧିକାରୀଙ୍କ ପରିବାର ସହ ଆଲୋଚନା କରିଥିଲେ। ଏହାପରେ ବେଳାଭୂମି ପରିସରରେ ଜାତୀୟସ୍ତରୀୟ ପଲ୍ଲୀଶ୍ରୀମେଳା, ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳାକୁ ଉଦ୍‌ଘାଟନ କରିଥିଲେ। ଏଥି ସହ ଜିଲା ପ୍ରଶାସନ ଦ୍ୱାରା କନ୍ୟା ଭ୍ରୁଣ ହତ୍ୟା ରୋକିବା ନେଇ ଆରମ୍ଭ କରାଯାଇଥିବା ମୋ ଗେହ୍ଲାଝିଅ କାର୍ଯ୍ୟକ୍ରମର କନ୍ୟା ଶିଶୁଙ୍କୁ ମାନପତ୍ର ସହ ପୁରସ୍କୃତ କରିଥିଲେ। ସେହିପରି ଜିଲା ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଥିବା ନିର୍ଭୟା କଢ଼ି, ସ୍ୱୟଂସିଦ୍ଧା କାର୍ଯ୍ୟକ୍ରମର ହିତାଧିକାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ , ଆସିକା ଏମ୍‌ପି ପ୍ରମିଳା ବିଶୋୟୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଗୋପାଳପୁର ବିଧାୟକ ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ରାମଚନ୍ଦ୍ର ପଣ୍ଡା, ସୋରଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, କବିସୂର୍ଯ୍ୟନଗର ବିଧାୟିକା ଲାତିକା ପ୍ରଧାନ, ଅଭିନେତା ତଥା ବିଧାୟକ ଆକାଶ ଦାସ ନାୟକ, ବିସିସି ବ୍ୟାଙ୍କ ସଭାପତି ଅଲେଖ ଚୌଧୁରୀ ପ୍ରମୁଖ ମଞ୍ଚାସୀନ ଥିଲେ। ଉଦ୍‌ଘାଟନୀ ସନ୍ଧ୍ୟାରେ ବଲିଉଡର ପ୍ରସିଦ୍ଧ କଣ୍ଠଶିଳ୍ପୀ ସୋନୁ ନିଗମ ଗୋଟିଏ ପରେ ଗୋଟିଏ ଗୀତ ଗାଇ ଦର୍ଶକଙ୍କୁ ଝୁମାଇଥିଲେ। କ୍ରେଜି ହେ ତେରା......, ଦିୱାନା ..... ମୌସମ୍ ହେ ମସ୍ତାନ...., ଦିୱାନା ତେରା ..... ଆଜା ଆଜା ଓ ମେରି ସପନୋକି ରାନୀ ଆଦି ଗୀତ ଗାଇ ଦର୍ଶକଙ୍କ ମନ ମୋହିଥିଲେ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୋପାଳପୁର ବେଳାଭୂମି ମହୋତ୍ସବକୁ ଉଦ୍‌ଘାଟନ କରୁଛନ୍ତି।

- ଗେହ୍ଲାଝିଅ କାର୍ଯ୍ୟକ୍ରମରେ ଶିଶୁକନ୍ୟାଙ୍କୁ କଲେ ପୁରସ୍କୃତ
- ଗୀତରେ ଝୁମାଇଲେ ସୋନୁ ନିଗମ


**NOTICE**

This is to inform all that M/s Officers Housing Cooperative Society Ltd. having registered office at Plot No:- 42 A, Gajapati Nagar, Bhubaneswar has executed Development Agreement & Power of Attorney with **M/s Devavrat Homes Pvt. Ltd.** Bhubaneswar for Development of their Plots 232 & others in Mouza,Pipili Sasan & Plot No 437 & Others in Mouza,Darada Tehsil:- Pipili, Dist: -Puri, Any new Agreement executed with them on such Plots are illegal & are at the risk of the concerned Parties.


## ଓଡ଼ିଶା ସରକାରୀ ମୁଦ୍ରଣାଳୟ ଇ-ବାଣିଜ୍ୟ ପୋର୍ଟାଲ୍ ଲୋକାର୍ପିତ

**ଭୁବନେଶ୍ୱର,୨୪।୧୨(ବ୍ୟୁରୋ)**

ଓଡ଼ିଶା ସରକାରୀ ମୁଦ୍ରଣାଳୟର ଇ-ବାଣିଜ୍ୟ ପୋର୍ଟାଲ ମଙ୍ଗଳବାର ଅପରାହ୍ନରେ ଲୋକାର୍ପିତ ହୋଇଛି । କୃଷି ଉତ୍ପାଦନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ପୋର୍ଟାଲ୍‌କୁ ଲୋକାର୍ପଣ କରିଛନ୍ତି । ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଜି. ଶ୍ରୀନିବାସ ଓ ସରକାରୀ ମୁଦ୍ରଣାଳୟର ନିର୍ଦ୍ଦେଶକ ମହେନ୍ଦ୍ର ପ୍ରତାପ ଇ-ବାଣିଜ୍ୟ ପୋର୍ଟାଲର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଛନ୍ତି। ଓଡ଼ିଶା ସରକାରଙ୍କର ୫-ଟି ପ୍ରୟାସ ଅନୁଯାୟୀ ସରକାରୀ ମୁଦ୍ରଣାଳୟରେ ପ୍ରଚଳିତ ବିକ୍ରିବଟାକୁ ବୈଷୟିକ ଜ୍ଞାନ ପ୍ରୟୋଗକ୍ରମେ ଆଧୁନିକ ପ୍ରଣାଳୀରେ ପରିବର୍ତ୍ତନ କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଏଥିରେ ସରକାରୀ ଡାଇରି, କ୍ୟାଲେଣ୍ଡର ଓ ଅନ୍ୟାନ୍ୟ ସରକାରୀ ଛାପା ବହି ବିକ୍ରି କରାଯିବ । ଏଥିନିମନ୍ତେ ସରକାରୀ ମୁଦ୍ରଣାଳୟ ଏକ ଇ-ବାଣିଜ୍ୟ ପୋର୍ଟାଲ WWW.OGPRESS.NIC.IN ଆରମ୍ଭ ହୋଇଯାଇଛି । ସରକାରୀ ମୁଦ୍ରଣାଳୟ ସାଧାରଣତଃ ସରକାରୀ ବିଭାଗର ଛାପା କାର୍ଯ୍ୟ ସହିତ ନୂତନ ବର୍ଷ ପାଇଁ ୫୦ହଜାର ଡାଇରି, ବିଭିନ୍ନ ପ୍ରକାରର ୪ ଲକ୍ଷ ୪୦ହଜାର କ୍ୟାଲେଣ୍ଡର ଓ ଅନ୍ୟାନ୍ୟ ଛାପା ବହି ମଧ୍ୟ ପ୍ରସ୍ତୁତ କରିଥାନ୍ତି । ଜନସାଧାରଣ ଅନ୍‌ଲାଇନ୍ ମାଧ୍ୟମରେ ଦେୟ ପୈଠ କରି ଯେକୌଣସି ସ୍ଥାନରେ ଏବଂ ସମୟରେ ଏହିସବୁ ସାମଗ୍ରୀ ପାଇ ପାରିବେ । ଏହି ପୋର୍ଟାଲଟି ଜନସାଧାରଣଙ୍କୁ ସୁବିଧାରେ ଉପଲବ୍ଧ ହେବ ।

# ହାଇକୋର୍ଟଙ୍କ ନିର୍ଦ୍ଦେଶ : ଖାଦ୍ୟ ସୁରକ୍ଷା ଆଇନ ଉପରେ ହେବ ସୋସିଆଲ ଅଡିଟ୍

**କଟକ ଅଫିସ,୨୪।୧୨**

ରାଜ୍ୟରେ ଖାଦ୍ୟ ସୁରକ୍ଷା ଆଇନର ବାସ୍ତବ କାର୍ଯ୍ୟକାରିତା ସଂକ୍ରାନ୍ତରେ ସୋସିଆଲ ଅଡିଟ କରାଯିବ। ଏହି ଅଡିଟ୍ ଦ୍ୱାରା ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀମାନେ ସଚେତନ ହେବା ସହିତ ଲୋକେ ସେମାନଙ୍କ ଅଧିକାର ସମ୍ପର୍କରେ ମଧ୍ୟ ଅବଗତ ହେବେ। ବିଶେଷକରି କୁପୋଷଣ (ଅପପୁଷ୍ଟି) ରୋକିବା ପାଇଁ ସରକାର ପ୍ରଣୟନ କରିଥିବା ବିଭିନ୍ନ ଯୋଜନାର ଠିକ୍ କାର୍ଯ୍ୟକାରିତା ବାବଦରେ ମଧ୍ୟ ଏହି ଅଡିଟ୍‌ରୁ ସବିଶେଷ ସୂଚନା ମିଳିପାରିବ। ୨୦୨୦ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଅଡିଟ୍‌ର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଶେଷ କରାଯିବ। ଏଥିପାଇଁ ରାଜ୍ୟ ସରକାର ପ୍ରସ୍ତୁତି ଆରମ୍ଭ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅପପୁଷ୍ଟି ରୋକିବା ପାଇଁ ସରକାରଙ୍କ ବହୁବିଧ ଯୋଜନା ସତ୍ତ୍ୱେ ମାଲକାନଗିରି ଜିଲାରେ ବହୁ ସଂଖ୍ୟକ ଶିଶୁ ପୁଷ୍ଟିହୀନତାର ଶିକାର ହେଉଛନ୍ତି। ଏହି ରୋଗରେ ପୀଡ଼ିତ ହୋଇ ଅନେକ ଶିଶୁଙ୍କ ମୃତ୍ୟୁ ଘଟିଛି। ୨୦୦୭-୦୮ରୁ ୨୦୧୧-୧୨ ମଧ୍ୟରେ ଏହି ଜିଲାରେ ୫ହଜାରରୁ ଊର୍ଦ୍ଧ୍ୱ ଶିଶୁ କୁପୋଷଣର ଶିକାର ହୋଇଥିଲେ। ଏହାକୁ ନେଇ ଆଡଭୋକେଟ ପ୍ରବୀର ଦାସ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ଏହା ପରେ ରାଜ୍ୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ସମାନ ଧରଣର ଆଉ ଏକ ମାମଲା ହାଇକୋର୍ଟରେ ରୁଜୁ ହୋଇଥିଲା। ମଙ୍ଗଳବାର ଉକ୍ତ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ୍ କେ.ଏସ୍. ଝାବେରୀ ଓ ବିଚାରପତି ଜଷ୍ଟିସ୍ କେ.ଆର. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ଖାଦ୍ୟ ସୁରକ୍ଷା ଆଇନର ଧାରା ୧୫ ଅନୁଯାୟୀ ପ୍ରତ୍ୟେକ ଜିଲାରେ ଆପତ୍ତି ଅଭିଯୋଗ ଶୁଣିବା ପାଇଁ ଜଣେ ସ୍ୱତନ୍ତ୍ର ଅଧିକାରୀଙ୍କୁ ନିଯୁକ୍ତି ଦିଆଯିବ। ଏହି ଅଧିକାରୀମାନେ ଲୋକଙ୍କୁ ସେମାନଙ୍କ ଅଧିକାର ଓ ଆଇନ ସମ୍ପର୍କରେ ସଚେତନ କରାଇବେ। ଅଧିକାରୀ ନିଯୁକ୍ତ ପାଇଁ ସରକାର ଆସନ୍ତା ଜାନୁୟାରୀ ୩୧ ତାରିଖ ସୁଦ୍ଧା ନିୟମାବଳୀ ପ୍ରସ୍ତୁତ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଉକ୍ତ ଆଇନର ଧାରା ୨୮ ଅନୁଯାୟୀ ସୋସିଆଲ ଅଡିଟ କରାଯିବ ବୋଲି ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଫେବୃୟାରୀ ୩ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ।

**ନିଯୁକ୍ତ ହେବେ ସ୍ୱତନ୍ତ୍ର ଅଧିକାରୀ**


**କେନ୍ଦ୍ରୀୟ ଭାରତୀୟ ଭାଷା ସଂସ୍ଥାନ**

(ମାନବ ସମ୍ବଳ ବିକାଶ ମନ୍ତ୍ରାଳୟ, ଉଚ୍ଚଶିକ୍ଷା ବିଭାଗ, ଭାରତ ସରକାର)

ମାନସଗଙ୍ଗୋତ୍ରେ, ହୁନସୁର ରୋଡ୍, ମୈସୁରୁ-୫୭୦୦୦୬, ଭାରତ

**ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର ନିମିତ୍ତ ପ୍ରକଳ୍ପ କର୍ମଚାରୀ ଆବଶ୍ୟକ**

ଭାରତ ସରକାରଙ୍କ ଦ୍ୱାରା ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତ ଓଡ଼ିଆ ଭାଷାର ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର (ଶା.ଓ.ଉ.କେ.) ନିମିତ୍ତ ନିମ୍ନୋକ୍ତ ପଦବୀଗୁଡ଼ିକ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି।

| କ୍ରମାଙ୍କ | ପଦବୀ ନାମ | ପଦବୀ ସଂଖ୍ୟା | ମାସିକ ଏକୀକୃତ ବେତନ |
|---|---|---|---|
| | ଏକାଡେମିକ୍ ପଦବୀ | | |
| ୧ | ପ୍ରକଳ୍ପ ନିର୍ଦ୍ଦେଶକ | ୦୧ | ୭୦,୦୦୦ |
| ୨ | ବରିଷ୍ଠ ଗବେଷକ | ୦୫ | ୪୧,୦୦୦ |
| ୩ | ସହାୟକ ଗବେଷକ | ୦୫ | ୩୭,୦୦୦ |
| | ସହାୟକ ପଦବୀ | | |
| ୪ | କାର୍ଯ୍ୟାଳୟ ଅଧୀକ୍ଷକ | ୦୧ | ୩୦,୦୦୦ |
| ୫ | କନିଷ୍ଠ ଲେଖାଧିକାରୀ | ୦୧ | ୩୦,୦୦୦ |
| ୬ | ବରିଷ୍ଠ ବିଭାଗ କିରାଣି | ୦୧ | ୨୪,୦୦୦ |

ଇଚ୍ଛୁକ ପ୍ରାର୍ଥୀ ଓଡ଼ିଶାର ପ୍ରମୁଖ ଓଡ଼ିଆ ଓ ଇଂରାଜୀ ସମ୍ବାଦପତ୍ରରେ ବିଜ୍ଞାପନ ପ୍ରକାଶ ପାଇବାର ୨୧ ଦିନ ମଧ୍ୟରେ ଆବେଦନ କରିପାରିବେ। ଆବେଦନ ସମ୍ପର୍କରେ ଅଧିକ ଜାଣିବା ପାଇଁ **www.ciil.org** ର ଘୋଷଣା (Announcement) ଦ୍ରଷ୍ଟବ୍ୟ। ସମ୍ପୂର୍ଣ୍ଣ ଆବେଦନ ପତ୍ର ନିର୍ଦ୍ଦେଶକ, କେନ୍ଦ୍ରୀୟ ଭାରତୀୟ ଭାଷା ସଂସ୍ଥାନ, ମାନସଗଙ୍ଗୋତ୍ରୀ, ହୁନସୁର ରୋଡ୍, ମୈସୁରୁ-୫୭୦୦୦୬, କର୍ଣ୍ଣାଟକ (Director, Central Institute of Indian Languages, Manasagangotri, Hunsur Road, Mysore-570006) ଠିକଣାରେ ଡାକରେ ପଠାଇପାରିବେ କିମ୍ବା ହାତରେ ନିଜେ ଦାଖଲ କରିପାରିବେ। ନିର୍ଦ୍ଧାରିତ ତାରିଖ ପରେ ପ୍ରାପ୍ତ ଆବେଦନ ପତ୍ରଗୁଡ଼ିକୁ ବିଚାରକୁ ନିଆଯିବ ନାହିଁ।

ଯେଉଁମାନେ ୧୦।୦୮।୨୦୧୯ ବିଜ୍ଞପ୍ତି ଅନୁସାରେ ଆବେଦନ କରିସାରିଛନ୍ତି ସେମାନେ ପୁଣି ଥରେ ଆବେଦନ କରିବା ଆବଶ୍ୟକ ନାହିଁ।

ସ୍ୱା/- ସହାୟକ ନିର୍ଦ୍ଦେଶକ (ପ୍ରଶାସନ)
କେନ୍ଦ୍ରୀୟ ଭାରତୀୟ ଭାଷା ସଂସ୍ଥାନ, ମୈସୁରୁ

davp 21248/11/0006/1920


# ପୁରୀ ବେଳାଭୂମିରେ ବୃହତ୍ ଥ୍ରୀଡି ବାଲୁକା ସାଣ୍ଟା କ୍ଲଜ୍

**ପୁରୀ ଅଫିସ, ୨୪।୧୨**

ପବିତ୍ର ବଡ଼ଦିନ ଅବ୍ୟବହିତ ପୂର୍ବରୁ ମଙ୍ଗଳବାର ପୁରୀର ସ୍ୱର୍ଗଦ୍ୱାର ବେଳାଭୂମିରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ପ୍ରସ୍ତୁତ କରିଛନ୍ତି ବୃହତ୍ ଥ୍ରୀଡି ବାଲୁକା ସାନ୍ତାକ୍ଲଜ। ଖ୍ରୀଷ୍ଟମାସ ଅବସରରେ ପରିବେଶକୁ ସୁସ୍ଥ ରଖିବା ସହ ବିଶ୍ୱବାସୀଙ୍କୁ ସେ ଗୋ ଗ୍ରୀନର ବାର୍ତ୍ତା ଦେଇଛନ୍ତି। ଏଥିସହ ବଡ଼ଦିନର ଶୁଭେଚ୍ଛା ମଧ୍ୟ ଜଣାଇଛନ୍ତି। ତେବେ ଏଥର ନିଆରା ହେଉଛି ବେଳାଭୂମିର ସମତଳ ବାଲିରେ ଏହାକୁ ପ୍ରସ୍ତୁତ କରିଛନ୍ତି ସୁଦର୍ଶନ।

ଗତ ୧୩ ବର୍ଷ ଧରି ଖ୍ରୀଷ୍ଟମାସ ଉପଲକ୍ଷେ ସୁଦର୍ଶନ ବାଲୁକା କଳା ତିଆରି କରିଆସୁଛନ୍ତି। ଚଳିତ ବର୍ଷ ମେ ଫେୟାର ପଛ ପାର୍ଶ୍ୱ ବେଳାଭୂମିରେ ପ୍ରାୟ ୨୫୦୦ ବର୍ଗ ଫୁଟ ଜାଗାରେ ସେ ଏହି ଥ୍ରୀଡି ବାଲୁକା ସାନ୍ତା ତିଆରି କରିଛନ୍ତି। ଏଥିରେ ସୁଦର୍ଶନଙ୍କୁ ତାଙ୍କ ସ୍ୟାଣ୍ଡ ଆର୍ଟ ସ୍କୁଲର ୪୦ ଜଣ ଛାତ୍ରୀଛାତ୍ର ସହଯୋଗ କରିଛନ୍ତି। ଏହାକୁ ପ୍ରସ୍ତୁତ କରିବା ଲାଗି ପ୍ରାୟ ୧୦ ଘଣ୍ଟା ସମୟ ଲାଗିଥିବା ବେଳେ ଏହାକୁ ଆକର୍ଷଣୀୟ କରିବା ଲାଗି ରଙ୍ଗିନ ବାଲି ବ୍ୟବହାର କରାଯାଇଛି। ପାହାଡ଼ ଉପରେ ଏକ ବିଶାଳ ସାନ୍ତା ଛିଡା ହୋଇଥିବାବେଳେ ହାତରେ ଖ୍ରୀଷ୍ଟମାସ ଟ୍ରି ଧରିଛନ୍ତି। ଏହା ଏପରି ପ୍ରସ୍ତୁତ କରାଯାଇଛି ଯେ ପ୍ରତ୍ୟେକଙ୍କୁ ସାନ୍ତା ଖ୍ରୀଷ୍ଟମାସ ଟ୍ରି ପ୍ରଦାନ କରି ପରିବେଶକୁ ସୁସ୍ଥ ଓ ସବୁଜ ରଖିବାର ବାର୍ତ୍ତା ଦେଉଛନ୍ତି। ସାନ୍ତାର ତଳେ ଖ୍ରୀଷ୍ଟମାସ ଟ୍ରି କରାଯାଇଥିବାବେଳେ ଗୋ ଗ୍ରୀନ୍ ଏବଂ ଖ୍ରୀଷ୍ଟମାସ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ରହିଛି। ବହୁ ସଂଖ୍ୟାରେ ପର୍ଯ୍ୟଟକ ଏହାକୁ ଦେଖୁଛନ୍ତି। ଏ ସମ୍ପର୍କରେ ସୁଦର୍ଶନ କହିଛନ୍ତି, ପ୍ରତିବର୍ଷ ବଡ଼ଦିନଠାରୁ ନୂଆବର୍ଷ ପର୍ଯ୍ୟନ୍ତ ଏଠାରେ ସ୍ୟାଣ୍ଡ ଆର୍ଟ ଫେଷ୍ଟିଭାଲ ଅନୁଷ୍ଠିତ ହୋଇଥାଏ। ସବୁବର୍ଷ କିଛି ନିଆରା କରିବାକୁ ପ୍ରୟାସ କରିଥାଉ। ବର୍ତ୍ତମାନ ବାଲୁକା କଳାର ନୂଆ ଟ୍ରେଣ୍ଡ ଥ୍ରୀଡି ସ୍ୟାଣ୍ଡ ଆର୍ଟ ଚାଲିଛି। ତେଣୁ ଏଥର ଏହି ଥ୍ରୀଡି ବାଲୁକା ସାନ୍ତାକ୍ଲଜ କରାଯାଇଛି। ଏହା ଏମିତି ଭାବେ ପ୍ରସ୍ତୁତ ହୋଇଛି ଯେ ସାନ୍ତା ସହିତ ଯେ କେହି ହ୍ୟାଣ୍ଡସେକ୍ କରିବା ଭଳି ଲାଗିବ। ପରିବେଶ ସୁରକ୍ଷା ପାଇଁ ସାନ୍ତା ଖ୍ରୀଷ୍ଟମାସ ଟ୍ରି ଉପହାର ଦେଉଥିବା ଏଥିରେ ଦର୍ଶାଯାଇଛି। ତେବେ ଆଜି ପର୍ଯ୍ୟନ୍ତ ବିଶ୍ୱରେ ଯେତେ ଥ୍ରୀଡି ବାଲୁକା କଳା କରାଯାଇଛି ଏହା ସବୁଠୁ ବୃହତ୍ ବୋଲି କହିଥିବା ସୁଦର୍ଶନ ପୁଣି ଏକ ବିଶ୍ୱରେକର୍ଡକୁ ଅପେକ୍ଷା କରିଛନ୍ତି।

**ଗୋ ଗ୍ରୀନର ବାର୍ତ୍ତା ଦେଇଛନ୍ତି ସୁଦର୍ଶନ**

## ବୋଲେରୋ-ନାଇଟ୍ କୋଚ୍ ବସ୍ ଧକ୍କା

# ପରିବାରର ୩ ଜଣ ସମେତ ୪ ମୃତ

**ଛେଣ୍ଡିପଦା(ସ୍ୱ.ପ୍ର.)/ ବନ୍ତଳା(ଡି.ଏନ.ଏ.),୨୪।୧୨**

ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ପାଇଁ ଛତିଶଗଡ଼ରୁ ଏକ ବୋଲେରୋରେ ପୁରୀ ଆସୁଥିବା ୨ ପରିବାରର ୧୦ ଜଣଙ୍କ ମଧ୍ୟରୁ ଦୁର୍ଘଟଣାରେ ଗୋଟିଏ ପରିବାରର ୩ଜଣଙ୍କ ସମେତ ମୋଟ୍ ୪ଜଣଙ୍କ ମୃତ୍ୟୁ ହୋଇଛି। କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ଅନୁଗୋଳ ଜିଲା ଜରପଡା ଥାନା କତଡା ଗୁରୁଣ୍ଡୁଗୋପାଳ ଉଚ୍ଚବିଦ୍ୟାଳୟ ନିକଟରେ ସୋମବାର ବିଳମ୍ବିତ ରାତିରେ ଘଟିଛି ଏହି ଦୁଃଖଦ ଘଟଣା। ଭୁବନେଶ୍ୱରରୁ ଇବ୍‌ଥର୍ମାଲ ଯାଉଥିବା ନାଇଟ୍ କୋଚ ବସ୍ ସୁଶୀଲ ସହ ଉକ୍ତ ବୋଲେରୋର ମୁହାଁମୁହିଁ ଧକ୍କା ହେବାରୁ ଘଟଣାସ୍ଥଳରେ ଛତିଶଗଡ଼ ରାୟପୁରର ନେଉରାଡ଼ିଲା ଥାନା ସରାରିଡି ଗ୍ରାମର ଗାଡ଼ି ଚାଳକ କମଲ ସିଂହ ଧ୍ରୁବ (୪୦), ସ୍ତ୍ରୀ କେଶର କିରଣ ଧ୍ରୁବ (୩୫), ଝିଅ ରଶ୍ମି ଧ୍ରୁବ (୧୧) ଓ ପିରସିଙ୍ଗା ଥାନା ତେରପଙ୍ଗି ଗ୍ରାମର ଶାଳୀ ସୁମନ ଧ୍ରୁବ (୩୧)ଙ୍କ ମୃତ୍ୟୁ ହୋଇଛି। ଆହତ ଅନ୍ୟ ୬ଜଣ ରାୟପୁରର ଲକ୍ଷ୍ମୀକାନ୍ତ ନାମଦେ (୩୫), ସ୍ତ୍ରୀ ଲକ୍ଷ୍ମୀ ଧ୍ରୁବ (୩୨), ପୁଅ ଗୋବିନ୍ଦ ନାମଦେ (୧୧), ପ୍ରଖର ନାମଦେ (୭), ସରାରିଡି ଗ୍ରାମର ନିଲେଶ ଧ୍ରୁବ(୩୨), ସ୍ମୃତି ଧ୍ରୁବ(୪)ଙ୍କ ମଧ୍ୟରୁ ଗୋବିନ୍ଦଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ନିଲେଶ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ବେଳେ ଗୋବିନ୍ଦଙ୍କ ସହ ଅନ୍ୟ ୫ଜଣଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

ପୋଲିସ ସୂତ୍ରରୁ ପ୍ରକାଶ, ଛତିଶଗଡ଼ର ରାୟପୁରରୁ ଏକ ବୋଲେରୋ (ନଂ. ସିଜି୦୪ଏଚକେ- ୦୧୮୩)ରେ ଲକ୍ଷ୍ମୀକାନ୍ତ ନାମଦେ ଓ କମଳ ସିଂହ ଧ୍ରୁବଙ୍କ ପରିବାର ଶ୍ରୀ ଜଗନ୍ନାଥ ଦର୍ଶନ ପାଇଁ ସୋମବାର ପୁରୀ ଅଭିମୁଖେ ବାହାରିଥିଲେ। ରାତି ପ୍ରାୟ ୨ଟା ରୁ ୩ଟା ମଧ୍ୟରେ ସେମାନେ ୫୫ ନଂ. ଜାତୀୟ ରାଜପଥର ଗୁରୁଣ୍ଡୁଗୋପାଳ ଉଚ୍ଚବିଦ୍ୟାଳୟ ନିକଟରେ ହୋଇଥିବା ବେଳେ ଭୁବନେଶ୍ୱରରୁ ଇବ୍ ଥର୍ମାଲ ଅଭିମୁଖେ ଯାଉଥିବା ସୁଶୀଲ ନାମକ ବସ୍ (ନଂ. ଓଆର୦୫ଏଜେ-୬୨୯୮) ସହିତ ବୋଲେରୋର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ବୋଲେରୋ ଚଳାଉଥିବା ଏନ୍‌ଆଇଏ (ଜାତୀୟ ତଦନ୍ତକାରୀ ସଂସ୍ଥା) କନଷ୍ଟେବଳ ଥିବା କମଲଙ୍କ ସହ ସ୍ତ୍ରୀ କେଶର କିରଣ, ଝିଅ ରଶ୍ମି ଓ ଶାଳୀ ସୁମନଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟ ୬ଜଣ ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ଜରପଡ଼ା ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ବୋଲେରୋରେ ଥିବା ୬ ଆହତଙ୍କୁ ତୁରନ୍ତ ପିସିଆର୍ ଭ୍ୟାନରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ମୃତକଙ୍କୁ ଗାଡ଼ିରୁ ବାହାର କରିବା ସମ୍ଭବ ନ ହେବାରୁ ପୋଲିସ ଅନୁଗୋଳ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲା। ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ଗ୍ୟାସ୍ କଟରରେ ଗାଡ଼ି କାଟି ମୃତକଙ୍କୁ ବାହାର କରିବା ପରେ ୪ ମୃତଦେହ ବ୍ୟବଚ୍ଛେଦ ପାଇଁ ଅନୁଗୋଳ ପଠାଇ ଦିଆଯାଇଥିଲା। ଘଟଣାସ୍ଥଳରୁ ବସ୍ ଚାଳକ ଫେରାର ହୋଇଯାଇଥିବାରୁ ପୋଲିସ ଗାଡ଼ି ୨ଟିକୁ ଜବତ କରିଛି। ଏ ସଂକ୍ରାନ୍ତରେ ଜରପଡ଼ା ଥାନାରେ ନଂ. ୨୫୯/୧୯ରେ ଏକ ମାମଲା ରୁଜୁ କରାଯାଇଛି। ଜରପଡା ଥାନା ଅଧିକାରୀ ପ୍ରଦୀପ କୁମାର ପ୍ରଧାନ କହିଛନ୍ତି, ଜାତୀୟ ରାଜପଥର ଉକ୍ତ ସ୍ଥାନରେ ଆଂଶିକ ବୁଲାଣି ରହିଛି। ରାତିରେ କୁହୁଡି ଯୋଗୁ ୨ ଗାଡ଼ି ଚାଳକ ମଝିକୁ ମାଡ଼ି ଆସିଥିବାରୁ ଦୁର୍ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଅନୁମାନ କରାଯାଉଛି। ଦୁର୍ଘଟଣା ସମ୍ପର୍କରେ ଖବର ପାଇ ରାୟପୁରରୁ ମୃତ ଓ ଆହତଙ୍କ ପରିବାର ଲୋକ ଅପରାହ୍ନରେ ଅନୁଗୋଳରେ ପହଞ୍ଚିଲେ। ସନ୍ଧ୍ୟାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ସମ୍ପର୍କୀୟଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିବା ସୂଚନା ମିଳିଛି। ଅନୁଗୋଳ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ଭୋର୍ ୫ଟାରେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଥିବା ବେଳେ ଅନୁଗୋଳ ଆର୍‌ଟିଓ ଦୁର୍ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିବା ଜଣାପଡ଼ିଛି।

- ଅନୁଗୋଳ ଜିଲା ଜରପଡ଼ାରେ ଦୁର୍ଘଟଣା
- ଛତିଶଗଡ଼ରୁ ପୁରୀ ଆସୁଥିଲେ ୨ ପରିବାର
- ଆହତ ୬ ମଧ୍ୟରୁ ୫ ଜଣଙ୍କୁ କଟକ ସ୍ଥାନାନ୍ତର



ଦୁର୍ଘଟଣାଗ୍ରସ୍ତ ବୋଲେରୋ।


**MCL ମହାନଦୀ କୋଲଫିଲ୍‌ଡସ୍ ଲିମିଟେଡ**

(କୋଲ ଇଣ୍ଡିଆ ଲିମିଟେଡର ଏକ ସହାୟକ କମ୍ପାନୀ)

ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର (ଓଡ଼ିଶା)

ଟେଲିଫୋନ (ଇପିଏବିଏକ୍ସ) : ୦୬୬୩-୨୫୪୨୪୬୧ ରୁ ୪୬୯, ୱେବସାଇଟ୍ : http://www.mahanadicoal.in

**ଇ-ଟେଣ୍ଡର ବିଜ୍ଞପ୍ତି**

ମହାନଦୀ କୋଲଫିଲ୍‌ଡସ୍ ଲିମିଟେଡର ନିମ୍ନଲିଖିତ ଇ-ଟେଣ୍ଡରଗୁଡ଼ିକ କୋଲ ଇଣ୍ଡିଆ ଲିମିଟେଡର ଇ-ଟେଣ୍ଡର ପୋର୍ଟାଲ (https://coalindiatender.nic.in)ରେ ପ୍ରଦର୍ଶିତ କରାଯାଇଛି ଏବଂ ଏହା ମଧ୍ୟ କେନ୍ଦ୍ରୀୟ ସାର୍ବଜନିକ ପୋର୍ଟାଲ (https://eprocure.gov.in)ରେ ଦିଆଯାଇଛି। ଅଧିକ ବିବରଣୀ ପାଇଁ ଦୟାକରି ଏହି ୱେବସାଇଟକୁ ପରିଦର୍ଶନ କରନ୍ତୁ।

| କ୍ରମ. ସଂ. | ଟେଣ୍ଡର ଆଇଡି | କାର୍ଯ୍ୟ/ସେବାର ନାମ | ଟେଣ୍ଡରର ମୂଲ୍ୟ (ଟଙ୍କାରେ) |
|---|---|---|---|
| 1 | 2019_MCL_158735_1 | SUPPLY OF TOOLS FOR CAT-3412 ENGINE. | 36640.00 |
| 2 | 2019_MCL_158761_1 | SUPPLY OF CONSUMABLE ITEMS. | 203392.00 |
| 3 | 2019_MCL_158760_1 | Supply of Spares for CUMMINS ENGINE (6 CTA 8.3) of TIL RT-880 Crane. | 22800.00 |
| 4 | 2019_MCL_158759_1 | Supply of Sluice Valve and Non Return Valve. | 951911.00 |
| 5 | 2019_MCL_158434_1 | Annual operation of dust suppression system at NTPC Railway siding, EnM junction to HEMM workshop at Lingaraj OCP, Lingaraj Area. (For a period of two years). | 2021558.00 |
| 6 | 2019_MCL_157604_1 | Supply of Reagent and consumables for electrolyte analyzer for department of pathology,NSCH,Talcher. | 540090.00 |
| 7 | 2019_MCL_158811_1 | Supply of water through water tanker to the villages Hensmul including Sahara Sahi and Naraharipur for a period of 01(one) year at BBSRI OCP, Jagannath Area.(Re-tender/2nd call). | 3461105.00 |
| 8 | 2019_MCL_158848_1 | Construction of Bury Yard for Cremation at R and R Site Boulpur under Jagannath Area. | 1582138.00 |
| 9 | 2019_MCL_158854_1 | Providing of 03 Nos. Challan points at stock No. 1,3 and 4 of Bhubaneswari OCP under Jagannath Area. | 595270.00 |
| 10 | 2019_MCL_158857_1 | Providing Barbed Wire fencing on the outer premises of 33/11 KV Central Sub-Station,Balanda under Jagannath Area. | 211705.00 |
| 11 | 2019_MCL_158880_1 | Supply of spares for Wirtgen Surface miner at Lingaraj OCP (Exclusively for OEM) | 3392324.00 |
| 12 | 2019_MCL_158873_1 | Deepening of Nuabandha pond near MCL, Hingula Area R and R site of Jamunali village Under CSR programme of Hingula Area. | 2203171.00 |
| 13 | 2019_MCL_158847_1 | Supply of Jetting Hose. | 1032458.00 |
| 14 | 2019_MCL_158865_1 | Maintenance of LWUP school at Dera, Talcher Colliery. | 857531.00 |
| 15 | 2019_MCL_158872_1 | Laying of 4 inch and 6 inch dia M.S. pipe line over metallic post and providing and fitting of sprinklers for dust suppression at OB Haul road (common for both BGR and VPR outsourcing company) from MGR rail crossing to BOCM 5 sump at LKPOCP, LKPA. | 868154.00 |
| 16 | 2019_MCL_158882_1 | Spares for Spares for D - 11T Dozer. | 171453.00 |
| 17 | 2019_MCL_157282_1 | Repairing or replacement of Damaged Collapsible Shutter and Grading of Substation Roof,renewing of Glass Panes and rain water pipes at RLS of Bharatpur Project. | 447791.00 |
| 18 | 2019_MCL_158836_1 | Repairing of B type quarter chajja at N.S. Nagar Colony of Bharatpur Project,Bharatpur Area. | 787123.00 |
| 19 | 2019_MCL_158868_1 | Procurement of Mechanical Vane Anemometer 3 dial for Orient Area. | 56640.00 |
| 20 | 2019_MCL_158818_1 | Repairing work for development of areas consisting of game equipments for children at Central park and playground at CWS colony CWS IBV 1st retender. | 388879.00 |
| 21 | 2019_MCL_158767_1 | SUPPLY OF AC SPARES FOR HEMM WORKING AT LOCP. | 660618.00 |
| 22 | 2019_MCL_158795_1 | Maintenance of 440V OH line and providing and fixing of lawn lights at GM Residence at Dera Colony, MCL Bharatpur Area. | 210230.00 |
| 23 | 2019_MCL_158845_1 | SUPPLY OF SPARES FOR Wirtgen Surface Miner | 2371851.00 |
| 24 | 2019_MCL_158796_1 | Providing and laying of different sizes of cables at various locations for safe and uninterrupted power supply to quarters of N.S.Nagar Colony of Bharatpur Area. | 704612.00 |
| 25 | 2019_MCL_158797_1 | AMC for Making of 30 nos. of cross joints by hot vulcanizing process in steel cord belting (1200 mm width) in C-4 conveyor of RLS, BOCP for one year. | 2754156.00 |
| 26 | 2019_MCL_158798_1 | Structural Painting of all base supporting columns of C-5, C-6 and C-7 conveyors at RLS of Bharatpur OCP, Bharatpur Area. | 1305835.00 |
| 27 | 2019_MCL_158917_1 | PROCUREMENT OF SPARES FOR TATA-1200 HYDRAULIC EXCAVATOR. | 779932.00 |
| 28 | 2019_MCL_158799_1 | Hiring of 01 No. Bolero/Sumo or equivalent covered vehicle having seating capacity 6 plus one or more with AC fitted (Diesel) with 12 hrs duty including staggered rest maximum 4000 km run per month for 682 days in 02 years for MM dep, Bharatpur area. | 955482.00 |
| 29 | 2019_MCL_158800_1 | Hiring of 01 No. Bolero/Sumo or equivalent covered vehicle having seating capacity 6 plus one or more with AC fitted (Diesel) with 12 hrs duty including staggered rest maximum 4000 km run per month for 682 days in 2 years for Fin dep, Bharatpur Area. | 955482.00 |
| 30 | 2019_MCL_158958_1 | Supply of spares of Under carriage for TATA ZX-450 Hyd excavator at Lingaraj OCP (Exclusively for OEM/OPM/OES). | 2776970.00 |
| 31 | 2019_MCL_158946_1 | Construction of Bus stop at R and R site Boulpur under Jagannath Area. | 221560.00 |
| 32 | 2019_MCL_158953_1 | Hiring of 02 (Two) Covered Jeep (Bolero / Sumo or equivalent vehicle (Diesel) minimum 7 seater with AC fitted) for 12 hours duty for use at Subhadra Area for 682 days in 02(two) years. | 1909600.00 |
| 33 | 2019_MCL_158975_1 | Repair and renovation of HMS union office at Nandira colony, Nandira Colliery. | 617242.00 |
| 34 | 2019_MCL_158931_1 | Hiring of 01 no of Truck (10 Ton loading capacity), Diesel driven for 12 Hrs. duty period per day with deployment of one no. of driver (including staggered rest) (1500 KM per Month) for a period of Three Months (90 running days) for CWS IB Valley. | 226800.00 |
| 35 | 2019_MCL_158921_1 | Supply of MS Flanges at Lingaraj OCP. | 129800.00 |
| 36 | 2019_MCL_158830_1 | PROCUREMENT OF SPARES OF AUTOLUBE ACCESSORIES FOR BH60M DUMPER. | 621893.00 |
| 37 | 2019_MCL_159010_1 | PROCUREMENT OF SEAL KITS FOR TATA-1200. | 278880.00 |
| 38 | 2019_MCL_159048_1 | PROCUREMENT OF COTTON WASTE FOR FIELD EQUIPMENTS | 197237.00 |
| 39 | 2019_MCL_159084_1 | Spraying of water for dust suppression through water tanker to Coal Transportation Road from village junction near siding No.5 and 6 to Triveni Camp via Challan Point and OSL Chhak at Ananta OCP for a period of one year. | 5090042.00 |
| 40 | 2019_MCL_159091_1 | Hiring of one no. AC running covered jeep (Bolero or equivalent) having seating capacity 6 plus 1 on 12 hrs duty basis with deployment of one no. of driver having staggered rest max run 2500 km/month for 02 yrs (682 days) for Environment deptt,LKPA. | 921382.00 |
| 41 | 2019_MCL_159111_1 | Running and Maintenance of Balram Guest House of Hingula Area, MCL. | 16416545.00 |
| 42 | 2019_MCL_159164_1 | PROCUREMENT OF DIESEL ADDITIVE. | 377600.00 |
| 43 | 2019_MCL_159201_1 | PROCUREMENT OF BUSHINGS AND PINS FOR TATA1200 HYDRAULIC EXCAVATOR. | 700665.00 |
| 44 | 2019_MCL_159024_1 | Construction of RCC Drain from Danara Mandap Sahi to Old Pump house of BOCP under CSR works of Hingula Area. | 998930.00 |
| 45 | 2019_MCL_159172_1 | Installation of GI plate earthing at different types of quarters of Jagannath Colony of Jagannath Area. | 747831.00 |
| 46 | 2019_MCL_159210_1 | Rearrangement and shifting of overhead lines of township at Basundhara Area. | 2108585.00 |
| 47 | 2019_MCL_159112_1 | Repairing and maintenance of Canteen building at GM Complex under IB Valley Area. | 739400.00 |
| 48 | 2019_MCL_159129_1 | Supply of drinking water to Chingriguda village near SOCP of IB Valley Area for one year. | 289431.00 |
| 49 | 2019_MCL_158924_1 | Procurement of Undercarriage Assembly (Part No. 70183603) for IDM-30 Drill. | 6189509.00 |
| 50 | 2019_MCL_159206_1 | Heightening of Sprinkler pipeline over metallic post from Lakhanpur-2 Coalstock to Milan chowk at Lakhanpur OCP, Lakhanpur Area, MCL. | 863834.00 |
| 51 | 2019_MCL_159218_1 | Regular Colony Electrical Maintenance and repair of Electrical Installation of all colonies, Hospital, SAM Office, RSA, Filter Plant, Schools, Guest House, RSA Store, all offices, Officers Club, Substation, etc. under RSA establishment of Orient Area. | 3522610.00 |
| 52 | 2019_MCL_159271_1 | Supply of spares of AC system for TATA Hyd excavator at Lingaraj OCP (Exclusively for OEM/OPM/OES). | 425380.00 |
| 53 | 2019_MCL_158429_1 | Construction of 4 Nos. of Class rooms and a Multipurpose hall at Saraswati Shishu Mandir, Burla, Sambalpur under CSR of MCL (4TH CALL). | 8828037.00 |
| 54 | 2019_MCL_159261_1 | Laying of pipeline for dewatering from Kansamunda sump at Kaniha OCP, Kaniha Area. | 1974354.00 |
| 55 | 2019_MCL_159288_1 | Construction of RCC Drain at Kotasahi of Danara Village under CSR works of BOCP, Hingula Area. | 996973.00 |
| 56 | 2019_MCL_159296_1 | Supply of Spares for Andrew Yule make NFLP Switch gear, Field Switch and Transformer. | 875109.00 |

ଏମ୍‌ସିଏଲ୍ ଇ-ପ୍ରକ୍ୟୁରମେଣ୍ଟ ସହାୟତା କେନ୍ଦ୍ର (ଫୋନ୍-୦୬୬୩-୨୫୪୨୬୯୫/୨୫୪୨୨୬୪) ଇ-ମେଲ : hlp-eproc.mcl@coalindia.in R-4959

ଆମର ଏପ୍‌ସ ପାଇବା ପାଇଁ ନିଃଶୁଳ୍କ ନମ୍ବର ୧୮୦୦ ୨୦୦ ୩୦୦୪ ରେ ମିସ୍‌ଡ କଲ୍‌ଟିଏ କରନ୍ତୁ।



ପରିବର୍ତ୍ତନ ସହିତ ଯିଏ ଖାପ ଖୁଆଇବାର କଳା ହାସଲ କରିପାରିନାହିଁ, ସେ ଅଶାନ୍ତି ଭିତରେ ବୁଡ଼ି ରହିବ।
-ଫ୍ରାନସିସ୍ ବେକନ

## ସଂକ୍ଷେପରେ

### ଧାନମଣ୍ଡି ବୁଲି ଦେଖିଲେ ବିଧାୟକ

**ଖପ୍ରାଖୋଲ, ୨୪।୧୨ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲୁହାସିଂହା ପ୍ରାଥମିକ କୃଷି ସମବାୟ ସମିତିର ଯୁରିଆଠରେ ଥିବା ଧାନ ମଣ୍ଡି ପାଟଣାଗଡ ବିଧାୟକ ସରୋଜ ମେହେର ବୁଲି ଦେଖିଛନ୍ତି। ଗସ୍ତ ଅବସରରେ ଚାଷୀ ବିକ୍ରିବେଳେ କି ସମସ୍ୟାର ସମ୍ମୁଖୀନ ହେଉଛି ତାହା ପଚାରି ବୁଝିଥିଲେ । ଏହି ମଣ୍ଡି ଉପରେ ୫ଟି ପଞ୍ଚାୟତର ଚାଷୀ ନିର୍ଭର କରୁଥିବାବେଳେ ଦୈନିକ ଧାନ କିଣା ପରିମାଣ ବୃଦ୍ଧି ପାଇଁ ଚାଷୀମାନେ ବିଧାୟକଙ୍କୁ କହିଥିଲେ । ଏହି ଅବସରରେ ସମବାୟ ସମିତି ସମ୍ପାଦକ କିଶୋର ପଟେଲ, ଚାଷୀ ନେତା କନ୍ଦର୍ପ ସୁଆର, ଗୋପବନ୍ଧୁ ସାହୁ, ରାଧେଶ୍ୟାମ ମେହେର, ବିଭିଷଣ ପୁଟେଲ, ଯଦୁ ରଣା, ରାଜକିଶୋର ମେହେର ପ୍ରମୁଖ ଚାଷୀ ଏବଂ ସମବାୟ ସମିତି କର୍ମଚାରୀ ଉପସ୍ଥିତ ଥିଲେ ।

### ବିଭିନ୍ନ ଶିକ୍ଷାନୁଷ୍ଠାନରେ ବାର୍ଷିକ ଉତ୍ସବ

**ଲୋଇସିଂହା,୨୪।୧୨(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ନେଗିପାଲି ଉ.ପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ବ୍ରଜକିଶୋର ନାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଇଓ ରୀନା ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଜିଲା ପରିଷଦ ସଭ୍ୟ ସାଇଶଙ୍କର ସାହୁ, ସରପଞ୍ଚ ଲକ୍ଷ୍ମୀ ପଧାନ, ସମିତି ସଭ୍ୟ ପ୍ରଶାନ୍ତ ତ୍ରିପାଠୀ ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ । ବାର୍ଷିକ ଉତ୍ସବ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ ଅତିଥି । ସଭାକାର୍ଯ୍ୟ ପରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସହକାରୀ ଶିକ୍ଷକ କରୁଣାକର ବିଶ୍ୱାଳ, ସତ୍ୟନାରାୟଣ ପଧାନ, ପ୍ରସାଦୀ ମହାକୁର, ଅରୁନ୍ଧତୀ ରଣା ଓ ପ୍ରକାଶ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସେହିପରି ଗେର୍ଡି ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ବାର୍ଷିକ ଉତ୍ସବରେ ଆକାଶ ମିଶ୍ର ଅତିଥିଭାବେ ଯୋଗଦେଇଥିଲେ । ବିଭିନ୍ନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀମାନଙ୍କୁ ସେ ପୁରସ୍କୃତ କରିଥିଲେ । ସେହିପରି ଝାରମୁଣ୍ଡା ଆଦର୍ଶ ବିଦ୍ୟାଳୟରେ ତୃତୀୟ ବାର୍ଷିକ ଉତ୍ସବ ପ୍ରିନ୍ସିପାଲ ସୁଶ୍ରୀ ସମନ୍ବିତା ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି, ବିଇଓ ରୀନା ବେହେରା, ଅତିରିକ୍ତ ତହସିଲଦାର ଦିବକର ବାରି ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ ।

■ସୁଜନ ନାଗ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଭୁବନେଶ୍ୱର ୟୁନିଟ୍ ୬ ବିଜୟୀ



ଅତିଥି ଓ ରେଫେରିଙ୍କ ଗହଣରେ ଉଭୟ ଦଳର ଖେଳାଳି ।

**ସୋନପୁର,୨୪।୧୨(ନି.ପ୍ର.)**

ସୋନପୁର ରୟାଲ ପଡିଆରେ ଚାଲିଥିବା ୮ମ ସୁଜନ ନାଗ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ଦ୍ୱିତୀୟ ଦିବସ ମ୍ୟାଚ୍‌ରେ ଭୁବନେଶ୍ୱର ୟୁନିଟ୍ ୬ ବିଜୟୀ ହୋଇଛି । ମ୍ୟାଚ୍ ଭୁବନେଶ୍ୱର ୟୁନିଟ୍ ୬ ଓ ଆଠମଲ୍ଲିକ ଗୋଲ୍ଡେନ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ ସମାନ ସ୍ଥିତିରେ ଥିଲେ। ଟାଇବ୍ରେକର ଜରିଆରେ ଭୁବନେଶ୍ୱର ଦଳ ୪-୨ ଗୋଲରେ ବିଜୟୀ ହୋଇଥିଲା । ସାମାଜିକକର୍ମୀ ଶ୍ରୀବତ୍ସ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଭାଜପା ନେତା ବଳଦେବ ପ୍ରସାଦ ବେଦ୍‌ବାକ, ଶ୍ରୀରାମ ସୁନା, ଜଗନ୍ନାଥ ତ୍ରିପାଠୀ, ଦିଲ୍ଲିପ ପାତ୍ର ଓ ଶିକ୍ଷାବିତ୍ ସୁରେଶ ବାଗ ଯୋଗ ଦେଇଥିଲେ । ସୁଦାମ ଜଗଦଲା, ସିଦ୍ଧାର୍ଥ ପାତ୍ର, ରାଜେଶ ଥନାପତି, ସଞ୍ଜୟ ସାହୁ ଓ ପ୍ରଶାନ୍ତ ସେଠୀ ରେଫରି ଦାୟିତ୍ୱ ନିର୍ବାହ କରିଥିଲେ। ବେଷ୍ଟ ଡିଫେନ୍ସ ଭାବେ ପୁପୁନି ନାୟକ, ବେଷ୍ଟ ଗୋଲକିପର ଦୁଷ୍ମନ୍ତବିଶ୍ୱାଳ, ବେଷ୍ଟ ମିଡ ଫିଲଡର ତପନ ଦେହୁରୀ, ବେଷ୍ଟ ଫରୱାର୍ଡ ଲମ୍ବୋଧର ପ୍ରଧାନ ଓ ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ଭୁବନେଶ୍ୱରର ଅମିତ ଦାଶଙ୍କୁ ପୁରସ୍କୃତ କରା ଯାଇଥିଲା । ରାକେଶ ନାଗ ସଭାକୁ ସଂଯୋଜନା କରିଥିଲେ । ସବ୍ୟସାଚୀ ମିଶ୍ର, ଶିବ ଷାଣ୍ଡ, ରୋହନ ନାଏକ, ଅର୍ଜୁନ ଘଡିଆ, ସୋମ ଦୀପ ଓ ହିମାଂଶୁ କଲେତ ମ୍ୟାଚ୍ ଆୟୋଜନରେ ସହଯୋଗ କରିଥିଲେ ।

### ୫୫ ଦାଦନ ଶ୍ରମିକ ଉଦ୍ଧାର

**ବଙ୍ଗୋମୁଣ୍ଡା, ୨୪।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସିନ୍ଧେକେଲା ଥାନା ଅଞ୍ଚଳର ଦୁଇଟି ସ୍ଥାନରୁ ଚାଲାଣ ହେବାକୁ ଥିବା ୫୫ ଦାଦନ ଶ୍ରମିକଙ୍କୁ ପୋଲିସ ମଙ୍ଗଳବାର ଉଦ୍ଧାର କରିଛି। ଥାନା ଅଧିକାରୀ ଅନନ୍ତ ପଧାନଙ୍କ ନେତୃତ୍ୱରେ ଭବାନୀପାଟଣା-ରାୟପୁର ରାଜ୍ୟ ରାଜପଥର ଶ୍ରୀରାମଗାଁ ନିକଟରେ ଚଢାଉ କରିଥିଲେ। ନୂଆପଡା ଜିଲା ସିନାପାଲି ଥାନା ଧୁଙ୍ଗିଆମୁଣ୍ଡା ଓ କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ଡୁମରା ଗାଁର ୩୫ ଜଣ ଶ୍ରମିକଙ୍କୁପିକଅପ ଭ୍ୟାନ ନଂ (ଓଡି-୦୮-୩୭୫୭)ରୁ ଉଦ୍ଧାର କରାଯାଇଥିଲା। ଏମାନଙ୍କୁ ରାଜ୍ୟ ବାହାରକୁ ଚାଲାଣ ଉଦ୍ଦେଶ୍ୟରେ କଣ୍ଟାବାଞ୍ଜି ରେଳ ଷ୍ଟେଶନକୁ ନିଆଯାଉଥିଲା। କଣ୍ଟାବାଞ୍ଜି ଶ୍ରମ ନିରୀକ୍ଷକ ପ୍ରଶାନ୍ତ ସୁନା ଉଦ୍ଧାର ଶ୍ରମିକମାନଙ୍କୁ ସେମାନଙ୍କ ନିଜ ଗାଁକୁ ପଠାଇ ଦେବାର ବ୍ୟବସ୍ଥା କରିଥିଲେ। ସେହିପରି ଅପରାହ୍ନ ପ୍ରାୟ ୨ଟାରେ ପୋଲିସ କଣ୍ଟାବାଞ୍ଜି-ସିନ୍ଧେକେଲା ରାସ୍ତାର ବାଗବାହାଲ ଛକରୁ ୨୦ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଥିଲା। ସେମାନେ କୌଣସି ଗାଡିରେ ଚାନ୍ଦୋତରାରେ ପହଞ୍ଚି ଅଟୋରେ ରେଲ ଷ୍ଟେଶନକୁ ଯାଉଥିଲେ। ବେଲପଡା ବ୍ଲକ ଅଞ୍ଚଳର ସର୍ଦ୍ଦାର କିଶୋର ନିଆଲ ଏମାନଙ୍କୁ ହାଇଦ୍ରାବାଦ ନେଉଥିବା ପୋଲିସ ଜାଣି ଶ୍ରମ ନିରୀକ୍ଷକ ସୁନାଙ୍କୁ ଅବଗତ କରିଥିଲା। ପୋଲିସ ଥାନାରେ ଏକ ମାମଲା ରୁଜୁ କରି ଶ୍ରମିକଙ୍କୁ ସେମାନଙ୍କ ଘରକୁ ପଠାଇ ଦେଇଛି।

## ରାଷ୍ଟ୍ର ନିର୍ମାଣରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ ।

**ସୋନପୁର,୨୪।୧୨(ନି.ପ୍ର.)**

ଛାତ୍ରୀଛାତ୍ରଙ୍କୁ ଉତ୍ତମ ନାଗରିକ ଭାବେ ଗଢି ତୋଳିବା ପାଇଁ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । କାରଣ ଘର ବ୍ୟତିତ ଶିଶୁ ବିଦ୍ୟାଳୟରେ ହିଁ ଅଧିକାଂଶ ସମୟ ବିତାଇ ଥାଏ। ତେଣୁ ଆଚାର, ବ୍ୟବହାର, ଚରିତ୍ର, ଶୃଙ୍ଖଳା ଭଳି ସୁଗୁଣ ଅଭିଭାବକ ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କଠାରୁ ଶିଶୁ ଶିଖିଥାଏ ବୋଲି ମଙ୍ଗଳବାର ପ୍ୟାଲେସ ଗାର୍ଡେନସ୍ଥିତ ପ୍ରଜ୍ଞା ଭାରତୀ ଆବାସିକ ଉଚ୍ଚ ବିଦ୍ୟାଳୟର ଅଷ୍ଟମ ବାଷିକ ଉତ୍ସବରେ ଅତିଥି ବୃନ୍ଦ ମତପ୍ରକାଶ କରିଛନ୍ତି। ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶକ ସନ୍ତୋଷ କୁମାର ପୂଜାହାରୀ ସଭାରେ ଅଧ୍ୟକ୍ଷତା କରିଥିଲେ। ଉତ୍ସବରେ ଭୀମଭୋଇ ମହାବିଦ୍ୟାଳୟ ରେଢାଖୋଲର ପ୍ରାକ୍ତନ ଅଧ୍ୟକ୍ଷ ଡ. ହରପ୍ରସାଦ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସୋନପୁର ବ୍ଲକର ସହକାରୀ ଗୋଷ୍ଠି ଶିକ୍ଷା ଅଧିକାରୀ ଦୀନବନ୍ଧୁ ମିଶ୍ର ଓ କନ୍ଧମାଳ ଜିଲା ଚକାପାଦ ଆଦର୍ଶ ସ୍କୁଲର ଅଧକ୍ଷ ଶ୍ରୀକାନ୍ତ ଖମାରୀ ଯୋଗଦାନ କରି ଛାତ୍ରୀଛାତ୍ରଙ୍କୁ ଭଲ ପାଠ ପଢିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଶୈକ୍ଷିକ ନିର୍ଦ୍ଦେଶକ ତଥା ପ୍ରଧାନଶିକ୍ଷକ ରମେଶ ପ୍ରସାଦ ନାୟକ ସଭାକୁ ସଂଯୋଜନା କରିଥିଲେ । ଏହି ଅବସରରେ ବିଦ୍ୟାଳୟର କୃତି ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ବିଦ୍ୟାଳୟର ଶିକ୍ଷୟିତ୍ରୀ ନୀଳିମା ଖମାରୀ, ଶିକ୍ଷକ ରାଜେନ୍ଦ୍ର ନାରାୟଣ ମିଶ୍ର, ପ୍ରମୋଦ ସାହୁ, ମନୋଜ ଭୋଇ, ରାଜେଶ ଦାଶ, ମନୋଜ ସ୍ୱାଇଁ ଓ ଡୋଲାମଣି ପଧାନ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଦଳୀ କାଟିଲି ଚେକି ଚେକିଆ ଲୋ**
**ବାହୁଙ୍ଗା କାଟିଲି ଠିଆ**
**ମୋ ବାପା ଭାଇ ତ କଦଳୀ ଖିଆ ଲୋ**
**ଫାଟି ଯାଉଅଛି ହିଆ ।**

ବୋହୂର ବାପଘରକୁ ନୀଚା ଦେଖାଇବାକୁ ଯାଇ ଅନେକ ସମୟରେ ଶାଶୁଘର ଲୋକେ ନାନା କଟୁକଥା କହୁଥିବାର ଲକ୍ଷ୍ୟ କରାଯାଇଥାଏ। ଝିଅଟିଏ ସବୁ ଦୁଃଖକଷ୍ଟ ସହିଥାଏ କିନ୍ତୁ ନିଜ ବାପଭାଇଙ୍କ ନିନ୍ଦା ସହି ପାରି ନ ଥାଏ । ଏପରିସ୍ଥଳେ ବାପଘର ଅଭାବୀ ପରିବାର, ଭଲ ଦେଖିନାହାନ୍ତି, ଖାଇନାହାନ୍ତି କି ଜାଣିନାହାନ୍ତି ଆଦି କଟୁ ମନ୍ତବ୍ୟ ଶୁଣି କୋହ ସମ୍ବରଣ କରି ନ ପାରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କାମ ସାରି ବସ**
**ଭଗାରି ମାରି ହସ ।**

କାମଦାମ ସାରିଦେଲେ ମଣିଷ ଚିନ୍ତାଶୂନ୍ୟ ହୋଇଯାଏ। ତେଣିକି ବସି ବିଶ୍ରାମ କରିବାରେ ଅସୁବିଧା ରହି ନ ଥାଏ। ସେହିପରି ଭଗାରି ଶେଷ ହୋଇଗଲେ ଦାଉ ସାଧିବାକୁ ଆଉ କେହି ନ ଥାଏ। ଫଳସ୍ୱରୂପ ଶତ୍ରୁକୁ ନେଇ ଭୟଭୀତ ହେବାର ଆଉ କିଛି ଅବକାଶ ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ





ମଙ୍ଗଳବାର ସୁବର୍ଣ୍ଣପୁରରେ ନାଗରିକତା ସଂଶୋଧନ ନିୟମ ସମର୍ଥନରେ ଶୋଭାଯାତ୍ରା ।

## କେନ୍ଦୁଉଡାର ଫୁଟବଲ ଟୁର୍ଣ୍ଣାମେଣ୍ଟ : ଚଲକି ବିଜୟୀ

**ଟିକ୍ରାପଡା, ୨୪।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଝିଙ୍କିଡୁଙ୍ଗୁରି ପଞ୍ଚାୟତ ଅଧିନ କେନ୍ଦୁଉଡାରଠାରେ ଲାଣ୍ଟେଶ୍ୱର ସ୍ପୋର୍ଟସ ଏଣ୍ଡ କଲଚରାଲ କ୍ଲବ ଆନୁକୂଲ୍ୟରେ ପଞ୍ଚମ ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ମ୍ୟାଚରେ ଛନଛଡା ଦଳକୁ ୨-୦ ଗୋଲରେ ହରାଇ ଚଲକି ବିଜୟୀ ହୋଇଥିଲା । ବୈକୁଣ୍ଠନାଥ ଜେନାଙ୍କୁ ଖେଳ ପରିଚାଳନାରେ ମଣ୍ଟୁ ବେହେରା, ଜଳନ୍ଧର ସାହୁ, ରାଜିନ୍ଦ୍ର ମାଝି ସହାୟତା କରିଥିଲେ । ଚୂଡାମଣି ବରଗ୍ତି, ଜ୍ଞାନେଶ୍ୱର ପ୍ରଧାନୀ ଧାରା ବିବରଣୀ ପ୍ରଦାନ କରିଥିଲେ । କମିଟି ସଭାପତି ମୋତିଲାଲ ପ୍ରଧାନୀଙ୍କ ଅଧକ୍ଷତାରେ ଉଦ୍‌ଘାଟନୀ ସଭା ଅନୁଷ୍ଠିତ ହୋଇଥିଲା । ସମ୍ପାଦକ ସରୋଜ ମିର୍ଦ୍ଧା ସଭା ସଂଯୋଜନା କରିଥିଲେ । ବିଜୟ ପ୍ରଧାନୀ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ । ପୂର୍ବତନ ସରପଞ୍ଚ ସୀତାରାମ ମାଝି ମୁଖ୍ୟ ଅତିଥି, ଶିକ୍ଷାବିତ୍ ଶଙ୍କର ବରଗ୍ତି, ବିଭୁତିଭୂଷଣ ବରଗ୍ତି, ହରିଶ୍ଚନ୍ଦ୍ର ବରଗ୍ତି, ଜିଆରଏସ ପ୍ରମୋଦ ବୁଡେକ ସମ୍ମାନିତା ଅତିଥିଭାବେ ଯୋଗ ଦେଇଥିଲେ । ସର୍ଜନ ମିର୍ଦ୍ଧା, ରାଜିନ ନିଆଲ, ଦଳଗନ ମାଝି, ଅମ୍ବିକା ପ୍ରସାଦ ପ୍ରଧାନୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ବୁଧବାର ଟିକ୍ରାପଡା ବନାମ ଭାଲୁପିଟା ମ୍ୟାଚ ହେବ ବୋଲି ଆୟୋଜକ କମିଟି ସୂତ୍ରରୁ ପ୍ରକାଶ ।


### ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା

ଚଳିତ ରବି-୨୦୧୯ ରେ ଫସଲକୁ ପ୍ରଧାନମନ୍ତ୍ରୀ ଫସଲ ବୀମାଭୁକ୍ତ କରି ଫସଲ ହାନୀ ଓ ନଷ୍ଟ ହେଲେ ଫସଲ ହାନୀର କ୍ଷତିପୂରଣ ପାଆନ୍ତୁ ।

| ଫସଲ | ଫସଲର ଖର୍ଚ୍ଚ/ହେକ୍ଟର | ପ୍ରିମିଅମ୍‌ଦେୟ/ ହେକ୍ଟର |
|---|---|---|
| ଧାନ | ୫୭,୫୦୦ | ୮୬୨.୫୦ |
| ଚିନାବାଦାମ | ୫୫,୦୦୦ | ୮୨୫.୦୦ |
| ବିରି | ୩୦,୦୦୦ | ୪୫୦.୦୦ |
| ମୁଗ | ୩୦,୦୦୦ | ୪୫୦.୦୦ |
| ଆଖୁ | ୧,୧୨,୫୦୦ | ୧,୬୮୭.୫୦ |
| ଆଳୁ | ୧,୧୨,୫୦୦ | ୧,୬୮୭.୫୦ |
| ପିଆଜ | ୫୦,୦୦୦ | ୭୫୦.୦୦ |

- ବିମାରାଶି ଦଖଲ କରିବାର ଶେଷ ତାରିଖ -ତା୩୧.୧୨.୨୦୧୯
- ଅଧିକ ଜାଣିବା ପାଇଁ ନିକଟସ୍ଥ ବ୍ୟାଙ୍କ, ସମବାୟ ସମିତି, ସହକାରୀ କୃଷି ଅଧିକାରୀ ଅଥବା ଜନସେବା କେନ୍ଦ୍ର ସହ ଯୋଗାଯୋଗ କରନ୍ତୁ ।

ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, କଟକ ।


## ଶିଶୁ ସୁରକ୍ଷା ଯୋଜନାରେ ପୃଷ୍ଟପୋଷକତା ଆର୍ଥିକ ସହାୟତା ପ୍ରଦାନ





ଜଣେ ଅସହାୟ ଶିଶୁଙ୍କୁ ସହାୟତା ଚେକ୍ ପ୍ରଦାନ କରାଯାଉଛି ।

**ସୋନପୁର,୨୪।୧୨(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଦ୍ୱାରା ସମନ୍ୱିତ ଶିଶୁ ସୁରକ୍ଷା ଯୋଜନାରେ ପୃଷ୍ଟ ପୋଷକତା ପାଉଥିବା ୫୦ଟି ପରିବାରର ଅଭିଭାବକଙ୍କୁ ନେଇ ଏକ ପରାମର୍ଶ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଆର୍ଥିକ ଅନଗ୍ରସର ପରିବାରରେ ରହୁଥିବା ଅନାଥ ଓ ଅସହାୟ ଶିଶୁମାନଙ୍କୁ ପ୍ରତିମାସ ଦିଆ ଯାଉଥିବା ୨ ହଜାର ଟଙ୍କା ଆର୍ଥିକ ସହାୟତା କପରି ଠିକ୍ ଭାବେ ଶିଶୁମାନଙ୍କ ପାଇଁ ବିନିଯୋଗ ହେବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଜିଲା ଶିଶୁ ମଙ୍ଗଳ କମିଟି ଅଧକ୍ଷ ହିମାଂଶୁ ଭୂଷଣ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିଶୁମାନଙ୍କୁ ଦିଆଯାଉଥିବା ଆର୍ଥିକ ସହାୟତାର ଠିକ୍ ଖର୍ଚ୍ଚ କିଭଳି ହୋଇ ପାରିବ ବୁଝାଇଥିଲେ । ଏହି ଅବସରରେ ୭ ଜଣ ସେବା ଓ ଯତ୍ନ ଆବଶ୍ୟକ କରୁଥିବା ଆର୍ଥିକ ଅନଗ୍ରସର ପରିବାରର ଶିଶୁମାନଙ୍କୁ ୪ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କିଶୋର ନ୍ୟାୟ ବୋର୍ଡର ସଭ୍ୟ ଛବିଳ କର୍ଣ୍ଣ, ଶିଶୁ ମଙ୍ଗଳ କମିଟି ସଭ୍ୟ ମଧୁସୂଦନ ପ୍ରଧାନ, ବିଶେଷଜ୍ଞ କମିଟିର ସଭ୍ୟ ନୀଳାମ୍ବର ଶତପଥୀ ଓ ଜିଲା ମଙ୍ଗଳ ଅଧିକାରୀ ରବିନ୍ଦ୍ର ପାଲକା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ପ୍ରଶାନ୍ତ ମହାକୁଡ, ଥବିର କାଲସେ, ଶୁଭଶ୍ରୀ ପତି, ରୁଦ୍ର ପ୍ରସନ୍ନ ମିଶ୍ର, ସରିତା ସୁନା, ଚଉବନ ସେଠୀ ଶିବିର ଆୟୋଜନରେ ସହଯୋଗ କରିଥିଲେ ।

■ବ୍ଲକସ୍ତରୀୟ ମେଗା ସମନ୍ୱୟ ମେଳା

# ୩୨୭ ଏସ୍‌ଏଚ୍‌ଜିଙ୍କୁ ଋଣପ୍ରଦାନ

**ଉଲୁଣ୍ଡା, ୨୪।୧୨ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ମେଗା ସମନ୍ୱୟ ମେଳା ଅନୁଷ୍ଠିତ ହୋଇଯାଇଛି। ଓଡିଶା ଜୀବିକା ମିଶନ ଏବଂ ମିଶନ ଶକ୍ତି ଉଲୁଣ୍ଡାର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ମେଳାରେ ୩୨୭ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୪ କୋଟି ୩୮ ଲକ୍ଷ ୪୮ହଜାର ଟଙ୍କା ଋଣ ପ୍ରଦାନ କରାଯାଇଛି। ସେହିପରି ୧୫୮ ଗୋଟି ଏସ୍‌ଏଚ୍‌ଜିରୁ ୩୪ ଲକ୍ଷ ୮ ହଜାର ୪୫ ଟଙ୍କା ଅସୁଲ କରାଯାଇଥିଲା। ଏଫଆଇସି ସୋମନାଥ ପୁରୋହିତଙ୍କ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜିଲାପାଳ ମୋନିଷା ବାନେର୍ଜୀ ମୁଖ୍ୟଅତିଥି ଭାବେ ଯୋଗଦେଇ ମହିଳା ସଶକ୍ତିକରଣ ଉପରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଡିଏମ ଶରତ ଚନ୍ଦ୍ର ପଣ୍ଡା, ଏଲଡିଏମ ସରୋଜ ଦାଶ, ଡିଡିଏମ ନାବାର୍ଡ ତାପସ ଶଙ୍କର ରାଉତ, ଡିପିଏମ ଯୁବରାଜ ସାହୁ, ଡିପିସି କାର୍ତି ନାଏକ, ବିଡିଓ ନୀଳାମ୍ବର ମହାନନ୍ଦ, ବ୍ଲକ ଅଧକ୍ଷା ମିତାଲି ମହାକୁର ସମ୍ମାନୀତ ଅତିଥିଭାବେ ଭାବେ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବ୍ୟାଙ୍କ ଶାଖାର ପରିଚାଳକ ଯୋଗଦେଇ ଋଣ ପ୍ରଦାନ କରିଥିଲେ। ବ୍ଲକ ପ୍ରକଳ୍ପ ପରିଚାଳକ ରଞ୍ଜନ କୁମାର ସ୍ୱାଇଁ ଓ ମିଶନ ଶକ୍ତିର ବିପିସି ସଞ୍ଜିତ ଷଡଙ୍ଗୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165





FINANCE
ସରକାରୀ ଯୋଜନା ଦ୍ୱାରା All Odisha ଋଣ ନିଜର ମାର୍କସିଟ, ଆଧାରକାର୍ଡ, କୃଷି ଋଣ ମାତ୍ର ୦% ସୁଧ ୫୦% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
Call / SMS Now
Aastha - 9685015052
Rupali - 8963951185
Manisha - 9753016278
Mona - 7509774004
Janvi - 7566888563
Priyanka- 7649016745
Vasundhara Mall, West Boring Canal Rd, Rajapur, Patna, Bihar 800001





BUSINESS
ଖାଲିଥିବା ଜମି ଓ ଛାତ ଉପରେ Singhania Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
65/1, Ratna Villas Road, Gandhi Bazaar, Basavanagudi, Bengaluru, Karnataka 560004
Call / SMS Now
9453480851

LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
ଗୃହ ଋଣ, ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ପଶୁପାଳନ, ବ୍ୟବସାୟ, ପ୍ରପର୍ଟି, ଏଗ୍ରିକଲ୍ଚର, ଦୁଇ ଚକିଆ, ଗ୍ରୁପ୍ ଋଣ ସବୁ ପ୍ରକାର ଋଣ
2% ସୁଧ -40% ଛାଡ଼ରେ
ସହଜ କିସ୍ତିରେ ଘରେ ବସି ପାଆନ୍ତୁ
ମହିଳା ତଥା କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ମୁଦ୍ରା ଫାଇନାନ୍ସ
89291-25571
89296-19951
M.P. Nagar, Zone-1, Bhopal, Madhya Pradesh.

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 85,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ + Bike Free ଆଜି ହିଁ ସଂମ୍ପର୍କ କରନ୍ତୁ
No. 751/3, Beleghata Main Road Kolkata - 700010, West Bengal, India
09433670261
09433670482





FINANCE
ପ୍ରଧାନମନ୍ତ୍ରୀ ଯୋଜନା ଦ୍ୱାରା All India ଋଣ ନିଜର ମାର୍କସିଟ, ଆଧାରକାର୍ଡ, କୃଷି ଋଣ ମାତ୍ର ୦% ସୁଧ ୫୦% ଛାଡ ଘରେବସି ପାଆନ୍ତୁ
Call / SMS Now
Sadhana - 8878040214
Priyanka - 7649016745
Manisha - 9753016278
Manasi - 8827505029
Sweta - 8963979286
Nidhi - 8878026907
Vasundhara Mall, West Boring Canal Rd, Rajapur, Patna, Bihar 800001

Hindustan Tower ଗ୍ରୁପ୍ (ରେଜି.) କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨୦,୦୦,୦୦୦, ଭଡ଼ା ୬୦,୦୦୦ + କୋର୍ଟ ଏଗ୍ରୀମେଣ୍ଟ।
Helpline No.
7838639856
8929313996
Address- HNo.631, RANJIT ENCLAVE, VILL-NANGAL KARAR KHAN, JALANDHAR

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଦୁର୍ଘଟଣାରେ ବାଇକ୍ ଆରୋହୀ ଗୁରୁତର

କୁଚିଣ୍ଡା,୨୪।୧୨(ଡି.ଏନ୍.ଏ.): ସମ୍ବଲପୁର ଜିଲା ଢୁଡିଖୋଲ ବୁଲାଣୀରେ ଏକ ବାଇକ୍ ଆରୋହୀ ଦୁର୍ଘଟଣାଗ୍ରସ୍ତ ହୋଇ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ବଣେଇ ଅଞ୍ଚଳର ସୁଦର୍ଶନ ମାହାନ୍ତ। ମିଳିଥିବା ସୂଚନା ମୁତାବକ, ସୁଦର୍ଶନ ଏକ ବାଇକ୍(ନଂ. ଓଆର୍ ୧୪ ୟୁ- ୮୬୧୦) ଯୋଗେ ବଡ ଦିନ ଛୁଟି ନେଇ ଦେବଗଡ଼ ଜିଲା ଏକ ବିଦ୍ୟାଳୟରେ ପଢୁଥିବା ପିଲାଙ୍କୁ ଆଣିବାକୁ ଯାଉଥିଲେ। ହେଲେ ଢୁଡିଖୋଲ ବୁଲାଣୀରେ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ସୁଦର୍ଶନଙ୍କ ଏକ ଗୋଡ ଭାଙ୍ଗି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଏକ ଆମ୍ବୁଲାନ୍ସକୁ ଯୋଗେ କୁଚିଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ହେଲେ ଖବର ଲେଖା ହେବା ପର୍ଯ୍ୟନ୍ତ ପରିବାର ଲୋକେ ହସ୍ପିଟାଲରେ ପହଞ୍ଚି ନ ଥିବା ଜଣାପଡିଛି।

### ଆଜି ବଡ଼ଦିନ: ଆଲୋକମାଳାରେ ଝଟକିଲା ଚର୍ଚ୍ଚ

ସମ୍ବଲପୁର,୨୪।୧୨(ବ୍ୟୁରୋ): ସମ୍ବଲପୁର ସହର ତଥା ଗ୍ରାମାଞ୍ଚଳରେ ଥିବା ଚର୍ଚ୍ଚଗୁଡିକରେ ବଡଦିନ ପାଳନ ପାଇଁ ପ୍ରସ୍ତୁତି ଶେଷ ହୋଇଛି। ବଡ଼ଦିନ ଅବସରରେ ପ୍ରଭୁ ଯିଶୁଙ୍କୁ ସ୍ୱତନ୍ତ୍ର ଉପାସନା କରାଯିବ। ଏନେଇ ଚର୍ଚ୍ଚଗୁଡିରେ ବ୍ୟପକ ବ୍ୟବସ୍ଥା ହେବା ସହ ବିଭିନ୍ନ ରଙ୍ଗିନ ଆଲୋକମାଳାରେ ସୁସଜ୍ଜିତ କରାଯାଉଛି। ଗଙ୍ଗାଧର ମେହେର କଲେଜ ଛକ ଓଡ଼ିଆ ବାପ୍ଟିଷ୍ଟ ଚର୍ଚ୍ଚ, ସାକ୍ଷୀପଡ଼ା କ୍ୟାଥେଲିକ୍ ଚର୍ଚ୍ଚ, ଲକ୍ଷ୍ମୀଟକିଜ ମୁଣ୍ଡା ବାପ୍ଟିଷ୍ଟ ଚର୍ଚ୍ଚ, ବିନାଖଣ୍ଡି ସେଣ୍ଟ ଜେମ୍ସ ଚର୍ଚ୍ଚ, କୁଲୁଥକାନୀ ଗୋସନର ଇ.ଏଲ୍. ଚର୍ଚ୍ଚ, ଅଇଁଠାପାଲି ଦୟାସାଗର ପ୍ରାର୍ଥନା ଭବନ ଓ ପାଞ୍ଚଗଛିଆ ଚର୍ଚ୍ଚରେ ସ୍ୱତନ୍ତ୍ର ପ୍ରାର୍ଥନା ନେଇ ବ୍ୟବସ୍ଥା ହୋଇଛି। ଉପରି କି ବୁଧବାର ସନ୍ଧ୍ୟାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସହ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରାଯିବ ।

### ବଡ଼ଦିନ ପାଳନ ଅବସରରେ ରୋଗୀଙ୍କୁ ଫଳ ବଣ୍ଟନ

ନାକଟିଦେଉଳ, ୨୪।୧୨ (ଡି.ଏନ୍.ଏ.): ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ସଦରସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମଙ୍ଗଳବାର ଚରଡ଼ପଶୀଠାରେ ଥିବା ମଦର ଟେରେସା ଚର୍ଚ୍ଚ କମିଟି ପକ୍ଷରୁ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଛି । ବଡ଼ ଦିନ ତଥା ପ୍ରଭୁ ଯିଶୁଙ୍କ ଜନ୍ମ ଦିନ ଅବସରରେ ଫଳ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ଚରଡ଼ପଶି ଚର୍ଚ୍ଚ ମଣ୍ଡଳୀକର ସଭାପତି ଜନ କୁଲୁ, ସାମାଜିକ କର୍ମୀ ବେନେଦିକ ଲାକ୍ରା, ପୂର୍ବତନ ବ୍ଲକ ଅଧକ୍ଷ ସୁଦର୍ଶନ ସାହୁ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା.ଅମୂଲ୍ୟ ରତ୍ନ ମହନ୍ତ ଉପସ୍ଥିତ ରହି ରୋଗୀଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। ଅନ୍ୟମାନଙ୍କ ମଧରେ ଚରଡ଼ପଶି ଚର୍ଚ୍ଚ ମହିଳା ମଣ୍ଡଳୀର ସଭାନେତ୍ରୀ ପ୍ରମିଳା କୁଲୁ, ପ୍ରଚାରକ ସିଲବିରୁସ କୁଲୁ, ଫିଲମନ ଲାକ୍ରା ପ୍ରମୁଖ ଉପସ୍ଥିତ ଥିଲେ।

# ଭାଗନେଲେ ୯ ବ୍ଲକର ୧୮୦ ପ୍ରତିଯୋଗୀ



ସମ୍ବଲପୁର ବୁଢାରଜା ସ୍କୁଲରେ ଜିଲାସ୍ତରୀୟ ଶିଶୁ ମହୋତ୍ସବରେ ଅତିଥିମାନଙ୍କ ସହ ପୁରସ୍କୃତ ଛାତ୍ରୀଛାତ୍ରମାନେ ।

## ଜିଲାସ୍ତରୀୟ ଶିଶୁ ଉତ୍ସବ

ସମ୍ବଲପୁର,୨୪।୧୨(ବ୍ୟୁରୋ)

ସମ୍ବଲପୁର ବୁଢ଼ାରଜା ସରକାରୀ ହାଇସ୍କୁଲ ପରିସରରେ ଓଷ୍ଟା ପକ୍ଷରୁ ଜିଲାସ୍ତରୀୟ ଶିଶୁ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଅବସରପ୍ରାପ୍ତ ଜିଲା ଶିକ୍ଷାଧିକାରୀ ସୁବୋଧ କୁମାର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଓଷ୍ଟାର ପୂର୍ବତନ ସଭାପତି ଅଜିତ କୁମାର ଦାଶ, ପୂର୍ବତନ ଉପସଭାପତି ରାଜେନ୍ଦ୍ର କୁମାର ପଣ୍ଡା, ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଯଶୋବନ୍ତ ସାହୁ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ପରେ ତର୍କ, କଣ୍ଠ ସଙ୍ଗୀତ, ଚିତ୍ରାଙ୍କନ, ବୁଦ୍ଧି ପରୀକ୍ଷା, ସାଧାରଣଜ୍ଞାନ, କବିତା ରଚନା, ଗଳ୍ପଲିଖନ, ଏକକ ନୃତ୍ୟ, ଏକକ ଅଭିନୟ, ଆବୃତ୍ତି ପ୍ରତିଯୋଗିତା ହୋଇଥିଲା। ଏଥିରେ ଜିଲାର ସମସ୍ତ ୯ଟି ବ୍ଲକର ୧୮୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ତର୍କରେ ସରକାରୀ ଉଚ୍ଚ ବିଦ୍ୟାଳୟର ଶ୍ରୀୟା ନନ୍ଦ, କଣ୍ଠ ସଙ୍ଗୀତ ଶ୍ରୀଗଣେଶ ହାଇସ୍କୁଲର ସିଲି ମହାନନ୍ଦ, ଚିତ୍ରାଙ୍କନ ଶାସନ ହାଇସ୍କୁଲର ଆୟୁଷ ରଞ୍ଜନ ପ୍ରଧାନ, ଗଳ୍ପଲିଖନ ବୁଢ଼ାରଜା ବାଳିକା ଉଚ୍ଚ ବିଦ୍ୟାଳୟର ନିକିତା ସାହୁ, କବିତା ରଚନା ବାପୁଜୀ ହାଇସ୍କୁଲ ଡଙ୍ଗଚାର ଶୁକ୍ରୁ ମାଝୀ, ଏକକ ନୃତ୍ୟ ବୁଢ଼ାରଜା ବାଳିକା ଉଚ୍ଚ ବିଦ୍ୟାଳୟର ଶିବାନୀ ସିହ୍ନା ଏବଂ ଏକକ ଅଭିନୟ ଡୋଲେଶ୍ୱରୀ ବାଗ, ଆବୃତ୍ତି ଏଚୱାଇଏସ ହାଇସ୍କୁଲ ଚନ୍ଦନୀମାଳର ମେଘାସ୍ୱିନୀ ପଟେଲ, ସାଧାରଣ ଜ୍ଞାନ ଏଚୱାଇଏସ ହାଇସ୍କୁଲ ଚନ୍ଦନୀମାଳର ପୂର୍ଣ୍ଣଚନ୍ଦ୍ର କିଶାନ, କୁଇଜରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ବୁର୍ଲାର ଆୟୁଷ୍ମାନ ମିଶ୍ର ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଜିଲା ସଭାପତି ଗଗନ ବିହାରୀ ସ୍ୱାଇଁଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣୀ ଉତ୍ସବରେ ଶିକ୍ଷାବିତ ଅରବିନ୍ଦ ମହାପାତ୍ର ମୁଖ୍ୟଅତିଥି, ଯଶୋବନ୍ତ ସାହୁ ଓ ଗୋଷ୍ଠୀ ଶିକ୍ଷା ଅଧିକାରୀ ମୁରଲୀଧର ବେହେରା ଅନ୍ୟତମ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଜିଲା ସମ୍ପାଦକ ହରିନାରାୟଣ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ । ଯୁଗ୍ମ ସମ୍ପାଦକ ବିଭୂତି ଭୂଷଣ ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଦୀପାଳି ଚୌଧୁରୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଜଗବନ୍ଧୁ ବେହେରା, ଆନନ୍ଦ ଡନସନା, ଜୟଶଙ୍କର ପାଢ଼ୀ, ବିଶ୍ୱାମିତ୍ର ଦୀପ ପ୍ରମୁଖ ସହଯୋଗ କରିଥିଲେ ।

ସୂଚନାଯୋଗ୍ୟ, ଏହି କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଆସନ୍ତା ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ କଟକଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ।



## ଆକାଶବାଣୀରେ ହିନ୍ଦୀ ବୈଠକ

ସମ୍ବଲପୁର,୨୪।୧୨(ବ୍ୟୁରୋ)

ସମ୍ବଲପୁର ଆକାଶବାଣୀ କେନ୍ଦ୍ରରେ ରାଜ୍ୟ ଭାଷା କାର୍ଯ୍ୟାନ୍ୱୟନ ସମିତିର ତ୍ରୈମାସିକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ମୁଖ୍ୟ ପ୍ରଫୁଲ୍ଲ କୁମାର ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅକ୍ଟୋବରରୁ ଡିସେମ୍ବର ମାସ ପର୍ଯ୍ୟନ୍ତ ୩ ମାସ ଆକାଶବାଣୀ କେନ୍ଦ୍ରରେ ହିନ୍ଦୀ ଭାଷାର ବ୍ୟବହାର ଉପରେ ସମୀକ୍ଷା କରାଯାଇଥିଲା। କେନ୍ଦ୍ର ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ରାଜଭାଷା ନୀତି ଏବଂ ଲକ୍ଷ୍ୟ ଅନୁସାରେ ସମ୍ବଲପୁର କେନ୍ଦ୍ର ସଫଳତାର ସହ ପୁରା କରିପାରିଛି ବୋଲି ହିନ୍ଦୀ ଅଧିକାରୀ କ୍ଷେତ୍ରମଣି ବିଭାର ବୈଠକରେ ସୂଚନା ଦେଇଥିଲେ। ବୈଠକରେ ଏମ୍.ଆର୍.କେ. ରାଓ, ଜୟରାମ ମୁଣ୍ଡା, ସନ୍ତୋଷ ପିଙ୍ଗ, ସତ୍ୟରଞ୍ଜନ ପଣ୍ଡା, ସରୋଜ କୁମାର ଦେବତା, କାଶିଫ ଜମିଲ, ଜଗନ୍ନାଥ କୁଅଁର, ଚୈତନ୍ୟ ପ୍ରସାଦ ବେସ୍ରା, ପ୍ରବୀଣ କୁମାର ପ୍ରମୁଖ ଭାଗ ନେଇଥିଲେ।

# ୨୭ରୁ କୁଞ୍ଜ ବିହାର ଟ୍ରଫି: ଓଡ଼ିଶା–ସ୍ୱରାଷ୍ଟ୍ର ମଧ୍ୟରେ ମ୍ୟାଚ

ସମ୍ବଲପୁର,୨୪।୧୨(ବ୍ୟୁରୋ)




ସମ୍ବଲପୁର ଭିଏସଏସ ଷ୍ଟାଡିୟମରେ ଖବରଦାତା ସମ୍ମିଳନୀରେ ଜିଲା କ୍ରୀଡା ସଂଘର କର୍ମକର୍ତ୍ତା ।

ସମ୍ବଲପୁର ବୀର ସୁରେନ୍ଦ୍ର ସାଏ(ଭିଏସ୍ଏସ୍) ଷ୍ଟାଡିୟମରେ ଡିସେମ୍ବର ୨୭ ତାରିଖଠାରୁ ୧୯ ବର୍ଷରୁ କମ୍ ବୟସ ଖେଳାଳିଙ୍କୁ ନେଇ କୁଞ୍ଜ ବିହାର ଟ୍ରଫି ଅନୁଷ୍ଠିତ ହେବ। ଓଡ଼ିଶା ଓ ସ୍ୱରାଷ୍ଟ୍ର ମଧ୍ୟରେ ୪ ଦିନ ଧରି ସକାଳ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମ୍ୟାଚଗୁଡିକ ଖେଳାଯିବ। ଏନେଇ ଜିଲା କ୍ରୀଡା ସଂଘ ପକ୍ଷରୁ ଖେଳ ପଡ଼ିଆ ସହ ସମସ୍ତ ପ୍ରସ୍ତୁତି ଶେଷ କରିଛି ବୋଲି ଭିଏସଏସ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା କ୍ରୀଡ଼ା ସଂଘ ପକ୍ଷରୁ ସୂଚନା ଦିଆଯାଉଛି । ସଂଘ ପକ୍ଷରୁ କୁହାଯାଇଛି, ୨୫ ତାରିଖ ରାତିରେ ଉଭୟ ଦଳର ଖେଳାଳିମାନେ ସମ୍ବଲପୁରରେ ପହଞ୍ଚିବେ। ସେମାନଙ୍କୁ ସ୍ୱାଗତ କରାଯିବା ସହ ରହିବା ନେଇ ବ୍ୟବସ୍ଥା କରାଯାଇଛି। ୨୬ ତାରିଖରେ ଖେଳାଳିମାନେ ଅଭ୍ୟାସ କରିବେ । ମ୍ୟାଚରେ କେ.ନିଧିର ଓ ପ୍ରେମ ଭାର୍ଗବ ଅମ୍ପାୟର କାର୍ଯ୍ୟ ତୁଲାଇବେ। ସେହିପରି ଡ.ରୋହିତ ପ୍ରକାଶ ମ୍ୟାଚ ରେଫରୀ ଭାବେ ରହିଛନ୍ତି। ଓଡ଼ିଶା ଦଳର କୋଚ ନିରଞ୍ଜନ ବେହେରା ରହିଥିବା ବେଳେ ଦିଲୀପ ନନ୍ଦ ମ୍ୟାନେଜର ରହିଛନ୍ତି । ସ୍ୱରାଷ୍ଟ୍ର ଦଳର କୋଚ ଏଚ୍ ଗୋସ୍ୱାମୀ ଓ ମ୍ୟାନେଜର ଏମ୍ ଚୈହାନ ରହିଥିବା ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ଜିଲା କ୍ରୀଡ଼ାସଂଘ ସାଧାରଣ ସମ୍ପାଦକ ଦୁଲାଲଚନ୍ଦ୍ର ପ୍ରଧାନ, ଅବଦୁଲ ଗଫାର, ଅମୂଲ୍ୟ ମିଶ୍ର, ସୁନ୍ଦରମଣୀ ବାରିକ, ପ୍ରଶାନ୍ତ ସେଠ, ସୟଦ ଜିନ୍ଦା, ସୁନୀଲ ସାହୁ, ରାଜୀବ ବିଶ୍ୱାସ, ବିକାଶ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

# ପର୍ଯ୍ୟଟକଙ୍କୁ ସଚେତନତା ଲାଗି ଭିଡିଓ ପ୍ରଦର୍ଶନ

## ନୌକା ବିହାର ଲାଗି ପହଞ୍ଚିଲା ୪ ବୋଟ

ସମ୍ବଲପୁର,୨୪।୧୨(ବ୍ୟୁରୋ)

ଡେବ୍ରିଗଡ଼ ଅଭୟାରଣ୍ୟ

ପିକ୍‌ନିକ ଋତୁରରେ ଡେବ୍ରିଗଡ଼ ଅଭୟାରଣ୍ୟ ପ୍ରତି ଲୋକଙ୍କୁ ଆକୃଷ୍ଟ କରିବା ସହ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ନେଇ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ପ୍ରୟାଶ ଆରମ୍ଭ ହୋଇଛି। ଜଙ୍ଗଲ ସୁରକ୍ଷା ସହ ପ୍ଲାଷ୍ଟିକ ଫ୍ରି କରିବା ପାଇଁ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଏକ ସଚେତନତା ଭିଡିଓ ପ୍ରସ୍ତୁତ କରାଯାଇଛି। ଏନେଇ ମୁଖ୍ୟ ଗେଟ୍ ସମ୍ମୁଖରେ ସାଉଣ୍ଡ ସିଷ୍ଟମ ମାଧମରେ ପର୍ଯ୍ୟଟକଙ୍କୁ ଅଭୟାରଣ୍ୟ ବିଷୟରେ ବିଭିନ୍ନ ସୂଚନା ପ୍ରଦାନ କରାଯାଉଛି। ଏପରି କି ଡେବ୍ରିଗଡ ୱେବ ସାଇଡ ଓ ସୋସିଆଲ ମିଡିଆରେ ମଧ ବିଭିନ୍ନ ସୂଚନା ଦିଆଯାଇଛି। ଏଥିରେ ଅଭୟାରଣ୍ୟ ସମ୍ପର୍କରେ ସବିଶେଷ ତଥ୍ୟ ଏବଂ ନିର୍ଦ୍ଦେଶାବଳୀ ରହିଛି। ୧୯୮୫ରେ ଡେବ୍ରିଗଡ଼ ଅଭୟାରଣ୍ୟର ମାନ୍ୟତା ପାଇବା ପରେ ଏଠାରେ ପର୍ଯ୍ୟଟନଙ୍କ ସଂଖ୍ୟା ବୃଦ୍ଧି ନେଇ ବିଭିନ୍ନ ବ୍ୟବସ୍ଥା କରାଯାଇଛି । ଏଥିରେ ଅଭୟାରଣ୍ୟର ଅବସ୍ଥିତି, ବନ୍ୟପ୍ରାଣୀ ସଂଖ୍ୟା ଓ ବୀର ବୀରସୁରେନ୍ଦ୍ର ସାଏ ଡେବ୍ରିଗଡ଼ ଅଭୟାରଣ୍ୟରୁ କିଭଳି ଗରିଲା ଯୁଦ୍ଧ କରିଥିଲେ ସେ ସମ୍ପର୍କରେ ତଥ୍ୟ ପ୍ରଦାନ କରାଯାଇଛି। ଏହାସହ ଜଙ୍ଗଲ ମଧରେ ଏବଂ ସଫାରିରେ ବୁଲିବା ସମୟର ନିୟମାବଳୀ ସମ୍ପର୍କରେ ଅବଗତ କରାଯାଇଛି। ନିୟମ ଉଲ୍ଲଂଘନ କଲେ ବନ୍ୟଜନ୍ତୁ ସଂରକ୍ଷଣ ଆଇନ ୧୯୭୨ ଅନୁଯାୟୀ ଦଣ୍ଡିତ କରାଯିବ ବୋଲି କୁହାଯାଇଛି। ଭିଡିଓଟି ଉଭୟ ଇଂଲିଶ ଏବଂ ଓଡିଆ ସଂସ୍କରଣରେ ଉପଲବ୍ଧ ରହିଛି। ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ନେଇ ସଫାରୀ ଗାଡିରେ ବ୍ୟବସ୍ଥା ହୋଇଛି। ସଫାରୀ ଗାଡିରେ ଜଣେ ଗାଇଡ ରହି ପର୍ଯ୍ୟଟକଙ୍କୁ ଅଭୟାରଣ୍ୟ ସଂକ୍ରାନ୍ତରେ ସୂଚନା ଦେବାର ବ୍ୟବସ୍ଥା ରହିଛି। ଅଭୟାରଣ୍ୟରେ ନୌକା ବିହାର ପାଇଁ ବ୍ୟବସ୍ଥା କରାଯାଇଛି। ବୋଟରେ ବସି ପର୍ଯ୍ୟଟକ ନୌ ବିହାର କରିବା ସହ ହୀରାକୁଦ ଜଳ ଭଣ୍ଡାରର ପ୍ରାକୃତିକ ସୌନ୍ଦର୍ଯ୍ୟର ମଜା ଉଠାଇ ପାରିବେ। ପ୍ରଥମ ପର୍ଯ୍ୟାୟରେ ୨ଟି ବୋଟ ଆରମ୍ଭ କରାଯାଇଥିଲା । ବର୍ତ୍ତମାନ ପର୍ଯ୍ୟଟକଙ୍କ ଦୃଷ୍ଟିରେ ରଖି ପୁଣି ୪ ବୋଟ ଅଣାଯାଇଛି। ଏହି ବୋଟଗୁଡିକ ୧ ଜଣିଆ ସିଟ୍ ବିଶିଷ୍ଟ ଓ ଯନ୍ତ୍ର ଚାଳିତ । ବୋଟରେ ଜଳଭଣ୍ଡାର ବୁଲିବା ପାଇଁ ୩୦ରୁ ୪୦ ମିନିଟ ସମୟ ରହୁଛି। ପର୍ଯ୍ୟଟକଙ୍କ ପିଛା ୧୦୦ଟଙ୍କା ଫି ବ୍ୟବସ୍ଥା କରାଯାଇଥିବା ଜିଲା ବନ୍ୟପ୍ରାଣୀ ଡିଭିଜନ ସୂତ୍ରରୁ ସୂଚନା ମିଳିଛି। ସମ୍ବଲପୁର ସହରରୁ ପ୍ରାୟ ୪୦ କିଲୋମିଟର ଦୂରରେ ଅବସ୍ଥିତ ଡେବ୍ରିଗଡ଼ ଅଭୟାରଣ୍ୟ । ୩୪୭.୮୧ ବର୍ଗ କିଲୋମିଟର ବିଶିଷ୍ଟ ଏହି ଅଭୟାରଣ୍ୟ ସମ୍ବଲପୁର ଏବଂ ବରଗଡ଼ ଜିଲା ସୀମାରେ ରହୁଛି। ଏଠାରେ ବାଘ, ହାତୀ ଭଳି ବିଭିନ୍ନ ବନ୍ୟପ୍ରାଣୀ ରହିଛନ୍ତି। ଡେବ୍ରିଗଡ ଅଭୟାରଣ୍ୟକୁ ହୀରାକୁଦ ଜଳ ଭଣ୍ଡାର ମଧ ଲାଗି ରହିଛି । ୭୪୬ ବର୍ଗ କିଲୋମିଟର ଜଳଭଣ୍ଡାରର ୬୪୦ କିଲୋମିଟର ତଟ ଲାଇନ ଅଭୟାରଣ୍ୟକୁ ଲାଗି ରହିଛି । ବୋଟିଂ ବ୍ୟବସ୍ଥା ହେବା ଫଳରେ ପର୍ଯ୍ୟଟକ ନିଶ୍ଚିତ ଆକୃଷ୍ଟ ହେବେ ବୋଲି ବନ ବିଭାଗ ଆଶା ରଖିଛି।

## ▪ପଶ୍ଚିମ ଓଡିଶା ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରସଙ୍ଗ

# ୩ ଦିନିଆ ଆନ୍ଦୋଳନ ଶେଷ

ସମ୍ବଲପୁର,୨୪।୧୨(ବ୍ୟୁରୋ)



ମଙ୍ଗଳବାର ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ କଚେରି ଛକଠାରେ ନାଗରିକ କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତା ବସିଛନ୍ତି ।

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ପ୍ରତି ମାସର ଶେଷ ୩ ଦିନ କାର୍ଯ୍ୟ ଦିବସରେ ବନ୍ଦ ପାଳନ ମଙ୍ଗଳବାର ଶେଷ ହୋଇଛି । କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି(ସିଏସି) ଅଧୀନରେ ଥିବା ପଶ୍ଚିମ ଓଡ଼ିଶାର ଜିଲାଗୁଡିକ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ଆନ୍ଦୋଳନ ଯୋଗୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଅଫିସ ବନ୍ଦ ରହିଥିଲା। ନାଗରୀକ କ୍ରିୟାନୁଷ୍ଠାନ କମିଟି, ବିଭିନ୍ନ ସଂଗଠନ ଓ ଜିଲା ଓକିଲ ସଂଘର କର୍ମକର୍ତ୍ତା ଆନ୍ଦୋଳନରେ ସାମିଲ ହୋଇଥିଲେ। ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ବିଚାରପତି କୋର୍ଟ କାର୍ଯ୍ୟରେ ଯୋଗ ଦେବାକୁ ଆସୁଥିଲେ। ହେଲେ ଆନ୍ଦୋଳନ ସ୍ଥଳରୁ ଫେରିଯାଇଥିଲେ। ହାଇକୋର୍ଟ ବେଞ୍ଚ ଦାବି ନେଇ ସଘଂ କର୍ମକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରିବା ସହ ରାଜ୍ୟ ସକରାର ଓ କେନ୍ଦ୍ର ସରକାର ଉପରେ ବର୍ଷିଥିଲେ । ଏହା ସହ ହାଇକୋର୍ଟ ମତ ରଖିବାକୁ ଅନୁରୋଧ କରିଥିଲେ । ହାଇକୋର୍ଟ ମତ ଦେବା ପରେ କୋର୍ଟ କାର୍ଯ୍ୟ ସ୍ୱାଭାବିକ ହୋଇଯାଇପାରେ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଏପରି କି ସୁପ୍ରିମ କୋର୍ଟ ମଧ ଘଟଣାର ହସ୍ତକ୍ଷେପ କରନ୍ତୁ ବୋଲି ଦାବି ହୋଇଥିଲା। ଆନ୍ଦୋଳନ ଯୋଗୁ ରେଳ ବିଭାଗ, ଆୟକର ବିଭାଗ, ବାଣିଜ୍ୟକର ବିଭାଗ, ପୋଷ୍ଟ ଅଫିସ, ଜିଲାପାଳଙ୍କ କାର୍ଯ୍ୟାଳୟ, କଚେରୀ ବନ୍ଦ ରହିଥିଲା । ସୁଚନା ଯୋଗ୍ୟ, ୨୦୧୭ ସେପ୍ଟମ୍ବର ୫ ତାରିଖରୁ ଏହି ଆନ୍ଦୋଳନ ଜାରି ରହିଛି।

## ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

ରେଢାଖୋଲ,୨୪।୧୨(ଡି.ଏନ୍.ଏ.)

ରେଢାଖୋଲସ୍ଥିତ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ ମଙ୍ଗଳବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ସଂଗତି ମଣ୍ଡଳ ସଂଯୋଜକ ପ୍ରଫୁଲ୍ଲ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉପଜିଲାପାଳ ଡୋଳାମଣି ପଟେଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଲକ୍ଷଣ କୁମାର ସାହୁ ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ। ବିଦ୍ୟାଳୟ ସମ୍ପାଦକ ଗୋପିନାଥ ଖିଲାରୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟକ୍ଷା ପ୍ରମୋଦା ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ଶିକ୍ଷା ନିର୍ଦ୍ଦେଶକ ଭୀମସେନ ପ୍ରଦାନ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ

# ୩ ଦିନରେ ଓକିଲଙ୍କ ଆନ୍ଦୋଳନ, ସରକାରୀ କଳ ଅଚଳ




ସିଭିଲ କୋର୍ଟ ସମ୍ମୁଖରେ ଓକିଲ ଓ ନାଗରିକ ମଞ୍ଚର କର୍ମକର୍ତ୍ତା ଧାରଣାରେ ବସିଛନ୍ତି।

**ରେଢାଖୋଲ,୨୪।୧୨(ଡି.ଏନ୍.ଏ.)** ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ପଶ୍ଚିମ ଓଡ଼ିଶା ଓକିଲ ସଂଘ ସମୂହ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ଆହ୍ୱାନ କ୍ରମେ ପ୍ରତିମାସର ଶେଷ ୩ ଦିନ କାର୍ଯ୍ୟଦିବସରେ ରେଢାଖୋଲ ନାଗରିକ ମଞ୍ଚ ଓ ଓକିଲ ସଂଘ ପକ୍ଷରୁ ଆନ୍ଦୋଳନ କରାଯାଉଛି। ଏ ପରିପ୍ରେକ୍ଷୀରେ ଚଳିତ ମାସ ମଧ୍ୟ ଶେଷ ୩ ଦିନ କାର୍ଯ୍ୟଦିବସରେ ରେଢାଖୋଲ ଓକିଲସଂଘ ଓ ନାଗରିକ ମଞ୍ଚ ଆନ୍ଦୋଳନକୁ ଓହ୍ଲାଇଛି। ୨୫ ତାରିଖରୁ କୋର୍ଟ ଛୁଟି ରହୁଥିବାରୁ ଚଳିତ ମାସ ୨୧, ୨୩ ଓ ୨୪ ତାରିଖ ଆନ୍ଦୋଳନ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ମଙ୍ଗଳବାର ଆନ୍ଦୋଳନ ତୃତୀୟ ଦିନରେ ରେଢାଖୋଲ ପ୍ରଶାସନ ସମ୍ପୂର୍ଣ୍ଣ ଅଚଳ ହୋଇପଡିଥିଲା। ପୂର୍ବାହ୍ନ ୧୦ଟାରେ ନାଗରିକ ମଞ୍ଚ ଓ ଓକିଲମାନେ ସିଭିଲ କୋର୍ଟ ସମ୍ମୁଖରେ ଧାରଣାରେ ବସିବା ସହ ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ପିକେଟିଂ କରି କାର୍ଯ୍ୟାଳୟ ବନ୍ଦ କରିଥିଲେ। ଫଳରେ ବିଚାରପତିଙ୍କ ସମେତ କୋର୍ଟ କର୍ମଚାରୀମାନେ କୋର୍ଟ ଭିତରକୁ ଯାଇ ନ ପାରି ଫେରିଯାଇଥିଲେ। ସେହିପରି ଉପଖଣ୍ଡ ପ୍ରଶାସନର ବହୁ ଅଧିକାରୀ ଓ କର୍ମଚାରୀମାନେ କାର୍ଯ୍ୟାଳୟ ସମ୍ମୁଖରୁ ଫେରିଯାଇଥିଲେ। ବରିଷ୍ଠ ଆଇନଜୀବୀ ଶିବପ୍ରସାଦ ପ୍ରଧାନ, ଶମ୍ଭୁପ୍ରସାଦ ପ୍ରଧାନ, ସମ୍ପାଦକ ଗଣେଶ୍ୱର ପ୍ରଧାନ, ଜନ୍ମେଜୟ ସାହୁ, ଦୟାସାଗର ପ୍ରଧାନ, ନାରାୟଣ ତ୍ରିପାଠୀ, ଅଚ୍ୟୁତାନନ୍ଦ ପୁରୋହିତ, ଉମାକାନ୍ତ ମହାନନ୍ଦ, ଭବାନୀ ପଣ୍ଡା, ତୁଷାର କର, ଅନ୍ତର୍ଯ୍ୟାମୀ ସାହୁ, ନୀଳମାଧବ ମହାକୁଡଙ୍କ ସମେତ ସମସ୍ତ ଆଇନଜୀବୀ ଓ ନାଗରିକ ମଞ୍ଚର ଅନାଦି ଚରଣ ସାହୁ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।

## ▪କଫ ସିରପ୍, ନିଶା ବଟିକା ବ୍ୟବହାର ବନ୍ଦ କର

# କଲେଜ ଛାତ୍ରୀଛାତ୍ରଙ୍କ ରାଲି, ପଥପ୍ରାନ୍ତ ନାଟକ

ସମ୍ବଲପୁର,୨୪।୧୨(ବ୍ୟୁରୋ)



ସମ୍ବଲପୁର ଜିଲା ପୋଲିସ ପକ୍ଷରୁ ସଚେତନ ବାର୍ତ୍ତାନେଇ ପଥପ୍ରାନ୍ତ ନାଟକ ପ୍ରଦର୍ଶନ କରାଯାଉଛି।

ସମ୍ବଲପୁର ଜିଲା ପୋଲିସ ପକ୍ଷରୁ କଫ୍ ସିରପ୍ ଓ ନିଶା ବଟିକା ବନ୍ଦ କରିବା ନେଇ ଏକ ସଚେତନ ରାଲି କରାଯାଇଥିଲା। ସମ୍ବଲପୁର ଏସ୍‌ପି କନୱର ବିଶାଳ ସିଂଙ୍କ ତତ୍ତ୍ୱାବଧାନରେ ରାଲି ଆୟୋଜିତ ହୋଇଥିଲା । ଏଥିରେ ବିକାଶ କଲେଜ, ସମଲେଶ୍ୱରୀ କଲେଜ, ସରକାରୀ ମହିଳା କଲେଜ ଓ ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ। ରାଲି ବୁଢାରାଜା ଛକରୁ ବାହରି ଫାଟକ, ଚର୍ଚ୍ଚ ଛକ, ମୁଦିପଡା ଛକ ଦେଇ ସୁଇମିଂପୁଲ ଛକରେ ପହଞ୍ଚି ଥିଲା। ଏଥିରେ ଛାତ୍ରୀଛାତ୍ରମାନେ କଫ ସିରପ ଓ ନିଶା ବଟିକା ସେବନ ନ କରିବାକୁ ବିଭିନ୍ନ ସ୍ଲୋଗାନ ଦେଇ ଲୋକଙ୍କୁ ସଚେତନ କରିଥିଲେ। ଏହି ଅବସରରେ ଚର୍ଚ୍ଚଛକ ଓ ସୁଇମିଙ୍ଗପୁଲ ଛକ ନିକଟରେ ପଥ ପ୍ରାନ୍ତ ନାଟକ ହୋଇଥିଲା। ଛାତ୍ରୀଛାତ୍ରମାନେ ନାଟକରେ ନିଶା ଦ୍ରବ୍ୟ ସେବନ ଦ୍ୱାରା ମଣିଷ ରାଗାକ୍ରାନ୍ତ ହୋଇ କିଭଳି ମୃତ୍ୟୁ ମୁଖରେ ପଡିଥାଏ ତାହା ପ୍ରଦର୍ଶିତ କରିଥିଲେ। ଏପରି କି ଯୁବ ଗୋଷ୍ଠୀ ବେଆଇନ କଫ୍ ସିରଫ୍ ସହ ନିଶା ବଟିକା ବ୍ୟବହାର କରି କିପରି ପଥଭ୍ରଷ୍ଟ ହେଉଛନ୍ତି ତାହା ପ୍ରଦର୍ଶିତ କରି ଲୋକଙ୍କୁ ସଚେତନ କରାଇଥିଲେ । କାର୍ଯ୍ୟକ୍ରମରେ ସଦର ଏସ୍‌ଡିପିଓ ତପନ କୁମାର ମହାନ୍ତି, ଟାଉନଥାନା ଅଧିକାରୀ ରମେଶ ଚନ୍ଦ୍ର ଡୋରା, ଧନୁପାଲି ଥାନା ଅଧିକାରୀ କଳମ ଲୋଚନ ପଣ୍ଡା, ଅଇଁଠାପାଲି ଥାନା ଅଧିକାରୀ ଯୋଗେଶ ପଣ୍ଡା, କ୍ଷେତରାଜପୁର ଥାନା ଅଧିକାରୀ ମମତା ନାଏକଙ୍କ ସମେତ ଟ୍ରାଫିକ ଡିଏସ୍‌ପି ହିମାଂଶୁ ବେହେରାଙ୍କ ସହ ପୋଲିସ କର୍ମଚାରୀ ଉପସ୍ଥିତ ରହିଥିଲେ।



## ବୁଲିଲା ବୁଲ୍‌ଡୋଜର

୭୫ ମିଟର ଉଚ୍ଛେଦ ନିଷ୍ପତ୍ତି ପୂର୍ବରୁ ପ୍ରଥମେ ଶ୍ରୀମନ୍ଦିର ମେଘନାଦ ପାଚେରିକୁ ଲାଗି ରହିଥିବା ସବୁ ନିର୍ମାଣ ଭାଙ୍ଗିବାକୁ ହୋଇଥିଲା ନିଷ୍ପତ୍ତି। ଅଗଷ୍ଟ ୧୯ରେ ପ୍ରଥମେ ଦକ୍ଷିଣ ପାର୍ଶ୍ୱରୁ ଭଙ୍ଗା ଅଭିଯାନ ଆରମ୍ଭ ହୋଇଥିଲା। ଏହି ପାର୍ଶ୍ୱରେ ଥିବା ଖଜା ଦୋକାନ, ଦୁଇ ମହଲା ବିଶିଷ୍ଟ ଶୌଚାଳୟ, କ୍ଳୋକରୁମ୍, ଜୋତାଷ୍ଟାଣ୍ଡ, ପିଏଚ୍‌ଡି ପମ୍ପ ହାଉସ୍ ଭଙ୍ଗା ଯାଇଥିଲା। ପରେ ସିଂହଦ୍ୱାର ନିକଟ ଅର୍ଥାତ୍ ପୂର୍ବପାର୍ଶ୍ୱରେ ଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ସୂଚନା କେନ୍ଦ୍ର, ସିଂହଦ୍ୱାର ପୋଲିସ ଫାଣ୍ଡି ଏବଂ ପଶ୍ଚିମ ପାର୍ଶ୍ୱରେ ଥିବା ସେସୁ ଅଫିସ, ଶ୍ରୀମନ୍ଦିର ବିଦ୍ୟୁତ୍ କାର୍ଯ୍ୟାଳୟ ଶୌଚାଳୟକୁ ଉଚ୍ଛେଦ କରାଯାଇଥିଲା।




# ୭୫ ମିଟର ପରିଧି ସୁରକ୍ଷା ଜୋନ୍

ଅଗଷ୍ଟ ୧୬ରେ ରାଜ୍ୟ କ୍ୟାବିନେଟରେ ନିଆଯାଇଥିଲା ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି। ଶ୍ରୀମନ୍ଦିର ସୁରକ୍ଷା ଲାଗି ମେଘନାଦ ପ୍ରାଚୀର ଚତୁଃପାର୍ଶ୍ୱସ୍ଥ ୭୫ ମିଟର ପରିଧି ମଧ୍ୟରେ ଥିବା ସବୁ ନିର୍ମାଣ ଉଚ୍ଛେଦ କରାଯିବାକୁ ଅନୁମୋଦନ କଲା କ୍ୟାବିନେଟ। ସୁରକ୍ଷା ଜୋନ କୁହାଯାଉଥିବା ଏହି ୭୫ ମିଟର ପରିଧି ମଧ୍ୟରେ ଥିବା ସମସ୍ତ ନିର୍ମାଣ ଉଚ୍ଛେଦ ପାଇଁ ନିଷ୍ପତ୍ତି ହେଲା। ଏଥିପାଇଁ ଆବଶ୍ୟକ ସର୍ଭେ ଓ ଜମି ଅଧିଗ୍ରହଣ ଲାଗି ପୁରୀ ଜିଲାପାଳଙ୍କୁ ଦାୟିତ୍ୱ ଦିଆଗଲା। ଏହାଦ୍ୱାରା ବିସ୍ଥାପିତ ହେବାକୁ ଥିବା ଲୋକଙ୍କୁ ଥଇଥାନ କରାଯିବା ସହିତ କ୍ଷତିପୂରଣ ପ୍ରଦାନ ଲାଗି ନିଆଗଲା ନିଷ୍ପତ୍ତି। ଏହାକୁ ନେଇ ପୁରୀରେ ତୀବ୍ର ପ୍ରତିବାଦ ସୃଷ୍ଟି ହେଲା।

## ମାଟିରେ ମିଶିଲା ପୁରାତନ ମଠ

ରାଜ୍ୟ ସରକାରଙ୍କ ନିଷ୍ପତ୍ତି ମୁତାବକ ଶ୍ରୀମନ୍ଦିର ସୁରକ୍ଷା ଜୋନ୍‌ରେ ଥିବା ଏକାଧିକ ପୁରାତନ ମଠ ମାଟିରେ ମିଶିଛି। ଅଗଷ୍ଟ ୨୭ରେ ପ୍ରଥମେ ସତ୍ତା ହରାଇଥିଲା ଲଙ୍ଗୁଳି ମଠ। ଅସୁରକ୍ଷିତ ଦର୍ଶାଇ ପ୍ରଶାସନ ପ୍ରଥମେ ଏହା ଉପରେ ବୁଲ୍‌ଡୋଜର ଚଳାଇଥିଲା। ଅଗଷ୍ଟ ୨୯ରେ ଏମାର ମଠ ଭଙ୍ଗା ଯାଇଥିଲା। ପରେ ପରେ ବଡ଼ ଆଖଡା ମଠ, ମଙ୍ଗୁ ମଠ, ସାନଛତା ମଠ ଭଙ୍ଗାଯାଇଛି। ସେହିପରି ଐତିହ୍ୟସମ୍ପନ୍ନ ରଘୁନନ୍ଦନ ପାଠାଗାରକୁ ଉଚ୍ଛେଦ କରାଯାଇଥିଲା।



## ଠାବ ହେଲା ଭୂତଳ ଘର

ଏମାର ମଠ ଭଙ୍ଗାଯିବା ସମୟରେ ଠାବ ହୋଇଥିଲା ଭୂତଳ ଘର। ଭୂମିଠାରୁ ପ୍ରାୟ ୧୦ରୁ ୧୫ଫୁଟ ତଳକୁ ରହିଥିବା ଏହି ୬ଥାକିଆ ଘର ଉପରକୁ ପ୍ରାୟ ୪୦ ଫୁଟ ରହିଥିଲା। ସମ୍ପୂର୍ଣ୍ଣ ପରିତ୍ୟକ୍ତ ଏବଂ ଅନ୍ଧକାରମୟ ଥିବା ଏହି ଘର ମଠର କୋଠି ଘର ଥିଲା, ଯେଉଁଠି ଧାନ, ଚାଉଳ ରହୁଥିଲା। ଦୀର୍ଘବର୍ଷ ଧରି ପରିତ୍ୟକ୍ତ ଅବସ୍ଥାରେ ଥିବାରୁ ଏହା ମଧ୍ୟରେ ମାଙ୍କଡ଼, ଚେମେଣି ଚଟିଆ, ମୂଷା ଏବଂ ବିଭିନ୍ନ ପ୍ରକାର ପକ୍ଷୀ ରହୁଥିଲେ।

## ଶ୍ରୀମନ୍ଦିର ଭିତରେ ଟିକ୍‌ଟକ୍ ଭିଡିଓ

ଶ୍ରୀମନ୍ଦିର ଭିତରକୁ ମୋବାଇଲ ଫୋନ୍ ନେବା ଉପରେ ରହିଛି କଟକଣା। ଏହାସତ୍ତ୍ୱେ ଚଳିତବର୍ଷ ବିଭିନ୍ନ ସମୟରେ ଶ୍ରୀମନ୍ଦିର ଭିତରର ବହୁ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବା, ସେଲ୍‌ଫି ଉଠାଯିବା ଏବଂ ଟିକ୍‌ଟକ୍ ଭିଡିଓ କରାଯିବା ଭଳି ଘଟଣା ସାମ୍ନାକୁ ଆସିଥିଲା। ଜଣେ ନାବାଳିକା ମନ୍ଦିର ଭିତରେ ଟିକ୍‌ଟକ୍ ଭିଡିଓ କରି ଏହାକୁ ସୋସିଆଲ ମିଡିଆରେ ଅପ୍‌ଲୋଡ କରିଥିଲେ ; ଯେଉଁଥିରେ ଭିତର ବେଢା, ଭୋଗମଣ୍ଡପ ସହ ଆନନ୍ଦ ବଜାରରେ ମହାପ୍ରସାଦ ସେବନର ଦୃଶ୍ୟ ରହିଥିଲା। ଏହି ଘଟଣା ବେଶ୍ ଚର୍ଚ୍ଚା ସୃଷ୍ଟି କରିଥିଲା। ସେହିପରି ଜାନୁୟାରୀ ପହିଲାରେ ମନ୍ଦିର ଭିତରେ ସେଲ୍‌ଫି ଉଠାଇ ୪ ଆଇଆର୍‌ବି ଯବାନ ଜରିମାନା ଗଣିଥିଲେ। ଡିସେମ୍ବର ୨୧ରେ ପୁଣି ଶ୍ରୀମନ୍ଦିର ଭିତରର ଫଟୋ ଓ ଭିଡିଓ ଭାଇରାଲକୁ ନେଇ ହଟଚମଟ ସୃଷ୍ଟି ହୋଇଥିଲା। ପଶ୍ଚିମବଙ୍ଗ ବର୍ଦ୍ଧମାନ ଅଞ୍ଚଳର ସୋମ୍ ମୋଡାକଙ୍କ ଫେସ୍‌ବୁକ ଆକାଉଣ୍ଟରେ ପୋଷ୍ଟ ହୋଇଥିବା ୫୦ ସେକେଣ୍ଡର ଭିଡିଓରେ ଭୋଗମଣ୍ଡପ, ସାତପାହାଚ, ନାଭିକଟା ମଣ୍ଡପ, ଘଣ୍ଟିଦ୍ୱାର, କୀର୍ତ୍ତନ ଚକଡା, ଲକ୍ଷ୍ମୀ ମନ୍ଦିର, ସୂର୍ଯ୍ୟ ମନ୍ଦିର ଆଦି ରହିଥିଲା। ଶ୍ରୀମନ୍ଦିର ଚାହାଣି ମଣ୍ଡପରେ ଜଣେ ଯୁବକ ମୋବାଇଲ ଫୋନ ଧରି କଥା ହେଉଥିବା ଫଟୋ ମଧ୍ୟ ଭାଇରାଲ ହୋଇଥିଲା।

## ଫୁଲରେ ଝଲସିଲା ଶ୍ରୀମନ୍ଦିର

ପ୍ରଥମଥର ପାଇଁ ଫୁଲରେ ଝଲସି ଥିଲା ଶ୍ରୀମନ୍ଦିର। ବିଭିନ୍ନ ପର୍ବପର୍ବାଣିରେ ବଡ଼ଦେଉଳକୁ ଫୁଲରେ ସଜାଯାଏ। ହେଲେ ୨୦୧୯ ରଥଯାତ୍ରା ଅବସରରେ ଶ୍ରୀମନ୍ଦିରକୁ ନବବଧୂ ଭଳି ଫୁଲରେ ସଜ୍ଜା ଯାଇଥିଲା। ବିଭିନ୍ନ ପ୍ରକାର ଫଳ ବି ବଡ଼ଦେଉଳର ଶୋଭାମଣ୍ଡନ କରିଥିଲା। ସେହିପରି ତିନିରଥ, ଶ୍ରୀଗୁଣ୍ଡିଚା ମନ୍ଦିର ଫୁଲରେ ସଜ୍ଜିତ ହୋଇଥିଲା। ଦିଲ୍ଲୀର ଜଣେ ଭକ୍ତ କେ.କେ. ଶର୍ମା ନିଜସ୍ୱ ଖର୍ଚ୍ଚରେ ଏହି କାର୍ଯ୍ୟ କରିଥିଲେ। ପ୍ରାୟ ୨୫୦ କାରିଗର ଏଥିରେ ନିୟୋଜିତ ହୋଇଥିବାବେଳେ ୧୨ରୁ ୧୪ ଟ୍ରକ୍ ଫୁଲ ଲାଗିଥିଲା।





## ରତ୍ନଭଣ୍ଡାର ରାଜନୀତି



୨୦୧୮ ଭଳି ୨୦୧୯ରେ ବି ବେଶ୍ ଚର୍ଚ୍ଚାରେ ଥିଲା ରତ୍ନଭଣ୍ଡାର। ଏହାକୁ ନେଇ ରାଜନୀତି ଜୋର୍ ହୋଇଥିଲା। ଭିତର ରତ୍ନଭଣ୍ଡାର ଖୋଲିବାକୁ ବିରୋଧୀ ଦାବି କରିଥିଲେ। ବିଧାନସଭାରେ କଂଗ୍ରେସ ବିଧାୟକ ସୁରେଶ ରାଉତରାୟଙ୍କ ପ୍ରଶ୍ନରେ ଆଇନମନ୍ତ୍ରୀ କହିଥିଲେ, ଏବେ ରତ୍ନଭଣ୍ଡାର ଖୋଲିବାର ପ୍ରସ୍ତାବ ନାହିଁ। ଫଳରେ ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ସୁରକ୍ଷାକୁ ନେଇ ଉଠିଥିଲା ପ୍ରଶ୍ନବାଚୀ। ଅକ୍ଟୋବର ୨୯ରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ ମଧ୍ୟ ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ବିଭିନ୍ନ ସଙ୍ଗଠନ ପକ୍ଷରୁ ମଧ୍ୟ ରତ୍ନଭଣ୍ଡାର ଖୋଲିବା ଦାବିରେ ଧାରଣା, ବିକ୍ଷୋଭ କରାଯାଇଥିଲା।

## ଚକ୍‌ମା ଦେଲା ଡ୍ରୋନ

ଶ୍ରୀମନ୍ଦିର ଉପରେ ଆତଙ୍କବାଦୀ ଆକ୍ରମଣର ଆଶଙ୍କା ରହିଛି। ଏ ନେଇ ଗୋଇନ୍ଦା ବିଭାଗ ବିଭିନ୍ନ ସମୟରେ ରିପୋର୍ଟ ଦେଉଛି। ଏଥିପାଇଁ ଜାତୀୟ ସୁରକ୍ଷା ବାହିନୀ (ଏନ୍‌ଏସ୍‌ଜି) ବିଭିନ୍ନ ସମୟରେ ଆସି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରୁଛି। ସେହିପରି ଶ୍ରୀମନ୍ଦିର ମଧ୍ୟରେ ଫଟୋ ଉଠାଇବା, ଭିଡିଓ ଉତ୍ତୋଳନ କରିବା ସମ୍ପୂର୍ଣ୍ଣ ନିଷେଧ। ଏହାସତ୍ତ୍ୱେ ସୁରକ୍ଷା ବ୍ୟବସ୍ଥାକୁ ଚ୍ୟାଲେଞ୍ଜ ଦେଇ ଅକ୍ଟୋବର ୮ରେ ଶ୍ରୀମନ୍ଦିର ଉପରେ ଉଡ଼ିଥିଲା ଡ୍ରୋନ। କିଛି ଭକ୍ତ ଦେଖିବା ପରେ ଏହା ପୋଲିସ ଓ ସେବାୟତଙ୍କ ନଜରକୁ ଆସିଥିଲା। ସେତେବେଳେ ଭିତର ବେଢା ଅଞ୍ଚଳ ଉପରେ ଉଡୁଥିବା ଡ୍ରୋନକୁ ଫଲୋ କରିବା ଲାଗି ଜଣେ ପୋଲିସ ଅଧିକାରୀ ଉତ୍ତର ଦ୍ୱାର ବାଟେ ବାହାରକୁ ଆସିଥିଲେ। ହେଲେ ଡ୍ରୋନଟି ଦକ୍ଷିଣ ଦ୍ୱାର ଉପର ଦେଇ ହରଚଣ୍ଡୀସାହି ଆଡ଼କୁ ପଳାଇଥିଲା। ଏହି ଗୋଟିଏ ଘଟଣା ନୁହେଁ, ଚଳିତବର୍ଷ ଏକାଧିକ ଥର ଶ୍ରୀମନ୍ଦିର ଉପରେ ଡ୍ରୋନ ଉଡ଼ିଥିଲା।

## ଭକ୍ତ ବି ଖାଇଛନ୍ତି ମାଡ଼

ଶ୍ରୀମନ୍ଦିରରେ ଭକ୍ତଙ୍କୁ ଦୁର୍ବ୍ୟବହାର ସହ ମାଡ଼ ଖାଇ ଲହୁଲୁହାଣ ହେବାକୁ ପଡ଼ିଥିଲା। ଜୁଲାଇ ୩ରେ ଭିତରକାଠ ନିକଟରେ ଦର୍ଶନ ଚାଲିଥିଲା। ଏହି ସମୟରେ ପ୍ରବଳ ଗହଳି ଥିଲା। ଭିଡ଼ ନିୟନ୍ତ୍ରଣ ବାହାନାରେ ପୋଲିସ ଯାଜପୁର ଜିଲାର ରାଜଲକ୍ଷ୍ମୀ ପଣ୍ଡାଙ୍କୁ ଗୁଆ ଖୋଳପାରେ ମାଡ଼ ମାରିଥିଲେ। ଫଳରେ ତାଙ୍କ ଆଖିପତା ଫାଟିଯିବା ସହ ରକ୍ତ ବାହାରିଥିଲା। ରାଜଲକ୍ଷ୍ମୀ ଏହାର ପ୍ରତିବାଦ କରି ପୋଲିସ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଫେରାଦ ହୋଇଥିଲେ। ସେହିପରି ଏକାଧିକ ଭକ୍ତ ଦୁର୍ବ୍ୟବହାରର ଶିକାର ହୋଇଥିଲେ।

## ହୁଣ୍ଡିରୁ ମିଳିଲା ବିଦେଶୀ ମୁଦ୍ରା

ପ୍ରତିଦିନ ଶ୍ରୀମନ୍ଦିର ହୁଣ୍ଡି ଗଣତି କରାଯାଏ। ଏଥିରେ ଭକ୍ତମାନେ ଦାନ ଆକାରରେ ଟଙ୍କା ପଇସା, ସୁନାରୁପା ଏବଂ ଅନ୍ୟାନ୍ୟ ଦ୍ରବ୍ୟ ଦେଇଥାନ୍ତି। ତେବେ ଫେବୃୟାରୀ ୫ରେ ଗଣତି ବେଳେ ବାହାରିଥିଲା ୨୬ ଆମେରିକୀୟ ଡଲାର। ଶ୍ରୀମନ୍ଦିର ହୁଣ୍ଡିରେ ବିଦେଶୀ ମୁଦ୍ରା ପଡ଼ିବା କିଛି ନୂଆ କଥା ନୁହେଁ। କିନ୍ତୁ ଏହି ବିଦେଶୀ ମୁଦ୍ରାକୁ ନେଇ ନାନା ପ୍ରକାର ଚର୍ଚ୍ଚା ହୋଇଥିଲା। କୌଣସି ଏନ୍‌ଆର୍‌ଆଇ କିମ୍ବା କୌଣସି ଅଣହିନ୍ଦୁ ଭକ୍ତ ଏହାକୁ ପକାଇ ପାରିଥାନ୍ତି ବୋଲି ଶୁଣିବାକୁ ମିଳିଥିଲା।

## ନୀଳଚକ୍ରରେ ଗାମୁଛା ବାନ୍ଧିଲେ ନାବାଳକ

ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ଅଧିକ କଡ଼ାକଡ଼ି କରାଯାଇଛି। ଜେଟିପି, ଓଡ଼ିଶା ପୋଲିସ ନିୟୋଜିତ ଥିବାବେଳେ ଶ୍ରୀମନ୍ଦିର ପରିସରରେ ପଇଁତରା ମାରୁଛନ୍ତି ସ୍କ୍ୱାଡ୍। ହେଲେ ଶ୍ରୀମନ୍ଦିର ସୁରକ୍ଷା ପ୍ରତି ଯେ ସମସ୍ତେ ବେଫିକର ସେମିତି ଏକ ଦୃଶ୍ୟ ଦେଖିବାକୁ ମିଳିଥିଲା ଏପ୍ରିଲ ୨୦ରେ। ଜଣେ ନାବାଳକ ସମସ୍ତଙ୍କ ଅଗୋଚରରେ ମନ୍ଦିରରେ ଚଢି ନୀଳଚକ୍ରରେ ବନ୍ଧାଯାଇଥିବା ଏକ ହଳଦିଆ ବାନା ଖୋଲି ଆଣି ପୁରୁଣା ଗାମୁଛା ବାନ୍ଧି ଦେଇଥିଲେ। ଏଥିଯୋଗୁ ନୀଳଚକ୍ରକୁ ମାଜଣା କରାଯାଇଥିଲା।



## ଅଦିନିଆ ରଥଯାତ୍ରାରେ ବ୍ରେକ୍

ପ୍ରବଳ ବିରୋଧ ପରେ ମହାପ୍ରଭୁଙ୍କ ଅଦିନିଆ ରଥଯାତ୍ରାରେ ଲାଗିଛି ବ୍ରେକ୍। ୨୦୧୯ରେ ଏହିଭଳି ଦୁଇଟି ଘଟଣା ସାମ୍ନାକୁ ଆସିଥିଲା। ପଞ୍ଜାବ ଲୁଧିଆନାସ୍ଥିତ ଇସ୍କନ ସଂସ୍ଥା ପକ୍ଷରୁ ନଭେମ୍ବର ୧୭ ଏବଂ ଉତ୍ତରପ୍ରଦେଶ ଗାଜିଆବାଦସ୍ଥିତ ଶ୍ରୀମଦ୍ ନାରଦୀୟ ଭଗବତ ନିକୁଞ୍ଜ ଟ୍ରଷ୍ଟ ପକ୍ଷରୁ ଡିସେମ୍ବର ୨୯ରେ ରଥଯାତ୍ରା କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏ ନେଇ ଶ୍ରୀଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ଦୁଇସଂସ୍ଥା ବିରୋଧରେ ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଥିଲା। ଗଜପତି ମହାରାଜା ଦିବ୍ୟସିଂହ ଦେବ ମଧ୍ୟ ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ସବୁଠି ରଥଯାତ୍ରା ହେବା ଉଚିତ ବୋଲି କହିଥିଲେ। ଏହାପରେ ସମ୍ପୃକ୍ତ ଦୁଇସଂସ୍ଥା ସେମାନଙ୍କ ନିଷ୍ପତ୍ତିରୁ ଓହରି ଯାଇଥିଲେ।

## ବଡ଼ଦେଉଳରୁ ବଡ଼ ଲୁଟ୍

ଶ୍ରୀମନ୍ଦିରରେ ଭକ୍ତ ଲୁଟ୍‌ର ଶିକାର ହେଉଥିବା ବିଭିନ୍ନ ସମୟରେ ଶୁଣିବାକୁ ମିଳେ। ତେବେ ୨୦୧୯ରେ ବଡଦେଉଳ ପରିସରରୁ ହୋଇଥିଲା ବଡ଼ଧରଣର ଲୁଟ୍। ଏପ୍ରିଲ ୧ ତାରିଖ ରାତିରେ ଶ୍ରୀମନ୍ଦିର ବେଢା ପରିସରସ୍ଥ ଶ୍ରୀରାମ ମନ୍ଦିରର ଦାନବାକ୍ସରୁ ଟଙ୍କା ଚୋରି ହୋଇଥିବାବେଳେ ସୀତାଦେବୀଙ୍କ ମୂର୍ତ୍ତି ନେବାକୁ ଉଦ୍ୟମ ବିଫଳ ହୋଇଥିଲା। ସେହିପରି ଏପ୍ରିଲ ୧୦ ତାରିଖ ରାତିରେ କୋଇଲି ବୈକୁଣ୍ଠ ନିକଟ ସୁଆର ମହାସୁଆର ନିଯୋଗ ଅନ୍ନଦାନ ଆଟିକା କାର୍ଯ୍ୟାଳୟ କାନ୍ଥ ତାଡ଼ି ଲକ୍ଷାଧିକ ଟଙ୍କା ଚୋରି ହୋଇଥିଲା। ସିସିଟିଭି ଫୁଟେଜ ଯାଞ୍ଚରୁ ଅଭିଯୁକ୍ତ ଜଣେ ନାବାଳକ ବୋଲି ପୋଲିସ ଜାଣିବାକୁ ପାଇଥିଲା।



"ସଲ୍‌ମାନଙ୍କ ସହ ମୋହ ଭଲ ସମ୍ପର୍କ ଅଛି ଓ ତାଙ୍କ ସହ ମୋର କୌଣସି ପ୍ରତିଦ୍ୱନ୍ଦ୍ୱିତା କରିବାର ନାହିଁ। ତାଙ୍କ ପ୍ରତି ମୋର ବହୁତ ଭଲପାଇବା ରହିଛି।
-ଅକ୍ଷୟ କୁମାର,
ବଲିଉଡ୍ ଅଭିନେତା

# ଇକୋ-ୱାରିୟର ମାଳବିକା





**ବେଙ୍ଗାଲୁରୁ:** ବେଙ୍ଗାଲୁରୁ ନିକଟ ଏକ ଛୋଟ ଗାଁରେ ଜନ୍ମିତ ଝିଅ ମାଳବିକା କୃଷି ଓ ପରିବେଶ ଲାଗି କାର୍ଯ୍ୟ କରି ପରିବର୍ତ୍ତନ ଆଣିବେ ବୋଲି କେହି ବିଶ୍ୱାସ କରି ନ ଥିଲେ। କିନ୍ତୁ ଏବେ ତାହା ସେ ସମ୍ଭବ କରିପାରିଛନ୍ତି ଓ ଏଥିଲାଗି ତାଙ୍କୁ କୁହାଯାଉଛି ଇକୋ- ୱାରିୟର। ପରିବେଶ ଉପଯୋଗୀ ଜୈବିକ କୃଷିର ଏକ ନୂଆ ପଥ ଦେଖାଇ ସେ କୃଷକମାନଙ୍କୁ ସଶକ୍ତକରିବାରେ ଲାଗିଛନ୍ତି। ମାଳବିକା ଶେଲାଙ୍କ ସ୍ୱେଚ୍ଛାସେବୀ ସଂଗଠନ 'ସ୍ୱୟମ୍' ମାଧ୍ୟମରେ ପଡିଆ ଜମିକୁ ସବୁଜ କ୍ଷେତରେ ପରିଣତ କରୁଛନ୍ତି। ଗାଁରେ ରହିବା ସମୟରେ ମାଳବିକା ଧାନ ବୁଣୁଥିଲେ, ପନିପରିବା ଚାଷ କରୁଥିଲେ, ମଇଁଷି ଦୁହୁଁଥିଲେ। ପରେ ସପରିବାର ବେଙ୍ଗାଲୁରୁ ଆସିବା ପରେ ତାଙ୍କ ଜୀବନ ଘାତ ପ୍ରତିଘାତ ମଧ୍ୟରେ ଗତି କରିଥିଲା। ତୃଣମୂଳ ସ୍ତରରେ ମହିଳା ଓ ଶିଶୁମାନେ ସମ୍ମୁଖୀନ ହେଉଥିବା ପରିବେଶ,ସ୍ୱାସ୍ଥ୍ୟ, ଜୀବିକା ତଥା ଲିଙ୍ଗଗତ ସମସ୍ୟା ସୁଧାରିବା ଲାଗି ନିଜେ କାର୍ଯ୍ୟ ଆରମ୍ଭ କରିଥିଲେ। ପରେ 'ମାୟା' ଏନ୍‌ଜିଓରେ କାର୍ଯ୍ୟ କରୁଥିବା ସମୟରେ ମାଳବିକାଙ୍କ ଜୀବନର ମୋଡ ବଦଳିଯାଇଥିଲା। ୨୦୧୧ରେ ସେ 'ସ୍ୱୟମ୍' ନାମକ ଏକ ସ୍ୱେଚ୍ଛାସେବୀ ସଂଗଠନ ଗଠନ କରି ପ୍ରାକୃତିକ ଫାର୍ମିଂ ପଦ୍ଧତି ଉପରେ ଗୁରୁତ୍ୱ ଦେଉଛନ୍ତି। ମାତ୍ର ଦୁଇ ବର୍ଷ ମଧ୍ୟରେ ସେ ବେଙ୍ଗାଲୁରୁର ୫ ଏକର ଏକ ପଡିଆ ଜମିରେ ୪୦୦ ପ୍ରକାରର ବିଭିନ୍ନ ଫଳ, କୋଳି ଓ କାଠ ଉପଯୋଗୀ ୫ ହଜାର ଗଛ ରୋପଣ କରି ସବୁଜ ପରିବେଶ ସୃଷ୍ଟି କରିଛନ୍ତି । ଏହା ଥିଲା ତାଙ୍କ ସବୁଜ ସଂଗ୍ରାମର ପ୍ରାରମ୍ଭିକ ସଫଳତା। ମାଳବିକା ଓ ତାଙ୍କ ଟିମ୍ ସଦସ୍ୟମାନେ'୧୦୦୦ ଟ୍ରି ପ୍ରୋଜେକ୍ଟ' ଅଭିଯାନରେ ବେଙ୍ଗାଲୁରୁର କୃଷକମାନଙ୍କୁ ସଶକ୍ତ କରିବାରେ ଲାଗିଛନ୍ତି। ମଧ୍ୟମ ତଥା କ୍ଷୁଦ୍ର ଚାଷୀଙ୍କୁ ନେଇ ଗ୍ରୁପ ଗଠନ କରି ସେମାନଙ୍କୁ ସହାୟତା ଯୋଗାଇ ଦେଉଛନ୍ତି। ମାତ୍ର ତିନି ବର୍ଷ ମଧ୍ୟରେ୨୦ଟି କୃଷକ ପରିବାରର ୫୦ ଏକର ଜମିରେ ସ୍ଥାନୀୟ ସଂଶାଧନ ଉପଯୋଗରେ ଜୈବିକ କୃଷି କରି ସେମାନଙ୍କୁ ଲାଭ ଦେଇପାରିଛନ୍ତି। ବେଙ୍ଗାଲୁରୁ ବାହାରେ ଥିବା ୧.୩ ଏକର ବିଶିଷ୍ଟ ଫାର୍ମରେ ସେ ୨୦ ପ୍ରକାର ଶସ୍ୟ ଉତ୍ପାଦନ କରୁଛନ୍ତି। ତାଙ୍କ ସଂଗଠନ ଦ୍ୱାରା ବର୍ଷକୁ ଆୟୋଜିତ ହେଉଥିବା ୪ରୁ ୫ଟି କର୍ମଶାଳାରେ ଯୋଗ ଦେଉଥିବା ଚାଷୀମାନଙ୍କ ୭୦ ପ୍ରତିଶତ ଖାଦ୍ୟ ଆବଶ୍ୟକତା ଏହି ଫାର୍ମ ପୂରଣ କରିପାରୁଛି। ପ୍ରାକୃତିକ କୃଷି ଦ୍ୱାରା ସୁସ୍ଥ ଜୀବନ ସମ୍ଭବ ବୋଲି କୁହନ୍ତି ମାଳବିକା।

# ବଢୁଛନ୍ତି ମାନସିକ ରୋଗୀ

**ନୂଆଦିଲ୍ଲୀ:** ଅଧିକାଂଶ ଲୋକ ସୁସ୍ଥ ଶରୀର ପାଇଁ ଆବଶ୍ୟକ ଭିଟାମିନ୍ ଯୁକ୍ତ ଖାଦ୍ୟ ଖାଇବା ସହ ଫିଟ୍ ରହିବା ଲାଗି ଜିମ୍ ବା ଯୋଗ ଆଦି କରୁଥିବା ଦେଖାଯାଏ। ହେଲେ କେହି ମାନସିକ ସୁସ୍ଥତା ପ୍ରତି ଧ୍ୟାନ ଦେଇ ନ ଥାନ୍ତି। ଯାହାଫଳରେ ଏବେ ଦେଶରେ ମାନସିକ ରୋଗୀଙ୍କ ସଂଖ୍ୟା ବଢୁଥିବା ଦେଖାଯାଉଛି। ପ୍ରତି ୭ ଜଣରେ ଜଣେ ଭାରତୀୟ ଗମ୍ଭୀର ମାନସିକ ରୋଗରେ ପୀଡ଼ିତ ଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି। ୧୯୯୦ରୁ ୨୦୧୭ ମସିହା (୨୭ ବର୍ଷ) ମଧ୍ୟରେ କରାଯାଇଥିବା ଏହି ଷ୍ଟଡିରୁ ଜଣାପଡ଼ିଛି, ଭାରତର ପାଖାପାଖି ୨୦କୋଟି ବା ମୋଟ ଜନସଂଖ୍ୟାର ୧୪.୩ ପ୍ରତିଶତ ଲୋକ ମାନସିକ ରୋଗରେ ପୀଡ଼ିତ। ସେମାନଙ୍କ ମଧ୍ୟରୁ ୪.୬କୋଟି ଡିପ୍ରେଶନ୍ ଓ ୪.୫ କୋଟି ବ୍ୟଗ୍ରତାର ଶିକାର ଥିବା ଜଣାପଡ଼ିଛି। ଏମ୍‌ସର ପ୍ରଫେସର୍ ତଥା ଏହି ଅଧ୍ୟୟନର ମୁଖ୍ୟ ଗବେଷକ ଡା. ରାଜେଶ ସାଗର କହିଛନ୍ତି, ବ୍ୟଗ୍ରତା ଓ ଡିପ୍ରେଶନ୍‌ର ମୁଖ୍ୟ କାରଣ ହେଉଛି ଚାପ। ସେହିପରି ଭୟ ଯୋଗୁ ପିଲାମାନଙ୍କ କ୍ଷେତ୍ରରେ ମାନସିକ ରୋଗର ସମସ୍ୟା ଦେଖାଯାଉଛି। ଏଥିସହ ସାମାଜିକ ଚାଲିଚଳଣିରେ ପରିବର୍ତ୍ତନ ମଧ୍ୟ ମାନସିକ ଚାପ ବଢ଼ାଉଥିବା ଏହି ଅଧ୍ୟୟନରୁ ଜଣାପଡ଼ିଛି। ପୂର୍ବରୁ ଯୌଥ ପରିବାର ଥିବାରୁ ଲୋକମାନେ ପରିବାର ଲୋକଙ୍କ ସହ ସମସ୍ୟା ସମ୍ପର୍କରେ ଆଲୋଚନା କରିପାରୁଥିଲେ, ଯାହା ଏବେ ଏକକ ପରିବାର ଯୋଗୁ ସମ୍ଭବ ହୋଇପାରୁନି। ଏଥିସହ ଭାରତରେ ଆତ୍ମହତ୍ୟାର ପ୍ରମୁଖ କାରଣ ମାନସିକ ଚାପ ବୋଲି ଜଣାପଡ଼ିଛି। ୧୯୯୦ରୁ ୨୦୧୭ ମଧ୍ୟରେ ମାନସିକ ରୋଗ ଦୁଇଗୁଣା ବଢ଼ିଥିବା ବେଳେ ଏହାକୁ ନିୟନ୍ତ୍ରଣ କରିବା ପାଇଁ ସ୍ୱତନ୍ତ୍ର ରଣନୀତି ଆପଣେଇବା ଆବଶ୍ୟକ ହୋଇପଡ଼ିଛି।




## ପ୍ରତି ୭ ଜଣରେ ଜଣେ ଭାରତୀୟ ପୀଡ଼ିତ

# ପବନରେ ହେବ ଆଳୁ ଚାଷ



**କର୍‌ନାଲ:** ବଜାରରେ ଆଳୁ ଦାମ୍ ବଢ଼ି ବଢ଼ି ଚାଲିଛି। ପିଆଜ ଭଳି ଆଳୁ ଦର ମଧ୍ୟ ଏବେ କେତେକ ସ୍ଥାନରେ ବଢ଼ିବାରେ ଲାଗିଛି। ତେଣୁ ଆଳୁ ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯିବା ସହ ଅତ୍ୟାଧୁନିକ ପ୍ରଣାଳୀ ଅବଲମ୍ବନ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ସାଧାରଣତଃ ମାଟିରେ ଆଳୁ ଚାଷ ହୋଇଥାଏ। ତେବେ ଏବେ ହରିୟାଣାରେ ପବନରେ ଆଳୁ ଚାଷ କରାଯିବ। ଏହା ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ। ସାଧାରଣ ଆଳୁ ତୁଳନାରେ ଏହି ପ୍ରକାର ଚାଷରେ ଉତ୍ପାଦନ ୧୦ରୁ ୧୨ ଗୁଣା ଅଧିକ ହେବ ବୋଲି କର୍‌ନାଲସ୍ଥିତ ଆଳୁ ଗବେଷଣା କେନ୍ଦ୍ର ପକ୍ଷରୁ କୁହାଯାଇଛି। ୨୦୨୦ ସୁଦ୍ଧା ଚାଷୀଙ୍କୁ ଏନେଇ ବିହନ ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯିବ। ଏହି ଆଳୁର ଆକାର ସାଧାରଣ ଆଳୁଠାରୁ ଛୋଟ ହେବ। ଗୋଟିଏ ଗଛରୁ ୪୦ରୁ ୬୦ ପର୍ଯ୍ୟନ୍ତ ଛୋଟ ଆଳୁ ଉତ୍ପାଦନ କରାଯାଇପାରିବ ବୋଲି ଗବେଷଣା କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

# ପ୍ରଶଂସା ସାଉଁଟୁଛି କଙ୍ଗନାଙ୍କ 'ପଙ୍ଗା'

**ମୁମ୍ବାଇ:** ବହୁ ପ୍ରତୀକ୍ଷିତ ବଲିଉଡ୍ ଫିଲ୍ମ 'ପଙ୍ଗା'ର ଟ୍ରେଲର୍ ସୋମବାର ରିଲିଜ୍ ହୋଇଯାଇଛି। କଙ୍ଗନା ରାଣାୱତ୍‌ଙ୍କ ଏହି ସ୍ପୋର୍ଟ୍ସ ଡ୍ରାମା ଫିଲ୍ମର ଟ୍ରେଲର୍ ଏବେ ସୋସିଆଲ୍ ମିଡିଆରେ ଟ୍ରେଣ୍ଡ୍ କରୁଛି। ରିଲିଜ୍‌ର କିଛି କ୍ଷଣ ମଧ୍ୟରେ ହ୍ୟାଶ୍‌ଟାଗ୍ ସହ ଟୁଇଟରରେ 'କଙ୍ଗନା ରାଣାୱତ୍' ଏବଂ 'ପଙ୍ଗା ଟ୍ରେଲର୍' ଟପ୍ ଟ୍ରେଣ୍ଡ୍ ଲିଷ୍ଟରେ ଦେଖିବାକୁ ମିଳିଥିଲା। ସାଦାସିଧା ଅବତାର କିନ୍ତୁ ଦମ୍‌ଦାର ଚରିତ୍ର ଆଉ ଅଭିନୟ ସହ ପୁଣି କଙ୍ଗନା ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଟ୍ରେଲର୍ ଦେଖି କଙ୍ଗନାଙ୍କ ବହୁମୁଖୀ ଅଭିନୟ ଦକ୍ଷତା ବିଷୟରେ ଆପଣ ଆକଳନ କରିପାରିବେ।

ଫିଲ୍ମ 'ପଙ୍ଗା'ର ଟ୍ରେଲର୍‌ରେ କଙ୍ଗନା ଜଣେ କବାଡ଼ି ଖେଳାଳି, ପତ୍ନୀ ଓ ମାଆ ଭୂମିକାରେ ନଜରକୁ ଆସିଛନ୍ତି। କଙ୍ଗନା ପୂର୍ବରୁ ଜଣାଶୁଣା କବାଡ଼ି ଖେଳାଳି ଥିବାବେଳେ ଫ୍ୟାମିଲି ଲାଇଫ୍ ଯୋଗୁ କବାଡ଼ି ଖେଳିବା ଛାଡ଼ିଦେଇଥାନ୍ତି। ପରବର୍ତ୍ତୀ ସମୟରେ ସେ ନିଜର ପରିଚୟ ହଜାଇ ଦେଇଥିବାରୁ ଜଣେ ଭଲ ଖେଳାଳି ହୋଇଥିଲେ ହେଁ କିଛି ଯୁବ କବାଡ଼ି ଖେଳାଳି ତାଙ୍କୁ ଚିହ୍ନି ପାରନ୍ତିନାହିଁ। ଆଉ ଏହା ତାଙ୍କୁ ପୁଣି ଖେଳିବା ପାଇଁ ପ୍ରୋତ୍ସାହିତ କରିଥାଏ। ପରିବାର ପ୍ରତି ଥିବା ଦାୟିତ୍ୱ, ସମାଜର ବୋଝ ଏବଂ ଜଣେ ନାରୀ ଭାବରେ ସାମ୍ନା କରୁଥିବା ଅନ୍ୟ ବାଧାବିଘ୍ନ ସବୁକୁ ପଛରେ ପକାଇ ସେ ପୁଣି କବାଡ଼ି ଖେଳିବା ଆରମ୍ଭ କରନ୍ତି। ପରେ ସେ ଦେଶ ପାଇଁ ଖେଳିବାକୁ କବାଡ଼ି ଟିମ୍‌ରେ ସାମିଲ ହେବାର ସୁଯୋଗ ପାଆନ୍ତି ଏବଂ ନିଜ ସ୍ୱପ୍ନ ସାକାର କରନ୍ତି। ଜଣେ ମହିଳା ଖେଳାଳିଙ୍କ ଏଭଳି ସଂଘର୍ଷମୟ ଜୀବନର କାହାଣୀକୁ 'ପଙ୍ଗା' ଫିଲ୍ମରେ ଦେଖିବାକୁ ମିଳିବ। ଅନ୍ୟପକ୍ଷରେ ଫିଲ୍ମର ଟ୍ରେଲର୍ କେବଳ ଦର୍ଶକଙ୍କୁ ଖୁସି କରିନାହିଁ, ବଲିଉଡ୍ ତାରକାମାନଙ୍କଠାରୁ ମଧ୍ୟ ଢେର ପ୍ରଶଂସା ସାଉଁଟୁଛି। ଅଭିଷେକ୍ ବଚ୍ଚନ, ସୋନମ୍ କପୁର ଆହୁଜା, ବିକ୍ରାନ୍ତ ମାସୀଙ୍କ ଭଳି ବଡ଼ ବଡ଼ ଷ୍ଟାର୍‌ମାନେ ଟ୍ରେଲର୍ ଦେଖି କଙ୍ଗନାଙ୍କ ଅଭିନୟର ପ୍ରଶଂସା କରୁଛନ୍ତି। ଫିଲ୍ମରେ କଙ୍ଗନାଙ୍କ ବ୍ୟତୀତ ଜସ୍‌ସି ଗିଲ୍, ରିଚା ଚଡ୍ଢା, ନିନା ଗୁପ୍ତା ପ୍ରମୁଖଙ୍କୁ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିବ। ଅଶ୍ୱିନୀ ଆୟର ତିୱାରୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ୨୦୨୦ ଜାନୁୟାରୀ ୨୪ରେ ରିଲିଜ୍ ହେବ।



କଙ୍ଗନା ରାଣାୱତ୍

# ଗଛ କାଟି ଗଣିଲେ ୫୫ ଲକ୍ଷ

**ଲଣ୍ଡନ:** ଗଛ ହେଉଛି ଜୀବନ। ମାନବସମାଜ ସବୁ ଜାଣି ମଧ୍ୟ ଏହାକୁ କାଟିବା ଲାଗି ପଛାଉ ନାହିଁ। ଫଳରେ ପରିବେଶ ଖରାପ ହେବା ସହ ବିଶୁଦ୍ଧ ଅମ୍ଳଜାନ ପାଇବା ଲାଗି ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଖାଲି ସେତିକି ନୁହେଁ ଗଛ ମଣିଷଙ୍କ ବିଭିନ୍ନ ସହାୟତା ମଧ୍ୟ କରିଥାଏ। ତଥାପି ନିଜର ସୁବିଧା ଲାଗି ଏଗୁଡ଼ିକୁ କଟାଯାଇଥାଏ। ସେଇଭଳି ଏକ ୯୦ ବର୍ଷ ପୁରୁଣା ଗଛକୁ କ୍ଷତି ପହଞ୍ଚାଇ ଲଣ୍ଡନର ଜଣେ ବ୍ୟକ୍ତିଙ୍କୁ ୫୫ ଲକ୍ଷ ଟଙ୍କା ଜରିମାନା ଦେବାକୁ ପଡ଼ିଛି। ଏସେକ୍ସରେ ବାସ କରୁଥିବା ଷ୍ଟିଫେନ୍ସ ଲରେନ୍ସ ନାମକ ଏହି ବ୍ୟକ୍ତି ଜଣକ ନିଜ ଘର ପାଖରେ ଥିବା ପୁରୁଣା ଗଛକୁ ହଟାଇବା ପାଇଁ ସ୍ଥାନୀୟ ପ୍ରଶାସନ ନିକଟରେ ଆବେଦନ କରିଥିଲେ। ତେବେ ଏହା ଖାରଜ ହୋଇଯାଇଥିଲା। ଏହାପରେ ଷ୍ଟିଫେନ୍ସ ଗଛ ଗଣ୍ଡିରୁ ଧାରୁଆ ଅସ୍ତ୍ରରେ ବକଳା ଛଡ଼ାଇଥିବା ଅଭିଯୋଗ ହୋଇଥିଲା। ସ୍ଥାନୀୟ କୋର୍ଟ ଏହାର ବିଚାର କରି ଷ୍ଟିଫେନ୍ସଙ୍କୁ ଏଭଳି ଜରିମାନା ଦଣ୍ଡାଦେଶ କରିଛନ୍ତି।



# ଅକ୍ସିଜେନ ପାର୍ଲର

**ନାସିକ:** ଅଣନିଃଶ୍ୱାସୀ କରୁଛି ବାୟୁ ପ୍ରଦୂଷଣ। ବିଶେଷ କରି ଭାରତ ଭଳି ଜନବହୁଳ ରାଷ୍ଟ୍ରରେ ଏହାର ମୁକାବିଲା କରିବା ଚ୍ୟାଲେଞ୍ଜ ପାଲଟିଛି। ଏଭଳି ସ୍ଥିତିରେ ଯାତ୍ରୀଙ୍କୁ ବିଶୁଦ୍ଧ ବାୟୁ ଉପଲବ୍ଧ କରାଇବା ଉଦ୍ଦେଶ୍ୟରେ ମହାରାଷ୍ଟ୍ରର ନାସିକ ରେଲୱେ ଷ୍ଟେଶନରେ ଆରମ୍ଭ ହୋଇଛି ଅକ୍ସିଜେନ ପାର୍ଲର। ସ୍ଥାନୀୟ ରେଲୱେ ବିଭାଗ ସହାୟତାରେ ଏହି ପାର୍ଲରକୁ ପ୍ରସ୍ତୁତ କରିଛି ଏରୋ ଗାର୍ଡ ସଂସ୍ଥା।

ସଂସ୍ଥାର ସଂସ୍ଥାପକ ଅମିତ ଅମୃତକରଙ୍କ କହିବା କଥା, ନ୍ୟାଶନାଲ ଏରୋନେଟିକ୍ସ ଆଣ୍ଡ ସ୍ପେଶ ଆଡ୍‌ମିନ୍‌ଷ୍ଟ୍ରେଶନର ପରାମର୍ଶ ପରେ ଅକ୍ସିଜେନ ପାର୍ଲରର ଆଇଡିଆ ଆସିଥିଲା। ବାୟୁ ପ୍ରଦୂଷଣ ଏବଂ ଏହାକୁ ରୋକିବା ନେଇ ୧୯୮୯ରେ ନାସା ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟୟନ କରାଯାଇଥିଲା। ନାସାର ବୈଜ୍ଞାନିକମାନେ ପ୍ରଦୂଷିତ ବାୟୁକୁ ଶୋଷି ପାରୁଥିବା ସବୁଠାରୁ ୫ଟି ଉତ୍ତମ ଗଛ ଚିହ୍ନଟ କରିଥିଲେ। ରେଲୱେ ଷ୍ଟେଶନରେ ଲଗାଯାଇଥିବା ଅଧିକାଂଶ ଗଛ ସେହି ପ୍ରଜାତିର। ଷ୍ଟେଶନରେ ୧୫୦୦ ଗଛ ଲଗାଯାଇଛି। ପ୍ରତି ଗଛ ନିଜ ପରିଧି ମଧ୍ୟରେ ୧୦୦ ବର୍ଗଫୁଟ ଅଞ୍ଚଳର ବାୟୁକୁ ଶୁଦ୍ଧ କରିପାରିବ। କେବଳ ରେଲୱେ ଷ୍ଟେଶନ ନୁହେଁ, ପ୍ରତି ଘରେ ଏପରି ଗଛ ଲଗାଇବା ଦ୍ୱାରା ଦେଶର ବାୟୁ ପ୍ରଦୂଷଣ ଭଳି ସମସ୍ୟାର ସମାଧାନ ହୋଇପାରିବ। ଲୋକମାନେ ବାୟୁ ପ୍ରଦୂଷଣରୁ ଭୋଗୁଥିବା ରୋଗ ମଧ୍ୟ ହ୍ରାସ ପାଇବ।

ଏପରି ଅଭିନବ ପ୍ରକଳ୍ପକୁ ରେଳ ଯାତ୍ରୀମାନେ ସ୍ୱାଗତ କରିଛନ୍ତି। ରେଲୱେ ମନ୍ତ୍ରଣାଳୟ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା ଏପରି ଅଭିନବ ପାର୍ଲର ବାୟୁର ଗୁଣବତ୍ତା ବଢ଼ାଇବାରେ ସହାୟକ ହେବ। ପ୍ରତି ରେଲୱେ ଷ୍ଟେଶନରେଏପରିବ୍ୟବସ୍ଥାକରାଯିବାଆବଶ୍ୟକବୋଲିମତପ୍ରକାଶପାଇଛି।



# ବିବାଦକୁ ଆସିଲା 'ଛପାକ'

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନଙ୍କ ଅଭିନୀତ ଫିଲ୍ମ 'ଛପାକ' ଏବେ କୋର୍ଟରେ ପହଞ୍ଚିଛି। ଲେଖକ ରାକେଶ ଭାରତୀ ଏବେ ଦାବି କରିଛନ୍ତି ଫିଲ୍ମର କାହାଣୀ ସେ ଲେଖିଛନ୍ତି ବୋଲି। ଏହାକୁ ନେଇ ସେ ବମ୍ବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ରାକେଶ କହିଛନ୍ତି, ଏସିଡ୍ ଆଟାକ୍ ପୀଡିତା ଲକ୍ଷ୍ମୀ ଅଗ୍ରୱାଲଙ୍କ ଜୀବନୀ ଉପରେ ଆଧାରିତ ଏହି ଫିଲ୍ମର ଲେଖକ ଭାବେ ତାଙ୍କୁ ଶ୍ରେୟ ମିଳିବା ଦରକାର। ସୂଚନା ମୁତାବକ ରାକେଶ ଅଭିଯୋଗ କରିଛନ୍ତି କି, ଏଥିପାଇଁ ସେ ଏକ ସ୍କ୍ରିପ୍ଟର କଳ୍ପନା କରିଥିଲେ। ଯାହାର ଶୀର୍ଷକ ଅସ୍ଥାୟୀ ଭାବେ 'ବ୍ଲାକ୍ ଡେ' ରଖାଯାଇଥିଲା। ଫେବୃୟାରୀ ୨୦୧୫ରେ ସେ ଇଣ୍ଡିଆନ୍ ମୋଶନ ପିକ୍ଚର୍ସ ପ୍ରଡ୍ୟୁସର ଆସୋସିଏଶନ ସହ ଏହାର ପଞ୍ଜୀକରଣ ମଧ୍ୟ କରିଥିଲେ ବୋଲି କହିଛନ୍ତି। ଏହାକୁ ନେଇ ସେ କାମ ଜାରି ରଖିବା ସହ କଳାକାର ଓ ପ୍ରଯୋଜକଙ୍କ ସହ କଥା ମଧ୍ୟ ହେଉଥିଲେ ବୋଲି ଉଲ୍ଲେଖ କରିଛନ୍ତି। ଫକ୍ସ ଷ୍ଟାର ଷ୍ଟୁଡିଓ ମଧ୍ୟ ଏଥିରେ ସାମିଲ ଥିବା ସେ ଅଭିଯୋଗରେ କହିଛନ୍ତି।





କାମ, କ୍ରୋଧ, ଲୋଭ ଏହି ତିନୋଟି ନରକର ଦ୍ୱାର ସ୍ୱରୂପ ଅଟେ। ଅତଏବ ଏହି ତିନୋଟିକୁ ତ୍ୟାଗ କରିବା ଉଚିତ।
- ଭଗବାନ ଶ୍ରୀକୃଷ୍ଣ

## ସଂକ୍ଷେପରେ

### ଯୁବକଙ୍କୁ ଛୁରା ମାଡ଼: ଅଭିଯୁକ୍ତ ଗିରଫ

ସମ୍ବଲପୁର,୨୪।୧୨(ବ୍ୟୁରୋ): ସମ୍ବଲପୁର ଜିଲା ଅଇଁଠାପାଲି ଥାନା ଅନ୍ତର୍ଗତ ପାଞ୍ଚଗୁଛିଆରେ ଦିନେଶ ଖଡିଆ ନାମକ ଜଣେ ଯୁବକଙ୍କୁ ଛୁରା ମାଡ ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ଗଙ୍ଗା ଶିକାଙ୍କୁ ଗିରଫ କରିଛି । ଏନେଇ ଆଇଁଠାପାଲି ଥାନା ପୋଲସ ଏକ ମାମାଲା(ନଂ. ୫୮୬/୧୯)ରୁଜୁ କରିଛି। ମୁଧବାର ଗିରଫ ଗଙ୍ଗାକୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ଯୁଗେଶ ପଣ୍ଡା କହିଛନ୍ତି ।

### ସମ୍ବଲପୁର ଲୋକ ମହୋତ୍ସବ: ଉଦଘୋଷକ ତାଲିକା ପ୍ରକାଶ

ସମ୍ବଲପୁର, ୨୪।୧୨ (ବ୍ୟୁରୋ): ଜିଲା ପ୍ରଶାସନ ଓ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ଆଗାମୀ ଜାନୁୟାରୀ ୪, ୫ ଓ ୬ ତାରିଖ ଦିନ ଅଇଁଠାପାଲି ପିଏଚଡି ପଡିଆଠାରେ ଲୋକ ମହୋତ୍ସବ ହେବ। ଏଥିପାଇଁ ଉଦଘୋଷକ ଚୂଡାନ୍ତ ତାଲିକା ସହ ସବ୍‌କମିଟି ଗଠନର ତାଲିକା ପ୍ରକାଶ ପାଇଛି । କନଭେନର୍ ତର୍ପଣ କୁମାର ପ୍ରଧାନ, ରାମଶିଷ ତ୍ରିପାଠୀ, ସୀମାଲିକା ଦାଶ, ସସ୍ମିତା ପଟ୍ଟନାୟକ, କ୍ରିଷ୍ଣା ପଣ୍ଡା, ଦେବାଶିଷ ବେହେରା, ମିମାଂଶୁ ରଥ, ଅଞ୍ଜନ କୁମାର ପ୍ରଧାନ, ବିପିନ ପଣ୍ଡା, ରଶ୍ମିରଞ୍ଜନ ମିଶ୍ର, ମାନସ ମିଶ୍ର, ସନ୍ଧ୍ୟାରାଣୀ ପୃଷ୍ଟି, ଜିତୁ ଚାନ୍ଦ, ଅଲିଭା ଷଡଙ୍ଗୀ, ଭବାନୀ ରଣବିଡା, ରଜନନ୍ଦିନୀ ମିଶ୍ର, ପ୍ରିତମ ଦାଶ, ପ୍ରତ୍ୟୁଷ ଦାଶ, ଜ୍ୟୋତ୍ସ୍ନା ସୁନା ପ୍ରମୁଖ ଏହି ତାଲିକାରେ ରହିଛନ୍ତି। ସେମାନେ ଇଂରାଜୀ, ଓଡିଆ ଓ ସମ୍ବଲପୁରୀ ଭାଷାରେ ଉଦ୍‌ଘୋଷିତ କରିବେ ।

# ସାନ୍ତାକ୍ଲଜ୍ ବେଶରେ ଟ୍ରାଫିକ ସଚେତନତା





ମଙ୍ଗଳବାର ସମ୍ବଲପୁର ଟ୍ରାଫିକ ସଚେତନତା ବାର୍ତ୍ତା ଦେଇ ସାନ୍ତାକ୍ଲଜ ବେଶରେ ଜଣେ କୁନି ଛାତ୍ର ଜଣେ ବାଇକ୍ ଆରୋହୀଙ୍କୁ ହେଲ୍‌ମେଟ ପିନ୍ଧାଉଛନ୍ତି (ବାମ) । ସମ୍ବଲପୁର ଜିଲା ପୋଲିସ ପକ୍ଷରୁ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ସ୍କୁଲ ଛାତ୍ରୀଛାତ୍ରମାନେ ଟ୍ରାଫିକ ନିୟମ ପାଳନ କରିବାକୁ ବାର୍ତ୍ତା ଦେଉଛନ୍ତି।

ସମ୍ବଲପୁର,୨୪।୧୨(ବ୍ୟୁରୋ)

ସମ୍ବଲପୁର ଜିଲା ପୋଲିସ ପକ୍ଷରୁ ଟ୍ରାଫିକ ସଚେତନତା ଉପରେ ଅଭିନୟ ପ୍ରୟାସ କରାଯାଇଛି। ପୋଲିସ ପ୍ରଶାସନର ନେତୃତ୍ୱରେ ମଙ୍ଗଳବାର ଛାତ୍ରୀଛାତ୍ରମାନେ ସାନ୍ତାକ୍ଲଜ ବେଶରେ ଜନସାଧାରଣଙ୍କୁ ଟ୍ରାଫିକ ନିୟମ ଉପରେ ସଚେତନ କରିଥିଲେ। ଏଥିରେ ସମ୍ବଲପୁର ଗୋଲବଜାର ନୂଆପଡ଼ାଠାରେ ଥିବା ରାଷ୍ଟ୍ରୀୟ ଗୋପାଳ ବିଦ୍ୟା ମନ୍ଦିରର ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ। ନିଆରା ଢ଼ଙ୍ଗରେ କୁନିକୁନି ଶିଶୁମାନେ ସାନ୍ତାକ୍ଲଜ୍ ବେଶରେ ସ୍କୁଲରେ ସମାରୋହ ପରେ ଏକ ଶୋଭାଯାତ୍ରାରେ ବାହାରି ଲକ୍ଷ୍ମୀ ଟକିଜ ଛକରେ ପହଞ୍ଚି ଥିଲେ । ରାସ୍ତାରେ ଯିବା ଆସିବା କରୁଥିବା ଜନସାଧାରଣଙ୍କୁ ଟ୍ରାଫିକ ନିୟମ ଉପରେ ସଚେତନ କରିବା ସହ ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ଅନୁରୋଧ କରିଥିଲେ। ଏଥିରେ ଟ୍ରାଫିକ ଡ଼ିଏସ୍‌ପି ହିମାଂଶୁ ବେହେରା, ସ୍କୁଲ ଅଧକ୍ଷା ଇନ୍ଦିରା ପ୍ରିୟଦର୍ଶିନୀ, ଶିକ୍ଷକ ବିଜୟ କୁମାର ଦୋରା, ଦୀପକ କୁମାର ବିଶ୍ୱାଳ, ରଞ୍ଜନ ଖେତି, ସଞ୍ଜୀବ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ଏହି ଉଦ୍ୟମକୁ ଜିଲା ପୋଲିସ ପକ୍ଷରୁ ପ୍ରଶଂସା କରାଯାଇଛି।

ଫସଲ ବୀମା ତାଡି: ପୁଣି ପଞ୍ଚାୟତ ଅଫିସରେ ପଡିଲା ତାଲା

# ୧୪ ପଞ୍ଚାୟତ ସମ୍ପୂର୍ଣ୍ଣ ଅଚଳ

ବାମରା, ୨୪।୧୨ (ଡି.ଏନ.ଏ.)

ବାମରା ବ୍ଲକରେ ଫସଲ ବୀମା ଦାବି ସାଙ୍ଗକୁ ମୁରଡିର ମୁକାବିଲା ଓ ଧାନ କିଣାରେ ଟୋକନ ବ୍ୟବସ୍ଥା ଉଚ୍ଛେଦ ପ୍ରତିବାଦରେ ଚାଷୀମାନେ ଆଇନ ଅମାନ୍ୟ ଆନ୍ଦୋଳନ କରିବା ସହ ପଞ୍ଚାୟତ ଅଫିସରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ତାଲା ପକାଇ ଆନ୍ଦୋଳନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଗଡପୋଷ, ପିଣ୍ଡାପଥର, କିନାବଗା, ସଗରା ଓ ରବଗା ପଞ୍ଚାୟତ କାର୍ଯ୍ୟାଳୟରେ ଚାଷୀ ତାଲା ପକାଇ ଦାବି ପୂରଣ କରିଥିଲେ। ବାମରା ବ୍ଲକର ୧୭ଟି ପଞ୍ଚାୟତରୁ ୯ଟି ପଞ୍ଚାୟତରେ ପୂର୍ବରୁ ଚାଷୀମାନେ ତାଲା ପକାଇ ଥିବାବେଳେ ମଙ୍ଗଳବାର ପୁଣି ୫ଟି ପଞ୍ଚାୟତରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ଏନେଇ ବ୍ଲକର ୧୪ଟି ପଞ୍ଚାୟତରେ ତାଲା ଝୁଲୁଛି । ଫଳରେ ଉନ୍ନୟନମୂଳକ କାର୍ଯ୍ୟ ଅଟକି ପଡିଛି । ଅଧିକାରୀଙ୍କ ପ୍ରୟାସ ସତ୍ତ୍ୱେ ଚାଷୀମାନେ ନିଜ ଜିଦରେ ଅଟକ ରହିଛନ୍ତି। ଗଡପୋଷ ପଞ୍ଚାୟତରେ ସରପଞ୍ଚ ବାଣ୍ଟୁ କେଛୁଆଙ୍କ ଉପସ୍ଥିତିରେ ଲକି କେଶରୱାନୀ, ବାସିଲ ହେମରମ, ବୀରୁ ସିଂ, ଜୟନାରାୟଣ ପଟେଲ ଓ ମନୀଷ ପଟେଲଙ୍କ ସହ ଅନ୍ୟ ଚାଷୀମାନେ ପଞ୍ଚାୟତ ଅଫିସରେ ତାଲା ପକାଇଥିଲେ। ପିଣ୍ଡାପଥର ପଞ୍ଚାୟତରେ ପ୍ରକାଶ ଚନ୍ଦ୍ର ପଟେଲ, ଟେକଚାନ୍ଦ ପଟେଲ, ସମିତି ସଭ୍ୟ ବିରଞ୍ଚି ମାଝି, ପୂର୍ଣ୍ଣ ବାଘ, ଭୁବନେ ମିଞ୍ଜ ପ୍ରମୁଖ ଚାଷୀ ସରପଞ୍ଚ କୌଶଲ୍ୟା ମିଞ୍ଜଙ୍କୁ ଦାବିପତ୍ର ପ୍ରଦାନ କରି କାର୍ଯ୍ୟାଳୟରେ ତାଲା ପକାଇଥିଲେ। କିନାବଗା ପଞ୍ଚାୟତରେ ସରପଞ୍ଚ ନିୟାରଜନ ଲୁଗୁନଙ୍କ ଉପସ୍ଥିତିରେ କ୍ଷୀରୋଦ ବେହେରା, ଜନ୍ମ ଟପ୍ପୋ, ପ୍ରସନ୍ନ ପଟେଲ, ସନ୍ତୋଷ ବେହେରା, ଲଲିନ୍ଦ୍ର ମାଝି, ମୁକୁନ୍ଦ ନାଏକ ପ୍ରମୁଖ ଚାଷୀ ତାଲା ପକାଇଥିଲେ। ରବଗା ପଞ୍ଚାୟତରେ ଗୋପାଳ ଚନ୍ଦ୍ର କଉଡି, ଗୁଣନିଧି ନିଖଣ୍ଡିଆ, ଲାଲଜି ରାଉଡିଆ, ଆଫ୍ରେମ କୁଲ୍ଲୁ, ଜୟାନନ୍ଦ ପ୍ରଧାନ, ରାଏମନ ସରେଙ୍ଗ ପ୍ରମୁଖ ଜିଆର୍‌ଏସ୍ ଅଶୋକ ଠେମରିଆଙ୍କୁ ଦାବିପତ୍ର ପ୍ରଦାନ କରାଯିବା ପରେ ଉଦୟ ନାଥ ନାଏକ, ଭୁବନେଶ୍ୱର ନାଏକ, ଅମିୟ ପଟେଲ, ସାବିତ୍ରୀ ପଟେଲ, ବୈଶାଖୁ ଟପ୍ପୋ ପ୍ରମୁଖ ଚାଷୀ ପଞ୍ଚାୟତରେ ତାଲା ପକାଇ ଆନ୍ଦୋଳନ କରିଥିଲେ।



ଚାଷୀମାନେ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରୁଛନ୍ତି।

■ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତା

## ପ୍ରଥମ ଦିନରେ ୩ ନାଟକ ମଞ୍ଚସ୍ଥ

ସମ୍ବଲପୁର,୨୪।୧୨(ବ୍ୟୁରୋ)

ସମ୍ବଲପୁର ଝାଡୁଆପଡ଼ା ଆରଣ୍ୟକ ମଞ୍ଚରେ ମଙ୍ଗଳବାର ରାଜ୍ୟସ୍ତରୀୟ ସମ୍ବଲପୁର ନାଟକ ପ୍ରତିଯୋଗିତା ଶୁଭାରମ୍ଭ ହୋଇଯାଇଛି। ସଭାପତି ସଞ୍ଜୟ ମିଶ୍ରଙ୍କ ଅଧକ୍ଷତାରେ ଉଦ୍‌ଘାଟନୀ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ନାଉରୀ ନାୟକ ଯୋଗଦେଇଥିଲେ। ଡ. ସିଦ୍ଧାର୍ଥ ପଣ୍ଡା, ଅଭିଷେକ ମିଶ୍ର ପ୍ରମୁଖ ମଞ୍ଚାସୀନ ରହିଥିଲେ । ପ୍ରଥମ ସନ୍ଧ୍ୟାରେ ୩ଟି ନାଟକ ମଞ୍ଚସ୍ଥ ହୋଇଥିଲା। ପ୍ରଥମ ନାଟକ ବରଗଡ଼ ଜିଲା କଟାପାଲି ସେସ୍ପ ଥ୍ରୀଏଟର୍ କଳାକାରମାନେ ନାଟକ 'କିଛି ଗୁଟେ' ପରିବେଷଣ କରିଥିଲେ । ଅରୁଣ କୁମାର ସାହୁ ନାଟକର ରଚନା ଓ ନିର୍ଦ୍ଦେଶନା ଦେଇଥିଲେ। ସେହିପରି ଦ୍ୱିତୀୟ ନାଟକ ହୀରାକୁଦ ଶବ୍ଦ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ନାଟକ 'ଶେଫାଲି' ମଞ୍ଚସ୍ଥ ହୋଇଥିଲା । ବିରୂପାକ୍ଷ ପ୍ରଧାନ ନାଟକର ରଚନା ଏବଂ ନିର୍ଦ୍ଦେଶନା ଦେଇଥିଲେ। ସେହିପରି ତୃତୀୟ ନାଟକ ଝାରସୁଗଡ଼ା ସୃଜନୀ କଳାପରିଷଦର କଳାକାରମାନେ ନାଟକ 'ମିଷ୍ଟର ଗୌବର୍ଦ୍ଧନ' ମଞ୍ଚସ୍ଥ କରିଥିଲେ। ପ୍ରଦୀପ ଭୌମିକ ନାଟକର ରଚନା କରିଥିବା ବେଳେ ସଞ୍ଜୀବ ଆଚାର୍ଯ୍ୟ ନିର୍ଦ୍ଦେଶନା ଦେଇଥିଲେ।

## ହରିହରାନନ୍ଦ କ୍ରିୟାଯୋଗ ଆଶ୍ରମରେ ଗୀତା ପ୍ରବଚନ

ସମ୍ବଲପୁର,୨୪।୧୨(ବ୍ୟୁରୋ)

ସମ୍ବଲପୁର ହରିହରାନନ୍ଦ ଆଶ୍ରମ ପକ୍ଷରୁ ଗୀତା ପ୍ରବଚନ ଅନୁଷ୍ଠିତ ହୋଇଯାଇଛି। ସ୍ୱାମୀ ସମର୍ପଣାନନ୍ଦ ଗିରି, ସ୍ୱାମୀ ଅଚଳାନନ୍ଦ ଗିରୀ ପ୍ରବଚନ ଦେଇଥିଲେ । ଏହି ଅବସରରେ କ୍ରିୟାଯୋଗ ଅନୁଷ୍ଠାନର ସଦସ୍ୟ ତଥା ଶତାଧିକ ଭକ୍ତଙ୍କ ସମାଗମ ହୋଇଥିଲା । ପ୍ରଥମ ଦିନରେ କ୍ରିୟାଯୋଗ ସାଧନା ତତ୍ତ୍ୱ ସମ୍ପର୍କରେ ଆଲୋକପାତ କରାଯାଇଥିଲା । ସେହିପରି ଦ୍ୱିତୀୟ ଦିନରେ ଶ୍ରୀମଦ ଭାଗବତ ଗୀତା ଆଧାରିତ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବୁଧବାର ଆଶ୍ରମର ପ୍ରତିଷ୍ଠା ଦିବସ ପାଳିତ ହେବ ବୋଲି ସମ୍ବଲପୁର ହରିହରାନନ୍ଦ କ୍ରିୟାଯୋଗ ଆଶ୍ରମ ପକ୍ଷରୁ ସୂଚନା ଦିଆଯାଇଛି।

■ବାମଣ୍ଡା କ୍ରିକେଟ କପ୍‌ର ଦ୍ୱିତୀୟ ଦିନ

# ସେମିରେ ଜୁଭେନାଇଲ କଟକ

ଦେବଗଡ,୨୪।୧୨(ଡି.ଏନ୍.ଏ.)

ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମଠାରେ ସୋମବାର ଆରମ୍ଭ ହୋଇଥିବା ୩୦ତମ ସର୍ବଭାରତୀୟ ବାମଣ୍ଡାକପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ଦ୍ୱିତୀୟ ଦିନ ମ୍ୟାଚ ୟୁଥ ସ୍ପୋର୍ଟିଂ ରାଉରକେଲା ଏବଂ ଜୁଭେନାଇଲ କଟକ ମଧ୍ୟରେ ହୋଇଥିଲା । କଟକ ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିଥିଲା। ରାଉରକେଲା ନିର୍ଦ୍ଧାରିତ ୩୦ ଓଭରରେ ୮ ଉଇକେଟ ହରାଇ ୧୭୩ ରନ୍ କରିଥିଲା । ଦଳର ରଞ୍ଜିତ ସିଂ ୫୬ ବଲ୍‌ରେ ୫୧ରନ୍ କରିଥିବା ବେଳେ ବାସୁଦେବ ବେହେରା ୩୭ ବଲରେ ୩୩ ରନ୍ କରିଥିଲେ । କଟକ ଦଳର ସଦାକର ହୁସେନ, ପ୍ରଜୱାଲା ଲହା ଏବଂ ସତ୍ୟ ତ୍ରିପାଠି ୨ଟି ଲେଖାଁଏ ଉଇକେଟ ନେଇଥିଲେ। ଜବାବରେ ଜୁଭେନାଇଲ କଟକ ୨୯.୨ଓଭରରେ ୭ ଉଇକେଟ ହରାଇ ୧୭୫ ରନ୍ କରି ବିଜୟୀ ହୋଇଥିଲା। କଟକ ଦଳ ପକ୍ଷରୁ ରାମ ଚନ୍ଦ୍ର ବେହେରା ୮୦ ବଲ୍‌ରେ ୭୩ କରିଥିବା ବେଳେ ସୁବ୍ରତ ସାମଲ ୩୦ ବଲରେ ୨୩ ରନ୍ କରିଥିଲେ। ଫଳରେ ଜୁଭେନାଇଲ କଟକ ପ୍ରଥମ ଦଳ ଭାବେ ସେମି ଫାଇନାଲକୁ ପ୍ରବେଶ କରିଛି। ରାଉରକେଲାର ଅମିତ ଦାଶ ୩ ଏବଂ ନିରାଜ ସାହୁ ୨ଟି ଉଇକେଟ ଅକ୍ତିଆର କରିଥିଲେ । ପୁରସ୍କାର ବିତରଣ ଉତ୍ସବରେ ବରିଷ୍ଠ ନାଗରିକ ଅଲେଖ ଚନ୍ଦ୍ର ସାହୁ ମୁଖ୍ୟଅତିଥି ଓ ଗୋପାଳ ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗଦେଇ କଟକ ଦଳର ରାମ ଚନ୍ଦ୍ର ବେହେରା ବ୍ୟାଟିଂ ଉନ୍ନତ ପ୍ରଦର୍ଶନ କରିଥିବାରୁ ତାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚ୍‌କୁ ଓସିଏ ସ୍ୱୀକୃତିପ୍ରାପ୍ତ ଅମ୍ପାୟର ପରାଶର ବିଶ୍ୱାଳ, ସତ୍ୟ ପ୍ରକାଶ ରଥ ପରିଚାଳନା କରିଥିଲେ। ସ୍କୋରର ଭାବେ ମନୋଜ ସେଠୀ, ରାମକାନ୍ତ ପ୍ରଧାନ ଏବଂ ବେଣୁଧର ଗଡନାୟକ ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ। ବୁଧବାର ଜୁଭେନାଇଲ କଟକ ଦଳ ଏବଂ ରାମେଶ୍ୱର ସ୍ପୋର୍ଟିଂ ଭୁବନେଶ୍ୱର କ୍ରିକେଟ କ୍ଲବ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ସୁଜିତ କୁମାର ପ୍ରଧାନ ସୂଚନା ଦେଇଛନ୍ତି।




ଅତିଥିମାନେ କଟକର ରାମ ଚନ୍ଦ୍ର ବେହେରାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

ଜାତୀୟ ଯୁକ୍ତ ୨ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ପଶ୍ଚିମ ଓଡ଼ିଶାର ଦୁଇ ଛାତ୍ର ଚୟନ

ସମ୍ବଲପୁର, ୨୪।୧୨ (ବ୍ୟୁରୋ)

ଜାନୁୟାରୀ ମାସରେ ହରିୟାଣାଠାରେ ହେବାକୁ ଥିବା ଜାତୀୟସ୍ତରୀୟ ଯୁକ୍ତ ୨ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଭାଗ ନେବା ପାଇଁ ଓଡ଼ିଶା ଦଳରେ ପଶ୍ଚିମ ଓଡ଼ିଶାର ୨ଜଣ ଛାତ୍ରୀଙ୍କୁ ଚୟନ କରାଯାଇଛି । ସେମାନେ ହେଲେ ବରଗଡ଼ ବିକାଶ ସ୍କୁଲର ଛାତ୍ର ବିଶ୍ୱଜିତ ମହାନ୍ତି ଓ କଣ୍ଟାବାଞ୍ଜି କଲେଜର ଅଭିମନ୍ୟୁ ଦାଶ। ଯାଜପୁରଠାରେ ଚୟନ ଶିବିର ଅନୁଷ୍ଠିତ ହୋଇଥିଲା । ବିଶ୍ୱଜିତ ସମ୍ବଲପୁରର ଆଇନଜୀବୀ ଲକ୍ଷ୍ମୀଧର ମହାନ୍ତି ଓ ସଙ୍ଗୀତାଙ୍କ ପୁତ୍ର ଅଟନ୍ତି । ଏହି ଖବର ପ୍ରଚାର ହେବା ପରେ ବିଶ୍ୱଜତି ଓ ତାଙ୍କ ପରିବାରଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ସେହିପରି ବିକାଶ ସ୍କୁଲ ପକ୍ଷରୁ ମଧ ଶୁଭେଚ୍ଛା ଜ୍ଞାପନ କରାଯାଇଛି । ସୂଚନାଯୋଗ୍ୟ, ୨୦୧୭-୧୮ ଶିକ୍ଷା ବର୍ଷରେ ବୁର୍ଲା ଶିଶୁ ମନ୍ଦିରରେ ପଢୁଥିବା ସମୟରେ ବିଶ୍ୱଜିତ ବାଙ୍ଗାଲୋରଠାରେ ଅଖିଳ ଭାରତୀୟ ଶିକ୍ଷା ସଂସ୍ଥା ପକ୍ଷରୁ ଆୟୋଜିତ ଗଣିତ ପରୀକ୍ଷାରେ ପ୍ରଥମସ୍ଥାନ ଅଧିକାର କରିଥିଲେ।

# ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ବୈଠକ



ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ଅନୁଷ୍ଠିତ ବୈଠକରେ ଉପସ୍ଥିତ ଅତିଥିବୃନ୍ଦ।

ନାକଟିଦେଉଳ,୨୪।୧୨(ଡି.ଏନ୍.ଏ.)

ସମ୍ବଲପୁର ଜିଲା ନାକଟିଦେଉଳ ମହାବିଦ୍ୟାଳୟଠାରେ ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ସମ୍ବଲପୁର ଜିଲା ଶାଖାର ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନାକଟିଦେଉଳ କନିଷ୍ଠ କଲେଜ ଅଧକ୍ଷ କନ୍ଦର୍ପ ରାଉଳ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ମହାସଂଘର ଯୁଗ୍ମ ସମ୍ପାଦକ ଡ.ଅଶ୍ୱନୀ କୁମାର ସୁପକାର ଯୋଗଦେଇ ବିଭିନ୍ନ ବର୍ଗର ଅଧ୍ୟାପକ, ଅଧ୍ୟାପିକାଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ। ଆସନ୍ତା ୨୯ତାରିଖରେ ହେବାକୁ ଥିବା ଜିଲାସ୍ତରୀୟ ସମ୍ମିଳନୀ ସମ୍ପର୍କରେ ଆଲୋକପାତ କରି ଏହାକୁ ସଫଳ କରିବା ନେଇ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରେଢାଖୋଲ ଭୀମଭୋଇ କଲେଜର ଅଧ୍ୟାପକ ଅକ୍ଷୟ କୁମାର କର, ସୁନୀକଲ ସେନ, ଦୁଃଶାସନ ବିଶ୍ୱାଳ, ଅରୁଣ କୁମାର ଶାସନୀ, ନାକଟିଦେଉଳ ସ୍ନାତକ କଲେଜର ଅଧକ୍ଷ ସୁଧୀର କୁମାର ସାହୁ, ଅଧ୍ୟାପକ ଶେଷଦେବ ବିଶ୍ୱାଳ, ବିନୋଦ ବିହାରୀ ପ୍ରଧାନ, ଦେବେଶ ବିଶ୍ୱାଳ, ବିଭୂତିଭୂଷଣ ସାହୁ, ଭଜମୋହନ ପ୍ରଧାନ, ସୁଦାମ ସାହୁ, କନିଷ୍ଠ କଲେଜ ଅଧ୍ୟାପିକା ଡ଼.ସରଶୀରାଣୀ ନାୟକ, ସରସ୍ୱତୀ ପଣ୍ଡା, ବିନିତା ମୁର୍ମୁ, ଅଧ୍ୟାପକ ମନୋରଞ୍ଜନ ପ୍ରଧାନ, ସଞ୍ଜୀବ ଦାସ, ଡ଼.ପ୍ରଶାନ୍ତ କୁମାର ଦାଶ, ସରୋଜ ଭୁଏ, ପୁରୁଷୋତ୍ତମ ବେହେରା, ପ୍ରଫୁଲ୍ଲ କୁମାର ପ୍ରଧାନ, ପତିତପାବନ ମହାନନ୍ଦ ପ୍ରମୁଖ ଯୋଗଦେଇ ଆଲୋଚନରେ ମତବ୍ୟକ୍ତ କରିଥିଲେ। ଶେଷରେ ପ୍ରଧାପକ ଡ଼.ଦୀପେନ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଫଟୋରେ ଖବର







ମଙ୍ଗଳବାର ସମ୍ବଲପୁରରେ ଛାତ୍ରୀମାନଙ୍କ ଦ୍ୱାରା ବାହାରିଥିବା ନିଶା ନିବାରଣ ସଚେତନତା ଶୋଭାଯାତ୍ରା (ବାମ) । ଏନ୍‌ଏସିବି କଲେଜରେ ମଙ୍ଗଳବାର ଅନୁଷ୍ଠିତ ଏକ ଆଲୋଚନାଚକ୍ରରେ ସମ୍ବର୍ଦ୍ଧିତ କରାଯାଉଛି(ମଝି) । ସମ୍ବଲପୁର ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମରେ କୁଞ୍ଜବିହାର ଟ୍ରଫି ପାଇଁ ଫିଲ୍ଡିଂ ପ୍ରସ୍ତୁତ କରାଯାଉଛି ।



ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖ, କିନ୍ତୁ ନିଜ ଉଦ୍ୟମରେ ଟିକିଏ ହେଲେ ଅବହେଳା କରନାହିଁ।
-ବ୍ୟାସକବି ଫକୀର ମୋହନ



## ସଂକ୍ଷେପରେ

### ତରଭାରେ ମିଳିତ ଜନଶୁଣାଣି ଶିବିର

**ତରଭା, ୨୪।୧୨(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ତରଭା ରାଜୀବ ଗାନ୍ଧୀ ସଭାଗୃହରେ ଜିଲାପାଳ ମୋନିଷା ବାନାର୍ଜୀ ଓ ଆରକ୍ଷୀ ଅଧିକ୍ଷକ ଦେବୀପ୍ରସାଦ ଦାସଙ୍କ ଅଧକ୍ଷତାରେ ସୋମବାର ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୧୦୪ଟି ଅଭିଯୋଗ ଆସିଥିଲା। ସେଥିରୁ ୯୪ଟି ବ୍ୟକ୍ତିଗତ ଓ ୧୦ଟି ସାମୂହିକ ସମସ୍ୟା ଉପରେ ଆଧାରିତ ଥିଲା। ତରଭା ସହରର ବାଇପାସ ରାସ୍ତା, ନୂଆପଡା ରାସ୍ତା ନିର୍ମାଣ, ଡାକ୍ତରଖାନାରେ ଡାକ୍ତର ଯୋଗାଇ ଦେବା ଆଦି ସମସ୍ୟା ଉପରେ ତରଭା ନାଗରିକ କମିଟି ପକ୍ଷରୁ ଜିଲପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ବିଡିଓ ନିହାର ରଞ୍ଜନ କହଁର, ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା, ସିଡିପିଓ ସବିତା ଦୋରା, ଡିଡବ୍ଲୁଓ ପଲକ ରବିନ୍ଦ୍ର, ସିଡିଏମଓ ସନ୍ତୋଷ ଜେନାଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ଏହି ଜନଶୁଣାଣୀ ଶିବିରରେ ଉପସ୍ଥିତ ଥିଲେ ।

### ମୋ ସରକାର ଫଳକ ଉନ୍ମୋଚିତ

**ତରଭା, ୨୪।୧୨(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ତରଭା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଥିବା କାନ୍ଥରେ ରାଜ୍ୟ ସରକାରଙ୍କ ମୋ ସରକାର ଯୋଜନାର ଫଳକ ସୋମବାର ଜିଲାପାଳ ମୋନିଷା ବାନାର୍ଜୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନ ସମୟରେ ବିଡିଓ ନିହାର ରଞ୍ଜନ କହଁର, କୋଷାଧକ୍ଷ କରୁଣା ସାଗର ପାତ୍ର, ମୁଖ୍ୟ କିରାଣି ଶିବରାମ ମିଶ୍ର ଓ ନିଶିକାନ୍ତ ଦୋରା,ଯୋଗାଣ ଅଧିକାରୀ ସଞ୍ଜୁ ପଧାନ, ସହକାରୀ ଯନ୍ତ୍ରୀ ଦୁଃଶାସନ ସାହୁ, ହିସାବ ରକ୍ଷକ ଭୀମସେନ ବାଘଙ୍କ ସମେତ ସମସ୍ତ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ ।

### ଚତୁର୍ଥ ରଜନୀରେ ଅରିଗାଁ-ବିନିକା ଆଞ୍ଚଳିକ ଧନୁଯାତ୍ରା

**ବିନିକା, ୨୪।୧୨ (ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅରିଗାଁ-ବିନିକା ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବର ମଙ୍ଗଳବାର ଥିଲା ଚତୁର୍ଥ ସନ୍ଧ୍ୟା । ଗୋପପୁରରେ ନନ୍ଦୋତ୍ସବ ଅନୁଷ୍ଠିତ ହୋଇଥିଲା । ଭଗବାନ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳାରେ ଅରିଗାଁ ଉତ୍ସବ ମୁଖର ହୋଇଉଠିଥିଲା । ମଥୁରା ନଗରୀରେ ମହାରାଜା କଂସଙ୍କ ଦିଗ୍‌ବିଜୟ, ଦରବାରରେ ପାତ୍ରମନ୍ତ୍ରୀଙ୍କ ସହ ବିଚାର ବିମର୍ଶ କରିଛନ୍ତି। ଶେଷରେ ମହାରାଜା କଂସ ବ୍ରହ୍ମରାକ୍ଷସୀ ପୁତ୍ନାକୁ ଗୋପପୁରେ ପ୍ରେରଣ କରିବା ନେଇ ମନ୍ତ୍ରଣା କରିବା ଆଦି ଆଦି ଦୃଶ୍ୟ ଧନୁଯାତ୍ରା ରଙ୍ଗମଞ୍ଚରେ ଅଭିନୀତ ହୋଇଥିଲା।

### ମଦ ବିକ୍ରି ବନ୍ଦ ଦାବିରେ ଥାନା ଘେରାଉ

**ବଙ୍ଗୋମୁଣ୍ଡା, ୨୪।୧୨(ଡି.ଏନ.ଏ.):** ବଙ୍ଗୋମୁଣ୍ଡା ବ୍ଲକ ସିନ୍ଦେକେଲା ଥାନା ଟିଟିଗାଁରେ ମଦ ବିକ୍ରି ବନ୍ଦ ଦାବିରେ ଏସଏଚଜି ମହିଳାମାନେ ମଙ୍ଗଳବାର ଥାନା ଘେରାଉ କରିଥିଲେ। ଗାଁରେ ମଦ ବିକ୍ରୟ ବନ୍ଦ ସହ ମଦ ବେପାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ମହିଳାମାନେ ଦାବି କରିଥିଲେ। ଥାନା ଅଧିକାରୀ ଅନ୍ତଚରଣ ପଧାନ ମଦ ବିକ୍ରି ବନ୍ଦ ସହ ବେପାରୀଙ୍କ ବିରୋଧରେ ଦୃଢ କାର୍ଯାନୁଷ୍ଠାନର ପ୍ରତିଶୃତି ଦେଲାପରେ ମହଳାମାନେ ଆନ୍ଦୋଳନରୁ ଓହରିଥିଲେ।

ଉଲୁଣ୍ଡା ଧନୁଯାତ୍ରା ଉଦ୍‌ଯାପିତ

# କଂସବଧ, ଉଗ୍ରସେନ ମଥୁରା ଅଧିପତି

**ଉଲୁଣ୍ଡା, ୨୪।୧୨ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଶ୍ରୀକୃଷ୍ଣ ସାଂସ୍କୃତିକ ପରିଷଦ ତରଫରୁ ଆୟୋଜିତ ତ୍ରୟୋଦଶତମ ବିରାଟ ଧନୁଯାତ୍ରା ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଗୋପପୁର ମଣ୍ଡପ, ରାଜ ଦରବାର, ମୀନାବଜାର ପଡିଆ, ଯାତ୍ରାପଡିଆ ଆଦି ଲୋକାରଣ୍ୟ ହୋଇପଡିଥିଲା। ହରିବଂଶ ପୁରାଣ ଉପରେ ଆଧାରିତ ଏହି ମହୋତ୍ସବରେ ପୌରାଣିକ ନାଟ୍ୟାଭିନୟରେ ଶତ୍ରୁ ବିନାଶ ପାଇଁ କଂସ ସମସ୍ତ ପ୍ରକାର ଉପାୟ ରଚନା କରିଥିଲେ ମଧ ବିଫଳ ହୋଇଛନ୍ତି। ପରେ ଦେବର୍ଶୀ ନାରଦଙ୍କ ପରାମର୍ଶରେ ଶତ୍ରୁ ବିନାଶର ଉଦ୍ଦେଶ୍ୟ ରଖି କଂସ ଧନୁଯାତ୍ରାର ଆୟୋଜନ କରିଛନ୍ତି। ଏଥିରେ ସାମିଲ ହେବାପାଇଁ କୃଷ୍ଣ ଏବଂ ବଳରାମଙ୍କୁ ପୁରାତନ ମନ୍ତ୍ରୀ ଅକ୍ରୁରଙ୍କୁ ହସ୍ତେ ନିମନ୍ତ୍ରଣ କରିଛନ୍ତି। ନିମନ୍ତ୍ରଣ ରକ୍ଷା କରି ଧନୁଯାତ୍ରା ଦେଖିବା ପାଇଁ କୃଷ୍ଣ ଓ ବଳରାମ ବେନୀଭାଇ ମଥୁରାକୁ ପ୍ରବେଶ କରିଛନ୍ତି। ପ୍ରଥମ ଦ୍ୱାରରେ କୁବଳୟା ହସ୍ତୀକୁ ବଧ କରି ଉଦ୍ଧାର କଲା ପରେ ଦ୍ୱିତୀୟ ଦ୍ୱାରରେ ଚାଣୁର ଓ ମୁଷ୍ଟିକକୁ ରାକ୍ଷସ ଯୋନୀରୁ ମୁକ୍ତି ଦିଅନ୍ତି। ସେହିପରି ହଂସଧ୍ୱଜକୁ ତୃତୀୟ ଦ୍ୱାରରେ ନିଧନ କରିବା ପରେ ଚତୁର୍ଥ ଦ୍ୱାରରେ ମହାମନ୍ତ୍ରୀ ସତ୍ରାଜିତ କୃଷ୍ଣଙ୍କ ସରଣାପନ୍ନ ହୁଅନ୍ତି। ଶେଷରେ ଧନୁଯାତ୍ରା ଦେଖିବା ଛଳରେ ବାଳକୃଷ୍ଣ ଓ ବଳରାମ ରାଜଦରବାରକୁ ପ୍ରବେଶ କଲାପରେ କଂସ ଭୟଭୀତ ହୋଇ ମୃତ୍ୟୁବରଣ କରେ । ପରେ ଉଗ୍ରସେନଙ୍କୁ ରାଜା ଭାବେ ଅଭିଶିକ୍ତ କରାଇ ପୁନଶ୍ଚ ମଥୁରାଗଡରେ ଶାନ୍ତି ସ୍ଥାପନ ହୋଇଛି। ଶେଷ ରଜନୀର ଏହିସବୁ ନାଟ୍ୟାଭିନୟ ଦର୍ଶକଙ୍କ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା । ଚଳିତ ବର୍ଷ ସୁଶିଲ କୁମାର ମେହେର କଂସ ଭୂମିକା ନିଭାଉଥିଲେ । ତେବେ ଆୟୋଜକ ସଭାପତି ହିମାଂଶୁ ସେଖର ତ୍ରିପାଠୀଙ୍କ ଅଧକ୍ଷତା ଏବଂ କାର୍ଯ୍ୟକାରୀ ସଭାପତି ଋଷି କୁମାର ପଟେଲଙ୍କ ସଂଯୋଜନାରେ ହୋଇଥିବା ଉଦ୍‌ଯାପନୀ ସଭାରେ ତହସିଲଦାର ପୂର୍ଣ୍ଣଚନ୍ଦ୍ର ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସଭାକାର୍ଯ୍ୟ ଧର୍ମ ନିରଞ୍ଜନ ପଣ୍ଡା ପରିଚାଳନା କରିଥିଲେ। ମହୋତ୍ସବରେ ଅଂଶଗ୍ରହଣ କରିଥିବା ସମସ୍ତ କଳାକାର ମାନଙ୍କୁ ଉପଢୌକନ ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଦର୍ଶକଙ୍କ ମନୋରଞ୍ଜନ ପାଇଁ ଉଦ୍‌ଯାପନୀ ସନ୍ଧ୍ୟାରେ ବରଗଡର ଢୋଲ ଓ ମହୁରୀ ଦଳ ସମେତ ଆଲବମ ନାୟିକାଙ୍କ ନୃତ୍ୟ ପରିବେଷଣ କରାଯାଇଥିଲା । ସାଂସ୍କୃତିକ ସମ୍ପାଦକ ରାଧାଚରଣ ପାଣିଗ୍ରାହୀଙ୍କ ସମେତ ବସୁଦେବ ଭୋଇ, ଗୋପାଲ ପଣ୍ଡା, ଦିଲ୍ଲିପ ପୁରୋହିତ, ଦାମୋଦର ମେହେର, ଲକ୍ଷ୍ମଣ ବାରିକ ପ୍ରମୁଖ ମହୋତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଉଲୁଣ୍ଡା ଆଇଆଇସି ବିଦୁଭୂଷାଣ ପୁଟାଙ୍କ ତତ୍ତ୍ୱାବଧାନରେ ଉଲୁଣ୍ଡା ଯୁବ ମହାସଙ୍ଘର ସମସ୍ତ ସଦସ୍ୟ ଶାନ୍ତିଶୃଙ୍ଖଳା ବଜାୟ ରଖିବାରେ ସହଯୋଗ କରିଥିଲେ।



# କ୍ରୀଡ଼ା ଶରୀରକୁ ସୁସ୍ଥ, ସବଳ ରଖେ

**ଅମରପାଲି, ୨୪।୧୨ (ଡି.ଏନ.ଏ.)**

ପିଲାଙ୍କ ପାଇଁ କ୍ରୀଡା ଜରୁରୀ କାରଣ କ୍ରୀଡା ଶରୀରକୁ ସୁସ୍ଥ ଓ ସବଳ ରଖିଥାଏ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ନିକେତନର ୧୦ତମ ବାର୍ଷିକ କ୍ରୀଡା ଉତ୍ସବର ଉଦ୍‌ଯାପନୀରେ ସ୍ଥାନୀୟ ବିଧାୟକ ତଥା ବାଣିଜ୍ୟ ପରିବହନ ଓ ଯୋଜନା ସଂଯୋଜନା ମନ୍ତ୍ରୀ ପଦ୍ମନାଭ ବେହେରା ଏହା ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟର ସଭାପତି ତଥା ପୂର୍ବତନ ବ୍ଲକ ଅଧକ୍ଷ ରଞ୍ଜିତ କୁମାର ରଥ ଓ ପିଟିସି ସଭାପତି ନାରାୟଣ ଲୁହା ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇ ବାର୍ଷିକ କ୍ରୀଡାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ବାଳିକା ଓ ବାଳକ ବିଭାଗର ଜୁନିୟର, ସବଜୁନିୟର ଓ ସିନିୟର ବର୍ଗରେ ବିଭିନ୍ନ କ୍ରୀଡା ହୋଇଥିଲା। ସେମାନଙ୍କ ମଧ୍ୟରୁ ସୋନାଲି ନାୟକ, ଖୁସିରାଣୀ ମେହେର, ବର୍ଷାରାଣୀ ସାହୁ, କାହ୍ନୁଚରଣ ମହାକୁର, ଅବନି ମିଶ୍ର ଓ ସମ୍ପଦ ପଧାନ ପ୍ରଭୃତିଙ୍କୁ ବିଭିନ୍ନ ବିଭାଗରେ ଚାମ୍ପିୟନ ଭାବେ ପୁରସ୍କୃତ କରାଯାଇଥିଲା। ଉଦଘାଟନୀ ଉତ୍ସବରେ ସୁବର୍ଣ୍ଣପୁର ଜିଲାପରିଷଦ ଅଧକ୍ଷା ଉଷା କୁମାରୀ ମୁଖ୍ୟଅତିଥି, ଏମ୍‌ପି ପ୍ରତିନିଧି ନଳିନୀ ପଣ୍ଡା ଓ ନାରାୟଣ ଲୁହା ସମ୍ମାନୀତ ଅତିଥି, ଶିକ୍ଷାବିତ ଇନ୍ଦ୍ରଜିତ ପାରୁଆ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ମନୋରଞ୍ଜନ ଦାଶ ସଂଯୋଜନା କରିଥିବା ବେଳେ ଗୋବିନ୍ଦ ରଣା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।



ମନ୍ତ୍ରୀ ପଦ୍ମନାଭ ବେହେରା ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି ।

ସାହାରା ଟ୍ରଷ୍ଟ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

# ବ୍ୟଙ୍ଗ କବିତା, ଏକକ ଅଭିନୟ ପ୍ରତିଯୋଗିତା

**ସୋନପୁର,୨୪।୧୨(ନି.ପ୍ର.)**

ସୋନପୁର ସାହାରା ଟ୍ରଷ୍ଟ ଉଚ୍ଚ ବିଦ୍ୟାଳୟର ୧୭ତମ ବାର୍ଷିକ କ୍ରୀଡା, ସାହିତ୍ୟ ଓ ସାଂସ୍କୃତିକ ଉତ୍ସବ ଶିଶିର-୧୯ ଉଦ୍‌ଘାଟିତ ହୋଇଛି । ୩ ଦିନ ବ୍ୟାପି ପାଳିତ ହେଉଥିବା ଏହି ଉତ୍ସବର ପ୍ରଥମ ପର୍ଯ୍ୟାୟ କ୍ରୀଡାକୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗତିକୃଷ୍ଣ ମିଶ୍ରଙ୍କ ଉପସ୍ଥିତିରେ ସରକାରୀ କ୍ରୀଡା ମହାବିଦ୍ୟାଳୟ କଟକର ଅବସରପ୍ରାପ୍ତ ଅଧକ୍ଷ ଶରତ ଚନ୍ଦ୍ର ମହାନ୍ତି ଉଦ୍‌ଘାଟନ କରିଥିଲେ। ମହାନ୍ତି ନିଜ ଛାତ୍ର ସମୟର କ୍ରୀଡା ଅନୁଭୂତି ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୋନପୁର ମହାବିଦ୍ୟାଳୟର ଅବସରପ୍ରାପ୍ତ କ୍ରୀଡା ଅଧ୍ୟାପକ ଭୁକୁଲୁ ବକ୍ସି, ମହାରାଜା ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ରଘୁନାଥ ଥନାପତି, କ୍ରୀଡା ଶିକ୍ଷକ ଶ୍ୟାମସୁନ୍ଦର ନାଏକ ଓ ଶିକ୍ଷକ ଦିଲ୍ଲିପ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଅପରାହ୍ନ ସାହିତ୍ୟ ଅଧିବେଶନରେ ବ୍ୟଙ୍ଗ କବିତା ଓ ଏକକ ଅଭିନୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟା ସମୟର ସାଂସ୍କୃତିକ ଉତ୍ସବର ମୁଖ୍ୟ ଆକର୍ଷଣ ଥିଲେ ଆର୍ଟ ଅଫ ଲିଭିଙ୍ଗର ପ୍ରଚାର ଓ ପ୍ରସାର ପ୍ରମୁଖ ସମ୍ବଲପୁରର ହିମାଂଶୁ କୁମାର ପଣ୍ଡା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ ଓ ଅଭିଭାବିକା ଅଭିଭାବକମାନେ ଯୋଗଦାନ କରିଥିଲେ। ବିଦ୍ୟାଳୟର ଶିକ୍ଷକ ବିଜୟାନନ୍ଦ ମାଝି, ମାଧବ ପୂଜାହାରୀ, ଲାଲସାହେବ ଷାଣ୍ଡ, ନୀଳିମା ବାରିକ, ସୁନିତା ପ୍ରଧାନ, ସସ୍ମିତା ପାଣିଗ୍ରାହୀ, ଉମାକାନ୍ତ ସିଂଦେଓ, ବାଲୁଙ୍କେଶ୍ୱର ତ୍ରିପାଠୀ, ସିଦ୍ଧିପ୍ରକାଶ ବେଜ୍, ସୁଜିତ କୁମାର ପୂଜାହାରୀ, ଗୋବର୍ଦ୍ଧନ ପ୍ରଧାନ, ରାମେଶ୍ୱର ସା ଓ ସୁମନ୍ତ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।



ମୁଖ୍ୟଅତିଥି କ୍ରୀଡା ଉତ୍ସବକୁ ଉଦ୍‌ଘାଟନ କରୁଛନ୍ତି ।

# ବ୍ଲକସ୍ତରୀୟ କ୍ରୀଡ଼ା ସମାରୋହ

**ବିନିକା, ୨୪।୧୨(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ଏନ୍‌ଏସି ଅନ୍ତର୍ଗତ ନୂଆପାଲି ଖେଳ ପଡିଆରେ ଭବିଷ୍ୟ ଏଜୁକେଶନାଲ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ବ୍ଲକସ୍ତରୀୟ କ୍ରୀଡା ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଭବିଷ୍ୟ ଇଂରାଜୀ ମାଧମ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଅରବିନ୍ଦ ପୂର୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଶିଶୁ ବିକାଶ ବିଦ୍ୟା ମନ୍ଦିର, ସାଇଶ୍ରୀ ଲୀଲାସାହାଜୀ ବିଦ୍ୟାମନ୍ଦିର, ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ । ଟ୍ରଷ୍ଟ ଅଧକ୍ଷ ଶିବ ସୁବିଦ୍ଧି, ମ୍ୟାନେଜିଙ୍ଗ ଟ୍ରଷ୍ଟି ସୁଧାଂଶୁ ଶେଖର ଦାଶ କ୍ରୀଡା ସମାରୋହକୁ ଉଦ୍‌ଘାଟନ କରିଥିଲେ। ଦୌଡ, ଲମ୍ଫଡିଆଁ, ଉଚ୍ଚଡିଆଁ, ଗୋଲାଫିଙ୍ଗା, ଥାଳିଆ ଫିଙ୍ଗା, ବର୍ଛାଫିଙ୍ଗା ଆଦି ପ୍ରତିଯୋଗୀତାରେ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ବ୍ଲକ ଖେଳ ଅଧିକାରୀ ସତ୍ୟ ନାରାୟଣ ତ୍ରିପାଠୀ, ଖେଳ ଶିକ୍ଷକ ଗଙ୍ଗାଧର ପଧାନ ଓ ଗଙ୍ଗାଧର ପଟେଲ କ୍ରୀଡା ସମାରୋହର ପରିଚାଳନା କରିଥିଲେ। ସମାରୋହର ଉଦ୍‌ଯାପନୀ ସମାରୋହରେ ବିନିକା ଥାନା ଅଧିକାରୀ କୁଶ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ।



କ୍ରୀଡା ସମାରୋହର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

### ବଧୂହତ୍ୟା ଅଭିଯୋଗ: ସ୍ୱାମୀ, ଶ୍ୱଶୁର ଜେଲଗଲେ

**ଉଲୁଣ୍ଡା, ୨୪।୧୨ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ଅନ୍ତର୍ଗତ କୁମ୍ଭିଆ ଗ୍ରାମରେ ହୋଇଥିବା ବଧୂହତ୍ୟା ଅଭିଯୋଗ ଘଟଣାରେ ମଙ୍ଗଳବାର ମୃତ ମହିଳାଙ୍କ ସ୍ୱାମୀ ବାବୁଲୁ ତରିଆ ଓ ଶ୍ୱଶୁର ସୁବାଷ ତରିଆଙ୍କୁ ଗିରଫ କରି ପୋଲିସ କୋର୍ଟଚାଲାଣ କରିଛି ପୋଲିସ। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଉକ୍ତ ଗ୍ରାମର ପ୍ରିୟବତୀ ମହାଲିକ (୨୨)ଙ୍କ ମୃତଦେହ ବିଳମ୍ବିତ ରାତୀରେ ପାଇଖାନା ଘରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରିଥିବା ତାଙ୍କ ପରିବାର ଲୋକ ପ୍ରକାଶ କରିଥିଲେ। ଖବର ପାଇବା ପରେ ମୃତାଙ୍କ ବାପା ବନମାଳୀ ମହାଲିକ ଝିଅ ଘରକୁ ଆସି ପାରିପାର୍ଶ୍ୱିକ ପରିସ୍ଥିତିଅନୁଧ୍ୟାନ କଲାପରେ ଯୋଜନାବଦ୍ଧ ଭାବରେ ହତ୍ୟା କରାଯାଇଥିବା ନେଇ ଥାନରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ଉଲୁଣ୍ଡା ପୋଲିସ ଏକ ମାମଲା ( ନଂ.୧୧୩/୧୯) ରୁଜୁ କରିବା ସହ ପରିବାର ଲୋକଙ୍କୁ ଅଟକ ରଖି ତଦନ୍ତ କରିଥିଲା।

# ଏବିଭିପି ପକ୍ଷରୁ ପ୍ରତିଭା ସଙ୍ଗମ କାର୍ଯ୍ୟକ୍ରମ

**ସୋନପୁର,୨୪।୧୨(ନି.ପ୍ର.)**

ଛାତ୍ର ସଂଗଠନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ସୋନପୁର ଶାଖା ଆନୁକୂଲ୍ୟରେ ପ୍ରତିଭା ସଙ୍ଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭାର ପ୍ରଦର୍ଶନ ପାଇଁ ରାଷ୍ଟ୍ରୀୟ କଳା ମଞ୍ଚ ଦ୍ୱାରା ଏହି କାର୍ଯ୍ୟକ୍ରମ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଅନୁଷ୍ଠିତ ହୋଇଥିଲା। ପଦ୍ମଶ୍ରୀ ଚତୁର୍ଭୁଜ ମେହେର ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ଶ୍ରୀବତ୍ସ ମଲ୍ଲିକ, ନାଟ୍ୟଶ୍ରୀ ଗଦାଧର ବାରିକ୍ ଓ ନଗର ଉପସଭାପତି ଚନ୍ଦନ କୁମାର ପ୍ରହରାଜ ଯୋଗ ଦେଇଥିଲେ । ନଗର ସମ୍ପାଦକ ତଥା ଛାତ୍ର ନେତା ଉତ୍ତମ ଖମାରୀ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ନୃତ୍ୟ(ଦେଶାତ୍ମବୋଧକ ଲୋକନୃତ୍ୟ ଓ ସାଂସ୍କୃତିକ), ଗୀତ(ଦେଶାତ୍ମବୋଧକ ଓ ଭଜନ), ମୁରୁଜ ଚିତ୍ରାଙ୍କନ, ନାଟକ ଓ ମୂକ ଅଭିନୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକଭାବେ ବିଜୟ କୁମାର ଦାଶ, ବିକାଶ ମିଶ୍ର ଓ ଖଗେନ୍ଦ୍ର କୁମାର ସିଆଲ ଯୋଗ ଦେଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନନ୍ଦ କିଶୋର ତ୍ରିପାଠୀ ଓ ମୁଖ୍ୟବକ୍ତା ଭାବେ ସଂଗଠନ ସମ୍ପାଦକ ନିକୁଞ୍ଜ ବିହାରୀ ପଣ୍ଡା ଯୋଗ ଦେଇଥିଲେ। ମଞ୍ଚରେ ଅଧକ୍ଷତା କରିଥିଲେ ଜିଲା ପ୍ରମୁଖ ଚିନ୍ମୟ ରଥ। ଏହି କାର୍ଯ୍ୟକ୍ରମରେ ଜିଲା ସଂଯୋଜକ କମଳ ଲୋଚନ ଭଞ୍ଜ, ଦେବାନନ୍ଦ ପ୍ରଧାନ, ଦେବାଶିଷ କ୍ଷେତି, ରଘୁନାଥ ପାଣିଗ୍ରାହୀ, ଅଂଶୁମାନ ପାତ୍ର, ସରୋଜ ମେହେର ଓ ଶଶିକାନ୍ତ କର୍ମୀ ସହଯୋଗ କରିଥିବା ବେଳେ ଜିଲାର ବିଭିନ୍ନ ମହାବିଦ୍ୟାଳୟରୁ ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ ।



କୃତୀ ପ୍ରତିଯୋଗୀଙ୍କୁ ଅତିଥି ବୃନ୍ଦ ପୁରସ୍କୃତ କରୁଛନ୍ତି ।

# ବ୍ଲକସ୍ତରୀୟ ଗାଁ କଲ୍ୟାଣ ସମିତି ବୈଠକ

**ସୋନପୁର,୨୪।୧୨(ନି.ପ୍ର.)**

ସୋନପୁର ପଞ୍ଚାୟତ ସମିତି ପ୍ରକୋଷ୍ଠରେ ବ୍ଲକସ୍ତରୀୟ ଗାଁ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ବିଡିଓ ରବିନ୍ଦ୍ର କୁମାର ପଟେଲ ସଭାପତିତ୍ୱ କରିଥିଲେ। ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀ ଡାକ୍ତର ସଙ୍ଗୀତା ଚୌଧୁରୀ, ଏବିଇଓ ଦୀନବନ୍ଧୁ ମିଶ୍ର, ଚିତ୍ତରଞ୍ଜନ ମେହେର, ପିଏଚଇଓ ଶାନ୍ତନୁ ମେହେର, ଡାକ୍ତର ଇପ୍‌ସିତା ମିଶ୍ର ଓ ଡାକ୍ତର ସରୋଜ କୁମାର ପଟେଲ ଉପସ୍ଥିତ ଥିଲେ। ବୈଠକରେ ୧୨୩ଟି ଗାଁ କଲ୍ୟାଣ ସମିତିର କାର୍ଯ୍ୟକ୍ରମ, ଅନୁଦାନ ଏବଂ ଖର୍ଚ୍ଚ ବାବଦରେ ଆଲୋଚନା ହୋଇଥିଲା। ଏନଏଚଏମ ବିପିଏମ ଅଶୋକ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।



ସମିତି ବୈଠକରେ ବିଡିଓ ଓ ସ୍ୱାସ୍ଥ୍ୟ ବିଭାଗର କର୍ମକର୍ତ୍ତା ।

ସର୍ବଭାରତୀୟ ଲୁତୁରପଙ୍କ କ୍ରିକେଟ କପ୍

# ରାୟପୁରକୁ ହରାଇ ସମ୍ବଲପୁର ସେମିରେ

**ଅମରପାଲି, ୨୪।୧୨ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଲୁତୁରପଙ୍କ ହାଇସ୍କୁଲ ପଡିଆରେ ଚାଲିଥିବା ୨୪ତମ ସର୍ବଭାରତୀୟ ଜୟଜଗନ୍ନାଥ ଲୁତୁରପଙ୍କ କ୍ରିକେଟ କପ୍ ଟୁର୍ନାମେଣ୍ଟ ପୁଲ-ଏ ପ୍ରଥମ ମ୍ୟାଚରେ ରାୟପୁରକୁ ହରାଇ ସମ୍ବଲପୁର ଦଳ ସେମିଫାଇନାଲରେ ପ୍ରବେଶ କରିଛି। ଖେଳ ଟି-୨୦ ଓ ଟି-୧୦ ଫର୍ମାଟରେ ଖେଳାଯାଇଥିଲା । କିନ୍ତୁ ସୁପରଓଭର ଆଜି ମ୍ୟାଚର ନିର୍ଣ୍ଣାୟକ କରିଥିଲା । ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ସମ୍ବଲପୁର ଦଳ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୩୭ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୁଧିର ତରିଆ ଅପରାଜିତ ୨୫ ବଲରୁ ୪୦ରନ କରିଥିବା ବେଳେ ମୋହିତ ଗିରିଧର ୨୭ ରନ କରିଥିଲେ। ବିପକ୍ଷ ଦଳର ରାହୁଲ ସିଂହ ଓ ଅଜୟ ପାଠକ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ । ଜବାବରେ ୧୩୮ ରନର ବିଜୟ ଲକ୍ଷ୍ୟ ନେଇ ରାୟପୁର ଦଳ ୧୮.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୦୮ ରନ ସଂଗ୍ରହ କରିପାରିଥିଲା। ଦଳ ପକ୍ଷରୁ ଦେବ୍ରତ ରଏ ସର୍ବାଧିକ ୪୩ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ଡାଏନା ଦାସ ୨୫ ରନ ଦେଇ ୫ ଉଇକେଟ ଅକ୍ତିଆର କରିଥିଲେ। ଟି- ୧୦ ମ୍ୟାଚରେ ସମ୍ବଲପୁର ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୭ ଉଇକେଟ ହରାଇ ୮୪ ରନ କରିଥିଲା। ଦଳ ପକ୍ଷରୁ ଅଧିନାୟକ ଅଜିତ ହୋତା ୨୭ ଓ ପ୍ରକାଶ ୨୫ ରନ କରିଥିବା ବେଳେ ବିପକ୍ଷ ରୋଶନ ୩ଟି ଉଇକେଟ ନେଇଥିଲେ। ୮୫ ରନର ବିଜୟ ଲକ୍ଷ୍ୟକୁ ରାୟପୁର ଦଳ ୭.୪ ଓଭରରେ ୩ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲେ। ଦଳ ପକ୍ଷରୁ ଅଜୟ ପାଠକ ୨୧ ବଲରୁ ୪୧ ରନ କରିଥିଲେ ଓ ବିପକ୍ଷ ଦଳର ତରୁଣ ୨ ଉଇକେଟ ଅକ୍ତିଆର କରିଥିଲେ। ଉଭୟ ଦଳ ଗୋଟିଏ ଲେଖାଏ ମ୍ୟାଚ ଜିତିବାରୁ ନିର୍ଣ୍ଣାୟକ ପାଇଁ ସୁପରଓଭର କରାଯାଇଥିଲା। ଏଥିରେ ସମ୍ବଲପୁର ପ୍ରଥମେ ବ୍ୟାଟିଂ କରି ୧୦ ରନ ସଂଗ୍ରହ କରିଥିବା ବେଳେ ରାୟପୁର ଦଳ ୭ରନ ସଂଗ୍ରହ କରି ସମ୍ବଲପୁରଠାରୁ ପରାଜୟ ବରଣ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ବୀରମହାରାଜପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତାନୁ କୁମ୍ଭକାର ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ବହଲପଦର ସିଆରସିସି ପ୍ରଦୀପ କୁମାର ଜଗଦଲା, ଫାରୁକ ଖାନ, ବିଶିଷ୍ଟ ବ୍ୟବସାୟୀ କୁଶ କୁମାର ସାହୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ସମ୍ବଲପୁରର ଡାଏନା ଦାଶଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କୃତ କରିଥିଲେ। ଆଜିର ମ୍ୟାଚକୁ ଶ୍ୟାମସୁନ୍ଦର ପଣ୍ଡା ଓ ପ୍ରଶାନ୍ତ ମିଶ୍ର ପରିଚାଳାନ କରିଥିଲେ। ବାଙ୍କାବିହାରୀ ମହାକୁର ସ୍କୋରିଂ ଓ ମ୍ୟାକମିଲନ ମହାକୁର, ଆଶିଷ ଦେଓ ଓ ସ୍ୱାଧିନ ପାଣିଗ୍ରାହୀ ଧାରାବିବରଣୀ ପ୍ରଦାନ କରିଥିଲେ । ପ୍ରାଣବନ୍ଧୁ ସାହୁଙ୍କ ସଂଯୋଜନାରେ ପୁରସ୍କାର ବିତରଣୀ ଉତ୍ସବ ହୋଇଥିବା ବେଳେ ମାଧବ ଚନ୍ଦ୍ର ମହାକୁର ଧନ୍ୟବାଦ ପ୍ରଦାନ କରିଥିଥଲେ। ବୁଧବାର ଭୁବନେଶ୍ୱର ରାମେଶ୍ୱର ସ୍ପୋର୍ଟିଂ ବନାମ କଟକର ଜୋବ୍ରା ସୋଲାର ସ୍ପୋର୍ଟ୍ସ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ।





ସମ୍ବଲପୁର ଦଳର ଡାଏନା ଦାସ ମ୍ୟାନ ଅଫ୍ ଦି ମ୍ୟାଚ ଗ୍ରହଣ କରୁଛନ୍ତି ।




# ରାଜ୍ୟସ୍ତରୀୟ ଗୋ ସମ୍ବର୍ଦ୍ଧନା


ମନ୍ତ୍ରୀ ଡ.ଅରୁଣ କୁମାର ସାହୁ

ଜଗତ୍‌ସିଂହପୁରର ମଣ୍ଡାସାହିଠାରେ ରାଜ୍ୟ ସ୍ତରୀୟ ୬୮ତମ ଗୋ ସମ୍ବର୍ଦ୍ଧନା ଉତ୍ସବ ମହା ସମାରୋହରେ ପାଳିତ । ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ଡ.ଅରୁଣ କୁମାର ସାହୁ କୃଷିଜୀବୀଙ୍କ ଆୟବୃଦ୍ଧି ଓ ଜୀବିକା ନିର୍ବାହରେ ଗୋପାଳନ ଏବଂ ଦୁଗ୍ଧ ଉତ୍ପାଦନରେ ଗୋପାଳନ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଜିଲାର ୮ଟି ବ୍ଲକରୁ ୮ଜଣ ସଫଳ ଚାଷୀ(ଗୋପାଳକ)ଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

# ଧାନ କିସମ ପାଇଁ ପୁରସ୍କାର

କଟକ ବିଦ୍ୟାଧରପୁରସ୍ଥିତ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ (ଏନଆରଆରଆଇ) ଅନ୍ତର୍ଜାତୀୟ ସ୍ତରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ତେବେ ଜଳବାୟୁ ପରିବର୍ତ୍ତନକୁ ଆଖିରେ ରଖି ଉଭୟ ମରୁଡ଼ି ଓ ବନ୍ୟା ସହଣୀ ଶକ୍ତି ଥିବା ଧାନ କିସମ ସି.ଆର. ୮୦୧ ଓ ସି.ଆର. ୮୦୨ (ସୁଭାଷ) ଏଠାରେ ବିକଶିତ ହୋଇଛି, ଯାହା ବିଶ୍ୱରେ ପ୍ରଥମ ବୋଲି ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ସୂଚିତ କରାଯାଇଛି । ସେହିପରି ମଧ୍ୟ ଏଠାରେ ବିକଶିତ ହୋଇଛି ଅଧିକ ପୁଷ୍ଟିଯୁକ୍ତ ଧାନ ବିହନ ସି.ଆର. ୩୧୦ ଓ ସି.ଆର. ୩୧୧ (୧୦ ପ୍ରତିଶତରୁ ଅଧିକ ପ୍ରୋଟିନଯୁକ୍ତ) । ଏଥିପାଇଁ ଉକ୍ତ ଅନୁଷ୍ଠାନର ନିର୍ଦ୍ଦେଶକ ଡ. ହିମାଂଶୁ ପାଠକଙ୍କୁ ଚଳିତ ବର୍ଷ ଜୁଲାଇ ମାସରେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ପୁରସ୍କୃତ କରିଥିଲେ ।


କେନ୍ଦ୍ର କୃଷିମନ୍ତ୍ରୀଙ୍କ ଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ଡ. ହିମାଂଶୁ ପାଠକ (ଡାହାଣ) ।

# ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା

ରାଜ୍ୟରେ ଦୁଗ୍ଧ, ମାଂସ ଓ ଅଣ୍ଡା ଉତ୍ପାଦନ ବୃଦ୍ଧି ନିମନ୍ତେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଉନ୍ନତ ଗୋପାଳନ, ଅଣ୍ଡାଦିଆ କୁକୁଡ଼ା ପାଳନ, ଛେଳି ମେଣ୍ଢା ପାଳନ, ସମନ୍ୱିତ ମାଛ ଚାଷ ସହ ବତକ ଓ କୁକୁଡ଼ା ପାଳନ ନିମନ୍ତେ ଆର୍ଥିକ ପ୍ରୋତ୍ସାହନ ଦିଆଯାଉଛି । ଏହି ଯୋଜନାରେ ସାଧାରଣ ବର୍ଗ ଲୋକଙ୍କ ପାଇଁ ୪୦ ପ୍ରତିଶତ ରିହାତି ଥିବା ବେଳେ ଅନୁସୂଚିତ ଜାତି, ଜନଜାତି ଓ ମହିଳାଙ୍କ ପାଇଁ ୫୦ ପ୍ରତିଶତ ରିହାତିର ବ୍ୟବସ୍ଥା ରହିଛି । ଏଥିପାଇଁ ଅନ୍‌ଲାଇନ ପ୍ରକ୍ରିୟା ମାଧ୍ୟମରେ ଦରଖାସ୍ତ ଗ୍ରହଣ କରାଯାଉଛି ।

# ଫାଟୁଆ ଓ ବ୍ରୁସେଲୋସିସ ରୋଗ ନିୟନ୍ତ୍ରଣ

ଆମ ଦେଶରେ ପ୍ରାଣୀମାନଙ୍କର ସ୍ୱାସ୍ଥ୍ୟରକ୍ଷା ସହିତ ଦୁଗ୍ଧ ଉତ୍ପାଦନ ବୃଦ୍ଧି ଲାଗି ଗାଈ, ମଇଁଷି, ଛେଳି, ମେଣ୍ଢା, ଘୁଷୁରିଙ୍କୁ ଫାଟୁଆ ରୋଗ ବିରୋଧରେ ପ୍ରତିଷେଧକ ଟିକା ପ୍ରଦାନ ସହିତ ୪ରୁ ୮ ମାସ ବୟସର ମାଈ ବାଛୁରୀଙ୍କୁ ବ୍ରୁସେଲୋସିସ ରୋଗ ବିରୋଧରେ ବ୍ରୁସେଲା ଭ୍ୟାକ୍‌ସିନ ପ୍ରଦାନ ଲାଗି କାର୍ଯ୍ୟକ୍ରମର ଆରମ୍ଭ । ଫାଟୁଆ ଓ ବ୍ରୁସେଲୋସିସ ରୋଗର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଓ ସୀମିତ ରଖିବା ନିମନ୍ତେ ଆରମ୍ଭ ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ହେଉଛି ଆମ ରାଜ୍ୟ ତଥା ଦେଶରୁ ୨୦୨୫ ସୁଦ୍ଧା ଏହି ରୋଗକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ । ଏଥି ସହିତ ୨୦୩୦ ଶେଷ ସୁଦ୍ଧା ଏହି ଦୁଇ ମାରାତ୍ମକ ରୋଗର ସମ୍ପୂର୍ଣ୍ଣ ନିରାକରଣ । ଏହି ଟିକାକରଣ କାର୍ଯ୍ୟକ୍ରମ ସ୍ୱଳ୍ପ ସମୟ ବା ୨୧ରୁ ୩୦ ଦିନ ମଧ୍ୟରେ ମିଶନ ଢାଞ୍ଚାରେ ଶତ ପ୍ରତିଶତ ଗୋ' ମହିଷାଦିଙ୍କୁ ପ୍ରତିଷେଧକ ଟିକା ମାଗଣାରେ ପ୍ରଦାନ କରାଯିବାର ବ୍ୟବସ୍ଥା ହୋଇଛି ।

# କୃତ୍ରିମ ପ୍ରଜନନ

ଆମ ରାଜ୍ୟର ସମସ୍ତ ଜିଲା ସମେତ ଦେଶର ୬୦୦ଟି ଜିଲାରେ ଶତ ପ୍ରତିଶତ ପ୍ରଜନନକ୍ଷମ ଗାଈ, ମଇଁଷି ଓ ଛଡ଼ାଙ୍କୁ କୃତ୍ରିମ ପ୍ରଜନନ ପରିସରଭୁକ୍ତ କରିବା ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ରାଷ୍ଟ୍ରବ୍ୟାପୀ କୃତ୍ରିମ ପ୍ରଜନନ କାର୍ଯ୍ୟକ୍ରମର ଲୋକାର୍ପଣ । ଏଥିପାଇଁ ପ୍ରତି ଜିଲାରେ ଏହି କାର୍ଯ୍ୟକ୍ରମରେ ୧୦୦ ଗୋଟି ଗ୍ରାମକୁ ସାମିଲ କରାଯାଉଥିବା ବେଳେ ବର୍ତ୍ତମାନ ଏହାକୁ ୩୦୦ଟି ଗ୍ରାମକୁ ସମ୍ପ୍ରସାରିତ କରାଯାଇଅଛି । ରାଜ୍ୟ ତଥା ଦେଶରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ସହିତ ଗୋପାଳକଙ୍କର ଆୟ ବୃଦ୍ଧି ନେଇ ଏହି କାର୍ଯ୍ୟକ୍ରମ ଉଦ୍ଦିଷ୍ଟ । ଏହି କାର୍ଯ୍ୟକ୍ରମ ଅନୁସାରେ ଜଣେ କୃତ୍ରିମ ପ୍ରଜନନକାରୀ ଦିନକୁ ୩ରୁ ୪ ଗୋଟି କୃତ୍ରିମ ପ୍ରଜନନ ହିସାବରେ ପ୍ରତ୍ୟେକ ଜିଲାରେ ପ୍ରତ୍ୟେକ ଦିନ ୯୦୦ରୁ ୧୨୦୦ ଗାଈ ବା ଛଡ଼ାଙ୍କୁ କୃତ୍ରିମ ପ୍ରଜନନ କରାଯାଇପାରିବ । ଏହି ଯୋଜନାରେ କୃତ୍ରିମ ପ୍ରଜନନ ସେବା ବାବଦରେ କୃଷକମାନଙ୍କୁ ଆଉ ବ୍ୟବହାରିକ ମୂଲ୍ୟ ଦେବାକୁ ପଡିବ ନାହିଁ ।

# ଦେଶୀ ଧାନର ସଂରକ୍ଷକ
## କମଳାଙ୍କୁ ପଦ୍ମଶ୍ରୀ

କୋରାପୁଟର ଲକ୍ଷ୍ମୀ କୁହାଯାଉଥିବା କମଳା ପୂଜାରୀଙ୍କୁ ମିଳିଛି ପଦ୍ମଶ୍ରୀ ସମ୍ମାନ । ଚଳିତ ବର୍ଷ ରାଷ୍ଟ୍ରପତି ରାମନାଥ କୋବିନ୍ଦ କମଳାଙ୍କୁ ନୂଆଦିଲ୍ଲୀଠାରେ ଏହି ସମ୍ମାନରେ ସମ୍ମାନିତ କରିଥିଲେ । ଶତାଧିକ ଦେଶୀ ଧାନ କିସମର ସଂରକ୍ଷକ ଭାବେ ପରିଚିତ କମଳା କଳାଜିରା, ମାଛକଣ୍ଟା, ହଳଦୀଚୁଡ଼ି, ଉମୁରିଆଚୁଡ଼ି, ସପୁରୀ, ଲଦିଆରି, ଗଠିଆ, ପାରା,ମୋରା ଆଦି ଦେଶୀ ଧାନ ଚାଷ କରିବା ସହ ଏହାର ବିହନକୁ ପାରମ୍ପରିକ ପଦ୍ଧତିରେ ସଂରକ୍ଷଣ କରିଛନ୍ତି । ଜୟପୁରରେ ଜୈବ ବିବିଧତାର ସଂରକ୍ଷଣ ଉପରେ କାର୍ଯ୍ୟ କରୁଥିବା ଏମ୍.ଏସ୍. ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ ସହ ମିଶି କମଳା ୧୪୦ ପ୍ରକାର ଦୁର୍ଲଭ ଦେଶୀ ଧାନର କିସମ ସଂଗ୍ରହ ଓ ସଂରକ୍ଷଣରେ ବିଶେଷ ଭୂମିକା ଗ୍ରହଣ କରିଆସିଛନ୍ତି । ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗରେ ତାଙ୍କୁ 'ଇକ୍ୱେଟର ଇନିସିଏଟିଭ' ପୁରସ୍କାର ସମେତ ୨୦୦୩ରେ ନୂଆଦିଲ୍ଲୀସ୍ଥିତ ଭାରତୀୟ କୃଷି ଓ ଅନୁସନ୍ଧାନ ପରିଷଦ ପକ୍ଷରୁ କୃଷି ବିଶାରଦ ସମ୍ମାନ ମିଳିଥିଲା । ୨୦୧୬ରେ ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)ର ଛାତ୍ରୀ ନିବାସକୁ ତାଙ୍କ ନାମରେ ନାମିତ କରାଯାଇଛି । ଏହି ବିଶ୍ୱବିଦ୍ୟାଳୟ ମଧ୍ୟ ତାଙ୍କୁ ସିନେଟ ସଦସ୍ୟ ଭାବେ ଗ୍ରହଣ କରିଥିଲା । ୨୦୧୮ ସେପ୍ଟେମ୍ବରରେ ତାଙ୍କୁ ରାଜ୍ୟ ଯୋଜନା ବୋର୍ଡର ସଦସ୍ୟା ଭାବେ ମଧ୍ୟ ମନୋନୀତ କରାଯାଇଥିଲା ।


ରାଷ୍ଟ୍ରପତିଙ୍କ ଠାରୁ ପଦ୍ମଶ୍ରୀ ଗ୍ରହଣ ଅବସରରେ କମଳା ।

# ଅଧିକ ଅମଳକ୍ଷମ ନୂଆ ଧାନ କିସମ



କଟକ ବିଦ୍ୟାଧରପୁରସ୍ଥିତ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ (ଏନ୍‌ଆର୍‌ଆର୍‌ଆଇ) ପକ୍ଷରୁ ୩ଟି ଅଧିକ ଅମଳକ୍ଷମ ଧାନ କିସମ ଓଡ଼ିଶା ଚାଷୀଙ୍କ ପାଇଁ ଉଦ୍ଭାବିତ । ଏହି କିସମ (ସନ୍ଥଭୀମ, ସରୁମିନା ଓ ମହାମଣୀ)ର ଧାନଗୁଡ଼ିକ ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ବିକଶିତ କରାଯାଇଥିବା ଅନୁଷ୍ଠାନର ପ୍ରଧାନ ବୈଜ୍ଞାନିକ ଡ.ଶରତ କୁମାର ପ୍ରଧାନ ସୂଚିତ କରିଛନ୍ତି । ।

**'ସନ୍ଥଭୀମ'(ସି.ଆର ଧାନ ୧୦୨):** ଅଧିକ ଅମଳକ୍ଷମ ଓ ମରୁଡ଼ି ସହଣୀ ଶକ୍ତିସମ୍ପନ୍ନ ସଅଳ ଧାନ କିସମ । ମରୁଡ଼ି ପ୍ରବଣ ଓ ଅତି ନିକୃଷ୍ଟ ଜମିରେ ମଧ୍ୟ ଭଲ ଅମଳ ଦେବାର କ୍ଷମତା ରହିଛି । ୧୧୦ଦିନ ମଧ୍ୟରେ ଅମଳ କ୍ଷମତାବିଶିଷ୍ଟ ଏହି କିସମର ବିଶେଷତ୍ୱ ହେଲା ଫୁଲ ଆସିବା ତଥା ଗର୍ଭାବସ୍ଥା ସମୟରେ ଅନ୍ୟୂନ ୨୦ଦିନ ପର୍ଯ୍ୟନ୍ତ ବର୍ଷା ନ ହେଲେ ବି ଅମଳରେ ପ୍ରଭାବ ପଡିବନାହିଁ । ଭଲ ପରିବେଶରେ ଏହି କିସମରୁ ୭୦କୁଇଣ୍ଟାଲ ହେକ୍ଟର ପିଛା ଅମଳ ମିଳିପାରିବ । ଅଧିକ ମରୁଡ଼ି ପରିସ୍ଥିତିରେ ମଧ୍ୟ ଏଥିରୁ ହେକ୍ଟର ପିଛା ୩୦କୁଇଣ୍ଟାଲ ଅମଳ କରିହେବ । ଏଥିରେ ଧାନର ମୁଖ୍ୟ ରୋଗପୋକରର ସହଣି ଶକ୍ତି ମଧ୍ୟ ଅଛି । ଅଳ୍ପ ବୃଷ୍ଟିପାତ ହେଉଥିବା କଳାହାଣ୍ଡି, ଫୁଲବାଣୀ, ଅନୁଗୋଳ, ବୌଦ୍ଧ,ମାଲକାନ୍‌ଗିରି, ଢେଙ୍କାନାଳ ଆଦି ଜିଲା ପାଇଁ ଏହି କିସମ ବିଶେଷ ଉପଯୁକ୍ତ ।

**'ସରୁମିନା'(ସିଆର ଧାନ୨୧୦):** ଅଳ୍ପ ପାଣିରେ ଚାଷ ହେବାର କ୍ଷମତା ଥିବା 'ସରୁମିନା'ଧାନ ଚାଷ କରି ଚାଷୀ ହାରାହାରି ୩୫–୫୦ପ୍ରତିଶତ ଜଳ ବଞ୍ଚେଇ ପାରିବା ସହିତ ଅନ୍ୟ କାମରେ ଉପଯୋଗ କରିପାରିବେ । ସରୁ ଲମ୍ବା ଚାଉଳ ମିଳୁଥିବା ଏହି କିସମ ୧୧୫ଦିନରେ ଅମଳ କରିହୁଏ । ଭଲ ପରିବେଶରେ ୬୦କୁଇଣ୍ଟାଲ ପର୍ଯ୍ୟନ୍ତ ଅମଳ କରିହେବ । ଏହି କିସମ ଉଭୟ ଜଳସେଚିତ ଓ ଅଣଜଳସେଚିତ ଅଞ୍ଚଳ ପାଇଁ ଉପଯୁକ୍ତ ।

**'ମହାମଣୀ'(ସିଆରଧାନ୪୧୦):** ଉପକୂଳ ଜିଲାଗୁଡ଼ିକର ଖାଲୁଆ ଜମି ପାଇଁ ବିକଶିତ ଏହି କିସମ ୧୬୦ରୁ ୧୬୫ଦିନରେ ଅମଳ ହୁଏ । ଦେଶୀ କିସମ ତୁଳନାରେ ଏହି କିସମରେ ସାର ବିନିଯୋଗ କ୍ଷମତା ଅଧିକ । ଏଥିରେ ମୁଖ୍ୟ ରୋଗପୋକ ଯଥା କାଣ୍ଡବିନ୍ଧା, ପତ୍ରପୋଡା, ପତ୍ରଶଢ଼ା, ପତ୍ରଦାଗ ଆଦି ରୋଗ ପାଇଁ ସହଣି ଶକ୍ତି ଅଛି । ଏହି କିସମଗୁଡ଼ିକ ୩ବର୍ଷ ପରୀକ୍ଷଣ ପରେ ବର୍ତ୍ତମାନ ଜାତୀୟ ଧାନ ଗବେଷଣା କେନ୍ଦ୍ର(ଏନ୍‌ଆରଆର ଆଇ) ଦ୍ୱାରା ବିହନ ଉତ୍ପାଦିତ ହେଉଛି ।

# ଅଧିକ ଉତ୍ପାଦନକ୍ଷମ ଗହମ



ଇନ୍ଦୋର କୃଷି ଗବେଷଣା କେନ୍ଦ୍ର ପକ୍ଷରୁ ଅଧିକ ଉତ୍ପାଦନକ୍ଷମ ଗହମ କିସମ (ଏଚଆଇ–୧୬୧୨ ଏବଂ ଏଚଡି–୮୭୭୭ ) ବିକଶିତ । ଉତ୍ତରପୂର୍ବାଞ୍ଚଳର ଜଳବାୟୁକୁ ଦୃଷ୍ଟିରେ ରଖି ପ୍ରସ୍ତୁତ ଏହି କିସମ ସାଧାରଣ ଗହମ ତୁଳନାରେ କମ୍ ପାଣି ଆବଶ୍ୟକ କରିବା ସହିତ ରୋଗପୋକ ଠାରୁ ସୁରକ୍ଷିତ ରହିବାର କ୍ଷମତା ଅଛି ।

**ମିଠା ମକା ପୁସା ସୁପର:** ଇନ୍ଦୋର କୃଷି ଗବେଷଣା କେନ୍ଦ୍ର ପକ୍ଷରୁ ପୁସା ସୁପର ମିଠା ମକା–୧ କିସମ ଚଳିତ ବର୍ଷ ବିକଶିତ ହୋଇଛି । ହେକ୍ଟର ପିଛା ଏହି ମକା ୯୩ କୁଇଣ୍ଟାଲ ପର୍ଯ୍ୟନ୍ତ ଅମଳ ହୋଇଥାଏ । ଏହା ସହିତ ୧୬୨ କୁଇଣ୍ଟାଲ ପର୍ଯ୍ୟନ୍ତ ଗୋଖାଦ୍ୟ ଉତ୍ପାଦିତ ହୋଇପାରିଥାଏ । ଏଥିରେ ଅଧିକ ପରିମାଣର ଲୌହ ଏବଂ ଜିଙ୍କ୍ ଗଚ୍ଛିତ ରହିଥାଏ ।

**ଅଙ୍ଗୁର କିସମ'ପୁସା ଆଦିତି':** ଦିଲ୍ଲୀର ଜଳବାୟୁକୁ ଦୃଷ୍ଟିରେ ରଖି ନୂଆ ଅଙ୍ଗୁର କିସମ 'ପୁସା ଆଦିତି' ବିକଶିତ କରାଯାଇଛି । ଅଧିକ ଉତ୍ପାଦନ ଦେବା ସହିତ ରୋଗପୋକଠାରୁ ସୁରକ୍ଷିତ ରଖିବାର ଏହାର କ୍ଷମତା ରହିଛି । ଏଥିରେ ଆବଶ୍ୟକ ପୋଷକ ତତ୍ତ୍ୱ ମଧ୍ୟ ମହଜୁଦ୍ ରହିଥାଏ ।

# ପୁସା କିସମ...



ଅଧିକ ଅମଳକ୍ଷମ ପିଆଜ ପୁସା ଶୋଭା ଏବଂ ସୋନା ଦେଶର ଚାହିଦା ପୂରଣ କରିବାକୁ ସକ୍ଷମ ହେବ । ଦିଲ୍ଲୀର ଜଳବାୟୁକୁ ଦୃଷ୍ଟିରେ ରଖି ଏହି କିସମକୁ ବିକଶିତ କରାଯାଇଛି । ପ୍ରତିକୂଳ ସ୍ଥିତିରେ ମଧ୍ୟ ଏହା ଭଲ ଅମଳ ଦେଇପାରିଥାଏ ।

**ଅଧିକ ଅମଳକ୍ଷମ ବୁଟ:** କର୍ନାଟକ ରାଇଚୁର କୃଷି ଗବେଷଣା କେନ୍ଦ୍ର ପକ୍ଷରୁ ଅଧିକ ଉତ୍ପାଦନକ୍ଷମ ବୁଟ ପୁସା ଚିକ୍‌ପି–୧୦୨୧୬ ଏବଂ ସୁପର ଆନିଗେଁରୀ–୧ ବିକଶିତ କରାଯାଇଛି । ଏହା ଦ୍ୱାରା ଆନ୍ଧ୍ରପ୍ରଦେଶ, ଗୁଜରାଟ, କର୍ନାଟକ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଏବଂ ଉତ୍ତରପ୍ରଦେଶ ଆଦି ରାଜ୍ୟର ଚାଷୀ ବେଶ୍ ଉପକୃତ ହୋଇପାରିବେ ।

**ପୁସା ଚେରୀ ଟମାଟୋ–୧:** ଦିଲ୍ଲୀର ଜଳବାୟୁରେ ଭଲ ଭାବେ ବଢ଼ିପାରୁଥିବା ପୁସା ଚେରୀ ଟମାଟୋ–୧ର ବିକଶିତ । ଛୋଟ ଛୋଟ ଏହି ଟମାଟୋ ଅଧିକ ଅମଳ ଦେଇଥାଏ ।

# ନୂଆ କିସମ

**ଚଳିତ ବର୍ଷ ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ପକ୍ଷରୁ ଉଦ୍ଭାବିତ ନୂଆ କିସମ ସମ୍ପର୍କରେ..**



**ଶଙ୍କର ମକା :** ଶଙ୍କର ମକା କିସମ 'କଳିଙ୍ଗରାଜ' ରାଜ୍ୟ ଚାଷୀଙ୍କ ପାଇଁ ଉଦ୍ଭାବନ କରାଯାଇଛି । ଏହି କିସମ ମକା ୮୫–୧୦୦ ଦିନ ମଧ୍ୟରେ ଅମଳ ହୋଇଥାଏ ।

**କପା:** ଜଳସେଚିତ ଢ଼ିପ ଜମିରେ ୧୫୦–୧୬୦ଦିନରେ ଅମଳ ହୋଇପାରୁଥିବା କପା କିସମ 'ବିଏସ–୨୭୯' ଉଦ୍ଭାବିତ ହୋଇଛି ।

**ପାଳଛତୁ :** ପାଳ ଛତୁର ନୂଆ କିସମ 'ଓଏସଏମ–୧' ଏବଂ 'ଓଏସଏମ–୧୨' ଚଳିତବର୍ଷ ଉଦ୍ଭାବିତ ହୋଇଛି । ଏହି ଦୁଇଟି ନୂଆ କିସମ ଉଭୟ ଗ୍ରୀଷ୍ମ ଏବଂ ବର୍ଷା ଋତୁରେ ଚାଷ କରାଯାଇପାରିବ ।

ସୂଚନାଯୋଗ୍ୟ ଓୟୁଏଟି ପକ୍ଷରୁ ଉଦ୍ଭାବିତ ଅଦା କିସମ( ସୁପ୍ରଭା, ସୁରୁଚି, ସୁରଭି) ଓ ହଳଦୀ କିସମ(ରୋମା, ସୁରମା, ରଶ୍ମି) ଭାରତ ସରକାରଙ୍କ ଦ୍ୱାରା ମାନ୍ୟତାପ୍ରାପ୍ତ ହୋଇଛି ।

## ଜାତୀୟ ଉପଭୋକ୍ତା ଦିବସର ରାଜ୍ୟସ୍ତରୀୟ ଉତ୍ସବ

# 'ନୂଆ ଖାଉଟି ସୁରକ୍ଷା ଆଇନରେ ସଂଶୋଧନ ଆବଶ୍ୟକ'

**ଭୁବନେଶ୍ୱର,୨୪।୧୨(ବ୍ୟୁରୋ)**

ଅନ୍‌ଲାଇନ ଶପିଂ, ଇ-ମାର୍କେଟିଂ ଓ ଟେଲି ଶପିଂ କ୍ଷେତ୍ରରେ ଖାଉଟି ସୁରକ୍ଷା ଓ ବିବାଦକୁ ନେଇ ୧୯୮୬ରେ ପ୍ରଚଳିତ ଆଇନରେ ପର୍ଯ୍ୟାପ୍ତ ବ୍ୟବସ୍ଥା ନ ଥିବାରୁ କେନ୍ଦ୍ର ସରକାର 'ଖାଉଟି ସୁରକ୍ଷା ଆଇନ-୨୦୧୯' ପ୍ରଣୟନ କରିଛନ୍ତି। ତେବେ ସଂଘୀୟ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ନୂତନ ଖାଉଟି ସୁରକ୍ଷା ଆଇନରେ ସଂଶୋଧନର ଆବଶ୍ୟକତା ରହିଛି। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କ ନିକଟରେ ପ୍ରସ୍ତାବ ଦିଆଯାଇଛି। ବିଶେଷକରି ସୁନାଗହଣା କିଣୁଥିବା ଗ୍ରାହକଙ୍କୁ ସୁରକ୍ଷା ଦେବା ଦିଗରେ ପ୍ରଚଳିତ ଆଇନରେ ପରିବର୍ତ୍ତନ ଆଣିବା ସହ ଜରିମାନା ରାଶିକୁ ବୃଦ୍ଧି କରାଯିବା ଉଚିତ ବୋଲି କହିଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ।



'ଦି ଆୱେର କଞ୍ଜୁମର' ପୁସ୍ତକ ଉନ୍ମୋଚନ କରୁଛନ୍ତି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ଅନ୍ୟମାନେ।

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର ସୂଚନା ଭବନଠାରେ ଆୟୋଜିତ ଜାତୀୟ ଉପଭୋକ୍ତା ଦିବସର ରାଜ୍ୟସ୍ତରୀୟ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ କହିଥିଲେ, ଖାଉଟିମାନଙ୍କ ସୁରକ୍ଷା ଓ ଅଧିକାର ପ୍ରତି ସରକାର ସର୍ବଦା ତତ୍ପର। ବିଶେଷକରି ଅଣସଂଗଠିତ କ୍ଷେତ୍ରର ଉପଭୋକ୍ତା ଓ ସମାଜର ସବୁଠାରୁ ତଳସ୍ତରରେ ଥିବା ଉପଭୋକ୍ତାମାନଙ୍କୁ ସୁରକ୍ଷା ଦେବା ଲାଗି ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ନୂତନ ଖାଉଟି ଆଇନ ଭିତ୍ତିରେ ଉପଭୋକ୍ତାମାନଙ୍କୁ ନ୍ୟାୟ ପ୍ରଦାନ ନିମନ୍ତେ ସରକାର ଖୁବ୍‌ଶୀଘ୍ର ସ୍ୱତନ୍ତ୍ର ନିୟମାବଳୀ ପ୍ରଣୟନ କରିବାକୁ ଯାଉଛନ୍ତି। ସେହିଭଳି ବିଭାଗୀୟ କର୍ମଚାରୀ ଓ ଅଧିକାରୀଙ୍କୁ '୫-ଟି' ଆଧାରରେ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦିଆଯାଇଥିବା ମନ୍ତ୍ରୀ କହିଥିଲେ। ଭେଜାଲ ଔଷଧ ଓ ପ୍ରସାଧନ ସାମଗ୍ରୀ, ନକଲି ଗାଡ଼ି ଯନ୍ତ୍ରାଂଶ ନିର୍ମାଣ ଆଦି ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିମନ୍ତେ ଆଇନରେ ବ୍ୟାପକ ପରିବର୍ତ୍ତନ ଓ ଯାଞ୍ଚ ବ୍ୟବସ୍ଥା କଡ଼ାକଡ଼ି କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଖାଉଟି ବ୍ୟାପାର ନିର୍ଦ୍ଦେଶକ ସତ୍ୟନାରାୟଣ ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଅନ୍ତର୍ଜାତୀୟ ଉପଭୋକ୍ତା ବିଶେଷଜ୍ଞ ତଥା ରାଜ୍ୟ ଖାଉଟି କଲ୍ୟାଣ ଉପଦେଷ୍ଟା ବେଜୋନ କୁମାର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଉତ୍ସବରେ ଯୁଗ୍ମ ଶାସନ ସଚିବ ଚିତ୍ତରଞ୍ଜନ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ ବିଶ୍ୱଜିତ କେଶରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭାଗ ପକ୍ଷରୁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବା ସହ 'ଦି ଆୱେର କଞ୍ଜୁମର' ପୁସ୍ତକ ଉନ୍ମୋଚନ କରାଯାଇଥିଲା।

## ବିଧିଓଡ଼ିଆ.ଓଆର୍‌ଜି ୱେବ୍ ପୋର୍ଟାଲ ଉଦ୍‌ଘାଟିତ

# ଅନ୍‌ଲାଇନରେ ଉପଲବ୍ଧ ହେବ ଓଡ଼ିଆ ଭାଷାରେ ଆଇନ



ଆଇନ ମନ୍ତ୍ରୀ ପ୍ରତାପ ଜେନା ଓ ଅନ୍ୟ ଅତିଥି ୱେବ୍ ପୋର୍ଟାଲକୁ ଉନ୍ମୋଚନ କରୁଛନ୍ତି।

**ଭୁବନେଶ୍ୱର,୨୪।୧୨(ବ୍ୟୁରୋ)**

ଓଡିଆ ଭାଷାରେ ଶାସନର ପଥ ସୁଗମ କରିବା ତଥା ବ୍ୟାପକ ଆଇନ ସଚେତନତା ସୃଷ୍ଟି ନିମନ୍ତେ ବିଧିଓଡିଆ.ଓଆର୍‌ଜି ୱେବ୍ ପୋର୍ଟାଲ ଆରମ୍ଭ ହୋଇଛି। ମଙ୍ଗଳବାର ଭୁବନେଶ୍ୱର ଇଉ୍‌କଲ ଅଡିଟୋରିୟମରେ ଆଇନ ମନ୍ତ୍ରୀ ପ୍ରତାପ ଜେନା ଏହାକୁ ଉଦ୍‌ଘାଟନ କରିଛନ୍ତି। ବିଧି ପ୍ରତିଷ୍ଠାନ ପକ୍ଷରୁ ପ୍ରସ୍ତୁତ ଏହି ୱେବ୍ ପୋର୍ଟାଲର ଶୁଭାରମ୍ଭ କରି ମନ୍ତ୍ରୀ ଜେନା କହିଲେ, ଓଡିଆ ଭାଷାରେ ପୁଣି ଅନ୍‌ଲାଇନ୍‌ରେ ଜନସାଧାରଣ ଆଇନକୁ ଜାଣିବା ଓ ବୁଝିବା ଅତି ସହଜ ହେବ। ଲୋକଙ୍କୁ ଶାସନ ପ୍ରକ୍ରିୟା ସମ୍ବନ୍ଧରେ ସବିଶେଷ ତଥ୍ୟ ପ୍ରଦାନ କରିବା ସହ ଆଇନର ଅଧିକ ନିକଟତର କରିବ। ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ଆଇନ ସମ୍ପର୍କରେ ଏହା ଯଥେଷ୍ଟ ସଚେତନତା ସୃଷ୍ଟି କରିପାରିବ। ଆଇନର ବିଭିନ୍ନ ଦିଗ ସମ୍ପର୍କରେ ଜନସାଧାରଣ ଅଧିକ ଅବଗତ ହେବା ସହ ଅନ୍ୟମାନଙ୍କୁ ସଚେତନ କରିପାରିବେ। ଖଦୀ ବୋର୍ଡ ଅଧ୍ୟକ୍ଷ ସଂଗ୍ରାମ ପାଇକରାୟ ସାଧାରଣ ଲୋକଙ୍କ ପାଖରେ ଆଇନର ବାର୍ତ୍ତା ପହଞ୍ଚାଇବାରେ ଏହା ଏକ ପ୍ରମୁଖ ମାଧ୍ୟମ ସାଜିବ ବୋଲି କହିଥିଲେ।

ବିଧି ପ୍ରତିଷ୍ଠାନର ଅଧ୍ୟକ୍ଷ ଡ. ବିକାଶ ଦାସ କହିଛନ୍ତି, ୧୯୫୪ ଓଡିଶା ସରକାରୀ ଭାଷା ଅଧିନିୟମ ବିଧାନସଭା ଦ୍ୱାରା ଗୃହୀତ ହୋଇଥିଲା। ମାତ୍ର ଅନେକ କାରଣରୁ ଶାସନ ବ୍ୟବସ୍ଥାରେ ମୁଖ୍ୟତ ଇଂଲିଶ ଭାଷାର ପ୍ରଚଳନ କରାଯାଉଛି। ଫଳରେ ଶାସନ ପ୍ରକ୍ରିୟା ଓଡିଆରେ କରିବା କଷ୍ଟସାଧ ହେଉଛି। ବିଧି ପ୍ରତିଷ୍ଠାନ ପକ୍ଷରୁ ଏହି ସମସ୍ୟାର ସମାଧାନ ପାଇଁ ପ୍ରାୟ ୩ ବର୍ଷର ପ୍ରସ୍ତୁତି ପରେ ଓଡିଆରେ ଆଇନକୁ ଭାଷାନ୍ତର କରାଯାଇଛି। ଏହି ୱେବ ପୋର୍ଟାଲ ମାଧ୍ୟମରେ ଆଇନକୁ ସରଳୀକରଣ କରାଯାଇଛି। ଏଥିରେ ଆଇନ ସମ୍ପର୍କରେ ଆଲେଖ୍ୟ, ପ୍ରଶ୍ନ ଉତ୍ତର ଓ ପାୱାର ପଏଣ୍ଟ ପ୍ରେଜେଣ୍ଟେଶନ ସ୍ଥାନିତ ହୋଇଛି। ପର୍ଯ୍ୟାୟକ୍ରମେ ଏହାକୁ ସାବଲିଳ କରିବା ପାଇଁ ଭିଡିଓ ମାଧ୍ୟମରେ ଆଇନ ସମ୍ପର୍କିତ ତଥ୍ୟ ଉପସ୍ଥାପନା କରାଯିବ ବୋଲି ସେ କହିଛନ୍ତି। ପ୍ରତିଷ୍ଠାନର ମ୍ୟାନେଜିଂ ଟ୍ରଷ୍ଟି ଶୁଭଶ୍ରୀ ଦାସ ଧନ୍ୟବାଦ ଅର୍ପଣ ଅବସରରେ ଓଡିଆ ଭାଷାରେ ଶାସନକୁ ବଳିଷ୍ଠ କରିବା ପାଇଁ ଜନସହଯୋଗ ଲୋଡ଼ିଥିଲେ।

# ମହିଳାଙ୍କୁ ଦଳିଦେଲା ହାତୀ

**ବଡଗାଁ, ୨୪।୧୨ (ଡି.ଏନ.ଏ):** ସୁନ୍ଦରଗଡ ଜିଲା ବଡଗାଁ ଥାନା ଅନ୍ତର୍ଗତ ପତୁଆବେଡା ଗ୍ରାମରେ ସୋମବାର ଜଣେ ମହିଳାଙ୍କୁ ବଣୁଆ ହାତୀ ଦଳି ମାରିଦେଇଛି। ମୃତା ମହିଳା ହେଲେ ଉର ନାଏକ(୫୮)। ସୂଚନା ଅନୁସାରେ, ଅପରାହ୍ନ ୩ଟାରେ ବନମାଳି ନାଏକ ଓ ତାଙ୍କ ସ୍ତ୍ରୀ ଉର ଜଙ୍ଗଲ ନିକଟରେ ଥିବା ବିଲକୁ ଧାନ କାଟିବା ପାଇଁ ଯାଇଥିଲେ। ସନ୍ଧ୍ୟାରେ ବନମାଳୀ ଘରକୁ ଫେରିଆସିଥିବା ବେଳେ ଉର ଆଉ କିଛି ସମୟ ବିଲରେ ରହି ଧାନ କାଟିଥିଲେ। ସେ ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ ତାଙ୍କୁ ପାଇ ନ ଥିଲେ। ମଙ୍ଗଳବାର ସକାଳେ ବିଲରେ ଉରଙ୍କ ମୃତଦେହ ଖଣ୍ଡ ବିଖଣ୍ଡିତ ହୋଇ ପଡିଥିବା ଦେଖିବାକୁ ମିଳିଥିଲା।

## ୨୬ରେ ରେଳ ବିଭାଗର ମାରାଥନ କାର୍ଯ୍ୟକ୍ରମ

# ଲୋକାର୍ପିତ ହେବ ନୟାଗଡ଼, ମହୀପୁର ରେଳ ଲାଇନ୍

**ଭୁବନେଶ୍ୱର, ୨୪।୧୨ (ବ୍ୟୁରୋ)**

- ସମ୍ପ୍ରସାରଣ ହେବ ଖୋର୍ଦ୍ଧାରୋଡ଼-ନୟାଗଡ଼ ଟାଉନ-ଖୋର୍ଦ୍ଧାରୋଡ଼ ପାସେଞ୍ଜର
- ରାଜଧାନୀ ଏକ୍ସପ୍ରେସରେ ଓଡ଼ିଶାର ଐତିହ୍ୟ, ସଂସ୍କୃତି, ପରମ୍ପରା ବ୍ରାଣ୍ଡିଂର ଶୁଭାରମ୍ଭ
- ଅସଂରକ୍ଷିତ ଟ୍ରେନ ଟିକେଟରେ ଇଂଲିଶ, ହିନ୍ଦୀ ସହ ଓଡ଼ିଆ ଭାଷା ପ୍ରଚଳନ

ଆସନ୍ତା ୨୬ ତାରିଖ ଗୁରୁବାର ଭାରତୀୟ ରେଳପଥ ପକ୍ଷରୁ ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରାଯିବ। କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ଏବଂ ଇସ୍ପାତ ମନ୍ତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖୋର୍ଦ୍ଧା ରୋଡ଼-ବଲାଙ୍ଗୀର ରେଳ ପ୍ରକଳ୍ପର ନୟାଗଡ଼ ଓ ମହିପୁର ରେଳ ଲାଇନକୁ ଦେଶପାଇଁ ସମର୍ପିତ କରିବେ। ଏଥିସହ ନୟାଗଡ଼ ଟାଉନ ଷ୍ଟେଶନଠାରେ ଖୋର୍ଦ୍ଧା ରୋଡ଼-ନୟାଗଡ଼ ଟାଉନ-ଖୋର୍ଦ୍ଧା ରୋଡ଼ ପାସେଞ୍ଜର ଟ୍ରେନକୁ ମହିପୁର ପର୍ଯ୍ୟନ୍ତ ସମ୍ପ୍ରସାରଣର ଶୁଭାରମ୍ଭ କରିବେ। ଏହାପୂର୍ବରୁ କେନ୍ଦ୍ରମନ୍ତ୍ରୀ ପ୍ରଥମେ ଭୁବନେଶ୍ୱର ରେଳଷ୍ଟେଶନରେ ଭୁବନେଶ୍ୱର-ନୂଆଦିଲ୍ଲୀ-ଭୁବନେଶ୍ୱର ରାଜଧାନୀ ଏକ୍ସପ୍ରେସରେ ନାଲ୍‌କୋ ଦ୍ୱାରା ପ୍ରାୟୋଜିତ ଓଡ଼ିଶାର ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ଚିତ୍ର ପ୍ରଦର୍ଶନକୁ ଉଦ୍‌ଘାଟନ କରିବେ। ପରେ ସେ ଷ୍ଟେଶନରେ ଅସଂରକ୍ଷିତ ଟ୍ରେନ ଟିକେଟରେ ଇଂଲିଶ ଓ ହିନ୍ଦୀ ସହିତ ଓଡ଼ିଆ ଭାଷା ପ୍ରଚଳନର ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି। ଭୁବନେଶ୍ୱର ରେଳ ଷ୍ଟେଶନରେ ହେବାକୁ ଥିବା କାର୍ଯ୍ୟକ୍ରମରେ ମନ୍ତ୍ରୀ ପଦ୍ମନାଭ ବେହେରା, ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ରାଜ୍ୟସଭା ସଦସ୍ୟ ଡ଼. ରଘୁନାଥ ମହାପାତ୍ରଙ୍କ ସହ ଭୁବନେଶ୍ୱର-ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଓ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେବାକୁ ସହମତି ପ୍ରକାଶ କରିଛନ୍ତି। ନୟାଗଡ଼ ଟାଉନ ଷ୍ଟେଶନରେ ହେବାକୁ ଥିବା କାର୍ଯ୍ୟକ୍ରମରେ ମନ୍ତ୍ରୀ ଅରୁଣ କୁମାର ସାହୁ, ଏମ୍‌ପି ପିନାକୀ ମିଶ୍ର ଓ ଅଚ୍ୟୁତ ସାମନ୍ତଙ୍କ ସହିତ ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗଦେବେ ବୋଲି ରେଳପଥ ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି।

# କନିଷ୍ଠ ଶିକ୍ଷକଙ୍କ ବେତନ ବୃଦ୍ଧି ଦାବି

## ବିଏଡ୍ କନିଷ୍ଠ ଶିକ୍ଷକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

**ଭୁବନେଶ୍ୱର, ୨୪।୧୨ (ବ୍ୟୁରୋ):** ମାସିକ ମାତ୍ର ୬୫୧୨ଟଙ୍କା ଦରମାରେ ରାଜ୍ୟ ସରକାର କନିଷ୍ଠ ଶିକ୍ଷକଙ୍କୁ କାର୍ଯ୍ୟ କରାଉଛନ୍ତି। ମହଙ୍ଗା ବଜାରକୁ ଏହି ସ୍ୱଳ୍ପ ଦରମାରେ ନା ପେଟ ପୁରୁଛି ନା ଦେହ ଲୁଚୁଛି। କନିଷ୍ଠ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଜୀବନ ଯାପନ କରିବା ଏକପ୍ରକାର ନର୍କ ସଦୃଶ ହୋଇପଡୁଛି। ରାଜ୍ୟ ସରକାର ତୁରନ୍ତ ବେତନ ବୃଦ୍ଧି କରନ୍ତୁ ବୋଲି ବିଏଡ୍ କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ଦାବି ହୋଇଛି। ମଙ୍ଗଳବାର ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ରାଜ୍ୟ ସଭାପତି ସରୋଜ କୁମାର ପଣ୍ଡା କହିଛନ୍ତି, ରାଜ୍ୟର ସମସ୍ତ ବର୍ଗର କର୍ମଚାରୀଙ୍କୁ ସରକାର ୭ମ ବେତନ କମିଶନ ସୁପାରିଶ ଆଧାରରେ ବର୍ଦ୍ଧିତ ଦରମା ପ୍ରଦାନ କରୁଛନ୍ତି। କିନ୍ତୁ କନିଷ୍ଠ ଶିକ୍ଷକଙ୍କ ଦରମା ଏପର୍ଯ୍ୟନ୍ତ ବୃଦ୍ଧି କରାଯାଇନାହିଁ। ସରକାର ସୁପ୍ରିମକୋର୍ଟଙ୍କ ସମାନ କାମକୁ ସମାନ ଦରମା ଦେବା ନିର୍ଦ୍ଦେଶକୁ ପାଳନ କରୁନାହାନ୍ତି। ଦାବି ହାସଲ ପାଇଁ ବାରମ୍ବାର ଆନ୍ଦୋଳନ ଏବଂ ଆଲୋଚନା କରାଯାଉଥିଲେ ମଧ୍ୟ କିଛି ସୁଫଳ ମିଳିନି। ସରକାର ଏନେଇ ପଦକ୍ଷେପ ନେବା ସହ ଦରମା ବୃଦ୍ଧି କରନ୍ତୁ ଏବଂ ୬ ବର୍ଷର ଠିକା ଚାକିରିକୁ ମୂଳ ଚାକିରିରେ ଗଣନା କରି ନିୟମିତ କରନ୍ତୁ। ନଚେତ୍ ସଂଘ ଆଗାମୀ ଦିନରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରି ପ୍ରତି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବ ବୋଲି ପଣ୍ଡା ପ୍ରକାଶ କରିଛନ୍ତି। ବୈଠକରେ ସଂଘର ସାଧାରଣ ସମ୍ପାଦକ ରୂପେଶ କୁମାର ସାହୁ ଓ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଶିକ୍ଷକ ପ୍ରତିନିଧି ଯୋଗଦେଇଥିଲେ।


**MUNICIPAL OFFICE, KENDRAPARA**
**'e' Procurement Notice No.5557/Dt.23.12.2019, Bid Identification No.KM_07.2019.20**

| | | |
|---|---|---|
| 1 | Procurement Officer-Publisher/Officer inviting the tender/bids (OIT) | Executive Officer, Kendrapara Municipality, Kendrapara |
| 2 | No. of the works | 2 Nos. Civil work (Development of Park) |
| 3 | Estimated Cost (Approx.) of the works | Below 50 Lakh |
| 4 | Date & Time of availability of bid document in the portal | From 5 P.M. of Dt.27.12.2019 to 5 P.M. of Dt. 10.01.2020 |
| 5 | Date & Time of technical bid Opening | 11 A.M. of 13.01.2020 |
| 6 | Period of completion | 6 Months |

1. Other details can be seen from detailed Notice Inviting Tenders available in website www.tendersorissa.gov.in. 2. Corrigendum if any shall only be published in the above website
**Sd./- Executive Officer, Kendrapara Municipality**

**ଖୋର୍ଦ୍ଧା ବନଖଣ୍ଡ, ଖୋର୍ଦ୍ଧା**
**ନୋଟିସ**

No. MM-120: ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଏକ Bajaj Discover Motor Cycle ଯାହାର ରେଜିଷ୍ଟ୍ରେସନ ନମ୍ବର OR-25-A-4504 ତାହା ଜଙ୍ଗଲ ଦ୍ରବ୍ୟ ଚୋରା ଚାଲାଣ କରୁଥିବା ବେଳେ ରଣପୁର ରେଞ୍ଜରେ ବନ ବିଭାଗ ଦ୍ୱାରା ତା୦୮।୦୨।୨୦୧୫ରିଖରେ ଜବତ କରାଯାଇଅଛି। ଉକ୍ତ ଗାଡ଼ିର ମାଲିକଙ୍କ ସମ୍ବନ୍ଧରେ ମିଳିଥିବା ତଥ୍ୟ ଅନୁଯାୟୀ ସମନ କରାଗଲେ ମଧ ସେ ଅଦାଲତରେ ଉପସ୍ଥିତ ହେଉନାହାନ୍ତି।
ଏହି ବିଜ୍ଞାପନ ମାଧ୍ୟମରେ ଉକ୍ତ ଗାଡ଼ିର ମାଲିକଙ୍କୁ ସମନ କରାଯାଉଅଛି କି ଏହି ବିଜ୍ଞାପନ ବାହାରିବାର ୧୦ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଉପସ୍ଥିତ ହୋଇ ତାଙ୍କର ପକ୍ଷ ଉପସ୍ଥାପନ କରିବେ। ଯଦି ନିର୍ଦ୍ଧାରିତ ସମୟ ମଧ୍ୟରେ ଏହା ନ କରନ୍ତି ତେବେ ଜଙ୍ଗଲ ଆଇନ୍ ଅନୁଯାୟୀ ଅଦାଲତରେ ମାମଲା ଫଇସଲା କରାଯିବ। ପରବର୍ତ୍ତୀ ସମୟରେ ଆଉ କୌଣସି ଆପତ୍ତି ଗ୍ରହଣ କରାଯିବ ନାହିଁ।

(ଏସ୍ ଆନନ୍ଦ ଭାବସେ)
ଭାରପ୍ରାପ୍ତ ଅଧିକାରୀ
ତଥା ସହକାରୀ ବନ ସଂରକ୍ଷକ
ଖୋର୍ଦ୍ଧା ବନଖଣ୍ଡ, ଖୋର୍ଦ୍ଧା
08035/11/0002/1920

**ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ**
**DIRECTORATE OF FISHERIES, ODISHA, CUTTACK**
Ph.: 0671-2414061, Fax: 0671-2410521
E-mail: director.odifish@gmail.com // director@orissafisheries.com, Website: www.odishafisheries.com
**Expression of Interest (EoI)**
**EOI No. 15911 Dated 23.12.2019**
**XIX.SPU.RKVY (CAGE) - 10/19**

No. M-54: The Director of Fisheries, Odisha, Cuttack hereby invites expression of Interest (EoI) from registered manufacturers/companies/firms, contractors, industrial units for shifting of 28 Nos. cages from Uppercolab to Satiguda Reservoir repair of 18 cages & installation in Satiguda reservoir. The details of the EoI can be downloaded from the website of the Fisheries Department i.e. **www.fishfedodisha.com & www.opdcltd.in** on or after **26.12.19 to 09.01.20** upto **5.00 P.M.** The Expression of Interest (EoI) should be delivered/reached to the Director of Fisheries, Odisha, Cuttack, PIN - 753007 on or before 10.01.20 upto 12 Noon & the financial bids will be opened on 10.01.20 at 4.30 P.M. in the Conference Hall, Chilika, Directorate.
The Director of Fisheries, Odisha reserves the right to accept/reject any/all proposals without assigning any reason thereof.
06015/11/0026/1920 **Director of Fisheries, Odisha**

**OFFICE OF THE MUNICIPAL COUNCIL, MALKANGIRI**
**Odisha, Pin-764045, Ph: 06861-230244, e-Mail: malkangiri@ulborissa.gov.in**
**Lt. No. 3043/Mpl./2019** **Dated: 24.12.2019**
**ବିଜ୍ଞାପନ**
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ପରିଷଦର ନିମ୍ନଲିଖିତ ସମ୍ପତ୍ତିମାନ ଆସନ୍ତା ୩ (ତିନି) ବର୍ଷ ଜାନୁୟାରୀ ୨୦୨୦ ଠାରୁ ଡିସେମ୍ବର ୨୦୨୨ ପର୍ଯ୍ୟନ୍ତ ସର୍ବସାଧାରଣ ନିଲାମ ଜରିଆରେ ଲିଜ୍ ପ୍ରଦାନ କରାଯିବ। ଇଚ୍ଛୁକ ବ୍ୟକ୍ତିବିଶେଷ ଆସନ୍ତା ତା04.01.2020ରିଖ ଦିନ ସ୍ଥାନୀୟ ପୌର ପରିଷଦ ନଗର ଭବନଠାରେ ଦିବା ୧୧ ଘଟିକାଠାରୁ ନିଲାମରେ ଅଂଶଗ୍ରହଣ କରିପାରିବେ। ଅମାନତ ରାଶି ବ୍ୟାଙ୍କ ଡ୍ରାଫ୍ଟ/ବ୍ୟାଙ୍କର ଚେକ୍ ଜରିଆରେ ନିର୍ବାହୀ ଅଧିକାରୀ, ମାଲକାନଗିରିଙ୍କ ନାମରେ ଦାଖଲ କରିବେ।

| ସଂ | ସମ୍ପତ୍ତିର ନାମ | ସର୍ବନିମ୍ନ ସରକାରୀ ଡାକ (ତିନି ବର୍ଷକୁ) | ଅମାନତ | ଦରଖାସ୍ତ ଫି |
|---|---|---|---|---|
| ୧ | ବାଲିସାଗର ବନ୍ଧ | ଟ. ୧୦,୦୦,୦୦୦/- | ଟ. ୬୦,୦୦୦/- | ଟ. ୨,୦୦୦/- |
| ୨ | ଏମ୍.ଭି. ୪୩ ବନ୍ଧ | ଟ. ୧୮,୩୦୦/- | ଟ. ୧,୦୦୦/- | ଟ. ୪୦୦/- |
| ୩ | ଏମ୍.ଭି ୦୨ ବନ୍ଧ | ଟ. ୧୦,୫୦୦/- | ଟ. ୧,୦୦୦/- | ଟ. ୪୦୦/- |

ନିଲାମରେ ଭାଗନେବା ଲାଗି ଇଚ୍ଛୁକ ବ୍ୟକ୍ତିବିଶେଷ ନିମ୍ନଲିଖିତ ସର୍ତ୍ତାବଳୀ ଅନୁଯାୟୀ ନିଲାମରେ ଅଂଶଗ୍ରହଣ କରିପାରିବେ।
**ସର୍ତ୍ତାବଳୀ:**- 1. ଅମାନତ ରାଶି ନିଲାମ ପୂର୍ବରୁ ପୈଠ କରିବେ। 2. ଆବେଦନ ପତ୍ର ପରିଷଦ କୋଷାଧ୍ୟକ୍ଷଙ୍କଠାରେ ମୂଲ୍ୟ ପ୍ରଦାନ କରି ଦାଖଲ କରିବେ। 3. ସର୍ବୋଚ୍ଚ ନିଲାମ ଡାକି ନିଲାମ ସିଦ୍ଧ ବ୍ୟକ୍ତି ମୋଟ ନିଲାମ ଡାକର ଏକତୃତୀୟାଂଶ ଅର୍ଥାତ୍ ୧ ବର୍ଷ ଲାଗି ନିଲାମ ଅର୍ଥ ୩ ଦିନ ମଧ୍ୟରେ ପୈଠ କରିବେ ଏବଂ ବକେୟା ଦୁଇ କିସ୍ତି ପରବର୍ତ୍ତୀ ବର୍ଷ ଜାନୁୟାରୀ ମାସ ୭ ତାରିଖ ସୁଦ୍ଧା ପୈଠ କରିବେ ନଚେତ ନିଲାମ ଲାଗି ପୈଠ କରିଥିବା ଅମାନତ ବାଜ୍ୟାପ୍ତ କରାଯିବ। 4. ସର୍ବୋଚ୍ଚ ନିଲାମଧାରୀ ନିଲାମସିଦ୍ଧ ଦିନଠାରୁ ୩ ଦିନ ମଧ୍ୟରେ ନିର୍ବାହୀ ଅଧିକାରୀଙ୍କ ସହ ଏକ ଚୁକ୍ତି କରିବେ। 5. ନିଲାମରେ ଭାଗ ନେଇ କୃତକାର୍ଯ୍ୟ ହୋଇନଥିବା ବ୍ୟକ୍ତିଙ୍କର ଅମାନତ ଫେରସ୍ତ କରାଯିବ। 6. ଯେ କୌଣସି ନିଲାମକୁ ଯେ କୌଣସି ସମୟରେ ରଦ୍ଦ କରିବା ଲାଗି କର୍ତ୍ତୃପକ୍ଷ ପ୍ରାଧିକୃତ ଅଟନ୍ତି। 7. ଦରଖାସ୍ତ ଫର୍ମ ମୂଲ୍ୟ ପ୍ରଦାନ କରି ଅଫିସ୍ କୋଷାଧ୍ୟକ୍ଷଙ୍କ ଠାରୁ ମୂଲ୍ୟ ପ୍ରଦାନପ୍ରାପ୍ତ କରିପାରିବେ।
**ସ୍ୱା./- ନିର୍ବାହୀ ଅଧିକାରୀ, ପୌର ପରିଷଦ, ମାଲକାନଗିରି**

**OFFICE OF THE PRINCIPAL, DHARANIDHAR AUTONOMOUS COLLEGE, KEONJHAR**
**Order No.3263** **Dt.24.12.2019**
Sealed quotations are invited from registered firms having valid GST registration and PAN for supply of White Boards, Green Board, Inverter with Battery, all in one Computer table, Projector with stand, Projector Screen & Laptop. The sealed quotations should reach the undersigned on or before 31.12.2019 by 5 P.M. The firms should contact the undersigned for detail specifications of the items. The authority is not liable for postal delay. The items along with the bills must be supplied within 07 days from the date of issue of order. The quoted price must be inclusive of all taxes, delivery charge, demonstration and installation (if required). The authority reserves the right to reject any or all quotations without assigning any reason thereof.
**Sd./- Principal,**
**D.D. (Auto.) College,**
**Keonjhar**

idco ODISHA NEW OPPORTUNITIES **No. CAD-735**
**OFFICE OF THE CHIEF GENERAL MANAGER (CIVIL) IDCO,IDCO TOWER, BHUBANESWAR.**
**Tender Call Notice No. Civil/EST-24 /2019-20/22304 Dt. 20.12.19**
**NOTICE INVITING TENDER UNDER NATIONAL COMPETITIVE BIDING THROUGH e-Procurement**
**Name of the Work: Renovation work of OJEE Cell, Gandamunda , Bhubaneswar**

| Procurement Officer | Bid Identification No. | Period of Completion | Value of Work ( Approx.) | Availability of Tender on-Line for Bidding | |
|---|---|---|---|---|---|
| | | | | From | To |
| 1 | 2 | 3 | 4 | 5 | 6 |
| CGM(Civil), IDCO,IDCO Towers, Janpath, Bhubaneswar | Bid ID. No. Civil –EST-24/2019-20 | 2 (Two) Calendar Months | Rs.69.00 lakhs | 18.00 Hours of dt.30.12.19 | 17.00 Hours of 14.01.20 |

Further details can be seen from the e-procurement portal. www.tendersodisha.gov.in. Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.
**Chief General Manager (Civil) I/C**
**IDCO, Bhubaneswar**
14003/11/0033/1920

**ODISHA TRIBAL DEVELOPMENT SOCIETY (OTDS)** **No. CAD-744**
(A Society registered under the Societies Registration Act – 1860)
ST & SC Development Department, Government of Odisha
Adivasi Exhibition Ground, Unit – I, Bhubaneswar – 751001
**Corrigendum**
The Walk In Interview for the Position of Technical Expert (CB & PLET) which was scheduled to be held on 26th December 2019 is hereby deferred to 4th January 2020 at 10:00 am SCSTRTI, CRP Square, Unit – VIII, Bhubaneswar.
26017/11/0005/1920 **Sd / CEO, OTDS**

**ODISHA TRIBAL DEVELOPMENT SOCIETY (OTDS)** **No. CAD-743**
(A Society registered under the Societies Registration Act – 1860)
ST & SC Development Department, Government of Odisha
Adivasi Exhibition Ground, Unit – I, Bhubaneswar – 751001
**Corrigendum**
The Odisha Tribal Development Society (OTDS) had invited an EoI for Training Agencies for empanelment under "Placement Linked Skill Development Training programme for the youth of the State" on 10th December 2019. The following para of the said EoI has been modified – Para 1.4, 1.6. 1.8
The revised EoI can be downloaded from the Website http://www.stscodisha.gov.in.
26017/11/0004/1920 **Sd / CEO, OTDS**
**Last date of submission of EoI - 4th January 2020 upto 5:00 PM**

**GOVERNMENT OF ODISHA**
**OFFICE OF THE EXECUTIVE ENGINEER, JEYPORE (R&B) DIVISION, JEYPORE**
ID: ee.randbjyp@gmail.com Tel & Fax -06854-231114(O)
**e-Procurement Notice**
**Bid Identification No. E.E (R&B)-05/2019-20/JYP(K)**
No. 4610 Date. 21.12.19.

Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e www.tendersodisha.gov.in.

1. Name of the Work : Civil Works as mentioned in DTCN.
2. No. of Works : 03 Nos.
3. Estimated Cost : Rs.7.97 lakhs to Rs.32.28 lakhs
4. Period of completion : 3 Months to 4 Months
5. Date & Time of Bidding : From 11.00 hours of 31.12.2019. upto 16.00 hours of 11.01.2019.
6. Last date & time for receipt of bids in portal : 16.00 hours of 11.01.2019.
7. Bids received online shall be opened on : 11.00 hours of 13.01.2019.
8. Name and address of the officer inviting Bid : Executive Engineer, Jeypore (R&B) Division, Jeypore

Further details can be seen from the www.tendersodisha.gov.in
34027/11/0005/1920 Sd/- Executive Engineer Jeypore (R&B) Division
No. B-473

**GOVERNMENT OF ODISHA**
**WORKS DEPARTMENT**
**OFFICE OF THE EXECUTIVE ENGINEER, BALLIGUDA (R&B) DIVISION, BALLIGUDA**
**No.B-471 :- TELEPHONE & fax 06846-243242 E-mail- eepwd_balliguda@yahoo.com**
**Bid Identification No. E.E. BLG-06/ 2019-20, Dated:-21.12.2019**

| Sl. | | |
|---|---|---|
| 1 | Name of the Work | Roads & Building Works as per DTCN available in the website www.tendersodisha.gov.in |
| 2 | Estimated Cost | Rs. 8.81 lakh to 31.24 lakh |
| 3 | No. of Works | 19(Nineteen) Only |
| 4 | Period & time of completion | 01,1.5, 02 & 06( One , One and half ,Two & Six) Calendar Months |
| 5 | Date & time of availability of the bid document in the portal | 27.12.2019 to 06.01.2020(up to 4.00 PM) for Online Bidding |
| 6 | Last date/Time for receipt of bids in the portal | Up to 5.00 PM of 06.01.2020 |
| 7 | Date & Time of bid opening | 11.30 hours on Dated. 07.01.2020 |
| 8 | Name & Address of the officer inviting Bid | Executive Engineer, Balliguda R&B Division, Balliguda, Dist:- Kandhamal, Pin-762103 |

Others can be seen from Detailed Notice inviting Tenders, available in website. www.tendersodisha.gov.in. Corrigendum if any, shall only be published in the above website.
34038/11/0003/1920 -Sd/- **Executive Engineer, Balliguda (R&B) Division**

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**R.W.S&S DIVISION, KORAPUT**
**E-mail: eerwss_kpt@rediffmail.com, Ph. No. (Off): 06852-250281, (Res): 06852-250680, Fax No.: 06852-251098**
**National Competitive Bidding Through E-Procurement**
**Tender Identification No.4/EE/RWSS/KPT/2019-20/Dt. 21.12.2019**
**No.O-683:-** The Executive Engineer, RWS&S Division, Koraput on behalf of the Governor of Odisha invites Percentage Rate Bids in Double cover (P1 contract) from the eligible class of experienced registered contractors through e-Tendering system for the Piped water supply works as detailed in DTCN. The bid should be submitted online in the website **www.tendersorissa.gov.in** separately for the works.

| | | |
|---|---|---|
| 1. | Nature of Work | Rural Piped Water Supply Work (Civil) |
| 2. | Estimated Cost | Varies from 7.36 Lakhs to 78.94 Lakhs |
| 3. | No of Works | 9 Nos. |
| 4. | Tender Cost | 4000, 6000 & 10000.00 |
| 5. | Class of Contractor | "D" "C" "B" & "A" |
| 6. | Availability of Bid document in the website | Dt. 03.01.2020, 17 hours to 11.01.2020, 17 hours |
| 7. | Date of seeking clarification | During the Office hours of 03.01.2020 to 10.01.2020 |
| 8. | Date of Opening of Bid | Dt. 14.01.2020 at 11 hours |

Further details can be seen in the bidding documents which is available in the e-procurement portal **https//www.tendersorissa.gov.in.** Subsequent corrigendum if required shall be appeared in the website Authority reserves the right to reject any or all tenders without assigning any reason thereof.
**Sd./- Executive Engineer,**
**R.W.S&S Division, Koraput**
**25034/11/0007/1920**

See Career Appointment on every Wednesday & Saturday




ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ। ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍ସାଇଟ୍
www.dharitri.com/category/selfie



ଗୋପୀନାଥ



ଆଶିଷ



ପ୍ରଦୀପ



ଦୀପକ

ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍ଫି ପ୍ରକାଶ ପାଇବ)

### ନାବାଳିକାଙ୍କ ଅର୍ଦ୍ଧନଗ୍ନ ମୃତଦେହ ଉଦ୍ଧାର

# ବଳାତ୍କାର ପରେ ହତ୍ୟା ଅଭିଯୋଗ, ଜଣେ ଗିରଫ

ଚନ୍ଦ୍ରପୁର, ୨୪।୧୨ (ଡି.ଏନ୍.ଏ.)

୩ ଦିନ ଧରି ନିଖୋଜ ଥିବା ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ଚିଚିପଙ୍ଗା ଗ୍ରାମର ଜଣେ ନାବାଳିକାଙ୍କ ଅର୍ଦ୍ଧନଗ୍ନ ମୃତଦେହକୁ ମଙ୍ଗଳବାର ପୋଲିସ ଜଙ୍ଗଲରୁ ଉଦ୍ଧାର କରିଛି । ଏହି ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଚନ୍ଦ୍ରପୁରର କାଳିମା ସାହି ବସ୍ତି ର ସେବା ବାଗ୍ସିଂ (୧୯)। ନାବାଳିକାଙ୍କୁ ଅପହରଣ କରି ବଳାତ୍କାର ପରେ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି । ରାୟଗଡ଼ାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍ପି ଶ୍ରବଣ ବିବେକ ଏମ୍ ଏହା ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ ମୃତଦେହ ଉଦ୍ଧାର ପରେ ପରିବାର ଲୋକେ ଏବଂ ଗ୍ରାମବାସୀ ସ୍ଥାନୀୟ ଆଦର୍ଶ ବିଦ୍ୟାଳୟ ନିକଟରେ ରାସ୍ତାରୋକୋ କରିଥିଲେ।

ନାବାଳିକା ଜଣକ ଗତ ଶନିବାର ନିଖୋଜ ହୋଇଯାଇଥିଲେ । ସନ୍ଧ୍ୟା ସୁଦ୍ଧା ଘରକୁ ନ ଫେରିବାରୁ ପରିବାର ଲୋକେ ବ୍ୟସ୍ତ ହୋଇ ଖୋଜାଖୋଜି କରିଥିଲେ, ହେଲେ କୌଣସି ପତ୍ତା ପାଇ ନ ଥିଲେ। ଏଣୁ ଗତ ରବିବାର ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ମଙ୍ଗଳବାର ସକାଳେ ସ୍ଥାନୀୟ ଆଦର୍ଶ ବିଦ୍ୟାଳୟ ନିକଟ ଜଙ୍ଗଲରେ ନାବାଳିକାଙ୍କ ଅର୍ଦ୍ଧନଗ୍ନ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା । ଖବରପାଇ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା । ପରେ ଏହାର ପ୍ରତିବାଦରେ ପରିବାର ଲୋକେ ଓ ଗ୍ରାମବାସୀ ଆଦର୍ଶ ବିଦ୍ୟାଳୟ ନିକଟରେ ରାସ୍ତାରୋକୋ କରିବା ସହ ସଦର ଥାନା ଘେରାଉ କରିଥିଲେ । ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ସେବା ବାଗ୍ସିଂଙ୍କୁ ପୋଲିସ ଗିରଫ କରିଛି । ଏନେଇ ଚନ୍ଦ୍ରପୁର ଥାନାରେ ଏକ ମାମଲା (ନମ୍ବର ୩୩/୧୯) ରୁଜୁ କରାଯାଇଛି।



ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଛନ୍ତି।

# ଦିଲ୍ଲୀରେ ଜନରାଜ୍ୟ ଦିବସ ପରେଡ୍ରେ ପ୍ରଦର୍ଶିତ ହେବ ଓଡ଼ିଶାର ପ୍ରଜ୍ଞାପନ ମେଢ଼

ଭୁବନେଶ୍ୱର,୨୪।୧୨(ବ୍ୟୁରୋ)

ଆସନ୍ତା ୨୦୨୦ ଜନରାଜ୍ୟ ଦିବସରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟସ୍ତରୀୟ ପରେଡ୍ରେ ଓଡ଼ିଶାର ପ୍ରଜ୍ଞାପନ ମେଢ଼ ପ୍ରଦର୍ଶିତ ଲାଗି ଯୋଗ୍ୟ ବିବେଚିତ ହୋଇଛି। ପ୍ରତ୍ୟେକ ବର୍ଷ କେନ୍ଦ୍ର ପ୍ରତିରକ୍ଷା ବିଭାଗ ପକ୍ଷରୁ ସମସ୍ତ ରାଜ୍ୟକୁ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ ଲାଗି ପ୍ରସ୍ତାବ ଆହ୍ୱାନ କରାଯାଇଥାଏ। ସେଥି ମଧ୍ୟରୁ ଅତ୍ୟନ୍ତ ଉଚ୍ଚକୋଟୀର ପ୍ରଜ୍ଞାପନ ମେଢ଼ଗୁଡ଼ିକ ଜନରାଜ୍ୟ ଦିବସ ପରେଡରେ ସ୍ଥାନିତ ହୋଇଥାଏ। ଚଳିତ ବର୍ଷ ମଧ ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ତଦନୁଯାୟୀ ପ୍ରସ୍ତାବ ଦିଆଯାଇଥିଲା। ଏଥିମଧ୍ୟରୁ ଦେଶର ୧୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପ୍ରଜ୍ଞାପନ ମେଢ଼ ଯୋଗ୍ୟ ବିବେଚିତ ହୋଇଛି। ତନ୍ମଧ୍ୟରେ ଓଡ଼ିଶାର ପ୍ରଜ୍ଞାପନ ମେଢ଼ ସ୍ଥାନିତ ହୋଇଛି। ପ୍ରତିରକ୍ଷା ବିଭାଗ ପକ୍ଷରୁ ଜାରି କରାଯାଇଥିବା ୬ଟି ବିଷୟ ବସ୍ତୁ ମଧ୍ୟରୁ ଓଡ଼ିଶା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଓଡ଼ିଶାର ସ୍ଥାପତ୍ୟ ଓ ଲୋକ ସଂସ୍କୃତି ଉପରେ ଆଧାରିତ ପର୍ବ ଡିଜାଇନ୍ଟି ଜାତୀୟସ୍ତରର ବିଚାରକମଣ୍ଡଳୀଙ୍କୁ ଆକୃଷ୍ଟ କରିଥିଲା। ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ଏହି ଡିଜାଇନକୁ ପ୍ରଜ୍ଞାପନ ମେଢ଼ରେ ପୂର୍ଣ୍ଣ ବିକଶିତ କରାଯାଇ ଜନରାଜ୍ୟ ଦିବସରେ ପ୍ରଦର୍ଶିତ କରାଯିବ ବୋଲି ବିଭାଗ ତରଫରୁ ସୂଚନା ଦିଆଯାଇଛି।


## ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ
## 'ଅକଳରେ ଅର୍ଥନୀତି'

ଧରିତ୍ରୀର ୪୬ତମ ଜନ୍ମଦିନ ଅବକାଶରେ ପ୍ରକାଶ ପାଉଛି ଆକର୍ଷଣୀୟ ବାର୍ଷିକ ବିଶେଷାଙ୍କ। ଆର୍ଥିକ ମାନ୍ଦାବସ୍ଥାକୁ ନେଇ ପରିକଳ୍ପିତ ଏହାର ପ୍ରଚ୍ଛଦ ପ୍ରସଙ୍ଗ 'ଅକଳରେ ଅର୍ଥନୀତି'। ଏଥି ସହିତ ରହିଛି ଜନଜୀବନ, ରାଜନୀତି, ବିଜ୍ଞାନ ଓ ସାହିତ୍ୟକୁ ନେଇ ବହୁ ଗୁରୁତ୍ୱପୂର୍ଣ୍ଣ ଫିଚର, ଆକର୍ଷଣୀୟ ଗଳ୍ପ, ପ୍ରବନ୍ଧ ଏବଂ କବିତା। କ୍ରୀଡ଼ା ଜଗତର ୩ଜଣ ପ୍ରଖ୍ୟାତ ଖେଳାଳି– ଦୂତୀ ଚାନ୍ଦ, ପ୍ରମୋଦ ଭଗତ, ଅମିତ ରୋହିଦାସଙ୍କ ସହିତ ଅନନ୍ୟ ସାକ୍ଷାତ୍କାର। ଭାରତର ଭାଷାନୀତି, ଧ୍ୱଂସର ପ୍ରାରମ୍ଭିକ ପର୍ଯ୍ୟାୟରେ ଆମେ, ପୃଥିବୀ ବାହାରେ କେହି ଅଛି କି, ଯୁଦ୍ଧ: ପଥର ଫିଙ୍ଗାରୁ ମହାକାଶ, ୩୭୦ର ବ୍ୟବଚ୍ଛେଦ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ସ୍ପେସ୍ରେସ୍, ନୋବେଲ ପୁରସ୍କାର ୨୦୧୯, ଶରଣାର୍ଥୀ ସଙ୍କଟରେ ବିଶ୍ୱ, ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ@ ନୂଆ ଠିକଣା ଏବଂ ସିନେମା ଓଡ଼ିଆ ନାୟିକା ଅଣଓଡ଼ିଆ ଭଳି ବହୁ ତଥ୍ୟଧର୍ମୀ ଲେଖାରେ ସମୃଦ୍ଧ ଏହାର କଳେବର। ସମଗ୍ର ୧୨୦ ପୃଷ୍ଠା ରଙ୍ଗୀନ୍ ଓ ସଚିତ୍ର।




ଧରିତ୍ରୀ ବିତରକଙ୍କ ପାଖରେ ବିଶେଷାଙ୍କ ଉପଲବ୍ଧ ହେବ

**ମୂଲ୍ୟ: ଟ ୮୦/-**

**ଯୋଗାଯୋଗ: ସମ୍ବଲପୁର:** ନରୋତ୍ତମ ଜେନା (୯୪୩୮୦୯୮୩୫୫), ମନୋଜ ମହାନ୍ତି (୭୦୦୮୫୦୬୮୧୦)
ଦୂରଭାଷ: ୦୬୭୪–୨୫୮୦୧୦୧/୨୫୪୯୩୦୨



ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com


**OFFICIALLY STAFF**
Requires BBSR, Cuttack, Puri, Berhampur.
**Qualification:** 10th above
Salary upto Rs. 25,000/-
**M: 9938699963**

A reputed food processing unit at Mancheswar, Bhubaneswar needs experienced Driver for their three wheeler Dala Auto & pick up 4 wheeler. Interested candidates may **contact on :**
**9668769613**

ସାଉଥ୍ ଆଫ୍ରିକାରେ ଇନ୍ଫ୍ରାଷ୍ଟ୍ରକ୍ଚର କନ୍ଷ୍ଟ୍ରକ୍ସନ୍, ହେଲପର, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ।
ଦରମା– 40,000/-, ମଡର୍ଣ୍ଣ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜ୍ମେଣ୍ଟ କମ୍ପାନୀ)
**କମଲ ପ୍ଲେସ୍ମେଣ୍ଟ**
415, ରଙ୍ଗିଲା ପାର୍କ, ଡିନ୍ଡୋଲି, ସୁରତ୍, ଗୁଜୁରାଟ
9157012447, 9157312448

X-Ray and Pathology Technician required with minimum 2 yrs experience. Salary negotiable.
**MODERN ORTHO CLINIC**
Dr. P. C. Dey, Bhubaneswar
Contact:
9437928686, 9437113636

**REQUIRED**
A Salesman for M/S Bhagwati Enterprises Bhubaneswar. **Marketing Sector** : Hotels, Hospitals, Garment Shops
**Marketing region**- All Odisha.
*Salary - 8000/- (+ Commission on Sales)*
Transportation Allowance will be provided.
Contact No./Whats app
**9040130444**

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା : 10th/ above. Monthly Salary upto Rs. 27000/-
Contact : **9938676412**

**OFFICIALLY JOB**
ଯୋଗ୍ୟତା : ଦଶମ ପାସ୍/ଫେଲ,
ବୟସ : (18-40)yrs.
Monthly salary upto Rs. 25,000/-
Contact : Immediately
Mob : 8763257042

**TRAVELLER**
ଚଳାଇବା ପାଇଁ ଅଭିଜ୍ଞ ଡ୍ରାଇଭର ଆବଶ୍ୟକ। ଆକର୍ଷଣୀୟ ଦରମା ସହିତ ଭୁବନେଶ୍ୱରରେ ରହିବା ପାଇଁ ସୁବିଧା ଯୋଗାଇ ଦିଆଯିବ।
ଯୋଗାଯୋଗ: 9338813262
8249873769

ହେଭି ଲାଇସେନ୍ସ/ଅଭିଜ୍ଞତା ଥିବା ଅଶୋକ ଲେଲାଣ୍ଡ ୪ ଚକା/୬ ଚକା, ପିକ୍ଅପ୍/ଟ୍ରକ୍ ପାଇଁ ଡ୍ରାଇଭର–୩ ଜଣ, ଦରମା ୧୦/୧୮ ହଜାର, ଷ୍ଟୋର କିପର +2/ଗ୍ରାଜୁଏଟ୍ ସହ କମ୍ପ୍ୟୁଟର ଅଭିଜ୍ଞତା ଦରମା ୭/୧୦ ହଜାର, କମ୍ପାନୀ ଶ୍ରମିକ ୨ଜଣ ଶୀଘ୍ର ଆବଶ୍ୟକ। ରହିବା ସୁବିଧା ଅଛି।
ଯୋଗାଯୋଗ - 9040150146


See Career Appointment on every Wednesday & Saturday


**INTERNATIONAL POTATO CENTRE (CIP)**
307 on 3rd floor at Utkal Signature, N.H Pahal, BHUBANESWAR

**POSITION ANNOUNCEMENT**

**INTERNATIONAL POTATO CENTRE (CIP)** is The International Potato Center (CIP) is seeking a dynamic and responsible **Administrative Assistant II** to provide overall admin support to our staff based in Odisha.
**Applications:** Applicants should apply online through our CIP's Job Opportunities website **(http://cipotato.org/open-vacancies/)**, including a letter of motivation, a full C.V. professional qualifications and work experience. Screening of applications will begin on **December 26, 2019. Walk-in-interview on 28th December 2019** at 307, on 3rd Floor, Utkal Signature, N.H Pahal, Bhubaneswar **time 10:00am. to 2:00pm.** and will continue until the post is filled. All applications will be acknowledged; only short-listed candidates will be contacted.

WALK-IN-INTERVIEW
**BANABASI SEVA SAMITI, BALLIGUDA, DIST.- KANDHAMAL**
Regd. No. 7695/594 of 1973-74, Dt.14.03.74

**CHILDLINE-Kandhamal**, the colab of Banabasi Seva Samiti (BSS), Balliguda at Kendupadar, Housing Board Colony, Phulbani needs for recruitment to below mentioned post on purely contractual & consolidated remuneration basis. Interested eligible candidates may attend Walk-in-Interview on dtd.29.12.2019 (Sunday) at 10.30AM along with their C.V. & Identity proof (See details web: banabasi.org) interview at Banabasi Seva Samiti Campus, Balliguda, Dist.- Kandhamal.

1. **CENTRE COORDINATOR: (1)** MSW with 1-2 yrs. experience and fluency in Odiya & English language skills-written & verbal & Computer knowledge: Hon. Rs.14,000/- P.M at present.

Contact No. 06846-243637, 8480257832 *Sd./- Secretary*

RSETI
Rural Self Employment Training Institutes
Powering Rural Entrepreneurship

**ୟୁକୋ ଗ୍ରାମ୍ୟ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନ, ଅନୁଗୁଳ**
ସା: ଜଗଦେବ ରୋଡ୍, ରାଜା ଛକ ନିକଟ, ବସ୍ ଷ୍ଟାଣ୍ଡ, ଅନୁଗୁଳ-୭୫୯୧୨୨,
ଫୋନ୍ ନଂ.: ୦୬୭୬୪-୨୩୪୧୨୫, ଇ-ମେଲ୍ ଆଇଡି: rseti.angul@ucobank.co.in

**ନିଯୁକ୍ତି**

ଏହି ଅନୁଷ୍ଠାନରେ ୧ ବର୍ଷ ପାଇଁ ଚୁକ୍ତି ଭିତ୍ତିକ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି। ସଫଳଭାବେ ଚୁକ୍ତି ଅବଧି ସମାପ୍ତି ପରେ ଏହା ନବୀକରଣ କରାଯାଇପାରେ।

**ଅଫିସ ସହାୟକ – ୧ ପଦବୀ**

**ବୟସ : ତା.୩୧.୧୨.୨୦୧୯ରିଖ ସୁଦ୍ଧା ୨୨ ରୁ ୪୦ ବର୍ଷ**

**ଶିକ୍ଷାଗତ ଏବଂ ଅନ୍ୟାନ୍ୟ ଯୋଗ୍ୟତା:**
▪ ପ୍ରାର୍ଥୀ ସ୍ନାତକ ଯଥା- ବିଏସ୍ତବ୍ଲୁ / ବି.ଏ. / ବି.କମ୍ ସହିତ କମ୍ପ୍ୟୁଟର ଜ୍ଞାନ ▪ ବେସିକ ଆକାଉଣ୍ଟିଙ୍ଗ ଜ୍ଞାନ ପ୍ରସନ୍ଦ ଯୋଗ୍ୟତା ▪ ସ୍ଥାନୀୟ କଥିତ ଏବଂ ଲିଖିତ ଭାଷାରେ ପ୍ରବୀଣ ଥିବା ଆବଶ୍ୟକ ▪ ପ୍ରାର୍ଥୀଙ୍କର ହିନ୍ଦୀ / ଓଡ଼ିଆ / ଇଂରାଜୀରେ ଦକ୍ଷତାକୁ ଅତିରିକ୍ତ ଯୋଗ୍ୟତା ଭାବେ ବିବେଚନା କରାଯିବ ▪ ଏମ୍ଏସ୍ ଅଫିସ (ୱାର୍ଡ ଏବଂ ଏକ୍ସେଲ୍) ଟାଲି ଏବଂ ଇଣ୍ଟରନେଟ୍ରେ ଦକ୍ଷତା ଆବଶ୍ୟକ ▪ ସ୍ଥାନୀୟ ଭାଷା (ଓଡ଼ିଆ)ରେ ଟାଇପିଂ ଦକ୍ଷତା ନିଶ୍ଚିତ ଆବଶ୍ୟକ ▪ ଇଂରାଜୀରେ ଟାଇପିଂ ଦକ୍ଷତା ଅତିରିକ୍ତ ଯୋଗ୍ୟତା ଅଟେ।

**ପ୍ରାର୍ଥୀଙ୍କର ଦରମା:** ମାସିକ (ଟ. ୧୨,୦୦୦/-) ବାର ହଜାର ଟଙ୍କା

**ଆବେଦନର ପ୍ରଣାଳୀ:** ପ୍ରାର୍ଥୀମାନେ ଉପରୋକ୍ତ ନିୟମ ଏବଂ ସର୍ତ୍ତାବଳୀ ଅନୁଯାୟୀ ସାଦା ବୟୋଡାଟା ଫର୍ମାଟରେ ଆବେଦନ କରିବା ସହିତ ସ୍ୱ-ହସ୍ତଖତ ଥିବା ସମସ୍ତ ଶିକ୍ଷାଗତ ଯୋଗ୍ୟତାର ଫଟୋ କପି ଉପରୋକ୍ତ ଠିକଣାରେ ପ୍ରେରଣ କରିପାରିବେ। ଉପରୋକ୍ତ ଠିକଣାରେ ଦରଖାସ୍ତ ପ୍ରାପ୍ତିର ଅନ୍ତିମ ତାରିଖ: ୩୧.୧୨.୨୦୧୯

**ଚୟନ ପ୍ରକ୍ରିୟା:** ଲିଖିତ ପରୀକ୍ଷା ଏବଂ ବ୍ୟକ୍ତିଗତ ସାକ୍ଷାତକାର ମାଧ୍ୟମରେ ଚୟନ କରାଯିବ।

**ବି.ଦ୍ର.:** ନୋଟିଫିକେସନ୍ ପ୍ରକ୍ରିୟାକୁ ଯେକୌଣସି ସମୟରେ ବାତିଲ କରିବାର ଅଧିକାର କର୍ତ୍ତୃପକ୍ଷଙ୍କର ରହିଛି।

**ନିର୍ଦ୍ଦେଶକ**

**SAI SMART SCHOOL**
Near Puri Engineering School Campus
At : Puri-Konark Marine Drive Road, Nagapatana, PO-Baliguali, Dist-Puri, M-9439181120

The College of Pharmaceutical Sciences, a registered society, on completion of 30 years of successful academic session, invites application for recruitment of teaching & non-teaching staff for its **SAI SMART SCHOOL**

| Sl. No. | Post | Date & Time | Mode of Selection | Salary in Rs. |
|---|---|---|---|---|
| 1. | Nursery Teacher & Primary Teacher | 29.12.2019 10.30 am to 1.00 pm | Written test | 25,000/- P.M. |
| | | 03.01.2020 10.30 am | Personal Interview | 30,000/- P.M. |
| 2. | Accountant, DTP Operator, Music, Dance, Abacus & Vedic Math, Spoken English Teacher, Manager, Educational Counselor, Receiptionist & Nurse | Please visit the School Website **www.saismartschool.com** or refer **'The Samaja'** dtd. 16.12.2019 for details of all the posts | | |

The eligible & interested candidates may send their Bio-Data to the email- **saismartschool@gmail.com** latest by 3p.m on 28.12.2019
SECRETARY

**MODERN PUBLIC SCHOOL**
MEGHADAMBARU, BALASORE, PIN-756056, ODISHA
Affiliated to CBSE, New Delhi, Affiliation No : 1530077
Invites application for the following posts for the session 2020-2021

| POST | SUBJECT (VACANCIES) | QUALIFICATION |
|---|---|---|
| PGT | PHYSICS (1), CHEMISTRY (1), BIOLOGY (1), ENGLISH (1), MATHEMATICS (2) | Master Degree in the concerned subject, with B.Ed. |
| TGT | ENGLISH (1), PHYSICS (1), CHEMISTRY (1), HINDI (2), SOCIAL SCIENCE (1), MATHEMATICS (1), COMPUTER (1), PHYSICAL EDUCATION (1) | Master Degree/ Graduate in the concerned subject, with B.Ed. |
| PRT | EVS (1), MATHEMATICS (1), HINDI (1), ENGLISH (1), SOCIAL SCIENCE (1), COMPUTER (1) | Graduate with NTT/D.El.Ed./B.Ed. |
| PRE-PRT | PRE PRIMARY SUBJECTS (3) | |
| LIFE SKILL TEACHER | YOGA (1) | B.A. (YOGA), B.Ed (YOGA) |
| | MORAL VALUE (1) | Graduate in any discipline |
| | ART (1) | B.A. (FINE ARTS) |
| RECEPTIONIST (MALE ) (1) | | Graduate with Basic Knowledge of Computer & EXCELLENT command over speaking English/Hindi/Odia |
| CLERK - ACCOUNT ASSISTANT (MALE) (1) | | Knowledge of computer with proficiency in Tally |
| HOSTEL WARDEN (MALE) (1) | | Graduate with Strict Disciplinarian. Ex Serviceman/Retired person will be preferred |

Preference will be given to candidates with good academic records, good communication skills in English and teaching experience. Only shortlisted candidates will be called for interview as per our vacancy through SMS. Salary is Negotiable as per Qualification, Experience and Efficiency. Download the Resume format from our school website **www.mpsbalasore.org** and E-mail the C.V to **secretary.mps98@gmail.com.** Time & Date of Interview: 9.30am on 19th January 2020 (Sunday). Venue: Modern Public School, Balasore (Meghadambaru Branch). For any Query you may contact Mob. No: **9438018448, 9040192389** Time: 9am to 12noon. Last Date of Online Application is 10th January 2020.
-PRINCIPAL

**ନୋଟିସ୍**
ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

| Dollar | Sensex | Nifty | Gold | Silver |
|---|---|---|---|---|
| 71.27 (9) | 41,461.26 (101.40) | 12,214.55 (48.20) | 39,239.00 (`191) | 47,146.00 (`943) |

## ସଂକ୍ଷେପରେ

### ଏମ୍‌ଏସ୍‌ଏମ୍‌ଙ୍କ ଯୋଗଦାନ ୨ ଟ୍ରିଲିୟନ ଡଲାର ବୃଦ୍ଧି ଲକ୍ଷ୍ୟ

**ନୂଆଦିଲ୍ଲୀ,୨୪-୧୨:** ଆଗାମୀ ୨୦୨୪ ସୁଦ୍ଧା ଦେଶର ଅର୍ଥ ବ୍ୟବସ୍ଥାକୁ ୫ ଲକ୍ଷ କୋଟି ଡଲାର କରିବାକୁ ସରକାର ଯୋଜନା ରଖିଛନ୍ତି। ଏହି ସମୟ ମଧ୍ୟରେ ଦେଶର ଅଣୁ,କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ)ଗୁଡିକର ଅବଦାନକୁ ୨ ଟ୍ରିଲିୟନ ଡଲାର ବା ୨ ଲକ୍ଷ କୋଟିକୁ ବଢାଇବା ଲାଗି ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ପ୍ରଧାନମନ୍ତ୍ରୀ ନିଯୁକ୍ତି ସୃଷ୍ଟି କାର୍ଯ୍ୟକ୍ରମ(ପିଏମ୍‌ଇଜିପି) କାର୍ଯ୍ୟକ୍ରମରେ ୬୫,୩୧୨ ଏମ୍‌ଏସ୍‌ଏମ୍‌ଇ ସ୍ଥାପନ ହୋଇଥିବା କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ ପକ୍ଷରୁ ବାର୍ଷିକ ସମୀକ୍ଷାରେ କୁହାଯାଇଛି। ୨୦୨୪ ବେଳକୁ ଭାରତ ବିଶ୍ୱର ଏକ ପ୍ରମୁଖ ଅର୍ଥ ବ୍ୟବସ୍ଥା ଭାବେ ରୂପାନ୍ତରିତ ହେବାର କ୍ଷମତା ରଖୁଥିବା ସରକାର କହିଛନ୍ତି। ଏହି ସମୟରେ କ୍ଷୁଦ୍ର ଶିଳ୍ପ ନିଜର ଯୋଗଦାନକୁ ବଢାଇ ପାରିବେ ବୋଲି ଗୁରୁତ୍ୱାରୋପ କରାଯାଇଛି। ପିଏମ୍‌ଇଜିପିରେ ୫.୨୨ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଏଥିରେ ୧୯୨୯ କୋଟି ଟଙ୍କାର ସବସିଡି ମଧ୍ୟ ବିନିଯୋଗ କରାଯାଇଛି। ୨୦୦୮-୦୯ ପରଠାରୁ କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରାଉଛି। ସରକାରଙ୍କ ପ୍ରମୁଖ କ୍ରେଡିଟ ଲିଙ୍କଡ ସବସିଡି କାର୍ଯ୍ୟକ୍ରମ ମଧ୍ୟରେ ଏହା ଅନ୍ୟତମ।

### ଅଭିବୃଦ୍ଧିକୁ ନେଇ ପ୍ରଧାନମନ୍ତ୍ରୀଙ୍କ ବୈଠକ

**ନୂଆଦିଲ୍ଲୀ,୨୪-୧୨:** ନିବେଶ ଏବଂ ଅଭିବୃଦ୍ଧିର ସମୀକ୍ଷା ନେଇ ନୂଆକରି ଗଠିତ କ୍ୟାବିନେଟ କମିଟିର ପ୍ରଥମ ବୈଠକ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଗଠିତ ହୋଇଯାଇଛି। ଚାହିଦା ବୃଦ୍ଧି ଏବଂ ଅର୍ଥନୀତିକୁ ଠିକ୍ ଟ୍ରାକକୁ ଆଣିବା ଦିଗରେ ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ବୈଠକରେ କେଉଁ ସବୁ ନିଷ୍ପତ୍ତି ହୋଇଛି ସେ ସମ୍ପର୍କରେ କୌଣସି ସୂଚନା ମିଳି ପାରିନାହିଁ। ପ୍ୟାନେଲରେ ଗୃହମନ୍ତ୍ରୀ ଅମିତ ଶାହା, ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ନୀତିନ ଗଡକରି, ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ, ରେଳମନ୍ତ୍ରୀ ପୀୟୁଷ ଗୋୟଲ ରହିଛନ୍ତି। ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ତ୍ରୈମାସରେ ଦେଶର ଜିଡିପି ଅଭିବୃଦ୍ଧି ୬ ବର୍ଷର ସର୍ବନିମ୍ନ ସ୍ତର ୪.୫%କୁ ଖସିଛି। ସେହିଭଳି ଚାହିଦା ଖସିଥିବାରୁ ଏହା ସରକାରଙ୍କ ଚିନ୍ତାକୁ ବଢାଇଛି।

### ବର୍ଷକରେ ୭୧,୫୪୩ କୋଟି ଟଙ୍କାର ବ୍ୟାଙ୍କ ଠକେଇ

**ନୂଆଦିଲ୍ଲୀ,୨୪-୧୨:** ୨୦୧୮-୧୯ ଆର୍ଥିକ ବର୍ଷରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକରେ ଠକେଇ ୭୪% ବଢିଛି। ଏହି ଠକେଇରେ ୭୧,୫୪୩ କୋଟି ଟଙ୍କା ଜଡିତ ଥିବା ଜଣାପଡିଛି। ୨୦୧୭-୧୮ରେ ବ୍ୟାଙ୍କଗୁଡିକରେ ଠକେଇ ପରିମାଣ ୪୧,୧୬୭ କୋଟି ଟଙ୍କା ରହିଥିଲା ବୋଲି ରିଜର୍ଭ ବ୍ୟାଙ୍କ ତଥ୍ୟରୁ ସାମ୍ନାକୁ ଆସିଛି। ୨୦୧୭-୧୮ରେ ବ୍ୟାଙ୍କରେ ୫୯୧୬ ଠକେଇ ମାମଲା ସାମ୍ନାକୁ ଆସିଥିଲା। ଏହା ୨୦୧୮-୧୯ରେ ଏହା ୬୮୦୧କୁ ବଢିଥିବା ସୂଚନା ରହିଛି। ଠକେଇ ରୋକିବା ଲାଗି ବ୍ୟାଙ୍କଗୁଡିକ ସେମାନଙ୍କ କାର୍ଯ୍ୟଶୈଳୀରେ ପରିବର୍ତ୍ତନ ନ କରିବା ଯୋଗୁ ବ୍ୟାଙ୍କରେ ଏଭଳି ଘଟଣା ଘଟୁଥିବା ରିଜର୍ଭ ବ୍ୟାଙ୍କ ଟ୍ରେଣ୍ଡ ଆଣ୍ଡ ପ୍ରୋଗ୍ରେସ ଅଫ୍ ବ୍ୟାଙ୍କିଙ୍ଗ ୨୦୧୮-୧୯ ଡାଟାରେ ଉଲ୍ଲେଖ କରିଛି।

> ୫ ଟ୍ରିଲିୟନ ଡଲାର ଅର୍ଥ ବ୍ୟବସ୍ଥା ଲାଗି ସ୍ଥଳ ଏବଂ ସମୁଦ୍ର ସୀମାର ସୁରକ୍ଷା ଅତ୍ୟନ୍ତ ଜରୁରୀ।
> **– ଅମିତ ଶାହା, କେନ୍ଦ୍ର ସୌରାଷ୍ଟ୍ର ମନ୍ତ୍ରୀ**



> ପୁନର୍ଗଠନ ପଦକ୍ଷେପ ଦ୍ୱାରା ଭାରତୀୟ ରେଲୱେରେ ଥିବା ବିଭାଗବାଦର ଅନ୍ତ ହେବ।
> **– ପୀୟୂଷ ଗୋୟଲ, କେନ୍ଦ୍ର ରେଳମନ୍ତ୍ରୀ**



# ବଢ଼ିପାରେ ରେଳଯାତ୍ରୀ ଭଡ଼ା



### ରେଳ ବୋର୍ଡ ପୁନର୍ଗଠନକୁ କ୍ୟାବିନେଟ ମଞ୍ଜୁରୀ

ରେଲୱେ ପକ୍ଷରୁ ଏହାର ବୋର୍ଡ ପୁନର୍ଗଠନ ଏବଂ କ୍ୟାଡର ମିଶ୍ରଣକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ରେଳ ବୋର୍ଡରେ ଏବେ ଅଧ୍ୟକ୍ଷଙ୍କ ସମେତ ୫ ସଦସ୍ୟ ରହିବେ। ଏହା ପୂର୍ବରୁ ୮ ସଦସ୍ୟ ବିଶିଷ୍ଟ ରହିଥିଲା। ସେହିଭଳି ବିଭିନ୍ନ କ୍ୟାଡର ପରିବର୍ତ୍ତେ ଏକକ ରେଳ ମ୍ୟାନେଜମେଣ୍ଟ ସିଷ୍ଟମ ପରିସରକୁ ଆଣିବା ଲାଗି ଯୋଜନା ରହିଥିବା ସୂଚନା ରହିଛି। ରେଳ ବୋର୍ଡର ଟ୍ରାଫିକ, ରୋଲିଂ ଷ୍ଟକ, ଟ୍ରାକଶନ ଆଣ୍ଡ ଇଞ୍ଜିନିୟରିଂ ସଦସ୍ୟ ପରିବର୍ତ୍ତେ ନୂଆ କରି ଗଠନ ହୋଇଥିବା ବୋର୍ଡରେ ପରିଚାଳନା, ବାଣିଜ୍ୟ ଉନ୍ନତୀକରଣ, ମାନବ ସମ୍ବଳ, ଭିତ୍ତିଭୂମି ଏବଂ ଅର୍ଥ ଭଳି କ୍ଷେତ୍ରରେ ସଦସ୍ୟ ରହିବେ। ରେଲୱେରେ ଏବେ ଗୋଟିଏ କ୍ୟାଡର ଭାରତୀୟ ରେଳ ସର୍ଭିସ କାର୍ଯ୍ୟ କରିବ। ବର୍ତ୍ତମାନ ଇଲେକ୍ଟ୍ରିକାଲ, ମେକାନିକାଲ, ଟ୍ରାଫିକ ଏବଂ ଇଞ୍ଜିନିୟରିଂ ସମେତ ବିଭିନ୍ନ ବିଭାଗରେ ବର୍ତ୍ତମାନ ୮ ସେବା ରହିଛି। ଏବେଠାରୁ ଏହା ଗୋଟିଏ କ୍ୟାଡରେ ମିଶ୍ରଣ ହୋଇଥିବା ଜଣାପଡିଛି।

**ନୂଆଦିଲ୍ଲୀ,୨୪-୧୨**

ଭାରତୀୟ ରେଲୱେ ପକ୍ଷରୁ ଚଳିତ ସପ୍ତାହରେ ଯାତ୍ରୀ ଭଡା ବଢାଇବା ନେଇ ସମ୍ଭାବନା ରହିଛି। କିଲୋମିଟର ପିଛା ଏହା ୫ରୁ ୪୦ ପଇସା ମୂଲ୍ୟ ବଢିପାରେ ବୋଲି ଏକ ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି। ଯାତ୍ରୀ ଭଡା ବୃଦ୍ଧି ପ୍ରସ୍ତାବ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟଠାରୁ ଚଳିତବର୍ଷ ନଭେମ୍ବରରେ ମଞ୍ଜୁରୀ ଲାଭ କରିଛି। ଝାଡଖଣ୍ଡ ନିର୍ବାଚନ ଯୋଗୁ ଏହା ଘୋଷଣା ହୋଇ ନ ଥିବା ରିପୋର୍ଟରେ କୁହାଯାଇଛି। ବର୍ତ୍ତମାନ ଅର୍ଥନୈତିକ ମାନ୍ଦାବସ୍ଥା ଲାଗି ରହିଥିବା ବେଳେ ରେଲୱେ ରାଜସ୍ୱ ଉପରେ ଏହାର ପ୍ରଭାବ ପଡିଛି। ଏହା ରାଜସ୍ୱ ବଢାଇବା ଲାଗି ଉଦ୍ୟମ ଜାରି ରଖିଛି। ଏବେ ସଡକ ପରିବହନ କ୍ଷେତ୍ରରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ରହିଛି। ପାସେଞ୍ଜର ସେଗ୍‌ମେଣ୍ଟରେ ଯାତ୍ରୀଭଡା ବୃଦ୍ଧି ଲାଗି ରେଲୱେ ଚିନ୍ତା କରୁଛି। ଗତ କିଛିବର୍ଷ ହେବ ରେଲୱେ ଏହାର ଯାତ୍ରୀଭଡାରେ କୌଣସି ପରିବର୍ତ୍ତନ କରିନାହିଁ।

ରେଲୱେ ରାଜସ୍ୱରେ ବୃଦ୍ଧି ଲାଗି କିଛି ଟ୍ରେନରେ ଫ୍ଲେକ୍ସି ଫେୟାର ସିଷ୍ଟମ ଏବଂ ରିଫଣ୍ଡରେ ପରିବର୍ତ୍ତନ ଆଣିଛି। ଚଳିତବର୍ଷ ସେପ୍ଟେମ୍ବରରେ ରେଲୱେର ମୋଟ୍ ରାଜସ୍ୱ ଲଗାତର ଦ୍ୱିତୀୟ ମାସ ଲାଗି ହ୍ରାସ ଘଟିଛି। ଏଥିରେ ୪.୨% ଖସି ୧୩,୧୬୯ କୋଟି ଟଙ୍କା ରହିଛି। ସେହିଭଳି ଅକ୍ଟୋବର ରାଜସ୍ୱରେ ୭.୮% ହ୍ରାସ ହୋଇଥିଲା। ଏପ୍ରିଲ-ଅକ୍ଟୋବର ସମୟରେ ରେଲୱେର ରାଜସ୍ୱ ହ୍ରାସ ୧୯,୪୧୨ କୋଟି ଟଙ୍କା ରହିଛି। ଏହି ସମୟରେ ମୋଟ ବ୍ୟୟ ୪୦୯୯ କୋଟି ଟଙ୍କା ବୃଦ୍ଧି ଘଟି ୧.୦୧ ଲକ୍ଷ କୋଟି ଟଙ୍କା ରହିଛି। ଏହି ସମୟରେ ୯୭,୨୫୬ କୋଟି ଟଙ୍କା ଖର୍ଚ୍ଚ ଲାଗି ରେଲୱେ ଯୋଜନା ରଖିଥିଲା।

# ହୋଣ୍ଡା ଟୁହ୍ୱିଲର୍ସ ବିଏସ୍-୬ ମଡେଲ ବିକ୍ରିରେ ଉନ୍ନତି



**ନୂଆଦିଲ୍ଲୀ,୨୪-୧୨**

ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଏହାର ବିଏସ୍-୬ ମଡେଲ ବିକ୍ରିରେ ବେଶ ଉନ୍ନତି ହୋଇଥିବା କମ୍ପାନୀ ସୂଚନା ଦେଇଛି। କମ୍ପାନୀ ବଜାରକୁ ଛାଡିଥିବା ନୂଆ ଆକ୍ଟିଭା ୧୨୬ ବିଏସ୍-୬ ଏବଂ ୧୨୫ ସିସି ମୋଟର ସାଇକେଲ ଏସ୍‌ପି ୧୨୫ ମଡେଲର ବିକ୍ରି ୬୦ ହଜାର ୟୁନିଟ ଟପିଛି। ରେକର୍ଡ ସମୟ ମଧ୍ୟରେ ଏହି ମଡେଲଗୁଡିକୁ କମ୍ପାନୀ ହସ୍ତାନ୍ତର କରିଛି। ସାରା ଦେଶରେ କମ୍ପାନୀର ନେଟ୍‌ୱର୍କ ଷ୍ଟୋରଗୁଡିକ ଏହି ମଡେଲଗୁଡିକୁ ଗ୍ରାହକମାନେ ଲାଭ କରିପାରିବେ। ଦେଶର ବିଭିନ୍ନ ପ୍ରାନ୍ତରେ ଏହି ମଡେଲଗୁଡିକୁ ଗ୍ରାହକଙ୍କ ପକ୍ଷରୁ ଭଲ ରେସପନ୍ସ ଲାଭ କରିଥିବା ହୋଣ୍ଡା ପକ୍ଷରୁ କୁହାଯାଇଛି। ଏବେ ବିଏସ୍-୬ ମଡେଲ ବିକ୍ରି ସମୟ ଆସିଥିବାବେଳେ ଗ୍ରାହକମାନେ ହୋଣ୍ଡା ଉପରେ ସେମାନଙ୍କ ବିଶ୍ୱାସ ଏବଂ ଭରସା ବଜାୟ ରଖିଥିବା କମ୍ପାନୀର ସେଲ୍‌ସ ମାର୍କେଟିଂ ବରିଷ୍ଠ ଉପସଭାପତି ଯଦବିନ୍ଦର ସିଂ ଗୁଲେରିଆ କହିଛନ୍ତି।

# ଦକ୍ଷିଣ ଆଫ୍ରିକାକୁ ରେନୋ ଟ୍ରାଇବର ରପ୍ତାନି

**ନୂଆଦିଲ୍ଲୀ,୨୪-୧୨**



ୟୁରୋପର ପ୍ରମୁଖ ଯାନ ନିର୍ମାତା ରେନୋ ଇଣ୍ଡିଆ ପକ୍ଷରୁ ଦକ୍ଷିଣ ଆଫ୍ରିକାକୁ ଏହାର ପ୍ରମୁଖ ଲୋକପ୍ରିୟ ମଡେଲ ଯାନ ଟ୍ରାଇବରର ରପ୍ତାନି ଆରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଆଫ୍ରିକା ଏବଂ ସାର୍କ ଦେଶଗୁଡିକୁ ଶୀଘ୍ର ଏହି ମଡେଲର ରପ୍ତାନି ସମ୍ପ୍ରସାରଣ ନେଇ କମ୍ପାନୀ ଯୋଜନା ରଖିଥିବା କହିଛି। କମ୍ପାନୀ ଏହି ଗେମ୍ ଚେଞ୍ଜର ମଡେଲର ୨୦ ହଜାର ୟୁନିଟ ଭାରତରେ ବିକ୍ରି କରିସାରିଛି। ଏହା ସହ ରେନୋ ଇଣ୍ଡିଆର ପୌନଃପୁନିକ ବିକ୍ରି ଅଭିବୃଦ୍ଧି ଗତ ୨ ମାସରେ ୭୦% ରହିଥିବା ଏହା ସୂଚନା ଦେଇଛି। ଉତ୍କୃଷ୍ଟମାନ, ଉନ୍ନତ ଭାଲ୍ୟୁ ପ୍ୟାକେଜ, ଆକର୍ଷଣୀୟ ଡିଜାଇନ, ସ୍ପେସିୟସ ଓ ମଡୁଲାର ଡିଜାଇନ ଏଥିରେ ରହିଛି। ମଡେଲଟିରେ ଗ୍ରାହକ ୩୦ରୁ ଅଧିକ ଅତ୍ୟାଧୁନିକ ଫିଚର ଲାଭ କରିପାରିବେ। ଏହା ମଧ୍ୟରେ ଇଜି ଫିକ୍ସ ସିଟ୍, ସଭ୍ ସ୍କିଡ୍ ପ୍ଲେଟସ, ଏଲ୍‌ଇଡି ଇନଷ୍ଟ୍ରୁମେଣ୍ଟ କ୍ଲଷ୍ଟର, ୨ୟ ଏବଂ ତୃତୀୟ ଧାଡିରେ ଟ୍ୱିନ ଏସି ସହିତ ଭେଣ୍ଟସ୍, ଷ୍ଟାଇଲ ଯୁକ୍ତ ହୁଇଲ୍ସ, ୧୮୨ ଏମ୍‌ଏମ୍‌ର ଗ୍ରାଉଣ୍ଡ କ୍ଲିୟରାନ୍ସ ଏବଂ ୮ ଇଞ୍ଚର ଟଚ୍ ସ୍କ୍ରିନ ମିଡିଆ ଏନ୍‌ଏଭି ଇଭୋଲ୍ୟୁଶନ ସିଷ୍ଟମ ଏଥିରେ ଗ୍ରାହକ ପାଇପାରିବେ। ଏହି ଦେଶଗୁଡିକୁ ୬୦୦ ୟୁନିଟ୍ ଟ୍ରାଇବର ମଡେଲ ରପ୍ତାନି ହୋଇଥିବା କମ୍ପାନୀର କଣ୍ଟ୍ରି ସିଇଓ ଭେଙ୍କଟରାମ ମାମିଲାପାଲ୍ଲେ କହିଛନ୍ତି।

# ପାନାସୋନିକର ଲକି ଡ୍ର ବିଜେତା ପୁରସ୍କୃତ

**ଭୁବନେଶ୍ୱର,୨୪-୧୨**



ପ୍ରମୁଖ କମ୍ପାନୀ ପାନାସୋନିକ ପକ୍ଷରୁ ପାର୍ବଣ ଅବସରରେ ଆରମ୍ଭ ହୋଇଥିବା ଡ୍ରିମ ମୋର ଆଣ୍ଡ ସେଲିବ୍ରେଟ ମୋର ଲକି ଡ୍ର ବିଜେତାଙ୍କୁ ପୁରସ୍କୃତ କରାଯାଇଛି। ସ୍ଥାନୀୟ ବରମୁଣ୍ଡାସ୍ଥିତ ପାତ୍ର ଇଲେକଟ୍ରୋନିକ୍ସ ଶୋ'ରୁମରୁ ପୂଜା ଉତ୍ସବରେ ପାନାସୋନିକ ବ୍ରାଣ୍ଡର ସାମଗ୍ରୀ କିଣିଥିବା ଗ୍ରାହକଙ୍କ ମଧ୍ୟରୁ ଭାଗ୍ୟଶାଳୀ ବିଜେତା ଚୟନ କରାଯାଇଥିଲା। ଆଇଗିଣିଆ ଶଙ୍କରପୁରର ସଦାଶିବ ନାୟକଙ୍କୁ ପାନାସୋନିକ କମ୍ପାନୀ ପକ୍ଷରୁ ଟିଭି, ଫ୍ରିଜ, ୱାଶିଂମେଶିନ, ଏସି, ମାଇକ୍ରୋୱେଭ, ଭାକ୍ୟୁମ କ୍ଲିନର, ଏୟାର ପ୍ୟୁରିଫାୟର, ଆଇରନ ଭଳି ୧୧ଟି ଗୃହଉପକରଣ ସାମଗ୍ରୀ ପ୍ରଦାନ କରାଯାଇଛି। ଏହି ଅବସରରେ ପାତ୍ର ଇଲେକଟ୍ରୋନିକ୍ସର ସ୍ୱତ୍ୱାଧିକାରୀ କୈଳାଶ ଚନ୍ଦ୍ର ପାତ୍ର, ପାନାସୋନିକ ଶାଖା ପ୍ରବନ୍ଧକ ଦୁର୍ଗେସ ଶୁକ୍ଳା, ମାର୍କେଟିଂ ପ୍ରବନ୍ଧକ ଏସ୍.କେ.ରଫୁକୁଆଲା ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।

# କେୟାରରେ ଖୋଲିଲା ଦ୍ୱିତୀୟ କ୍ୟାଥ୍ ଲ୍ୟାବ୍

**ଭୁବନେଶ୍ୱର,୨୪-୧୨**



କେୟାର ହସ୍ପିଟାଲ ପକ୍ଷରୁ ଦ୍ୱିତୀୟ ପ୍ରତିଷ୍ଠା ଦିବସ ଅବସରରେ ନୂଆ କ୍ୟାଥ୍ ଲ୍ୟାବ୍ ଆରମ୍ଭ କରାଯାଇଛି। ରୋଗୀ ସେବାକୁ ଆହୁରି ଉନ୍ନତ କରିବା ଲକ୍ଷ୍ୟରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ହସ୍ପିଟାଲ ପକ୍ଷରୁ ସୂଚନା ରହିଛି। ଏମ୍‌ଏଲ୍‌ଏ ସୁଶାନ୍ତ କୁମାର ରାଉତ ଏବଂ ହସ୍ପିଟାଲର ସିଓଓ ଗୁରିତ କୌର ସେଟ୍ଠି ଏହାକୁ ଶୁଭାରମ୍ଭ କରିଥିଲେ। ଏଠାରେ ଲୋକମାନେ ଜରୁରିକାଳୀନ ଇଣ୍ଟରଭେନସନାଲ କାର୍ଡିଓଲୋଜି ପ୍ରୋସେଜର ଯଥା- ଲିଡଲେସ ମିକ୍ରା, ପେସ୍‌ମେକର, ଆଞ୍ଜିଓଗ୍ରାମ, ଆଞ୍ଜିଓପ୍ଲାଷ୍ଟି, ଚେକ୍ ଆଞ୍ଜିଓଗ୍ରାମ, ଇପି ଆଣ୍ଡ ଆର୍‌ଏଫ୍‌ଏ, ରୋଟାବ୍ଲେଶନ ଏବଂ ପିଟିସିଏ ସାମିଲ ରହିଛି। ରୋଗୀଙ୍କୁ ନିରନ୍ତର ସେବାଯୋଗାଣ ଲାଗି ଜାତୀୟ ସ୍ତରର ପ୍ରତିଷ୍ଠିତ କାର୍ଡିଓଲୋଜିଷ୍ଟଙ୍କ ଟିମ୍ ରହିଛନ୍ତି। ଏହି ଅବସରରେ କାର୍ଡିଆକ ସାଇନ୍ସ ବିଭାଗର ନିର୍ଦ୍ଦେଶକ ଡ.ମହିନ୍ଦ୍ର ତ୍ରିପାଠୀ, କ୍ଲିନିକାଲ ଡାଇରେକ୍ଟର ଗିରିଧାରୀ ଜେନା, ସିନିୟର କାର୍ଡିଓଲୋଜିଷ୍ଟଙ୍କ ଟିମ୍, ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡ.ସ୍ମିତା ପାଢୀ ପ୍ରମୁଖ ଉପସ୍ଥିତ ଥିଲେ।


**DISTRICT OFFICE : SUBARNAPUR**
(SOCIAL WELFARE SECTION)
ମିଶନ ଶକ୍ତି

Notice No.3113 /Mission Shakti Date: 23.12.2019

**Expression of Interest**

Invitation of application from WSHGs/Federations for Mid-day-Meal in Govt. Schools and Electricity billing & collection of electricity charges. The details of Expression of interest including application form may be referred from the district Website - subarnapur.nic.in from Dt- 23.12.2019 to Dt-10.01.2020. The application completed in all respect shall be deposited in the office of concerned ICDS Project office of Subarnapur district on or before 10th January, 2020 by 5.00 P.M. personally.

Sd./- District Social Welfare Officer
Subarnapur



**ଭୁବନେଶ୍ୱର ମହାନଗର ନିଗମ**

ସଂଖ୍ୟା .୩୬୭୦୦ ତା. ୨୪.୧୨.୨୦୧୯

**ବିଜ୍ଞପ୍ତି**

ଏତଦ୍ୱାରା ଭୁବନେଶ୍ୱର ମହାନଗର ନିଗମାଂଚଳର ସମସ୍ତ କଲ୍ୟାଣ ମଣ୍ଡପ /ବିବାହ ମଣ୍ଡପ ଇତ୍ୟାଦି ଅନୁଷ୍ଠାନର ମାଲିକମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି ମହାନଗର ନିଗମର ସୀମା ଭିତରେ କେତେଗୁଡିଏ କଲ୍ୟାଣ ମଣ୍ଡପ ଓ ବିବାହ ମଣ୍ଡପ ବିନା ଅନୁମତିରେ ଓ ବିବିଧ ତ୍ରୁଟିଥାଇ ବେଆଇନଭାବେ ଚାଲୁଅଛି ।

ବିଏମ୍‌ସି ଦ୍ୱାରା ହୋଇଥିବା କ୍ଷେତ୍ର ପରିଦର୍ଶନ ବିବରଣୀ ଅନୁଯାୟୀ ବର୍ତ୍ତମାନ ପର୍ଯ୍ୟନ୍ତ **୯୪ଟି** କଲ୍ୟାଣ ମଣ୍ଡପରେ ବିଭିନ୍ନ ଅନିୟମିତତା ଥିବା ଜଣା ପଡିଛି ଯାହାର ସଂଖ୍ୟା ଭବିଷ୍ୟତରେ ଅଧିକ ହୋଇପାରେ । ତେଣୁ ଉକ୍ତ ଅନୁଷ୍ଠାନର ମାଲିକମାନଙ୍କୁ ଜଣାଇ ଦିଆଯାଉଅଛିକି ସେମାନେ ଆସନ୍ତା **୩୧ ଜାନୁଆରୀ ୨୦୨୦** ସୁଦ୍ଧା ସରକାରୀ ନିୟମ ମୁତାବକ ସମସ୍ତ ପ୍ରକାର ଅନୁମୋଦନ ନେଇ କର୍ତ୍ତୃପକ୍ଷଙ୍କୁ ଜଣାଇବେ । ଉକ୍ତ ସମୟସୀମା ମଧ୍ୟରେ ଯେଉଁ କଲ୍ୟାଣ ମଣ୍ଡପ /ବିବାହ ମଣ୍ଡପ ଇତ୍ୟାଦି ଏହାର ଅନୁପାଳନ କରିପାରିବେନାହିଁ ଆଇନ ଅନୁଯାୟୀ ତାହାଉପରେ ଭୁବନେଶ୍ୱର ମହାନଗର ନିଗମ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।

ଉକ୍ତ **୯୪ଗୋଟି** ଖିଲାପୀ କଲ୍ୟାଣ ମଣ୍ଡପ ଓ ବିବାହ ମଣ୍ଡପର ତାଲିକା ବିଏମ୍‌ସି ୱେବ୍ ସାଇଟ୍ **www.bmc.gov.in** ରେ ଉପଲବ୍ଧ ଅଟେ ।

**୩୧.୦୧.୨୦୨୦** ପରେ, ଯଦି କୌଣସି ବ୍ୟକ୍ତି କଲ୍ୟାଣ ମଣ୍ଡପ /ବିବାହ ମଣ୍ଡପ ଇତ୍ୟାଦି ବୁକିଂ କରନ୍ତି, ତେବେ ସଂପୃକ୍ତ ମଣ୍ଡପଗୁଡିକର ଆଇନ୍‌ଗତ ପ୍ରମାଣପତ୍ର ଭଲଭାବେ ଦେଖିନିଅନ୍ତୁ । ନଚେତ୍, ଉପଭୋକ୍ତା ମାନଙ୍କର କୌଣସି ଅସୁବିଧାପାଇଁ ବିଏମ୍‌ସି କର୍ତ୍ତୃପକ୍ଷ ଦାୟୀ ରହିବେନାହିଁ ।

କମିଶନର
ଭୁବନେଶ୍ୱର ମହାନଗର ନିଗମ

ଭାଗିଦାରୀ ମାଧ୍ୟମରେ ପ୍ରଗତି- ଏକ ସୁନ୍ଦର ଭୁବନେଶ୍ୱର ପାଇଁ



**BHUBANESWAR MUNICIPAL CORPORATION**

**No.36568 COMPETITIVE BIDDING THROUGH e-Procurement Dt.23/12/19**

**NOTICE INVITING TENDER**
**Bid Reference No. BMC-DD-CE-04/2019-20**

On behalf of the Commissioner, Bhubaneswar Municipal Corporation (BMC), City Engineer, Bhubaneswar Municipal Corporation invites **Percentage Rate Bids for the work mentioned in the DTCN** through **e-Procurement** in conformity with the terms and conditions of this Advertisement and the Detailed Tender Call Notice (DTCN) in Two Bid system (Part-I: General & Technical Bid and Part-II: Financial Bid / Price Bid / BOQ) from intending bidders fulfilling the eligibility criteria mentioned in this Notice and other qualifying requirements mentioned in this DTCN. **Bidders are also required to be registered with Odisha State Government in the class specified in the DTCN or else the successful bidder shall get themselves registered with Govt. of Odisha (If not registered) in appropriate class in line with the requirement of DTCN before signing of agreement.** Agreement is to be drawn up by BMC with the successful/selected bidder in the prescribed contract form of BMC (attached to the DTCN). Each bid should be submitted on-line through the website ***www.tendersodisha.gov.in*** by eligible bidders. The bidders should have necessary Portal Enrolment (Digital Signature Certificate) under e-procurement Process of Govt. of Odisha in required class/category. For queries, if any on this DTCN, intending bidders may contact Executive Engineer , Drainage Division, Bhubaneswar Municipal Corporation.

1. Total No. of works for which Tenders invited: **01 No.**
2. Place of Execution : Different locations in Bhubaneswar Municipal Corporation area.
3. Estimated Cost of Individual Work : **Rs. 2,99,88,393/-** and Class of Contractor – **'B' to 'A'** as indicated against each work mentioned in the tender call. The contractors having appropriate class or one higher up class can participate.
4. Intending bidders have to participate through **"On-Line"** bidding only. The website for online bidding is ***https://www.tendersodisha.gov.in***.
5. The bid documents will be available in the above website from **05.00 P.M on Dt. 27.12.2019 to 5 P.M on Dt. 17.01.2020** for online bidding.
6. Last date & time of bidding on-line : 17.01.2020 5pm.
7. The Bidder shall transfer online required E.M.D. / Bid security amount specified for the works in the table above as part of its bid through process as mentioned in the DTCN.
8. Bids received online will be opened at **11 .00 A.M on Dt. 18.01.2020.**
9. The bidder must possess valid and Compatible Digital Signature Certificate (DSC).
10. The successful bidders bidding @ less than the estimated cost has to furnish A.P.S (Additional Performance Security) as per OPWD Code amendment to Para-3.5.5(V) failing which the bid shall not be considered.
11. The DTCN of works shall be available in the e-procurement portal *https://www.tendersodisha.gov.in* for on-line bidding.
12. Subsequent reserves corrigendum, if required, shall appear in these websites.
13. Authority reserves the right to reject any or all the tenders without assigning any reasons thereof subject to the limitations prescribed by Central Vigilance Commission.

**By Order of Commissioner, BMC**
**City Engineer**
**Bhubaneswar Municipal Corporation**

**Progress Through Partnership for a Better Bhubaneswar**



**Government of Odisha**
GOVT. OF ODISHA
**INTERGRATED TRIBAL DEVELOPMENT AGENCY, KEONJHAR**
**TENDER CALL NOTICE No.ITDAK-01/2019-20**

**No.4852** **Dt.21.12.2019**

**e-mail : itdakeonjhar@gmail.com**

| | | | |
|---|---|---|---|
| 1. | No. of the work | : | 39 Nos. of work |
| 2. | Estimated Cost | : | From Rs.0.50 Lakhs to Rs.5.00 Lakhs |
| 3. | Period of completion | : | 01 (One) to 3 (three) Calendar Months |
| 4. | Date and Time for sale of Bid document | : | From 11.00 hr. 30.12.2019 to 17.30 Hr. of 06.01.2020 |
| 5. | Last date / time for receipt of bids documents | : | 17.30 Hr. of 06.01.2020. |
| 6. | Date of opening of Bid documents | : | 11.30 Hr. of 07.01.2020. |
| 7. | Name and address of the officer inviting Bid | : | Project Administrator, ITDA, Keonjhar |

Further details can be seen from the District portal **"www.kendujhar.nic.in"**

**Sd./- N. Murmu**
**Project Administrator**
**ITDA, Keonjhar**



**ODISHA STATE CIVIL SUPPLIES CORPORATION LTD., BARGARH**

**TENDER CALL NOTICE**
**Notice No. 9315/Dt. 21.12.19**

CSO-cum-District Manager, OSCSC Ltd., Bargarh invites sealed tenders from reputed Travel Agencies/ Tour operation or private individual for providing 2(two) Nos. of AC vehicle Bolero/Sumo Gold/ Scorpio diesel vehicles with a mileage 10 KMs. per litre @ Rs. 31,000/- hire rent per month which shall confirm to the terms and conditions. The vehicle shall be utilized for official use & supervision of Paddy procurement operation as per instruction of CSO-cum-District Manager, OSCSC Ltd., Bargarh.

The Tender paper shall be reached before the office of undersigned by speed post/Regd. post/ Courier on or before 30th Dec' 2019 by 2.00 PM.

The non-refundable cost of Tender application is Rs. 100/- (Rupees One Hundred) only to be deposited with the undersigned in shape of Demand Draft in favour of "District Manager, OSCSC Ltd., Bargarh" payable at Bargarh.

**Address for submission of Tender paper**
District Manager, OSCSC Ltd., Bararh
Near-Gurudwara, At/Po- Bargarh, Dist-Bargarh
The detail tender guideline is available in this office/District website.

| PROGRAMME OF TENDER SELECTION | DATE & TIME |
|---|---|
| Date of Advertisement | 21.12.19 |
| Sale of tender paper | 21.12.19 to 30.12.19 upto 2.00 PM |
| Receipt of Tender Application | 30.12.2019 at 4.00 PM |
| Opening and finalization of tender | 31.12.2019 at 11.00 AM |

**Sd./-**
**CSO-cum-District Manager,**
**OSCSC Ltd., Bargarh**



"ଆଇପିଏଲ୍‌ରେ ଅଷ୍ଟ୍ରେଲୀୟ ଉଇକେଟକିପର ଆଲେକ୍ସ କାରେ ଦିଲ୍ଲୀ କ୍ୟାପିଟାଲ୍ସକୁ ମ୍ୟାଚ ଜିତାଇବାରେ ସହାୟକ ହେବେ ।
–ରିକି ପଣ୍ଟିଂ, ଦିଲ୍ଲୀ କ୍ୟାପିଟାଲ୍ସ ମୁଖ୍ୟ କୋଚ୍

"ଇଞ୍ଜୁରି ଯୋଗୁ ହୁଏତ କିଛି ସମୟ ପାଇଁ ମୁଁ କ୍ରିକେଟରୁ ନିଜକୁ ଦୂରେଇ ରଖିଥାଇପାରେ, ହେଲେ ବ୍ୟାଟିଂ ଟେକ୍‌ନିକ୍ ଭୁଲି ନାହିଁ ।
–ଶିଖର ଧାୱନ, ଭାରତୀୟ ବ୍ୟାଟ୍ସମ୍ୟାନ



## ସଂକ୍ଷେପରେ

### ମହାବୀର କପ୍ ଫୁଟ୍‌ବଲ
## ଓଡ଼ିଶା ପୋଲିସ ସେମିରେ

**ଖୋର୍ଦ୍ଧା ଅଫିସ/ଟାଙ୍ଗୀ, ୨୪।୧୨ (ଡି.ଏନ୍.ଏ.):** ମହାବୀର ଆଥଲେଟିକ୍ ଆସୋସିଏଶନ୍ ଆନୁକୂଲ୍ୟରେ ଖୋର୍ଦ୍ଧା ଜିଲାର ଟାଙ୍ଗୀ ବ୍ଲକ ଅନ୍ତର୍ଗତ କୁହୁଡି ଜନତା ଷ୍ଟାଡିୟମରେ ଚାଲିଥିବା ୬୦ତମ ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଓଡ଼ିଶା ପୋଲିସ ସେମିଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଟୁର୍ନାମେଣ୍ଟର ୫ମ ଦିବସରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚରେ ଓଡ଼ିଶା ପୋଲିସ ୧-୦ ଗୋଲରେ ନାଲ୍‌କୋ ଇଣ୍ଡିଆକୁ ପରାସ୍ତ କରିଛି। ଦୁର୍ଗା ଆଚାର୍ଯ୍ୟ ଖେଳ ପରିଚାଳନା କରିଥିବାବେଳେ ତାଙ୍କ ଲାଇନ୍‌ରେ ସୁବ୍ରତ କୁମାର ପୁରୋହିତ ଓ ରମଣୀ ମାଝି ସହାୟତା କରିଥିଲେ। ମୁଖ୍ୟଅତିଥି ରୂପେ ଖୋର୍ଦ୍ଧା ଏସ୍‌ପି ଅଜେୟ ପ୍ରତାପ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ସେନା ଅଧିକାରୀ ବିଜୟ କୁମାର ପ୍ରଧାନ, ଡିଏସ୍‌ପି କେନ୍ଦ୍ରାପଡା ସୁଶାନ୍ତ କୁମାର ସେନ୍ ଯୋଗ ଦେଇଥିଲେ। ବେଷ୍ଟ ପ୍ଲେୟାର ଭାବେ ଓଡ଼ିଶା ପୋଲିସର ଭୋଳା ଶଙ୍କର ମାଝିଙ୍କୁ ଓ ନାଲ୍‌କୋ ଇଣ୍ଡିଆର ରସୁଲି ଓଦାଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା।

## କଟକ ଜିଲା ଚେସ୍ ଚାମ୍ପିୟନଶିପ ୨୮ରୁ

**କଟକ ଅଫିସ,୨୪।୧୨:** ଡିସେମ୍ବର ୨୮ରୁ କଟକ ରେଳ ଷ୍ଟେଶନ ନିକଟସ୍ଥ ପୂର୍ବତଟ ରେଳପଥ ପ୍ରତିଷ୍ଠାନର ଶୀତତାପ ନିୟନ୍ତ୍ରିତ କକ୍ଷରେ କଟକ ଜିଲା ଚେସ୍ ଚାମ୍ପିୟନଶିପ ଅନୁଷ୍ଠିତ ହେବ । ଦୁଇଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଉକ୍ତ ପ୍ରତିଯୋଗିତା ଉଭୟ ବରିଷ୍ଠ ଏବଂ କନିଷ୍ଠ ବର୍ଗରେ ଖେଳାଯିବ । କନିଷ୍ଠ ବର୍ଗରେ କେବଳ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢୁଥିବା ବିଦ୍ୟାଳୟ ଛାତ୍ରୀଛାତ୍ର ଅଂଶଗ୍ରହଣ କରିପାରିବେ । ବରିଷ୍ଠ ବର୍ଗ ପାଇଁ ୩୦୦ ଟଙ୍କା ଏବଂ କନିଷ୍ଠ ବର୍ଗ ପାଇଁ ୨୦୦ ଟଙ୍କା ପ୍ରବେଶିକା ଦେୟ ଧାର୍ଯ୍ୟ କରାଯାଇଛି। ପ୍ରତିଯୋଗିତାରେ ମୋଟ ୪୯ଟି ଟ୍ରଫି ସହ ନଗଦ ୨୫ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ । ଉଭୟ ବର୍ଗର ଶ୍ରେଷ୍ଠ୧୦ଟି ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ସହ ୨୫ହଜାର ନଗଦ ଅର୍ଥ ପୁରସ୍କାର ପ୍ରଦାନ କରାଯିବ । ଏହା ବ୍ୟତୀତ ୬, ୭, ୮, ୯, ୧୦, ୧୧ ବର୍ଷରୁ କମ୍ ବୟସ ବର୍ଗରେ ଉଭୟ ବାଳକ ଓ ବାଳିକାଙ୍କ ସମେତ ଶ୍ରେଷ୍ଠ ବୟସ୍କ (ଭେଟେରାନ), ମହିଳା ଏବଂ ଦିବ୍ୟାଙ୍ଗ ଖେଳାଳିଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯିବ । ପ୍ରତିଯୋଗିତା ଆରମ୍ଭ ଦିନ ସକାଳ ୮ଟା ୩୦ ସୁଦ୍ଧା ଆଗ୍ରହୀ ପ୍ରତିଯୋଗୀ ପୂର୍ବତଟ ରେଳପଥ ପ୍ରତିଷ୍ଠାନ ପରିସରରେ ପ୍ରବେଶିକା ଦେୟ ସହ ଜନ୍ମ ପ୍ରମାଣପତ୍ର ଦାଖଲ କରି ନାମ ପଞ୍ଜୀକରଣ କରି ପାରିବେ। ଅଧିକ ବିବରଣୀ ନିମନ୍ତେ ସମ୍ପାଦକ ରଞ୍ଜନ ମହାନ୍ତି ଏବଂ ସତ୍ୟରଞ୍ଜନ ପଟ୍ଟନାୟକଙ୍କ ସହ ଯୋଗାଯୋଗ କରିବା ପାଇଁ କଟକ ଜିଲା ଚେସ୍ ସଂଘ ତରଫରୁ ସୂଚନା ଦିଆଯାଇଛି ।

# ହ୍ୟାଟ୍ରିକ ବିଜୟ ଲକ୍ଷ୍ୟରେ ଓଡ଼ିଶା

- ଆଜି ଡ୍ରିମ୍ସରେ ଉତ୍ତରାଖଣ୍ଡକୁ ଭେଟିବ
- ଅନୁରାଗ ବାଦ୍, ରଣଜିତଙ୍କୁ ଡାକରା

**କଟକ ଅଫିସ,୨୪।୧୨**

ଚଳିତ ରଣ୍‌ଜୀ ସଂସ୍କରଣର ପ୍ରଥମ ଦୁଇଟି ମ୍ୟାଚ୍‌ରେ ଇନିଂସ ବିଜୟ ହାସଲ କରିଥିବା ଓଡ଼ିଶା ଦଳ ବୁଧବାରଠାରୁ ଉତ୍ତରାଖଣ୍ଡ ବିପକ୍ଷରେ ତୃତୀୟ ମ୍ୟାଚ୍ ଖେଳିବ। ଡ୍ରିମ୍ସ ଗ୍ରାଉଣ୍ଡରେ ହେବାକୁ ଥିବା ଏହି ମ୍ୟାଚ୍‌କୁ ଜିତି ହ୍ୟାଟ୍ରିକ ବିଜୟର ଲକ୍ଷ୍ୟ ରଖିଛି ଟିମ୍ ଓଡ଼ିଶା। ୧୪ ପଏଣ୍ଟ ପାଇ ଓଡ଼ିଶା ଏଲିଟ୍ ଗ୍ରୁପ-ସି ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ଅଛି। ଅନ୍ୟପକ୍ଷରେ ପୂର୍ବ ଦୁଇଟି ଯାକ ମ୍ୟାଚ୍‌ରେ ପରାସ୍ତ ହୋଇ ଉନ୍ମୁକ୍ତ ଚାନ୍ଦଙ୍କ ନେତୃତ୍ୱାଧୀନ ଉତ୍ତରାଖଣ୍ଡ ପଏଣ୍ଟ ଟେବୁଲର ୯ମ ସ୍ଥାନରେ ରହିଛି ।

ଶୁଭ୍ରାଂଶୁ ସେନାପତିଙ୍କ ନେତୃତ୍ୱାଧୀନ ଓଡ଼ିଶା ଚଳିତ ସଂସ୍କରଣର ପ୍ରଥମ ମ୍ୟାଚ୍‌ରେ ଇନିଂସ ଓ ୩ରନରେ ଛତିଶଗଡ଼କୁ, ଦ୍ୱିତୀୟ ମ୍ୟାଚ୍‌ରେ ଇନିଂସ ଓ ୩୧ରନରେ ସର୍ଭିସେସକୁ ହରାଇଛି। ଦୁଇଟି ଦମ୍‌ଦାର ବିଜୟ ସହ ଓଡ଼ିଶା ଦଳର ମନୋବଳ ଦୃଢ଼ ରହିଛି। ଦୁଇଟି ଯାକ ମ୍ୟାଚ୍‌ରେ ଓଡ଼ିଶାର ପେସ୍ ବୋଲିଂ ଆଟାକ୍ ଚମତ୍କାର ରହିଥିଲା। ବିପକ୍ଷ ଦଳର ବ୍ୟାଟିଂ ଦୁର୍ଗ ଓଡ଼ିଶାର ପେସ୍ ବୋଲରମାନେ ହିଁ ଭାଙ୍ଗିଛନ୍ତି । ବୁଧବାରଠାରୁ ଆରମ୍ଭ ହେବାକୁ ଥିବା ଉତ୍ତରାଖଣ୍ଡ ବିପକ୍ଷ ମ୍ୟାଚ୍‌ରେ ମଧ ପେସ ବୋଲରଙ୍କ ଉପରେ ଓଡ଼ିଶା ଭରସା କରିବ ବୋଲି ଜଣାପଡ଼ିଛି। ଏହି ପିଚ୍ ପେସ୍ ବୋଲରଙ୍କୁ ଅଧିକ ମାତ୍ରାରେ ସୁହାଇବ। ଏଣୁ ସ୍ପିନରଙ୍କ ତୁଳନାରେ ଦଳରେ ରହିବେ ଅଧିକ ପେସ୍ ବୋଲର। ଅଭ୍ୟାସ ସମୟରେ ପାଦରେ ଆଘାତ ଲାଗିବା ଯୋଗୁଁ ଅନୁରାଗ ଷଡ଼ଙ୍ଗୀଙ୍କୁ ଦଳରୁ ବାଦ୍ ଦିଆଯାଇଛି। ତାଙ୍କ ସ୍ଥାନରେ ରଣଜିତ ସିଂଙ୍କୁ ୧୫ଜଣିଆ ଦଳରେ ସାମିଲ କରାଯାଇଛି। ୧୫ଟି ପ୍ରଥମଶ୍ରେଣୀ କ୍ରିକେଟ ମ୍ୟାଚ୍ ଖେଳି ସାରିଥିବା ଡାହାଣହାତୀ ବ୍ୟାଟ୍ସମ୍ୟାନ ରଣଜିତ ୫୯୪ରନ କରିଛନ୍ତି। ଏହା ମଧ୍ୟରେ ୨ଟି ଶତକୀୟ ଇନିଂସ ରହିଛି। ଗତ ୨୦୧୮ରେ ରଣଜୀ ଖେଳିବାର ଯୋଗ୍ୟତା ହାସଲ କରିଥିବା ଉତ୍ତରାଖଣ୍ଡ ପ୍ରଥମଥର ନିମନ୍ତେ ଓଡ଼ିଶା ବିପକ୍ଷରେ ମ୍ୟାଚ୍ ଖେଳିବାକୁ ଯାଉଛି।



ରଣଜିତ ସିଂ

### ଓଡ଼ିଶା ରଣ୍‌ଜୀ ଟ୍ରଫି ଦଳ

ଶୁଭ୍ରାଂଶୁ ସେନାପତି (ଅଧିନାୟକ), ବିପ୍ଳବ ସାମନ୍ତରାୟ (ଉପଅଧିନାୟକ), ଗୋବିନ୍ଦ ପୋଦ୍ଦାର, ଦେବାଶିଷ ସାମନ୍ତରାୟ, ରଣଜିତ ସିଂ, ଅଭିଷେକ ରାଉତ, ଶାନ୍ତନୁ ମିଶ୍ର, ବସନ୍ତ ମହାନ୍ତି, ସୂର୍ଯ୍ୟକାନ୍ତ ପ୍ରଧାନ, ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ସୁଜିତ ଲେଙ୍କା(ଉଇକେଟ କିପର), ରାଜେଶ ଧୂପର(ଉଇକେଟ କିପର), ଅଙ୍କିତ ଯାଦବ, ପପୁ ରାୟ। ରଶ୍ମୀ ରଞ୍ଜନ ପରିଡ଼ା-କୋଚ୍, ଶୁଭକାନ୍ତ ସାହୁ-ଫିଜିଓ, ମନୋଜ କୁମାର ବିଶ୍ୱାଳ-ଟ୍ରେନର ।

### ଓଡ଼ିଶାକୁ ଓପନିଂ ଚିନ୍ତା

ପ୍ରଥମ ମ୍ୟାଚ୍‌ରେ ହାତରେ ଆଘାତ ପାଇ ଦଳରୁ ବାଦ୍ ପଡ଼ିଥିଲେ ଓପନର ସନ୍ଦୀପ ପଟ୍ଟନାୟକ। ୧୬ଜଣିଆ ଦଳ ଘୋଷଣା ହୋଇଥିବାରୁ ତାଙ୍କ ସ୍ଥାନରେ କୌଣସି ଖେଳାଳିଙ୍କୁ ନିଆଯାଇ ନଥିଲା। ଶାନ୍ତନୁ ମିଶ୍ର ଅନୁରାଗଙ୍କ ସହ ଓପନିଂକୁ ଓହ୍ଲାଇଥିଲେ। ଏବେ ଅନ୍ୟତମ ଓପନର ଅନୁରାଗ ଆହତ ହୋଇ ଦଳରୁ ବାଦ୍ ପଡ଼ିଛନ୍ତି। ଫଳରେ ଉତ୍ତରାଖଣ୍ଡ ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶା ପାଇଁ ଓପନିଂ ଚିନ୍ତା ରହିଛି। ରଣଜିତଙ୍କୁ ହଠାତ୍ ଡାକରା ଯାଇଥିବାରୁ ସେ ଏବେ ରାଉରକେଲାରୁ କଟକ ଆସୁଥିବା ଜଣାପଡ଼ିଛି। ଏଣୁ ତାଙ୍କୁ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ମିଳିବା ନେଇ ସ୍ପଷ୍ଟ ସୂଚନା ମିଳି ପାରିନାହିଁ। ଶାନ୍ତନୁଙ୍କ ସହ କିଏ ଓପନିଂକୁ ଓହ୍ଲାଇବ ତାହା ଦଳ ପାଇଁ କଠିନ ନିଷ୍ପତ୍ତି ହୋଇଛି। ପୂର୍ବତନ ଅଧିନାୟକ ଗୋବିନ୍ଦ ପୋଦ୍ଦାର କିମ୍ବା ଉଇକେଟ କିପର ରାଜେଶ ଧୂପର ଓପନିଂ କରି ପାରନ୍ତି ବୋଲି ଆଶା କରାଯାଉଛି।

## ପୁତ୍ର ସନ୍ତାନ ଲାଭ କଲେ ଗୀତା-ପବନ

**ନୂଆଦିଲ୍ଲୀ, ୨୪।୧୨:** ଅଭିଜ୍ଞ ମହିଳା ରେସଲର ଗୀତା ଫୋଗତ ମା' ହେବାର ସୌଭାଗ୍ୟ ଲାଭ କରିଛନ୍ତି। ମଙ୍ଗଳବାର ସେ ଓ ତାଙ୍କ ସ୍ୱାମୀ ରେସଲର ପବନ କୁମାର ପୁତ୍ର ସନ୍ତାନ ଲାଭ କରିଛନ୍ତି। ୨୦୧୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ବିଜୟିନୀ ଗୀତା ଏନେଇ ଟୁଇଟରରେ ଏକ ଫଟୋ ପୋଷ୍ଟ କରିଛନ୍ତି। ଏଥିରେ ପତି, ପୁଅ ସମେତ ଗୀତାଙ୍କୁ ଦେଖିବାକୁ ମିଳିଛି। ପୂର୍ବତନ ପହିଲବାନ ମହାବୀର ସିଂ ଫୋଗତଙ୍କ ବଡ଼ ଝିଅ ଗୀତା ୩ ବର୍ଷ ତଳେ ରେସଲର ପବନ କୁମାରଙ୍କୁ ବିବାହ କରିଥିଲେ। ଗୀତା ମଧ ୨୦୦୯ରେ ଜଳନ୍ଧର ଓ ୨୦୧୧ରେ ମେଲବୋର୍ନରେ ଅନୁଷ୍ଠିତ କମନୱେଲ୍‌ଥ ଚାମ୍ପିୟନଶିପ୍‌ରେ ମଧ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏଥିସହିତ ସେ ଏକାଧିକ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ରୌପ୍ୟ ଓ ବ୍ରୋଞ୍ଜ ପଦକ ମଧ ହାସଲ କରିଥିଲେ। ଉଲ୍ଲେଖଥାଉ କି, ଗୀତା ଓ ତାଙ୍କ ସାନ ଭଉଣୀ ବବିତା ଫୋଗତଙ୍କୁ ନେଇ ବଲିଉଡ ସିନେମା 'ଦଙ୍ଗଲ' ନିର୍ମାଣ କରାଯାଇଥିଲା ଓ ଏହା ସୁପର ହିଟ୍ ହୋଇଥିଲା। ସୁପରଷ୍ଟାର ଅମୀର ଖାଁ ଏହି ଦୁଇ ଭଉଣୀଙ୍କ ପିତାଙ୍କ ଭୂମିକାରେ ଅଭିନୟ କରିଥିଲେ।

### ସର୍ବଭାରତୀୟ ଚରମ୍ପା କପ୍ ଉଦ୍‌ଘାଟିତ
## ଚରମ୍ପା ଏକାଡେମୀ ବିଜୟୀ



ଅତିଥି ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି ।

**ଭଦ୍ରକ ଅଫିସ,୨୪।୧୨**

ଚରମ୍ପା ଆର୍‌ସିବିଏଲ୍ ହାଇସ୍କୁଲ ପଡ଼ିଆରେ ସର୍ବ ଭାରତୀୟ ଚରମ୍ପା କପ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଯାଜପୁରର ଏମ୍‌ସିସିକୁ ହରାଇ ଚରମ୍ପା ଏକାଡେମୀ ବିଜୟୀ ହୋଇଛି। ଯାଜପୁର ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୯୦ ରନ କରିଥିଲା । ୧୯୧ ରନକୁ ପିଛା କରି ଚରମ୍ପା ଏକାଡେମୀ ଦଳ ୧୭ ଓଭରରେ ୫ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ୟୁନାଇଟେଡ଼ କ୍ଲବର ପୂର୍ବତନ କ୍ରୀଡାବିତ୍ ଶରତ ଚନ୍ଦ୍ର ପୁହାଣ ବିଜୟୀ ଦଳକୁ ପୁରସ୍କୃତ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଏମପି ମଞ୍ଜୁଲତା ମଣ୍ଡଳ, ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜଗନ୍ନାଥ ସ୍ୱାଇଁ, ପ୍ରୟାସକାନ୍ତି ସାମଲ, ଅଶୋକ ମହାନ୍ତି, ପ୍ରଫୁଲ୍ଲ ନାୟକ, ତଥାଗତ ସାମଲ, ରଜତ ନାୟକ, ମଳୟ ଜେନା, ପୂର୍ବତନ ବିଧାୟକ ନରେନ ପଲେଇ, ବ୍ରଜ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଲଲାଟ କେଶରୀ ନନ୍ଦ ଏବଂ ରଞ୍ଜନ ମହାନ୍ତି ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିଲେ। କମିଟି ତରଫରୁ ମଦନ ମୋହନ ମହାନ୍ତି, ରଜତ ନାୟକ, ତପନ ମଲ୍ଲିକ, ଜିତେନ୍ଦ୍ର ପଡିହାରୀ, ବିଭୁତି ପଲାଇ, ନୁର ମହମ୍ମଦ ଖାଁ ମ୍ୟାଚ୍ ପରିଚାଳନା କରିଥିଲେ।

**ଜାତୀୟ ଶୁଟିଂ ଚାମ୍ପିୟନଶିପ୍**
## ମନୁ, ଅନିସ୍‌ଙ୍କ ଦମ୍‌ଦାର ପ୍ରଦର୍ଶନ

**ଭୋପାଳ,୨୪।୧୨(ପି.ଟି.):** ଏଠାରେ ଚାଲିଥିବା ଜାତୀୟ ଶୁଟିଂ ଚାମ୍ପିୟନଶିପ୍‌ରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ ମନୁ ଭାକର ଓ ଅନିସ୍ ଭାନୱାଲା ଦମ୍‌ଦାର ପ୍ରଦର୍ଶନ କରି ସିନିୟର ଓ ଜୁନିୟର ବିଭାଗ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଭାକର ମହିଳା ୧୦ ମିଟର ଏୟାର ପିସ୍ତଲ ଓ ଅନିସ୍ ପୁରୁଷ ୨୫ମିଟର ରାପିଡ୍ ଫାୟାର ପିସ୍ତଲ ଇଭେଣ୍ଟରେ ଜୁନିୟର ଓ ସିନିୟର ବର୍ଗରେ ସ୍ୱର୍ଣ୍ଣ ଜିତିଛନ୍ତି। ହରିୟାଣା ତରଫରୁ ପ୍ରତିନିଧିତ୍ୱ କରୁଥିବା ୧୭ ବର୍ଷୀୟା ଭାକର ମଙ୍ଗଳବାର ସିନିୟର ଓ ଜୁନିୟରସ୍ତରରେ ବ୍ୟକ୍ତିଗତ ଓ ଟିମ୍ ଇଭେଣ୍ଟରେ ୪ଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ହରିୟାଣାର ଅନ୍ୟତମ ପୁରୁଷ ଖେଳାଳି ୧୭ ବର୍ଷୀୟ ଅନିସ୍ ମଧ ଜୁନିୟର ଓ ସିନିୟରସ୍ତରରେ ବ୍ୟକ୍ତିଗତ ଓ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଭାକର ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ କୋଟା ପ୍ଲେସ୍ ହାସଲ କରିଛନ୍ତି। ମନୁଙ୍କ ସମେତ ଭାରତକୁ ଶୁଟିଂରେ ୧୫ଟି ଅଲିମ୍ପିକ୍ସ କୋଟା ପ୍ଲେସ୍ ମିଳିଛି। କ୍ୱାଲିଫିକେଶନ ରାଉଣ୍ଡରେ ଭାକର ୫୮୮ ଶୁଟ୍ କରି ଶୀର୍ଷରେ ରହିବା ସହ ସାଉଥ ଏସିଆନ ଗେମ୍ସରେ ଅନୁ ରାଜ ସିଂ ହାସଲ କରିଥିବା ରେକର୍ଡର ସମକକ୍ଷ ହୋଇଛନ୍ତି। ଏହାପରେ ସେ ୮ଜଣ ମହିଳା ପ୍ରତିଯୋଗୀଙ୍କୁ ନେଇ ଅନୁଷ୍ଠିତ ଫାଇନାଲ୍‌ରେ ୨୪୩ ଶୁଟ୍ କରି ଚାମ୍ପିୟନ ହୋଇଥିଲେ।

# ଜାତୀୟ ଉଷୁରେ ଭାଗନେବ ଓଡ଼ିଶା




ଜାତୀୟ ପ୍ରତିଯୋଗିତା ପାଇଁ ମନୋନୀତ ଓଡ଼ିଶା ଉଷୁ ଦଳ।

**ଭୁବନେଶ୍ୱର, ୨୪।୧୨ (ସ୍ପୋର୍ଟ୍ସ ବ୍ୟୁରୋ)**

ଜମ୍ମୁସ୍ଥିତ ମୌଲାନ ଆଜାଦ୍ ଷ୍ଟାଡିୟମଠାରେ ଡିସେମ୍ବର ୨୬ରୁ ଜାତୀୟ ଉଷୁ ପ୍ରତିଯୋଗିତାର ୨୮ତମ ସଂସ୍କରଣ ଖେଳାଯିବ। ଏହି ସାମରିକ କଳାର ଖେଳରେ ତୌଲୁ (ବେୟାର ହ୍ୟାଣ୍ଡ ଓ ୱିପନ୍ସ) ଏବଂ ସାନ୍‌ସୋଇ (ଫାଇଟ୍)ରେ ଓଡ଼ିଶାରୁ ୧୮ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଯେଉଁଥିରେ ୬ ମହିଳା ଓ ୧୨ ପୁରୁଷ ପ୍ରତିଯୋଗୀ ରହିଛନ୍ତି। ପଙ୍କଜ କୁମାର ମହାନ୍ତି ପ୍ରଶିକ୍ଷକ ଓ ବୀରେନ କୁମାର ଭୂତିଆ ମ୍ୟାନେଜର ଭାବେ ଦଳ ସହ ଗସ୍ତ କରିବେ। ଏଥିରେ ଅଂଶଗ୍ରହଣ କରିବାକୁ ଥିବା ପ୍ରତିଯୋଗୀଙ୍କୁ ୟୁନିଟ୍-୯ ସ୍ଥିତ ପୁମାସ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପରିସରରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଉଥିଲା। ଅଂଶଗ୍ରହଣକାରୀ ପ୍ରତିଯୋଗୀଙ୍କୁ ଉଷୁ ଆସୋସିଏଶନ ଅଫ୍ ଓଡ଼ିଶାର ସଭାପତି ସୁଧାଂଶୁ ଶେଖର ହରିଚନ୍ଦନ ଓ ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା ଶୁଭକାମନା କରିଛନ୍ତି।

**ଓଡ଼ିଶା ପୁରୁଷ ଦଳ:** ଶୁଭମ କୁମାର ସାହୁ, ନୀତେଶ ଗୁପ୍ତା, ଦିବ୍ୟମୋହନ ପ୍ରଧାନ (ସମସ୍ତେ ତୌଲୁବର୍ଗ) ବିଶ୍ୱଜିତ୍ ସେଠୀ, ବିକାଶ ବେହେରା, ଦେବାଶିଷ ସାମନ୍ତରାୟ, ସ୍ୱସ୍ତିକ ରଞ୍ଜନ ମହାନ୍ତ, ସୂର୍ଯ୍ୟନାରାୟଣ ରାଉତରାୟ, ବିଚ୍ଛିତ୍ରାନନ୍ଦ ପୁହାଣ, ସ୍ଥିତପ୍ରଜ୍ଞ ମହାନ୍ତି, ଅଂଶୁମାନ ବାରିକ ଓ ସତ୍ୟଜିତ୍ ପଣ୍ଡା। **ଓଡ଼ିଶା ମହିଳା ଦଳ:** ବର୍ଷା ନାଥ, ତାନ୍ୟା ଶ୍ରୀବାସ୍ତବ, ଅର୍ଚ୍ଚନା ପାତ୍ର, ଅନୁସୂୟା ବାରିକ, ସ୍ୱର୍ଣ୍ଣ ସନ୍ଧ୍ୟା ଓ ଅଞ୍ଜଳି ସାହୁ।

## ୨୩ରୁ ନିଖିଳ ଓଡ଼ିଶା କର୍ମଚାରୀ, ସେକ୍ରେଟାରିଏଟ୍ ଓପନ୍ ବ୍ୟାଡ୍‌ମିଣ୍ଟନ

**ଭୁବନେଶ୍ୱର, ୨୪।୧୨ (ସ୍ପୋର୍ଟ୍ସବ୍ୟୁରୋ):** ପ୍ରତିବର୍ଷ ଭଳି ଏବର୍ଷ ମଧ ଓଡ଼ିଶା ଷ୍ଟେଟ୍ ସେକ୍ରେଟାରିଏଟ୍ ଆସୋସିଏଶନ (ଓଏସ୍‌ଏସ୍‌ବିଏ) ଆନୁକୂଲ୍ୟରେ ପଞ୍ଚମ ନିଖିଳ ଓଡ଼ିଶା ସରକାରୀ କର୍ମଚାରୀ ବ୍ୟାଡମିଣ୍ଟନ ଓ ୧୧ତମ ସେକ୍ରେଟାରିଏଟ ଓପନ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଆସନ୍ତା ଜାନୁୟାରୀ ୨୩ରୁ ୨୬ ତାରିଖ ମଧ୍ୟରେ ଆୟୋଜନ ହେବ। ଚନ୍ଦ୍ରଶେଖରପୁର ପଟିଆସ୍ଥିତ ଉଡାନ ବ୍ୟାଡମିଣ୍ଟନ ଏକାଡେମୀରେ ଏହି ଟୁର୍ନାମେଣ୍ଟ ଖେଳାଯିବ। ଟୁର୍ନାମେଣ୍ଟର ମୋଟ ପୁରସ୍କାର ରାଶି ୨ ଲକ୍ଷ ଟଙ୍କା ରଖାଯାଇଛି। ଦୁଇଟି ଟୁର୍ନାମେଣ୍ଟରେ ପୁରୁଷ (ସିଙ୍ଗଲ୍ସ ଓ ଡବଲ୍ସ), ମହିଳା (ସିଙ୍ଗଲ୍ସ ଓ ଡବଲ୍ସ) ଓ ଭେଟେରାନ (ସିଙ୍ଗଲ୍ସ ଓ ଡବଲ୍ସ) ବର୍ଗରେ ପ୍ରତିଯୋଗିତା ଆୟୋଜନ ହେବ।

## ସାଇ-ଓଡ଼ିଶା ଏଫ୍‌ସି ଗୋଲ୍‌ଡେନ୍ ବେବି ଲିଗ୍ ଆରମ୍ଭ

**ଭୁବନେଶ୍ୱର, ୨୪।୧୨ (ସ୍ପୋର୍ଟ୍ସ ବ୍ୟୁରୋ)**

ରାଜ୍ୟରେ ଫୁଟ୍‌ବଲ ଖେଳର ବିକାଶ ପାଇଁ ମଙ୍ଗଳବାରଠାରୁ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ପରିସରରେ ସାଇ-ଓଡ଼ିଶା ଏଫ୍‌ସି ଗୋଲ୍‌ଡେନ ଫୁଟ୍‌ବଲ ଲିଗ୍‌ର ଶୁଭାରମ୍ଭ ହୋଇଛି। ବିଏମ୍‌ସି କମିଶନର ପ୍ରେମ ଚନ୍ଦ୍ର ଚୌଧୁରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷା ସହିତ ଶାରୀରିକ ଶିକ୍ଷାର କୌଶଳକୁ ପ୍ରାଧାନ୍ୟ ଦେବା ପାଇଁ ପରାମର୍ଶ ଦେଇଥିଲେ। ବିଏମ୍‌ସି ପକ୍ଷରୁ ଆଗାମୀ ଦିନରେ ବିଭିନ୍ନ ସରକାରୀ ଜାଗା ଓ ସରକାରୀ ସ୍କୁଲଗୁଡ଼ିକରେ ଖେଳ ପାଇଁ ଉନ୍ନତମାନର ଭିତ୍ତିଭୂମି ପ୍ରସ୍ତୁତ କରାଯାଇ ଛାତ୍ରୀଛାତ୍ରଙ୍କ ଖେଳପ୍ରତି ଆଗ୍ରହ ବିକଶିତ କରାଯିବ ବୋଲି କହିଥିଲେ। ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ପ୍ରତିଷ୍ଠାତା ଡ. ବିଜୟ କୁମାର ସାହୁ ଏହି ଅବସରରେ ଉପସ୍ଥିତ ରହି ଖେଳପ୍ରତି କମ୍ ବୟସରୁ ଆଗ୍ରହ ସମଗ୍ର ବିକାଶରେ ସକାରାତ୍ମକ ପ୍ରଭାବ ପକାଇବ ବୋଲି କହିଥିଲେ। ପ୍ରକାଶଯୋଗ୍ୟ, ଓଡ଼ିଶାରେ ଫୁଟ୍‌ବଲ ଖେଳର ଉନ୍ନତି ଓ ବିକାଶ ସହିତ ଛାତ୍ରୀଛାତ୍ରମାନଙ୍କୁ ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରରେ ପହଞ୍ଚାଇବା ଲକ୍ଷ୍ୟରେ ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସ୍‌ଏଲ୍)ର ଓଡ଼ିଶା ଭିତ୍ତିକ ଦଳ ଓଡ଼ିଶା ଏଫ୍‌ସି ଓ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ମଧ୍ୟରେ ସହଭାଗିତା କାର୍ଯ୍ୟକ୍ରମ ଗତ ନଭେମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଦେଶରେ ବିଦ୍ୟାଳୟସ୍ତରରେ ଓଡ଼ିଶା ଏଫ୍‌ସି ପ୍ରଥମ କରି ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ସହଭାଗିତା କରିବା ସହିତ ରାଜିନାମା ସ୍ୱାକ୍ଷରିତ କରିଛି। ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ଓ ସାଇ ରେସିଡେନ୍ସିଆଲ ସ୍କୁଲର ୭ ବର୍ଷରୁ କମ୍, ୯ ବର୍ଷରୁ କମ୍, ୧୧ ବର୍ଷରୁ କମ୍ ୩ଟି ବର୍ଗ କରି ଛାତ୍ରୀଛାତ୍ରମାନଙ୍କୁ ଦକ୍ଷତା ଅନୁଯାୟୀ ସେମାନଙ୍କୁ ତାଲିମ ଦିଆଯିବା ସହିତ ପ୍ରଶିକ୍ଷକମାନଙ୍କୁ ମଧ କୋଚିଂ ଦିଆଯିବ।



ପ୍ରଶିକ୍ଷକଙ୍କ ଗହଣରେ ଛାତ୍ରୀଛାତ୍ରମାନେ।

# ସିଆର୍‌ପିଏଫ୍ ଦିଲ୍ଲୀ ଚାମ୍ପିୟନ

**ଭୁବନେଶ୍ୱର, ୨୪।୧୨ (ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶା ପୋଲିସ ଆନୁକୂଲ୍ୟରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ହକି କମ୍ପ୍ଲେକ୍ସଠାରେ ଅନୁଷ୍ଠିତ ୬୮ତମ ସର୍ବଭାରତୀୟ ପୋଲିସ ହକି ପ୍ରତିଯୋଗିତାରେ ସିଆର୍‌ପିଏଫ୍ (ଦିଲ୍ଲୀ) ଚାମ୍ପିୟନ ହୋଇଛି। ମଙ୍ଗଳବାର ଖେଳାଯାଇଥିବା ଫାଇନାଲ ମୁକାବିଲାରେ ସିଆର୍‌ପିଏଫ୍ ଦିଲ୍ଲୀ ଦଳ ୪-୨ ଗୋଲରେ ବିଏସ୍‌ଏଫ୍ (ଜଳନ୍ଧର)କୁ ପରାସ୍ତ କରିଛି। ଏହି ପ୍ରତିଯୋଗିତାରେ ଓଡ଼ିଶା ପୋଲିସ ଦଳ ୩ୟ ସ୍ଥାନ ହାସଲ କରିଛି। ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ପୋଲିସ ୩-୦ ଗୋଲରେ ହରିୟାନା ପୋଲିସକୁ ହରାଇଥିଲା। ପୂର୍ବରୁ ଖେଳାଯାଇଥିବା ସେମିଫାଇନାଲ ମୁକାବିଲାରେ ସିଆର୍‌ପିଏଫ୍ ଦିଲ୍ଲୀ ୩-୧ ଗୋଲରେ ଓଡ଼ିଶା ପୋଲିସକୁ ପରାସ୍ତ କରିଥିଲା। ସେହଭଳି ୨ୟ ସେମିଫାଇନାଲରେ ବିଏସ୍‌ଏଫ୍ ଜଳନ୍ଧର ୪-୦ ଗୋଲରେ ହରିୟାଣା ପୋଲିସକୁ ମାତ୍ ଦେଇଥିଲା। ଚାମ୍ପିୟନ ଦଳର କୁଲଦୀପ ସିଂ ଶ୍ରେଷ୍ଠ ଗୋଲକିପର, ଆଭାସ ଶର୍ମା ଶ୍ରେଷ୍ଠ ମିଡ୍‌ଫିଲ୍ଡର, ବିକାଶ କୁଜୁର ଶ୍ରେଷ୍ଠ ଖେଳାଳି, ଓଡ଼ିଶା ପୋଲିସର ରୋଶନ ବାହାଲ ଶ୍ରେଷ୍ଠ ଡିଫେଣ୍ଡର, ବିଏସ୍‌ଏଫ୍ ଜଳନ୍ଧରର ଯଶୱନ୍ତ ସିଂ ଶ୍ରେଷ୍ଠ ଶ୍ରେଷ୍ଠ ଫର୍‌ୱାର୍ଡ, ହିତେନ୍ଦ୍ର ସିଂ ସର୍ବାଧିକ ଗୋଲସ୍କୋର ପୁରସ୍କାର ହାସଲ କରିଥିଲେ। ସେହିଭଳି ଓଡ଼ିଶା ଟିମ୍‌କୁ ହାର୍ଡ ଲାଇନ୍ ଟ୍ରଫି ଓ ମହାରାଷ୍ଟ୍ରକୁ ଫେୟାର୍ ପ୍ଲେ ଟ୍ରଫି ପ୍ରଦାନ କରାଯାଇଥିଲା।

ଓଏସ୍‌ଏପି ସପ୍ତମ ବାଟାଲିୟନ ପରିସରରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଗୃହରାଷ୍ଟ୍ର ମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। କେନ୍ଦ୍ରୀୟ ଗୁଇନ୍ଦା ବ୍ୟୁରୋ ଅତିରିକ୍ତ ନିର୍ଦ୍ଦେଶକ ଅନିସ ଦୟାଲ ସିଂ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ତଥା ଆୟୋଜକ କମିଟିର ଅଧ୍ୟକ୍ଷ ଅଭୟ, ଉପାଧ୍ୟକ୍ଷ ତଥା ପୋଲିସ କମିଶନର ଡ. ସୁଧାଂଶୁ ଷଡ଼ଙ୍ଗୀ, ଆଇଜି (ପର୍ସୋନାଲ) ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀ, ଅବସରପ୍ରାପ୍ତ ଅଧିକାରୀ, ବିଭିନ୍ନ ରାଜ୍ୟ ପୋଲିସ ଦଳର ମ୍ୟାନେଜର, ଅଧିନାୟକ ଓ ଖେଳାଳି ଉପସ୍ଥିତ ରହିଥିଲେ। ଗତ ୧୬ରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟ ପୋଲିସ ଓ କେନ୍ଦ୍ରୀୟ ବଳର ୨୫ଟି ଦଳର ୫୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିଲେ। ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପ୍ରତିଯୋଗିତାର ସଫଳ ପରିଚାଳନା ପାଇଁ ଆବଶ୍ୟକ ସହଯୋଗ ଯୋଗାଇ ଦିଆଯାଇଥିଲା।



ଖେଳାଳିମାନେ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

**ସର୍ବଭାରତୀୟ ପୋଲିସ ହକି**
- ଓଡ଼ିଶା ପୋଲିସକୁ ତୃତୀୟ ସ୍ଥାନ
- ରୋଶନ ବାହାଲ ଶ୍ରେଷ୍ଠ ଡିଫେଣ୍ଡର

# ୪ବର୍ଷ ପରେ ଦଳକୁ ଫେରିଲେ ସାନିଆ

**ନୂଆଦିଲ୍ଲୀ, ୨୪।୧୨ (ପି.ଟି.):** ଭାରତୀୟ ଫେଡ୍ କପ୍ ଦଳ ମଙ୍ଗଳବାର ଘୋଷଣା କରାଯାଇଛି। ଏଥିରେ ୫ଜଣ ଖେଳାଳିଙ୍କୁ ନିଆଯାଇଛି। ଦେଶର ଟପ୍ ସିଙ୍ଗଲ୍ସ ଖେଳାଳି ଅଙ୍କିତା ରାଇନା ଏଥିରେ ସ୍ଥାନ ପାଇଛନ୍ତି। ଡବଲ୍ସ ଷ୍ଟାର ସାନିଆ ମିର୍ଜା ୪ ବର୍ଷ ବ୍ୟବଧାନରେ ଦଳକୁ ଫେରିଛନ୍ତି। ସାନିଆ ଶେଷଥର ପାଇଁ ୨୦୧୬ରେ ଫେଡ୍ କପ୍ ଖେଳିଥିଲେ। ଘରସଂସାର କରିବା ଲାଗି ସେ ୨୦୧୭ ଅକ୍ଟୋବରରୁ ୨ବର୍ଷ ପାଇଁ ବିରତି ନେଇଥିଲେ। ଦଳରେ ସ୍ଥାନ ପାଇଥିବା ଅନ୍ୟ ଖେଳାଳିମାନେ ହେଲେ ରିୟା ଭାଟିଆ, ରୀତୁଜା ଭୋସ୍‌ଲେ ଓ କର୍ମନ କୌର ଥାଣ୍ଡି। ଡବ୍ଲ୍ୟୁଟିଏ ସିଙ୍ଗଲ୍ସ ତାଲିକାରେ ଅଙ୍କିତା ଏହି ସମସ୍ତ ଖେଳାଳିଙ୍କଠାରୁ ଆଗରେ ରହିଛନ୍ତି। ପୂର୍ବତନ ଡେଭିସ କପ୍ ଖେଳାଳି ବିଶାଲ ଉପ୍ପୁଲଙ୍କୁ ଦଳର ଅଧିନାୟକ କରାଯାଇଥିବାବେଳେ ପୂର୍ବତନ ଡେଭିସ୍ କପ୍ ଖେଳାଳି ଅଙ୍କିତା ଭ୍ରାମ୍ଭିଙ୍କୁ ଦଳର କୋଚ୍ କରାଯାଇଛି। ସାନିଆ ବିଶ୍ୱର ୩୮ ର୍‍ୟାଙ୍କିଙ୍ଗପ୍ରାପ୍ତ ୟୁକ୍ରେନ୍‌ର ନାଡିଆ କିଚେନକ୍‌ଙ୍କ ସହିତ ହୋବାର୍ଟ ଇଣ୍ଟରନ୍ୟାଶନାଲରେ ଟେନିସକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସୂଚନାଯୋଗ୍ୟ, ସାନିଆ ତାଙ୍କ କ୍ୟାରିୟରରେ ୬ଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଛନ୍ତି।

**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**
ମନୋଜ କୁମାର ସାହୁ (କ୍ରିସ୍)
ଦିପୋଟି ସାହି, ବାଲକାଟୀ, ଖୋର୍ଦ୍ଧା
ତୋର ପ୍ରଥମ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ ତଳେ ନିବେଦନ କରେକି, ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ଓ ଚଲାପଥ କୁସୁମିତ ହେଉ ।
ଶୁଭେଚ୍ଛା ସହ
ଜେଜେ, ଜେଜେମା', ଅଜା, ଆଈ, ମାମୁ, ମାଈଁ, ଦାଦା, ବାବା, ମାମା, ବନ୍ଧୁ ଓ ଆତ୍ମୀୟସ୍ୱଜନ ।
ଧ-୧୫୮୭୮

**ଜନ୍ମଦିନ ଶୁଭେଚ୍ଛା**
ରୀତା (ରୀତୁ)
ରୋଡ ନଂ.୩, ୟୁନିଟ୍-୯, ଭୁବନେଶ୍ୱର
ଆଜି ତୋର ଜନ୍ମଦିନରେ ମା'ମଙ୍ଗଳାଙ୍କ ଚରଣ ତଳେ ଆମ୍ଭମାନଙ୍କର ଏତିକି ଗୁହାରି ତୋତେ ପଣତ ତଳେ ମା' ଘଣ୍ଟ ଘୋଡ଼େଇ ରଖିଥାଆନ୍ତୁ। ନୀରୋଗ ରଖନ୍ତୁ, ଭଲ ମଣିଷଟିଏ କରନ୍ତୁ, ଚଲାପଥରେ ସର୍ବଦା ସାହା ଭରସା ହୁଅନ୍ତୁ।
ଆଶୀର୍ବାଦ ସହ:
ବାପା (ଧନ୍ତୁ), ମାଆ (ଅର୍ଚ୍ଚନା) ଓ ସ୍ନେହର ଭାଇ ବବୁଲ, ଭଉଣୀ (କୁନି), ପୁଅ (ଆଶୁ), ଝିଅ (ଗୁଡୁଲି) ।
ଧ-୧୫୮୨୧

**Happy Birthday to Suraj**
Suryakant Patra (Suraj)
Plot-44, Basundhara Colony
14th Birthday celebration. Wishing you a day filled with happiness and a year filled with joy.
Mob: 9668406904
D-15879

**ପ୍ରଥମ ବାର୍ଷିକ ଜନ୍ମଦିନ ଶୁଭେଚ୍ଛା**
ହିତାଂଶ୍ରୀ ଦାସ (ମେରୀ)
ଭୂଇଁପୁର, (ନଖରା) କଟକ
ଶ୍ରୀଜଗନ୍ନାଥ ତୋର ଚଲାପଥକୁ କୁସୁମିତ କରନ୍ତୁ, ଏତିକି କାମନା ।
ଶୁଭେଚ୍ଛା ସହ
ଜେଜ, ମା', ଅଜା, ଆଈ, ବାପା, ବୋଉ, ବଡ଼ବାପା, ବଡ଼ବୋଉ, ମାମୁ, ମାଈଁ, ମାଉସୀ ଓ କୁନାମାମୁ ।
ଧ-୬୩୯୬୯

**ଜନ୍ମଦିନ ଶୁଭେଚ୍ଛା**
ମନ୍ମୟ ମୁଦୁଲି (ମଣ୍ଟୁ)
ରସୁଲଗଡ଼, ଭୁବନେଶ୍ୱର
ଆଜି ତୋର ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ସେ ତୋତେ ଦୀର୍ଘାୟୁ କରନ୍ତୁ, ତୋର ଚଲାପଥ କୁସୁମିତ ହେଉ।
ଶୁଭେଚ୍ଛା ସହ
ଅଜା, ବଡ଼ବାପା, ବଡ଼ମା', ମାମା, ମାମୁ, ମାଈଁ ଓ ପରିବାରବର୍ଗ ।
ଧ-୬୮୬୩୭

## ସଂକ୍ଷେପରେ

### ରଣ୍‌ଜୀରେ ଫିଟ୍‌ନେସ ପ୍ରମାଣ କରିବେ ବୁମ୍‌ରା

**ସୁରଟ, ୨୪।୧୨ (ପି.ଟି.):** ରଣ୍‌ଜୀ ଟ୍ରଫି ୩ୟ ପର୍ଯ୍ୟାୟର ଏକ ମୁକାବିଲାରେ ବୁଧବାର କେରଳକୁ ଭେଟିବ ଘରୋଇ ଗୁଜରାଟ। ସ୍ଥାନୀୟ ଲାଲାଭାଇ କଣ୍ଟ୍ରାକ୍ଟର ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ। ଗୁଜରାଟ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଷ୍ଟାର୍ ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ଏହି ମ୍ୟାଚ୍ ଜରିଆରେ ନିଜ ଫିଟ୍‌ନେସର ପ୍ରମାଣ ଦେବାକୁ ସୁଯୋଗ ପାଇଛନ୍ତି। ମାଂସପେଶୀଜନିତ ସମସ୍ୟା ଲାଗି ବୁମ୍‌ରା ଗତ ସେପ୍ଟେମ୍ବରରୁ ଆକ୍ସନରୁ ଦୂରେଇ ରହିଛନ୍ତି। ଏବେ ସୁସ୍ଥ ହୋଇଥିବା ଏହି ଡାହାଣହାତୀ ୟର୍କର ସ୍ପେଶାଲିଷ୍ଟ ବୋଲର ଶ୍ରୀଲଙ୍କା (ଟି୨୦) ଓ ଅଷ୍ଟ୍ରେଲିଆ (ଦିନିକିଆ) ବିପକ୍ଷ ଆଗାମୀ ସୀମିତ ଓଭର ସିରିଜ ଲାଗି ଘୋଷିତ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ଫଳରେ ଗୁଜରାଟ ଓ କେରଳ ମଧ୍ୟରେ ଖେଳାଯିବାକୁ ଥିବା ରଣ୍‌ଜୀ ମ୍ୟାଚ୍ ଉପରେ ଏବେ ସମସ୍ତଙ୍କ ନଜର ରହିଛି। ଏହି ରଣ୍‌ଜୀ ଟ୍ରଫି ମୁକାବିଲାରେ ବିସିସିଆଇ ଚୟନ କମିଟିର ଅଧକ୍ଷ ଏମ୍‌ଏସ୍‌କେ ପ୍ରସାଦ ଉପସ୍ଥିତ ରହି ବୁମ୍‌ରାଙ୍କ ଫିଟ୍‌ନେସ ଉପରେ ନଜର ରଖିବେ।

### ସେରେନା-ଓଜନିଆକି ଡବଲ୍ସ ଖେଳିବେ

**ଅକ୍‌ଲାଣ୍ଡ, ୨୪।୧୨ (ଏପି):** ଦୀର୍ଘଦିନର ବାନ୍ଧବୀ ସେରେନା ୱିଲିୟମ୍ସ ଓ କାରୋଲିନ୍ ଓଜନିଆକି ପ୍ରଥମ ଥର ପାର୍ଟନର ହୋଇ ଡବଲ୍ସ ମ୍ୟାଚ ଖେଳିବେ। ଜାନୁୟାରୀ ୬ରେ ଅକ୍‌ଲାଣ୍ଡଠାରେ ଆରମ୍ଭ ହେବାକୁ ଥିବା ଡବ୍ଲ୍ୟୁଟିଏ ଟୁର୍ ଅନ୍ତର୍ଗତ ଏଏସ୍‌ବି କ୍ଲାସିକ୍ ଟେନିସ୍ ଟୁର୍ନାମେଂଟରେ ସେମାନଙ୍କ ଖେଳ ଦେଖିବାକୁ ମିଳିବ। ପୂର୍ବତନ ନମ୍ବର ୱାନ ଖେଳାଳି ଓଜନିଆକି ୨୦୧୫ ମସିହାଠାରୁ ଏହି ହାର୍ଡକୋର୍ଟ ଟୁର୍ନାମେଣ୍ଟରେ ତାଙ୍କ ସିଜନ ଆରମ୍ଭ କରି ଆସୁଛନ୍ତି। ୨୦୧୮ରେ ଅଷ୍ଟ୍ରେଲିଆନ୍ ଓପନ ଜିତିବା ପରଠାରୁ ୨୯ ବର୍ଷୀୟ ଓଜନିଆକିଙ୍କର ସ୍ନାୟୁଗତ ସମସ୍ୟା ଦେଖାଦେଇଛି। ଆସନ୍ତା ମାସରେ ମେଲବୋର୍ନଠାରେ ଶେଷଥର ପାଇଁ ସେ ଅଷ୍ଟ୍ରେଲିଆନ ଓପନ ଖେଳିବେ। ୨୩ ଗ୍ରାଣ୍ଡସ୍ଲାମ ବିଜୟିନୀ ସେରେନା ୨୦୧୫ରେ ଫେଡକପ୍ ୱାର୍ଲ୍ଡ ଗ୍ରୁପ୍ ପ୍ଲେ-ଅଫ୍ ପରଠାରୁ ଭଉଣୀ ଭେନସଙ୍କ ବ୍ୟତୀତ ଅନ୍ୟ କୌଣସି ଖେଳାଳିଙ୍କ ସହିତ ପାର୍ଟନର ହୋଇ ଡବଲ୍ସ ଖେଳିନାହାନ୍ତି। ୨୦୦୨ରେ ଏକ ଡବ୍ଲ୍ୟୁଟିଏ ଟୁର୍ନାମେଣ୍ଟରେ ଶେଷଥର ପାଇଁ ଭେନସଙ୍କ ବିନା ଡବଲ୍ସ ଖେଳିଥିଲେ। ଓଜନିଆକି ୩ ବର୍ଷରୁ ଅଧିକ ସମୟ ହେଲା ଡବଲ୍ସ ମ୍ୟାଚ ଖେଳି ନାହାନ୍ତି।

# କୋହଲି ଟେଷ୍ଟ, ଧୋନୀ ଦିନିକିଆ ଅଧିନାୟକ

**ଅଷ୍ଟ୍ରେଲିଆ ୱେବ୍‌ସାଇଟ୍**

**ମେଲବୋର୍ନ, ୨୪।୧୨ (ପି.ଟି.)**


ବିରାଟ କୋହଲି


ମହେନ୍ଦ୍ର ସିଂ ଧୋନୀ

କ୍ରିକେଟ ଅଷ୍ଟ୍ରେଲିଆର ଅଫିସିଆଲ ନ୍ୟୁଜ୍ ୱେବ୍‌ସାଇଟ୍ ଦ୍ୱାରା ବିରାଟ କୋହଲି ଦଶନ୍ଧି ଟେଷ୍ଟ ଏକାଦଶର ଅଧିନାୟକ ମନୋନୀତ ହୋଇଛନ୍ତି। ଅନ୍ୟପକ୍ଷରେ ମହେନ୍ଦ୍ର ସିଂ ଧୋନୀଙ୍କୁ ଦଶନ୍ଧି ଅନ୍ତର୍ଜାତୀୟ ଦିନିକିଆ ଦଳର ଅଧିନାୟକ କରାଯାଇଛି। କୋହଲି ଉଭୟ ଦଳରେ ସ୍ଥାନ ପାଇବା ସ୍ୱାଭାବିକ। ଏହି ୩୧ବର୍ଷୀୟ ଖେଳାଳି ଗତ ୧୦ବର୍ଷରୁ ଅଧିକ ଦିନ ଧରି ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ବିବେଚିତ ହୋଇ ଆସୁଛନ୍ତି। ଇତିମଧ୍ୟରେ ସେ ୭୦ ଅନ୍ତର୍ଜାତୀୟ ଶତକ ହାସଲ କରିବା ସହ ସଚିନ ତେନ୍ଦୁଲକର (୧୦୦) ଏବଂ ରିକି ପଣ୍ଟିଂ (୭୧)ଙ୍କ ପଛରେ ରହିଛନ୍ତି। ସମସ୍ତ ଫର୍ମାଟରେ କୋହଲିଙ୍କ ଆଭରେଜ ୫୦ରୁ ଅଧିକ ରହିଛି। ୨୧,୪୪୪ ରନ ସହ ସର୍ବକାଳୀନ ରନ ସଂଗ୍ରହକାରୀ ବ୍ୟାଟ୍ସମ୍ୟାନ ତାଲିକାରେ ସେ ତେନ୍ଦୁଲକର (୩୪,୩୫୭) ଏବଂ ପଣ୍ଟିଂ(୨୭,୪୮୩)ଙ୍କ ପଛରେ ରହିଛନ୍ତି। ଭାରତୀୟ ଅଧିନାୟକ କହିବାକୁ ଗଲେ ବିଶ୍ୱର ପ୍ରମୁଖ କ୍ରିକେଟ ଖେଳୁଥିବା ଦେଶ ବିପକ୍ଷରେ ରନ ସଂଗ୍ରହ କରିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ଡାଉନ୍ ଅଣ୍ଡରରେ ସେ ୯ଟି ଶତକ(୬ଟି ଟେଷ୍ଟ ଓ ୩ଟି ଦିନିକିଆ) ହାସଲ କରିଛନ୍ତି। ଦଶନ୍ଧିର ଟେଷ୍ଟ ଏକାଦଶ ଦଳରେ ସ୍ଥାନ ପାଇଥିବା ଅନ୍ୟ ଖେଳାଳିମାନେ ହେଲେ, ଆଲିଷ୍ଟର କୁକ୍, ଡେଭିଡ୍ ୱାର୍ନର, କେନ୍ ୱିଲିୟମ୍‌ସନ, ଷ୍ଟିଭ ସ୍ମିଥ୍, ଏବି ଡି'ଭିଲର୍ସ, ବେନ୍ ଷ୍ଟୋକ୍ସ, ଡେଲ୍ ଷ୍ଟେଇନ୍, ଷ୍ଟୁଆର୍ଟ ବ୍ରଡ୍, ନାଥାନ ଲିଅନ୍ ଏବଂ ଜେମ୍ସ ଆଣ୍ଡରସନ। ଏହି ୱେବ୍‌ସାଇଟ୍ ଦଶନ୍ଧିର ଅନ୍ତର୍ଜାତୀୟ ଦିନିଆ ଦଳର ଅଧିନାୟକ ଭାବେ ଧୋନୀଙ୍କୁ ଚୟନ କରିଛି। ଧୋନୀଙ୍କ ଅଧିନାୟକତ୍ୱରେ ଭାରତ ଦୁଇଥର ୨୦୦୭ ଓ ୨୦୧୧ରେ ବିଶ୍ୱକପ୍ ଟାଇଟଲ ଜିତିଛି। ବିଶ୍ୱକପ୍‌ରେ ୫ ଶତକ ସହ ୨୦୧୯ରେ ଜବରଦସ୍ତ ପ୍ରଦର୍ଶନ କରିଥିବା ରୋହିତ ଶର୍ମାଙ୍କ ସହିତ ହାଶିମ ଅମ୍‌ଲାଙ୍କୁ ଓପନର ଭାବେ ଦଳରେ ସାମିଲ କରାଯାଇଛି। କୋହଲି ନିର୍ଦ୍ୱନ୍ଦ୍ୱରେ ବ୍ୟାଟିଂ ଅର୍ଡରର ୩ୟ ସ୍ଥାନରେ ଅଛନ୍ତି। ତାଙ୍କ ପଛକୁ ପଛ ଯଥାକ୍ରମେ ରହିଛନ୍ତି ଡି' ଭିଲର୍ସ, ଶକିବ ଅଲ ହସନ, ଜୋସ୍ ବଟ୍‌ଲର, ଧୋନୀ, ରଶିଦ୍ ଖାଁ, ମିଚେଲ୍ ଷ୍ଟାର୍କ, ଟ୍ରେଣ୍ଟ ବୋଲ୍ଟ ଏବଂ ଲସିଥ ମାଲିଙ୍ଗା।

# ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟ ନେଇ ଆଲୋଚନା

**ଲଣ୍ଡନ,୨୪।୧୨(ପି.ଟି.):** ପ୍ରସ୍ତାବିତ ଏକ ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟ ଆୟୋଜନ ନେଇ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ଓ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମଧ୍ୟରେ ଆଲୋଚନା ଚାଲିଛି। ପ୍ରତିବର୍ଷ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି)କୁ ଏକ ମେଜର ଟୁର୍ନାମେଣ୍ଟ ଆୟୋଜନ କରିବାରୁ ରୋକିବା ପାଇଁ ଏହି ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟ ଆୟୋଜନ କରିବାକୁ ପ୍ରୟାସ କରାଯାଉଛି ବୋଲି କୁହାଯାଇଛି। ଏହି ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟ ଆୟୋଜନ କରିବାକୁ ବିସିସିଆଇ ପ୍ରସ୍ତାବ ଦେଇଛି। ଏଥିରେ ଭାରତ, ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ସମେତ ଏକ ଚତୁର୍ଥ ଦଳ ଅଂଶଗ୍ରହଣ କରିବ। ଏଥିପାଇଁ ଅନ୍ୟ ଦେଶଗୁଡିକର ପ୍ରତିନିଧିଙ୍କ ସହ ଆଲୋଚନା କରାଯାଉଛି ବୋଲି ଇସିବି ତରଫରୁ କୁହାଯାଇଛି। ଡିସେମ୍ବରରେ ଏକ ବୈଠକରେ ବିସିସିଆଇ ତରଫରୁ ଏ ନେଇ ପ୍ରସ୍ତାବ ଦିଆଯାଇଥିଲା। ଏ ନେଇ ଆଇସିସିର ଅନ୍ୟ ସଦସ୍ୟଙ୍କ ସହ ମଧ୍ୟ ଆଲୋଚନା କରାଯାଉଛି। ଏହି ଟୁର୍ନାମେଣ୍ଟକୁ ଭାରତ, ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ପାଳି କରି ଆୟୋଜନ କରିବେ। ଏହା ଦ୍ୱାରା ଏହି ତିନୋଟି ଦେଶର ବୋର୍ଡ ମାନେ ପ୍ରଚୁର ଲାଭ ପାଇବେ। ତେଣୁ ଏ ନେଇ ଦୁଇ ପ୍ରକାର ମତ ଦେଖା ଦେଇଛି। ଆଇସିସି ମଧ୍ୟ ୩ରୁ ଅଧିକ ଦେଶକୁ ନେଇ ଖେଳାଯିବାକୁ ଥିବା ଟୁର୍ନାମେଣ୍ଟକୁ ଆୟୋଜନ କରିବାକୁ ଅନୁମତି ଦେଇ ନ ଥାଏ। କାରଣ ଏହା ଆଇସିସି କାର୍ଯ୍ୟସୂଚୀ ସନ୍ତୁଳନରେ ବାଧା ସୃଷ୍ଟି କରିବାର ସମ୍ଭାବନା ରହିଥାଏ। ଯଦି ଏହି ଟୁର୍ନାମେଣ୍ଟକୁ ଅନୁମତି ଦିଆଯାଏ ତା'ହେଲେ ଆଇସିସିର ବାର୍ଷିକ କ୍ୟାଲେଣ୍ଡର ଆହୁରି ବ୍ୟସ୍ତବହୁଳ ହେବ ବୋଲି ଅଷ୍ଟ୍ରେଲିଆ ହେଡ କୋଚ୍ ଜଷ୍ଟିନ ଲାଙ୍ଗର କହିଛନ୍ତି। ଏହି ଟୁର୍ନାମେଣ୍ଟ ନେଇ ଅନ୍ତିମ ନିଷ୍ପତ୍ତି ନିଆଯାଇଯାଇ ନ ଥିବା ବେଳେ ଆଗାମୀ କିଛି ଦିନ ମଧ୍ୟରେ ସବୁ କିଛି ସ୍ପଷ୍ଟ ହେବ ବୋଲି ଆଶା କରାଯାଉଛି।

# ୩୫୦ କୋଟି ଟଙ୍କା ପୁରସ୍କାର ରାଶି



**ଅଷ୍ଟ୍ରେଲିଆନ୍ ଓପନ୍‌ରେ**

**ମେଲବୋର୍ନ, ୨୪।୧୨ (ଏଏଫ୍‌ପି):** ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତା ଅଷ୍ଟ୍ରେଲିଆନ ଓପନ୍‌ର ମୋଟ୍ ପୁରସ୍କାର ରାଶିରେ ଆଖିଦୃଶିଆ ବୃଦ୍ଧି କରାଯାଇଛି। ଗତବର୍ଷ ଅପେକ୍ଷା ଏଥର ମୋଟ୍ ପୁରସ୍କାର ରାଶିରେ ୧୩.୬ ପ୍ରତିଶତ ଅର୍ଥ ବୃଦ୍ଧି ଘଟିଛି। ଫଳରେ ୨୦୨୦ରେ ଖେଳାଯିବାକୁ ଥିବା ଅଷ୍ଟ୍ରେଲିଆନ ଓପନ୍‌ର ୧୦୮ତମ ସଂସ୍କରଣରେ ପୁରସ୍କାର ବାବଦକୁ ୪୯.୧ ମିଲିୟନ ଆମେରିକୀୟ ଡଲାର (ଭାରତୀୟ ମୁଦ୍ରାରେ ୩୪୯ କୋଟି ୮୮ ଲକ୍ଷ ୬୬ ହଜାର ଟଙ୍କା) ପ୍ରଦାନ କରାଯିବ। ଗତ ଏକ ଦଶନ୍ଧି ମଧ୍ୟରେ ପୁରସ୍କାର ରାଶିରେ ୧୮୪ ପ୍ରତିଶତ ବୃଦ୍ଧି ହୋଇଛି। ୨୦୧୧ରେ ମୋଟ୍ ପୁରସ୍କାର ରାଶି ୨୫ ମିଲିୟନ ଅଷ୍ଟ୍ରେଲିଆ ଡଲାର (ଭାରତୀୟ ମୁଦ୍ରାରେ ପାଖାପାଖି ୧୨୩ କୋଟି) ରହିଥିଲା। ଅଷ୍ଟ୍ରେଲିଆନ ଓପନ୍‌ର ପୁରୁଷ ଓ ମହିଳା ସିଙ୍ଗଲ୍ସ ଚାମ୍ପିୟନଙ୍କୁ ୪.୧୨ ମିଲିୟନ ଅଷ୍ଟ୍ରେଲିଆ ଡଲାର (ଭାରତୀୟ ମୁଦ୍ରାରେ ୨୦ କୋଟି ଟଙ୍କା) ପ୍ରଦାନ କରାଯିବ। କିନ୍ତୁ ପ୍ରଥମ ରାଉଣ୍ଡରେ ବିଦାୟ ନେଉଥିବା ଖେଳାଳିଙ୍କୁ ଗତବର୍ଷ ଅପେକ୍ଷା ୨୦୨୦ରେ ୨୦ ପ୍ରତିଶତ ଅଧିକ ଅର୍ଥ ମିଳିବ। ପ୍ରଥମ ରାଉଣ୍ଡରେ ଯେଉଁ ଖେଳାଳି ବିଦାୟ ନେବେ ସେ ୯୦ ହଜାର ଅଷ୍ଟ୍ରେଲିଆ ଡଲାର (ଭାରତୀୟ ମୁଦ୍ରାରେ ପାଖାପାଖି ୪୪.୩ ଲକ୍ଷ) ପାଇବେ। ସେହିଭଳି ଦ୍ୱିତୀୟ ରାଉଣ୍ଡରୁ ବିଦାୟ ନେଲେ ଭାରତୀୟ ମୁଦ୍ରାରେ ୬୩ ଲକ୍ଷ ଦିଆଯିବ। ଗତବର୍ଷ ଅପେକ୍ଷା ଏଥିରେ ୨୧.୯ ପ୍ରତିଶତ ଅଧିକ ରାଶି ପ୍ରଦାନ କରାଯିବ। ଯଦି ଜଣେ ଖେଳାଳି ଯୋଗ୍ୟତା ପର୍ଯ୍ୟାୟରୁ ବିଦାୟ ନିଏ ତେବେ ସେ ୯.୮ ଲକ୍ଷ ଟଙ୍କା ସାଙ୍ଗରେ ନେଇକି ଆସିବ।

# ଶୀର୍ଷରେ ରହି ବର୍ଷ ଶେଷ କଲେ କୋହଲି

**ଦୁବାଇ, ୨୪।୧୨ (ପି.ଟି.):** ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ପକ୍ଷରୁ ମଙ୍ଗଳବାର ପ୍ରକାଶିତ ଟେଷ୍ଟ ବ୍ୟାଟିଂ ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ଅଧିନାୟକ ବିରାଟ କୋହଲି ଶୀର୍ଷ ସ୍ଥାନରେ ଅପରିବର୍ତ୍ତିତ ରହି ଚଳିତ ବର୍ଷ ଶେଷ କରିଛନ୍ତି। କୋହଲିଙ୍କ ର୍‍ୟାଙ୍କିଙ୍ଗ୍ ପଏଣ୍ଟ ୯୨୮ ରହିଛି। ଅଷ୍ଟ୍ରେଲିଆର ଷ୍ଟିଭେନ୍ ସ୍ମିଥ୍ (୯୧୧)ଙ୍କଠାରୁ କୋହଲି ୧୭ ପଏଣ୍ଟ ଅଧିକ ପାଇଛନ୍ତି। ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମସନ (୮୬୪) ତାଲିକାର ୩ୟ ସ୍ଥାନରେ ରହି ୨୦୧୯ ମସିହା ଶେଷ କରିଛନ୍ତି। ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା (୭୯୧) ପୂର୍ବବତ୍ ୪ର୍ଥ ସ୍ଥାନରେ ଅପରିବର୍ତ୍ତିତ ରହିଥିବାବେଳେ ଅଜିଙ୍କ୍ୟ ରାହାନେ (୭ମ)ଗୋଟିଏ ପାହାଚ ତଳକୁ ଖସିଛନ୍ତି। ପାକିସ୍ତାନର ବାବର ଆଜମ (ଷଷ୍ଠ)ଙ୍କୁ କ୍ୟାରିୟର ଶ୍ରେଷ୍ଠ ମାନ୍ୟତା ମିଳିଛି। ମୟଙ୍କ ଅଗ୍ରୱାଲ ଓ ରୋହିତ୍ ଶର୍ମା ଯଥାକ୍ରମେ ଦ୍ୱାଦଶ ଓ ପଞ୍ଚଦଶ ସ୍ଥାନ ଲାଭ କରିଛନ୍ତି। ଅପରପକ୍ଷରେ ବୋଲିଂରେ ଅଷ୍ଟ୍ରେଲିଆର ପ୍ୟାଟ୍ କୁମିନ୍ସ ଏକ ନମ୍ବର ସ୍ଥାନରେ ରହିଛନ୍ତି। ସେହିଭଳି ଯଶପ୍ରୀତ୍ ବୁମ୍‌ରା ପୂର୍ବଭଳି ୬ଷ୍ଠ ସ୍ଥାନ ବଜାୟ ରଖିଛନ୍ତି। ଟେଷ୍ଟ ଅଲରାଉଣ୍ଡର ତାଲିକାରେ ୱେଷ୍ଟଇଣ୍ଡିଜର ଜାସନ ହୋଲ୍ଡରଙ୍କ ପଛକୁ ରବୀନ୍ଦ୍ର ଜାଡେଜା ୨ୟ ସ୍ଥାନରେ ରହିଛନ୍ତି।

# ସିରିଜ ବିଜୟ ଲକ୍ଷ୍ୟରେ ଅଷ୍ଟ୍ରେଲିଆ

**ମେଲବୋର୍ନ,୨୪।୧୨(ଏଏଫ୍‌ପି)**


ଅଭ୍ୟାସ ସେସନ ଅବସରରେ ଛୋଟ ପିଲାଙ୍କ ସହ ଖୁସି ମନାଉଛନ୍ତି ଷ୍ଟିଭ୍ ସ୍ମିଥ୍।

ଅଷ୍ଟ୍ରେଲିଆ ଓ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ମଧ୍ୟରେ ଦ୍ୱିତୀୟ ତଥା ବକ୍ସିଂ ଡେ ଟେଷ୍ଟ ମ୍ୟାଚ୍ ଗୁରୁବାରଠାରୁ ଆରମ୍ଭ ହେବାକୁ ଯାଉଛି। ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଦୀର୍ଘ ୩୦ ବର୍ଷ ପରେ ନ୍ୟୁଜିଲାଣ୍ଡ ବକ୍ସିଂ ଡେ ଟେଷ୍ଟ ଖେଳିବାକୁ ଯାଉଛି। ତାରକା ଦ୍ରୁତ ବୋଲର ଟ୍ରେଣ୍ଟ ବୋଲ୍ଟଙ୍କ ଦମ୍‌ଦାର ପ୍ରଦର୍ଶନ ସହାୟତାରେ ନ୍ୟୁଜିଲାଣ୍ଡ ବିଜୟୀ ହେବା ଲକ୍ଷ୍ୟରେ ରହିଛି। ସାଇଡ୍ ଷ୍ଟ୍ରେନ୍ ଜନିତ ଆଘାତ ସମସ୍ୟା କାରଣରୁ ବୋଲ୍ଟ ପର୍ଥରେ ଖେଳାଯାଇଥିବା ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳିପାରି ନ ଥିଲେ। ଏଥିରେ ନ୍ୟୁଜିଲାଣ୍ଡ ବୃହତ୍ ୨୯୬ ରନରେ ପରାସ୍ତ ହୋଇଥିଲା। ପାଖାପାଖି ଏକ ଲକ୍ଷ ଦର୍ଶକଙ୍କ ଉପସ୍ଥିତିରେ ଏହି ମ୍ୟାଚ୍ ବେଶ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି। ଶେଷଥର ପାଇଁ ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ ୧୯୮୭ରେ ବକ୍ସିଂ ଡେ ଟେଷ୍ଟରେ ପରସ୍ପରକୁ ଭେଟିଥିଲେ। ଅଭିଜ୍ଞ ସ୍ପିନର ନାଥନ ଲିୟନ ମଧ୍ୟ ଉପଯୋଗୀ ସାବ୍ୟସ୍ତ ହେବେ। ଜବରଦସ୍ତ ଫର୍ମରେ ଥିବା ୩ ନମ୍ବର ବ୍ୟାଟ୍ସମ୍ୟାନ ୨୫ ବର୍ଷୀୟ ମାର୍ନସ ଲାବୁସେନଙ୍କ ଉପରେ ସମସ୍ତଙ୍କ ନଜର ରହିବ। ସେ କ୍ରମାଗତ ୩ଟି ଶତକ ଅର୍ଜନ କରିବା ସହ ଦ୍ୱିତୀୟ ଇନିଂସରେ ଅର୍ଦ୍ଧଶତକ ମଧ୍ୟ ହାସଲ କରିଛନ୍ତି। ପ୍ରଥମ ମ୍ୟାଚ୍ ହାତଛଡ଼ା କରିଥିବାରୁ ନ୍ୟୁଜିଲାଣ୍ଡ ସିରିଜକୁ ଫେରିବା ପାଇଁ ଏହି ମ୍ୟାଚ୍‌ରେ ଜିତିବା ଜରୁରୀ ହୋଇ ପଡିଛି। ଅନ୍ୟପଟେ ଏହି ମ୍ୟାଚ୍ ଜିତି ଅଷ୍ଟ୍ରେଲିଆ ୨-୦ରେ ଅଗ୍ରଣୀ ହେବା ସହ ଆଗୁଆ ସିରିଜ ହାତେଇ ଖ୍ରୀଷ୍ଟମାସ ନୂଆ ଭେଟି ଦେବା ଲକ୍ଷ୍ୟରେ ରହିଛି।

### ବକ୍ସିଂ ଡେ' ଟେଷ୍ଟ କ'ଣ

ବକ୍ସିଂ ଡେ ଟେଷ୍ଟ ଏକ ଟେଷ୍ଟ ମ୍ୟାଚ୍ ଯାହା ଅଷ୍ଟ୍ରେଲିଆର ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ (ଏମ୍‌ସିଜି)ରେ ଖେଳାଯାଇଥାଏ। ଦକ୍ଷିଣ ଗୋଲାର୍ଦ୍ଧ ତଥା ଅଷ୍ଟ୍ରେଲିଆରେ ଗ୍ରୀଷ୍ମ ଚାଲିଥିବା ବେଳେ ଏହି ମ୍ୟାଚ୍ ଆୟୋଜନ ହୋଇଥାଏ। ଏଥିରେ ଅଷ୍ଟ୍ରେଲିଆ ସହିତ ଏକ ଭ୍ରମଣକାରୀ ଦଳ ପରସ୍ପରକୁ ଭେଟିଥାନ୍ତି। ଏହି ମ୍ୟାଚ୍ ବକ୍ସିଂ ଡେ ଅର୍ଥାତ ଡିସେମ୍ବର ୨୬ ତାରିଖରୁ ଆରମ୍ଭ ହୋଇଥାଏ। ତେଣୁ ଏହାର ନାମ ବକ୍ସିଂ ଡେ ଟେଷ୍ଟ ରଖାଯାଇଛି।

# ପ୍ରଫେସର ବଶିଷ୍ଠଙ୍କ 'ରୋଡ୍ ଟୁ ଟୋକିଓ ୨୦୨୦' କ୍ୟାଲେଣ୍ଡର

**ଭୁବନେଶ୍ୱର, ୨୪।୧୨ (ସ୍ପୋର୍ଟ୍ସ ବ୍ୟୁରୋ):** ୨୦୧୯ ମସିହା ଅନ୍ତିମ ପର୍ଯ୍ୟାୟରେ ଉପନୀତ ହୋଇଛି। ନବବର୍ଷ ୨୦୨୦କୁ ସ୍ୱାଗତ କରିବା ପାଇଁ ଚାରିଆଡେ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ଅବସରରେ । କେରଳ କାଲିକଟର ମଲ୍‌ବାର କ୍ରିଷ୍ଟିଆନ କଲେଜର ଇତିହାସ ବିଭାଗ ମୁଖ୍ୟ ପ୍ରଫେସର ବଶିଷ୍ଠ ନୂଆବର୍ଷ ଉପଲକ୍ଷେ ଏକ ଭିନ୍ନ କ୍ୟାଲେଣ୍ଡର ପ୍ରସ୍ତୁତ କରିଛନ୍ତି। ଏହି ବର୍ଷ କ୍ରୀଡ଼ାର ମହାକୁମ୍ଭ ଅଲିମ୍ପିକ ଜାପାନର ରାଜଧାନୀ ଟୋକିଓରେ ଅନୁଷ୍ଠିତ ହେବାକୁ ଥିବାରୁ ଏହାକୁ ଦୃଷ୍ଟିରେ ରଖି ପ୍ରଫେସର ବଶିଷ୍ଠ 'ରୋଡ୍ ଟୁ ଟୋକିଓ ୨୦୨୦' ନାମରେ ଏକ କ୍ୟାଲେଣ୍ଡର ତିଆରି କରିଛନ୍ତି। ୧୨ ପୃଷ୍ଠା ସମ୍ବଳିତ ଏହି କ୍ୟାଲେଣ୍ଡରରେ ପ୍ରଫେସର ବଶିଷ୍ଠ ୧୮୯୬ରୁ ୨୦୧୬ ପର୍ଯ୍ୟନ୍ତ ଅଲିମ୍ପିକ୍ସର ଇତିହାସକୁ ଫଟୋ ସହିତ ସଂକ୍ଷେପରେ ଫୋକସ୍ କରାଯାଇଛି। କ୍ୟାଲେଣ୍ଡର ପ୍ରଥମ ପୃଷ୍ଠା ପ୍ରାଚୀନ ଅଲିମ୍ପିକ୍ସ ଉପରେ ଉଲ୍ଲେଖ ରହିଛି। ସେହିଭଳି ହକିର ଯାଦୁଗର ମେଜର ଧ୍ୟାନଚାନ୍ଦଙ୍କ ସମେତ ଅଲିମ୍ପିକ୍ସରେ ପଦକ ବିଜୟୀ ଭାରତୀୟ ଓ ୮ଟି ସ୍ୱର୍ଣ୍ଣ ପଦକ ଜିତିଥିବା ହକି ଟିମ୍ ଉପରେ ମଧ୍ୟ ଏହି କ୍ୟାଲେଣ୍ଡରରେ ଉଲ୍ଲେଖ କରାଯାଇଛି। ୧୯୩୬ ବର୍ଲିନ ଅଲିମ୍ପିକ୍‌ରେ ୪ ସ୍ୱର୍ଣ୍ଣ ପଦକ ବିଜୟୀ ଜେସି ଓଏନ୍ସ, ୧୯୬୮ ମେକ୍ସିକୋ ସିଟି ଅଲିମ୍ପିକ୍‌ରେ ଲଙ୍ଗ୍ ଜମ୍ପ୍‌ରେ ବିଶ୍ୱ ରେକର୍ଡ ସୃଷ୍ଟି କରିଥିବା ରବର୍ଟ ବେମନ୍, ୧୯୭୨ ମ୍ୟୁନିକ ଅଲିମ୍ପିକରେ ସ୍ୱର୍ଣ୍ଣ ପଦକ ଜିତିଥିବା ଆମେରିକା ସନ୍ତରଣକାରୀ ମାର୍କ ସ୍ପିଜ୍, ୫ଥର ଅଲିମ୍ପିକ ସ୍ୱର୍ଣ୍ଣ ବିଜୟିନୀ ରୋମାନିଆ ଜିମ୍ନାଷ୍ଟ ନାଡିଆ କମେନସିଆ ଓ ଆମେରିକାର କିମ୍ବଦନ୍ତୀ ସନ୍ତରଣକାରୀ ତଥା ଅଲିମ୍ପିକରେ ୨୩ ସ୍ୱର୍ଣ୍ଣ ସହ ମୋଟ୍ ୨୮ ପଦକ ହାସଲ କରିଥିବା ମାଇକେଲ ଫେଲପ୍ସଙ୍କ ଉପରେ ସଂକ୍ଷେପରେ ଏହି କ୍ୟାଲେଣ୍ଡରରେ ବର୍ଣ୍ଣନା କରାଯାଇଛି। ଅଲିମ୍ପିକର ବିଭିନ୍ନ ଭେନ୍ୟୁ ଓ ମାସ୍କଟ୍‌କୁ ମଧ୍ୟ ଏଥିରେ ସ୍ଥାନ ପାଇଛି। 'ବିଶ୍ୱ ଶାନ୍ତି ପାଇଁ ଅଲିମ୍ପିକ୍ସ' ଏହି ବାର୍ତ୍ତାକୁ ପ୍ରଚାରିତ କରିବା ପାଇଁ କ୍ୟାଲେଣ୍ଡର ପ୍ରସ୍ତୁତ କରାଯାଇଛି ବୋଲି ପ୍ରଫେସର ବଶିଷ୍ଠ କହିଛନ୍ତି।




**ମନେ ପଡ଼ନ୍ତି**

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**
ସ୍ୱର୍ଗତା ଚାରୁଲତା ରାୟ
ସିଭିଲ୍ କୋର୍ଟ ଲେନ୍, ନୟାଗଡ
ଆବିର୍ଭାବ: ୩୦।୧୧।୧୯୪୭
ତିରୋଧାନ: ୦୫।୦୧।୨୦୧୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ସ୍ୱାମୀ ବୃନ୍ଦାବନ ଚନ୍ଦ୍ର ରାୟଙ୍କ ସମେତ ପରିବାରବର୍ଗ ।
ଧ-୧୫୮୮୬

**ଏକାଦଶାହ ଉପଲକ୍ଷେ**
ଶ୍ରଦ୍ଧାଞ୍ଜଳି
ସ୍ୱର୍ଗତ ମାୟାଧର ପରିଡା
(ପଳାଶୁଣୀ, ଭୁବନେଶ୍ୱର)
ଆବିର୍ଭାବ : ୧୪/୦୨/୧୯୩୧ | ତିରୋଧାନ : ୧୪/୧୨/୨୦୧୯
ଅପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦ ପଦ୍ମରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ : ପୁତ୍ର - ପ୍ରଭାତ କୁମାର ପରିଡା, ପରିବାର ବର୍ଗ, ବନ୍ଧୁ ଓ ଆତ୍ମୀୟ ସଜନ
ଧ-୬୮୯୪୨

**ଅଷ୍ଟମ ଶ୍ରାଦ୍ଧବାର୍ଷିକୀ**
ସ୍ୱର୍ଗତ ଶୁଭେନ୍ଦୁ ଦୀକ୍ଷିତ୍
N2-146, IRC village, BBSR-15
ଆବିର୍ଭାବ: ୦୩।୦୪।୧୯୭୪
ତିରୋଧାନ: ୨୫।୧୨।୨୦୧୧
ଦିନ ପରେ ରାତି ଆସେ, ମାସ ଯାଏ ବର୍ଷଆସେ, ବର୍ଷ ପରେ ଆସଇ ବରଷ। ଦୂରେଥାଇ ଭୁଲିଗଲ ସବୁ ଅପାସୋରା କଥା, ନ ଫେରିବ ବୋଲି ଆମ୍ଭପାଶ ?
ତୁମ ସ୍ମୃତିରେ
ଶୋକସନ୍ତପ୍ତ:
ବାପା, ବୋଉ, ଇପ୍‌ସା, ଶ୍ରେୟା, ଇଶାନ୍ ଓ ପରିବାରବର୍ଗ ।
ଧ-୧୫୮୮୩

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ ସ୍ମୃତି ତର୍ପଣ**
ସ୍ୱର୍ଗତ ହରିହର ମିଶ୍ର
ଗ୍ୟାରେଜ୍ ଛକ, ପୁରୁଣା ଭୁବନେଶ୍ୱର
ଆବିର୍ଭାବ: ୧୨।୦୭।୧୯୩୫
ତିରୋଧାନ: ୨୨।୧୨।୨୦୧୪
ଚାହୁଁ ଚାହୁଁ ପାଞ୍ଚବର୍ଷ ଚାଲିଗଲା। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ହେଉ, ହେ ଜଗନ୍ନାଥ ଏତିକି ପ୍ରାର୍ଥନା ।
ଆପଣଙ୍କ ଶୋକସନ୍ତପ୍ତ ପରିବାର:
ସ୍ତ୍ରୀ- ନଳିନୀ, କନ୍ୟା-ସରିତା, ଅନିତା, ଜ୍ୱାଇଁ- କୃଷ୍ଣଚନ୍ଦ୍ର, ବରଦା, ନାତୁଣୀ- କସ୍ତୁରୀ, ଦେବୀଶି, ନାତି- ଦେବାଂଶ ଓ ବନ୍ଧୁବର୍ଗ ।
ଧ-୧୫୮୭୨

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ**
ସ୍ୱର୍ଗତ ସୁଶାନ୍ତ କୁମାର ସ୍ୱାଇଁ
ଆବିର୍ଭାବ: ୦୬।୦୬।୧୯୮୧
ତିରୋଧାନ: ୦୮।୦୧।୨୦୧୬
ଚତୁର୍ଥ ଶ୍ରାଦ୍ଧବାର୍ଷିକ ଅବସରରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ:
ବାପା, ବୋଉ, ଭାଇ, ଭାଉଜ, ପୁତୁରା, ଭଉଣୀ, ଭିଣୋଇ, ବନ୍ଧୁ ଓ ପରିବାରବର୍ଗ ।
ଧ-୧୫୮୭୬

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ବୁଧବାର, ଡିସେମ୍ବର ୨୫/୨୦୧୯ Sambalpur, Wednesday, December 25 / 2019

## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ୩ ଆହତ

ନୂଆପଡା ଅଫିସ/ବୋଡେନ, ୨୪।୧୨ (ଡି.ଏନ.ଏ.): ନୂଆପଡ଼ା ଜିଲା ବୋଡେନ ଥାନା ଅଞ୍ଚଳରେ ମଙ୍ଗଳବାର ଭିନ୍ନ ଭିନ୍ନ ଜାଗାରେ ଭାଲୁ ଆକ୍ରମଣରେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ବୋଡେନ ଥାନା ପଲସାମାଲ ଗାଁର କ୍ଷୀରୋଦ ନାଏକ (୧୯), ଜାମଗାଁର ଫୁଲମତି ନାଗ (୨୨) ଏବଂ ରୋକାଲ ଗାଁର କରୁଣା ମାଝି (୬୦)। ସେମାନଙ୍କ ମଧ୍ୟରୁ କ୍ଷୀରୋଦଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଧର୍ମଗଡ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟ ଦୁଇଜଣଙ୍କୁ ବୋଡେନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଉଛି। ବନ ବିଭାଗ ଖବର ପାଇ ଜଙ୍ଗଲ ଅଞ୍ଚଳରେ ପଇଁତରା ମାରୁଛି ।

■ସଜା କାଟି ଫେରିବା ପରେ ଆତ୍ମହତ୍ୟା ଘଟଣା

## ଗୋଲାବନ୍ଧରୁ ପୋଲିସ ଆଣିଲା ମୃତଦେହ

ନୂଆପଡା ଅଫିସ,୨୪।୧୨

ଦୀର୍ଘ ୧୮ ବର୍ଷ ଧରି ଜେଲରେ ସଜା କାଟି ଘରକୁ ଫେରିବା ପରେ କୌଣସି କାରଣରୁ ହତାଶ ହୋଇ ଆତ୍ମହତ୍ୟା କରିଥିବା ଭୂଷଣ ମାଝିଙ୍କ ମୃତଦେହକୁ ନୂଆପଡା ପୋଲିସ ମଙ୍ଗଳବାର ଆଣି ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ. ୭୧/୧୯)ରୁଜୁ କରି ଅଧିକ ତଦନ୍ତ ଚାଲିଛି ।

ସୂଚନା ଅନୁସାରେ, ମାଓବାଦୀଙ୍କ ଗଡ କୁହାଯାଉଥିବା ସୁନାବେଡା ଅଭୟାରଣ୍ୟ ଭିତରେ ରହିଥିବା ଗୋଲାବନ୍ଧ ଗାଁରେ ଭୂଷଣଙ୍କ ମୃତଦେହ ୨୪ ଘଣ୍ଟା ଧରି ପଡି ରହିଥିଲା। ପରେ ମୃତଦେହ ନୂଆପଡା ଆଣିବାକୁ ଯୋଜନା ପ୍ରସ୍ତୁତ ହୋଇଥିଲା। ନୂଆପଡା ଥାନାଧିକାରୀ ଆଦିତ୍ୟ କୁମାର ମହାକୁଡଙ୍କ ନେତୃତ୍ୱରେ ଏକ ଟିମ୍ ସକାଳେ ଗୋଲାବନ୍ଧ ଯାଇ ସେଠାରୁ ଏକ ସ୍ୱତନ୍ତ୍ର ଗାଡି ଯୋଗେ ମୃତଦେହ ଏଠାକୁ ଆଣିଥିଲେ। ବ୍ୟବଚ୍ଛେଦ ପରେ ଗ୍ରାମବାସୀଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ମୃତକ ଭୂଷଣ ଭବାନୀପାଟଣା ଏବଂ ଖଡିଆଳ ଜେଲରେ ଜେଲ ଦଣ୍ଡ କାଟିବା ସମୟରେ ବିଭିନ୍ନ ଶ୍ରମଭିତ୍ତିକ କାମ କରିଥିଲେ। ସେହି ବାବଦକୁ ତାଙ୍କର ଲକ୍ଷାଧିକ ଟଙ୍କା ପାଇବାର ଥିଲା। ଏହାକୁ ନେଇ ବାରମ୍ବାର ଭୂଷଣ ଭବାନୀପାଟଣା ଜେଲ୍‌କୁ ଦୌଡି ନିରାଶ ହୋଇଥିଲେ । ଏହି କାରଣରୁ ସେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ତେବେ ଏ ନେଇ ଭବାନୀପାଟଣା ଜେଲ୍ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ ସମ୍ଭବ ହୋଇ ନ ପାରିବାରୁ ମତାମତ ମିଳିପାରିନାହିଁ ।

■ରେଲୱେ ତମ୍ବା ତାର ଚୋରି ଘଟଣାର ପର୍ଦ୍ଦାଫାଶ

# ୨ ଆନ୍ତଃ ଜିଲା ଲୁଟେରା ଗିରଫ, ୯ ଫେରାର

ବାମରା, ୨୪।୧୨ (ଡି.ଏନ.ଏ)




ପୋଲିସ ଗିରଫ ଅଭିଯୁକ୍ତଙ୍କୁ ଖବରଦାତା ସମ୍ମିଳନୀରେ ହାଜର କରିଛି ।

ସମ୍ବଲପୁର ବାମରା ଅଞ୍ଚଳରେ ରେଲୱେର ତୃତୀୟ ଲାଇନ ନିର୍ମାଣ ପାଇଁ ରଖାଥିବା ଲକ୍ଷାଧିକ ଟଙ୍କାର ତମ୍ବା ତାର ଚୋରି ଘଟଣାର ପର୍ଦ୍ଦାଫାଶ ହୋଇଛି । ଏହି ଘଟଣାରେ ଆନ୍ତଃ ଜିଲା ଲୁଟେରା ଗ୍ୟାଙ୍ଗର ୨ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଝାରସୁଗୁଡା ଜିଲା ବ୍ରଜରାଜନଗର ଓରିଏଣ୍ଟ ଥାନା ଅନ୍ତର୍ଗତ ଅଭୟପୁର ଗ୍ରାମର ନାରାୟଣ ଓରାମ (୧୯) ଓ ଗଜପତି ନଗରର ଉଜ୍ଜ୍ୱଳ କୁମାର ଭଗତ (୨୪) । ଏଥିରେ ସମ୍ପୃକ୍ତ ୯ ଜଣ ଫେରାର ଅଛନ୍ତି । ଏ ନେଇ ଗୋବିନ୍ଦପୁର ଥାନାରେ ଏକ ମାମଲା (ନଂ.୧୬୧/୧୯) ଏବଂ ଝାରସୁଗୁଡା ଆରପିଏଫ ଥାନାରେ ଅନ୍ୟ ଏକ ମାମଲା (ନଂ. ୧୬/୧୯) ରୁଜୁ ହୋଇଛି । ବୁଧବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି ।

ଗୋବିନ୍ଦପୁର ଥାନାରେ ଏକ ମିଳିତ ଖବରଦାତା ସମ୍ମିଳନୀରେ ପୋଲିସ ସୂଚନା ଦେଇ କହିଛି, ବାମରା ଇଷ୍ଟ କ୍ୟାବିନ ରେଲୱେ ଫାଟକ ନିକଟ ଏକ ଘରେ ଗତ ଡିସେମ୍ବର ୧୫ ତାରିଖରେ ଏକ ଟ୍ରାକ୍ଟରରେ ପ୍ରାୟ ୫୦୦ କେଜି (୪୫୦ ମିଟର) ତମ୍ବା ତାର ବୋଝେଇ କରି ରଖାଯାଇଥିଲା । ତେବେ ମଧ୍ୟରାତ୍ରିରେ କେତେକ ଦୁର୍ବୃତ୍ତ ସେଠାରେ ଥିବା ଗାର୍ଡଙ୍କୁ ମାରଣାସ୍ତ୍ର ଦେଖାଇ ଉକ୍ତ ଟ୍ରାକ୍ଟର (ନଂ.ଓଆର୍ ୧୬ଡି/୮୨୩୮) ସହ ସେଥିରେ ଥିବା ସବୁ ତମ୍ବା ତାର ନେଇ ଯାଇଥିଲେ। ସେମାନେ ଚୋରି ସାମଗ୍ରୀକୁ ଅନ୍ୟତ୍ର ଲୁଚେଇ ପୁଣି ଟ୍ରାକ୍ଟରକୁ ସେହି ସ୍ଥାନରେ ଛାଡି ଦେଇଥିଲେ । ପରଦିନ ଘଟଣା ବିଷୟରେ ସାଇଟ ଇନଚାର୍ଜ ଦେବାନନ୍ଦ ଖାଖା ଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ରେଲୱେ ସୁରକ୍ଷା ବଳ ଓ ଗୋବିନ୍ଦପୁର ପୋଲିସ ମିଳିତ ଭାବେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତ ପରେ ଏଥିରେ ଆନ୍ତଃ ଜିଲା ଡକାୟତ ଦଳ ସମ୍ପୃକ୍ତ ଥିବା ସୂଚନା ପାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ନାରାୟଣ ଓ ଉଜ୍ଜ୍ୱଳଙ୍କୁ ଗିରଫ କରିଥିଲେ। ସେମାନଙ୍କ ସୂଚନା ଆଧାରରେ ବାମରା ନିକଟସ୍ଥ ତାଲଡିହି ଗ୍ରାମ ଏକ ନିଛାଟିଆ ସ୍ଥାନରେ ମାଟି ତଳୁ ପୋତା ହୋଇଥିବା ଚୋରି ସାମଗ୍ରୀ ଉଦ୍ଧାର ହୋଇଛି । ଗିରଫ ଅଭିଯୁକ୍ତ ପେଷାଦାର ଅପରାଧୀ ଓ ସେମାନଙ୍କ ନାଁରେ ପୂର୍ବରୁ ମଧ୍ୟ ବିଭିନ୍ନ ଥାନାରେ ଅନେକ ମାମଲା ରହିଥିବା ବୋଲି ଖବରଦାତା ସମ୍ମିଳନୀରେ କୁହାଯାଇଛି।

■କିଡ୍‌ନୀ ରୋଗ୍‌ରେ ପୀଡ଼ିତ ଧୁବଲ

## ଟଁକା ଅଭାବୁ ଅଟ୍‌କିଛେ ଚିକିଛା

ଲୋଇସିଂହା, ୨୪।୧୨ (ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ) ପଁଚେତ୍ ସାନଟିକା ଗାଁର ଧୁବଲ ପଧାନ(୪୫)। ଦୁଇ ବଛର ହେଲା କିଡ୍‌ନୀ ରୋଗ୍‌ରେ ପୀଡ଼ିତ ଅଛନ୍। ସେ ଝନେ ନିହାତି ଗରିବ୍ ଲୋକ୍। ଧାର ଉଧାର କରି ଅନେକ ଟଁକା ପଏସା ସାଏଲା ଉତାରୁ ବି କିଛି ଲାଭ ନାଇଁ ହେବାର।

ସୂଚନା ହିସାବେ ସାନଟିକା ଗାଁର ଧୁବଲ ପଧାନକଁର ପରିବାର କହେଲେ ମାଏକିନା ଆର ୩ ଝିଁକୁ ନେଇ ସଁସାର। ବଡ଼ଖା ଝିଁକେ ବିହାଟୁରା କରି ସାରିଥିଲାବେଲେ ବାକି ଦୁଇ ଝିଁ ପଢ଼ାପଢ଼ି କରୁଛନ୍। ଧୁବଲ ଝନେ ନାଁକେ ଚାଷୀ। ସେ ପରିବାରର ଝନେ ବଲି ରୁଜ୍‌ଗାରିଆ ଲୋକ୍। ଚାଷ୍‌ବାସ କରି କୁଟୁମ ପୁଷୁଥିଲେ। ଆଏଜ୍‌କେ ୨ ବଛର ତଲେ ସେ କିଡ୍‌ନୀ ରୋଗ୍‌ରେ ଆକ୍ରାଁତ ହେଇଥିଲେ। ଏନ୍‌ତାଥି ସେ ନିଜର ଦେଢ଼ ଏକର ଜମିରୁ କେତେ ବିକାଭଂଗା କରି ଭୁବନେଶ୍ୱରରେ ଚିକିଛିତ ହେଉଛନ୍। ହେଲେ ଏହେଦେ ଟଁକା ପଏସା ଅଭାବୁ ଚିକିଛିତ ନାଇଁ ହେଇପାରି କରି ଭଗବାନ ଭରସାରେ ଘରେ ପଡ଼ି ରହିଛନ୍। ଇ ପରିବାରଟା ନିହାତି ଗରିବ୍ ହେଇଥିଲେ ବି ସରକାରୀ ସୁବିଧାରୁ ବଁଚିତ୍ ଥିବାର ଗାଁର ସୁନୀଲ ପଧାନ କହିଛନ୍। ଜିଲା ପରଶାସନ ଇ ଦୁଖି ଗରିବ୍ ପରିବାର ଉପରେ ଦୃରୁଷ୍ଟି ଦେଇ ଚିକିଛା ସାହାଯ୍ ସଂଗେ ବାକି ସରକାରୀ ସୁବିଧା ସୁଯୋଗ ଯୁଗେଇ ଦେବାକେ ଗାଁବାସୀ ଦାବି କରିଛନ୍।



କିଡ୍‌ନୀ ରୋଗ୍‌ରେ ପୀଡ଼ିତ ଧୁବଲ ପଧାନ।

■ଛିନ୍ଦେଇକେଲା ସର୍ବଭାରତୀୟ କ୍ରିକେଟ

## ରାଉରକେଲାକୁ ହରାଇ ରାଞ୍ଚି ରେଲୱେ ସେମିରେ

ପାଇକମାଲ, ୨୪।୧୨ (ଡି.ଏନ.ଏ.)

ବରଗଡ ଜିଲା ପାଇକମାଲ ବ୍ଲକ ଛିନ୍ଦେଇକେଲା ଚନ୍ଦ୍ରଶେଖର ମିନି ଷ୍ଟାଡିୟମରେ ରାଜିଂ ଷ୍ଟାର କ୍ରିକେଟ କ୍ଲବ ପକ୍ଷରୁ ଚାଲିଥିବା ୨୫ତମ ଛିନ୍ଦେଇକେଲା ସର୍ବଭାରତୀୟ କ୍ରିକେଟ ସିଲଭର ଜୁବୁଲି ଦ୍ୱିତୀୟ ଦିନରେ ରାଞ୍ଚି ରେଲୱେ ଓ ରାଉରକେଲା ସ୍ପୋର୍ଟ୍ସ ଆସୋସିଏସନ୍ ମଧରେ ମ୍ୟାଚ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଡା. ରୁଦ୍ରମଣୀ ବେହେରା ଓ ସମ୍ମାନୀତ ଅତିଥି ଭାବେ ନନ୍ଦିକିଶୋର ନନ୍ଦ ଯୋଗଦେଇ ଖେଳ ଶୁଭାରମ୍ଭ କରିଥିଲେ । ପ୍ରଥମେ ଟି-୨୦ ଫର୍ମାଟରେ ରାଞ୍ଚି ରେଲୱେ ଟସ୍ ଜିଣି ନିର୍ଦ୍ଧାରିତ ଓଭରରେ ରବି ଚୌଧୁରୀ ୩୦ ବଲ୍‌ରେ ୪୫ ରନ୍, ଆଶ୍ୱିନୀ ଷଡଙ୍ଗୀ ୨୭ ବଲ୍‌ରେ ୫୩ ରନ୍, ସନ୍ଦୀପ ଭାରତୀୟ ୩୧ ବଲ୍‌ରେ ୬୧ ରନ୍, ରାମଚରଣ ଯାଦବ ୧୭ ବଲ୍‌ରେ ୨୭ ରନରେ ୫ ଉଇକେଟ ହରାଇ ୨୨୩ ରନ୍ ସଂଗ୍ରହ କରିଥିଲେ । ରାଉରକେଲା ଦଳରୁ ଦେବସିଂ, ବିମଲ ମାଝି, ଗୌତମ ସୁନା ୪ଓଭର ଲେଖାଏଁ ବୋଲିଂ କରି ୧ ଉଇକେଟ ଅକ୍ତିଆର କରିଥିଲେ । ଏହାର ଜବାବରେ ରାଉରକେଲା ଦଳ ବ୍ୟାଟିଂ କରି ଗଙ୍ଗା ସୁନା ୧୭ ବଲରେ ୩୩ ରନ, ଶରତ ମିଞ୍ଜ ୩୬ ବଲରେ ୫୦, ଆଶିଷ ମିତ୍ର ୨୮ ବଲରେ ୪୦, ଅଂଶୁମାନ ଗୋପେ ୧୪ ବଲରେ ୪୨ ରନ ୬ ଉଇକେଟ ହରାଇ ରାଞ୍ଚି ରେଲୱେ ୨୩ ରନ ଲିଡ୍‌ରେ ରହିଥିଲେ । ଟି-୧୦ ଫର୍ମାଟରେ ରାଉରକେଲା ୫୦ ରନ୍ କରି ରାଞ୍ଚି ରେଲୱେକୁ ୨୮ ରନ୍ ଟାର୍ଗେଟ ଦେଇଥିବା ବେଳେ ରାଞ୍ଚି ରେଲୱେ ୩.୫ ଓଭରରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି । ଓସିଏ ପ୍ୟାନେଲ ଅମ୍ପାୟାର ଚୁଡାମଣୀ ପାଢ଼ୀ ଓ ସୁଶାନ୍ତ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ । ଆକାଶ ସାହୁ ଓ କବିରାଜ ସାହୁ ସ୍କୋରର ଥିବା ବେଳେ ରମେଶ ସାହୁ ଧାରାବିବରଣୀ ଦେଇଥିଲେ । ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ସାଈ ମୋଟର ପ୍ରୋପାଇଟର୍ ଆୟୁଷ ଅଗ୍ରୱାଲ ଯୋଗଦେଇ ରାଞ୍ଚି ରେଲୱେର ସନ୍ଦୀପ ଭାରତୀୟଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଦେଇ ପୁରସ୍କୃତ କରିଥିଲେ । ରାଜିଂ ଷ୍ଟାର କ୍ରିକେଟ କ୍ଲବର ସମ୍ପାଦକ ଆନନ୍ଦ ସାହୁ ଓ ଉପଦେଷ୍ଟା ହେମସାଗର ସାହୁ ସହଯୋଗ କରିଥିବା ବେଳେ ଆୟୋଜକ କମିଟି ସଭାପତି ପ୍ରଶାନ୍ତ ସାହୁ ଧନ୍ୟବାଦ ଦେଇଥିଲେ। ବୁଧବାର ରାଜିଂ ଷ୍ଟୁଡେଣ୍ଟ କଟକ ଓ କରିମ ସ୍ପୋର୍ଟିଂ ଏକାଡେମୀ ନାଗପୁର ମଧରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଉପଦେଷ୍ଟା ଅଶ୍ୱିନୀ ସାହୁ ସୂଚନା ଦେଇଛନ୍ତି ।

■ରାଜେନ୍ଦ୍ର କଲେଜ ପ୍ଲାଟିନମ୍ ଜୁବିଲି ପ୍ରସ୍ତୁତି ଜୋର୍‌ଦାର

## ଗାନ୍ଧୀ ଷ୍ଟାଡିୟମରେ ପହଞ୍ଚିଲେ ଯୁଗ୍ମ ସୁରକ୍ଷା ତଦାରଖ ଟିମ୍



ଉଚ୍ଚ କ୍ଷମତାସମ୍ପନ୍ନ ଯୁଗ୍ମ ସୁରକ୍ଷା ତଦାରଖ ଟିମ୍ ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମରେ ପହଞ୍ଚି ସୁରକ୍ଷା ବ୍ୟବସ୍ଥା ତଦାରଖ କରୁଛନ୍ତି ।

ବଲାଙ୍ଗୀର ଅଫିସ, ୨୪।୧୨

ବଲାଙ୍ଗୀର ରାଜେନ୍ଦ୍ର କଲେଜର ୭୫ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତା ୨୭ ତାରିଖରୁ ୫ ଦିନ ବ୍ୟାପୀ ପ୍ଲାଟିନମ୍ ଜୁବିଲି ଉତ୍ସବ ପାଳନ ହେବ । ଏହି ସମାରୋହରେ ଭାରତର ଉପରାଷ୍ଟ୍ରପତି ଏମ୍. ଭେଙ୍କିୟା ନାଇଡୁ ଯୋଗଦାନ କରି ସମାରୋହକୁ ଉଦ୍‌ଘାଟନ କରିବେ । ଉଦ୍‌ଯାପନୀ ଦିବସରେ ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ ଯୋଗଦେବେ । ଏହା ସହିତ ଅନ୍ୟ ଦିନ ଗୁଡିକରେ ଜାତୀୟ, ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତିପ୍ରାପ୍ତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଶିକ୍ଷାବିତ୍, ସାହିତ୍ୟିକ ଯୋଗଦାନ କରିବା କାର୍ଯ୍ୟକ୍ରମ ଚୂଡାନ୍ତ ହୋଇସାରିଛି । ଉଦ୍‌ଘାଟନୀ ଉତ୍ସବରେ ଉପରାଷ୍ଟ୍ରପତି ଯୋଗଦାନ କରୁଥିବାରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଉଛି । ଏହି ସୁରକ୍ଷା ବ୍ୟବସ୍ଥା ତଦାରଖ କରିବାକୁ ମଙ୍ଗଳବାର ଭୁବନେଶ୍ୱରରୁ ଏକ ଉଚ୍ଚ କ୍ଷମତାସମ୍ପନ୍ନ ଯୁଗ୍ମ ସୁରକ୍ଷା ତଦାରଖ ଟିମ୍ ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମ ପହଞ୍ଚି ପରିଦର୍ଶନ କରିଛନ୍ତି । ଓଡିଶା ଷ୍ଟେଟ୍ ସିକ୍ୟୁରିଟି ୱିଙ୍ଗସ୍‌ର ଅଧିକାରୀ ନରେଶ ପଟେଲଙ୍କ ନେତୃତ୍ୱରେ ଏହି ଯୁଗ୍ମ ସୁରକ୍ଷା ତଦାରଖ ଟିମ ପ୍ଲାଟିନମ୍ ଜୁବିଲି ସମାରୋହ ଆୟୋଜନ କରାଯାଉଥିବା ଗାନ୍ଧୀ ଷ୍ଟାଡିୟମରେ ସୁରକ୍ଷା ତଦାରଖ କରିଥିଲେ । କିଭଳି ଭାବେ ପ୍ରୋଟୋକଲ ଅନୁଯାୟୀ ସମସ୍ତ କାର୍ଯ୍ୟକ୍ରମ ସମ୍ପନ୍ନ ହେବ ସେନେଇ ପ୍ଲାଟିନମ୍ କମିଟି କାର୍ଯ୍ୟକର୍ତ୍ତା ଓ ବିଭିନ୍ନ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଏହି ଟିମ୍‌ରେ ସେଣ୍ଟ୍ରାଲ ଇଣ୍ଟେଲିଜେନ୍ସ ବ୍ୟୁରୋ, ଓଡିଶା ସ୍ପେଶାଲ ବ୍ରାଞ୍ଚର ଅଧିକାରୀ ଆସି ସ୍ଥିତି ତଦାରଖ କରିଥିଲେ । ଜିଲା ପୋଲିସ ବିଭାଗ ତରଫରୁ ଏସଡିପିଓ ଶ୍ରୀମନ୍ତ ବାରିକ, ଇଣ୍ଟେଲିଜେନ୍ସ ବ୍ୟୁରୋର ପ୍ରଶାନ ନନ୍ଦ, ଟାଉନ୍ ଆଇଆଇସି ସଂଗ୍ରାମ କେଶର ପଟ୍ଟନାୟକ ଏହି ଟିମ୍‌କୁ ସହାୟତା ପ୍ରଦାନ କରି କିଭଳି ସୁରୁଖୁରୁରେ ଏହି କାର୍ଯ୍ୟକ୍ରମ ସମ୍ପନ୍ନ ହେବ ସେନେଇ ବିସ୍ତୃତ ଆଲୋଚନା କରିଥିଲେ । ଏହି ଅବସରରେ ରାଜେନ୍ଦ୍ର କଲେଜ ଆଲୁମ୍ନି ଆସୋସିଏସନ୍ ସଭାପତି ଲଳିତ କୁମାର ନାୟକ, ସମ୍ପାଦକ ଅରବିନ୍ଦ ଦାସ, ସଂଯୋଜକ ହରିନାରାୟଣ ପୂଜାରୀ, ସଦସ୍ୟ ଅମନ ନାଗ, ସତ୍ୟସୁନ୍ଦର ଭଞ୍ଜ, ଚିତ୍ତରଞ୍ଜନ ମିଶ୍ର, ସୁନୀଲ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ମାନଭଞ୍ଜନ ପାଢ଼ୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।










Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଯଦି କାହାକୁ ସୁଖ ଦେଇ ନ ପାରୁଛ ଭଲ କଥା, ତେବେ କାହାକୁ ଦୁଃଖ ଦିଅନାହିଁ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ଫ୍ରେଜରପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବାର୍ଷିକୋତ୍ସବ

**ପାଇକମାଲ, ୨୪।୧୨ (ଡି.ଏନ.ଏ.):** ପାଇକମାଲ ବ୍ଲକସ୍ଥିତ ଫ୍ରେଜରପୁର ଓଡିଶା ଆଦର୍ଶ ବିଦ୍ୟାଳୟରେ ଭାରପ୍ରାପ୍ତ ଅଧକ୍ଷ ଦୀପକ ପ୍ରଧାନଙ୍କ ସଭାପତିତ୍ୱରେ ୪ର୍ଥ ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଝାରବନ୍ଧ ତହସିଲଦାର ପର୍ଶୁରାମ ପଣ୍ଡା ଓ ସମ୍ମାନୀତ ଅତିଥି ଭାବେ ବିନ୍ଧ୍ୟାବାସିନୀ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ଲୋହିତ କୁମାର ବାରିକ, ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ଶ୍ୟାମସୁନ୍ଦର ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ଶୃଙ୍ଖଳିତ ହୋଇ କଠିନ ଅଧବସାୟ ବଳରେ ଏକ ଭଲ ମଣିଷ ହେବା ପାଇଁ ଆହ୍ୱାନ ଦେଇଥିଲେ। ଶିକ୍ଷକ ଲମ୍ବୋଦର ଭୋଇ ଧନ୍ୟବାଦ ଦେଇଥିଲେ।

### କର୍ମକର୍ତ୍ତା ଚୟନ

**ଭେଡ଼େନ,୨୪।୧୨(ଡି.ଏନ.ଏ):** ବରଗଡ଼ ଜିଲା ଭେଡ଼େନ ବ୍ଲକ୍ ଅନ୍ତର୍ଗତ ଚିଚିଣ୍ଡା ପଞ୍ଚାୟତର ବାଞ୍ଜିପାଲି ବଜରଙ୍ଗପଡ଼ାରେ ଥିବା ଶନିଧାମର ପ୍ରଥମ ପ୍ରତିଷ୍ଠା ଉତ୍ସବ ଆସନ୍ତା ଜାନୁୟାରୀ ମାସ ୧୧ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କଳସଯାତ୍ରା, ଶନି ମହାପୁରାଣ ପାଠ, ନୂତନ ବିଗ୍ରହଙ୍କ ପ୍ରତିଷ୍ଠା ଉତ୍ସବ, ଗୋ ପୂଜା, ଗୀତା ହୋମ, ଚଣ୍ଡି ପାଠ ଆଦି କରାଯିବ। ଏ ନେଇ ପରିଚାଳନା କମିଟି ଗଠିତ ହୋଇଛି। ଏଥିରେ ଲକ୍ଷ୍ୟପତି ମେହେର ସଭାପତି, ଖିଦାଡ଼ ମେହେର ଉପସଭାପତି ଅଛନ୍ତି। ଅଶୋକ ଧରେଇ, ରାଧାକାନ୍ତ ସେଠ, ଅରୁଣ ଅଗ୍ରୱାଲ, ସାହେବ ମାଝୀ, ଲଳିତ କୁଦେଇ, ସୁରୁବାବୁ ମାଝୀ, ନରେଶ ଭୋଇ, ରୁପେଶ ଭୋଇ, ସୁଧାଂଶୁ ଚିରଗୁନ ପ୍ରମୁଖ ସଦସ୍ୟ ଭାବେ ରହିଛନ୍ତି।

### ୨୪ ଦୋକାନରୁ ୪୪୦୦ ଟଙ୍କା ଜରିମାନା ଆଦାୟ

**ମନମୁଣ୍ଡା,୨୪।୧୨(ଡି.ଏନ.ଏ.):** ବୌଦ୍ଧ ଜିଲା କଣ୍ଟାମାଲରେ ୨୪ଟି ଦୋକାନ ଉପରେ ଚଢ଼ାଉ କରାଯାଇଛି। ତମାଖୁ ବିକ୍ରି ଅଭିଯୋଗରେ ଏହି ସବୁ ଦୋକାନରୁ ୪୪୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଛି। ତମାଖୁ ବିକ୍ରି ବନ୍ଦ କରିବା ପାଇଁ ଦୋକାନୀମାନଙ୍କୁ ସଚେତନ ମଧ କରାଯାଇଥିଛି। କଣ୍ଟାମାଳ ଥାନା ଆଇଆଇସି ଅଶ୍ୱିନୀ ଭିତ୍ରିଆ, ଅବକାରୀ ଓଆଇସି ଶରତ ଚନ୍ଦ୍ର ମହାନ୍ତି, ଖାଦ୍ୟ ନିରାପତ୍ତା ଅଧିକାରୀ ନବକିଶୋର ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ୧୫ ପର୍ଯ୍ୟନ୍ତ ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ବୌଦ୍ଧ, ୨୪।୧୨(ସ୍ୱ.ପ୍ର.):** ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଓ ବୌଦ୍ଧ ଜିଲାକୁ ସମ୍ବଲପୁର ରାଜସ୍ୱ ଆୟୁକ୍ତ ଅଧୀନରେ ସାମିଲ କରିବା ଦାବି ନେଇ ବୌଦ୍ଧ ଜିଲା ଓକିଲ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ଆସନ୍ତା ଜାନୁୟାରୀ ୧୫ ତାରିଖକୁ ବୃଦ୍ଧି କରାଯାଇଛି। ମଙ୍ଗଳବାର ସଂଘ ସଭାପତି ତାରେଣୀ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଏକ ବୈଠକ ବସିଥିଲା। ଅଶୋକ ମିଶ୍ର, ଧୁରୀଣ ଦେହୁରୀ, ଅଚ୍ୟୁତାନନ୍ଦ ମିଶ୍ର, ଓମ୍ ପ୍ରକାଶ ମିଶ୍ର, ସୁଧୀର କର୍ଣ୍ଣ, ନବ କୁମାର ମିଶ୍ର, ଦେବରଞ୍ଜନ ମହାକୁଡ, ଅଶୋକ ସାହୁ, ଯୋଗେଶ ପ୍ରସାଦ ନାୟକ, ଜୁଲିୟସ ମହାକୁଲ ଓ କୃଷ୍ଣ ଚନ୍ଦ୍ର ମେହେର ପ୍ରମୁଖ ଓକିଲ ଉପସ୍ଥିତ ଥିଲେ।

ବରଗଡ଼ ଜିଲା ପରିଷଦ ବୈଠକ

# ସାମୂହିକ ବିକାଶକୁ ଗୁରୁତ୍ୱ

**ବରଗଡ଼ ଅଫିସ,୨୪।୧୨**

ବରଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜିଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଉକ୍ତ ବୈଠକରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଜିଲା ପରିଷଦ ଉପାଧ୍ୟକ୍ଷ ମଦନ ଦୀପ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତିବାସ ରାଉତଙ୍କ ସମେତ ବିଭାଗୀୟ ଅଧିକାରୀ, ଜିଲା ପରିଷଦ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ ।

ବୈଠକ ଆରମ୍ଭରୁ ଜିଲାପାଳ ପ୍ରଧାନ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଚତୁର୍ଥ ରାଜ୍ୟ ଅର୍ଥ କମିଶନ ଦ୍ୱାରା ଦ୍ୱିତୀୟ ପର୍ଯ୍ୟାୟରେ ରାସ୍ତା, ପୋଲ ଉନ୍ନତିକରଣ ନିମନ୍ତେ ୧କୋଟି ୭୫ଲକ୍ଷ ୯ହଜାର ୧୪ଟଙ୍କା ମିଳିଥିବା ନେଇ ସୂଚନା ଦେଇଥିଲେ। ସେହିପରି ଡିଭୋଲୁଶନ ଅଫ ଫଣ୍ଡ ବାବଦକୁ ୪୫ଲକ୍ଷ ଟଙ୍କା ମିଳିଥିବା ସେ କହିଥିଲେ । ଏହାର ବିନିଯୋଗ ନିମନ୍ତେ ଜିଲା ପରିଷଦ ସଭ୍ୟାସଭ୍ୟଙ୍କଠାରୁ କାର୍ଯ୍ୟକାରୀ ଯୋଜନା ଚିଠା ଉପରେ ବରାଦ ଆଲୋଚନା କରାଯାଇ ପ୍ରସ୍ତାବ ଅନୁମୋଦନ କରାଯାଇଥିଲା ।

କୃଷି ବିଭାଗର ଆଲୋଚନାବେଳେ ଜାତୀୟ ଖାଦ୍ୟ ନିରାପତ୍ତା ଯୋଜନାରେ ୩ହଜାର ହେକ୍ଟର ଜମିରେ ମୁଗଚାଷ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ଜିଲା ମୁଖ୍ୟ କୃଷି ଅଧିକାରୀ ଦୀନବନ୍ଧୁ ଗାନ୍ଧୀ କହିଥିଲେ । ସେହିପରି କପା, ସୋରିଷ ଚାଷ ଉପରେ ସୂଚନା ଦେବା ସହିତ କୃଷିବିଭାଗକୁ ମୋ ସରକାର ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ନେଇ ସେ ସୂଚନା ପ୍ରଦାନ କରିଥିଲେ। ବରଗଡ଼ ବିଧାୟକ ଆଚାର୍ଯ୍ୟ ଚାଷୀ, ଚାଷ ଉପରେ ରହିଥିବା ସରକାରୀ ଯୋଜନାକୁ ତ୍ୱରାନ୍ୱିତ କରିବା ପାଇଁ ପରାମର୍ଶ ଦେଇଥିବାବେଳେ ବରଗଡ଼ ଲୋକସଭା ସଦସ୍ୟଙ୍କ ପ୍ରତିନିଧି ସୁରେଶ୍ୱର ଶତପଥୀ ଜିଲାରେ ଚକଡ଼ା (ମାଟିଆଗୁଣ୍ଡି) ରୋଗପୋକ ଦମନ ଉପରେ ଗୁରୁତ୍ୱାରୋପ କରିଥିଲେ।

ଜିଲା ଯୋଗାଣ ବିଭାଗର ଆଲୋଚନାବେଳେ ଜିଲାରେ ୯୮ଲକ୍ଷ ୫୨ହଜାର ୯୩୧ କୁଇଣ୍ଟାଲ ଧାନ ଏଥର ସଂଗ୍ରହ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବାବେଳେ ବର୍ତ୍ତମାନ ସୁଦ୍ଧା ୪୨ଲକ୍ଷ ୨୫ହଜାର ୮୫୪ କୁଇଣ୍ଟାଲ ଧାନ ସଂଗୃହୀତ ହୋଇଛି ବୋଲି ଜିଲା ଯୋଗାଣ ଅଧିକାରୀ ଦୁର୍ଗାଚରଣ ଭେସ୍ରା ସୂଚନା ଦେଇଥିଲେ । ତେବେ ଧାନ କିଣାବିକା ସମୟରେ ଚାଷୀମାନେ ବହୁବିଧ ସମସ୍ୟାର ସମ୍ମୁଖୀନ ହେଉଥିବା ତଥା ଏ ପର୍ଯ୍ୟନ୍ତ ଅନେକ ଚାଷୀଙ୍କ ଟୋକନ ଆସି ନଥି ବାବେଳେ ନାମ ମଧ୍ୟ ପଞ୍ଜିକରଣ ହୋଇପାରି ନ ଥିବା ନେଇ ଉପସ୍ଥିତ ଜନ ପ୍ରତିନିଧିମାନେ ଉଦ୍‌ବେଗ ପ୍ରକାଶ କରିଥିଲେ।

ପୂର୍ତ୍ତ ବିଭାଗର ସମୀକ୍ଷାବେଳେ ଜିଲାର ୬ଟି ଆଦର୍ଶ ବିଦ୍ୟାଳୟ ମଧ୍ୟରୁ ୪ଟିର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି ବୋଲି ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଚକ୍ରଧର ଗନ୍ତାୟତ ସୂଚନା ଦେଇଥିଲେ । ସେହିପରି ୧କୋଟି ୧୭ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୨ଟି ହ୍ୟାଣ୍ଡଲୁମର କାର୍ଯ୍ୟ ଆଗେଇ ଚାଲିଥିବା ସେ କହିଥିଲେ । ଦୀପ୍ତିପୁରଠାରୁ ଗାଇସିଲେଟ୍ ପର୍ଯ୍ୟନ୍ତ ୧୯କି.ମି ଦୀର୍ଘ ରାସ୍ତା ୨୩କୋଟି ଟଙ୍କା ଏବଂ ବରଗଡ଼ରୁ ଭେଡ଼େନ ରାସ୍ତାର ଉନ୍ନତିକରଣ ୩୦କୋଟି ଟଙ୍କା ବ୍ୟୟ ଅଟକଳରେ ଚାଲିଥିବା ସେ କହିଥିଲେ। ବରଗଡ଼ ରେଳ ଷ୍ଟେଶନ ରାସ୍ତାକୁ ୪ଲେନ୍ କରାଯିବ ଏବଂ ବରଗଡ଼ରେ ୧୮କୋଟି ଟଙ୍କା ବ୍ୟୟରେ ୪ଟି ଫ୍ଲାଇ ଓଭର ହେବ ବୋଲି ସେ କହିଥିଲେ ।

ବରଗଡ଼ ଜିଲାରେ ୨ଲକ୍ଷ ୭୭ହଜାର ୬୫୦ଟି ପାଇଖାନା ନିର୍ମାଣ ସରିଛି ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଥିଲେ । ତେବେ ଏଥିରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ କରି ଗୃହରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହା ସହିତ ଗ୍ରାମ୍ୟ ଉନ୍ନୟନ, ବିଦ୍ୟୁତ ଆଦି ବିଭାଗର କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା ।



ଜିଲା ପରିଷଦ ବୈଠକରେ ମଞ୍ଚାସୀନ ଜନ ପ୍ରତିନିଧି, ପଦାଧିକାରୀବୃନ୍ଦ ।



### ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବିରେ ପଦଯାତ୍ରା

**ବରପାଲି, ୨୪।୧୨ (ଡି.ଏନ.ଏ.)**

ଜଗତସିଂପୁର ଜିଲା ବାଲିକୁଦା ବ୍ଲକ ଭଗବାନସିଣ୍ଡୋଲ ଗ୍ରାମର ୨୯ ବର୍ଷୀୟ ଯୁବକ । ଓଡିଶା ଜନସଚେତନତା ମଞ୍ଚ ଆବାହକ ସତ୍ୟବ୍ରତ ଦାସ ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବିରେ ସ୍ୱର ଉଠାଇଛନ୍ତି। ଜୁଲାଇ ୧୦ ତରିଖରୁ ସେ ଯାଜପୁର ଜିଲା ବଡଚଣା ବ୍ଲକରୁ ଚାଲିଚାଲି ପଦଯାତ୍ରାରେ ବାହାରିଛନ୍ତି । ୧୬୭ ଦିନ ଧରି ଓଡିଶାର ୧୧୯ ବ୍ଲକ ପରିକ୍ରମା କରିବା ପୂର୍ବକ ପ୍ରାୟ ୩୪୦୦ କି.ମି. ଅତିକ୍ରାନ୍ତ କରି ମଙ୍ଗଳବାର ସକାଳେ ବରପାଲି ପହଞ୍ଚିଛନ୍ତି। ସ୍ଥାନୀୟ ତହସିଲର ମୁଖ୍ୟ କିରାଣି ବ୍ରହ୍ମା ସାଗରଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସେ ଓଡିଶାର ୩୧୪ ବ୍ଲକକୁ ପଦଯାତ୍ରା କରି ଆସନ୍ତା ଅକ୍ଟୋବର ୨ ତାରିଖରେ ଏହି କାର୍ଯ୍ୟକ୍ରମ ସମାପ୍ତ କରିବାର କାର୍ଯ୍ୟକ୍ରମ ରଖିଥିବା କହିଛନ୍ତି।

# ସିଏଏ, ଏନ୍ଆର୍ସି ବିରୋଧରେ ବିକ୍ଷୋଭ

**ବରଗଡ଼ ଅଫିସ୍,୨୪।୧୨**

ସଂଶୋଧିତ ନାଗରିକତ୍ୱ ଆଇନ(ସିଏଏ) ଏବଂ ରାଷ୍ଟ୍ରୀୟ ନାଗରିକ ପଞ୍ଜିକା(ଏନଆରସି)କୁ ବରଗଡ଼ରେ ବିରୋଧ କରାଯାଇଛି। ଏହାକୁ ବାତିଲ କରିବା ଦାବି ନେଇ ମଙ୍ଗଳବାର ଏଠାରେ ସ୍ଥାନୀୟ ସମ୍ବିଧାନ ସୁରକ୍ଷା ମଞ୍ଚରେ ବିକ୍ଷୋଭ ଶୋଭାଯାତ୍ରା ଏବଂ ଜିଲାପାଳ ଅଫିସ ଆଗରେ ଧାରଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ସେହିପରି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ମଞ୍ଚ ପକ୍ଷରୁ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଜିଲାପାଳ ପ୍ରଧାନଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ସ୍ମାରକପତ୍ର ଗ୍ରହଣ କରିଥିଲେ ।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ, ବରଗଡ଼ ସମ୍ବିଧାନ ସୁରକ୍ଷା ମଞ୍ଚର ସମସ୍ତ କର୍ମକର୍ତ୍ତା, ସଭ୍ୟବୃନ୍ଦ ସ୍ଥାନୀୟ ଡାକବଙ୍ଗଳା ନିକଟରେ ସମବେତ ହୋଇଥିଲେ । ସେଠାରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ । ଶୋଭାଯାତ୍ରାରେ ସିଏଏ, ଏନଆରସି ବାତିଲ ଦାବିରେ ନାରାବାଜି କରି ସେମାନେ ଜିଲାପାଳ ଅଫିସକୁ ପହଞ୍ଚିଥିଲେ । ତେବେ ସେମାନେ ପହଞ୍ଚିବା ପୂର୍ବରୁ ପୋଲିସ ଜିଲାପାଳ ଅଫିସ ମୁଖ୍ୟଫାଟକକୁ ବନ୍ଦ କରି ଦେଇଥିଲା। ଫଳରେ ମଞ୍ଚର କର୍ମକର୍ତ୍ତା, ସଭ୍ୟବୃନ୍ଦ ଜିଲାପାଳ ଅଫିସ ଆଗରେ ଧାରଣାରେ ବସିବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେଠାରେ ସମ୍ବିଧାନ ସୁରକ୍ଷା ମଞ୍ଚର ପବିତ୍ର ଦେହେରୀ, ସୁନ୍ନି ମୁସଲିମ କମିଟିର ମହମ୍ମଦ ନିଜାମ, ଜୟ କିଶାନ ଆନ୍ଦୋଳନର ରମେଶ ମହାପାତ୍ର, ଆମ ଆଦମୀ ପାର୍ଟିର ଭବାନୀ ପ୍ରସାଦ ସାହୁ, ସଚେତନ ନାଗରିକ ମଞ୍ଚର ରମେଶ ପତି, କଂଗ୍ରେସର ପ୍ରଦୀପ ଦେବତା, ନିପନ କୁମାର ଦାଶ, ଆଇଏନଟିୟୁସିର ବ୍ରହ୍ମାନନ୍ଦ ମହାକୁଡ଼, ନ୍ୟୁ କଲଚର ଅନୁଷ୍ଠାନର ବାଳକିଶୋର ଛତର, ସୀତାରାମ ମେହେର, ମନୋଜ କଲେତ, ଏମଡ଼ି ସଲିମ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଅତିରିକ୍ତ ଜିଲାପାଳ ପହଞ୍ଚି ସ୍ମାରକପତ୍ର ଗ୍ରହଣ କରିଥିଲେ।




ସିଏଏ, ଏନଆରସି ବିରୋଧରେ ବରଗଡ଼ରେ ବିକ୍ଷୋଭ ଶୋଭାଯାତ୍ରା ।

### ସମସ୍ୟା ଘେରରେ ବାଉଁଶୁଣୀ ପଞ୍ଚାୟତ

**ବାଉଁଶୁଣୀ,୨୪।୧୨(ଡି.ଏନ.ଏ.)**

ବୌଦ୍ଧ ବ୍ଲକ ଅନ୍ତର୍ଗତ ବାଉଁଶୁଣୀ ପଞ୍ଚାୟତ ଅନେକ ସମସ୍ୟା ଘେରରେ ପଡିରହିଛି । ବାଉଁଶୁଣୀ ପଞ୍ଚାୟତରେ ଗଠିତ ହୋଇଥିବା ଏକ ନାଗରିକ କମିଟି ଏହି ସମସ୍ୟା ଉପରେ ପ୍ରଶାସନ ତଥା ରାଜ୍ୟ ସରକାରଙ୍କୁ ପ୍ରତିକାର କରିବାକୁ ଅଭିଯୋଗ କରୁଥିଲେ ମଧ ଏହାର କିଛି କାର୍ଯ୍ୟକାରୀ ହେଉନାହିଁ। ବାଉଁଶୁଣୀଠାରେ ନୂତନ ବ୍ଲକ ପ୍ରତିଷ୍ଠା, ବାଉଁଶୁଣୀ ବସଷ୍ଟାଣ୍ଡଠାରେ ଯାତ୍ରୀ ବିଶ୍ରାମଗାର ନିର୍ମାଣ ସହିତ ପାନୀୟ ଜଳ ଓ ଶୌଚାଳୟ ବ୍ୟବସ୍ଥା, ବାଉଁଶୁଣୀଠାରୁ ବୀରମହାରାଜପୁରକୁ ଗମନାଗମନ ପାଇଁ ମହାନଦୀ ଉପରେ ସେତୁ ନିର୍ମାଣ, ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଖାଲି ପଡିଥିବା ବିଶେଷଜ୍ଞ ଡାକ୍ତର ପଦ ପୂରଣ, ବାଉଁଶୁଣୀଠାରେ ଏକ କଲ୍ୟାଣ ମଣ୍ଡପ, ବାଉଁଶୁଣୀଠାରୁ ଗୁନ୍ଦୁଳିଆ ରାସ୍ତା ଦେଇ ଫୁଲବାଣୀକୁ ରାସ୍ତା ସଂଯୋଗ କରିବା ଆଦି ଦାବି ରହିଛି। ହେଲେ ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ନେଉନାହିଁ । ଏ ବିଷୟରେ କଣ୍ଟାମାଳ ବିଧାୟକ ମହିଧର ରଣାଙ୍କୁ ମଧ ଲିଖିତ ଆକାରରେ ନାଗରିକ କମିଟି ଅଭିଯୋଗପତ୍ର ଦେଇଛି।



ଦଧିବାମନ ଡିଗ୍ରୀ କଲେଜ ବାର୍ଷିକ ଉତ୍ସବରେ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

ଦଧିବାମନ ଡିଗ୍ରୀ କଲେଜ ବାର୍ଷିକୋତ୍ସବ

## କର୍ଣ୍ଣ ସାହୁ, ଅରୁଣା ମେହେର ଚାମ୍ପିୟନ

**ଭଟଲି,୨୪।୧୨(ଡି.ଏନ.ଏ)**

ବରଗଡ଼ ଜିଲା ଭଟଲି ଦଧିବାମନ ଡିଗ୍ରୀ ମହାବିଦ୍ୟାଳୟର ୩୦ତମ କ୍ରୀଡ଼ା ମହୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ଡା. ମିତ୍ରଭାନୁ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ ପୂର୍ବକ କ୍ରୀଡ଼ାଉତ୍ସବକୁ ଉଦ୍‌ଘାଟିତ କରିଥିଲେ। ଏହି ମହୋତ୍ସବରେ ଉଚ୍ଚଡିଆଁ, ଲମ୍ବଡିଆଁ, ସଟ୍‌ପୁଟ, ଡିସ୍କସ୍ ଥ୍ରୋ, ଜେଭ୍‌ଲିନ୍ ଥ୍ରୋ, ଦୌଡ଼ ଆଦି ୧୩ଟି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପୁରୁଷ ବିଭାଗର ପ୍ରତିଯୋଗିତାରେ କର୍ଣ୍ଣ ସାହୁ ଚାମ୍ପିୟନ ହୋଇଥିବାବେଳେ ମହିଳା ବିଭାଗରେ ଅରୁଣା ମେହେର ଚାମ୍ପିୟନ ହୋଇଥିଲେ। ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ କୌସ୍ତୁଭ ସରାଫ ଖେଳ ପରିଚାଳନା କରିଥିଲେ। ଅଧ୍ୟାପକ ବିଶ୍ୱଜିତ ହୋତା, ରବି ପଣ୍ଡା, ରାଜୀବ ସାହୁ, ରାଜଶ୍ରୀ ନାଥ, ସୌରି ନାରାୟଣ ସାହୁ, ସଂଗ୍ରାମ ସାହୁ, ମୁନି ସାହୁ, ପୁଣ୍ୟପ୍ରଭା ଗଡ଼ତିଆ ବିଚାରକ ଭାବେ ଯୋଗ ଦେଇଥିଲେ। ମ୍ୟୁଜିକାଲ ଚେୟାର ପ୍ରତିଯୋଗିତାରେ ରମାକାନ୍ତ ପଧାନ, ଦୁଷ୍ମନ୍ତ ନାଏକ, ସନ୍ତୋଷ ବାଗ୍, ଉମେଶ୍ୱର ବନଛୋର ପ୍ରମୁଖ ସହଯୋଗ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅଧକ୍ଷ ଜୟସେନ ଭୋଇ ଅଧକ୍ଷତା କରିଥିଲେ। ସାମାଜିକ କର୍ମୀ ଲମ୍ବୋଦର ସାହୁ, ସଞ୍ଜୟ ପଧାନ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅଧ୍ୟାପକ ରାଜୀବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଜୟନ୍ତୀ ସାହୁ, ଅଜିତ ବାରିକ ଓ ରସାନନ୍ଦ ସାହୁ ଏହି କ୍ରୀଡ଼ା ମହୋତ୍ସବର ଆୟୋଜନ କରିଥିଲେ।

# ସିଏନ୍ଆଇ ଚର୍ଚ୍ଚରେ ଖ୍ରୀଷ୍ଟମାସ କ୍ୟାରୋଲ କାର୍ଯ୍ୟକ୍ରମ

**ବରଗଡ଼ ଅଫିସ୍,୨୪।୧୨**

ବରଗଡ଼ ଗାନ୍ଧୀନଗର ସିଏନଆଇ ଚର୍ଚ୍ଚରେ ଖ୍ରୀଷ୍ଟମାସ କ୍ୟାରୋଲ କାର୍ଯ୍ୟକ୍ରମ ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥିଭାବେ ଯୋଗଦେଇ କେକ୍ କାଟିବା ସହିତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ବିଜେଡ଼ିର ବରଗଡ଼ ଟାଉନ ସଭାପତି କିଶୋର ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମରେ ମଞ୍ଚାସୀନ ଥିଲେ। ବରଗଡ଼ ସିଏନଆଇ ମଣ୍ଡଳୀର ସମ୍ପାଦକ ଚନ୍ଦ୍ରଶେଖର ବାଗ କାର୍ଯ୍ୟକ୍ରମ ଆୟୋଜନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଅମୂଲ୍ୟ ସୁନା ମଞ୍ଚ ପରିଚାଳନା କରିଥିବାବେଳେ ଦାନୀଏଲ ଦୀପ, ବିଶାଳ କୁମାର ବାଗ, ବିକାଶ ବାଗ, କୁମୁଦିନୀ ବାଗ, ସୁବାଷିନୀ ନନ୍ଦ, ଅପର୍ଣ୍ଣା କୁମ୍ଭାର, ରାହେଲ ନନ୍ଦ, ପରିମଳ ଦୀପ କାଯର୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଆଚାର୍ଯ୍ୟ ଧିରେନ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।



ଗାନ୍ଧୀନଗର ସିଏନଆଇ ଚର୍ଚ୍ଚରେ ଅନୁଷ୍ଠିତ ଖ୍ରୀଷ୍ଟମାସ କ୍ୟାରୋଲ କାର୍ଯ୍ୟକ୍ରମ।

୪ର୍ଥ ରାଜା ବଳରାମ ଦେଓ ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତା

# ଝାରସୁଗୁଡ଼ା ପ୍ରୋଗ୍ରେସିଭ୍ ଏକାଦଶ ଫାଇନାଲରେ

**ଭଟଲି,୨୪।୧୨(ଡି.ଏନ.ଏ)**

ବରଗଡ଼ ଜିଲା ଭଟଲି ବ୍ଲକ୍ ଅନ୍ତର୍ଗତ ନୂଆଁଗଡ଼ ଖେଳପଡ଼ିଆରେ ମଙ୍ଗଳବାର ଚତୁର୍ଥ ରାଜା ବଳରାମ ଦେଓ ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତା ତୃତୀୟ ଦିବସରେ ପଦାର୍ପଣ କରିଛି । ନୂଆଁଗଡ଼ କ୍ରୀଡ଼ା ସଂଗଠନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତାର ତୃତୀୟ ଦିବସରେ ବରଗଡ଼ ବ୍ଲୁ-ଡାଇମଣ୍ଡ ଏକାଦଶ ଏବଂ ଝାରସୁଗୁଡ଼ା ପ୍ରୋଗ୍ରେସିଭ୍ ଏକାଦଶ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେଇଥିଲା। ଏଥିରେ ଝାରସୁଗୁଡ଼ା ପ୍ରୋଗ୍ରେସିଭ୍ ଏକାଦଶ ବିଜୟୀ ଲାଭ କରି ପୁଲ୍-ଏ ପକ୍ଷରୁ ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଏହି ପ୍ରତିଯୋଗିତାରେ ବରଗଡ଼ ବ୍ଲୁ-ଡାଇମଣ୍ଡ ଏକାଦଶ ଟସ୍‌ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ତେବେ ସେମାନେ ନିର୍ଦ୍ଧାରିତ ୨୫ ଓଭରରେ ସମସ୍ତ ଉଇକେଟ ହରାଇ ୨୧୨ ରନ୍‌ର ବିଶାଳ ସ୍କୋର କରିଥିଲେ। ଦଳ ପକ୍ଷରୁ ମହମ୍ମଦ ସଲିମ ୧୫ଟି ବଲ୍ ଖେଳି ୪ଟି ଛକ୍କା ଏବଂ ୩ଟି ଚୌକା ସହାୟତାରେ ୩୯ ରନ୍ ସଂଗ୍ରହ କରିଥିଲେ । ପ୍ରତିପକ୍ଷ ଝାରସୁଗୁଡ଼ା ପ୍ରୋଗ୍ରେସିଭ୍ ଏକାଦଶର ରିଶିଭ୍ ସିଂ ୩ ଓଭର ବୋଲିଂ କରି ୧୮ ରନ୍ ବ୍ୟୟରେ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଝାରସୁଗୁଡ଼ା ପ୍ରୋଗ୍ରେସିଭ୍ ଏକାଦଶ ୨୧୩ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ୨୪.୪ ଓଭରରେ ୩ ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଦଳ ପକ୍ଷରୁ ୱାସିମ୍ କ୍ୟୁରେସିକ୍ ୪୪ଟି ବଲ୍‌ରେ ୮ଟି ଚୌକା ଏବଂ ୩ଟି ଛକ୍କା ସହାୟତାରେ ୭୩ ରନ୍ ସଂଗ୍ରହ କରିଥିବାବେଳେ ପ୍ରତିପକ୍ଷ ଦଳର ଆଜାଦ୍ ୫ ଓଭରରେ ୩୪ ରନ୍ ବ୍ୟୟ କରି ୨ଟି ଉଇକେଟ ଅକ୍ତିଆର କରିଥିଲେ। ଏହି ପ୍ରତିଯୋଗିତାରେ ଝାରସୁଗୁଡ଼ା ପ୍ରୋଗ୍ରେସିଭ୍ ଏକାଦଶର ବ୍ୟାଟ୍ସମ୍ୟାନ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏଥିରେ ବ୍ଲକ୍ ଉପାଧ୍ୟକ ମଦନ ସାହୁ, ସାମାଜିକ କର୍ମୀ ଶ୍ରୀକାନ୍ତ ପଣ୍ଡା ଏବଂ ହାତୀସର ପଞ୍ଚାୟତର ସରପଞ୍ଚ ବୀରେନ୍ଦ୍ର ଭୋଇ ଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ମହମ୍ମଦ ଇସାକ୍ ଏବଂ ପ୍ରଭଞ୍ଜନ ବଳ ଖେଳ ପରିଚାଳନା କରିଥିବାବେଳେ ସନ୍ଦୀପ କୁମାର ସାହୁ ସ୍କୋରର ଦାୟିତ୍ୱ ତୁଲାଇଥିଲେ । ସେହିପରି ଅଶୋକ କୁମାର ବଘେଲ, ରାଜକୁମାର ସାହୁ ଏବଂ ନକୁଳ କୁମାର ନାଏକ ପ୍ରମୁଖ ଧାରାବିବରଣୀ ପ୍ରଦାନ କରିଥିଲେ। ସୁରେନ୍ ସା, ସଞ୍ଜୟ ସାହୁ, ଅଶୋକ କୁମାର ସାହୁ, ତ୍ରିଲୋଚନ ଖମାରୀ ଏବଂ ଅଫିସର ସାହୁ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।




୪ର୍ଥ ରାଜା ବଳରାମ ଦେଓ ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତାରେ ଚାମ୍ପିୟନ ଦଳକୁ ଚେକ୍ ପ୍ରଦାନ କରାଯାଉଛି।



ଅଜ୍ଞକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ ସନ୍ତୁଷ୍ଟ କରିପାରିବେ ନାହିଁ।

-ସର୍ବପଲ୍ଲୀ ରାଧାକ୍ରିଷ୍ଣନ



## ସଂକ୍ଷେପରେ

### ବାଇକ୍‌କୁ ପିଟିଲା ଟ୍ରକ୍ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

ସରଣ୍ଡା,୨୪।୧୨(ଡି.ଏନ.ଏ): ସମ୍ବଲପୁର-ବରଗଡ଼ ୫୩ ନମ୍ବର ଜାତୀୟ ରାଜପଥର ଅତାବିରାରେ ମଙ୍ଗଳବାର ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ ଏକ ସଡ଼କ ଦୁର୍ଘଟଣା ଘଟିଛି । ଦୁର୍ଘଟଣାରେ ଭେଡ଼େନ ଥାନା ଅନ୍ତର୍ଗତ ଅଏଁଳାକଟା ଗ୍ରାମର ମଞ୍ଜୁଶ୍ରୀ ସାହୁ(୪୩)ଙ୍କ ମୃତ୍ୟୁ ଘଟିଛି । ତାଙ୍କ ସ୍ୱାମୀ ଗଣେଶ୍ୱର(୪୮) ଗୁରୁତର ହୋଇଛନ୍ତି । ଘଟଣାସ୍ଥଳରେ ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ମୃତାହତଙ୍କୁ ଅତାବିରା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲା । ସୂଚନା ଅନୁଯାୟୀ, ମଞ୍ଜୁଶ୍ରୀ ଏବଂ ତାଙ୍କ ସ୍ୱାମୀ ଗଣେଶ୍ୱର ଏକ ବାଇକ୍(ନଂ-ଓଡ଼ି୧୭ବି ୩୩୦୭) ଯୋଗେ ବୁର୍ଲା ଡାକ୍ତରଖାନାକୁ ଯାଇଥିଲେ । ସେଠାରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ ସେମାନେ ସେହି ବାଇକ୍ ଯୋଗେ ଘରକୁ ଫେରୁଥିଲେ । ତେବେ ଅତାବିରା ଷ୍ଟେଟବ୍ୟାଙ୍କ ସମ୍ମୁଖରେ ଦ୍ରୁତଗତିରେ ଆସୁଥିବା ଏକ ଟ୍ରକ ସେମାନଙ୍କ ବାଇକ୍‌କୁ ପଛପଟୁ ଧକ୍କା ଦେଇ ଫେରାର୍ ହୋଇ ଯାଇଥିଲା । ଘଟଣାସ୍ଥଳରେ ମଞ୍ଜୁଶ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ଗଣେଶ୍ୱର ଗୁରୁତର ଆହତ ହୋଇଥିଲେ । ଅତାବିରା ପୋଲିସ ଏହାର ଅଧିକ ତଦନ୍ତ ସହିତ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଧରିବା ପାଇଁ ତନାଘନା ଚଲାଇଛି ।

### କଲେଜ ବାର୍ଷିକ ଉତ୍ସବ

ମନମୁଣ୍ଡା, ୨୪।୧୨ (ଡି.ଏନ.ଏ.): ବୌଦ୍ଧ ଜିଲା ଦହ୍ୟା ଜୀବନ ବିକାଶ ଡିଗ୍ରୀ କଲେଜର ବାର୍ଷିକୋତ୍ସବ ମଙ୍ଗଳବାର ହୋଇଯାଇଛି। ପରିଚାଳନା କମିଟି ସଭାପତି କିଶୋର କୁମାର ମେହେର ସଭାପତିତ୍ୱ କରିଥିଲେ। ଅତିଥି ଭାବେ କଣ୍ଟାମାଳ ନୋଟାରୀ ଯୋଗେଶ ପ୍ରସାଦ ଗାଇଗରିଆ, ରକ୍ସା ସେବା ସମବାୟ ସମିତି ସଭାପତି ଶିବଶଙ୍କର କର୍ଣ୍ଣ, ଜୀବନବିକାଶ ଉଚ୍ଚ ମାଧମିକ ବିଦ୍ୟାଳୟ ସମ୍ପାଦକ ଝସକେତନ ନାଏକ, ଅଧକ୍ଷ କୁନମୁନ ହାତୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। କଲେଜ ଅଧକ୍ଷ ନରେନ୍ଦ୍ର ଲୁହା ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧାପକ ଗୋପବନ୍ଧୁ ରାଜହଂସଙ୍କ ମଞ୍ଚ ପରିଚାଳନା ରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅଧାପକ ସୂର୍ଯ୍ୟକାନ୍ତ ନାୟକ, ଅରବିନ୍ଦ ବାରିକ, ପ୍ରହଲ୍ଲାଦ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ଏସିଏଫ୍ ଉଠିଲା, ବୀମା କ୍ଷତିପୂରଣ ପାଇବେ ଚାଷୀ

ବରଗଡ଼ ଅଫିସ୍,୨୪।୧୨

ବରଗଡ଼ ଜିଲାରେ ୨୦୧୮ ଖରିଫ ଫସଲରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା । ତେବେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ବୀମା ପ୍ରିମିୟମ ପଇଠ କରିଥିଲେ ସୁଦ୍ଧା ଜିଲାର ଅନେକ ଚାଷୀ ଏସିଏଫ (ଏରିଆ କମନ ଫ୍ୟାକ୍ଟର) ଯୋଗୁ ବୀମା କ୍ଷତିପୂରଣ ପାଇବାରୁ ବଞ୍ଚିତ ହୋଇଥିଲେ । ଏହାକୁ ନେଇ ଜୟ କିଶାନ ଆନ୍ଦୋଳନ ସମେତ ବିଭିନ୍ନ ଚାଷୀ ସଂଗଠନ ଆନ୍ଦୋଳନକୁ ମଧ୍ୟ ଓହ୍ଲାଇଥିଲେ। ଘଟଣାଟି କେନ୍ଦ୍ର କୃଷି ମନ୍ତ୍ରଣାଳୟକୁ ମଧ୍ୟ ପହଞ୍ଚିଥିଲା । ତେବେ କେନ୍ଦ୍ର କୃଷି ମନ୍ତ୍ରଣାଳୟ ତାର ବିଚାର କରି ଜିଲାର ଝାରବନ୍ଧ, ପଦ୍ମପୁର ଓ ସୋହେଲା ବ୍ଲକ ପାଇଁ ସମ୍ପୃକ୍ତ ଖରିଫ ଫସଲକ୍ଷତି ପାଇଁ ଏସିଏଫ ଲାଗୁ ନ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା କ୍ଷତିପୂରଣ ପ୍ରଦାନ ପାଇଁ ସମ୍ପୃକ୍ତ ବୀମା କମ୍ପାନୀକୁ ନିର୍ଦ୍ଦେଶ ଦେଇଛି। ଅନ୍ୟପଟେ ଜିଲାର ବିଜେପୁର ବ୍ଲକକୁ ଏଥିରୁ ବାଦ୍ ଦିଆଯାଇଛି । ଏହା ଜଣାପଡ଼ିବା ପରେ ଜିଲାର ଝାରବନ୍ଧ, ପଦ୍ମପୁର, ସୋହେଲା ବ୍ଲକର କ୍ଷତିଗ୍ରସ୍ତ ଚାଷୀଙ୍କ ମଧ୍ୟରେ ବୀମା କ୍ଷତିପୂରଣ ପାଇବା ପାଇଁ ଆଶା ସଞ୍ଚାର ହୋଇଥିବାବେଳେ କିଭଳି ପରିସ୍ଥିତିରେ ବିଜେପୁର ବ୍ଲକକୁ ସେଥିରୁ ବଞ୍ଚିତ କରାଗଲା, ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି । ମଙ୍ଗଳବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜିଲା ପରିଷଦ ବୈଠକରେ ଜିଲା ମୁଖ୍ୟ କୃଷି ଅଧିକାରୀ ଦୀନବନ୍ଧୁ ଗାନ୍ଧୀ ଉପରୋକ୍ତ ମର୍ମରେ ସୂଚନା ପ୍ରଦାନ କରିଥିଲେ।



F.No. 13012/02/2016-Cr-II (71809)
Government of India
Ministry of Agriculture & Farmers' Welfare
Department of Agriculture, Cooperation & Farmers' Welfare

Krishi Bhavan, New Delhi
Dated the 20th December 2019

To,
The Chairman Cum Managing Director
The Oriental Insurance Company Ltd.
Oriental House, A-25/27, Asaf Ali Road
New Delhi – 110 002

**Sub : Subject :- Application of Area Correction Factor (ACF) by Oriental Insurance Company Ltd. in four blocks of Bargarh district of Odisha Kharif-18.-reg**

Sir,

I am directed to invite reference to the above mentioned subject and to say that the details of the ACF applied by the Oriental Insurance Company Ltd. in the four blocks of Bargarh districts namely Bijepur, Jharbandh, Padampur and Sohela were referred to MNCFC for re-examination as large deviation was observed between the sown area data given by MNCFC and by the State Government through it agencies.

2. MNCFC vide its letter no.6/7(2)/PMFBY/2017-MNCFC dated 10th December, 2019 has furnished revised data citing that in States like Odisha, West Bengal, Assam, Bihar & Jharkhand, both winter and autumn rice are grown. They are together considered as Kharif Rice. MNCFC, under FASAL project, assesses only winter rice and uses a factor at State level to convert winter rice to total Kharif rice. These factors are computed based on last 5 years State level statistics of winter and autumn rice. However in case of district and block level estimates, such factors are not used because of the unavailability of long-term seasonal rice data at MNCFC at district and block level. Thus, the main difference of different rice areas, as mentioned by Government of Odisha, is because the MNCFC area estimates are only for winter rice while the other estimates are for total Kharif rice.

3. MNCFC has informed that it has collected last 5 years block level winter and autumn rice data from the State for the concerned blocks and developed factors which were used to convert the winter rice to total Kharif rice. Accordingly MNCFC has given revised data relating to percentage of difference of insured area and MNCFC Areas which is 65.71%, -19.84%, 24.35% and -9.92 in Bijepur, Jharbandh, Padampur and Sohela blocks respectfully. Consequentially ACF will be applied to Bijepur block only. For the rest 3 blocks no ACF will be applied.

ଏସିଏଫ ଉଠିବା ନେଇ କେନ୍ଦ୍ର କୃଷି ମନ୍ତ୍ରଣାଳୟ ଚିଠିର ନକଲ୍ ।




ସଂସ୍କାର ସ୍କୁଲରେ ଖ୍ରୀଷ୍ଟମାସ ପାଳନ କାର୍ଯ୍ୟକ୍ରମରେ ଅତିଥି, ଛାତ୍ରୀଛାତ୍ରବୃନ୍ଦ ।

# ସଂସ୍କାର ସ୍କୁଲରେ ଖ୍ରୀଷ୍ଟମାସ ପାଳନ

ବରଗଡ଼ ଅଫିସ୍,୨୪।୧୨

ବରଗଡ଼ ସଂସ୍କାର ଇଣ୍ଟର ନ୍ୟାଶନାଲ ସ୍କୁଲରେ ମଙ୍ଗଳବାର ଖ୍ରୀଷ୍ଟମାସ ପାଳିତ ହୋଇଛି । ଉକ୍ତ କାର୍ଯ୍ୟକ୍ରମରେ ଇଣ୍ଡିଆନ ଅଏଲର ଅବସରପ୍ରାପ୍ତ ମୁଖ୍ୟ ପରିଚାଳକ ପ୍ରବଣ କୁମାର ବାସୁ ମୁଖ୍ୟଅତିଥିଭାବେ ଯୋଗଦାନ କରିଥିଲେ । ସ୍ନିଗ୍ଧା ବାସୁ, ବିଦ୍ୟାଳୟର ପ୍ରତିଷ୍ଠାତ୍ରୀ ସାବିତ୍ରୀ ଦେବୀ, ଚେୟାରମ୍ୟାନ ସୁମନ ସାୱାଡ଼ିଆ, ନିର୍ଦ୍ଦେଶକ ଅଜିତ ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ଶିକ୍ଷୟିତ୍ରୀ ଇପସିତା ମହାପାତ୍ର ଖ୍ରୀଷ୍ଟମାସ ଉପରେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

■ଜୟ୍ ବଜରଙ୍ଗବାଲି ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

# ବହିରା, ପଞ୍ଚରା ବିଜୟୀ

ବାଉଁଶୁଣୀ, ୨୪।୧୨ (ଡି.ଏନ.ଏ.)

ବୌଦ୍ଧ ବ୍ଲକ ଅନ୍ତର୍ଗତ ବହିରା ହାଇସ୍କୁଲ ଖେଳ ପଡିଆଠାରେ ଜୟ ବଜରଙ୍ଗବାଲି ଫୁଟବଲ ଆସୋସିଏସନ ତରଫରୁ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବରେ ଜିଲା ଭାଜପା ଯୁବ ମୋର୍ଚ୍ଚା ସଭାପତି ସୁଶାନ୍ତ ବାଘ, ବହିରା ହାଇସ୍କୁଲର ବରିଷ୍ଠ ଶିକ୍ଷକ ଦେଶବନ୍ଧୁ ମହାକୁଳ, କୃଷ୍ଣଚନ୍ଦ୍ର ମିଶ୍ର, ତେନ୍ତୁଲିପାଲି ଉ.ପ୍ରା. ବିଦ୍ୟାଳୟ ଶିକ୍ଷକ ବିଶ୍ୱମୋହନ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ସଞ୍ଜିତ କୁମାର ବେହେରା ଖେଳର ଧାରାବିବରଣୀ ପ୍ରଦାନ କରିଥିବା ବେଳେ ଖେଳକୁ ପ୍ରହଲ୍ଲାଦ ଭୁକ୍ତା, ତାପସ ଭୁକ୍ତା, ପ୍ରଭାସ ଚନ୍ଦ୍ର ରଥ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆସୋସିଏସନ୍‌ର ସଭାପତି ଯଯାତିକେଶରୀ ମହାଲିକ, କୈଳାଶ ନାଏକ, ରାଜୀବ ସାହୁ, ସ୍ୱାଧୀନ ବାଘ, ନରେଶ ସାହୁ, ନବକିଶୋର ଡାଙ୍ଗ ପ୍ରମୁଖ ସହଯୋଗ କରିଥିଲେ। ପ୍ରଥମ ରାଉଣ୍ଡରେ ବହିରା ଓ ଜମ୍ଫଟାଙ୍ଗି ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିବା ବେଳେ ଦ୍ୱିତୀୟ ରାଉଣ୍ଡରେ ପଞ୍ଚରା ଓ ମହେଶ୍ୱରପିଣ୍ଡା ଟିମ୍ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା । ପ୍ରଥମ ମ୍ୟାଚରେ ବହିରା ଟିମ୍ ଜମ୍ଫଟାଙ୍ଗି ଦଳକୁ ୧-୦ ଗୋଲରେ ପେନାଲଟିକ୍ ସଟ୍ ଦ୍ୱାରା ପରାଜିତ କରିଥିଲା। ଦ୍ୱିତୀୟ ମ୍ୟାଚରେ ପଞ୍ଚରା ଦଳ ୨-୦ ଗୋଲରେ ମହେଶ୍ୱରପିଣ୍ଡା ଦଳକୁ ପରାଜିତ କରି ବିଜୟୀ ହୋଇଛି।



ଜୟ ବଜରଙ୍ଗବାଲି ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।




ଆଇନ ସହାୟତା କେନ୍ଦ୍ରର ଉଦ୍‌ଘାଟନୀ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ ।

# ବିକାଶରେ ଆଇନ ସହାୟତା କେନ୍ଦ୍ର ଉଦ୍‌ଘାଟିତ

ବରଗଡ଼ ଅଫିସ୍,୨୪।୧୨

ବରଗଡ଼ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବିକାଶ ଡିଗ୍ରୀ କଲେଜ ଆଇନ ବିଭାଗ ପରିସରରେ ଆଇନ ସେବାକେନ୍ଦ୍ର ଉଦ୍‌ଘାଟିତ ହୋଇଛି । ଆଇନ ସେବା ପ୍ରାଧିକରଣ ସମ୍ପାଦିକା ନିଲିମା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ଜିଲା ଦୌରାଜଜ ଏସ.ଏ.କେ.ଜେଡ୍ ଅହମ୍ମଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲାଜଜ୍ ଆଶୁତୋଷ ଦାଶ, ରେଜିଷ୍ଟ୍ରାର ସୁବାସ ଚନ୍ଦ୍ର ଧଳ, ସବ୍‌ଜଜ୍ ବିଶେଷ କୁମାର ସାହୁ, ପ୍ରଥମ ଶ୍ରେଣୀ ଜୁଡ଼ିସିଆଲ ମାଜିଷ୍ଟ୍ରେଟ ନରୋଜ କୁମାର ସାହୁ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ବିକାଶ ଗ୍ରୁପର ପ୍ରଶାସନିକ ନିର୍ଦ୍ଦେଶକ ଡି. ନାଗେଶ୍ୱର ରାଓ, ଡାଇରେକ୍ଟର ଡଃ ସମରେନ୍ଦ୍ରନାଥ ପଣ୍ଡା, ବିକାଶ ଡିଗ୍ରୀ କଲେଜ ଉପାଧ୍ୟକ୍ଷା ପୁଷ୍ପିତା ପଣ୍ଡା, ଆଇନ ବିଭାଗର କୋ-ଅର୍ଡ଼ିନେଟର ଶିବାନନ୍ଦ ସାହୁ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିକାଶ ସ୍କୁଲ ଅଫ ବିଜିନେସ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ଡଃ କ୍ଷୀରୋଦ କୁମାର ପ୍ରଧାନ, ବିକାଶ ଇନଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜିର ଅଧ୍ୟକ୍ଷ ଇଂ ଅଜୟ କୁମାର ମହାପାତ୍ର, ଇଞ୍ଜିନିୟରିଂ କଲେଜର ଏଡ଼ମିନିଷ୍ଟ୍ରେଟର ଇଂ ପୂର୍ଣ୍ଣେନ୍ଦୁ ମିଶ୍ର, ବିଜିନେସ ସ୍କୁଲର ଆଡ଼ମିନିଷ୍ଟ୍ରେଟର ଆର.ଏସ.ଭି କ୍ରୀଷ୍ଣା ପ୍ରମୁଖ ଉପସ୍ଥିତ ଥିଲେ । ଆଇନ ସେବାକେନ୍ଦ୍ରର ସୁପରିଚାଳନା ପାଇଁ ଆଇନ ବିଭାଗର ଅଧ୍ୟାପକ ଜୈମିନୀ କୁମାର ସାହୁଙ୍କୁ ସଂଯୋଜକ ଦାୟିତ୍ୱ ଦିଆଯାଇଥିଲା । ଏହି ଅବସରରେ ବିକାଶ ଗ୍ରୁପର ଚେୟାରମ୍ୟାନ ଡି.ମୁରଲୀକ୍ରୀଷ୍ଣା ଏବଂ ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ ସମସ୍ତ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ।

## କୋଡିବାହାଲ ଭୀମ ଭୋଇ ସ୍ୱତନ୍ତ୍ର ଆବାସିକ ବିଦ୍ୟାଳୟର ୬ଷ୍ଠ ବାର୍ଷିକ ଉତ୍ସବ

ଘଣ୍ଟାପଡା, ୨୪।୧୨ (ଡି.ଏନ.ଏ.)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡା ପଞ୍ଚାୟତର କୋଡିବାହାଲ ଭୀମ ଭୋଇ ସ୍ୱତନ୍ତ୍ର (ଦିବ୍ୟାଙ୍ଗ) ଆବାସିକ ବିଦ୍ୟାଳୟର ୬ଷ୍ଠ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଅତିଥି ଭାବେ କଣ୍ଟାମାଳ ବିଧାୟକ ମହୀଧର ରଣା, ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାସ, ବିପିନ ବିହାରୀ ଭୋଇ, ପ୍ରଭାତ ସାହୁ, ଭୁବନେଶ୍ୱର ଭୀମ ଭୋଇ ଦୃଷ୍ଟି ବାଧିତ ଉଚ୍ଚ ବିଦ୍ୟାଳୟର ପ୍ରଶିକ୍ଷକ ତାପସ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିଷ୍ଠାତା ମନବୋଧ ନନ୍ଦ ଉପସ୍ଥିତ ଥିଲାବେଳେ ନିଳାଞ୍ଚଳ ଭୋଇ ସଭା ପରିଚାଳନା କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଘନଶ୍ୟାମ ନାଏକ ଅତିଥି ପରିଚୟ ଦେଇଥିବାବେଳେ ଶିକ୍ଷକ ରାହାସ ବିଭାର ବାର୍ଷିକ ବିବରଣୀ ପଠନ କରିଥିଲେ। ଜୟନ୍ତୀ ରଣା, ରୁଦ୍ର ନାୟକ, ହରିହର ପୋଢ଼, ସରିତା କାଲସେ, ଯୋଗେଶ୍ୱର ସାହୁ, ଗୁରୁଦେବ ରଣା, ଲକ୍ଷ୍ମୀକାନ୍ତ ପ୍ରଧାନ, ମୂଳା ବିଭାର, ଜୟରଥ ରଣା, ମହିମା ମୁଗୁରୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



ବାର୍ଷିକୋତ୍ସବରେ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

## ବରିଷ୍ଠ ନାଗରିକଙ୍କୁ ତୀର୍ଥଯାତ୍ରାରେ ସାମିଲ କରିବାକୁ ଜିଲାପାଳଙ୍କ ପାଖରେ ଦାବି

ବୌଦ୍ଧ, ୨୪।୧୨(ସ୍ୱ.ପ୍ର.)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକର ମନମୁଣ୍ଡାରେ ବରିଷ୍ଠ ନାଗରିକମାନଙ୍କୁ ପ୍ରଶାସନ ପକ୍ଷରୁ ଅଣଦେଖା କରାଯିବା ନେଇ ଅଭିଯୋଗ ହୋଇଛି। ମଙ୍ଗଳବାର ମନମୁଣ୍ଡା ବରିଷ୍ଠ ନାଗରିକ କମିଟି ଏକ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଦାବିପତ୍ର ପ୍ରଦାନ କରିଛି। ଅଭିଯୋଗ ଅନୁଯାୟୀ, ମନମୁଣ୍ଡାର ୨୭୨ ଜଣ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରାରେ ଯିବାକୁ ନଭେମ୍ବର ୧୫ରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅବେଦନ କରିଛନ୍ତି। ହେଲେ ସେମାନଙ୍କୁ ଏ ପର୍ଯ୍ୟନ୍ତ ବରିଷ୍ଠ ନାଗରିକ ପରିଚୟ ପତ୍ର ମଧ୍ୟ ମିଳିନାହିଁ। ଏ ନେଇ ଅନେକ ଥର ଥାନାରୁ ମଧ୍ୟ ଫେରି ହଇରାଣ ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି। ଏଣୁ ବରିଷ୍ଠ ନାଗରିକର ମାନ୍ୟତା ଦେବା, ତୀର୍ଥ ଯାତ୍ରାରେ ସାମିଲ କରାଯିବା, ସ୍ୱାସ୍ଥ୍ୟ ବୀମାରେ ବରିଷ୍ଠ ନାଗରିକଙ୍କୁ ସାମିଲ କରିବା, ଯାନବାହାନରେ ସ୍ଥାନ ସଂରକ୍ଷଣ, ସରକାରଙ୍କ ସମସ୍ତ ଉନ୍ନୟନ କାର୍ଯ୍ୟରେ ସାମିଲ କରିବା, ତୀର୍ଥ ଯାତ୍ରା ସମୟରେ ବ୍ରହ୍ମପୁର ରେଳଷ୍ଟେସନ ପରିବର୍ତ୍ତେ ସମ୍ବଲପୁର ଷ୍ଟେସନରୁ ଯାତ୍ରା ଆରମ୍ଭ ପାଇଁ ଦାବି ରଖା ଯାଇଛି। ଏଥିରେ ବରିଷ୍ଠ ନାଗରିକ କମିଟିର ସଭାପତି ପ୍ରେମାନନ୍ଦ ମେହେର, ଉପସାପତି କେଦାର ସାହୁ, ସଂପାଦକ ରାମଜୀ ପାତ୍ରଙ୍କ ସମେତ ଶତାଧିକ ବରିଷ୍ଠ ନାଗରିକ ସାମିଲ ଥିଲେ।




ବରିଷ୍ଠ ନାଗରିକମାନେ ଶୋଭାଯାତ୍ରାରେ ଜିଲାପାଳଙ୍କ ଅଫିସ ଅଭିମୁଖେ ଯାଉଛନ୍ତି।

### ବୌଦ୍ଧ ମହୋତ୍ସବ ପାଇଁ ଫୁଟବଲ ମ୍ୟାଚ ଟାଉନ ଆଥ୍‌ଲେଟିକ କ୍ଲବ୍‌କୁ ହରାଇଲା ଗେହ୍ଲାମା

ବୌଦ୍ଧ, ୨୪।୧୨(ସ୍ୱ.ପ୍ର.)

ବୌଦ୍ଧ ମହୋତ୍ସବ ପାଇଁ ଜିଲା ପ୍ରଶାସନ ପକ୍ଷରୁ ବୌଦ୍ଧ ଷ୍ଟାଡିୟମ ପଡିଆ ସହିତ ବିଭିନ୍ନ ବ୍ଲକସ୍ତରରେ ଫୁଟବଲ ମ୍ୟାଚ ଆରମ୍ଭ ହୋଇଛି । ବୌଦ୍ଧ ଷ୍ଟାଡିୟମଠାରେ ଏନଏସି ପକ୍ଷରୁ ଆୟୋଜିତ ଖେଳର ଦ୍ୱିତୀୟ ଦିବସରେ ଟାଉନ ଆଥ୍‌ଲେଟିକ କ୍ଲବ୍ ଓ ଗେହ୍ଲାମା କ୍ଲବ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା । ଏଥିରେ ଗେହ୍ଲାମା ଦଳ ୨-୧ ଗୋଲରେ ବିଜୟୀ ହୋଇ ଜିଲାସ୍ତରୀୟ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଅତିଥି ଭାବରେ ଏନଏସି ନିର୍ବାହି ଅଧିକାରୀ ଇଂ. ମନୋରଂଜନ ପଣ୍ଡା ଏବଂ ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଶିଶିର କୁମାର ସାହୁ ଯୋଗ ଦେଇ ଥିଲେ। ରେଫରୀ ଭାବରେ ପ୍ରବୀଣ ବେହେରା, ଶଶିକାନ୍ତ ଦାସିଆ, ବିକ୍ରମ ନାଏକ ଓ ସୁରେନ୍ଦ୍ର ବେହେରା ଖେଳ ପରିଚାଳନା କରିଥିଲେ ।

■ ରାଜ୍ୟସ୍ତରୀୟ ତିଳେଶ୍ୱର କପ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

# ରାୟପୁରକୁ ହରାଇ କଟକ ୩-୦ ଗୋଲରେ ବିଜୟୀ

ପୁରୁଣାକଟକ,୨୪।୧୨(ଡି.ଏନ.ଏ.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ତିଳେଶ୍ୱର ଗ୍ରାମରେ ବଜାର ଆସୋସିଏସନ୍ ଓ ଫ୍ରେଣ୍ଡସ୍ ଆସୋସିଏସନ ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ୧୯ତମ ତିଳେଶ୍ୱର କପ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ପ୍ରଥମ ଦିନର ମ୍ୟାଚ ରାଇଜିଂ ଷ୍ଟୁଡେଣ୍ଟ କଟକ ସହିତ ଚାମ୍ପିୟନ କ୍ଲବ୍ ରାୟପୁର(ଛତିଶଗଡ) ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚରେ କଟକ ୩-୦ ଗୋଲରେ ରାୟପୁରକୁ ହରାଇ ପ୍ରଥମ ସେମିଫାଇନାଲକୁ ଉନ୍ନିତ ହୋଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ହରଭଙ୍ଗା ବ୍ଲକ ଅଧକ୍ଷ ସୁଶାନ୍ତ ପ୍ରଧାନ ଯୋଗ ଦେଇଥିଲେ। ଧଳପୁର ପଞ୍ଚାୟତ ସରପଞ୍ଚ ପ୍ରଣୟ କୁମାର ବେହେରା, ପୁରୁଣାକଟକ ବନ ବିଭାଗ ରେଞ୍ଜର ନିହାର ରଞ୍ଜନ ମଲ୍ଲିକ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ମୁଖ୍ୟ ରେଫରି ଭାବେ ଶ୍ୟାମସୁନ୍ଦର ଶାହା ଖେଳ ପରିଚାଳନା କରିଥିଲେ। ସତ୍ୟନାରାୟଣ ସୁରୀ, ସୁନିଲ କୁମାଲ ବେହେରା, ସରୋଜ କୁମାର ମୁନି ଲାଇନ୍ସମ୍ୟାନ ଭାବେ କାର୍ଯ୍ୟ ତୁଲାଇଥିଲେ। ଆସୋସିଏସନର ସଭାପତି ଅର୍ଜୁନ ପ୍ରଧାନ, ସମ୍ପାଦକ ସଞ୍ଜୟ ବେହେରା, କ୍ୟାସୟର ଶୁଭ୍ରଜିତ ପ୍ରଧାନ, ସିମୁନ ନାଏକ, ପୀତାମ୍ବର ବେହେରାଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ବୁଧବାର ୟୁନାଇଟେଡ୍ ସ୍ପୋର୍ଟ୍ସ ବରଗଡ ସହିତ ଆରିୟାନ ଏକାଡେମୀ ଖୋର୍ଦ୍ଧା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି କମିଟି ସୂଚନା ଦେଇଛି।



ରାଜ୍ୟସ୍ତରୀୟ ତିଳେଶ୍ୱର କପ୍ ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ଖେଳାଳିମାନେ।



ପରିବର୍ତ୍ତନ ସହିତ ଯିଏ ଖାପ ଖୁଆଇବାର କଳା ହାସଲ କରିପାରିନାହିଁ, ସେ ଅଶାନ୍ତି ଭିତରେ ବୁଡ଼ି ରହିବ।
-ଫ୍ରାନସିସ୍ ବେକନ



## ସଂକ୍ଷେପରେ

### ଧାନମଣ୍ଡି ବୁଲି ଦେଖିଲେ ବିଧାୟକ

**ଖପ୍ରାଖୋଲ, ୨୪।୧୨ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲୁହାସିଂହା ପ୍ରାଥମିକ କୃଷି ସମବାୟ ସମିତିର ଯୁରିଆଠରେ ଥିବା ଧାନ ମଣ୍ଡି ପାଟଣାଗଡ ବିଧାୟକ ସରୋଜ ମେହେର ବୁଲି ଦେଖିଛନ୍ତି। ଗସ୍ତ ଅବସରରେ ଚାଷୀ ବିକ୍ରିବେଳେ କି ସମସ୍ୟାର ସମ୍ମୁଖୀନ ହେଉଛି ତାହା ପଚାରି ବୁଝିଥିଲେ । ଏହି ମଣ୍ଡି ଉପରେ ୫ଟି ପଞ୍ଚାୟତର ଚାଷୀ ନିର୍ଭର କରୁଥିବାବେଳେ ଦୈନିକ ଧାନ କିଣା ପରିମାଣ ବୃଦ୍ଧି ପାଇଁ ଚାଷୀମାନେ ବିଧାୟକଙ୍କୁ କହିଥିଲେ । ଏହି ଅବସରରେ ସମବାୟ ସମିତି ସମ୍ପାଦକ କିଶୋର ପଟେଲ, ଚାଷୀ ନେତା କନ୍ଦର୍ପ ସୁଆର, ଗୋପବନ୍ଧୁ ସାହୁ, ରାଧେଶ୍ୟାମ ମେହେର, ବିଭିଷଣ ପୁଟେଲ, ଯଦୁ ରଣା, ରାଜକିଶୋର ମେହେର ପ୍ରମୁଖ ଚାଷୀ ଏବଂ ସମବାୟ ସମିତି କର୍ମଚାରୀ ଉପସ୍ଥିତ ଥିଲେ ।

### ବିଭିନ୍ନ ଶିକ୍ଷାନୁଷ୍ଠାନରେ ବାର୍ଷିକ ଉତ୍ସବ

**ଲୋଇସିଂହା,୨୪।୧୨(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ନେଗିପାଲି ଉ.ପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ବ୍ରଜକିଶୋର ନାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଇଓ ରୀନା ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଜିଲା ପରିଷଦ ସଭ୍ୟ ସାଇଶଙ୍କର ସାହୁ, ସରପଞ୍ଚ ଲକ୍ଷ୍ମୀ ପଧାନ, ସମିତି ସଭ୍ୟ ପ୍ରଶାନ୍ତ ତ୍ରିପାଠୀ ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ । ବାର୍ଷିକ ଉତ୍ସବ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ ଅତିଥି । ସଭାକାର୍ଯ୍ୟ ପରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସହକାରୀ ଶିକ୍ଷକ କରୁଣାକର ବିଶ୍ୱାଳ, ସତ୍ୟନାରାୟଣ ପଧାନ, ପ୍ରସାଦୀ ମହାକୁର, ଅରୁନ୍ଧତୀ ରଣା ଓ ପ୍ରକାଶ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସେହିପରି ଗେର୍ଡି ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ବାର୍ଷିକ ଉତ୍ସବରେ ଆକାଶ ମିଶ୍ର ଅତିଥିଭାବେ ଯୋଗଦେଇଥିଲେ । ବିଭିନ୍ନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀମାନଙ୍କୁ ସେ ପୁରସ୍କୃତ କରିଥିଲେ । ସେହିପରି ଝାରମୁଣ୍ଡା ଆଦର୍ଶ ବିଦ୍ୟାଳୟରେ ତୃତୀୟ ବାର୍ଷିକ ଉତ୍ସବ ପ୍ରିନ୍ସିପାଲ ସୁଶ୍ରୀ ସମନ୍ୱିତା ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି, ବିଇଓ ରୀନା ବେହେରା, ଅତିରିକ୍ତ ତହସିଲଦାର ଦିବକର ବାରି ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ ।

# ଆଗଲପୁର: ଥମୁନି ହାତୀ ଉପଦ୍ରବ

## ଫସଲ ଉଜାଡ଼ିଲେ, ଭାଙ୍ଗିଲେ ସ୍କୁଲ ପାଚେରି

**ଲୋଇସିଂହା, ୨୪।୧୨(ଡି.ଏନ.ଏ.)**



ହାତୀପଲ ଭାଙ୍ଗି ଦେଇଥିବା କେନ୍ଦମୁଣ୍ଡି ସରକାରୀ ପ୍ରାଥମିକ ବିଦ୍ୟାଳୟ ପାଚେରି।

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଅଞ୍ଚଳରେ ହାତୀ ଉପଦ୍ରବ ଜାରି ରହିଛି । ହାତୀ ଉପଦ୍ରବ ଯୋଗୁ ଚାଷୀଙ୍କ ବ୍ୟାପକ ଫସଲ ନଷ୍ଟ ହେଉଛି। ଛେଲିଆପଟ ଜଙ୍ଗଲରେ ଥିବା ହାତୀପଲରେ ୫ଟି ହାତୀ ଅଛନ୍ତି। । ଉକ୍ତ ହାତୀପଲ ସନ୍ଧ୍ୟା ହେଲେ ଜଙ୍ଗଲରୁ ବାହାରି ଡୁଡକା, କେଶାଇପାଲି, ଲୁହୁରାମୁଣ୍ଡା, ଉପରବାହାଲ, ମହାକୁରପାଲି, ଭରସୁଜା, କୁଡାଡେରା, ଛେଲଖାଇ, ଝରଣିପାଲି ପ୍ରଭୃତି ଅଞ୍ଚଳକୁ ଯାଇ ଚଷୀଙ୍କ ଧାନ ଓ ଡାଲି ଜାତୀୟ ଫସଲ ମାଡିନଷ୍ଟ କରୁଛନ୍ତି। ସୋମବାର ରାତିରେ କେଶାଇପାଲି ଗାଁର ଦୁଷ୍ମନ୍ତ ପଟେଲଙ୍କ ରାହାଡି ଚାଷ ମାଡି ନଷ୍ଟ କରିଥିବା ଅଭିଯୋଗ ହୋଇଛି । ସେହିପରି ଡୁଡକା ପଞ୍ଚାୟତ କୁଡାଡେରା ଗ୍ରାମର ବୃଷଭ ମିର୍ଦ୍ଧାଙ୍କ ଖଳାରେ ଥିବା ୧୦ ପ୍ୟାକେଟ ଧାନ ହାତୀ ପଲ ଖାଇ ଦେଇଥିବା ଅଭିଯୋଗ ହୋଇଛି । ଏହାପୂର୍ବରୁ ଝରଣିପାଲି ପଞ୍ଚାୟତ ଅଧୀନ କେନ୍ଦମୁଣ୍ଡି ଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟ ପାଚେରି ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଇଛି । ବନ ବିଭାଗର ଅବହେଳାରୁ ନିୟମିତ ଭାବେ ହାତୀପଲ ଅଞ୍ଚଳରେ କ୍ଷତି ପହଞ୍ଚାଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବାରେ ଲାଗିଛି । ବନ ବିଭାଗ ତଦନ୍ତ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି। ଏ ସମ୍ପର୍କରେ ଫରେଷ୍ଟର ଆଦିତ୍ୟ ନନ୍ଦ କହନ୍ତି ପଲରେ ଥିବା ପାଞ୍ଚଟି ହାତୀ ଉପଦ୍ରବ ଚଳାଇଛନ୍ତି। ଏହା ରୋକିବା ସମ୍ଭବ ହେଉନାହିଁ । ତଥାପି ଷ୍ଟାଫ ସର୍ବଦା ସଜାଗ ରହି ପହରା ଦେଉଛନ୍ତି। କ୍ଷତିଗ୍ରସ୍ତଙ୍କ ତରଫରୁ ଲିଖିତ ଅଭିଯୋଗ କଲେ ସହାୟତା ପାଇଁ ବ୍ୟବସ୍ଥା କରାଯିବ ବୋଲି କହିଥିଲେ ।

### ୫୫ ଦାଦନ ଶ୍ରମିକ ଉଦ୍ଧାର

**ବଙ୍ଗୋମୁଣ୍ଡା, ୨୪।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସିନ୍ଧେକେଲା ଥାନା ଅଞ୍ଚଳର ଦୁଇଟି ସ୍ଥାନରୁ ଚାଲାଣ ହେବାକୁ ଥିବା ୫୫ ଦାଦନ ଶ୍ରମିକଙ୍କୁ ପୋଲିସ ମଙ୍ଗଳବାର ଉଦ୍ଧାର କରିଛି। ଥାନା ଅଧିକାରୀ ଅନନ୍ତ ପଧାନଙ୍କ ନେତୃତ୍ୱରେ ଭବାନୀପାଟଣା-ରାୟପୁର ରାଜ୍ୟ ରାଜପଥର ଶ୍ରୀରାମଗାଁ ନିକଟରେ ଚଢାଉ କରିଥିଲେ। ନୂଆପଡା ଜିଲା ସିନାପାଲି ଥାନା ଧୁଙ୍ଗିଆମୁଣ୍ଡା ଓ କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ଡୁମରା ଗାଁର ୩୫ ଜଣ ଶ୍ରମିକଙ୍କୁ ପିକଅପ ଭ୍ୟାନ ନଂ (ଓଡି-୦୮-୩୭୫୭)ରୁ ଉଦ୍ଧାର କରାଯାଇଥିଲା। ଏମାନଙ୍କୁ ରାଜ୍ୟ ବାହାରକୁ ଚାଲାଣ ଉଦ୍ଦେଶ୍ୟରେ କଣ୍ଟାବାଞ୍ଜି ରେଳ ଷ୍ଟେଶନକୁ ନିଆଯାଉଥିଲା। କଣ୍ଟାବାଞ୍ଜି ଶ୍ରମ ନିରୀକ୍ଷକ ପ୍ରଶାନ୍ତ ସୁନା ଉଦ୍ଧାର ଶ୍ରମିକମାନଙ୍କୁ ସେମାନଙ୍କ ନିଜ ଗାଁକୁ ପଠାଇ ଦେବାର ବ୍ୟବସ୍ଥା କରିଥିଲେ। ସେହିପରି ଅପରାହ୍ନ ପ୍ରାୟ ୨ଟାରେ ପୋଲିସ କଣ୍ଟାବାଞ୍ଜି-ସିନ୍ଧେକେଲା ରାସ୍ତାର ବାଗବାହାଲ ଛକରୁ ୨୦ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଥିଲା। ସେମାନେ କୌଣସି ଗାଡିରେ ଚାନ୍ଦୋତରାରେ ପହଞ୍ଚି ଅଟୋରେ ରେଲ ଷ୍ଟେଶନକୁ ଯାଉଥିଲେ। ବେଲପଡା ବ୍ଲକ ଅଞ୍ଚଳର ସର୍ଦ୍ଦାର କିଶୋର ନିଆଲ ଏମାନଙ୍କୁ ହାଇଦ୍ରାବାଦ ନେଉଥିବା ପୋଲିସ ଜାଣି ଶ୍ରମ ନିରୀକ୍ଷକ ସୁନାଙ୍କୁ ଅବଗତ କରିଥିଲା। ପୋଲିସ ଥାନାରେ ଏକ ମାମଲା ରୁଜୁ କରି ଶ୍ରମିକଙ୍କୁ ସେମାନଙ୍କ ଘରକୁ ପଠାଇ ଦେଇଛି।

# ଧାନ କଟ୍‌ନୀ ପ୍ରତିବାଦରେ ପ୍ରଶାସନକୁ ଫେରାଦ

## ପଦକ୍ଷେପ ଗ୍ରହଣ ନ କଲେ ରାସ୍ତାକୁ ଓହ୍ଲାଇବେ ଚାଷୀ

**ଦେଓଗାଁ, ୨୪।୧୨(ଡି.ଏନ.ଏ.)**

ଦେଓଗାଁ ବ୍ଲକ ଉପରଝରେ ଓ ମହଲାଇ ପ୍ୟାକ୍ସରେ ଚାଷୀଙ୍କ ଧାନ କୁଇଣ୍ଟାଲ ପ୍ରତି ମାତ୍ରାଧିକ କଟନିଛଟନିର ପ୍ରତିବାଦରେ ମଙ୍ଗଳବାର କେତେକ ଚାଷୀଙ୍କୁ ନେଇ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛି ଆମ୍ଆଦମୀ ପାର୍ଟି । ପାର୍ଟିର ଜିଲା ଆବାହକ ଆଶିଷ କୁମାର ପାଣ୍ଡେଙ୍କ ନେତୃତ୍ୱରେ ଗଙ୍ଗାରାମ ପଟେଲ, ପୁରନ୍ଦର ପଧାନ, ସଞ୍ଜିବ ପଟେଲ, ଗୋପାଳ ଅଗ୍ରୱାଲ, ରମେଶ ଭୋଇ, ରମାଶଙ୍କର ମେହେର, ଶ୍ରୀପତି ଦୀପ, ଶଙ୍କର୍ଷଣ ମହାପାତ୍ର, କାମାକ୍ଷା ପ୍ରସାଦ ସାହୁ ପ୍ରମୁଖ ଚାଷୀ ଏଡିଏମ ପରକ୍ଷୀତ ସେଠୀଙ୍କୁ ସାକ୍ଷାତ କରି ଚାଷୀଙ୍କ ଧାନରୁ କୁଇଣ୍ଟାଲ ପ୍ରତି ୫କେଜିରୁ ଉର୍ଦ୍ଧ୍ୱ କଟନି କରୁଛନ୍ତି। ପ୍ରତିବାଦ କଲେ ଚାଷୀଙ୍କୁ ହଇରାଣ କରାଯାଉଥିବା ଅଭିଯୋଗ କରିଥିଲେ । ଏହାର ସୁବିଚାର କରା ନ ଗଲେ ଆସନ୍ତା ଦିନରେ ଆମ ଆଦମୀ ପାର୍ଟି ନେତୃତ୍ୱରେ ଚାଷୀଙ୍କୁ ନେଇ ବିକ୍ଷୋଭ କରାଯିବ ବୋଲି ଚେତାବନୀ ଦେଇଛନ୍ତି ।



ଧାନର କଟନିଛଟନି ପ୍ରତିବାଦରେ ବଲାଙ୍ଗୀର ଏଡିଏମଙ୍କୁ ଫେରାଦ ଅବସରରେ ଆମ ଆଦମୀ ପାର୍ଟି ନେତୃବୃନ୍ଦ ଓ ଚାଷୀ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଦଳୀ କାଟିଲି ଟେକି ଟେକିଆ ଲୋ**
**ବାହୁଙ୍ଗା କାଟିଲି ଠିଆ**
**ମୋ ବାପା ଭାଇ ତ କଦଳୀ ଖିଆ ଲୋ**
**ଫାଟି ଯାଉଅଛି ହିଆ ।**

ବୋହୂର ବାପଘରକୁ ନୀଚା ଦେଖାଇବାକୁ ଯାଇ ଅନେକ ସମୟରେ ଶାଶୁଘର ଲୋକେ ନାନା କଟୁକଥା କହୁଥିବାର ଲକ୍ଷ୍ୟ କରାଯାଇଥାଏ। ଝିଅଟିଏ ସବୁ ଦୁଃଖକଷ୍ଟ ସହିଥାଏ କିନ୍ତୁ ନିଜ ବାପଭାଇଙ୍କ ନିନ୍ଦା ସହି ପାରି ନ ଥାଏ । ଏପରିସ୍ଥଳେ ବାପଘର ଅଭାବୀ ପରିବାର, ଭଲ ଦେଖିନାହାନ୍ତି, ଖାଇନାହାନ୍ତି କି ଜାଣିନାହାନ୍ତି ଆଦି କଟୁ ମନ୍ତବ୍ୟ ଶୁଣି କୋହ ସମ୍ବରଣ କରି ନ ପାରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କାମ ସାରି ବସ**
**ଭଗାରି ମାରି ହସ ।**

କାମଦାମ ସାରିଦେଲେ ମଣିଷ ଚିନ୍ତାଶୂନ୍ୟ ହୋଇଯାଏ। ତେଣିକି ବସି ବିଶ୍ରାମ କରିବାରେ ଅସୁବିଧା ରହି ନ ଥାଏ। ସେହିପରି ଭଗାରି ଶେଷ ହୋଇଗଲେ ଦାଉ ସାଧିବାକୁ ଆଉ କେହି ନ ଥାଏ। ଫଳସ୍ୱରୂପ ଶତ୍ରୁକୁ ନେଇ ଭୟଭୀତ ହେବାର ଆଉ କିଛି ଅବକାଶ ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# କେନ୍ଦୁଉଡାର ଫୁଟବଲ ଟୁର୍ନାମେଣ୍ଟ : ଚଲକି ବିଜୟୀ



ଉଦ୍‌ଘାଟନୀ ମ୍ୟାଚ ଖେଳିଥିବା ଦୁଇ ଦଳର ଖେଳାଳିଙ୍କ ସହ ଅତିଥିମାନେ କରମର୍ଦ୍ଦନ କରୁଛନ୍ତି।

**ଟିକ୍ରାପଡା, ୨୪।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଝିଙ୍କିଡୁଙ୍ଗୁରି ପଞ୍ଚାୟତ ଅଧିନ କେନ୍ଦୁଉଡାରଠାରେ ଲାଙ୍କେଶ୍ୱର ସ୍ପୋର୍ଟସ ଏଣ୍ଡ କଲଚରାଲ କ୍ଲବ ଆନୁକୂଲ୍ୟରେ ପଞ୍ଚମ ବାର୍ଷିକ ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ମ୍ୟାଚରେ ଛନଛଡା ଦଳକୁ ୨-୦ ଗୋଲରେ ହରାଇ ଚଲକି ବିଜୟୀ ହୋଇଥିଲା । ବୈକୁଣ୍ଠନାଥ ଜେନାଙ୍କୁ ଖେଳ ପରିଚାଳନାରେ ମଣ୍ଟୁ ବେହେରା, ଜଳନ୍ଧର ସାହୁ, ରାଜିନ୍ଦ୍ର ମାଝି ସହାୟତା କରିଥିଲେ । ଚୂଡାମଣି ବରଗ୍ଡି, ଜ୍ଞାନେଶ୍ୱର ପ୍ରଧାନୀ ଧାରା ବିବରଣୀ ପ୍ରଦାନ କରିଥିଲେ । କମିଟି ସଭାପତି ମୋତିଲାଲ ପ୍ରଧାନୀଙ୍କ ଅଧକ୍ଷତାରେ ଉଦ୍‌ଘାଟନୀ ସଭା ଅନୁଷ୍ଠିତ ହୋଇଥିଲା । ସମ୍ପାଦକ ସରୋଜ ମିର୍ଦ୍ଧା ସଭା ସଂଯୋଜନା କରିଥିଲେ । ବିଜୟ ପ୍ରଧାନୀ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ । ପୂର୍ବତନ ସରପଞ୍ଚ ସୀତାରାମ ମାଝି ମୁଖ୍ୟ ଅତିଥି, ଶିକ୍ଷାବିତ୍ ଶଙ୍କର ବରଗ୍ଡି, ବିଭୁତିଭୂଷଣ ବରଗ୍ଡି, ହରିଶ୍ଚନ୍ଦ୍ର ବରଗ୍ଡି, ଜିଆରଏସ ପ୍ରମୋଦ ବୁଡେକ ସମ୍ମାନିତା ଅତିଥିଭାବେ ଯୋଗ ଦେଇଥିଲେ । ସର୍ଜନ ମିର୍ଦ୍ଧା, ରାଜିନ ନିଆଲ, ଦଳଗନ ମାଝି, ଅମ୍ବିକା ପ୍ରସାଦ ପ୍ରଧାନୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ବୁଧବାର ଟିକ୍ରାପଡା ବନାମ ଭାଲୁପିଟା ମ୍ୟାଚ ହେବ ବୋଲି ଆୟୋଜକ କମିଟି ସୂତ୍ରରୁ ପ୍ରକାଶ ।


**ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା**

ଚଳିତ ରବି-୨୦୧୯ ରେ ଫସଲକୁ ପ୍ରଧାନମନ୍ତ୍ରୀ ଫସଲ ବୀମାଭୁକ୍ତ କରି ଫସଲ ହାନୀ ଓ ନଷ୍ଟ ହେଲେ ଫସଲ ହାନୀର କ୍ଷତିପୂରଣ ପାଆନ୍ତୁ ।

| ଫସଲ | ଫସଲର ଖର୍ଚ୍ଚା/ହେକ୍ଟର | ପ୍ରିମିଅମ୍‌ଦେୟ/ ହେକ୍ଟର |
|---|---|---|
| ➢ ଧାନ | ୫୭,୫୦୦ | ୮୬୨.୫୦ |
| ➢ ଚିନାବାଦାମ | ୫୫,୦୦୦ | ୮୨୫.୦୦ |
| ➢ ବିରି | ୩୦,୦୦୦ | ୪୫୦.୦୦ |
| ➢ ମୁଗ | ୩୦,୦୦୦ | ୪୫୦.୦୦ |
| ➢ ଆଖୁ | ୧,୧୨,୫୦୦ | ୧,୬୮୭.୫୦ |
| ➢ ଆଳୁ | ୧,୧୨,୫୦୦ | ୧,୬୮୭.୫୦ |
| ➢ ପିଆଜ | ୫୦,୦୦୦ | ୭୫୦.୦୦ |

- ବିମାରାଶି ଦଖଲ କରିବାର ଶେଷ ତାରିଖ -ତା୩୧.୧୨.୨୦୧୯
- ଅଧିକ ଜାଣିବା ପାଇଁ ନିକଟସ୍ଥ ବ୍ୟାଙ୍କ, ସମବାୟ ସମିତି, ସହକାରୀ କୃଷି ଅଧିକାରୀ ଅଥବା ଜନସେବା କେନ୍ଦ୍ର ସହ ଯୋଗାଯୋଗ କରନ୍ତୁ ।

ମୂଖ୍ୟ ଜିଲ୍ଲା କୃଷି ଅଧିକାରୀ, କଟକ ।






ବିଭିନ୍ନ ଦାବି ନେଇ ବେଲପଡା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ରାଜସ୍ୱ ଗ୍ରାମ, ପାନୀୟ ଜଳ ଯୋଗାଣ ଦାବି

# ବ୍ଲକ କାର୍ଯ୍ୟାଳୟ ଘେରିଲେ ଗ୍ରାମବାସୀ

**ବେଲପଡା, ୨୪।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ସୁଲେକେଲା ପଞ୍ଚାୟତର ଝରିଆମୁଣ୍ଡା ଗ୍ରାମବାସୀ ରାଜସ୍ୱ ଗ୍ରାମ, ପାନୀୟ ଜଳର ସୁବିଧା ସହ ସମସ୍ତ ଯୋଗ୍ୟ ବ୍ୟକ୍ତିଙ୍କୁ ଭତ୍ତା ପ୍ରଦାନ ଦାବିରେ ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟ ଘେରାଉ କରିଥିଲେ। ଜୟ କୋଶଳ କୃଷକ ସଂଗଠକ ବନମାଳୀ ନାଏକଙ୍କ ନେତୃତ୍ୱରେ ଶତାଧିକା ଗ୍ରାମବାସୀ ଶୋଭାଯାତ୍ରାରେ ଯାଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏବିଡିଓ ରାମବିଳାସ ମଙ୍ଗରାଜ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ସମସ୍ୟାଗୁଡିକର ସମାଧାନର ପ୍ରତିଶୃତି ଦେଇଥିଲେ। ହେଲେ ସେମାନେ ଲିଖିତ ପ୍ରତିଶୃତି ପାଇଁ ଅଡି ବସିଥିଲେ । ତେବେ ସମସ୍ତ ଦାବିକୁ ଜିଲାପାଳଙ୍କୁ ପଠାଇ ଦେବା ସହ ଆଗାମୀ ଦିନରେ ଗ୍ରାମବାସୀଙ୍କ ସମସ୍ୟାକୁ ପ୍ରାଧାନ୍ୟ ଦେଇ ପର୍ଯ୍ୟାୟକ୍ରମେ ସମାଧାନ କରାଯିବ ଓ ଜାନୁୟାରୀ ୧୫ ସୁଦ୍ଧା ପାନୀୟ ଜଳର ସମାଧାନ ହେବ ବୋଲି ପ୍ରତିଶୃତି ଦେବା ପରେ ବିକ୍ଷୋଭକାରୀ ଶାନ୍ତ ପଡିଥିଲେ। ସୂଚନାଯୋଗ୍ୟ ଯେ ଝରିଆମୁଣ୍ଡାକୁ ରାଜସ୍ୱ ଗ୍ରାମ ମାନ୍ୟତା ମିଳିନାହିଁ। ଏହା ସୁଲେକେଲା ଗ୍ରାମର ଏକ ଅଂଶବିଶେଷ। ଏହି ଗ୍ରାମରେ ୩୬ଟି ପରିବାର ବାସ କରୁଥିଲା ବେଳେ ଏକ ପ୍ରାଥମିକ ବିଦ୍ୟାଳୟ ରହିଛି । । ଗ୍ରାମରେ ୩ଟି ନଳକୂପ ଥିବାବେଳେ ୨ଟି ଅକାମୀ ରହିଛି। ଏହି ବିଷୟରେ ପାନୀୟ ଜଳଯୋଗାଣ ବିଭାଗକୁ ଗ୍ରାମବାସୀ ଅବଗତ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ଏଥିଯୋଗୁ ୨କିମି ଦୂର ଲାନ୍ତନଦୀରେ ବାଲିଚୂଆ ଖୋଲି ପାଣି ବ୍ୟବହାର କରୁଛନ୍ତି। କୋଶଲ କୃଷକ ସଂଗଠନ ସଭାପତି ହରିଶ ବୁଡେକ, ସିପୁନ ଖମାରୀ, ଦନାର୍ଦ୍ଦନ ସିଂ, ଜିତୁ ନାଏକ, କେଶବ ଦଣ୍ଡସେନାଙ୍କ ସମେତ ଶତାଧିକ ମହିଳା ପୁରୁଷ ବିକ୍ଷୋଭରେ ସାମିଲ ହୋଇଥିଲେ ।

## ଫଟୋରେ ଖବର





ବଲାଙ୍ଗୀର ଜିଲା ମୁରିବାହାଲ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୪ର୍ଥ ବାର୍ଷିକ ଉତ୍ସବ ସଭାରେ ମଞ୍ଚାସୀନ ଅତିଥିମାନେ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
ଗୃହ ଋଣ, ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ପଶୁପାଳନ, ବ୍ୟବସାୟ, ପ୍ରପର୍ଟି, ଏଗ୍ରିକଲ୍ଚର, ଦୁଇ ଚକିଆ, ଗ୍ରୁପ୍ ଋଣ ସବୁ ପ୍ରକାର ଋଣ
2% ସୁଧ -40% ଛାଡ଼ରେ
ସହଜ କିସ୍ତିରେ ଘରେ ବସି ପାଆନ୍ତୁ
ମହିଳା ତଥା କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ମୁଦ୍ରା ଫାଇନାନ୍ସ
89291-25571
89296-19951
M.P. Nagar, Zone-1, Bhopal, Madhya Pradesh.

FINANCE
ସରକାରୀ ଯୋଜନା ଦ୍ୱାରା All Odisha ଋଣ ନିଜର ମାର୍କସିଟ, ଆଧାରକାର୍ଡ, କୃଷି ଋଣ ମାତ୍ର ୦% ସୁଧ ୫୦% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
Call / SMS Now
Aastha - 9685015052
Rupali - 8963951185
Manisha - 9753016278
Mona - 7509774004
Janvi - 7566888563
Priyanka- 7649016745
Vasundhara Mall, West Boring Canal Rd, Rajapur, Patna, Bihar 800001

FINANCE
ପ୍ରଧାନମନ୍ତ୍ରୀ ଯୋଜନା ଦ୍ୱାରା All India ଋଣ ନିଜର ମାର୍କସିଟ, ଆଧାରକାର୍ଡ, କୃଷି ଋଣ ମାତ୍ର ୦% ସୁଧ ୫୦% ଛାଡ ଘରେବସି ପାଆନ୍ତୁ
Call / SMS Now
Sadhana - 8878040214
Priyanka - 7649016745
Manisha - 9753016278
Manasi - 8827505029
Sweta - 8963979286
Nidhi - 8878026907
Vasundhara Mall, West Boring Canal Rd, Rajapur, Patna, Bihar 800001


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 85,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ + Bike Free
ଆଜି ହିଁ ସଂମ୍ପର୍କ କରନ୍ତୁ
No. 751/3, Beleghata Main Road Kolkata - 700010, West Bengal, India
09433670261
09433670482

Hindustan Tower ଗ୍ରୁପ୍ (ରେଜି.) କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨୦,୦୦,୦୦୦, ଭଡ଼ା ୬୦,୦୦୦ + କୋର୍ଟ ଏଗ୍ରୀମେଣ୍ଟ।
Helpline No.
7838639856
8929313996
Address- HNo.631, RANJIT ENCLAVE, VILL-NANGAL KARAR KHAN, JALANDHAR

BUSINESS
ଖାଲିଥିବା ଜମି ଓ ଛାତ ଉପରେ Singhania Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
65/1, Ratna Villas Road, Gandhi Bazaar, Basavanagudi, Bengaluru, Karnataka 560004
Call / SMS Now
9453480851

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକକୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୂଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663



ଜ୍ଞାନୀ ଲୋକମାନେ ଧନନଷ୍ଟ କିମ୍ବା ମୃତ୍ୟୁ ପାଇଁ ଶୋକ କରନ୍ତି ନାହିଁ।
- ବ୍ୟାସଦେବ



## ସଂକ୍ଷେପରେ

### ଲୋକକବି ବେଣୁଧର ପାଣ୍ଡେଙ୍କୁ ଶ୍ରଦ୍ଧାଞ୍ଜଳି

ସିନାପାଲି,୨୪।୧୨(ଡି.ଏନ.ଏ.) ନୂଆପଡା ଜିଲା ସିନାପାଲି ଗଙ୍ଗାଧର ସାରସ୍ୱତ ସମିତି ପକ୍ଷରୁ ଲୋକକବି ବେଣୁଧର ପାଣ୍ଡେଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ନୋଡାଲ ପ୍ରାଥମିକ ବିଦ୍ୟାଳୟ ଗୋଡାଲଠାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଗଙ୍ଗାଧର ସାରସ୍ୱତ ସମିତି ସଭାପତି ବୈଷ୍ଣବ ମେହେର ଅଧ୍ୟକ୍ଷତା କରିଥିବା ବେଳେ କବି ଶିବପ୍ରସାଦ ମେହେର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସ୍ୱର୍ଗତ ବେଣୁଧରଙ୍କ ଆତ୍ମାର ସଦ୍‌ଗତି ନିମନ୍ତ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି ଅବସରରେ କବି, ନାଟ୍ୟକାର, ନାଟ୍ୟଗୁରୁ, ବୈଦ୍ୟ, ରାଜନୈତିଜ୍ଞ ଭାବରେ ସ୍ୱର୍ଗତ ପାଣ୍ଡେଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରାଯାଇଥିଲା। ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ନୀଳମଣି ମେହେର, ସୁରେନ୍ଦ୍ର ପଣ୍ଡା, ଭାଜପା ଜିଲା ସଭାପତି ସୁବ୍ରତ କୁମାର ଠାକୁର, ଅଶ୍ୱିନୀ କୁମାର ଯୋଷୀ, ନନ୍ଦକୁମାର ପାତ୍ର, କୁମୁଦବନ୍ଧୁ ଯୋଷୀ, ବାମଦେବ ଦାସ, ସନ୍ତୋଷ ସାହୁ, ଚୂଡାମଣି ମେହେର, ପ୍ରଦୀପ୍ତ କୁମାର ଯୋଷୀ ପ୍ରମୁଖ ସାହିତ୍ୟ ପ୍ରେମୀ ଯୋଗଦାନ କରି ସ୍ୱର୍ଗତ ଆତ୍ମାର ସ୍ମୃତିଚାରଣ କରିଥିଲେ।

■ ଏମ୍‌ଜିଏନ୍‌ଆରଇଜିଏସ୍ ବାଟବଣା

# ଜିଲାବ୍ୟାପି ୪ କୋଟି ୫୯ ଲକ୍ଷ ଟଙ୍କା ବକେୟା

ନୂଆପଡା ଅଫିସ,୨୪।୧୨

ସରକାର ଦାଦନ ପ୍ରବଣ ଜିଲାରେ ଶ୍ରମିକମାନଙ୍କୁ ପ୍ରତିବର୍ଷ ରୋଜଗାର ନିଶ୍ଚିତ କରିବାକୁ ଏମ୍‌ଜିଏନ୍‌ଆରଇଜିଏସ୍ ଭଳି ଯୋଜନାକୁ ବିଶେଷ ଗୁରୁତ୍ୱ ଦିଆଯାଉଥିବା କହୁଥିବା ବେଳେ ଏଠାରେ ଏଥିରେ ବ୍ୟତିକ୍ରମ ଦେଖାଦେଉଛି। ଶ୍ରମିକମାନେ କାମ କରିଥିବା କୋଟି କୋଟି ଟଙ୍କାର ମଜୁରୀ ବକେୟା ପଡିଛି। ଶ୍ରମିକ ଶ୍ରେଣୀର ଲୋକମାନେ କାମ କରି ଆଜିକୁ ୫ ମାସ ହେବ ମଜୁରୀ ପାଇନାହାନ୍ତି। ଏହି ବାବଦକୁ ଜିଲାବ୍ୟାପି ୪ କୋଟି ୫୯ଲକ୍ଷ ଟଙ୍କା ବକେୟା ପଡିଥିବାରୁ ଏହା ନିହାତି ଭାବେ ଦାଦନ ସମସ୍ୟାକୁ ଉଷୁକାଉଥିବା ଭଳି ହେଉଛ। ଏହାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଉଛି। ନୂଆପଡା ଜିଲାରେ ଅର୍ଦ୍ଧାଧିକ ଶ୍ରମିକ ଶ୍ରେଣୀର ଲୋକ ବାସ କରୁଛନ୍ତି। ଏମାନଙ୍କୁ ସରକାର ବିଭିନ୍ନ ଯୋଜନାରେ କାମ ଯୋଗାଇଦେବା ବ୍ୟବସ୍ଥା କରୁଛନ୍ତି। ସେହି ଅନୁଯାୟୀ ପେମେଣ୍ଟ ବ୍ୟବସ୍ଥା ଠିକ ସମୟରେ କରୁ ନ ଥିବାରୁ ଲୋକ ବାଧ୍ୟ ହୋଇ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି। ଏହା ପୁଣି ପ୍ରତିବର୍ଷ ସେପ୍ଟେମ୍ବର/ଅକ୍ଟୋବର ବେଳକୁ ଯାଇଥାନ୍ତି। ଏହାକୁ ଦୃଷ୍ଟିରେ ରଖି ରୋଜଗାର ଗ୍ୟାରେଣ୍ଟି କରିବା ଜରୁରୀ । ହେଲେ ଜିଲା ପ୍ରଶାସନର ଅପାରଗତା ଯୋଗୁ ସବୁ ଫସର ଫାଟିଛି। ଜିଲାବ୍ୟାପି ଏମ୍‌ଜିଏନ୍‌ଆରଇଜିଏସ୍‌ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଫାର୍ମ ପଣ୍ଡ ଖନନ, ପୋଖରୀ ଖନନ, ରାସ୍ତା ନିର୍ମାଣ, ଛେଳି ଗୁହାଳ ନିର୍ମାଣ ଭଳି କାମରେ ଶ୍ରମିକମାନେ ନିୟୋଜିତ ହୋଇଥିଲେ। ହେଲେ ଶ୍ରମିକମାନଙ୍କୁ ପେମେଣ୍ଟ ମିଳୁନାହିଁ। ଶ୍ରମିକମାନେ ବାରମ୍ବାର ପଞ୍ଚାୟତରୁ ବ୍ଲକ ପର୍ଯ୍ୟନ୍ତ ଦୌଡୁଥିଲେ ମଧ୍ୟ ବିଭିନ୍ନ ବାହାନା କରି ଅଧିକାରୀମାନେ ଟାଳି ଦେଉଥିବା ଶ୍ରମିକମାନେ ଅଭିଯୋଗ କରୁଛନ୍ତି । ବିଭାଗୀୟ ସୂତ୍ରରୁ ମିଳିଥିବା ତଥ୍ୟମୁତାବକ ଜିଲାର ନୂଆପଡା ବ୍ଲକରେ ୧ କୋଟି ୨୯ ଲକ୍ଷ ଟଙ୍କାର ମଜୁରୀ ବାକି ପଡିଥିବାବେଳେ ସିନାପାଲି ବ୍ଲକରେ ୧ କୋଟି ୪୫ ଲକ୍ଷ ଟଙ୍କା, କୋମନା ବ୍ଲକରେ ୬୫ଲକ୍ଷ ଟଙ୍କା ବକେୟା ପଡ଼ିଛି। ସେହିପରି ବୋଡେନ ବ୍ଲକରେ ୫୫ ଲକ୍ଷ ଟଙ୍କା, ଖଡିଆଳ ବ୍ଲକରେ ୬୫ ଲକ୍ଷ ଟଙ୍କା ବକେୟା ପଡିଛି । ଏହି ଯୋଜନାରେ କାମ କରିବାର ପନ୍ଦର ଦିନ ମଧ୍ୟରେ ପେମେଣ୍ଟ ଦେବାର ନିୟମ ରହିଥିଲେ ହେଁ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ଅନ୍ୟପଟେ ରାଜ୍ୟ ବାହାରକୁ ଦାଦନ ଚାଲାଣ ସୁଅ ମୁହଁରେ ଚାଲିଛି। ଏକ ବେସରକାରୀ ରିପୋର୍ଟ ଅନୁଯାୟୀ ଅଦ୍ୟାବଧି ଜିଲାରୁ ୨୦ ହଜାରରୁ ଊର୍ଦ୍ଧ୍ୱ ପରିବାର ରାଜ୍ୟ ବାହାରକୁ ଦାଦନ ଖଟିଗଲେଣି। ହେଲେ ସରକାରୀ ଭାବେ ମାତ୍ର ହଜାର ପରିବାର ବୋଲି କୁହାଯାଉଛି। ସରକାର ଯୋଜନାରୁ ଶ୍ରମିକମାନଙ୍କୁ ପେମେଣ୍ଟ ନ ଦେବା ଅର୍ଥ ଏହାକୁ ଦାଦନ ଚାଲାଣକୁ ପରୋକ୍ଷରେ ପ୍ରଶ୍ରୟ ଦେବାଭଳି ହେଉଛି ବୋଲି ଆଲୋଚନା ହେଉଛି। ଏହା ଉପରେ ଜିଲାପାଳ ତୁରନ୍ତ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ କରିବାକୁ ଶ୍ରମିକ ମହଲରେ ଦାବି ହେଉଛି ।

**ଦାଦନ ଚାଲାଣ ରୋକିବା ଧୂଆଁବାଣ**



ଶ୍ରମିକମାନେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ମାଟି ଖନନ କରୁଛନ୍ତି ।

ଓଷ୍ଟାର ଜିଲାସ୍ତରୀୟ ଶିଶୁ ମହୋତ୍ସବ

# ଯୋଗଦେଲେ ସାମାଜିକ ସୁରକ୍ଷା ମନ୍ତ୍ରୀ

ନୂଆପଡା ଅଫିସ,୨୪।୧୨

ସ୍ଥାନୀୟ ଟାନୱାଟସ୍ଥିତ କଣାଭଇଁରା ଉଚ୍ଚ ବିଦ୍ୟାଳୟ ପରିସରରେ ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ପକ୍ଷରୁ ଜିଲାସ୍ତରୀୟ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଷ୍ଟାର ଜିଲା ସଂପାଦକ ବିନୋଦ ବିହାରୀ ପାଢୀ ସଭାପତିତ୍ୱ କରିଥିବାବେଳେ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ମନ୍ତ୍ରୀ ଅଶୋକ କୁମାର ପଣ୍ଡା ମୁଖ୍ୟଅତିଥି, ସ୍ଥାନୀୟ ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ବିଶେଷ ଅତିଥି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିରଞ୍ଚି ନାରାୟଣ ପାଣିଗ୍ରାହୀ ମୁଖ୍ୟବକ୍ତା, ଓଷ୍ଟାର ଜିଲା କାର୍ଯ୍ୟକାରୀ ସଭାପତି ବନବିହାରୀ ମେହେର,ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିହାରୀ ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ଜିଲାର ବିଭିନ୍ନ ପ୍ରାନ୍ତରୁ ଶିଶୁମାନେ ଯୋଗଦେଇ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ । ଏଥିରେ ତର୍କରେ ସୋନାଲୀ ବାରିକ, କଣ୍ଠ ସଙ୍ଗୀତରେ ନିରୁପମା ସା, ଚିତ୍ରାଙ୍କନରେ ଗିରିଶ ପ୍ରଧାନ, ଆବୃତିରେ ଅର୍ପିତା ମେହେର, ଗଳ୍ପ ଲିଖନରେ ଉତମ ବିଶି, କବିତା ରଚନାରେ ଦେବେନ୍ଦ୍ର ହଂସ, ଏକକ ଅଭିନୟରେ ସାହିଲ ମହମ୍ମଦ, ଏକକ ନୃତ୍ୟରେ ମୀନାକ୍ଷୀ ରାଉତ, ସାଧାରଣ ଜ୍ଞାନରେ ଗୁରକୁ ବନଛୋର, କୁଇଜରେ ପ୍ରିୟାଂସୁ ଖମାରୀ ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଦୀପ ଭୋଇ, ଗିରିଧାରୀ ସା, ଦେଓସିଂ ବିଶ୍ୱାଳଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ।




ଶିଶୁ ମହୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

# ମିଶନ ମୁକ୍ତି ମାର୍ଗ ଚର୍ଚ୍ଚର ବଡ଼ଦିନ ପାଳନ

ଖଡିଆଳ,୨୪।୧୨(ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳସ୍ଥିତ ମିଶନ ମୁକ୍ତି ମାର୍ଗ ଚର୍ଚ୍ଚରେ ବଡଦିନ ଉତ୍ସବ ଧୁମଧାମରେ ପାଳିତ ହେଉଛି । ମିଶନ ମୁକ୍ତି ମାର୍ଗ ଚର୍ଚ୍ଚରେ ବଡଦିନକୁ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଇଛି। ବିଭିନ୍ନ ରଙ୍ଗୀନ ଆଲୋକମାଳାରେ ମିଶନ ମୁକ୍ତି ମାର୍ଗ ଚର୍ଚ୍ଚ ରଙ୍ଗୀନ ହୋଇପଡିଛି। ପ୍ରଥମ ଦିନରେ ବିଶ୍ୱର କଲ୍ୟାଣ ପାଇଁ ଖ୍ରୀଷ୍ଟିଆନ ଧର୍ମାବଲମ୍ବିମାନଙ୍କ ପକ୍ଷରୁ ଶାନ୍ତି କ୍ୟାଣ୍ଡଲର ଶୋଭାଯାତ୍ରା କରାଯାଇଥିଲା । ମଙ୍ଗଳବାର ମଧ୍ୟ ରାତ୍ରିରେ ଶାନ୍ତି ଓ ପ୍ରେମର ବାର୍ତ୍ତା ନେଇ ପ୍ରଭୁ ଯୀଶୁ ଧରାପୃଷ୍ଠକୁ ଅବତରଣ କରିବେ । ଖ୍ରୀଷ୍ଟିୟାନ ଧର୍ମାବଲମ୍ବିମାନେ ମୁକ୍ତିମାର୍ଗ ଚର୍ଚ୍ଚରେ ସମୁହ ପ୍ରାର୍ଥନା କରିବା ସହ ପରସ୍ପର ମଧ୍ୟରେ ବଡଦିନର ଶୁଭେଚ୍ଛା ଜଣେଇ ଖସି ମନାଉଛନ୍ତି । ଏଥିସହ ଘରେ ଘରେ ପିଠା ପଣା ତିଆରି କରିବା ସହ ଭୋଜିଭାତ କରି ବେଶ ଧୁମଧୁମାର ସହ ବଡଦିନକୁ ପାଳନ କରୁଛନ୍ତି । ଏଥିପାଇଁ ମିଶନ ମୁକ୍ତି ମାର୍ଗ ଚର୍ଚ୍ଚ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଚୁଡାନ୍ତ ହୋଇ ସାରିଥିବା ଶ୍ରଦ୍ଧାଳୁ ମଣିଚରଣ ନାଗ, ଅଜିତ ହରପାଲ, ଭୁବନ ଚନ୍ଦ୍ର ଦାନୀ ଓ ମିଶନ ମୁକ୍ତି ମାର୍ଗ ଚର୍ଚ୍ଚର ଫାଦର ରେଭେଣ୍ଟ ଆନନ୍ଦ ସୋଲେମାନ୍ କହିଛନ୍ତି ।

# ପଞ୍ଚମ ସ୍ଥାନରେ ପଲସଦା ସେବାଶ୍ରମ ସ୍କୁଲ

ଖଡିଆଳ,୨୪।୧୨(ଡି.ଏନ.ଏ.)

ଜାତୀୟସ୍ତରୀୟ ଯୁବ ମହୋତ୍ସବରେ ନୂଆପଡା ଜିଲା ବୋଡେନ ବ୍ଲକ ପଲସଦା ସେବାଶ୍ରମ ସ୍କୁଲ ଛାତ୍ରୀଛାତ୍ରମାନେ ୫ମ ସ୍ଥାନ ଅଧିକାର କରିଛନ୍ତି । ଭଦ୍ରକରେ ଅନୁଷ୍ଠିତ ଏହି ଉତ୍ସବରେ ଓଡିଶାରୁ ୩୦ ଜିଲାର କଳାକାରମାନେ ଯୋଗଦେଇଥିଲେ। ଉତ୍ସବରେ ରାଜ୍ୟସ୍ତରୀୟ କଳାକାର ଯୋଗଦେଇ ନିଜ କଳାର ପ୍ରଦର୍ଶନ କରିଥିଲେ। ନୂଆପଡା ଜିଲା ପଲସଦା ଆଶ୍ରମ ସ୍କୁଲ ନିଜ କଳା ମାଧମରେ ସମସ୍ତ ଦର୍ଶକଙ୍କୁ ମନମୁଗ୍ଧ କରି ରାଜ୍ୟର ୫ମ ସ୍ଥାନ ଅଧିକାର କରିଛନ୍ତି। ନୂଆପଡା ଜିଲାରେ ଖୁସିର ଲହରୀ ସହିତ ଶୁଭେଚ୍ଛା ବାର୍ତ୍ତା ସୁଅ ଛୁଟିବାରେ ଲାଗିଛି । କାର୍ଯ୍ୟକ୍ରମରେ ପଲସଦା ଆଶ୍ରମ ସ୍କୁଲ କଳାକାର ହରମାନୀ ମାଝି, ଅନାଦୀ ମାଝି, ରେବତୀ ମାଝି, ରୀନା ମାଝି, କୁମାରୀ ଦଳ, ସନ୍ତୋଷିନୀ ମାଝି, ପାୟଲ ବାଗ, ରୋହିତ ସିନ୍ଧୁର ପ୍ରମୁଖ ଭାଗ ନେଇଥିଲେ । ଖଡିଆଳ ସାଂସ୍କୃତିକ ଅନୁଷ୍ଠାନ ସଭାପତି ଜିତେନ୍ଦ୍ରନାଥ ପଟ୍ଟନାୟକଙ୍କ ସହଯୋଗରେ ଅନୁଷ୍ଠାନ ଯୁବ କଳାକାର ଅଶ୍ୱିନୀ ତାଣ୍ଡି, ତପନ କୁମାର ବାଗ, ଲୋକେଶ ନିଆଲ, କୁନାଲ ପାତ୍ର, ଯଶମିନ ବିଭାର, ବିନୟ ନାୟକ, ଦିନେଶ ଜଗତ, ରାଜୁ ଖରସେଲ ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ପ୍ରଧାନଶିକ୍ଷୟିତ୍ରୀ ରାମଣୀଦେଈ କୋରିଓଗ୍ରାଫର୍ କରିଥିବା ବେଳେ ବିଦ୍ୟାଳୟ ମେଟ୍ରନ ରତ୍ନାବତି ପୋଢ଼ ଓ ମାୟାଧର ସାଗର ସହଯୋଗ କରିଥିଲେ ।

**ଜାତୀୟସ୍ତରୀୟ ଯୁବ ମହୋତ୍ସବ**



ଯୁବ ମହୋତ୍ସବରେ ବୋଡେନ ବ୍ଲକ ପଲସଦା ସେବାଶ୍ରମ ସ୍କୁଲ ପିଲାମାନେ।

# ଶୀତକାଳୀନ ସ୍ୱତନ୍ତ୍ର ଜାତୀୟ ସେବା ଶିବିର ଉଦ୍‌ଘାଟିତ

କୋମନା,୨୪।୧୨(ଡି.ଏନ.ଏ.)

ନୂଆପଡା ଜିଲା କୋମନା ବ୍ଲକ କ୍ରୀଷ୍ଟା ଓ ଖଡିକାର ପଡାଗାଁରେ ପଞ୍ଚାୟତ ସମିତି ଡିଗ୍ରୀ କଲେଜ ଆନୁକୁଲ୍ୟରେ ଶୀତକାଳୀନ ସ୍ୱତନ୍ତ୍ର ଜାତୀୟ ସେବା ଶିବିର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଭାସ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥି ଭାବରେ ଅର୍ଥନୀତି ଅଧ୍ୟାପକ ଫକୀର ଚରଣ ପାଢୀ, ଅଧ୍ୟାପକ ଦେବେନ୍ଦ୍ର ସୁନାନୀ ଓ ନଳିନୀ କାନ୍ତି ସା ପ୍ରମୁଖ ଯୋଗଦେଇ ସେବା ଭାରତ ବର୍ଷର ମୁଳଭିତି ଏବଂ ଏହା ଜାତୀୟତାର ରୁପ ନେଲେ ଜୀବନ କୃତାର୍ଥ ହୁଏ ବୋଲି କହିଥିଲେ। ଏହି ଶିବିରରେ କୋମନା ପଞ୍ଚାୟତ ସମିତି ଡିଗ୍ରୀ କଲେଜର ୨୫ ଜଣ ଛାତ୍ର ଏବଂ ୨୫ ଜଣ ଛାତ୍ରୀ ଭାଗ ନେଇଛନ୍ତି। ଶିବିର ପରିଚାଳନାରେ ବାଳକ ବିଭାଗ ପ୍ରୋଗ୍ରାମ ଅଫିସର ଭାବେ ଦେବେନ୍ଦ୍ର ସୁନାନୀ ଓ ବାଳିକା ଇଉନିଟର ପ୍ରଗ୍ରାମ ଅଫିସର ଭାବେ ନଳିନୀ କାନ୍ତି ସା ଦାୟିତ୍ୱ ନେଇଛନ୍ତି। ଉକ୍ତ ସ୍ୱତନ୍ତ୍ର ଜାତୀୟ ସେବା ଶିବିରର ପ୍ରଥମ ଦିନରେ ଛାତ୍ରୀଛାତ୍ରମାନେ କ୍ରୀଷ୍ଟା ଓ ଖଡିକାର ପଡାରେ ଥିବା ବିଭିନ୍ନ ନଳକୁପ, ନାଳ ନର୍ଦ୍ଦମା, ରାସ୍ତାଘାଟ ତଥା ପୋଖରୀ ତୁଟଗୁଡିକୁ ସଫେଇ କରିଛନ୍ତି।

# ଜଳାଭାବ ଦୂରୀକରଣ ପାଇଁ ଜଳ ସୁରକ୍ଷା ମହିଳା କମିଟି ପକ୍ଷରୁ ଦାବିପତ୍ର

ସିନାପାଲି,୨୪।୧୨(ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲି ବ୍ଲକ୍ ନୂଆପଡା ପଞ୍ଚାୟତ ଗମ୍ଭାରୀଗୁଡା ଗ୍ରାମରେ ଜଳ ସୁରକ୍ଷା ମହିଳା କମିଟି ପକ୍ଷରୁ ସିନାପାଲି ବିଡିଓଙ୍କୁ ଜଳାଭାବ ଦୂରୀକରଣ ପାଇଁ ମଙ୍ଗଳବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହା ଏକ ପଥୁରିଆ ଅଞ୍ଚଳ ହୋଇଥିବା ବେଳେ ଏଠାରେ ଥିବା ନଈ, ନାଳ, ପୋଖରୀ ଖରାଦିନେ ସମ୍ପୂର୍ଣ୍ଣ ଭାବେ ଶୁଖିଯାଏ। ବର୍ତ୍ତମାନ ଜଳଉତ୍ସଗୁଡିକରେ ପାଣି ଶୁଖିଯିବାରେ ଲାଗିଲାଣି । ଏମିତିକି ଗୃହପାଳିତ ପଶୁପକ୍ଷୀମାନଙ୍କ ପାଇଁ ପାନୀୟଜଳର ଘୋର ଅଭାବ ହୋଇଥାଏ । ନଳକୂପ ଓ କୂଅରେ ମଧ୍ୟ ପାଣି ଶୁଖିଯିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡେ। ଫଳରେ ଗୃହପାଳିତ ପଶୁପକ୍ଷୀ ଠୁ ଆରମ୍ଭ କରି ଲୋକମାନେ ପାଣି ପାଇଁ ଉହକବିକଳ ହେବାକୁ ପଡେ। ବିଶେଷ କରି ଗ୍ରାମର ମହିଳାମାନେ ପାଣି ପାଇଁ ବିଶେଷ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଗ୍ରାମର ଜଳ ସୁରକ୍ଷା ମହିଳା କମିଟି ନେତୃତ୍ୱରେ ଗ୍ରାମର ସମସ୍ତ ମହିଳା ଏକଜୁଟ ହୋଇ ସିନାପାଲି ବିଡିଓଙ୍କୁ ଲିଖିତ ଦାବି ଜଣାଇଛନ୍ତି । ଦାବିପତ୍ରରେ ଭଣ୍ଡାରଓଡା ପ୍ରୋଜେକ୍ଟର ପଙ୍କରୁଦ୍ଧାର, ଚୁଆଡୋଲି ବନ୍ଧର ଉନ୍ନତିକରଣ ଓ ଆଗ୍ରହୀ ଚାଷୀମାନଙ୍କୁ ଚହଲା ଖନନ ପ୍ରଦାନ କରିବା ପାଇଁ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଜଳ ସୁରକ୍ଷା ମହିଳା କମିଟି ସଦସ୍ୟାଙ୍କ ସମେତ ସିନାପାଲି ଜିଲା ପରିଷଦ ପ୍ରିୟରଞ୍ଜନ ମେହେର, ଖଡିଆଲ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଚଲେଚଲୋର ପ୍ରୋଗ୍ରାମ ଅଫିସର ସତ୍ୟନାରାୟଣ କର, ସଂଯୋଜକ ରାଜକୁମାର ମେହେର, ସାମାଜିକ କର୍ମୀ ବରୁଣ ସୁନାନୀ, ଜ୍ୟୋତିପ୍ରିୟା ଜଗତ ପ୍ରମୁଖ ସାମିଲଥିଲେ ।




ବିଡିଓଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଜଳ ସୁରକ୍ଷା ମହିଳା କମିଟି ବୃନ୍ଦ ।

# ନୂଆପଡା ସ୍ୱତନ୍ତ୍ର ବିକାଶ ପରିଷଦ ଗଠନ ଦାବି

ନୂଆପଡା ଅଫିସ,୨୪।୧୨

ନୂଆପଡା ସ୍ୱତନ୍ତ୍ର ବିକାଶ ପରିଷଦ ଗଠନ କରି ଯୁବକ, ମହିଳାଙ୍କ ସମ୍ମାନ ଓ ଅଧିକାର, ଦଳିତ ଆଦିବାସୀଙ୍କ ଅଧିକାର, ପଛୁଆବର୍ଗଙ୍କୁ ସଂରକ୍ଷଣ ସୁବିଧା ଦେବା ଭଳି ସାମ୍ବିଧାନିକ ସୁବିଧା ଦାବିରେ ଆନ୍ଦୋଳନ ପାଇଁ ସଜବାଜ ଚାଲିଛି । ମଙ୍ଗଳବାର ସ୍ଥାନୀୟ କୁରୁମପୁରୀ ବଜାର ପ୍ରାଙ୍ଗଣରେ ଯୁବନେତା ରବୀନ୍ଦ୍ର ମଙ୍ଗରାଜଙ୍କ ଆହ୍ୱାନକ୍ରମେ ବିଭିନ୍ନବର୍ଗ ଲୋକଙ୍କୁ ନେଇ ବୈଠକ ହୋଇଥିଲା। ଆଦିବାସୀ ସଙ୍ଗଠକ ଭକ୍ତବନ୍ଧୁ ଧରୁଆ ସଭାପତିତ୍ୱ କରିଥିବାବେଳେ ତୁଷାର ଯାଦବ, ନରେନ୍ଦ୍ର ସୁନାନୀ, ଜିତେନ୍ଦ୍ର ମାଝି, ରାଜୁ ଦାସ, ନରହରୀ ବାଗ, ତରୁଣ ତାଣ୍ଡି, ଅଶୋକ ଦଣ୍ଡସେନା, ବାଲେଶ୍ୱର ସାହୁ ପ୍ରମୁଖ ଯୋଗଦେଇଥିଲେ। ନିଜର ଅଧିକାର ପାଇଁ ଆଗକୁ ଆସି ଆନ୍ଦୋଳନ କରିବାକୁ ପଡିବ। ଏହାକୁ ନେଇ ସର୍ବ ସମ୍ମତିକ୍ରମେ ଆସନ୍ତା ୬ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ଘେରାଉ କରାଯିବ ବୋଲି ଚୂଡାନ୍ତ ହୋଇଛି । ବୈଠକରେ ସନ୍ତୋଷ ବିଭାର, ଏକାମ ଦୀ, ତୁଳସୀ ମାଝି, କେଶବ ଦୁରିଆ, ଲୋକେଶ ଯାଦବ, ତନ୍ମୟ ଦାସ, ଭୋଲାନାଥ ରଣା, ଯୋଗିନ୍ଦ୍ର ନାଗ, ସୁରେଶ ସାହୁ, ଦିଗବିଜୟ ଦାସ, ରାଏଧର ବଘେଲ ପ୍ରମୁଖ ଯୋଗଦେଇଥିଲେ।

■ ୧୮ତମ କେସିଏସଏ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

# ଭୁବନେଶ୍ୱର, ବରଗଡ ବିଜୟୀ

ଖଡିଆଳ,୨୪।୧୨(ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳସ୍ଥିତ ରାଜା ଏଟି ହାଇସ୍କୁଲ ପଡିଆରେ ୧୮ତମ କେସିଏସଏ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଟୁର୍ନାମେଣ୍ଟର ପ୍ରଥମ ଦିବସରେ ଦୁଇଟି ଖେଳ ହୋଇଥିଲା। ପ୍ରଥମ ମ୍ୟାଚ ନାଗପୁର ଓ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚ ମଧ୍ୟପ୍ରଦେଶ ଓ ବରଗଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମ ମ୍ୟାଚରେ ନାଗପୁର ଦଳ ଟସ ଜିଣି ୧୫ ଓଭରରେ ୭ ଉଇକେଟ ହରାଇ ୧୨୦ ରନ ସଂଗ୍ରହ କରିଥିଲା। ଭୁବନେଶ୍ୱର ଦଳ ୧୪.୨ ଓଭରରେ ୧୨୩ ରନ କରି ବିଜୟ ହୋଇଛି । ଏଥିରେ ରାକେଶ ୨୭ ବଲରେ ୪୭ ରନ କରି ମ୍ୟାନ ଅଫ୍ ଦି ମ୍ୟାଚ ପାଇଥିଲେ । ସେହିପରି ଦ୍ୱିତୀୟ ମ୍ୟାଚରେ ମଧ୍ୟପ୍ରଦେଶ ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୮୬ ରନ କରିଥିଲା। ବରଗଡ ଦଳ ୭.୪ ଓଭରରେ ୮୮ ରନ କରି ବିଜୟୀ ହାସଲ କରିଥିଲା । ଏଥିରେ ୧୯ ବଲରେ ୪୨ ରନ କରି ସୁମିତ ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ । ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଏବଂ ସମ୍ମାନିତ ଅତିଥି ଡ. ଫଣିନ୍ଦମ ସିଂଦେଓ ଯୋଗଦେଇଥିଲେ। ଆୟୋଜକ କମିଟି ସମ୍ପାଦକ ସନ୍ତୋଷ ପଟ୍ଟନାୟକ, କୋଷାଧ୍ୟକ୍ଷ ଜିତେନ୍ଦ୍ର ନାୟକ, ଖେଳ ପରିଚାଳକ ପ୍ରତାପ ପାତ୍ର, ମହେଶ ମୁନସି, ଗୁଡୁ ପାଣିଗ୍ରାହୀ, ବିନୋଦ ଦୁରିଆ, ଶିବ ସିଙ୍ଗଲ, ଅମିତାଭ ପଟେଲ, ସାନ ଜଗତ, ବଡ ଜଗତ, ତାପସ ପତି ପ୍ରମୁଖ ସହଯୋଗ କରିଥିବା ବେଳେ ଧାରାବିବରଣୀ ଆଶିଷ ତ୍ରିବେଦୀ ତୁଲାଇଥିଲେ।




୧୮ତମ କେସିଏସଏ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନୀରେ ଅତିଥିବୃନ୍ଦ ।

■ ଏମ୍‌ଜିଏନ୍‌ଆରଇଜିଏସ୍ ଦୁର୍ନୀତି ପ୍ରସଙ୍ଗ

# ଭିଜିଲାନ୍ସ ତଦନ୍ତ ଆରମ୍ଭ

ସିନାପାଲି,୨୪।୧୨(ଡି.ଏନ.ଏ.)

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ସିନାପାଲି ସଦର ଗ୍ରାମପଞ୍ଚାୟତରେ ଏମ୍‌ଜିଏନ୍‌ଆରଇଜିଏସ୍ ଦୁର୍ନୀତି ଘଟଣାର ଭିଜିଲାନ୍ସ ତଦନ୍ତ ମଙ୍ଗଳବାର ଆରମ୍ଭ ହୋଇଛି। କଳାହାଣ୍ଡି-ନୂଆପଡା ଭିଜିଲାନ୍ସ ଡିଏସ୍‌ପି ସତ୍ୟବାନ ମହାନନ୍ଦ ସିନାପାଲି ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚି ଏମ୍‌ଜିଏନ୍‌ଆରଇଜିଏସ୍ ସଂକ୍ରାନ୍ତିୟ ବିଭିନ୍ନ କାଗଜାତ୍ ସଂଗ୍ରହ କରି ତଦନ୍ତ ଚଳାଇଛନ୍ତି। ସୂଚନାଯୋଗ୍ୟ ଯେ, ଏ ସଂକ୍ରାନ୍ତରେ ଗଣମାଧ୍ୟମରେ ବାରମ୍ବାର ପ୍ରକାଶ ହେବା ପରେ ପ୍ରଶାସନ ପଦକ୍ଷେପ ନେବା ପାଇଁ ବାଧ ହୋଇଛି। ଘଟଣାକୁ ଢାଙ୍କିବା ପାଇଁ ପ୍ରୟାସ କରିଥିଲେ ମଧ ଏହା ଫେଲ ମାରିଛି। ନୂଆପଡା ଜିଲାପାଳ ଏ ସଂକ୍ରାନ୍ତର ସମ୍ପୃକ୍ତ ପ୍ରୋଗ୍ରାମ ଆସିଟାଣ୍ଟଙ୍କୁ ବହିଷ୍କାର କରିବା ସହିତ ସମ୍ପୃକ୍ତ ଜିଆର୍‌ଏସ୍‌ଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ପାଇଁ ସିନାପାଲି ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ ନୂତନ ପ୍ରୋଗ୍ରାମ ଆସିଟାଣ୍ଟ ନିଯୁକ୍ତି କରିବା ସହିତ ସମ୍ପୃକ୍ତ ଜିଆରଏସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ସିନାପାଲି ସଦର ଗ୍ରାମପଞ୍ଚାୟତରେ ଗତ ୨୦୧୮-୧୯ ଆର୍ଥିକ ବର୍ଷରେ ଏମ୍‌ଜିଏନ୍‌ଆରଇଜିଏସ୍ ପାଣ୍ଠିରେ କୌଣସି ହିତାଧିକାରୀଙ୍କୁ ଜମି ମରାମତି ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇ ନ ଥିଲା । କିନ୍ତୁ ଜାଲିଆତି କରି ୮ ଜଣ ହିତାଧୀକାରୀଙ୍କ ନାମରେ ଜମି ମରାମତି କରାଯାଇଥିବା ଦର୍ଶାଇ ୩ ଲକ୍ଷ ୧୩ ହଜାର ୩୫୩ ଟଙ୍କା ୮୦ ପଇସା ହଡପ କରାଯାଇଛି। ଘଟଣାର ଦୀର୍ଘ ଦିନ ପରେ ମାର୍ଚ୍ଚ ୧୮ ତାରିଖରେ ସୂଚନା ପାଇ ସରପଞ୍ଚ ସତ୍ୟବାନ ମେହେର ବିଡିଓଙ୍କୁ ଜଣାଇବା ପରେ ଏମ୍‌ଜିଏନ୍‌ଆରଇଜିଏସ୍ ଏପିଓ ଊର୍ଜିତା ବିଶ୍ୱାସ ଏ ସଂକ୍ରାନ୍ତରେ ବିଡିଓଙ୍କୁ ଲିଖିତ ଭାବେ ଜଣାଇଥିଲେ। ବିଡିଓ ଏ ସଂକ୍ରାନ୍ତରେ ପିଡିଙ୍କୁ ଜଣାଇଥିଲେ। ଏହାପରେ ନିର୍ବାଚନକୁ ବାହାନା କରି କୌଣସି ତଦନ୍ତ କରାଯାଇ ନ ଥିଲା। ଗଣମାଧ୍ୟମରେ ବାରମ୍ବାର ଏ ସଂକ୍ରାନ୍ତରେ ଖବର ପ୍ରକାଶିତ ହେବା ପରେ ପ୍ରଶାସନ ସକ୍ରିୟ ହେବାକୁ ବାଧ ହୋଇଛି। ଗତ ମେ ୨୭ରେ ଏ ସଂକ୍ରାନ୍ତରେ ନୂଆପଡା ଜିଲା ଏମ୍‌ଜିଏନ୍‌ଆରଇଜିଏସ୍ ପାଇଁ ନିଯୁକ୍ତ ଆମ୍ବୁଡ୍ସମ୍ୟାନ (ଲୋକପାଳ) ବିଜୟରାଜ ତଦନ୍ତ କରି ଜୁଲାଇ ୧୦ରେ ସମସ୍ତ ରିପୋର୍ଟ ଜିଲା ପ୍ରଶାସନକୁ ପ୍ରଦାନ କରିଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। କିନ୍ତୁ ଜିଲାପାଳ ସିନାପାଲି ବିଡିଓଙ୍କୁ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ପାଇଁ ନିର୍ଦ୍ଦେଶ ଜାରି କରିଥିଲେ। ଏ ସଂକ୍ରାନ୍ତରେ ଲୋକପାଳ ବିଜୟରାଜଙ୍କୁ ପଚାରିବାରୁ ସେ ଜିଲା ପ୍ରଶାସନକୁ ଯାହା ରିପୋର୍ଟ ଦେବା କଥା ଦେଇସାରିଛନ୍ତି ଏବଂ ଘଟଣାରେ ଯାହା ସବୁ ଅନିୟମିତତା ହୋଇଛି ଓ ଏଥିପାଇଁ କିଏ ଉତ୍ତରଦାୟୀ ସମସ୍ତ ବିଷୟ ଜଣାସାରିଛି ବୋଲି କହିଥିଲେ। ଏ ସଂକ୍ରାନ୍ତରେ ମହାନନ୍ଦଙ୍କୁ ପଚାରିବାରୁ ତଦନ୍ତ ଚାଲିଛି। ଆଗକୁ ଅଧିକ ତଦନ୍ତ ହେବା ପରେ ପ୍ରକୃତ ସତ୍ୟାସତ୍ୟ ଜଣାପଡିବ ବୋଲି କହିଥିଲେ।



ଭିଜିଲାନ୍ସ ଡିଏସ୍‌ପି ସତ୍ୟବାନ ମହାନନ୍ଦ ବିଭିନ୍ନ କାଗଜାତ୍ ସଂଗ୍ରହ କରି ତଦନ୍ତ କରୁଛନ୍ତି।



ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖ, କିନ୍ତୁ ନିଜ ଉଦ୍ୟମରେ ଟିକିଏ ହେଲେ ଅବହେଳା କର ନାହିଁ।
- ବ୍ୟାସକବି ଫକୀର ମୋହନ



## ସଂକ୍ଷେପରେ

### ଅବକାରୀ ଚଢ଼ାଉ,୩ କୋର୍ଟ ଚାଲାଣ

ଜୁନାଗଡ,୨୪।୧୨(ଡି.ଏନ.ଏ.)
କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଚୈଗୁଡା, ବଳଦିଆମାଲ ଓ ଆଟିଗାଁରେ ଜିଲା ଅବକାରୀ ଅଧୀକ୍ଷକ ଡମ୍ବରୁଧର ଖଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ବିଭାଗ ମଙ୍ଗଳବାର ବେଆଇନ ମଦ କାରବାର ଚାଲିଥିବା ଖବର ପାଇ ଅତର୍କିତ ଚଢାଉ କରାଯାଇଥିଲା। ଚିଚୈଗୁଡା ଗ୍ରାମର ବିରେନ୍ଦ୍ର ମେହେରଙ୍କଠାରୁ ୬.୪ଲିଟର, ବଳଦିଆମାଲର ଦେବେନ୍ଦ୍ର ମେହେରଙ୍କଠାରୁ ୭.୪ ଲିଟର ଓ ଆଟିଗାଁର ଲାଲୁ ବିଶ୍ୱାଲଙ୍କଠାରୁ ୮.୨ ଲିଟର ଭାଟିମଦ ଜବତ କରାଯାଇଥିଲା। ପରେ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଜୁନାଗଡ ଜେଏମ୍ଏଫସି କୋର୍ଟ ଚାଲାଣ କରାଯାଇଥିଲା। ଏଚଢାଉରେ ଧର୍ମଗଡ ଅବକାରୀ ନିରୀକ୍ଷକ ସୁବନ ନାଏକ, ଜୁନାଗଡ ଅବକାରୀ ଉପନିରୀକ୍ଷକ ଦିଲୀପ କୁମାର ରଥ,ଏଏସ୍ଆଇ ବସନ୍ତ ବିଶି, କନଷ୍ଟେବଳ ପ୍ରତିମା ଗହୀର, ବାଲେଶ୍ୱର ଧଙ୍ଗଡାମାଝି, ଠଣ ସୁନ୍ଦର ଜାଲ ପ୍ରମୁଖ ସାମିଲ ଥିଲେ।

### ଲୁଟେରାଙ୍କୁ କାବୁକରି ପୋଲିସରେ ଜିମା ଦେଲେ

କୋକସରା,୨୪।୧୨(ଡି.ଏନ.ଏ.)
କଳାହାଣ୍ଡି ଜିଲା କୋକସରା ବସଷ୍ଟାଣ୍ଡ ନିକଟରେ ସୋମବାର ଅପରାହ୍ନ ୩ଟାରେ ଜଣେ ଚାଷୀଙ୍କ ବାଇକ୍ ଡିକିରୁ ଟଙ୍କା ନେଇ ଫେରାର ହେଉଥିବା ଜଣେ ଲୁଟେରାଙ୍କୁ ଲୋକେ କାବୁ କରିଥିଲେ। ପରେ ତାଙ୍କୁ ନିସ୍ତୁକ ମାଡମାରି ପୋଲିସରେ ଜିମା ଦେଇଛନ୍ତି । ପୋଲିସ ଲୁଟେରାଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଥିବା ନେଇ ଥାନା ଅଧିକାରୀ ଜନ୍ମେଜୟ ବାଗ ସୂଚନା ଦେଇଛନ୍ତି। ସୂଚନା ଯେ, ରେଙ୍ଗାଲପାଲି ପଞ୍ଚାୟତ ଝରିଆଗୁଡା ଗ୍ରାମର ଜଣେ ଚାଷୀ ମୁକ୍ତେଶ୍ୱର ନାଏକ କୋକସରା ଷ୍ଟେଟବ୍ୟାଙ୍କରୁ ୪୦ ହଜାର ଟଙ୍କା ଉଠାଇ ବାଇକ ଡିକିରେ ରଖି ବସଷ୍ଟାଣ୍ଡ ନିକଟ ଚା ଦୋକାନରେ ଠିଆ ହୋଇଥିଲେ। ଏହି ସମୟରେ ଲୁଟେରା ଡିକି ଭାଙ୍ଗି ଟଙ୍କା ଲୁଟି ଫେରାର ହେବାକୁ ଉଦ୍ୟମ କରୁଥିଲେ। ତାଙ୍କୁ କାବୁ କରି ନିସ୍ତୁକ ମାଡମାରି ପରେ ପୋଲିସରେ ଜିମା ଦେଇଥିଲେ।

### ଏକଦିବସୀୟ ଫୁଟବଲ ପ୍ରତିଯୋଗିତା

ଭବାନୀପାଟଣା,୨୪।୧୨(ଡି.ଏନ.ଏ.)
ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ଦାଦପୁର ଦଧିବାମନ ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ଏକ ଦିବସୀୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବୁଢାରଜା ସାଂସ୍କୃତିକ ଅନୁଷ୍ଠାନ ଆନୁକୁଲ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାରେ ଗୋପୀନାଥପୁର ଏବଂ ବୋରଗୁଡା ମଧରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୋପୀନାଥପୁର ଦଳ ଟାଇବ୍ରେକରରେ ବିଜୟୀ ହୋଇଥିଲା। ନୃସିଂହ ମାଝି, ଈଶ୍ୱର ପ୍ରଧାନ ଓ ରୋହିତ ମାଝି ପ୍ରମୁଖ ଖେଳ ପରିଚାଳନା କରିଥିଲେ। ବୁଢାରଜା ସାଂସ୍କୃତିକ ଅନୁଷ୍ଠାନ ସଭାପତି ପରମେଶ୍ୱର ଝାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜଗଦୀଶଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଦେବାର୍ଚ୍ଚନ ପ୍ରଧାନ, ପୂର୍ବତନ ସରପଞ୍ଚ ମାର୍କଣ୍ଡ ପଶାୟତ, ରବି ଜାନି, ବୈକୁଣ୍ଠ ବାଣୁଆ, ଭିକାରୀ ଚରଣ ଦାଶ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଚନ୍ଦ୍ରମଣି ଝାଙ୍କର, ସୁନୀଲ ସିଂ, ଶରତ ମାଝି, ଈଶ୍ୱର ଗଉଡ, ଦୁଃଖୀଶ୍ୟାମ ସିଂ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଉଦ୍ଘାଟନୀ ସମାରୋହ

# ଘୁମୁରା,ବନାବାଡ଼ି ନୃତ୍ୟରେ ଦୁଲୁକିଲା ମଞ୍ଚ





ଉଦ୍ଘାଟନୀ ସମାରୋହରେ ଯୋଗଦେଇଥିବା ଅତିଥିଗଣ (ବାମ)। ଘୁମୁରା ଦଳ ପକ୍ଷରୁ ନୃତ୍ୟ ପରିବେଷଣ ।

ଜୁନାଗଡ,୨୪।୧୨(ଡି.ଏନ.ଏ.)

ଆସନ୍ତା ଜାନୁୟାରୀ ୧୪ରୁ ୧୭ ଯାଏଁ ଭବାନୀପାଟଣା ଲାଲବାହାଦୂର ଷ୍ଟାଡିୟମଓ ଧର୍ମଗଡ କଳାହାଣ୍ଡି ଉତ୍ସବ ପଡିଆଠାରେ ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଅନୁଷ୍ଠିତ ହେବ। ମଙ୍ଗଳବାର ଏହାର ଉଦ୍ଘାଟନୀ ସମାରୋହ ଜୁନାଗଡ ବ୍ଲକ ଛୋରିଆଗଡ ପଞ୍ଚାୟତରୁ ଆରମ୍ଭ ହୋଇଛି। ଆରମ୍ଭରେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା ପରେ ଲଙ୍କେଶ୍ୱରୀ ମନ୍ଦିରରୁ ଉତ୍ସବ ପଡିଆ ପର୍ଯ୍ୟନ୍ତ ମଶାଲ ଯାତ୍ରା ହୋଇଥିଲା। ଛୋରିଆଗଡ ସରପଞ୍ଚ ବବିତା ଗୁରୁଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ଧର୍ମଗଡ ବିଧାୟକ ମୌଷଧି ବାଗ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶୀଚନ୍ଦନ, ଜିଲା ସଂସ୍କୃତି ଅଧିକାରୀ ଅର୍ପିତା ବେହେରା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ର ଶେଖର ମହାପାତ୍ର, ଜିଲା ଯୋଜନା ଓ ପରିସଂଖ୍ୟାନ ବିଭାଗ ଉପନିର୍ଦ୍ଦେଶକ କେ.ସି ସେଠି, ଜୁନାଗଡ ବିଡିଓ ଦୁଲାରାମ ମାରାଣ୍ଡି, ତହସିଲଦାର ଉପେନ୍ଦ୍ର ଲୁହା, ବ୍ଲକ ଅଧକ୍ଷା ନୁର୍ଯ୍ୟ ମାଝି, ଉପାଧକ୍ଷ ଟଙ୍କଧର ନାଏକ, ଜିଲା ସଂସ୍କୃତି ପରିଷଦ ସଦସ୍ୟ ଡ. ଅଜୟ କୁମାର ମିଶ୍ର, ପ୍ରଦୀପ ଧଙ୍ଗଡାମାଝି, ପଦ୍ମକିଶୋର ପୂଝାରୀ, କର୍ତ୍ତବ୍ୟ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଶୋକ ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଫେସର ଡଃ ଟିକା ରାଏ, ଅବସରପ୍ରାପ୍ତ ଶିକ୍ଷାଧିକାରୀ, ସୁରେଶ ଚନ୍ଦ୍ର ଠାକୁର, ପୂର୍ବତନ ସରପଞ୍ଚ ବୈଦନାଥ ଗୁରୁ, ଜୁନାଗଡ ବ୍ଲକ ସରପଞ୍ଚ ସଂଘ ସଭାପତି ଅଜୟ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। କଳାହାଣ୍ଡିର ସଂସ୍କୃତି ଓ ଉତ୍ସବର ଲକ୍ଷ୍ୟ ଉପରେ ଅତିଥିମାନେ ଉଦ୍ବୋଧନ ଦେଇଥିଲେ। ଆଇନଜୀବୀ କଲ୍ୟାଣୀ ନାଏକ ଓ ସାମାଜିକ କର୍ମୀ ଦିଲୀପ ଠାକୁର ମଞ୍ଚ ପରିଚାଳନା କରିଥିଲେ। ପରେ ଛୋରିଆଗଡର ପାରମ୍ପାରିକ ସାଂସ୍କୃତିକ ଦଳ ଘୁମୁରା, ବନବାଡି, ମାଦଳି, ସଂକୀର୍ତନ, ଖଞ୍ଜଣି, ଆଦିବାସୀ ନୃତ୍ୟ ଓ ଶିଶୁ ବିଚିତ୍ରା ଆଦି କାର୍ଯ୍ୟକ୍ରମରେ ମଞ୍ଚ ଦୁଲକି ଉଠିଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ମାରୁତୀ ଭୋଇ ପରିଚାଳନା କରିଥିଲେ। ଏହି ଉତ୍ସବ ଉପଲକ୍ଷେ ସ୍ଥାନୀୟ ସ୍କୁଲ ଛାତ୍ରୀଛାତ୍ରମାନଙ୍କ ମଧରେ ବିଭିନ୍ନ ପ୍ରତିଯୋଗୀତା ହୋଇଥିଲା। ଏଥିରେ କୃତୀ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସରକାରୀ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ୭ଟି ଷ୍ଟଲ ପ୍ରଦର୍ଶନ କରାଯାଇଥିଲା। କୃଷି ବିଭାଗ ପକ୍ଷରୁ କୌଣସି ଷ୍ଟଲ ଲଗାଯାଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମକୁ ଜୁନାଗଡ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ (ଜିପିଓ) ସିଦ୍ଧେଶ୍ୱର ମେହେର, ବିଏସ୍ଏସଓ ତୁଷାର ରଞ୍ଜନ ସାହୁ, ପିଇଓ ଜିତେନ୍ଦ୍ର ଯୋଷୀ ଓ ଛୋରିଆଗଡ ପଞ୍ଚାୟତ ସମସ୍ତ ଶିକ୍ଷକ, ୱାର୍ଡମେମ୍ବର, ଗ୍ରାମବାସୀ ସହଯୋଗ କରିଥିଲେ। ସ୍ଥାନୀୟ ସମିତିସଭ୍ୟ ପ୍ରେମଲାଲ ନାଏକ ଧନ୍ୟବାଦ ଦେଇଥିଲେ।

## ଜିଲାପାଳଙ୍କ ଅଭିଯୋଗ ଶୁଣାଣି

ଲାଞ୍ଜିଗଡ଼,୨୪।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରଠାରେ ମଙ୍ଗଳବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଡ. ପରାଗ ହର୍ଷଦ ଗାଭାଲିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଅଭିଯୋଗ ଶୁଣାଣି ଶିବିରରେ ଜିଲାସ୍ତରୀୟ ବିଭିନ୍ନ ବିଭାଗ ପଦାଧିକାରୀ ଉପସ୍ଥିତ ରହି ବ୍ଲକର ବିଭିନ୍ନ ଅଞ୍ଚଳର ଲୋକଙ୍କ ଅଭିଯୋଗ ଶୁଣିବା ସହିତ ସେଗୁଡିକ ସମାଧାନ କରିଥିଲେ। ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ବ୍ଲକ ଅଧକ୍ଷ ଇଂ. ଫକୀରମୋହନ ମାଝି, ଉପାଧକ୍ଷା ତୁଳସୀ ନାଏକ, ବିଡିଓ ଜିତେନ୍ଦ୍ର କୁମାର ମିଶ୍ର, ଏବିଡିଓ ବିଭୂତିଭୂଷଣ ଶତପଥି, ସିଡିପିଓ କୁସୁମମଞ୍ଜରୀ ପ୍ରହରାଜ, ବିଇଓ ସଞ୍ଜୀବ କୁମାର ନାଏକ, ଓଡିଶା ଜୀବିକା ମିଶନର ବ୍ଲକ ଅଧିକାରୀ ଜଳନ୍ଧର ତାଣ୍ଡିଙ୍କ ସମେତ ସମସ୍ତ ଅଧିକାରୀ ଉପସ୍ଥିତ ରହି ଲୋକଙ୍କ ସମସ୍ୟାର ସମାଧାନ ପାଇଁ ପ୍ରଯତ୍ନ କରିଥିଲେ। ଏହି ଅବସରରେ ୧୨୯ଟି ଅଭିଯୋଗ ପଞ୍ଜୀକରଣ ହୋଇଥିବା ବେଳେ ମୁଖ୍ୟତଃ ବ୍ଲକରେ ଚାଲିଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ରାସ୍ତା ଅତ୍ୟନ୍ତ ନିମମାନର ହେଉଥିବା ଅନେକଗୁଡିଏ ଅଭିଯୋଗ ଆସିଥିଲା। ବିଭାଗୀୟ କନିଷ୍ଠ ଯନ୍ତ୍ରୀ, ଯନ୍ତ୍ରୀ କ୍ଷେତ୍ର ପରିଦର୍ଶନ ନ କରିବାକୁ ନେଇ ଜିଲାପାଳ ବିଭାଗୀୟ ଅଧିକାରୀଙ୍କ ଉପରେ ବିଗିଡିଥିଲେ । ସେହିଭଳି ଶିବିରରେ ଶିକ୍ଷା, ପାନୀୟଜଳ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ କୃଷି ସମସ୍ୟା ଅଭିଯୋଗ ଅନେକ ଆସିଥିବା ଦେଖାଦେଇଥିଲା। ପ୍ରଚାର ପ୍ରସାର ଅଭାବ ଯୋଗୁ ଜିଲାପାଳଙ୍କ ଏହି ଶିବିରରେ ଅନେକଗୁଡିଏ ହିତାଧିକାରୀ ଅଭିଯୋଗ କରିବାରୁ ବଞ୍ଚିତ ଥିବା ଜଣାପଡିଛି। ବିଶ୍ୱନାଥପୁର ଥାନାଧିକାରୀ କାହ୍ନୁଚରଣ ସ୍ୱାଇଁଙ୍କ ନେତୃତ୍ୱରେ ପୋଲିସ ଶାନ୍ତିଶୃଙ୍ଖଳା ରକ୍ଷାରେ ନିୟୋଜିତ ଥିଲେ।



ଅଭିଯୋଗ ଶୁଣାଣିରେ ଲୋକଙ୍କ ଅଭିଯୋଗ ଜିଲାପାଳ ଶୁଣୁଛନ୍ତି ।

## ସମନ୍ୱିତ ଶିଶୁ ବିକାଶ ଯୋଜନାର ପ୍ରକଳ୍ପସ୍ତରୀୟ ବୈଠକ

କେସିଙ୍ଗା,୨୪।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକସ୍ଥିତ ସମନ୍ୱିତ ଶିଶୁ ବିକାଶ ଯୋଜନାର ପ୍ରକଳ୍ପସ୍ତରୀୟ ବୈଠକ ବିଏସଏ ସଭାଗୃହରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ମୋ ସରକାର ଓ ୫-ଟି ଉପରେ ସମନ୍ୱିତ ଶିଶୁ ବିକାଶ ଯୋଜନାକୁ ସାମିଲ କରାଯାଇଥିବା ବିଷୟରେ କେସିଙ୍ଗା ସିଡିପିଓ ମୁଜିବୁନୀ ନିଶା ଉପସ୍ଥିତ ଅଙ୍ଗନୱାଡି କର୍ମୀମାନଙ୍କୁ ବୁଝାଇଥିଲେ । ଏତଦ୍ବ୍ୟତିତ ଅପପୃଷ୍ଟି ଓ ପୃଷ୍ଟିସାଧନା, ମିଶନ ଶକ୍ତି, ମହିଳା ଗ୍ରୁପ ଦ୍ୱାରା ଧାନ କିରାବିକା, ବିଦ୍ୟୁତ ମିଟରରିଡିଂ, ମଧାହ୍ନ ଭୋଜନ ଆଦି ବିଷୟରେ ଆଲୋଚନା କରାଯାଇଥିଲା। ପ୍ରକଳ୍ପସ୍ତରୀୟ ବୈଠକରେ ଅରୁଣୀ ମା, ସମନ୍ୱିତ ଶିଶୁ ବିକାଶ ଯୋଜନାର ବିଭିନ୍ନ କାର୍ଯ୍ୟକ୍ରମ, ଟୀକାକରଣ ଓ ଶିଶୁଙ୍କ ଓଜନ, ଶହେ ଭାଗ ମାତୃ ସୁରକ୍ଷା କାର୍ଡ, ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ମାସର ୧ ତାରିଖରେ ଛତୁଆ ବଣ୍ଟନ, ମମତା ଯୋଜନାର ଶହେ ଭାଗ ଗର୍ଭବତୀଙ୍କ ପଞ୍ଜୀକୃତ, ପ୍ରତ୍ୟେକ ଅଙ୍ଗନୱାଡି କେନ୍ଦ୍ରରେ ମମତା କ୍ୟାଲେଣ୍ଡର ଟାଙ୍ଗିବା ସହିତ ମମତା ମା'ଙ୍କ ମୋବାଇଲ ନମ୍ବର ସଂଗ୍ରହ କରିବା ପ୍ରଭୃତି ବିଷୟରେ ଅଙ୍ଗନୱାଡି କର୍ମୀମାନଙ୍କୁ ବୁଝାଇଥିଲେ । ରାଜ୍ୟ ସରକାରଙ୍କ ୫-ଟି ଯୋଜନା ଅନୁସାରେ ପ୍ରତ୍ୟେକ ହିତାଧିକାରୀ କିମ୍ବା ଜନସାଧାରଣଙ୍କ ସହିତ ଭଲ ଭାବରେ କଥାବାର୍ତ୍ତା ହେବା ସହିତ ଜନତାଙ୍କ ସମସ୍ତ ସହଯୋଗ କରିବା ଉପରେ ଆଲୋଚନା କରାଯାଇଥିଲା। ଏଥିରେ କେସିଙ୍ଗା ସେକ୍ଟରର ସୁପରଭାଇଜର ଶାନ୍ତିଲତା ବାରିକ, ଏନଏସି ସୁପରଭାଇଜର ମରିୟମ ସେନାପତି, କାଣ୍ଡେଲ ସେକ୍ଟର ସୁପରଭାଇଜର ଦ୍ରୋପଦୀ କୁମ୍ଭାର, ପାଷ୍ଟିକୁଡି ଓକିକିଆ ସେକ୍ଟରର ନିରୁପମା ପଟ୍ଟନାୟକ, ଶାନ୍ତିଲତା ଘଡେଇ, ଜୟନ୍ତି ଜେନା, ମିଶନ ଶକ୍ତି କୋଅର୍ଡିନେଟର ସବିତା ସେଠୀ, ଶୁଭମ ସାହୁ, ମମତା ବିଭାଗର ପିଏ ରୋହିତ ବାଗ ପ୍ରମୁଖ ଯୋଗଦେଇଥିଲେ । ଏଥିରେ କେସିଙ୍ଗା ବ୍ଲକର ୪୯୪ଜଣ ଅଙ୍ଗନୱାଡି କର୍ମୀମାନେ ଯୋଗଦେଇଥିଲେ ।



ବୈଠକରେ ଯୋଗଦେଇଥିବା ଅଙ୍ଗନୱାଡି କର୍ମୀମାନେ ।

### ୫ ଏକର ସରକାରୀ ଜମି ଜବରଦଖଲ
## ଉଚ୍ଛେଦ ପାଇଁ ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ

ଭବାନୀପାଟଣା,୨୪।୧୨(ଡି.ଏନ.ଏ.)
ଭବାନୀପାଟଣା ସଦର ବ୍ଲକ ଅର୍ତ୍ତାଲ ପଞ୍ଚାୟତ କାନ୍ଦୁଲଝର ଗାଁରେ କେତେକ ପ୍ରଭାବଶାଳୀ ବ୍ୟକ୍ତି ପ୍ରାୟ ୫ ଏକର ସରକାରୀ ଜମିକୁ ଜବରଦଖଲ କରିଛନ୍ତି। ଏ ନେଇ ଗ୍ରାମବାସୀ ବୋର୍ଡା ଫାଣ୍ଡିରେ ଅଭିଯୋଗ କରିବା ସହ ଜିଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି। ସୂଚନା ଅନୁଯାୟୀ, ଅର୍ତ୍ତାଲ ପଞ୍ଚାୟତ କାନ୍ଦୁଲଝର ଗାଁରେ ସର୍ବସାଧାରଣ ଜାଗାରେ ମୌଜାର ଖାତା ନମ୍ବର ୫୭୭, ପ୍ଲଟ ନମ୍ବର ୬୩୬ରେ ପ୍ରାୟ ୫ ଏକର ସରକାରୀ ଜମି ଓ ରାସ୍ତା ରହିଛି। ଏହି ଜମିରେ ବେଆଇନ ଭାବେ ଗାଁର କେତେକ ବ୍ୟକ୍ତି ଘର କରିବା ସହ ରାସ୍ତାକୁ ଅବରୋଧ କରିଥିବା ଅଭିଯୋଗ ହୋଇଛି। ଗ୍ରାମବାସୀ ପ୍ରତିବାଦ କରିବାରୁ ମହିଳାଙ୍କୁ ଲଗାଇ ଗ୍ରାମବାସୀଙ୍କ ନାଁରେ ମିଛ କେସରେ ଫସାଇ ଦେବା ପାଇଁ ଜବରଦଖଲକାରୀମାନେ ଧମକ ଦେଉଥିବା ଅଭିଯୋଗ ଦେଉଛି। ଏପରି କି ରାସ୍ତାରେ ମାଟି, ମେଟାଲ ଓ କାଠ ଗଣ୍ଡି ରଖି ଦୀର୍ଘ ଦିନ ହେଲା ଅବରୋଧ କରାଯାଇ ଥିବାରୁ ଯାନବାହନ ଚଳାଚଳ ବନ୍ଦ ରହିଛି। ଏହାକୁ ନେଇ ଗାଁରେ ଉତ୍ତେଜନା ଲାଗି ରହିଛି। ଫଳରେ ଗ୍ରାମବାସୀ ବୋର୍ଡା ଫାଣ୍ଡିରେ ଅଭିଯୋଗ କରିବା ସହ ଜବରଦଖଲ ଉଚ୍ଛେଦ କରିବା ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜିଲା ପ୍ରଶାସନ ବିବାଦର ସମସ୍ୟାର ସମାଧାନ ନ କଲେ ଆଗାମୀ ଦିନରେ ପରିସ୍ଥିତି ଅଣାୟତ ହୋଇ ପଡିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ଗର୍ଭବତୀ ମହିଳାଙ୍କଠୁ ଟଙ୍କା ଲାଞ୍ଚ ନେଇ ହରଡ଼ଘଣାରେ ଷ୍ଟାଫ୍ନର୍ସ

ଲାଞ୍ଜିଗଡ଼,୨୪।୧୨(ଡି.ଏନ.ଏ.)

ସରକାର ମହିଳାଙ୍କ ପାଇଁ ଜନନୀ ସୁରକ୍ଷା ଯୋଜନା, ମମତା ଯୋଜନା, ୧୦୨ ଓ ୧୦୮ ଆମ୍ବୁଲାନ୍ସ ସେବା ଏହିଭଳି ଅନେକ ଯୋଜନା କରୁଛନ୍ତି। କିନ୍ତୁ କେତେକ ଦୁର୍ନୀତିଖୋର କର୍ମଚାରୀଙ୍କ ପାଇଁ ଏହିସବୁ ଯୋଜନା ଫେଲ ମାରୁଥିବା ଦେଖିବାକୁ ମିଳିଛି। କଳାହାଣ୍ଡି ଜିଲା ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନେକଗୁଡିଏ ଅବ୍ୟବସ୍ଥା ଥିବା ବେଳେ ଜଣେ ଗର୍ଭବତୀଙ୍କଠୁ ୬୦୦ଟଙ୍କା ଲାଞ୍ଚ ନେଇ ଷ୍ଟାଫ୍ନର୍ସ ହରଡଘଣାରେ ପଡ଼ିଛନ୍ତି । ସୂଚନା ଅନୁସାରେ ଲାଞ୍ଜିଗଡ ବ୍ଲକ କାନକୁଟ୍ରୁ ପଞ୍ଚାୟତ ଅନ୍ତର୍ଗତ ପାଇକବୋରୀ ଗାଁର ଜଗନ୍ନାଥ ମାର୍ଥାଙ୍କ ସ୍ତ୍ରୀ ଲିପ୍ସାରାଣିଙ୍କ ଗର୍ଭଯନ୍ତ୍ରଣା ଆରମ୍ଭ ହୋଇଥିଲା। ଫଳରେ ଗାଁ ଆଶାକର୍ମୀ ଅଶେକ ନାଗଙ୍କୁ ଧରି ରାତ୍ରି ୧୦ଟାରେ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଗର୍ଭ ଯନ୍ତ୍ରଣାରେ ଲିପ୍ସାରାଣି ଚିତ୍କାର କରୁଥିବା ବେଳେ ରାତି ଡ୍ୟୁଟିରେ ଥିବା ଷ୍ଟାଫ୍ନର୍ସ ମନାଲିସା ସେନାପତି ଓ ଫିମେଲ ଆଟେଡେଣ୍ଟ ପ୍ରେମି ଗଉଡ ନ ଶୁଣିଲା ଭଳି ହୋଇଥିଲେ। ସ୍ୱାମୀ ଜଗନ୍ନାଥ ଅନେକ ନେହୁରା ହେବା ପରେ ରୋଗୀଙ୍କୁ ଚେକଅପ୍ ନ କରି ଏଠି ହେବ ନାହିଁ ଭବାନୀପାଟଣା ନେଇଯିବା ପାଇଁ କହିଥିଲେ । ପାଖରେ ଟଙ୍କା ନ ଥିବା କହିବାରୁ ଷ୍ଟାଫ୍ନର୍ସ ମନାଲିସା ତାଙ୍କ ସ୍ୱାମୀଙ୍କୁ ହଜାରେ ଟଙ୍କା ଦେଲେ ଆମେ ଡେଲିଭରି କରିବୁ ନ ହେଲେ ସ୍ତ୍ରୀଙ୍କୁ ନେଇଯାଅ ବୋଲି କହିଥିଲେ। ସ୍ତ୍ରୀଙ୍କ କଷ୍ଟ ଦେଖି ଶହି ନ ପାରି ସ୍ୱାମୀ ଧାରକରଜ କରି ୬୦୦ଟଙ୍କା ଯୋଗାଡ କରିଥିଲେ। ପରେ କର୍ମଚାରୀ ୨ ଜଣ ଲିପ୍ସାର ଡେଲିଭରି କରାଇଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଥିବା ବେଳେ ୨ କର୍ମଚାରୀଙ୍କ ନାଁରେ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡ.ଇନ୍ଦ୍ର କୁମାର ନାଥାନିଙ୍କୁ ଜଣାଇଥିଲେ। ପରେ ଷ୍ଟାଫ୍ନର୍ସ ଓ ଫିମେଲ ଆଟେଡେଣ୍ଟଙ୍କୁ ଡାକି ତାଗିଦ କରିଥିଲେ ଓ ନେଇଥିବା ଟଙ୍କା ଫେରାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ଷ୍ଟାଫ୍ନର୍ସ ମନାଲିସା ଜଗନ୍ନାଥଙ୍କୁ ଟଙ୍କା ଫେରାଇଥିଲେ। ଡାକ୍ତରଖାନା କର୍ମଚାରୀଙ୍କ ଏଭଳି ଅନ୍ୟାୟକୁ ନେଇ ମଙ୍ଗଳବାର ଲାଞ୍ଜିଗଡ ପଞ୍ଚାୟତ ସମିତି ବୈଠକରେ ମଧ ଜନପ୍ରତିନିଧି ହୋ ହାଲ୍ଲା କରିଥିଲେ। ୨ଜଣ କର୍ମଚାରୀଙ୍କ ନାଁରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବୁ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ ବୋଲି ପ୍ରତିଶ୍ରୁତି ଦେବାପରେ ସଭାଗୃହ ଶାନ୍ତ ପଡିଥିଲା। ଲାଞ୍ଚୁଆ ୨ କର୍ମଚାରୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣ ଦାବି କରିଛନ୍ତି।

## ସାଢେ ୭ ଲକ୍ଷ ଟଙ୍କା, ୧୫ ଭରି ସୁନା ଚୋରି

କର୍ଲାମୁଣ୍ଡା,୨୪।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଞ୍ଚାଠାରେ ଜଣେ ବ୍ୟକ୍ତିଙ୍କ ଘରୁ ସୋମବାର ବିଳମ୍ବିତ ରାତିରେ ଲକ୍ଷାଧିକ ଟଙ୍କା ସହିତ ସୁନା ଗହଣା ଚୋରି ହୋଇଛି। ଏ ନେଇ କର୍ଲାମୁଣ୍ଡା ଫାଣ୍ଡିରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ମତେ ମ.ରାମପୁର ଥାନାରେ ଏକ ମାମଲା (ନଂ.୧୯୭/୨୪।୧୨।୨୦୧୯) ରୁଜୁ ହୋଇଛି। ସୂଚନାମତେ ସୋମବାର ରାତିରେ ରିଞ୍ଚା ଗ୍ରାମ ତ୍ରିଛକଠାରେ ଥିବା ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଘର ଭିତରକୁ ଦୁର୍ବୃତ୍ତ ପ୍ରବେଶ କରି ଏକ ବାକ୍ସରେ ଥିବା ସାଢେ ୭ ଲକ୍ଷ ଟଙ୍କା ଓ ୧୫ ଭରି ସୁନା ଚୋରି କରି ନେଇଛନ୍ତି । ଏ ନେଇ କର୍ଲାମୁଣ୍ଡା ଫାଣ୍ଡି ଅଧିକାରୀ ଅଧିଶ ଚନ୍ଦ୍ର ବିଶ୍ୱାସଙ୍କୁ ପଚାରିବାରୁ ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ ଜାରି ରହିଥିବା ସୂଚନା ଦେଇଛନ୍ତି। ଖବର ଲେଖା ବେଳକୁ ଘରଠାରୁ ୫ ଶହ ଦୂରରେ ଖାଲି ବାକ୍ସ ଓ ଏକ ଷ୍ଟୁଲ ପୋଲିସ ଜବତ କରିଛି।

■ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତା

# ଫୁଟ୍ବଲରେ ଭେଲାଗାଁ, ଭଲିବଲରେ ଦେପୁର ଚାମ୍ପିୟନ

କଳମପୁର,୨୪।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କଳମପୁର ମିନି ଷ୍ଟାଡିୟମଠାରେ ଗତ ରବିବାରଠାରୁ ଆରମ୍ଭ ହୋଇଥିବା ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗୀତା ମଙ୍ଗଳବାର ଶେଷ ହୋଇଯାଇଛି । ରବିବାର ଫୁଟବଲ ଖେଳରେ କଳମପୁର ବ୍ଲକ ଅଞ୍ଚଳରୁ ୮ଟି ଦଳ ଭାଗ ନେଇଥିଲେ । ଭେଲାଗାଁ ଦଳ ଚାମ୍ପିୟନ ହୋଇଥିବା ବେଳେ ପରୁଆଗୁଡା ଦଳ ରନର୍ସଅପ ହୋଇଥିଲା । ସୋମବାର ହାଇଜମ୍ପ, ଲଙ୍ଗଜମ୍ପ, ୧୦୦, ୨୦୦ ମିଟର ରନ ଏବଂ ୧୬ ମିଟର ଦୌଡ଼ ପ୍ରତିଯୋଗିତା ହୋଇଥିଲା । ଏଥିରେ ଟିକୁଲାଲ ବାଗ, ମନୋଜ ବାଗ, ରାଜାରାମ ନାଏକ ମନୋନୀତ ହୋଇଥିଲେ। ମଙ୍ଗଳବାର ଭଲିବଲ ଟୁର୍ନାମେଣ୍ଟରେ ୧୦ଟି ଦଳ ଭାଗ ନେଇ ନିଜର ଖେଳ ପ୍ରଦର୍ଶନ କରିଥିଲେ। ଖେଳରେ ଦେପୁର ଦଳ ଚାମ୍ପିୟନ ହୋଇଥିବା ବେଳେ ବଡକୁଟ୍ରୁ ଦଳ ରନର୍ସଅପ୍ ହୋଇଥିଲେ। ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗୀତା କଳାହାଣ୍ଡି ଜିଲା ନେହେରୁ ଯୁବ କେନ୍ଦ୍ର ସହଯୋଗ କରିଥିବା ବେଳେ କଳମପୁର ବ୍ଲକ ଜ୍ୟୋତିଫୁଲେ ଯୁବକ ସଂଘ ବାବୁକେନ୍ଦୁଗୁଡା ପକ୍ଷରୁ ପରିଚାଳନା କରାଯାଇଥିଲା। ଉଦ୍ଯାପନୀରେ ମୁଖ୍ୟଅତିଥି ଭାବେ କଳମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ. ଶିବାଶିଷ ସ୍ୱାଇଁ, ମୁଖ୍ୟବକ୍ତା କଳମପୁର ବ୍ଲକ ୧ ନଂ. ଜୋନ ଜିଲା ପରିଷଦ ସଭ୍ୟ ବିଜୟଦେବ ସାହୁ, ସମ୍ମାନିତ ଅତିଥି ଯୁଗେଶ ବେହେରା, ଧରଣୀଧର ପୂଝାରୀ, ଦୁଃଖବନ୍ଧୁ ରାହୁଲ, ଡ. ମନୋରଞ୍ଜନ ନାୟକ, କଳାହାଣ୍ଡି ନେହେରୁ ଯୁବକେନ୍ଦ୍ର ଜିଲା ଯୁବ ସଂଯୋଜକ ପ୍ରସନ୍ନ ମେହେର, ଲେଖାପାଲ ଦ୍ୱିତିୟା ବନ୍ଦି ଛୋଡ, ଜାତୀୟ ଯୁବ ସ୍ୱେଚ୍ଛାସେବୀ ନରୋତ୍ତମ ପ୍ରସାଦ ନାଗ ପ୍ରମୁଖ ମଞ୍ଚାସୀନ ଥିଲେ। ଜ୍ୟୋତି ଫୁଲେ ଯୁବକ ସଂଘ ସଭାପତି ନବକିଶୋର ନାଗ, ଉପସଭାପତି ପ୍ରଦୀପ କୁମାର ନାଏକ, ସମ୍ପାଦକ ତରୁଣ ନାଏକ, ସହସମ୍ପାଦକ ମନୋଜ କୁମାର ନାଗ, କୋଷାଧକ୍ଷ ରାଜାରାମ ନାଏକ ଖେଳ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ କମିଟି ମହେନ୍ଦ୍ର ନାଗ, କିଷାନ ବାଗ, ବିଟୁ ବାଗ, ଟିକୁଲାଲ ବାଗ, ଦୁଷ୍ମନ୍ତ ମାଝି, ଏସଏସ ସୂର୍ଯ୍ୟପ୍ରତାପ, ପୁରୁନ୍ଦର ନାଗ ପ୍ରମୁଖ ସହଯୋଗ କରିଥିଲେ। ଭଲିବଲ ଖେଳକୁ ଟିକୁଲାଲ ବାଗ ପରିଚାଳନା କରିଥିବା ବେଳେ ବିଚାରପତି ଶୁଭମ ପଣ୍ଡା ଏବଂ ରିପନ ପଣ୍ଡା ଦାୟୀତ୍ୱ ତୁଲାଇଥିଲେ ।



ଭଲିବଲ ମ୍ୟାଚ୍ର ଏକ ଦୃଶ୍ୟ ।

■ଲାଞ୍ଜିଗଡ଼ ପଞ୍ଚାୟତ ସମିତି ବୈଠକ

# ରାସ୍ତା, ପାନୀୟଜଳ, ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ନେଇ ହୋହଲ୍ଲା

ଲାଞ୍ଜିଗଡ଼,୨୪।୧୨(ଡି.ଏନ.ଏ.)
କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ପରିସରରେ ଥିବା ବୈଠକ ଗୃହରେ ଦଶମ ଥର ପାଇଁ ପଞ୍ଚାୟତ ସମିତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଲାଞ୍ଜିଗଡ ବ୍ଲକ ଅଧକ୍ଷ ଇଂ. ଫକୀର ମୋହନ ମାଝିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ବୈଠକରେ ବ୍ଲକର ୨୬ଟି ପଞ୍ଚାୟତରୁ ସରପଞ୍ଚ ଓ ସମିତିସଭ୍ୟ ଓ ସଭ୍ୟାମାନେ ଯୋଗଦେଇଥିଲେ । ବୈଠକ ପ୍ରଥମେ ଜିପିଇଓ ଦାୟିତ୍ୱରେ ଥିବା ଶଙ୍କର୍ଷଣ ସାହୁ ଗତବର୍ଷର ବିବରଣି ପାଠ କରିଥିଲେ। ମୁଖ୍ୟତଃ ବ୍ଲକର ବିଭିନ୍ନ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ପାନୀୟଜଳ ସମସ୍ୟା ଉତ୍କଟରୂପ ଧାରଣ କରିଥିବା ବେଳେ ସମସ୍ତ କାମ କାଗଜପତ୍ରରେ ଚାଲିଥିବା ଜନପ୍ରତିନିଧିମାନେ ଅଭିଯୋଗ କରିଥିଲେ। ଦୀର୍ଘବର୍ଷ ହେଲା ବ୍ଲକର ଅନେକଗୁଡିଏ ଗାଁରେ ଏ ପର୍ଯ୍ୟନ୍ତ ନଳକୂଅଟିଏ ମଧ ହୋଇପାରିନାହ। ପାନୀୟଜଳ ସମସ୍ୟା ଦୂର କରିବା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ବର୍ତ୍ତମାନ ମଧ ଏହି ସମସ୍ୟା ବ୍ଲକ ଅଞ୍ଚଳରେ ଲାଗି ରହିଛି କାହିଁକି ବୋଲି ଜନପ୍ରତିନିଧି ପ୍ରଶ୍ନ କରିଥିଲେ। ପାଣି ସମସ୍ୟାକୁ ନେଇ ଏଲପିଡିଏଫ୍ ଫଣ୍ଡରୁ ୪ କୋଟି ୫୦ ଲକ୍ଷରୁ ଊର୍ଦ୍ଧ୍ୱ ପାନୀୟଜଳ ପାଇଁ ଖର୍ଚ୍ଚ ହୋଇଛି ବୋଲି ବିଭାଗ ଦର୍ଶାଉ ଥିବା ବେଳେ ଏ ସବୁ ପଇସାର ଅଧାରୁ ଅଧିକ ବାଟମାରଣା ହୋଇଛି। ଏଣି ଏହାର ଭିଜିଲାନ୍ସସ୍ତରୀୟ ତଦନ୍ତ କରାଯାଉ ବୋଲି ସରପଞ୍ଚ ସମିତିସଭ୍ୟମାନେ ଅଭିଯୋଗ କରିଥିଲେ। ସହିଭଳି ସ୍ୱାସ୍ଥ୍ୟକ୍ଷେତ୍ରରେ ଅଞ୍ଚଳବାସୀ ଚିକିତ୍ସା ସେବା ନ ପାଇ ଅନେକ ଅସୁବିଧାର ସମ୍ମୁଖିନ ହେଉଥିବା ଅଭିଯୋଗ ହୋଇଥିଲା। ବିଶ୍ୱନାଥପୁର ଡାକ୍ତରଖାନାରେ ଗର୍ଭବତୀ ମହିଳାମାନଙ୍କୁ ଡେଲିଭରି ପାଇଁ ଟଙ୍କା ମଗାଯାଉଥିବା ଅଭିଯୋଗ ହୋଇଥିଲା । ଏହି ଅଭିଯୋଗକୁ ବିଶ୍ୱନାଥପୁର ମୁଖ୍ୟ ଚିକିତ୍ସାଧିକାରୀ ଡ.ଇନ୍ଦ୍ର କୁମାର ନାଥାନି ମଧ ଏହି ଅଭିଯୋଗରେ ସତ୍ୟତା ଥିବା ପ୍ରକାଶ କରିଥିବା ବେଳେ ଯେଉଁ କର୍ମଚାରୀମାନେ ପଇସା ନେଉଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜନ ପ୍ରତିନିଧିଙ୍କୁ କହିଥିଲେ। ବୈଠକରେ ନୂତନ ଭାବେ ଯୋଗଦେଇଥିବା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜିତେନ୍ଦ୍ର କୁମାର ମିଶ୍ରଙ୍କୁ ସ୍ୱାଗତ କରାଯାଇଥିବା ବେଳେ ଲାଞ୍ଜିଗଡ ବ୍ଲକ ସବୁ ବ୍ଲକରୁ ଏହି ବ୍ଲକ ବିକାଶ ଦିଗରେ ଆଗେଇ ୧ ନମ୍ବର ହେବ ସେ ଦିଗରେ ଆମେ ସମସ୍ତ ମିଳିମିଶି ଚେଷ୍ଟା କରିବା ବୋଲି ଜନପ୍ରତିନିଧିଙ୍କୁ ଅନୁରୋଧ କରିଥିଲେ। ଶିକ୍ଷା କ୍ଷେତ୍ରରେ ମଧ ଏହି ବ୍ଲକ ପଛରେ ପଡିଥିବା ଅଭିଯୋଗ ହୋଇଥିଲା। ବ୍ଲକରେ ଅନେକଗୁଡିଏ କାମ ଜନପ୍ରତିନିଧିମାନଙ୍କୁ ଅଣଦେଖା କରି କରାଯାଉଥିବା ଛତ୍ରପୁର ସରପଞ୍ଚ, କୋମର୍ଦ୍ଧା ସମିତିସଭ୍ୟ ଜଗଦିଶ ବେନିଆ, ଲାଞ୍ଜିଗଡ ସମିତିସଭ୍ୟ ପ୍ରଦିପ ମାଝି ଅଭିଯୋଗ କରିଥିଲେ। ଆଗକୁ ଯେକୌଣସି କାମ ହେଉ ଜନପ୍ରତିନିଧିଙ୍କୁ ପଚାରି କରାଯିବ ବୋଲି ବିଭାଗୀୟ ଅଧିକାରୀମାନେ କହିଥିଲେ। ଏହି ବୈଠକରେ ଏବିଡିଓ ବିଭୁତି ଭୁଷଣ ଶତପଥି ସଭା ପରିଚାଳନା କରିଥିବା ବେଳେ ବ୍ଲକ ଉପାଧକ୍ଷା ତୁଳସି ନାଏକ, ସଡିପିଓ କୁସୁମ କୁମାରୀ ପ୍ରହରାଜ, କନିଷ୍ଠଯନ୍ତ୍ରୀ ବିଶ୍ୱନାଥ ପାତ୍ର, ଜିଲା ପରିଷଦ ସଭ୍ୟ ଉପେନ୍ଦ୍ର ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।



ପଞ୍ଚାୟତ ସମିତି ବୈଠକରେ ଯୋଗଦେଇଥିବା ଜନପ୍ରତିନିଧି ଏବଂ ଅନ୍ୟମାନେ ।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୨୫ ଡିସେମ୍ବର, ୨୦୧୯



ମନ୍ଦିର, ମସ୍‌ଜିଦ, ଗୀର୍ଜାରେ ଯାଇ ଉପାସନା କରିବା ଅପେକ୍ଷା ନିଜ ଆତ୍ମାକୁ ଚିହ୍ନିବାକୁ ଚେଷ୍ଟା କର।
- ସନ୍ଥ କବୀର ଦାସ



## ସଂକ୍ଷେପରେ

### ପଞ୍ଚାୟତସ୍ତରୀୟ ଚାଷୀ ସମାବେଶ

**ଖପ୍ରାଖୋଲ, ୨୪।୧୨ (ଡି.ଏନ.ଏ.):** ଖପ୍ରାଖୋଲ ବ୍ଲକ ତେଲେନପାଲିଠାରେ ପୂର୍ଣ୍ଣଚନ୍ଦ୍ର ଭୋଇଙ୍କ ଅଧ୍ୟକ୍ଷତାରେ ଏକ ଚାଷୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଚାଷୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ଚାଷୀଙ୍କ ସମସ୍ୟା ପାଇଁ ଲଢେଇ କରିବାକୁ ଏକ କମିଟି ଗଠନ କରାଯାଇଥିଲା। ସଭାପତିଭାବେ ବିକାଶ ବେହେରା, ଉପସଭାପତି ଟିକେଶ୍ୱର ଧରୁଆ, ସମ୍ପାଦକ ଲେକୁ ଭୋଇ, ସହସମ୍ପାଦକ ଲିଙ୍ଗରାଜ ନିଆଲ, ଆବାହକ ମନୋଜ ବିଶି ଏବଂ କୋଷାଧ୍ୟକ୍ଷଭାବେ ସୁକାନ୍ତ ବାଗ ମନୋନୀତ ହୋଇଥିଲେ। ଚାଷୀ ସଂଗଠନ ଉପଦେଷ୍ଟା ଭାବେ ପୂର୍ଣ୍ଣଚନ୍ଦ୍ର ଭୋଇ, ଧ୍ରୁବ ସରାଫ୍, ସୁବାଷ ବନଛୋର, ନିମାଇଁ ଚରଣ ନାଗ, ମାନଚନ ଦାସ, ମନ ଭୋଇ, ଜୟନ୍ତ ବାଗ, ଜଗନ୍ନାଥ ପୁଟେଲ, ଶଙ୍କର ଭୋଇ ପ୍ରମୁଖ ମନୋନୀତ ହୋଇଛନ୍ତି।

### ମଦ ବିକ୍ରି ବନ୍ଦ ଦାବିରେ ଥାନା ଘେରାଉ

**ବଙ୍ଗୋମୁଣ୍ଡା, ୨୪।୧୨(ଡି.ଏନ.ଏ.):** ବଙ୍ଗୋମୁଣ୍ଡା ବ୍ଲକ ସିନ୍ଧେକଲୋ ଥାନା ଟିଟିଗାଁରେ ମଦ ବିକ୍ରି ବନ୍ଦ ଦାବିରେ ଏସଏଚଜି ମହିଳାମାନେ ମଙ୍ଗଳବାର ଥାନା ଘେରାଉ କରିଥିଲେ। ଗାଁରେ ମଦ ବିକ୍ରୟ ବନ୍ଦ ସହ ମଦ ବେପାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ମହିଳାମାନେ ଦାବି କରିଥିଲେ। ଥାନା ଅଧିକାରୀ ଅନ୍ତଚରଣ ପଧାନ ମଦ ବିକ୍ରି ବନ୍ଦ ସହ ବେପାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନର ପ୍ରତିଶୃତି ଦେଲାପରେ ମହଳାମାନେ ଆନ୍ଦୋଲନରୁ ଓହରିଥିଲେ। ସୂଚନାଯୋଗ୍ୟ ଯେ, ଟିଟିଗାଁର ଜଣେ ବେପାରୀ ଗ୍ରାମବାସୀଙ୍କ ବାରଣ ସତ୍ତ୍ୱେ ମଦ ବିକ୍ରି କରୁଥିଲେ। ଏ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଥିଲା।

### ଆସ୍ଥା ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

**ବେଲପଡା, ୨୪।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ବେଲପଡା ସ୍ଥିତ ଅସ୍ଥା ପବ୍ଲିକ ସ୍କୁଲର ୧୪ତମ ବାର୍ଷିକ ଉତ୍ସବ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପ୍ରିନ୍ସିପାଲ ବି,ସରକାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷାଧିକାରୀ କାର୍ତ୍ତିକେଶ୍ୱର ଲେଙ୍କା, ସମ୍ମାନୀତ ଅତିଥି ଜିଲା ବିଜ୍ଞାନ ତତ୍ତ୍ୱାବଧାରକ ନୀଳମଣି ପଟେଲ ଯୋଗ ଦେଇଥିଲେ। ଶିକ୍ଷା ବିଦ୍ୟାର୍ଥୀକୁ ଉଚିତ ମାର୍ଗଦର୍ଶନ ଦେଖାଇଥାଏ ବୋଲି ମୁଖ୍ୟବକ୍ତାଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ ସୁନୀତି ଜତି ପରେ ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗୀତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲ।

---

ଦାଦନ ସମସ୍ୟାର କରୁଣ ପରିଣତି

# ପୁଣି ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ

**ଖପ୍ରାଖୋଲ, ୨୪।୧୨ (ଡି.ଏନ.ଏ.)**

ସରୁନି ଦାଦନ ଦୁଃଖ। ପେଟପାଟଣା ପାଇଁ ବାହାର ରାଜ୍ୟକୁ କାମଧନ୍ଦା କରିବାକୁ ଜୀବନ ହରାଉଛନ୍ତି ଅନେକ ଶ୍ରମିକ। ଏହିକ୍ରମରେ ତେଲେଙ୍ଗାନାର ଇଟାଭାଟିରେ କାମ କରିବାକୁ ଯାଇଥିବା ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳର ଆଉ ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ଶ୍ରମିକ ହେଲେ ବ୍ଲକ ଅଧୀନ ନାନ୍ଦୁପଲା ଗାଁର ନାଁ କ୍ଷେତ୍ର ବାଗ(୪୦) । ସୂଚନା ଅନୁସାରେ କ୍ଷେତ୍ର ନିଜ ପରିବାର ସହ ୨ ମାସ ତଳେ ମଧ୍ୟସ୍ଥିଙ୍କ ମାଧ୍ୟମରେ କିଛି ଅଗ୍ରିମ ଟଙ୍କା ନେଇ ତେଲେଙ୍ଗାନା ରାଜ୍ୟ ପୈଦାପଲ୍ଲି ନିକଟ ରାଘବପୁରର ଏକ ଇଟା ଭାଟିରେ କାମ କରୁଥିଲେ। ପରିବାର କହିଲେ ସ୍ତ୍ରୀ ପୂର୍ଣ୍ଣିମା ବାଗ(୩୫), ଝିଅ କିଶୋରୀ(୧୪), ହେମବତୀ(୧) ଓ ପୁଅ ଯୁଧିଷ୍ଠିର(୩)। ହେଲେ ଗତ ରବିବାର ଭାଟିରେ କାମ କରୁଥିବାବେଳେ ହଠାତ୍ ଅସୁସ୍ଥ ହୋଇ ପଡିଥିଲେ। ସ୍ତ୍ରୀ ପୂର୍ଣ୍ଣୀମାଙ୍କ ସୂଚନା ପରେ ଇଟା ଫ୍ୟାକ୍ଟ୍ରି ମାଲିକ ତାଙ୍କୁ ସ୍ଥାନୀୟ ଏକ ଡାକ୍ତରଖାନାକୁ ପଠାଇଥିଲେ । ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସେଠାରେ ବ୍ୟବଚ୍ଛେଦ ପରେ ମୃତଦେହକୁ ସ୍ତ୍ରୀ ପୂର୍ଣ୍ଣିମା ଏକ ଆମ୍ବୁଲାନ୍ସ ଯୋଗେ ଏଠାକୁ ଆଣିଥିଲେ । ମଙ୍ଗଳବାର ମୃତଦେହ ନାନ୍ଦୁପଲାରେ ପହଞ୍ଚିଲା ପରେ ଶୋକାକୂଳ ପରିବେଶ ସୃଷ୍ଟି ହୋଥିଲା। ଖବର ପାଇ ଖପ୍ରାଖୋଲ ଗ୍ରାମୀଣ ଶ୍ରମ ନିରୀକ୍ଷକ ସୁଧିର କୁମାର ସାହୁ, ଖପ୍ରାଖୋଲ ଥାନା ଅଧିକାରୀ ଜ୍ୟୋତିରଞ୍ଜନ ପତି, ମାନବ ଅଧିକାର କର୍ମୀ ସୁଶାନ୍ତ ପାଣିଗ୍ରାହୀ, ନାନ୍ଦୁପଲା ସରପଞ୍ଚ ସୁରେଶ ପୂଝାରୀ, ପିଇଓ ରାହାସ ବିହାରୀ ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚିଥିଲେ। ମଧ୍ୟାହ୍ନରେ ଶବ ସଂସ୍କାର କରାଯାଇଥିଲା । ଇଟା ଭାଟି ମାଲିକ ଓ ସର୍ଦ୍ଦାର ମୃତକ ପରିବାରକୁ ଅଳ୍ପ ଆର୍ଥିକ ସହାୟତା ଦେଇଛନ୍ତି। ତେବେ ଘରର ରୋଜଗାରକ୍ଷମ ବ୍ୟକ୍ତିର ମୃତ୍ୟୁ ପରେ ବିଧବା ସ୍ତ୍ରୀ ନିଜର ଛୋଟ ପିଲାଙ୍କୁ ନେଇ କିଭଳି ଚଳିବେ ଚିନ୍ତାରେ ପଡି ଯାଇଛନ୍ତି। ଏ ନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତରଣୀ ସୁନାଙ୍କୁ ପଚାରିବାରୁ ପଞ୍ଚାୟତ ତରଫରୁ ହରିଶ୍ଚନ୍ଦ୍ର ଯୋଜନାରେ ୨ହଜାର ଟଙ୍କା ଦିଆଯାଇଛି। ସରକାରୀ ନିୟମ ଅନୁସାରେ ଅନ୍ୟାନ୍ୟ ଯୋଜନାରେ ମଧ୍ୟ ମୃତକଙ୍କ ପରିବାରୁକୁ ସାମିଲ କରାଯିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ ସପ୍ତାହେ ତଳେ ମହରାପଦର ଗାଁର ମଧ୍ୟ ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ ସିକନ୍ଦରବାଦ ଅଞ୍ଚଳରେ ହୋଇଥିବା ଚର୍ଚ୍ଚା ହେଉଛି।

- ଘରକୁ ଫେରିଲା ମୃତଦେହ
- ନାନ୍ଦୁପଲା ଗାଁରେ ଶୋକାକୁଳ ପରିବେଶ




ମୃତକଙ୍କ ସ୍ତ୍ରୀ ଓ ତିନି ପିଲା (ବାମ)। ପ୍ରଶାସନିକ ଅଧିକାରୀ ଘଟଣାର ତଦନ୍ତ କରୁଛନ୍ତି।

---



ଡିଗ୍ରୀ କଲେଜ ବାର୍ଷିକ କ୍ରୀଡା ଅବସରରେ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

## ଡିଗ୍ରୀ କଲେଜର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ଦେଓଗାଁ, ୨୪।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ନେହେରୁ ଖେଳ ପଡିଆରେ ଦୁଇଦିନ ଧରି ଚାଲିଥିବା ପଞ୍ଚାୟତ ସମିତି ଡିଗ୍ରୀ କଲେଜର ବାର୍ଷିକ କ୍ରୀଡା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଖେଳ ଶିକ୍ଷକ ଚନ୍ଦ୍ରଶେଖର ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ବାଳିକା ବିଭାଗରେ ମାଧବୀ ମହାକୁର, ବାଳକ ବିଭାଗରେ ଜିତେନ୍ଦ୍ରୀୟ ମଟାରି ଓ ଜତିଶ ମାଝୀ ଯୁଗ୍ମ ଚାମ୍ପିୟନ ହୋଇଥିଲେ । କଲେଜ ଅଧକ୍ଷ ରମେଶ ଚନ୍ଦ୍ର ପ୍ରଧାନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଅଧ୍ୟାପକ ଡ.ସୁରେଶ ପ୍ରସାଦ ଷଡଙ୍ଗୀ ସଂଯୋଜନା କରିଥିବା ବେଳେ ସନତ କୁମାର ରଥ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପିକା ମଞ୍ଜରୀ ପୋଡ଼, ମେହେଶ ମେହେର, ମଣ୍ଟୁ ରଞ୍ଜନ ସା, ମଳୟ ରଣା, ଉଦୟନାଥ ରଥ, ସରୋଜ ସାହୁ, ଆଶିଷ କୁମାର ମୁଣ୍ଡ, ସାରଦା ଭଞ୍ଜଦେଓ, ବିଜୟ ବିଶି ପ୍ରମୁଖ ସହଯୋଗ କରିଥିଲେ।

---

## ଲୋକାର୍ପଣ ଅପେକ୍ଷାରେ ବିପିସିଏଲ୍ ଏଲ୍‌ପିଜି ବଟଲିଂ ପ୍ଲାଣ୍ଟ

**ବଲାଙ୍ଗୀର ଅଫିସ, ୨୪।୧୨**

ଭାରତ ପେଟ୍ରୋଲିୟମ୍ କର୍ପୋରେଶନ୍ ଲିମିଟେଡ୍ (ବିପିସିଏଲ) ପକ୍ଷରୁ ବଲାଙ୍ଗୀର ସହର ଉପକଣ୍ଠ ବରକାନୀ ଗାଁରେ ନିର୍ମିତ ଏଲ୍‌ପିଜି ବଟଲିଂ ପ୍ଲାଣ୍ଟର ଲୋକାର୍ପଣ ଉତ୍ସବ ଆସନ୍ତା ୨୭ ତାରିଖରେ ହେବ। ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ଏହି ବଟଲିଂ ପ୍ଲାଣ୍ଟକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପଣ କରିବେ। ଲୋକର୍ପଣ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ଏବଂ ଇସ୍ପାତ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍, ଏମପି ସଙ୍ଗୀତା କୁମାରୀ ସିଂଦେଓ, ବିଧାୟକ ନରସିଂହ ମିଶ୍ର ଉପସ୍ଥିତ ରହିବେ । ବିପିସିଏଲ ପକ୍ଷରୁ ଏଲପିଜି ଆଞ୍ଚଳିକ ପ୍ରବନ୍ଧକ ଅତୁଲ କୁମାର ସ୍ଥାନୀୟ ସାମ୍ବାଦିକ ଭବନଠାରେ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀ କରି ଉପରୋକ୍ତ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ କମ୍ପାନୀ ଡିଜେଏମ୍ କେଭିଆର ସୁବୁଦ୍ଧି, ରାଜ୍ୟ ମୁଖ୍ୟ ସଞ୍ଜୟ ଶର୍ମା, ବ୍ରାଣ୍ଡ ଆଣ୍ଡ ପିଆର ଡିଜିଏମ୍ ସୁନ୍ଦରରାଜନ ମଞ୍ଚାସୀନ ଥିଲେ।



ବଟଲିଂ ପ୍ଲାଣ୍ଟ ଲୋକାର୍ପଣ ଉତ୍ସବ ସମ୍ପର୍କରେ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

## କ୍ୟାରିୟର କାଉନ୍‌ସେଲିଂ କାର୍ଯ୍ୟକ୍ରମ

**ଲାଠୋର, ୨୪।୧୨ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟରେ ମଙ୍ଗଳବାର କ୍ୟାରିୟର କାଉନ୍‌ସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ପ୍ରଶନ୍ନ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାନିକ ଇନ୍‌ଷ୍ଟିଚ୍ୟୁଟ ଭୁବନେଶ୍ୱରର ଆଞ୍ଚଳିକ ଶାଖା କାର୍ଯ୍ୟାଳୟ ସମ୍ବଲପୁରର ବିଜୟ ରାମ, ସୁନୀଲ କୁମାର ପଟେଲ ଯୋଗଦେଇ ୨ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରମାନଙ୍କୁ ପ୍ରୋଜେକ୍ଟର ମାଧ୍ୟମରେ ତାଲିମ ଦେଇଥିଲେ। ବିଭିନ୍ନ ପଦ ପଦବୀ ପାଇଁ କିପରି ଆବେଦନ କରିବେ, ଶିକ୍ଷାଗତ ଯୋଗ୍ୟତାର ଆବାଶ୍ୟକତା ବିଷୟରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଏକ କୁଇଜ ପ୍ରତିଯୋଗୀତା ହୋଇଥିଲା। ପ୍ରତିଯୋଗୀତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନା ବାଣିଜ୍ୟ ଅଧ୍ୟାପକ କାହ୍ନୁଚରଣ ଦାଶ କରିଥିବା ବେଳେ କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ସହଯୋଗ କରିଥିଲେ।

---



ସାପ୍ତାହିକ ବଜାର ପାଇଁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଏସ୍‌ଏଚ୍‌ଜି ମହିଳାମାନେ।

## ସାପ୍ତାହିକ ବଜାର ପାଇଁ ପ୍ରସ୍ତୁତି ବୈଠକ

**ଦେଓଗାଁ, ୨୪।୧୨(ଡି.ଏନ.ଏ.)**

ଦେଓଗାଁ ବ୍ଲକ ଡାକବଙ୍ଗଳାଠାରେ ଏକ ସାପ୍ତାହିକ ବଜାର ବସିବା ପାଇଁ ମଙ୍ଗଳବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ଜିଲା ପରିଷଦ ସଦସ୍ୟ ସୁଶୀଲ କୁମାର ଚାନ୍ଦ, ହାତିସରା ସରପଞ୍ଚ ମମତା କୁମୁରା, କୁତୁର୍ଲା ସରପଞ୍ଚ ବଡ ପଧାନ, ବଡବନ୍ଧର ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇ, କୋଶଳୀ ଲୋକନୃତ୍ୟ ଏକାଡେମୀ ସମ୍ପାଦକ ଧରଣୀଧର ନାୟକ, ଜୟକୃଷ୍ଣ ଗଡତ୍ୟା, ଶିଶୁ ପଧାନ, ମାର୍କଣ୍ଡ ମେହେର ଓ ସାରସମାଲ ସମିତି ସଭ୍ୟ ପ୍ରମୋଦ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ । ବୈଠକରେ ହାତିସରା, କୁତୁର୍ଲା, ବଡବନ୍ଧ, ସିକୁଆଁ ତଥା ଆଖପାଖ ପଞ୍ଚାୟତର ୬୦ଟି ସ୍ୱୟଂସହାୟକ ଦଳର ସଭାନେତ୍ରୀ ଓ ସଦସ୍ୟାମାନେ ଉପସ୍ଥିତ ରହି ନିଜସ୍ୱ ମତ ଉପସ୍ଥାପନ କରିଥିଲେ । ସର୍ବସମ୍ମତି କ୍ରମେ ଜାନୁୟାରୀ ୩୦ ତାରିଖଠାରୁ ପ୍ରତ୍ୟେକ ଗୁରୁବାର ବଙ୍ଗଳାଠାରେ ସାପ୍ତାହିକ ବଜାର ଆରମ୍ଭ କରିବାପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଏହି ବଜାରରେ ବିଶେଷ କରି ସ୍ୱୟଂ ସହାୟକ ଦଳର ସଦସ୍ୟାମାନେ ନିଜସ୍ୱ ଉଦ୍ୟମରେ ଉତ୍ପାଦିତ ତଥା ଅନ୍ୟାନ୍ୟ ସମସ୍ତପ୍ରକାର ସାମଗ୍ରୀ, ପନିପରିବା ଆଦି ବିକ୍ରୟ କରି ସ୍ୱାବଲମ୍ବୀ ହୋଇପାରିବେ ବୋଲି ଆଲୋଚନା କରାଯାଇଥିଲା। ବୈଠକକୁ କିଶୋର କୁମାର ସାହୁ, କୃଷ୍ଣପ୍ରସାଦ ପାଣିଗ୍ରାହୀ, ରାମଚନ୍ଦ୍ର ଶତପଥୀ, କିର୍ତ୍ତିରାଜ ବାଗ, ଟୁନା ବାରିକ, କୁନା ଚାନ୍ଦ, ହୃଦାନନ୍ଦ ଗଡତ୍ୟା, ବୁଦ୍ଧଦେବ ପରୁଆ, ଚକ୍ରଧର ମେହେର ତଥା ବଙ୍ଗଳାର ଦୋକାନୀ ସଂଘର କର୍ମକର୍ତ୍ତା ସହଯୋଗ କରିଥିଲେ ।

---

## ‘ସାମାଜିକ ଏକତା ବିକାଶର ମୂଳମନ୍ତ୍ର’

**ବଲାଙ୍ଗୀର ଅଫିସ, ୨୪।୧୨**

ବଲାଙ୍ଗୀର ପୌରାଞ୍ଚଳ କୈବର୍ତ୍ତ ସମାଜ ପକ୍ଷରୁ ସ୍ଥାନୀୟ ଆର୍ଯ୍ୟ ମନ୍ଦିରଠାରେ ସଭାପତି ଗୌରୀଶଙ୍କର ମହାଲିଙ୍ଗଙ୍କ ସଭାପତିତ୍ୱରେ ନୂଆଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଲୋଇସିଂହା ବିଧାୟକ ଡ ମୁକେଶ ମହାଲିଙ୍ଗ ଯୋଗଦାନ କରିଥିଲେ । ସାମାଜିକ ଏକତା ହିଁ ବିକାଶର ମୂଳମନ୍ତ୍ର ବୋଲି ଉଦ୍‌ବୋଧନ ଦେଇ ଏଦିଗରେ ସମସ୍ତେ ସଚେତନ ହେବାକୁ ବିଧାୟକ ମହାଲିଙ୍ଗ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବାଣିଜ୍ୟ କର ଅଧିକାରୀ ଜଗତ୍‌ପାଲ ସେଠ୍ ଯୋଗଦାନ କର ଶିକ୍ଷା ଓ ଶୃଙ୍ଖଳା ଉପରେ ଗୁରୁତ୍ୱ ଦେବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଡିଙ୍ଗର ସାଳ ଶବେଶ୍ୱର ବାରିକ କୈବର୍ତ୍ତ ସମାଜର ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ । ଉପସଭାପତି ରମାକାନ୍ତ ସା ସମାଜ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ, ବୃକ୍ଷରୋପଣ କାର୍ଯ୍ୟକ୍ରମ ସବୁ କରାଯିବ ବୋଲି କହିଥିଲେ । ସଭା ପ୍ରାରମ୍ଭରେ ମଣ୍ଟୁରଞ୍ଜନ ସା ସ୍ୱାଗତ ଭାଷଣ ଦେଇଥିଲେ ଓ ସମ୍ପାଦକ କୁଶ ମୁଦୁଲି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ପ୍ରଥମ ଥର ପାଇଁ ସମାଜ ପକ୍ଷରୁ ନୂଆଖାଇ ଭେଟ୍ଘାଟ ପାଳନ କରାଯାଇଥିବାରୁ ଯୋଗଦେଇଥିବା ସମାଜର ୫ ଶହରୁ ଉର୍ଦ୍ଧ୍ୱ ସଦସ୍ୟଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଫୁଲ୍ଲ ସା, ରୋହିତ୍ ସେଠୀ, ଟଙ୍କଧର ବାରିକ, ନିର୍ମଳ ବୁଡେକ୍, ଗଙ୍ଗାଧର ସେଠ୍, ବ୍ରଜ ସେଠ୍, ବସନ୍ତ ସା, ବୃଷଭ ସେଠ୍, ଜନାର୍ଦ୍ଦନ ପାଣ୍ଡେ ଏବଂ ଦ୍ୟୁତିରଞ୍ଜନ ମହାଲିଙ୍ଗ ସହଯୋଗ କରିଥିଲେ ।

## ‘ସଚେତନତା ଗ୍ରାହକଙ୍କୁ ଶୋଷଣରୁ ମୁକ୍ତିଦେବ’

**ବଲାଙ୍ଗୀର ଅଫିସ, ୨୪।୧୨**

ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ବଲାଙ୍ଗୀର ଶାଖା ତରଫରୁ ସ୍ଥାନୀୟ ଗାନ୍ଧୀ ଭବନଠାରେ ମଙ୍ଗଳବାର ଜାତୀୟ ଖାଉଟି ଦିବସ ପାଳନ କରାଯାଇଥିଲା । ଜିଲା ଶାଖା ସଭାପତି ଗୋପବନ୍ଧୁ ଶତପଥିଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚଳିତବର୍ଷ ଉପଲକ୍ଷେ ଥିବା ଆଲୋଚନାଚକ୍ରର ବିଷୟ ଭାରତୀୟ ଖାଉଟୀମାନଙ୍କ ପାଇଁ ପରିବର୍ତ୍ତନର ବିନ୍ଦୁ -ଖାଉଟୀ ସୁରକ୍ଷା ଆଇନ ୨୦୧୯ ଶୀର୍ଷକରେ ବିସ୍ତୃତ ଆଲୋଚନା କରାଯାଇଥିଲା। ମୁଖ୍ୟଅତିଥିଭାବେ ଜିଲା ଯୋଗାଣ ଅଧିକାରୀ ଅଭିରାମ ପ୍ରଧାନ ଯୋଗଦେଇ ଗ୍ରାହକ ପଞ୍ଚାୟତର ଲକ୍ଷ୍ୟ ଓ ଖାଉଟି ସଚେତନତା କାର୍ଯ୍ୟକ୍ରମର ବ୍ୟାପକତା ଉପରେ କହିଥିଲେ। ମୁଖ୍ୟବକ୍ତା ଭାବେ ଆଡଭୋକେଟ ତଥା ସ୍ତମ୍ଭକାର ଜୟକୃଷ୍ଣ ସାହୁ ଆଲୋଚ୍ୟ ବିଷୟ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ସଚେତନତାର ଅଭାବରୁ ଗ୍ରାହକ କିଭଳି ଅସୁବିଧାରେ ପଡେ ଓ ଶୋଷଣର ଶିକାର ହୁଏ ସେ ସମ୍ପର୍କରେ କହିଥିଲେ । ତେବେ ଖାଉଟୀ ଆଇନ୍ ୨୦୧୯ ଖାଉଟୀଙ୍କ ସ୍ୱାର୍ଥ ରକ୍ଷାରେ ଅମୋଘ ଅସ୍ତ୍ର ଓ ସଚେତନ ହେଲେ ଖାଉଟୀ ଶୋଷଣରୁ ମୁକ୍ତି ପାଇପାରିବ ବୋଲି ସେ କହିଥିଲେ । ଏହି ଆଇନ ଖାଉଟୀ ମାନଙ୍କ ବିଭିନ୍ନ ସମସ୍ୟା ସମାଧାନ କରିବ ବୋଲି କହିଥିଲେ । ସମ୍ମାନିତ ଅତିଥିଭାବେ ଜିଲା ଶିଳ୍ପ କେନ୍ଦ୍ର ଜେନେରାଲ ମ୍ୟାନେଜର ବିଭୁପ୍ରସାଦ ଚୌଧୁରୀ, ଲୋକସଭା ସାଂସଦଙ୍କ ପ୍ରତିନିଧି ପଙ୍କଜିନୀ ପଣ୍ଡା, ପୂର୍ବତନ ପୌର ଉପାଧକ୍ଷା ଲିପିଶ୍ରୀ ସାଏ, ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ, ରାଜେନ୍ଦ୍ର ବିଜୟ ସାହୁ ଯୋଗଦେଇ ଖାଉଟୀ ସୁରକ୍ଷା ଉପରେ ବକ୍ତବ୍ୟ ଦେଇଥିଲେ । ଶେଷରେ ଇଂ କିଶୋର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ରାଜ୍ୟ ସମ୍ପାଦକ ମାଣିକଲାଲ ବର୍ମାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୋବର୍ଦ୍ଧନ ପାଣ୍ଡିଆ, ମନୋରଞ୍ଜନ ସାହୁ, ବିନୋଦ କାଲସାଏ ସହଯୋଗ କରିଥିଲେ।



ଗ୍ରାହକ ପଞ୍ଚାୟତ ତରଫରୁ ଅନୁଷ୍ଠିତ ଜାତୀୟ ଖାଉଟି ଦିବସ ଅବସରରେ ମଞ୍ଚାସୀନ ଅତିଥି।

---

ଆୟୁର୍ବେଦ ମହାବିଦ୍ୟାଳୟ ପରିଦର୍ଶନ କଲେ ନରସିଂହ

## ‘ସରକାର ନ ଦେଲେ ନିଜସ୍ୱ ପାଣ୍ଠିରୁ ଦିଆଯିବ ଆମ୍ବୁଲାନ୍ସ’

**ବଲାଙ୍ଗୀର ଅଫିସ, ୨୪।୧୨**

ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ମଙ୍ଗଳବାର ସ୍ଥାନୀୟ ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ପରିଦର୍ଶନ କରିଥିଲେ। ଛାତ୍ର ସଂସଦ କର୍ମକର୍ତ୍ତାଙ୍କ ଅନୁରୋଧକ୍ରମେ ବିଧାୟକ ମିଶ୍ର ମହାବିଦ୍ୟାଳୟରେ ପହଞ୍ଚି ଅଧକ୍ଷ, ଅଧ୍ୟାପକ ଓ ଛାତ୍ରୀଛାତ୍ରଙ୍କ ଗହଣରେ ଶିକ୍ଷାନୁଷ୍ଠାନର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଅଧ୍ୟାପକ ଅଭାବ, ଚିକିତ୍ସାଳୟରେ ଡାକ୍ତର ଓ ପାରା ମେଡିକାଲ କର୍ମଚାରୀଙ୍କ ଅଭାବ ଯୋଗୁଁ ଶିକ୍ଷାଦାନ ଓ ଚିକିତ୍ସାରେ ଘୋର ସମସ୍ୟା ସୃଷ୍ଟି ହେଉଛି। ଏ ନେଇ ଉପସ୍ଥିତ ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ଡା ଅରୁଣ କୁମାର ଦାଶ, ଛାତ୍ର ସଂସଦ ସଭାପତି ଜିରୁ ଓଜସ୍ୱିନୀ ରେଡ୍ଡି ଓ ଅନ୍ୟ କର୍ମକର୍ତ୍ତା ଅଭିଯୋଗ କରିଥିଲେ। ଏଭଳି ଅନେକ ଅଭାବ ଅସୁବିଧା ଯୋଗୁଁ ଆୟୁର୍ବେଦିକ କଲେଜରେ ବାର୍ଷିକ ନାମଲେଖା ସମୟରେ ସ୍ୱୀକୃତି ମିଳିବାରେ ମଧ ସମସ୍ୟା ହେଉଥିବା ନେଇ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଛାତ୍ରୀଛାତ୍ରଙ୍କ ନିମନ୍ତେ ଛାତ୍ରବାସ ଓ ଶ୍ରେଣୀଗୃହ ଆବଶ୍ୟକତା ଉପରେ ମଧ ଆଲୋଚନା ହୋଇଥିଲା । ବିଧାୟକ ମିଶ୍ର ଭିତ୍ତିଭୂମି ନିର୍ମାଣରେ କୌଣସି ସମସ୍ୟା ରହିବ ନାହିଁ, ମାତ୍ର ଛାତ୍ରୀଛାତ୍ରଙ୍କ ପାଠ ପଢିବା ଓ ରୋଗୀଙ୍କ ଚିକିତ୍ସା ପାଇଁ ଆବଶ୍ୟକ ଅଧ୍ୟାପକ ଓ ଡାକ୍ତର ନିଯୁକ୍ତି ଦିଗରେ ଆଗାମୀ ଦିନରେ ସରକାରଙ୍କ ଉପରେ ଚାପ ପକାଯିବ ବୋଲି କହିଥିଲେ। କଲେଜର ଆବଶ୍ୟକତା ଉପରେ ଏକ ସବିଶେଷ ବିବରଣୀ ପ୍ରସ୍ତୁତ କରି ତାଙ୍କୁ ଶୀଘ୍ର ପ୍ରଦାନ କରିବାକୁ ବିଧାୟକ ମିଶ୍ର ଅଧକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପରେ ଛାତ୍ର ସଂସଦ ଦ୍ୱାରା ଆୟୋଜିତ ମତ ବିନିମୟ କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରୀଛାତ୍ରୀଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ। ଛାତ୍ର ସଂସଦ ସଭାନେତ୍ରୀ ରେଡ୍ଡି ବିଧାୟକଙ୍କୁ ଏକ ଦାବିପତ୍ର ମାଧ୍ୟମରେ କଲେଜରେ ଖେଳପଡିଆ, ହାଇମାଷ୍ଟ ଲାଇଟ, ଆୟୁର୍ବେଦ ଗାର୍ଡେନ, ପିଇବା ପାଣି ଏବଂ ସରକାରୀ ସୁଲଭ ଆୟୁର୍ବେଦ ଔଷଧାଳୟ ପ୍ରତିଷ୍ଠା ଓ ଆମ୍ବୁଲାନ୍ସ ଗାଡି ବ୍ୟବସ୍ଥା କରିବାକୁ ଦାବି କରିଥିଲେ । ଖେଳପଡିଆ ଓ ହର୍ବାଲ ଗାର୍ଡେନ ପାଇଁ ସରକାରୀ ସ୍ଥାନର ସ୍ଥିତି ଦେଖି ପୂରଣ କରାଯିବ ଓ ହାଇମାଷ୍ଟ ଲାଇଟ, ପିଇବା ପାଣି ଦାବି ଖୁବ୍ ଶୀଘ୍ର ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଆଗାମୀ ୬ ମାସ ମଧ୍ୟରେ ସରକାର ଯଦି ଆମ୍ବୁଲାନ୍ସ ଗାଡି ବ୍ୟବସ୍ଥା କରିବେ ନାହିଁ ତେବେ ସେ ନିଜେ ନିଜର ପାଣ୍ଠି କିମ୍ବା ଅନ୍ୟ ବ୍ୟବସ୍ଥା କରି ହସପିଟାଲ ପାଇଁ ଆମ୍ବୁଲାନ୍ସ ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସରରେ କଲେଜ ଅଧକ୍ଷ ପ୍ରଫେସର ଡା ଦାଶ ସ୍ଥାନୀୟ ଡେଲିମାର୍କେଟ ସମ୍ମୁଖ ଶାରଦେଶ୍ୱରୀ ଆୟୁର୍ବେଦିକ ଚିକିତ୍ସାଳୟର ଜମି ଜବରଦଖଲ ନେଇ ବିଧାୟକ ମିଶ୍ରଙ୍କ ଦୃଷ୍ଟି ଆକର୍ଷଣ କରି ତୁରନ୍ତ ଏହାର ଉଚ୍ଛେଦ ବ୍ୟବସ୍ଥା କରିବାକୁ କହିଥିଲେ । ଏନେଇ ବିଧାୟକ, ଜିଲାପାଳ, ତହସିଲଦାରଙ୍କୁ ଜଣାଇବା ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ । କଲେଜରେ ଅନୁଷ୍ଠିତ ମତ ବିନିମୟ କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ପ୍ରଫେସର ଡା ଦାଶ, ପ୍ରଫେସର ଡା. ପ୍ରଦୀପ କୁମାର ପଣ୍ଡା, ଛାତ୍ର ସଂସଦ ଉପଦେଷ୍ଟା ଡା. ସୀମାଦ୍ରୀଭୂଷଣ ନାୟକ, ମହାବିଦ୍ୟାଳୟ ପୂର୍ବତନ ଛାତ୍ର ଡା. ପ୍ରଶାନ୍ତ ପ୍ରଧାନ, ଡା. ଜ୍ୟୋତି ରଞ୍ଜନ ମେହେର ତଥା ଛାତ୍ର ସଂସଦ କର୍ମକର୍ତ୍ତା ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



ବିଧାୟକ ନରସିଂହ ମିଶ୍ର ସରକାରୀ ଆୟୁର୍ବେଦ କଲେଜରେ ଅଧକ୍ଷ, ଛାତ୍ର ସଂସଦ କାର୍ଯ୍ୟକର୍ତ୍ତା ଓ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରୁଛନ୍ତି।



ଜ୍ଞାନୀ ଲୋକମାନେ ଧନନଷ୍ଟ କିମ୍ବା ମୃତ୍ୟୁ ପାଇଁ ଶୋକ କରନ୍ତି ନାହିଁ।
- ବ୍ୟାସଦେବ



## ସଂକ୍ଷେପରେ

### ଓଡ଼ିଶା ଦୁର୍ନୀତି ମଞ୍ଚ ସୁନ୍ଦରଗଡ଼ ଶାଖାର ନୂତନ କର୍ମକର୍ତ୍ତା

ସୁନ୍ଦରଗଡ,୨୪।୧୨ (ଡି.ଏନ୍.ଏ)
ସୁନ୍ଦରଗଡ ରେଭିନ୍ୟୁ କଲୋନି ସ୍ଥିତ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବୈଠକ ଗୃହରେ ଓଡିଶା ଦୁର୍ନୀତି ସଂଘର୍ଷ ମଞ୍ଚ ସୁନ୍ଦରଗଡ ଶାଖାର ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଦୁର୍ନୀତି ସଂଘର୍ଷ ମଞ୍ଚ ସୁନ୍ଦରଗଡ ଶାଖାର ସମସ୍ତ କର୍ମକର୍ତ୍ତା ଯୋଗଦେଇଥିଲେ। ଏହି ବୈଠକରେ ଆଗାମୀ ଦୁଇ ବର୍ଷ ପାଇଁ ଏକ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି। ସର୍ବସମ୍ମତି କ୍ରମେ ମୀନାକ୍ଷି ନାଏକଙ୍କୁ ସଭାପତି, ଶ୍ୟାମସୁନ୍ଦର ଆଚାର୍ଯ୍ୟଙ୍କୁ ଉପସଭାପତି, ସଧାରଣ ସମ୍ପାଦକ ଭାବେ ଦେବେନ୍ଦ୍ର କୁମାର ଭିତ୍ରିଆ, ସହସମ୍ପାଦକ ଲିଲିମା ଟପ୍ପୋ ଓ ଜୟନ୍ତି ପଟେଲ, କୋଷାଧକ୍ଷ ଭାବେ ସୁରେଶ କୁମାର ପୃଷ୍ଟିଙ୍କୁ ବଛାଯାଇଥିଲା। ଅନ୍ୟମାନଙ୍କ ମଧରେ ବରିଷ୍ଠ ନାଗରିକ ଅରୁଣ କୁମାର ପୃଷେଠ, ମଦନ ମୋହନ ଦାସ, ଦୁର୍ଗାମାଧବ ପଟେଲ, ଚିନ୍ମୟ କୁମାର ପାଣିଗ୍ରାହୀ, ଅଶ୍ୱୀନି କୁମାର ପଟ୍ଟନାୟକ, ଆର୍.କେ.ମହାରଣା ଓ ଗୁଣନିଧି ମହାନ୍ତିଙ୍କୁ ଉପଦେଷ୍ଟା ଭାବେ ଚୟନ କରାଯାଇ ନୂତନ କମିଟି ଗଠନର ଅନୁମୋଦନ ପାଇଁ ରାଜ୍ୟ କମିଟିକୁ ପଠାଯାଇଛି। ବୈଠକ ଶେଷରେ ବରିଷ୍ଠ କର୍ମୀ ଆର୍.କେ.ମହାରଣା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶାନ୍ତି ଓ ପ୍ରେମର ପର୍ବ ଖ୍ରୀଷ୍ଟମାସ

# ଆଲୋକମାଳାରେ ଝଲସୁଛି ଚର୍ଚ୍ଚ





ମହେଶଡିହିସ୍ଥିତ ଜିଏଲ ଚର୍ଚ୍ଚ, ସୁନ୍ଦରଗଡ଼ର ଆରସି ଚର୍ଚ୍ଚକୁ ସଜ୍ଜିତ କରାଯାଇଛି।

ସୁନ୍ଦରଗଡ଼, ୨୪।୧୨(ଡି.ଏନ.ଏ.)

ପ୍ରଭୂ ଯୀଶୁଖ୍ରୀଷ୍ଟଙ୍କ ଧରାବତରଣ ତଥା ବଡଦିନ ପାଳନ ପାଇଁ ଖ୍ରୀଷ୍ଟଧର୍ମାବଲମ୍ବୀ ପକ୍ଷରୁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଶାନ୍ତି ଓ ପ୍ରେମର ଏହି ପର୍ବ ଲାଗି ସୁନ୍ଦରଗଡ଼ ଜିଲାରେ ଥିବା ବିଭିନ୍ନ ଚର୍ଚ୍ଚଗୁଡିକ ସଜେଇ ହୋଇଛି। ଚର୍ଚ୍ଚଗୁଡିକ ନୂତନ ରଙ୍ଗ ଓ ସୁନ୍ଦର ରଙ୍ଗୀନ ଆଲୋକମାଳାରେ ଝଲସୁଛି। ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ମଧ୍ୟରେ ଏ ନେଇ ବେଶ ଉତ୍ସାହ ପ୍ରକାଶ ପାଇଛି। ବଡଦିନ ପାଳନ ପାଇଁ ସୁନ୍ଦରଗଡ ସମେତ ଜିଲାର ବିଭିନ୍ନ ଚର୍ଚ୍ଚଗୁଡିକରେ ସ୍ୱତନ୍ତ୍ର ପ୍ରାର୍ଥନା ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଆୟୋଜିତ ହୋଇଛି। ସୁନ୍ଦରଗଡ ସହରରେ ମିଶନରୋଡରେ ଥିବା ରୋମାନ୍ କ୍ୟାଥଲିକ ଚର୍ଚ୍ଚ, ମହେଶଡିହିସ୍ଥିତ ଜିଏଲ ଚର୍ଚ୍ଚ, ସବ୍‌ଡେଗା ବ୍ଲକର ଗାଇବିରା, କିରାଲଗା, ବାଲିଶଙ୍କରା ବ୍ଲକର ସଉନାମୁରା, ସିକାଯୋର ଓ ଫଲସା ଆଦି ଚର୍ଚ୍ଚ ଗୁଡିକରେ ବଡଦିନ ପାଳନ ପାଇଁ ବ୍ୟାପକ ପ୍ରସ୍ତୁତି ହୋଇଛି। ଚର୍ଚ୍ଚଗୁଡିକରେ ପ୍ରଭୂ ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମସମୟର ଦୃଶ୍ୟକୁ ପ୍ରଦର୍ଶିତ କରାଯାଇଛି। ଏଥିପାଇଁ ପ୍ରତ୍ୟେକ ଖ୍ରୀଷ୍ଟଧର୍ମାବଲମ୍ବୀ ପରିବାରର ଘରେ ଘରେ ସୁସ୍ୱାଦୁ କେକ ଓ ବିଭିନ୍ନ ପ୍ରକାର ପିଠାପଣାର ପ୍ରସ୍ତୁତି ମଧ୍ୟ ହୋଇଛି। ବଡଦିନ ପାଳନ ପାଇଁ ବାହାରେ ରହୁଥିବା ସମସ୍ତେ ଆସି ଘରେ ପହଞ୍ଚିଛନ୍ତି। ଏପରିକି ଗୋଆ, ବମ୍ବେ, ଦିଲ୍ଲୀ ଆଦିରେ କାମ କରୁଥିବା ପ୍ରବାସୀ କର୍ମଜୀବୀମାନେ ମଧ୍ୟ ପର୍ବପାଳନ ପାଇଁ ପରିବାରରେ ଆସି ଯୋଗ ଦେଇଛନ୍ତି। ପରିବାରର ସମସ୍ତ ସଦସ୍ୟ ଏକାଠି ମିଶି ଚର୍ଚ୍ଚ ଯାଇ ସମ୍ମିଳିତ ପ୍ରାର୍ଥନା ସଭାରେ ଯୋଗଦେଇଥିଲେ। ରାତିରେ ପ୍ରଭୂ ଯୀଶୁଙ୍କ ଧରାବତରଣକୁ ସ୍ୱାଗତ କରିଥିଲେ।

### ସେମାନଙ୍କ ମୁହଁରୁ...



"କେକ୍ ସହିତ ପିଠାପଣା କରାଯାଇଛି। ଏବର୍ଷ ଆମେ ବାନାନା କେକ ପ୍ରସ୍ତୁତ କରିଛୁ। ମଧ୍ୟ ରାତିରେ ଚର୍ଚ୍ଚରେ ପ୍ରାର୍ଥନା ସରିଲା ପରେ ଘରେ ଯାଇ କେକ୍ କାଟି ପରିବାର ଓ ପଡୋଶୀଙ୍କ ସହ ବାଣ୍ଟି ଖାଇଥିଲୁ।
-ପ୍ରକସିମା ବାର୍ଲା, ସୁନ୍ଦରଗଡ।



"ମିଶନ ରୋଡସ୍ଥିତ କ୍ୟାଥେଲିକ ଚର୍ଚ୍ଚରେ ବ୍ୟାପକ ପ୍ରସ୍ତୁତି ସରିଛି। ରାତି ୯ଟାରୁ ୧୨ଟା ପର୍ଯ୍ୟନ୍ତ ସ୍ୱତନ୍ତ୍ର ପ୍ରାର୍ଥନା, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଆୟୋଜିତ ହୋଇଥିଲା। ଏଥିରେ ୩ ରୁ ୪ହଜାର ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ସମାଗମ ହୋଇଥିଲା।
-ଫାଦର ଓସ୍କାର ଲାକ୍ରା , ରୋମାନ କ୍ୟାଥେଲିକ ଚର୍ଚ୍ଚ, ସୁନ୍ଦରଗଡ



"ଯୀଶୁ ପୃଥିବୀକୁ ଦ୍ୱିତୀୟ ବାର ଆସୁଥିବାର ବିଶ୍ୱାସକୁ ଆମ୍ଭେମାନେ ଏହାକୁ ପାଳନ କରିଥାଉ। ୭ଟି ସଂସ୍କାର ନୀତି ଅନୁଯାୟୀ ପ୍ରଭୂ ଯୀଶୁ ସମଗ୍ର ମାନବ ଜାତି ପାଇଁ ଦେଇଥିବା ଶାନ୍ତି ଓ ପ୍ରେମର ବାଣୀକୁ ବାଣ୍ଟିବା ପାଇଁ ଏହା ପାଳନ କରୁଥାଉ ।
-ସୁମିତ ତିର୍କୀ, ସୁନ୍ଦରଗଡ



"କରୁଣାମୟ ପ୍ରଭୂ ଯୀଶୁଙ୍କ ପ୍ରେମ ଓ କରୁଣାମୟ ଭାବନା ସମସ୍ତଙ୍କ ହୃଦୟରେ ନିବାସ କରୁ ଏହାହିଁ ପ୍ରାର୍ଥନା। ପ୍ରଭୂ ଯୀଶୁ ସମସ୍ତଙ୍କର ମଙ୍ଗଳ କରନ୍ତୁ, ଆଜିର ଦିନରେ ପ୍ରାର୍ଥନା।
-ଡ. ଇଗ୍ନାସିୟସ, ସଂସ୍କୃତି କେନ୍ଦ୍ର, ପଣସପଡା ଶଙ୍କରା, ସୁନ୍ଦରଗଡ଼।

### ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତର ଜିଲା କମିଟି ଗଠିତ

ସୁନ୍ଦରଗଡ, ୨୪।୧୨ (ଡି.ଏନ୍.ଏ)
ସ୍ଥାନୀୟ ରେଭିନ୍ୟୁ କଲୋନି ସ୍ଥିତ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବୈଠକ ଗୃହରେ ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତର ପଶ୍ଚିମ ଓଡିଶା ଉପସଭାପତି କେଦାରନାଥ ପଟେଲଙ୍କ ଉପସ୍ଥିତିରେ ଏହି ବୈଠକ ହୋଇଥିଲା। ଏହି ବୈଠକରେ ଅନେକ ସାଧାରଣ ଲୋକ ତଥା ବରିଷ୍ଠ ନାଗରିକ ଓ ଯୁବକ ଯୁବତୀ ଯୋଗଦେଇଥିଲେ। ଏହି ବୈଠକରେ ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ଏକ ଜିଲାସ୍ତରୀୟ କମିଟି ଗଠନ କରାଗଲା । ସର୍ବସମ୍ମତି କ୍ରମେ ବରିଷ୍ଠ ନାଗରିକ ଚିନ୍ମୟ ପାଣିଗ୍ରାହୀଙ୍କୁ ସଭାପତି, ଗୁଣନିଧି ମହାନ୍ତି ଓ ମୀନାକ୍ଷି ନାଏକଙ୍କୁ ଉପସଭାପତି, ସଧାରଣ-ସମ୍ପାଦକ ଭାବେ ଅରୁଣ କୁମାର ପୃଷେଠ, ସହସମ୍ପାଦକ ଭାବେ ଶ୍ୟାମସୁନ୍ଦର ଆଚାର୍ଯ୍ୟ ଓ କୋଷାଧକ୍ଷ ଭାବେ ସୁରେଶ କୁମାର ପୃଷ୍ଟିଙ୍କୁ ଚୟନ କରାଯାଇଥିଲା। ଅଶ୍ୱୀନି କୁମାର ପଟ୍ଟନାୟକ ଓ ମଦନମୋହନ ଦାଶଙ୍କୁ ଉପଦେଷ୍ଟା ଭାବେ ଚୟନ କରାଯାଇ ନୂତନ କମିଟି ଗଠନର ଅନୁମୋଦନ ପାଇଁ ରାଜ୍ୟ କମିଟିକୁ ପଠାଯାଇଛି। ବୈଠକ ପରିଶେଷରେ ବରିଷ୍ଠ ନାଗରିକ ତଥା ସଭ୍ୟ ଆର୍.କେ.ମହାରଣା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଗାମୀ ଦିନରେ ଏହି ସଙ୍ଗଠନ ଗ୍ରାହକମାନଙ୍କ ଅଧିକାର ବିଷୟରେ ସାଧାରଣ ଲୋକଙ୍କୁ ସଚେତନ କରିବ ଓ ଏହା ହିଁ ଏହି ସଙ୍ଗଠନର ମୂଳ ଲକ୍ଷ୍ୟ ବୋଲି ସଙ୍ଗଠନର ପଶ୍ଚିମ ଓଡିଶା ଉପସଭାପତି କେଦାରନାଥ ପଟେଲ କହିଥିଲେ।

## ରୋଟାରି କ୍ଲବ ପକ୍ଷରୁ ସାନିଟାରି ନ୍ୟାପ୍‌କିନ ଭେଣ୍ଡିଂ ମେଶିନ ସ୍ଥାପିତ

ସୁନ୍ଦରଗଡ଼, ୨୪।୧୨ (ଡି.ଏନ.ଏ)

ସ୍ଥାନୀୟ ରୋଟାରୀ କ୍ଲବ ପକ୍ଷରୁ ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟ ଛାତ୍ରୀନିବାସ ନିକଟରେ ସାନିଟାରୀ ନ୍ୟାପକିନ ଭେଣ୍ଡିଂ ମେଶିନ୍ ସ୍ଥାପିତ ହୋଇଛି। ଏହାକୁ ରୋଟାରୀ କ୍ଲବର ସଭାପତି ପ୍ରତାପ ବେହେରା ଓ ସମ୍ପାଦକ ତୁଷାର ରଞ୍ଜନ ଠାକୁର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ଇନ୍ଦିରା ନାଏକ, ରୋଟାରୀ କ୍ଲବର ଏଭଳି କାର୍ଯ୍ୟକୁ ପ୍ରଶଂସା କରି ଆଗାମୀ ଦିନରେ ମଧ୍ୟ ଏଭଳି କାର୍ଯ୍ୟକ୍ରମ ଜାରି ରଖିବାକୁ କହିଥିଲେ। ରୋଟାରୀ କ୍ଲବର ପୂର୍ବତନ ସଭାପତି ଦୁଷ୍ମନ୍ତ କୁମାର ନାଏକ, ଛାତ୍ରୀ ନିବାସର ଅଧକ୍ଷ ସୁଷମା ହାଁସଦା, ଚୈତାଳୀ ଦତ୍ତ, ସଲିଳା କୁଜୁର, ପ୍ରବୀଣା ନାଏକ, ମୁକେଶ ଅଗ୍ରୱାଲ, ଶୁଭେନ୍ଦୁ ମହାପାତ୍ର, କୁଲଦୀପ ସିଂ, ବାଲଗୋପାଲ ମିଶ୍ର, ଦୀନବନ୍ଧୁ ଭିତ୍ରିଆ, ସୁନୀଲ ଚୌଧୁରୀ, ପ୍ରେମକୁମାର ପଟେଲ, ଆଶୀଷ ବେହେରା, ସଞ୍ଜୟ ଅଗ୍ରୱାଲ, ଆଶୀଷ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।




ଛାତ୍ରୀନିବାସ ନିକଟରେ ସାନିଟାରି ନ୍ୟାପକିନ ଭେଣ୍ଡିଂ ମେଶିନ୍ ସ୍ଥାପନ ମୂହୂର୍ତ୍ତ।

### ଧର୍ମପ୍ରାଣ ବ୍ୟକ୍ତିଙ୍କ ପରଲୋକ

କୁଆଁରମୁଣ୍ଡା, ୨୪।୧୨(ଡି.ଏନ.ଏ.)
କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ସରବେର୍ଣ୍ଣା ଅଞ୍ଚଳରେ ରହୁଥିବା ରତ୍ନାକର ନାଏକଙ୍କ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ରାଉରକେଲାରେ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଛି। ତାଙ୍କୁ ୯୭ବର୍ଷ ବୟସ ହୋଇଥିଲା। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ମୃତଦେହ ବେଦବ୍ୟାସସ୍ଥିତ ସ୍ୱର୍ଗଦ୍ୱାର ନିକଟକୁ ନିଆଯାଇ ସଂସ୍କାର କରାଯାଇଛି। ତାଙ୍କର ବଡ଼ପୁଅ ଘନଶ୍ୟାମ ନାଏକ ମୁଖାଗ୍ନି ଦେଇଥିଲେ।

### ଅବକାରୀ ଚଢାଉ,୩ କୋର୍ଟ ଚାଲାଣ

ଜୁନାଗଡ,୨୪।୧୨(ଡି.ଏନ.ଏ.) କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଚିଁଗୁଡା, ବଳଦିଆମାଲ ଓ ଆଟିଗାଁରେ ଅବକାରୀ ବିଭାଗ ମଙ୍ଗଳବାର ବେଆଇନ ମଦ କାରବାର ଚାଲିଥିବା ଖବର ପାଇ ଅର୍ତ୍ତର୍କିତ ଚଢାଉ କରାଯାଇଥିଲା। ପରେ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଜୁନାଗଡ ଜେଏମ୍ଏଫସି କୋର୍ଟ ଚାଲାଣ କରାଯାଇଥିଲା।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବାଟବଣା

### ଉଜ୍ୱଳପୁର ପଞ୍ଚାୟତ

ଲେଫ୍ରିପଡା,୨୪।୧୨(ଡି.ଏନ.ଏ.)

ଟାଙ୍ଗରପାଲି ବ୍ଲକ୍ ଅନ୍ତର୍ଗତ ଉଜ୍ୱଳପୁର ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବାଟବଣା ହେଉଥିବା ଅଭିଯୋଗ ହୋଇଛି। କେନ୍ଦ୍ର ଏବଂ ରାଜ୍ୟ ସରକାର ଗରିବ ଅସହାୟଙ୍କ ସକାଶେ ଯୋଜନା ଉପରେ ଯୋଜନା କରିଚାଲିଥିବା ବେଳେ ପ୍ରାଥମିକ ସ୍ତରରେ ହିତାଧିକାରୀ ଚୟନରେ ଅସାଧୁ ଉପାୟ ଅବଲମ୍ବନ କରାଯାଉଥିବା ହିତାଧିକାରୀମାନେ ପ୍ରକାଶ କରିଛନ୍ତି। ଏହି ପଞ୍ଚାୟତରେ ପକ୍କାଘର ଥିବା ବ୍ୟକ୍ତିକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମିଳିଥିବା ବେଳେ ଅସହାୟ ବ୍ୟକ୍ତିଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଖଣ୍ଡେ ମିଳିପାରୁନାହିଁ। ଉଜ୍ୱଳପୁର ଗ୍ରାମର ଅସହାୟ ବ୍ୟକ୍ତି ରାମେଶ୍ୱର ପଟେଲଙ୍କ ଘର ନ ଥିବାରୁ ଭଙ୍ଗା କୁଡିଆରେ ଭିକମାଗି କାଳାତିପାତ କରୁଛନ୍ତି। ଘର ଖଣ୍ଡିଏ ପାଇଁ ସ୍ଥାନୀୟ ପଞ୍ଚାୟତ ପ୍ରତିନିଧି ଏବଂ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ରାମେଶ୍ୱର ବାରମ୍ବାର କହି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁ ନାହିଁ ବୋଲି ରାମେଶ୍ୱର କହିଛନ୍ତି। ଫଳରେ ରାମେଶ୍ୱରଙ୍କ ପାଇଁ ଗୃହ ନିର୍ମାଣ ସାତ ସପନ ପାଲଟିଯାଇଛି। ଅନ୍ୟ ପକ୍ଷରେ ଉଜ୍ୱଳପୁର ଗ୍ରାମରେ ପକ୍କାଘର ରହିଥିବା ବ୍ୟକ୍ତିଙ୍କୁ ୨୦୧୯-୨୦ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ ସକାଶେ ଆଦେଶ ରହିଥିବାରୁ ଗ୍ରାମବାସୀଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ଦିଗରେ ଟାଙ୍ଗରପାଲି ବିଡିଓ ସୌମେନ୍ଦ୍ର ଦାଶଙ୍କୁ ପଚାରିବାରୁ ସ୍ଥାନୀୟ ପଞ୍ଚାୟତରେ ଆଧାର କାର୍ଡ ଖଣ୍ଡିଏ ଦେଇ ଆବେଦନ କଲେ ତ ଘର ହୋଇଯିବ ଏଥିରେ କଣ ବଡ ଜିନିଷ ରହିଛି। ଆମ ପଞ୍ଚାୟତରେ ତ ନିର୍ବାହୀ ଅଧିକାରୀ ଅଛନ୍ତି କହି ଫୋନ୍ କାଟି ଦେଇଥିଲେ। ଅପରପକ୍ଷରେ ସରକାର ୫ଟି ଏବଂ ମୋ ସରକାର ଯୋଜନା ଲାଗୁ କରିଥିବାବେଳେ ଟାଙ୍ଗରପାଲି ବ୍ଲକରେ ଫେଲ୍ ମାରିଥିବା ଅଭିଯୋଗ ହେଉଛି। ଏ ଦିଗରେ ଅସାଧୁ ଉପାୟ ଅବଲମ୍ବନ କରିଚାଲିଥିବା ବ୍ୟକ୍ତିଙ୍କ ବିରୋଧରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।



ଉଜ୍ୱଳପୁରର ରାମେଶ୍ୱର ପଟେଲଙ୍କ ଭଙ୍ଗା ଘର।

## ଏଚ୍‌ଆଇଭି, ଏଡସ୍ ସଚେତନତା କାର୍ଯ୍ୟକ୍ରମ

ଟେନ୍‌ସା, ୨୪।୧୨ (ଡି.ଏନ.ଏ)
କୋଇଡା ମାଇନିଂ ସେକ୍ଟରର ଅନ୍ତର୍ଗତ ରୁଙ୍ଗୁଟା କମ୍ପାନୀର ଅଡାଘାଟ ଲୌହଖଣି ପକ୍ଷରୁ ଏଚ୍‌ଆଇଭି/ଏଡସ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଖଣି ପରିସରରେ କାମ କରୁଥିବା ସମସ୍ତ କର୍ମଚାରୀ, ଶ୍ରମଜୀବୀମାନଙ୍କ ମଧରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଡସ୍ ରୋଗର ଭୟାଭୟତା, ଲକ୍ଷଣ ଓ ଏହା କିପରି ବ୍ୟାପେ ଏବଂ କିପରି ସଚେତନ ରହିଲେ ଏହି ରୋଗରୁ ମାନବ ସମାଜ ମୁକ୍ତି ପାଇପାରିବ ସେ ସମ୍ବନ୍ଧରେ କମ୍ପାନୀର ଡା. ରିୟାଜ ବରକତ ଅବଗତ କରାଇଥିଲେ। ଏହା ସହିତ ଏହି ରୋଗର ପ୍ରତିକାର ପାଇଁ କିପରି ସମସ୍ତେ ସଚେତନ ରହିବା ସହିତ ଅନ୍ୟମାନଙ୍କ ମଧରେ କିପରି ସଚେତନତା ସୃଷ୍ଟି କରାଯାଇପାରିବ ସେ ସମ୍ବନ୍ଧରେ ଅଞ୍ଜନ କୁମାର ଲେଙ୍କା ଉଦ୍‌ବୋଧନ ଦେଇଥିଲେ। ଏହା ପରେ ଅଫିସର ବୈଠକ ଗୃହରେ ପ୍ରୋଜେନେଷ୍ଟେସନ ମାଧମରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏହି ରୋଗ ମଣିଷ ଶରୀରୁ କିପରି ରୋଗ ପ୍ରତିରୋଧକ ଶକ୍ତି ହ୍ରାସ କରି ଜୀବନ ଶେଷ କରି ଦିଏ ସେ ସମ୍ବନ୍ଧରେ ଡା. ରିୟାଜ ବରକତ ଅବଗତ କରାଇଥିଲେ। ଏହି ରୋଗରୁ ମୁକ୍ତି ପାଇବା ପାଇଁ ସଚେତନତା ନିତାନ୍ତ ଆବଶ୍ୟକ ବୋଲି ଖଣି ପରିଚାଳକ ଅନୀଲ କୁମାର ଚୌଧୁରୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅଞ୍ଜନ କୁମାର ଲେଙ୍କା, ସମୀର ରଞ୍ଜନ ଦାସ, ଆର୍.ଏସ ମହାନ୍ତ, ଅରୁଣ କୁମାର ବାଲା, ଶିବାଜୀ ମହାନ୍ତ, ଆଲୋକ ସ୍ୱାଇଁ ଓ ଖଣିର ସମସ୍ତ କର୍ମଚାରୀ, ସୁରକ୍ଷା କର୍ମଚାରୀ, ଶ୍ରମଜୀବୀ, ଗ୍ରାମବାସୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।



ଅଡାଘାଟ ଲୌହଖଣି ପକ୍ଷରୁ ଏଡସ୍ ସଚେତନତା କାର୍ଯ୍ୟକ୍ରମ।

## ସବ୍‌ଡେଗା ଗାଇବିରା ଚର୍ଚ୍ଚରେ ଉତ୍ସବର ପରିବେଶ

ସବ୍‌ଡେଗା, ୨୪।୧୨ (ଡି.ଏନ୍.ଏ)

ମଙ୍ଗଳବାର ମଧ୍ୟ ରାତ୍ରିରେ ପ୍ରଭୂ ଯୀଶୁଖ୍ରୀଷ୍ଟଙ୍କ ଧରାବତରଣ ପର୍ବକୁ ସବଡେଗା ଗାଇବିରା ଚର୍ଚ୍ଚରେ ହର୍ଷ, ଉଲ୍ଲାସ ମଧ୍ୟରେ ପାଳନ କରାଯାଇଛି। ଏହି ଅବସରରେ ସ୍ୱତନ୍ତ୍ର ପ୍ରାର୍ଥନା ଓ ପ୍ରଭୂ ଯୀଶୁଙ୍କ ଜନ୍ମ ବୃତ୍ତାନ୍ତ ସମ୍ପର୍କରେ ଆଲୋଚନା କରାଯିବା ସହ ମେଷଶାଳାରେ ପ୍ରଦର୍ଶିତ ଜନ୍ମ ସମ୍ପର୍କୀତ ଦୃଶ୍ୟାବଳୀ ବେଶ ଆକର୍ଷଣୀୟ ହୋଇଥିଲା। ରାତି ୧୨ଟା ପରେ ପ୍ରଭୂ ଯୀଶୁଙ୍କ ଜନ୍ମ ଦୃଶ୍ୟାବଳୀ ଦର୍ଶନ ପରେ ସମସ୍ତ ଖ୍ରୀଷ୍ଟଧର୍ମାବଲମ୍ବୀ ଭାଇ ଭଉଣୀ ଘରକୁ ଯାଇ ପ୍ରସ୍ତୁତ କେକ୍ ଓ ପିଠାପଣା ଏକାଠି ବସି ଖାଇ ବଡଦିନର ଶୁଭେଚ୍ଛାର ଆଦାନ ପ୍ରଦାନ କରିଥିଲେ।



ସବଡେଗା ଗାଇବିରା ଚର୍ଚ୍ଚରେ ବଡଦିନ ଅବସରରେ ପ୍ରଭୂ ଯୀଶୁଙ୍କ ଜନ୍ମ ସମ୍ପର୍କିତ ସୁଦୃଶ୍ୟ ପ୍ରତିମା।

## ଜୟଦୁର୍ଗା କ୍ଲବର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

ସୁନ୍ଦରଗଡ଼,୨୪।୧୨ (ଡି.ଏନ୍.ଏ.)

ରଙ୍ଗାଢିପା ସ୍ଥିତ ଖେଳପଡିଆ ଠାରେ ସ୍ଥାନୀୟ ଜୟଦୁର୍ଗା କ୍ଲବର ଅଷ୍ଟାଦଶ ବାର୍ଷିକ କ୍ରୀଡା ଓ ସାଂସ୍କୃତିକ ମହୋତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ସକାଳେ ସ୍ଥାନୀୟ ସମଲେଶ୍ୱରୀ ମନ୍ଦିରଠାରୁ ଏକ ବିରାଟ ମଶାଲ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ରଙ୍ଗାଢିପା ଖେଳପଡିଆଠାରେ ପହଞ୍ଚିଥିଲା। ଏହି ପବିତ୍ର ମଶାଲକୁ କ୍ଲବର ବରିଷ୍ଠ ସଦସ୍ୟଙ୍କ ଉପସ୍ଥିତିରେ ମୁଖ୍ୟ ଅତିଥି ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ ଗ୍ରହଣ କରି ଏହି ମହୋତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ଅଭିଭାଷଣରେ ଜୟଦୁର୍ଗା କ୍ଲବ ତରଫରୁ ପ୍ରତିବର୍ଷ ଏଭଳି କାର୍ଯ୍ୟକ୍ରମ ଆୟୋଜନକୁ ପ୍ରଶଂସା କରି ଏହା ଦ୍ୱାରା କ୍ରୀଡା ଓ ସାଂସ୍କୃତିକ ପ୍ରତିଭାମାନେ ଉତ୍ସାହିତ ହେବେ ବୋଲି ଆଶା ପ୍ରକାଶ କରିଥିଲେ। ଆୟୋଜକ କ୍ଲବର କାର୍ଯ୍ୟକର୍ତ୍ତାଙ୍କ ସହ ତାଙ୍କର ମଧ୍ୟ ସମ୍ପୂର୍ଣ୍ଣ ସହଯୋଗ ରହିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆଥ୍‌ଲେଟିକ କୋଚ୍ ସୁସ୍ମିତା ଦତ୍ତ, ମୁରଲୀଧର ନନ୍ଦ, ପଦ୍ମନାଭ ନାଏକ, ଜିଲା କ୍ରୀଡା ସଂସଦର ପୂର୍ବତନ ସାଧାରଣ ସମ୍ପାଦକ ଆନନ୍ଦ ଚନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷଦେବ ନନ୍ଦ ଓ ଅଶୋକ ବରାଇ ମଞ୍ଚ ସଞ୍ଚାଳନ କରିଥିଲେ। ପ୍ରଥମ ଦିବସରେ ବାଳକ ବିଭାଗ ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା।



ଜୟଦୁର୍ଗା କ୍ଲବର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଘାଟନୀ ଅବସରରେ ଅତିଥି, କ୍ଲବର କର୍ମକର୍ତ୍ତା ଓ ଖେଳାଳି।



ସବୁ ସଦ୍‌ଗୁଣର ମଜଭୁତ ମୂଳଦୁଆ ହେଲା ନମ୍ରତା।
- କନ୍‌ଫୁସିଅସ



## ସଂକ୍ଷେପରେ

### ବ୍ୟବସାୟୀଙ୍କ ଦୋକାନରୁ ୪୦ ହଜାର ଚୋରି

ରାଉରକେଲା,୨୪।୧୨-ପ୍ଲାଣ୍ଟ ସାଇଟ ଥାନା ଅନ୍ତର୍ଗତ ଏକ ବ୍ୟବସାୟିକ ପ୍ରତିଷ୍ଠାନରୁ ସୋମବାର ବିଳମ୍ବିତ ରାତିରେ ୪୦ ହଜାର ଟଙ୍କା ନଗଦ ଚୋରି ନେଇ ଅଭିଯୋଗ ହୋଇଛି। ପାୱାର ହାଉସ ରୋଡ ଅଞ୍ଚଳରେ ଥିବା ରାମଦାସ ଅଗ୍ରୱାଲ ସବୁଦିନ ଭଳି ରାତି ୯ଟାରେ ଦୋକାନ ବନ୍ଦ କରି ଘରକୁ ଫେରିଥିଲେ। କ୍ୟାଶ ବକ୍ସରେ ନଗଦ ୪୦ ହଜାର ନେବାକୁ ଭୁଲି ଯାଇଥିଲେ। ମଙ୍ଗଳବାର ସକାଳୁ ଦୋକାନ ଖୋଲିବାକୁ ଆସି ଦେଖିଥିଲେ ତାଲା କଟା ଯାଇଛି। ସେ ପୋଲିସକୁ ଖବର ଦେଇଥିଲେ। ପରେ ଜଣା ପଡିଥିଲା ଯେ କ୍ୟାଶ ବକ୍ସରୁ ୪୦ ହଜାର ଚୋରି ଯାଇଛି। ଏନେଇ ପ୍ଲାଣ୍ଟସାଇଟ ପୋଲିସ ତଦନ୍ତ କରୁଛି।

### ଏନ୍‌ଏସ୍‌ଏରେ ବୁକ୍ ହେଲେ ଦୁର୍ଦ୍ଦାନ୍ତ ଅପରାଧୀ

ଝାରସୁଗୁଡା ଅଫିସ୍/ଲଖନପୁର,୨୪।୧୨ (ଡି.ଏନ୍.ଏ.)

ବ୍ରଜରାଜନଗର ଅମିତ ଧଳ ହତ୍ୟାକାଣ୍ଡର ମୁଖ୍ୟଅଭିଯୁକ୍ତ ଦୁର୍ଦ୍ଦାନ୍ତ ଅପରାଧୀ ସୋନୁ ଘୋଷଙ୍କୁ ଝାରସୁଗୁଡା ପୋଲିସ୍ ପଶ୍ଚିମବଙ୍ଗ କଲିକତାରୁ ଗତ ୩ ମାସ ତଳେ ଗିରଫ କରିଥିଲା । ଗିରଫ ଅଭିଯୁକ୍ତ ସୋନୁ ଏବେ କଟକ ଚୌଦ୍ୱାର ଜେଲ୍‌ରେ ବନ୍ଦୀ ଭାବେ ରହିଛନ୍ତି । ସେ ଜେଲ୍‌ରୁ ମୁକୁଳିବା ପାଇଁ ଚେଷ୍ଟା କରୁଥିବା ଜାଣିବା ପରେ ପୋଲିସ୍ ତାଙ୍କ ନାମରେ ନ୍ୟାସନାଲ୍ ସିକ୍ୟୁରିଟି ଆକ୍ଟ(ଏନ୍‌ଏସ୍‌ଏ) ଲଗାଇଛି । ଏ ସମ୍ପର୍କରେ ଝାରସୁଗୁଡା ପୋଲିସ୍ ଚୌଦ୍ୱାର ଜେଲ୍‌କୁ ସୂଚନା ଦେଇଛି । ଝାରସୁଗୁଡା ଏସ୍‌ପି ଅଶ୍ୱିନୀ କୁମାର ମହାନ୍ତି ଗଣମାଧ୍ୟମକୁ କହିଛନ୍ତି, ଦୁର୍ଦ୍ଦାନ୍ତ ଅପରାଧୀ ସୋନୁଙ୍କ ନାମରେ ୫୦ରୁ ଉର୍ଦ୍ଧ୍ୱ ସଙ୍ଗୀନ ମାମଲା ରହିଛି । ସେ ଜେଲ୍‌ରୁ ମୁକୁଳିଲେ ପୂର୍ବଭଳି ପୁଣି ବହୁ ଆପରାଧିକ ଘଟଣା ଘଟାଇବେ । ଏହି ଆଶଙ୍କାରେ ପୋଲିସ୍ ତାଙ୍କ ନାମରେ ଏନ୍‌ଏସ୍‌ଏ ଆକ୍ଟ ଲଗାଇଛି। ଯେମିତି ସେ ଜେଲ୍‌ରୁ ମୁକୁଳିପାରିବେ ନାହିଁ ବୋଲି ଏସ୍‌ପି ମହାନ୍ତି କହିଛନ୍ତି ।

ସୂଚନାଯୋଗ୍ୟ, ବ୍ରଜରାଜନଗରରେ ଦାଦାବଟିକୁ ନେଇ ଦୀର୍ଘଦିନ ହେଲାଣି ୨ଗୋଷ୍ଠୀଙ୍କ ମଧ୍ୟରେ ଗ୍ୟାଙ୍ଗୱାର ଲାଗି ରହିଛି । ଗୋଟିଏ ଗୋଷ୍ଠୀ ଅନ୍ୟ ଗୋଷ୍ଠୀ ଉପରେ ଗୁଳିମାଡ କରୁଛି । ଫଳରେ ପ୍ରତିପକ୍ଷ ଗୋଷ୍ଠୀ ପ୍ରତିଶୋଧ ପରାୟଣ ହୋଇ ଗୁଳି ଚଳାଇବା ପାଇଁ ପଛାଉନାହାନ୍ତି ଏଥିରେ ଅମିତ ଧଳ, ମଣ୍ଟୁ ଘୋଷଙ୍କ ମୁଣ୍ଡ ଗଡିସାରିଲାଣି । ଏହି ଗ୍ୟାଙ୍ଗ୍‌ୱାର୍‌କୁ ନେଇ ବ୍ରଜରାଜନଗର ଶିଳ୍ପାଞ୍ଚଳ ଅଶାନ୍ତ ହୋଇପଡିଛି । କଥା କଥାରେ ଗୁଳି ଫୁଟୁଛି ପୋଲିସ ଏହାକୁ ନିୟନ୍ତ୍ରଣ କରିବା ପାଇଁ କଡା ନଜର ରଖିଛି । ଏହିସବୁ ଘଟଣାରେ ୧୦ଜଣରୁ ଉର୍ଦ୍ଧ୍ୱ ଅଭିଯୁକ୍ତ ଗିରଫ ହେଲେଣି । ଗିରଫ ଅଭିଯୁକ୍ତଙ୍କ ନିକଟରୁ ପୋଲିସ୍ ବନ୍ଧୁକ, ଗୁଳି ଆଦି ମାରଣାସ୍ତ୍ର ଜବତ କରିଛି ।

# ଟାଉନଶିପ ବସ୍‌ଷ୍ଟାଣ୍ଡ ପାଲଟିଛି ଅଲୋଡ଼ା

- ବିପଦସଙ୍କୁଳ ରାଜପଥ ପାଲଟିଛି ବସ ରହଣି ସ୍ଥଳ
- ଶୋଷଣର ଶିକାର ହେଉଛନ୍ତି ଯାତ୍ରୀ

ରାଉରକେଲା ଅଫିସ, ୨୪। ୧୨- ଲକ୍ଷାଧିକ ଲୋକଙ୍କ ପାଇଁ ଦକ୍ଷିଣ ରାଉରକେଲା ଅନ୍ତର୍ଗତ ଫର୍ଟିଲାଇଜର ଟାଉନଶିପଠାରେ ଦ୍ରୁତଗାମୀ ବସ ସେବା ନେଇ ବସଷ୍ଟାଣ୍ଡ ରହିଛି। ଏହି ଅଞ୍ଚଳରେ ବସବାସ କରୁଥିବା କଟକ, ବାଲେଶ୍ୱର, କେନ୍ଦ୍ରାପଡା, ଆଳି, ପଟ୍ଟମୁଣ୍ଡାଇ, ସାଲେପୁର, ଯାଜପୁର, ଭଦ୍ରକ ପୁରୀ, କାକଟପୁର ଭଳି ଅଞ୍ଚଳ ବାସିନ୍ଦା ନିକଟରୁ କିଭଳି ବସ ସୁବିଧା ପାଇପାରବେ ତାହା ହିଁ ଥିଲା ବସଷ୍ଟାଣ୍ଡ ପ୍ରତିଷ୍ଠାର ମୂଳ ଉଦ୍ଦେଶ୍ୟ। ଯାହା ଏବେ ବସ ମାଲିକଙ୍କ ପାଇଁ ଅଲୋଡ଼ା, ଅଛୁଆ ପାଲଟିଛି। ଟାଉନଶିପ ଅଞ୍ଚଳକୁ ବସ ନ ଆସିବା ଓ ଯାତ୍ରୀ ହନ୍ତସନ୍ତ ହେବା ଘଟଣା ଏହାର ଜ୍ୱଳନ୍ତ ଉଦାହରଣ। ସନ୍ଧ୍ୟା ନଇଁବା ପରେ ଉପରୋକ୍ତ ଅଞ୍ଚଳକୁ ଯାତାୟତ କରୁଥିବା ବସ ଗୁଡିକ ୧୪୩ ନଂ. ଜାତୀୟ ରାଜପଥରେ ମେଳଣ ଅବସ୍ଥା ସୃଷ୍ଟି କରିବା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ପାଖରେ ବସ ଷ୍ଟାଣ୍ଡ ଥାଇ ମଧ ଯାତ୍ରୀ ସୁବିଧା ପ୍ରତି ଦୃଷ୍ଟି ଦିଆ ନ ଯିବା ବିଭାଗୀୟ ଅବହେଳାକୁ ଦର୍ଶାଉଛି ବୋଲି ସାଧାରଣରେ ଆଲୋଚନା ହେଉଛି। ସମ୍ପ୍ରତି ୧୪୩ନଂ. ଜାତୀୟ ରାଜପଥ ମରାମତି କାର୍ଯ୍ୟ ଚାଲିଛି। ଏମିତି ଅବସ୍ଥାରେ ଏକାଧିକ ବସ ରାସ୍ତା ଅବରୋଧ କରି ରାଜପଥ ଉପରେ ଛିଡା ରହିବା ଅଡୁଆ ପରିସ୍ଥିତି ସୃଷ୍ଟି କରୁଛି। ଯେଉଁ କାରଣରୁ ପଥଚାରୀଙ୍କ ସହ ଭାରିଯାନ ଚାଳକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସଙ୍କୁଚିତ ରାସ୍ତାରେ ଲୋକେ ଭୟଭୀତ ଓ ସୁରକ୍ଷିତ ଅବସ୍ଥାରେ ଯାତାୟତ କରୁଛନ୍ତି। ଏ ଦିଗରେ ଜିଲା ପରିବହନ କର୍ତ୍ତୃପକ୍ଷ ବେପରୁଆ ମନୋଭାବ ପୋଷଣ କରୁଛନ୍ତି। ଯାହା ଅନ୍ୟମାନଙ୍କ ପାଇଁ ବିପଦର କାରଣ ପାଲଟିଛି। କେବଳ ଏତିକି ନୁହେଁ, ପରମିଟ ଥାଇ ସୁଦ୍ଧା ବସଷ୍ଟାଣ୍ଡ ଆସୁ ନ ଥିବା ବସ ମାଲିକଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ନିଆ ଯାଉନି। ମାତ୍ର ୧ କି.ମି ଦୂରରେ ଥିବା ବସଷ୍ଟାଣ୍ଡକୁ ବସ ଆସୁ ନ ଥିବାରୁ ଲୋକେ ବସ ଧରିବା ଓ ଉହ୍ଲାଇବାକୁ ଦେଢ ଶହ ଗଣୁଛନ୍ତି । ଘଟଣା ବିଭାଗୀୟ ସ୍ୱଚ୍ଛତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ସାଧାରଣ ଯାତ୍ରୀଙ୍କ ଠାରୁ ଜୁଲମ କରି ଭଡା ଆଦାୟ କରାଯାଉଛି। ବଦଳରେ ସେବା ମିଳୁନି। ରାତି ଅଧରେ ଜାତୀୟ ରାଜପଥ ଉପରେ ଯାତ୍ରୀଙ୍କୁ ଛାଡି ଚାଲିଯାଉଥିବା ବସ ମାଲିକଙ୍କ ପ୍ରତି କୋହଳ ମନୋଭାବ ପୋଷଣ କରାଯାଉଛି। ଏମିତି ଅଭିଯୋଗ ଦୀର୍ଘ ଦିନ ହେବା ହୋଇ ଆସୁଛି। କିଛି ମୁଷ୍ଟିମେୟ ମାଲିକ ଏହି ବସକୁ ଜାତୀୟ ରାଜପଥ ଉପରେ ଠିଆ କରାଇ ବିପଦ ସୃଷ୍ଟି କରୁଛନ୍ତି। ଏ ନେଇ କାର୍ଯ୍ୟାନୁଷ୍ଠାନ ନିଆଯାଉନି। ପାଖରେ ବସଷ୍ଟାଣ୍ଡ ଥାଇ ଯଦି ବସ ଆସୁନି ତେବେ ଏଭଳି ବସ ଷ୍ଟାଣ୍ଡ ରହିବା ପଛରେ କି ଆବଶ୍ୟକତା ଅଛି ବୋଲି ପ୍ରଶ୍ନ ଉଠିଛି। ଏମିତି ଅବସ୍ଥାରେ କେଉଁ ବସ ଫର୍ଟିଲାଇଜର ଟାଉନଶିପ ଆସିବ, କାହାର ଅନୁମତି ପତ୍ର ରହିଛି ସେନେଇ କର୍ତ୍ତୃପକ୍ଷ ସ୍ପଷ୍ଟ କରିବାକୁ ଦାବି କରାଯାଇଛି। ଏ ନେଇ ବିଭାଗୀୟ ଅଧିକାରୀ ବିଶ୍ୱରାଜ ବେହେରାଙ୍କୁ ପଚାରାଯିବାରୁ ସେ କହିଥିଲେ, ମୁଁ ନୂଆକରି ଏଠି ଯୋଗ ଦେଇଛି। କାହାର ଅନୁମତି ଅଛି ନ ଅଛି ଜାଣିନି। ଯଦି ଅନୁମତି ଥାଇ କେହି ବସ ଷ୍ଟାଣ୍ଡ ଆସୁ ନାହାଁନ୍ତି ତାଙ୍କ ଉପରେ ନିୟମାନୁଷାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

### ଗ୍ୟାସ୍ ଟାଙ୍କି ଫାଟି ଜଣେ ମୃତ, ୭ ଶ୍ରମିକ ଗୁରୁତର

ଝାରସୁଗୁଡା ଅଫିସ୍/ଲଖନପୁର, ୨୪।୧୨ (ଡି.ଏନ୍.ଏ.)

ଝାରସୁଗୁଡା ସାରସମାଲ ସ୍ଥିତ ଝାଡେଶ୍ୱର ରୋଲିଂ ମିଲର ଶ୍ରମିକମାନେ ଗତ ରବିବାର ରାତିରେ ଗ୍ୟାସ୍‌ରେ ରୋଷେଇ କରୁଥିବାବେଳେ ଗ୍ୟାସ ଟାଙ୍କି ଫାଟିଯାଇଥିଲା । ଫଳରେ ଘର ଭିତରେ ଥିବା ୭ଜଣ ଶ୍ରମିକ ପୋଡିଯାଇ ଆହତ ହୋଇଥିଲେ । ଆହତ ଶ୍ରମିକମାନଙ୍କୁ ଗୁରୁତର ଅବସ୍ଥାରେ ରାଉରକେଲା ଆଇଜିଏଚ୍ ହସ୍‌ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଆହତ ପ୍ରଦୀପ ଯାଦବ(୩୫)ଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ରହିଥିଲା। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ପ୍ରଦୀପଙ୍କ ମୃତ୍ୟୁ ହୋଇଛି ବୋଲି ପୋଲିସ ସୂତ୍ରରୁ ଜଣାପଡିଛି । ପ୍ରଦୀପଙ୍କ ଘର ବିହାର ନୈଆଦ ଜିଲାରେ ବୋଲି ଜଣାପଡିଛି । ଏ ନେଇ ଝାରସୁଗୁଡା ଥାନା ପୋଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

## ରାଜ୍ୟସ୍ତରୀୟ ସରଗିଫୁଲ ପ୍ରତିଯୋଗିତା

# ବିଶ୍ୱନାଥ, ନିକିତା, କୌଶଲ୍ୟାଙ୍କୁ ପ୍ରଥମ ପୁରସ୍କାର

ବେଲପାହାଡ଼,୨୪।୧୨ (ଡ଼ି.ଏନ୍.ଏ)

ରାଜ୍ୟସ୍ତରୀୟ ଶିଶୁ ପ୍ରତିଭା କାର୍ଯ୍ୟକ୍ରମ ସର୍‌ଗିଫୁଲ-୨୦୧୯ ପ୍ରତିଯୋଗିତାରେ ଝାରସୁଗୁଡ଼ା ଜିଲାର ଛାତ୍ରୀଛାତ୍ର ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଛନ୍ତି । ଗତ ୧୯ରୁ ୨୧ ତାରିଖ ତିନିଦିନ ଧରି ଭୁବନେଶ୍ୱର ସ୍ଥିତ ଆଦିବାସୀ ପଡ଼ିଆରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏଥିରେ ଝାରସୁଗୁଡ଼ା ଜିଲାର ବିଭିନ୍ନ ବିଦ୍ୟାଳୟରୁ ମନୋନିତ ହୋଇଥିବା ୨୩ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଛନ୍ତି । ଏମାନଙ୍କ ମଧ୍ୟରୁ ୩ ଜଣ ପ୍ରତିଯୋଗୀ ପ୍ରଥମ ଓ ଅନ୍ୟ ଜଣେ ଦ୍ୱିତୀୟ ସ୍ଥାନ ଅଧିକାର କରି ପୁରସ୍କାର ପାଇଛନ୍ତି । ସିନିୟର ବର୍ଗରେ ସୋଢାମାଲ ସରକାରୀ ଉଚ୍ଚ ବିଦ୍ୟାଳୟ ଅଷ୍ଟମ ଶ୍ରେଣୀ ଛାତ୍ର ବିଶ୍ୱନାଥ ଜୟପୁରିଆ ବାଦ୍ୟଯନ୍ତ୍ର ଉପକରଣ ପ୍ରତିଯୋଗିତାରେ ପ୍ରଥମ ହୋଇ ପୁରସ୍କୃତ ହୋଇଛନ୍ତି । ସେହିପରି ଜୁନିୟର ବର୍ଗ ଗଣିତ କୁଇଜ୍ ପ୍ରତିଯୋଗିତାରେ ରେମେଣ୍ଡା ଆଶ୍ରମ ବିଦ୍ୟାଳୟର ଛାତ୍ରୀ ନିକିତା ଧୁରୁଆ ଏବଂ ବିଜ୍ଞାନ କୁଇଜ ପ୍ରତିଯୋଗିତାରେ କୌଶଲ୍ୟା ସା ପ୍ରଥମ ହୋଇ ପୁରସ୍କୃତ ହୋଇଛନ୍ତି । ସେହିପରି ଅର୍ଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ବିକି ବାଗ ସିନିୟର ବର୍ଗ ବିଜ୍ଞାନ କୁଇଜ ପ୍ରତିଯୋଗିତାରେ ଦ୍ୱିତୀୟ ପୁରସ୍କାର ପାଇଛନ୍ତି । ଛାତ୍ରୀଛାତ୍ରମାନଙ୍କ ଏହି ସଫଳତା ପାଇଁ ଜିଲା ମଙ୍ଗଳ ଅଧିକାରୀ ବିଶ୍ୱଦର୍ଶୀ ସାହୁ ମାର୍ଗଦର୍ଶକ ଶିକ୍ଷକ ପ୍ରେମସାଗର ଦାସ, ଶିକ୍ଷୟିତ୍ରୀ ସରିତା ପ୍ରଧାନ ଓ ମାଟ୍ରନ ଦ୍ରୌପଦୀ ନାୟକଙ୍କ ସମେତ ସମସ୍ତ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।



ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ସହିତ ରାଜ୍ୟସ୍ତରୀୟ ସର୍‌ଗିଫୁଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଝାରସୁଗୁଡ଼ା ଜିଲାର ଛାତ୍ରୀଛାତ୍ର ।

# ସମାସିଂହାରେ ଜାତୀୟ ଉପଭୋକ୍ତା ଦିବସ ପାଳିତ

କୋଲାବିରା,୨୪।୧୨ (ଡି.ଏନ.ଏ)

ଝାରସୁଗୁଡା ଜିଲା ମହିଳା ଏବଂ ଶିଶୁ ମଙ୍ଗଳ ସମିତି ପକ୍ଷରୁ ଜିଲା ମାପ ଓ ଓଜନ ନିୟନ୍ତ୍ରଣ ବିଭାଗ ସହଯୋଗରେ କୋଲାବିରା ବ୍ଲକ ଅନ୍ତର୍ଗତ ସମାସିଂହା ସ୍ଥିତ କ୍ଷୀରୋଦ ଗୌନ୍ତିଆ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ଜାତୀୟ ଉପଭୋକ୍ତା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିର୍ମଳ ଚାନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ମାପ ଓ ଓଜନ ବିଭାଗର ସହକାରୀ ନିୟନ୍ତ୍ରକ ବାସନ୍ତୀ ନାୟକ ମୁଖ୍ୟଅତିଥି, ପୂର୍ବତନ ସମ୍ପାଦକ ତଥା ଉପଦେଷ୍ଟା କମିଟି ସଦସ୍ୟ ମଦନ ମୋହନ ପଟେଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବୃତ୍ତଚିତ୍ର ମାଧ୍ୟମରେ ଠିକ୍ ମାପ ଓ ଓଜନ ସମ୍ପର୍କରେ ପ୍ରଦର୍ଶନ କରାଯାଇଥିଲା। ଉପଭୋକ୍ତା କିଏ, ଉପଭୋକ୍ତାର ଅଧିକାର କ'ଣ ଓ ଏହାର ସୁରକ୍ଷା କିପରି କରାଯାଇପାରିବ ସେ ବିଷୟରେ ଆଲୋଚନା ହୋଇଥିଲା। ପ୍ରଶିକ୍ଷକ ଶଚୀନ୍ଦ୍ର ପଟେଲ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ଆଶାମଞ୍ଜରୀ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସୁନନ୍ଦ ପଟେଲ, ପ୍ରଶ୍ନ ବଗାର, ରଜନୀ ବରିହା ପ୍ରମୁଖ ସହଯୋଗ କରିଥିଲେ ।

# ଅବସରପ୍ରାପ୍ତ ପୋଲିସ ଅଧିକାରୀ କଲ୍ୟାଣ ସମିତି ଗଠିତ



କଲ୍ୟାଣ ସମିତି ବୈଠକରେ ଉପସ୍ଥିତ ଅବସରପ୍ରାପ୍ତ ପୋଲିସ୍ ଅଧିକାରୀ।

ରାଉରକେଲା ଅଫିସ,୨୪।୧୨

ଷ୍ଟିଲ ସିଟିରେ ବସବାସ କରୁଥିବା ସେବା ନିବୃତ୍ତ ଅବସରପ୍ରାପ୍ତ ପୋଲିସ ଅଧକାରୀଙ୍କୁ ନେଇ ଏକ କଲ୍ୟାଣ ସମିତି ଗଠନ କରାଯାଇଛି। ସେକ୍ଟର-୩ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଶତ୍ରୁଘ୍ନ ପରିଡାଙ୍କ ଆବାହକତ୍ୱ ଓ ସୁମନ ଦତ୍ତଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ସହରର ଅନେକ ସେବା ନିବୃତ୍ତ ପୋଲିସ ଅଧିକାରୀ ଯୋଗ ଦେଇ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଭାବର ଅଦାନ ପ୍ରଦାନ, ଭାଇଚାରା ବୃଦ୍ଧି, ସେବା ନିବୃତ୍ତ ଅଧିକାରୀଙ୍କ ସମସ୍ୟା ଓ ଏହାର ସମାଧାନ ନେଇ ଏକ ସମିତି ଗଠନ କରାଯାଇ ଥିଲା। ଏଥିରେ ବିଶ୍ୱମୋହନ ପଟ୍ଟନାୟକଙ୍କୁ ସଭାପତି, ଯଦୁମଣି ପ୍ରଧାନ ଉପସଭାପତି, ସୁମନ ଦତ୍ତ ସାଧାରଣ ସମ୍ପାଦକ, ରାମଚନ୍ଦ୍ର ଦାସ ସହ ସମ୍ପାଦକ ଓ ପିତାମ୍ବର ପଣ୍ଡା କୋଷାଧ୍ୟକ୍ଷ ଭାବେ ନୂତନ ଦାୟିତ୍ୱ ଗ୍ରହଣ କରିଥିଲେ। ଏହା ବ୍ୟତୀତ ଅନ୍ୟ କେତେ ଜଣ ଉପଦେଷ୍ଟା ଓ କାର୍ଯ୍ୟକାରିଣୀ ସଭ୍ୟ ଭାବେ ମନୋନୀତ ହୋଇଥିଲେ। ଶେଷରେ ଚିତ୍ତରଞ୍ଜନ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।

## ଏମ୍‌ଜିଏନ୍‌ଆର୍ ଇଜିଏସ୍ ଦୁର୍ନୀତି ପ୍ରସଙ୍ଗ

# ଭିଜିଲାନ୍ସ ତଦନ୍ତ ଆରମ୍ଭ

ସିନାପାଲି,୨୪।୧୨(ଡି.ଏନ.ଏ.)

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ସିନାପାଲି ସଦର ଗ୍ରାମପଞ୍ଚାୟତରେ ଏମ୍‌ଜିଏନ୍‌ଆରଇଜିଏସ୍ ଦୁର୍ନୀତି ଘଟଣାର ଭିଜିଲାନ୍ସ ତଦନ୍ତ ମଙ୍ଗଳବାର ଆରମ୍ଭ ହୋଇଛି। କଳାହାଣ୍ଡି-ନୂଆପଡା ଭିଜିଲାନ୍ସ ଡିଏସ୍‌ପି ସତ୍ୟବାନ ମହାନନ୍ଦ ସିନାପାଲି ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚି ଏମ୍‌ଜିଏନ୍‌ଆରଇଜିଏସ୍ ସଂକ୍ରାନ୍ତିୟ ବିଭିନ୍ନ କାଗଜାତ୍ ସଂଗ୍ରହ କରି ତଦନ୍ତ ଚଳାଇଛନ୍ତି। ସୂଚନାଯୋଗ୍ୟ ଯେ, ଏ ସଂକ୍ରାନ୍ତରେ ଗଣମାଧ୍ୟମରେ ବାରମ୍ବାର ପ୍ରକାଶ ହେବା ପରେ ପ୍ରଶାସନ ପଦକ୍ଷେପ ନେବା ପାଇଁ ବାଧ ହୋଇଛି। ଘଟଣାକୁ ଢାଙ୍କିବା ପାଇଁ ପ୍ରୟାସ କରିଥିଲେ ମଧ ଏହା ଫେଲ ମାରିଛି। ନୂଆପଡା ଜିଲାପାଳ ଏ ସଂକ୍ରାନ୍ତର ସମ୍ପୃକ୍ତ ପ୍ରୋଗ୍ରାମ ଆସିଟାଣ୍ଟଙ୍କୁ ବହିଷ୍କାର କରିବା ସହିତ ସମ୍ପୃକ୍ତ ଜିଆର୍‌ଏସ୍‌ଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ପାଇଁ ସିନାପାଲି ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ ନୂତନ ପ୍ରୋଗ୍ରାମ ଆସିଟାଣ୍ଟ ନିଯୁକ୍ତି କରିବା ସହିତ ସମ୍ପୃକ୍ତ ଜିଆରଏସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ସିନାପାଲି ସଦର ଗ୍ରାମପଞ୍ଚାୟତରେ ଗତ ୨୦୧୮-୧୯ ଆର୍ଥିକ ବର୍ଷରେ ଏମ୍‌ଜିଏନ୍‌ଆରଇଜିଏସ୍ ପାଣ୍ଠିରେ କୌଣସି ହିତାଧିକାରୀଙ୍କୁ ଜମି ମରାମତି ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇ ନ ଥିଲା । କିନ୍ତୁ ଜାଲିଆତି କରି ୮ ଜଣ ହିତାଧୀକାରୀଙ୍କ ନାମରେ ଜମି ମରାମତି କରାଯାଇଥିବା ଦର୍ଶାଇ ୩ ଲକ୍ଷ ୧୩ ହଜାର ୩୫୩ ଟଙ୍କା ୮୦ ପଇସା ହଡପ କରାଯାଇଛି। ଘଟଣାର ଦୀର୍ଘ ଦିନ ପରେ ମାର୍ଚ୍ଚ ୧୮ ତାରିଖରେ ସୂଚନା ପାଇ ସରପଞ୍ଚ ସତ୍ୟବାନ ମେହେର ବିଡିଓଙ୍କୁ ଜଣାଇବା ପରେ ଏମ୍‌ଜିଏନ୍‌ଆରଇଜିଏସ୍ ଏପିଓ ଉର୍ଜିତା ବିଶ୍ୱାସ ଏ ସଂକ୍ରାନ୍ତରେ ବିଡିଓଙ୍କୁ ଲିଖିତ ଭାବେ ଜଣାଇଥିଲେ।

# ୮ ଜାନୁଆରୀ ସାଧାରଣ ଧର୍ମଘଟ

## ମିଳିତ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ପକ୍ଷରୁ ବିଜ୍ଞପ୍ତି ଜାରି

ରାଉରକେଲା ଅଫିସ ,୨୪। ୧୨

ଦେଶର ସମସ୍ତ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ତଥା ଜାତୀୟ ଫେଡେରେସନମାନଙ୍କ ଆହ୍ୱାନ କ୍ରମେ ଆସନ୍ତା ୮ ଜାନୁୟାରୀରେ ଇସ୍ପାତ ଶିଳ୍ପ ସମେତ ରାଉରକେଲା ଓ ସୁନ୍ଦରଗଡ ଜିଲାରେ ଥିବା ଅନ୍ୟ ଶିଳ୍ପ ଖଣି, ଖାଦାନରେ ଧର୍ମଘଟ ନେଇ ଶ୍ରମିକ ସଙ୍ଗଠନ ପକ୍ଷରୁ ନୋଟିସ ଜାରି କରାଯାଇଛି। ଏନେଇ ବିଏମଏସ ବ୍ୟତୀତ ଅନ୍ୟ ସମସ୍ତ ଶ୍ରମିକ ସଙ୍ଗଠନ ମିଳିତ ହୋଇ ଇସ୍ପାତ କାରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଛନ୍ତି। ଅନୁରୂପ ଭାବେ ସେଲ ଅଧିନସ୍ଥ ବରସୁଆଁ ଲୌହ ଖଣି ଓ ଅନ୍ୟ ଖଣି ଅଞ୍ଚଳରେ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପରେ କାର୍ଯ୍ୟରତ ଶ୍ରମିକ ଏହି ଆନ୍ଦୋଳନରେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଛି। ଏଥି ନେଇ ବିଭିନ୍ନ ଶ୍ରମିକ ସଂଘ କର୍ମକର୍ତ୍ତା ଏନକେ ମହାନ୍ତି, ସତ୍ୟପ୍ରିୟ ମହାନ୍ତି, ଅଜିତ ନାୟକ, ବିମାନ ମାଇତି, ସୁରେନ୍ଦ୍ର ଦାସ, ପିସି ପ୍ରଧାନ, ପ୍ରଭାକର ଚମ୍ପତିରାୟ, ଶଶଧର ନାୟକ, ଖଗେନ୍ଦ୍ର ବେହେରା, ଯୁଧିଷ୍ଠିର ସାହୁ, ସମୀର ମହାନ୍ତି, ଦିଗମ୍ବର ମହାନ୍ତି ଓ ନିହାର ଦାସ ପ୍ରତିନିଧି ମଣ୍ଡଳୀ ଆରଏସପି ଅଧିକାରୀଙ୍କୁ ଭେଟି ଏନେଇ ଅବଗତି କରାଇଛନ୍ତି। ଏହାର ନକଲ ଆଞ୍ଚଳିକ କେନ୍ଦ୍ରୀୟ ଶ୍ରମ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ସେଲ ଘରୋଇକରଣ, ମଜୁରି ଚୁକ୍ତିନାମା, ନୂତନ ପେନସନ ଯୋଜନା ଲାଗୁ, ଦରଦାମ ବୃଦ୍ଧି ନିୟନ୍ତ୍ରଣ, ବେକାରୀ ଦୂରିକରଣ, ଶ୍ରମ ଆଇନ ସଂଶୋଧନ ଆଳରେ ଅଧିକାର ଛଡାଇ ନେବା ଆଦି ଦାବରେ ଏହି ଆନ୍ଦୋଳନ କରାଯିବ ବୋଲି ଘୋଷଣା କରାଯାଇଛି।




ଧର୍ମଘଟ ନେଇ ଶ୍ରମିକ ସଙ୍ଗଠନ ପକ୍ଷରୁ ନୋଟିସ ଜାରି ଅବସରରେ ଉପସ୍ଥିତ ସଙ୍ଗଠନର କର୍ମକର୍ତ୍ତା।

## ନେହେରୁ, ଗୋପବନ୍ଧୁଙ୍କୁ ଅବହେଳା

# କ୍ୟାଣ୍ଡେଲ ଜାଳି କଂଗ୍ରେସର ପ୍ରତିବାଦ

ରାଉରକେଲା,୨୪। ୧୨

ଦଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଓ ଉତ୍କଳର ବରପୁତ୍ର ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତି ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷଙ୍କ ଚରମ ଅବହେଳା ନେଇ ଦୃଢ ପ୍ରତିବାଦ କରାଯାଇଛି। ଏନେଇ ସୋମବାର ସନ୍ଧ୍ୟାରେ ସୁନ୍ଦରଗଡ ଜିଲା ସଂସଦୀୟ କ୍ଷେତ୍ର ନେତା ତଥା ପୂର୍ବତନ ବିଧାୟକ ଜର୍ଜ ତିର୍କୀଙ୍କ ନେତୃତ୍ୱରେ ଆମ୍ବାଗାନ ଠାରେ ଥିବା ଉତ୍କଳମଣିଙ୍କ ପ୍ରତିମୂର୍ତ୍ତି ନିକଟରୁ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରି ଟ୍ରାଫିକ ପାର୍କ ଭିତରେ ଥିବା ପଣ୍ଡିତ ନେହେରୁଙ୍କ ପ୍ରତିମୂର୍ତ୍ତି ସ୍ଥଳ ପର୍ଯ୍ୟନ୍ତ ଆସିଥିଲା। ଏହି ଅବସରରେ କୁହାଯାଇ ଥିଲା ଯେ, ପଣ୍ଡିତ ନେହେରୁଙ୍କ ଦ୍ୱାରା ରାଉରକେଲା ଇସ୍ପାତ କାରଖାନା ପ୍ରତିଷ୍ଠା କରାଯାଇଥିବା ବେଳେ ଏହି ସହରର ଜନକ ଭାବେ ତାଙ୍କ ଅବଦାନ ଚିରିସ୍ମରଣୀୟ ହୋଇ ରହିଛି। ଏପରି ଅବସ୍ଥାରେ ଇସ୍ପାତ ଜେନେରାଲ ହସ୍ପିଟାଲ ସମ୍ମୁଖରେ ଥିବା ନେହେରୁ ପାର୍କରେ ତାଙ୍କର ଏକ ପୂର୍ଣ୍ଣ ଅବୟବ ପ୍ରତିଷ୍ଠା ନେଇ ଆର୍‌ଏସ୍‌ପି ଉଚିତ ମଣି ନାହିଁ। ସେକ୍ଟର- ୧୯ ଠାରେ ଯେଉଁ ନେହେରୁ ପାର୍କ କରାଯାଇଛି, ତାହା ସମ୍ପୂର୍ଣ୍ଣ ଭାବେ ପରିତ୍ୟକ୍ତ ଅବସ୍ଥାରେ ରହିଛି। କେବଳ ଏତିକି ନୁହେଁ, ଏଠାରେ ଥିବା ପ୍ରତିମୂର୍ତ୍ତି ନେହେରୁଙ୍କର ବୋଲି ଠିକ ଭାବେ ଚିହ୍ନା ପଡୁନି। ସନ୍ଧ୍ୟାରେ ଅନ୍ଧାର ରାଜୁତି କରୁଛି। ଏହା ଏକ ପ୍ରକାର ଅସାମାଜିକ ଯୁବକଙ୍କ ମଦ୍ୟଶାଳା ପାଲଟିଛି। ଅନୁରୂପ ଭାବେ ଆମ୍ବାଗାନ ଛକରେ ଥିବା ପଣ୍ଡିତ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ସିଡିଟିଏ ସୁଦ୍ଧା ନାହିଁ। ଫଳରେ ପଣ୍ଡିତଙ୍କ ବେକରେ ଫୁଲମାଳ ଟିଏ ଝୁଲାଇବାକୁ ନାକେଦମ ହେବାକୁ ପଡୁଛି। ଏହି ପ୍ରତିମୂର୍ତ୍ତି ସ୍ଥଳର ରକ୍ଷଣାବେକ୍ଷଣ, ସୌନ୍ଦର୍ଯ୍ୟକରଣ କରାଯାଇ ନାହିଁ। ଆଶ୍ଚର୍ଯ୍ୟର କଥା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସମ୍ମୁଖ ରିଂ ରୋଡ ପାର୍ଶ୍ୱ ନର୍ସରୀକୁ ମାସକ ମଧରେ ଏକ ସୁରମ୍ୟ ପାର୍କରେ ପରିଣତ କରାଯାଇଛି। କେବଳ ଏତିକି ନୁହେଁ, ଏହି ପାର୍କଟିକୁ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ନାମରେ ନାମିତ କରି ଏକ ବିଶାଳ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରିବାକୁ ସମସ୍ତ ଯୋଜନା କରାଯାଇଛି। ତେବେ ବାଜପେୟୀଙ୍କ ଭଳି ବାଗ୍ମି ନେତାଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରିବାରେ କଂଗ୍ରେସ ଦଳର ଆପତି ନାହିଁ ବୋଲି କୁହାଯାଇଛି। ହେଲେ ନେହେରୁଙ୍କ ଓ ପଣ୍ଡିତ ଗୋପବନ୍ଧୁଙ୍କ ଭଳି ଯୋଗଜନ୍ମାଙ୍କ ପାଇଁ କର୍ତ୍ତୃପକ୍ଷଙ୍କ ଅବହେଳାକୁ କେବେ ବରଦାସ୍ତ କରାଯିବନି ବୋଲି କହିଥଲେ କଂଗ୍ରେସ ନେତୃମଣ୍ଡଳୀ। ଆର୍‌ଏସପି କର୍ତ୍ତୃପକ୍ଷ ସମଭାବ ପୋଷଣ କରି ଯଦି ନେହେରୁ ଓ ଗୋପବନ୍ଧୁଙ୍କ ପ୍ରତି ଉପଯୁକ୍ତ ସମ୍ମାନ ପ୍ରଦର୍ଶନ ନ କରନ୍ତି ତେବେ ଏହାର କଡା ଜବାବ ଦିଆଯିବ ବୋଲି କଂଗ୍ରେସ ନେତା ଜର୍ଜ ତିର୍କୀ ପ୍ରକାଶ କରିଛନ୍ତି। ଏହି କ୍ୟାଣ୍ଡେଲ ଶୋଭାଯାତ୍ରା ତଥା ପ୍ରତିବାଦ ସଭାରେ ଜର୍ଜଙ୍କ ସମେତ ବରିଷ୍ଠ ନେତା ବୀରେନ ସେନାପତି, ପିସିସି ସଭ୍ୟ ପ୍ରଭାତି ମିଶ୍ର, ସନ୍ତୋଷ ବିଶ୍ୱାଳ, ସବିର ହୁସେନ, କୈଳାସ ସାହୁ, ଯୁବ କଂଗ୍ରେସ ସଭାପତି ପ୍ରବୋଧ ଦାସ, ଛାତ୍ର ନେତା ସୂର୍ଯ୍ୟକାନ୍ତ ମହାନ୍ତି, ବୁଲୁ ଦାସ, ବରିଷ୍ଠ ନେତା ନିହାର ଦାସ, ମଧୁସୂଦନ ଭୋଇନା, ଆରପି ସିଂ ପ୍ରମୁଖ ଉପସ୍ଥିତ ଥିଲେ।




କଂଗ୍ରେସ ନେତା, କର୍ମୀମାନେ କ୍ୟାଣ୍ଡେଲ ଶୋଭାଯାତ୍ରାରେ ଯାଉଛନ୍ତି।